'ଡେଲିଭରି ବୟ-୨'

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-37 ◆THURSDAY ◆31 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୭ ◆ଗୁରୁବାର ◆୩୧ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

ଅଧା ବିଶ୍ୱ ଥରହର

୮.୮ ଭୂକମ୍ପରେ ଥରିଲା ରୁଷ ଓ ଜାପାନ

■ **ମସ୍କୋ, ୩୦।୭ (ଏଜେନ୍ସି):** ବିଶ୍ୱର ଅନ୍ୟତମ ବଡ଼ ଭୂମିକମ୍ପରେ ଥରିଛି ରୁଷିଆ ଓ ଜାପାନ । ଏହାର ତୀବ୍ରତା ରିଚର ସ୍କେଲରେ ୮.୮ ମପାଯାଇଛି । ଶକ୍ତିଶାଳୀ ଭୂମିକମ୍ପ ଯୋଗୁଁ ରୁଷିଆ ଠାରୁ ଆରମ୍ଭ କରି ଜାପାନ, ନ୍ୟୁଜିଲାଣ୍ଡ, ଫ୍ରାନ୍ସ, ଚିଲି, ଆଲସ୍କା, କଲମ୍ବିଆ ଓ ଆମେରିକା ଉପକୂଳ ପର୍ଯ୍ୟନ୍ତ ସୁନାମୀ ଆତଙ୍କ ସୃଷ୍ଟି କରିଛି । ଉପକୂଳ ଅଞ୍ଚଳରୁ ଲକ୍ଷ ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ୨୧ କିଲୋମିଟର ଗଭୀର ସମୁଦ୍ର ଭିତରେ ଭୂମିକମ୍ପର କେନ୍ଦ୍ର ଥିବାରୁ ବଡ଼ ଧରଣର କ୍ଷୟକ୍ଷତି ହୋଇନାହିଁ । ତେବେ ଅନେକ ସ୍ଥାନରେ କୋଠା କ୍ଷତିଗ୍ରସ୍ତ ହୋଇଛି । ୨୦୧୧ ପରେ ଏହା ହେଉଛି ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ ।

ଆମେରିକାର ଜିଓଲୋଜିକାଲ୍ ସର୍ଭେ ସଂସ୍ଥା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆଜି ରୁଷିଆ ଉପକୂଳରୁ ୧୩୬ କିଲୋମିଟର ଦୂର କାମଚାସ୍କି ଦ୍ୱୀପ ନିକଟରେ ଶକ୍ତିଶାଳୀ ଭୂମିକଂପ ହୋଇଛି । ୨୦.୭କିଲୋମିଟର ଗଭୀର ସମୁଦ୍ର ଭିତରେ କେନ୍ଦ୍ରୀଭୂତ ଏହି ଭୂମିକଂପର ତୀବ୍ରତା ରିଚର ସ୍କେଲରେ ୮.୮

ଆମେରିକା, ଫ୍ରାନ୍ସ, ନ୍ୟୁଜିଲାଣ୍ଡ, ଚିଲିରେ ସୁନାମୀ ସତର୍କତା

ରୁଷ ସହରରେ ବ୍ୟାପକ କ୍ଷତି, ସମୁଦ୍ରରେ ଭାସିଗଲା କୋଠା

ମପାଯାଇଛି । ଏହାର କିଛି ସମୟ ମଧ୍ୟରେ ଆହୁରି ଦୁଇଟି ଭୂମିକମ୍ପ ମଧ୍ୟ ଅନୁଭୂତ ହୋଇଛି । ପରବର୍ତ୍ତୀ ଝଟକା କୁହାଯାଉଥିବା ଏହି ଦୁଇଟି ଭୂମିକମ୍ପର ତୀବ୍ରତା ୬.୯ ଏବଂ ୬.୩ ଥିଲା ବୋଲି କୁହାଯାଇଛି । ▶ପୃଷ୍ଠା-୭

ବିଶ୍ୱର ସବୁଠୁ ଦାମୀ, ଶକ୍ତିଶାଳୀ ଉପଗ୍ରହ 'ନିସାର'ର ଉତ୍କ୍ଷେପଣ

୯୭ ମିନିଟ୍‌ରେ ପୃଥିବୀ ପରିକ୍ରମଣ

■ **ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି):** ବୁଧବାର ସନ୍ଧ୍ୟାରେ ବିଶ୍ୱର ସବୁଠୁ ଶକ୍ତିଶାଳୀ ଓ ଦାମୀ ଉପଗ୍ରହ 'ନିସାର'ର ଉତ୍କ୍ଷେପଣ ହୋଇଛି । ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସତୀଶ ଧାୱନ ଅନ୍ତରୀକ୍ଷ କେନ୍ଦ୍ରରୁ ଜିଏସ୍‌ଏଲ୍‌ଭି-ଏଫ୍୧୬ ରକେଟ୍ ନିସାରକୁ ନେଇ ମହାକାଶକୁ ଯାଇଛି । ଏହି ରକେଟ ନିସାରକୁ ପୃଥିବୀଠାରୁ ୭୪୭ କିମି ଉଚ୍ଚରେ ଥିବା ସନ୍-ସିଙ୍କ୍ରୋନସ୍ କକ୍ଷରେ ଅବସ୍ଥାପିତ କରିଛି । ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ (ଇସ୍ରୋ) ଓ

ଇସ୍ରୋକୁ ନବୀନଙ୍କ ଶୁଭେଚ୍ଛା

ଆମେରିକାର ନ୍ୟାସନାଲ ଏରୋନେଟିକ୍ସ ସ୍ପେଶ୍ ଆଡମିନିଷ୍ଟ୍ରେସନ (ନାସା) ମିଳିତ ଭାବେ ଏହି ଉପଗ୍ରହକୁ ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ▶ପୃଷ୍ଠା-୭

ଭାରତ ଉପରେ ୨୫% ଟ୍ରମ୍ପ୍ ଶୁଳ୍କ !

■ **ୱାଶିଂଟନ୍, ୩୦।୭ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ବାଣିଜ୍ୟ ମୋର୍ଚ୍ଚାରେ ଭାରତ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଭାରତ ଉପରେ ୨୫% ଟାରିଫ୍ ବା ଶୁଳ୍କ ଲଗାଇବାକୁ ସେ ଘୋଷଣା କରିଛନ୍ତି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିର ସମୟ ସୀମା ଅଗଷ୍ଟ ପହିଲାରୁ ଶେଷ ହେଉଥିବାରୁ ଭାରତ ଉପରେ ଶୁଳ୍କ ଲାଗିବ । ହେଲେ କୌତୂହଳର ବିଷୟ ଯେ ଭାରତକୁ ବନ୍ଧୁ ରାଷ୍ଟ୍ର ବୋଲି କହି ଟ୍ରମ୍ପ୍ ଏପରି ପଦକ୍ଷେପ ନେଇଛନ୍ତି । ନୂଆ ଶୁଳ୍କ ଅଗଷ୍ଟ ପହିଲାରୁ ଲାଗୁ ହେବ । ରୁଷ ସହ ଭାରତ ତେଲ କାରବାର କରୁଥିବାରୁ ଏପରି ଶୁଳ୍କ ଛାଟ ଲାଗିଥିବା ଟ୍ରମ୍ପ୍ କହିଛନ୍ତି । ତେଣୁ ରୁଷ ସହ ବନ୍ଧୁତ୍ୱ ଭାରତ ପାଇଁ ଏବେ ମହଙ୍ଗା ପଡ଼ିଥିବା ଟ୍ରମ୍ପ୍‌ଙ୍କ ପଦକ୍ଷେପରୁ ସ୍ପଷ୍ଟ ହୋଇଛି ।

ପୂର୍ବରୁ ଆମେରିକା ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି କରିବାକୁ ଇଚ୍ଛା ପ୍ରକାଶ କରିଥିଲା । କିନ୍ତୁ କିଛି କାରଣ ଯୋଗୁଁ ଏହି ଚୁକ୍ତି ଚୂଡାନ୍ତ ହୋଇପାରି ନ ଥିଲା । ଏବେ ଭାରତ ଉପରେ ୨୫% ଶୁଳ୍କ ଲାଗିବାକୁ ଯାଉଥିବାର କାରଣ ହେଉଛି, ରୁଷ ସହିତ ଭାରତର ଶକ୍ତି ଏବଂ ସାମରିକ ଚୁକ୍ତି । ଟ୍ରମ୍ପ ବୁଧବାର ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି ଯେ ତାଙ୍କର 'ବନ୍ଧୁ' ଭାରତ ଅଗଷ୍ଟ ପହିଲାରୁ ୨୫ ପ୍ରତିଶତ ବାଣିଜ୍ୟ ଶୁଳ୍କ ଦେବ ।

ଅଗଷ୍ଟ ପହିଲାରୁ ହେବ ଲାଗୁ

ମହଙ୍ଗା ପଡ଼ିଲା ରୁଷ ସହ ବନ୍ଧୁତ୍ୱ

ଲାଗିପାରେ ଅତିରିକ୍ତ ଜରିମାନା

ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ ରୁଷ ଠାରୁ ଶକ୍ତି ଏବଂ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଭାରତକୁ ଅତିରିକ୍ତ ଜରିମାନା ଦେବାକୁ ପଡିବ । ତାଙ୍କ କହିବାନୁଯାୟୀ, ମନେରଖିବାକୁ ହେବ ଯେ ଭାରତ ଆମର ବନ୍ଧୁ, କିନ୍ତୁ ଗତ କିଛି ବର୍ଷ ହେବ ଆମେ ସେମାନଙ୍କ ସହିତ ତୁଳନାତ୍ମକ ଭାବରେ କମ୍ ବାଣିଜ୍ୟ କାରବାର କରିଛୁ । କାରଣ ଭାରତ ଅଧିକ ଶୁଳ୍କ ଲାଗୁ କରୁଛି, ଯାହା ବିଶ୍ୱରେ ସର୍ବାଧିକ । ଏପରିକି ଭାରତରେ ସବୁଠାରୁ କଠୋର ଏବଂ ଅପ୍ରାତିକର ଅଣ-ଆର୍ଥିକ ବାଣିଜ୍ୟ ପ୍ରତିବନ୍ଧକ ସବୁ ରହିଛି । ଟ୍ରମ୍ପ୍ ଆହୁରି କହିଛନ୍ତି, ଭାରତ ସବୁବେଳେ ରୁଷଠାରୁ ଅଧିକାଂଶ ସାମରିକ ଉପକରଣ କିଣୁଛି । ଶକ୍ତି କ୍ଷେତ୍ରରେ ଚୀନ୍ ସହିତ ଭାରତ ହେଉଛି ରୁଷର ସବୁଠାରୁ ବଡ଼ କ୍ରେତା । ଯେତେବେଳେ ସମସ୍ତେ ଚାହାନ୍ତି ଯେ ରୁଷ ୟୁକ୍ରେନରେ ଦମନଲୀଳା ବନ୍ଦ କରୁ, ସେତେବେଳେ ଭାରତ ରୁଷ ସହ ତେଲ କାରବାର ବଢ଼ାଉଛି । ତେଣୁ ଭାରତକୁ ଅଗଷ୍ଟ ୧ ରୁ ୨୫% ଶୁଳ୍କ ଦେବାକୁ ପଡିବ । ଏହି ନିଷ୍ପତ୍ତି ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ସନ୍ତୁଳନକୁ ନଷ୍ଟ କରିପାରେ ଏବଂ ରପ୍ତାନିକୁ ପ୍ରଭାବିତ ମଧ୍ୟ କରିବାର ସମ୍ଭାବନା ରହିଛି ।

ସୂଚନାଥାଉକି, ଆମେରିକାର ବାଣିଜ୍ୟ କ୍ଷତିର ମୁକାବିଲା କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାର୍ଟନର ଦେଶମାନଙ୍କୁ ବାଣିଜ୍ୟ ଚୁକ୍ତି କରିବାକୁ ଆହ୍ୱାନ ଦେଇଥିଲେ । ଏହାର ଜବାବରେ ସେ ଚଳିତ ବର୍ଷ ଏପ୍ରିଲ ୨ ତାରିଖରେ ବିଭିନ୍ନ ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇଥିଲେ । ସେତେବେଳେ ଭାରତ ଉପରେ ୨୬ ପ୍ରତିଶତ ଶୁଳ୍କ ଲଗାଇଥିଲେ ଟ୍ରମ୍ପ । ଏହାର କିଛି ▶ପୃଷ୍ଠା-୭

ଆକାଶମାର୍ଗରୁ ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ସ୍ଥିତି ଅନୁଧ୍ୟାନ

କ୍ଷୟକ୍ଷତି ରିପୋର୍ଟ ପରେ ସହାୟତା

■ **ଭୁବନେଶ୍ୱର, ୩୦।୭ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଆକାଶମାର୍ଗରୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂହ ହେଲିକପ୍ଟର ଯୋଗେ ବନ୍ୟା ସ୍ଥିତି

୩ ଜିଲ୍ଲାର ୩୦ ହଜାରରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ

ଜଳସ୍ତର କମୁଛି, ସ୍ଥିତି ସୁଧୁରିବାକୁ ଆହୁରି ଦୁଇ ଦିନ ଲାଗିବ

ଆଉ ୭ ଦିନ ରନ୍ଧାଖାଦ୍ୟ, କ୍ଷୟକ୍ଷତି ରିପୋର୍ଟ ପାଇଁ ନିର୍ଦ୍ଦେଶ

ଦେଖିଛନ୍ତି । ବନ୍ୟା ପରିସ୍ଥିତି ଅନୁଧ୍ୟାନ ପରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟର ୩ଟି ଜିଲ୍ଲାର ୮ଟି ବ୍ଲକର ୮୧ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ବ୍ଲକ୍, ଭଦ୍ରକ ଜିଲ୍ଲାର ଧାମନଗର ଓ ଭଣ୍ଡାରୀପୋଖରୀ ବ୍ଲକ୍ ▶ପୃଷ୍ଠା-୭

ହାଇକୋର୍ଟରେ ଶିକ୍ଷକ ବଦଳି ପାଇଁ ବିଧାୟକ ଓ ସାଂସଦଙ୍କ ସୁପାରିସ ପ୍ରସଙ୍ଗ

ବଦଳି ଉପରେ ଅନ୍ତରୀଣ ରହିତାଦେଶ

■ **କଟକ, ୩୦।୭ (ସମିସ):** ରାଜ୍ୟ ସରକାର ନିକଟରେ ବିଧାୟକ ଓ ସାଂସଦଙ୍କ ସୁପାରିସ ଭିତ୍ତିରେ ଶିକ୍ଷକଙ୍କ ବଦଳି ସମ୍ପର୍କିତ ନିଷ୍ପତ୍ତି ନେଇଥିବା ବେଳେ ଏହି ସୁପାରିସ ଆଧାରରେ କରାଯାଇଥିବା ବଦଳି ଆଦେଶକୁ ବିରୋଧ କରି କେତେକ ଶିକ୍ଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏ ସମ୍ପର୍କିତ ଦୁଇଟି ମାମଲାର ଶୁଣାଣି କରି ଆବେଦନକାରୀ ଶିକ୍ଷକଙ୍କ ବଦଳି ଆଦେଶ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି ହାଇକୋର୍ଟ । ଫକିର ମହାନନ୍ଦ ଓ ରାହୁଲ ତ୍ରିପାଠୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରେ ପ୍ରତିପକ୍ଷ ରାଜ୍ୟ ସରକାର ଓ ଅନ୍ୟ ମାନଙ୍କୁ ନୋଟିସ କରିବା ସହ ଜବାବ ତଲବ କରିଛନ୍ତି ଅଦାଲତ ।

ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ବିଧାୟକ ଓ ସାଂସଦ ମାନେ ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ପର୍ଯ୍ୟନ୍ତ ଯୋଗ୍ୟ ଶିକ୍ଷକଙ୍କୁ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ସରକାର ନେଇଥିବା ନିଷ୍ପତ୍ତିକୁ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ▶ପୃଷ୍ଠା-୭

ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

୪ ଶିକ୍ଷକ ସମେତ ୬ ଗିରଫ

■ **କଟକ, ୩୦।୭ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ ଘଟଣାରେ କ୍ରାଇମବ୍ରାଞ୍ଚ ୬ ଜଣଙ୍କୁ ଗିରଫ କରିଛି । ଏହି ଘଟଣାର ମାଷ୍ଟରମାଇଣ୍ଡ ତଥା ବୋର୍ଡ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟରଙ୍କ ସମେତ ଅନ୍ୟ ୪ ଜଣ ଶିକ୍ଷକ ସଂଘ କର୍ମକର୍ତ୍ତା ଏବଂ ଜଣେ ଦଲାଲକୁ ଗିରଫ କରିଥିବା ଏକ ସମ୍ବାଦିକ

ଉପସଭାପତିଙ୍କ ଲାପ୍‌ଟପରୁ ପେନ୍‌ଡ୍ରାଇଭରେ ଆଣିଥିଲେ ପ୍ରଶ୍ନପତ୍ର

ଲକ୍ଷାଧିକ ଟଙ୍କାରେ ବିକିଛନ୍ତି ପ୍ରଶ୍ନପତ୍ର

ସମ୍ମିଳନୀରେ ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର । ଲିକ ହୋଇଥିବା ପ୍ରଶ୍ନପତ୍ର ବିକ୍ରି କରି ଅଭିଯୁକ୍ତମାନେ ଲକ୍ଷଲକ୍ଷ ▶ପୃଷ୍ଠା-୭

ଆର୍‌ଆଇ, ଅମିନ ନିଯୁକ୍ତି ପରୀକ୍ଷା ବାତିଲ୍

କୋର୍ଟଙ୍କୁ ଅବଗତ କଲେ ଆଡଭୋକେଟ୍ ଜେନେରାଲ୍

■ **ଭୁବନେଶ୍ୱର/କଟକ, ୩୦।୭ (ସମିସ):** ପ୍ରଥମରୁ ବିବାଦୀୟ ହୋଇପଡ଼ିଥିବା ଆରଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପରୀକ୍ଷା ଶେଷରେ ବାତିଲ୍ ହୋଇଛି । ବ୍ୟାପକ ଅନିୟମିତତା, ପରୀକ୍ଷାରେ ବିଭ୍ରାଟ କାରଣରୁ ପ୍ରିଲିମିନାରୀ ପରୀକ୍ଷାକୁ ବାତିଲ୍ କରିବା ପାଇଁ ପରୀକ୍ଷାର୍ଥୀମାନେ ମୂଳରୁ ଦାବି କରୁଥିଲେ । ସେମାନଙ୍କ ଦାବିକୁ ଆଗ୍ରାହ୍ୟ କରି ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରିଥିଲେ ସରକାର । ଏହି ନିଷ୍ପତ୍ତି ସରକାରଙ୍କୁ ଆଇନ୍ ଜାଲରେ ଛନ୍ଦିଥିଲା । ମୋଟ୍ ପଦର ୫ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷା ଦେବାର

୧୪ଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ

ପ୍ରିଲିମ୍ ଓ ମେନ୍ ବଦଳରେ ଗୋଟିଏ ପରୀକ୍ଷା ପାଇଁ ଦାବି

ନିୟମ ଥିଲେ ମଧ୍ୟ ଏହାର ଅନୁପାଳନ କରାଯାଇ ନ ଥିବା ଅଭିଯୋଗ କରି ହାଇକୋର୍ଟରେ ମାମଲା ହୋଇଥିଲା । ଆଜି ଏହାର ଶୁଣାଣି ବେଳେ ତ୍ରୁଟି ସ୍ୱୀକାର କରିବା ସହ ସମଗ୍ର ପରୀକ୍ଷା ପ୍ରକ୍ରିୟାକୁ ବାତିଲ୍ କରି ଆଉଥରେ ପ୍ରିଲିମିନାରୀ ପରୀକ୍ଷା କରାଯିବ ବୋଲି ଆଡଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ କୋର୍ଟଙ୍କୁ ଅବଗତ କରିଛନ୍ତି ।

ଶ୍ରୀ ଆଚାର୍ଯ୍ୟ କୋର୍ଟଙ୍କୁ କହିଛନ୍ତି ଯେ ମୋଟ୍ ୫ଲକ୍ଷ ୫୮ ହଜାର ୧୨୯ ଜଣ ଆଶାୟୀ ପରୀକ୍ଷା ଦେଇଥିଲେ । ପରୀକ୍ଷା ବାତିଲ୍ ହୋଇଥିବାରୁ ପୁନଃ ପ୍ରିଲିମିନାରୀ ପରୀକ୍ଷା ପାଇଁ ସମସ୍ତଙ୍କୁ ନୂତନ ଭାବେ ଆଡମିଟ୍ କାର୍ଡ ପ୍ରଦାନ କରାଯିବ । ଏଥିପାଇଁ କୌଣସି ଫି' ନିଆଯିବ ନାହିଁ । ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରିବା ନିଷ୍ପତ୍ତିରେ ବହୁ ମେଧାବୀ ପରୀକ୍ଷାର୍ଥୀ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତେ ବୋଲି ମଧ୍ୟ ସେ ▶ପୃଷ୍ଠା-୭

ଲୋଭ ଦେଖାଇ ଲାଭ ଖାଇଯିବେନି ତ?

ଶସ୍ତାରେ ମିଳୁଛି ନାମିଦାମୀ କମ୍ପାନୀ ସାମଗ୍ରୀ

ପୋଲସରା, ୩୦।୭ (ସମିସ)

୪୭ ହଜାରର ଏସି ମାତ୍ର ୨୬ହଜାରରେ, ୫୦ ହଜାରର ଖଟ ୨୦ରୁ ୨୫ ହଜାରରେ ଓ ବିଭିନ୍ନ ନାମିଦାମୀ କମ୍ପାନୀର ବିଭିନ୍ନ ସାମଗ୍ରୀ ୪୦ରୁ ୫୦ ପ୍ରତିଶତ ରିହାତିରେ ମିଳୁଛି। ପୋଲସରା ପାଟଣାପଦର ଛକରେ ଏକ ଭଡ଼ା ଘରେ ତାମିଲନାଡୁ ପୁଦିକଟା ଜିଲ୍ଲାରୁ ଆସି କିଛି ବ୍ୟବସାୟୀ ପ୍ରାୟ ଏକ ମାସ ହେବ ଏକ ବ୍ୟବସାୟ ଚଳାଇଛନ୍ତି। ପୋଲସରା ଓ ଏହାର ଆଖପାଖ ଅଞ୍ଚଳ ଏପରିକି ବୁଗୁଡ଼ା, ବୁଢ଼ାମ୍ବ, କୋଦଳା ଓ କବିସୂର୍ଯ୍ୟନଗରରୁ ମଧ୍ୟ ଲୋକମାନେ ଆସୁଥିବା ଦେଖିବାକୁ ମିଳୁଛି। ଗ୍ରାହକଙ୍କ ଭିଡ ଏଠି ସକାଳୁ ରାତିଯାଏ ଲାଗିଥାଏ। ମନରେ ଉତ୍କଣ୍ଠା ସହ ବୋହି ନେଉଛନ୍ତି ଟ୍ରକ ଟ୍ରକ ଜିନିଷ। କାଳେ ଆଗକୁ ଏଭଳି ଅଫର ଆଉ ମିଳିବନି ସେଥିପାଇଁ ଲୋକଙ୍କ ମଧ୍ୟରେ

ଏକପ୍ରକାର ପ୍ରତିଯୋଗିତା ଲାଗିଛି। କିନ୍ତୁ ଆକର୍ଷଣ ଲୋଭରେ ଯେମିତି ବଡ଼ କ୍ଷତିରେ ନପଡ଼ନ୍ତୁ ତାହା ପ୍ରତି ଲୋକମାନେ ସଚେତନ ରହିବା ସହ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

କାରଣ ଏଭଳି ମନଲୋଭା ଆକର୍ଷଣ ମନକୁ ଟିକିଏ ସନ୍ଦେହ ଆସୁଥିବା ମଧ୍ୟ କିଛି ଲୋକ କହୁଛନ୍ତି। କାହିଁକି ନା' ଏଠି କିଛି କିଣିବାକୁ ହେଲେ ଗ୍ରାହକକୁ ପ୍ରଥମେ ଆଗ୍ରୀମ ପୁରା ଟଙ୍କା ଦେବାକୁ ପଡୁଛି। ତାହା ପୁଣି ୧୦ରୁ ୧୫ ଦିନ ଅପେକ୍ଷା କରିବାକୁ ପଡୁଛି ସାମଗ୍ରୀ ପାଇବା ପାଇଁ। କିଛି ଲୋକ ଏଭଳି ସର୍ତ୍ତାବଳୀକୁ ନାପସନ୍ଦ କରୁଥିବା ବେଳେ ଅଧିକାଂଶ କିନ୍ତୁ କାଳବିଳମ୍ବ ନ କରି ଶସ୍ତାରେ ମିଳୁଥିବାରୁ ଲକ୍ଷ ଲକ୍ଷ ଟଙ୍କା ଆଗ୍ରୀମ ଦୋକାନୀ ମାଲିକଙ୍କ ହାତରେ ଧରେଇ ଦେଇ ରସିଦ ଭରସାରେ ରହୁଛନ୍ତି।

ଦୈନିକ ୫ରୁ ୧୦ ଲକ୍ଷ ଟଙ୍କାର କାରବାର ଏପରିକି ଦିନେ ଦିନେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାରବାର ହେଉଛି। ବଡ଼ ବଡ଼ ବେପାରୀମାନେ ମଧ୍ୟ ଏହି ଲୋଭର ବଶବର୍ତ୍ତୀ ହୋଇ ଗ୍ରାହକ ଯୋଗାଡ଼ରେ ଲାଗିଛନ୍ତି ଏବଂ କିଛି ହାତ ଗୁଞ୍ଜା କମିଶନ ପାଉଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ହେଲେ ତାମିଲନାଡୁରୁ ଆସି ଓଡ଼ିଶାରେ ବ୍ୟବସାୟ କରିବା ତାହା ପୁଣି ବ୍ରାଣ୍ଡେଡ ଜିନିଷ ଉପରେ ଅଧା ଦାମରେ ବିକ୍ରି କରିବା ଟିକିଏ ସନ୍ଦେହ ଲାଗୁଛି।

ଆଜି ଟଙ୍କାଦିଅ, ୧୫ ଦିନ ପରେ ଜିନିଷ ନିଅ

ସଂସ୍ଥାର ମାଲିକଙ୍କ କହିବା ଅନୁଯାଇ ଆମ ସଂସ୍ଥା ସିଧା ସଳଖ କମ୍ପାନୀରୁ କିଣୁଛି ଏବଂ ଯାହାର ଫାଇଦା ଆମେ ଲୋକଙ୍କ ପାଖରେ ପହଞ୍ଚାଉଛୁ। ସୂଚନାଯୋଗ୍ୟ କିଛି ବର୍ଷ ପୂର୍ବେ ପୁରୁଷୋତ୍ତମପୁର ସହରରେ ସାମନ ଢଙ୍ଗରେ ବାହାର ରାଜ୍ୟରୁ ଆସି ବ୍ୟବସାୟ କରି ଏହିଭଳି ଆକର୍ଷଣୀୟ ଅଫର ଦେଇ ଲୋକଙ୍କଠୁ କୋଟି କୋଟି ଟଙ୍କା ନେଇ ଚମ୍ପଟ ମାରିଥିଲେ। ସେତେବେଳେ ଏହି ଘଟଣା ପୁରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲେ। ତେଣୁ ସେଭଳି ଘଟଣା ପୁନର୍ବାର ପୋଲସରାରେ ନଘଟୁ। ଏନେଇ ପୋଲସରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନାଙ୍କ ସହ ଯୋଗାଯୋଗ ବେଳେ ଉକ୍ତ ସଂସ୍ଥା ତରଫରୁ ଟ୍ରେଡ଼ ଲାଇସେନ୍ସ ପାଇଁ ଆବେଦନ କରାଯାଇଥିଲା ଏବଂ ଏନ୍‌ଏସି ତଫରୁ ଟ୍ରେଡ଼ ଲାଇସେନ୍ସ ଦିଆଯାଇଥିବା କହିଛନ୍ତି। କିନ୍ତୁ ପୁଲିସ ପ୍ରଶାସନ ଏଥିପ୍ରତି କେତେଦୂର ସଚେତନ ଅଛନ୍ତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଧ୍ୟାପକଙ୍କ ଗାଡ଼ି ଭାଙ୍ଗିବା ସହ ଅସଦାଚରଣ

ସାନଖେମୁଣ୍ଡି, ୩୦।୭ (ସମିସ): କଲେଜରୁ ଘରକୁ ଫେରୁଥିବା ବେଳେ ଅଧ୍ୟାପକଙ୍କ ଗାଡି ଭାଙ୍ଗିଲେ ଯୁବକ। ଏଥି ସହିତ ଅଧ୍ୟାପକଙ୍କୁ ମଧ୍ୟ ଟଣା ଓଟରା ଗାଳି ଗୁଲଜ କରିଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଦେଖିବାକୁ ମିଳିଛି

ପାଟପୁର ଥାନା ଡେଙ୍ଗାଉସ୍ତା ଷ୍ଟେଟ ବ୍ୟାଙ୍କ ସମ୍ମୁଖ ରାସ୍ତାରେ। ସୂଚନା ମୁତାବକ ବୁଧବାର ସାନଖେମୁଣ୍ଡି ବ୍ଲକ ପୋଡାମାରି କଲେଜର ଗଣିତ ବିଭାଗ ଅଧ୍ୟାପକ ରାମ ସ୍ୱରୂପ ପାଣିଗ୍ରାହୀ ନିଜ ଘରକୁ କାର ଯୋଗେ ଫେରୁଥିଲେ। ସେହି ସମୟରେ ଡ଼େଙ୍ଗାଉସ୍ତା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ କିଛି ଯୁବକ ଗାଡ଼ି ଅଟକାଇ ଭଙ୍ଗାରୁଜା କରିବା ସହ ଅଧ୍ୟାପକଙ୍କୁ ମାଡ଼ ମାରିଥିଲେ। ପୋଡାମାରି ଫାଣ୍ଡି ପୁଲିସ ପହଞ୍ଚି ଉଭୟ ଅଧ୍ୟାପକ ଏବଂ ଆକ୍ରମଣ କରିଥିବା ଯୁବକଙ୍କୁ ଉଠାଇ ନେଇଛି। ଅଧ୍ୟାପକ ଜଣଙ୍କ ପୋଡ଼ାମାରି କଲେଜରେ ଗଣିତ ବିଭାଗରେ ପାଠ ପଢ଼ାଉ ଥିବା ବେଳେ ଟୁ୍ୟସନ ମଧ୍ୟ କରୁଥିଲେ। ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବାରୁ ତାଙ୍କ ଭାଇ ଏଭଳି କରିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ପୁଲିସ ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ।

ଏଆଇକେଏମ୍‌ଏସ୍ ପକ୍ଷରୁ ଗଣବିକ୍ଷୋଭ

ଧରାକୋଟ, ୩୦।୭ (ସମିସ): ଅଖିଳ ଭାରତ କିଷାନ ମଜଦୂର ସଭା ପକ୍ଷରୁ ଧରାକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୧୪ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ପ୍ରଦର୍ଶନସ୍ଥଳରେ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ଏବିଡ଼ିଓ ସୁଶୀଳ ପଟ୍ଟନାୟକ ଉପସ୍ଥିତ ରହି ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ଗ୍ରହଣ ପରେ ପ୍ରଶାସନ ଏଦିଗରେ ଲୋକଙ୍କ ସହ ଆଲୋଚନା କରି ସମାଧାନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଆଦିବାସୀ ନେତା ଯକ୍ଷ ଗମାଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଗଣବିକ୍ଷୋଭରେ ଏଆଇକେଏମ୍‌ଏସ୍‌ର ଜାତୀୟ ସମ୍ପାଦକ ଭାଲ ଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ଧରାକୋଟ ବ୍ଲକ ସଭାପତି ନରସିଂହ ଗମାଙ୍ଗ, ଦଳିତ ନେତା ସଂଗ୍ରାମ ନାୟକ ପ୍ରମୁଖ ଯୋଗଦେଇ ଆଦିବାସୀ ଓ ଦଳିତମାନଙ୍କୁ ସେମାନଙ୍କ ହକ୍ ଦେବାରେ ରାଜ୍ୟ ସରକାରଙ୍କ ଟାଳୁଟୁଳୁ ନୀତିର ତୀବ୍ର ନିନ୍ଦା କରିବା ସହ ତୁରନ୍ତ ଭୂମିହୀନ ପରିବାରକୁ ଜମି ଅଧିକାର, ଆଦିବାସୀମାନଙ୍କୁ ଜଙ୍ଗଲ ଜମି ଅଧିକାର ଓ ବାସହୀନଙ୍କୁ ବାସଗୃହ ଯୋଗାଇଦେବା ଭଳି ୧୪ଦଫା ଦାବି ସମ୍ବଳିତ ଦାବିପତ୍ର ଉଭୟ ତହସିଲଦାର ଓ ବିଡିଓଙ୍କୁ ପ୍ରଦାନ କରିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶହ ଶହ ଗରିବ ଆଦିବାସୀ ଓ ଦଳିତ ଲୋକ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ବିକ୍ଷୋଭରେ ସାମିଲ ହୋଇଥିଲେ।

ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି

ବିସ୍ଫୋରକ କାରଖାନାକୁ ବିରୋଧ କଲେ ଅଞ୍ଚଳବାସୀ

ଜଗନ୍ନାଥପ୍ରସାଦ, ୩୦।୭ (ସମିସ): ଜଗନ୍ନାଥପ୍ରସାଦ ବ୍ଲକ କୁଡୁତାଇ ପଞ୍ଚାୟତରେ ପ୍ରସ୍ତାବିତ ବିସ୍ଫୋରକ କାରଖାନା ପାଇଁ ଏକ ଜନଶୁଣାଣି ବୁଧବାର କୁଡୁତାଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିଲା। ବିସ୍ଫୋରକ କାରଖାନା ଏହି ପଞ୍ଚାୟତର ଘାଟିପଲ୍ଲୀ ଓ ଲଣ୍ଡେଇହିଲ ମୌଜାରେ କରାଗଲେ ପରିବେଶ ପ୍ରଦୂଷଣ, ଜଳାଭାବ ଓ ଜୀବନ ଜୀବିକା ପ୍ରତି ବିପଦ ଆଶଙ୍କା କରି ଅଞ୍ଚଳର ଲୋକମାନେ ବିରୋଧ କରିଥିଲେ। ମେସର୍ସ ସିଡିଇଟି ଏକ୍ସପ୍ଲୋସିଭ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ଼ ଦ୍ୱାରା ଏହି ସ୍ଥାନରେ ଗୋଳା ବାରୁଦ କାରଖାନା କରିବାକୁ ଜମି ଅଧିଗ୍ରହଣ କରିବାକୁ କମ୍ପାନୀ ପ୍ରଶାସନକୁ ଧରି ଚକ୍ରାନ୍ତ ଚଳାଇଥିବା ସାଧାରଣ ଲୋକେ ଅଭିଯୋଗ କରି କାରଖାନାକୁ ସମ୍ପୂର୍ଣ୍ଣ ବିରୋଧ କରିଛନ୍ତି।

ଅଞ୍ଚଳର ଖଦାଳ ସାହୁ କହିବା ପ୍ରକାରେ ଜମି ଅଧିଗ୍ରହଣ କରି ଏକ ବିସ୍ଫୋରକ ଦ୍ରବ୍ୟ ଉତ୍ପାଦନ କମ୍ପାନୀ ଅଞ୍ଚଳରେ ତିଆରି କରିବାକୁ ଯାଉଥିବାରୁ ଆମ୍ଭେ ତାକୁ ତୀବ୍ର ବିରୋଧ କରୁଛୁ। ଏଠାକାର ବାୟୁ, ଜଳ, ମୃତ୍ତିକା, ଜୈବ, ପରିବେଶ ଧ୍ୱସ୍ତ ବିଧ୍ୱସ୍ତ ହୋଇଯିବ ଓ ଆଗାମୀ ପିଢ଼ି ଓ ଦୈନନ୍ଦିନ ଜୀବନରେ ପ୍ରଭାବ ପକାଇବ। ଫଳରେ କୋଡିଏ ପଞ୍ଚାୟତ ଲୋକେ ପ୍ରଭାବିତ ହେବେ। ଏଥିରେ ଆଇନଜୀବୀ ସୋମନାଥ ନାୟକ, ଅଭିମନ୍ୟୁ ଗୌଡ଼, ଖଦାଳ ସାହୁ, ନାରାୟଣ ନାୟକ, ପ୍ରତାପୁର ପଞ୍ଚାୟତର ଅନେକ ବ୍ୟକ୍ତି ଯୋଗ ଦେଇ କାରଖାନା ନିର୍ମାଣ ପ୍ରସ୍ତାବକୁ ସମ୍ପୂର୍ଣ୍ଣ ବିରୋଧ କରିଥିଲେ। ଏସ୍‌ଆଇ ଟିମ ୟୁନିଟକୁ ରିପ୍ରେଜେଣ୍ଟ କରୁଥିବା ପଦ୍ମ ଦାସ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି ଆୟୋଜିତ ଜନଶୁଣାଣିରେ ଅଞ୍ଚଳ ୧୧୩ ଜଣ ନିଜ ନିଜର ମତ ରଖିଥିବା ବେଳେ ଅଧିକାଂଶ କମ୍ପାନୀ ବିପକ୍ଷରେ ମତ ଦେଇଥିବା କହିଛନ୍ତି। ଏଥିରେ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଓ ବିଭାଗୀୟ ପରିଚାଳକ ପଦ୍ମ ଦାସଙ୍କ ସମେତ ଜଗନ୍ନାଥପ୍ରସାଦ ବ୍ଲକ ବିଡ଼ିଓ ମନ୍ମଥ ମଲ୍ଲିକ ଓ ତହସିଲଦାର ଅଶୋକ କୁମାର ମୁଦୁଲି ପ୍ରମୁଖ

ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଭଞ୍ଜନଗର ଏସ୍‌ଡିପିଓ ଡ଼ଃ ଦୀପକ ମିଶ୍ର, ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ ନାୟକ ଓ ତାରାସିଂ, ବେଳଗୁଣ୍ଠା, ଗାଙ୍ଗପୁର, ବୁଗୁଡା ଥାନାର ଆଇଆଇସି, ଜଗନ୍ନାଥ ପ୍ରସାଦ ଥାନା ସମେତ ତିନି ପ୍ଲାଟୁନ ପୁଲିସ ମୁତୟନ କରାଯାଇଥିଲା। ଏନସିଡି ଏସ୍ ଓ ଷ୍ଟାର ଭବନେଶ୍ୱର ଏକ ଟିମ ପକ୍ଷରୁ ସାମାଜିକ ଆକଳନ ବିବରଣୀ ପ୍ରସ୍ତୁତ କରୁଥିବା ଜଣାପଡୁଛି। ଅନେକଙ୍କ ବିରୋଧ ସତ୍ତ୍ୱେ ଏଠାରେ କାରଖାନା ହେଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ମଧ୍ୟ ଅନେକ ମତ ଦେଇ ଏହି ବିରୋଧ ଏକ ଭିତ୍ତିହୀନ ବୋଲି ପ୍ରକାଶ କରିଛନ୍ତି। ଜନଶୁଣାଣିରେ କୌଣସି ନିଷ୍କର୍ଷ ବହାରିନଥିବା ବେଳେ ଆଗାମୀ ଦିନରେ ପ୍ରଶାସନ କଣ ନିଷ୍ପତ୍ତି ନେଉଛି ତାହା ଉପରେ ଅଞ୍ଚଳବାସୀଙ୍କ ନଜର ରହିଛି।

ମହାନଗର ନିଗମ ଅସ୍ଥାୟୀ କର୍ମଚାରୀ ସଂଘର ବିକ୍ଷୋଭ

ବ୍ରହ୍ମପୁର, ୩୦।୭ (ସମିସ): ୩ଦଫା ଦାବିରେ ମହାନଗର ନିଗମ ଅସ୍ଥାୟୀ କର୍ମଚାରୀ ସଂଘ ବ୍ରହ୍ମପୁର ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅସ୍ଥାୟୀ କର୍ମଚାରୀଙ୍କ ଇପିଏଫ୍ ସମ୍ପର୍କିତ ସମସ୍ୟାର ସମାଧାନ, ସ୍ୱାସ୍ଥ୍ୟ ବିଭାଗରେ ଅବସର ପରେ ପୁନଃ ଥଇଥାନ ନିଯୁକ୍ତି ପାଇଥିବା ବରିଷ୍ଠ କିରାଣିଙ୍କୁ ବହିଷ୍କାର ଓ ଆଉଟସୋର୍ସି କର୍ମଚାରୀଙ୍କ ଭଳି ଦୀର୍ଘବର୍ଷ ଧରି ନିଗମରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ରବିବାର ଦିନର ମଜୁରୀ ପ୍ରଦାନ ଭଳି ୩ଦଫା ଦାବିରେ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ପକ୍ଷରୁ ବିଏମ୍‌ସି କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କମିଶନରଙ୍କୁ ଭେଟି ଆଲୋଚନା କରାଯାଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘର ଦାବି ସମ୍ପର୍କରେ ସମୀକ୍ଷା କରାଯାଇ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରିବାକୁ କମିଶନର ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ ସଂଘର ସଭାପତି ତଥା ପୂର୍ବତନ କାଉନସିଲର ଡି. ସୂର୍ଯ୍ୟ ପ୍ରକାଶ ରାଓ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ସୁନ୍ଦର ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

ବିଶ୍ୱ ମାନବ ଚାଲାଣ ପ୍ରତିରୋଧ ଦିବସ

ବ୍ରହ୍ମପୁର, ୩୦।୭ (ସମିସ): ସ୍ଥାନୀୟ ରେଳ ଷ୍ଟେସନରେ ଶକ୍ତିସଦନ ୱାନ ଷ୍ଟପ ସେଣ୍ଟର ପକ୍ଷରୁ ବିଶ୍ୱ ମାନବ ଚାଲାଣ ପ୍ରତିରୋଧ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ରେଳ ଷ୍ଟେସନ ମାଷ୍ଟର ଦୁର୍ଗା ପ୍ରସାଦ ବ୍ରହ୍ମା ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ରାଜଶ୍ରୀ ଦାସ, ରଶ୍ମି ରଞ୍ଜନ ବେହେରା, ଡ଼ି. ବିଷ୍ଣୁ, ସଦାନନ୍ଦ ଦାସ ଓ ବିଶ୍ୱନାଥ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଇଏସଆରଡ଼ି ନିର୍ଦ୍ଦେଶକ ସୁଧୀର ସାବତ ସଞ୍ଚାଳନା କରିବା ସହ ମାନବ ଚାଲାଣ ନେଟୱାର୍କ ଗୁଡିକୁ ଚିହ୍ନଟ ଏବଂ ଭାଙ୍ଗିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରିବା ଆବଶ୍ୟକତା ବୋଲି କହିଥିଲେ। ୧୫ବର୍ଷ ଠାରୁ ୨୫ବର୍ଷର ମହିଳା ଏବଂ ଶିଶୁ ମାନଙ୍କୁ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ସରକାର ସମସ୍ତ ପ୍ରକାର ପଦକ୍ଷେପ ସମ୍ପର୍କରେ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରପିଏଫ ରବୀନ୍ଦ୍ର କୁମାର

ବେହେରା ମନୋଜ କୁମାର ବେହେରା, ଯୁବରାଜ ରୋହିଣୀ, ପ୍ରଭାତ କୁମାର ପାଢ଼ୀ, ସୌଦାମିନୀ ସାହୁ, ସାବିତ୍ରୀ ଦଳବେହେରାଙ୍କ ସମେତ ବିଭିନ୍ନ ସଂଗଠନର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ମୋବାଇଲ ଚୋରି ମାମଲା, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୩୦।୭ (ସମିସ): ମୋବାଇଲ ଚୋରି ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପୁରୁଷୋତ୍ତମପୁର ମେଣ୍ଢାପଲ୍ଲୀ ଗ୍ରାମର ବ୍ରଜବନ୍ଧୁ ନାୟକ (୩୦)। ପୁଲିସ ଅଭିଯୁକ୍ତ ବ୍ରଜବନ୍ଧୁଙ୍କଠାରୁ ୪ମୋବାଇଲ ଜବତ କରିଛି। ସୂଚନାଯୋଗ୍ୟ ଯେ, ଗଜପତି ନଗର ୫ଲାଇନ ନିବାସୀ ରାଜା ନାୟକ(୨୭) ଘରେ ମୋବାଇଲ ଚାର୍ଜ ବସାଇ ବାରିପଟକୁ ଯାଇଥିବାବେଳେ ଘରେ ପଶି କେହି ନେଇଯାଇଥିବା ୩୦ ତାରିଖରେ ବିଳମ୍ବିତ ରାତିରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତକୁ ଚିହ୍ନଟ କରିଥିଲା।

ଦୁର୍ଘଟଣାରେ ଯୁବକ ମୃତ

ସୋରଡା, ୩୦।୭ (ସମିସ): ସୋରଡ଼ା ଥାନା ଅନ୍ତର୍ଗତ ଗୋପାଳପୁରଶାସନ ନିକଟ କାଜୁ ଫ୍ୟାକ୍ଟ୍ରିରେ ପିକପ ଭ୍ୟାନ ଧକ୍କା ଫଳରେ ଜଣକ ମୃତ୍ତୁ ଘଟିଛି। ମୃତକ ହେଲେ କରଡାବାଡି ଗ୍ରାମର ବିଶୁ ମଲ୍ଲିକ(୩୫)। ବିଶୁ ଭଞ୍ଜନଗରରୁ ସୋରଡ଼ା ଅଭିମୁଖେ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ପଡ଼ିଥିବାବେଳେ ପୁଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ତଦନ୍ତ କରୁଛି।

ଏନ୍‌ଏସି କାଉନ୍‌ସିଲ ବୈଠକକୁ ସାମ୍ବାଦିକଙ୍କୁ ମନା

● ଦୋଷ ଲୁଚାଇବାକୁ ଉଦ୍ୟମ ନୁହେଁ ତ

ଗଞ୍ଜାମ, ୩୦।୭ (ସମିସ): ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)ରେ ବୁଧବାର ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସଭାପତତ୍ୱରେ ଅନୁଷ୍ଠିତ କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ହେଲେ ଏହି ବୈଠକକୁ କୌଣସି ସାମ୍ବାଦିକଙ୍କୁ ଡକାଯାଇ ନଥିଲା। ପୂର୍ବରୁ ଏନଏସିର ସମସ୍ତ ବୈଠକରେ ଗଣମାଧ୍ୟମକୁ ଆମନ୍ତ୍ରଣ କରାଯାଉଥିବା ବେଳେ ଏଥର ବାଦ ଦିଆଯିବା ସ୍ଥାନୀୟ ଜନସାଧାରଣ ଓ ସାମ୍ବାଦିକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ବୈଠକରେ ସହରର ବିକାଶ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ତେବେ ସାମ୍ବାଦିକଙ୍କୁ ବୈଠକରୁ ଦୂରେଇ ରଖିବା ସୂଚନାର ଅଧିକାର ଓ ପାରଦର୍ଶିତା ଉପରେ ପ୍ରଶ୍ନ ଉଠାଇଛି। ଦୁର୍ନୀତି ଲୁଚାଇବାକୁ ଜାଣୁଶୁଣି ଏନ୍‌ଏନି ପ୍ରଶାସନ ଏଭଳି କରିନି ତ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ କରାଯାଇଛି। ବିପକ୍ଷ ଦଳ ଏହି ନିଷ୍ପତ୍ତିକୁ ସରକାରୀ କାର୍ଯ୍ୟରେ ଅସ୍ୱଚ୍ଛତାର ଉଦାହରଣ ଭାବେ ଉପସ୍ଥାପନ କରିଛନ୍ତି। ସ୍ଥାନୀୟ ସାମ୍ବାଦିକ ସଂଘ ଏହାର ତୀବ୍ର ବିରୋଧ କରି ଘଟଣାର ତଦନ୍ତ ଦାବି କରିଛି। ଏହି ପରିସ୍ଥିତି ଗଞ୍ଜାମରେ ଗଣମାଧ୍ୟମ ଓ ପ୍ରଶାସନ ମଧ୍ୟରେ ସମ୍ପର୍କକୁ ଆହୁରି ଜଟିଳ କରିପାରେ। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ଖଜୁରୀଘାଇ ବନ୍ଧରେ ବୁଡ଼ି ବୃଦ୍ଧା ମୃତ

ଖଲ୍ଲିକୋଟ, ୩୦।୭ (ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ମଥୁରା ଗ୍ରାମରେ ଥିବା ଖଜୁରୀ ଘାଇ ବନ୍ଧରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମଥୁରା ଗ୍ରାମର ହେମ ସାହୁ (୬୮)। ହେମ ବୁଧବାର ଭୋରରୁ ଖଜୁରୀଘାଇ ବନ୍ଧକୁ ଗାଧୋଇବାକୁ ଯାଇ ବୁଡି ଯାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ପୁଲିସ ଉପସ୍ଥିତିରେ ପାଣି ଭିତରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରି କୂଳକୁ ଆଣିଥିଲେ। ପୁଲିସ ଶବ ଜବତ କରି ଖଲ୍ଲିକୋଟ ମେଡ଼ିକାଲକୁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

କିସ୍ତି ଟଙ୍କା ମାଗିବାକୁ ଯାଇଥିବା ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ

ରମ୍ଭା/ହୁମ୍ମା, ୩୦।୭ (ସମିସ): ରମ୍ଭା ଥାନା ଅଞ୍ଚଳ ପାଲୁର ଡ଼ାଳଖାଇ ଗ୍ରାମରେ ଏଲଏଣ୍ଡଟି ଫାଇନାନ୍ସ ସଂସ୍ଥା କର୍ମଚାରୀଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଫାଇନାନ୍ସ କର୍ମଚାରୀଙ୍କ ଜୁଲମ୍ ସହି ନପାରିବାରୁ ଜଣେ ମହିଳାଙ୍କ ପୁଅ ଏପରି ଆକ୍ରମଣ କରିଛନ୍ତି। ଉଭୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ପୃଥକ ପୃଥକ ମାମଲା ରୁଜୁ କରିଛି।

ପୁଲିସର ସୂଚନାନୁସାରେ ଏଲଏଣ୍ଡଟି ଫାଇନାନ୍ସ ସଂସ୍ଥାର ଦୁଇ କର୍ମଚାରୀ ତଥା ଶେରଗଡ଼ ଥାନା ଅଞ୍ଚଳ ମହୁପଦର ଗ୍ରାମର ଭିକାରୀ ଚରଣ ଡାକୁଆ(୨୩) ଓ ଧରାକୋଟ ଥାନା ଅଞ୍ଚଳ କମାଶାଶନ ଗ୍ରାମର ରାକେଶ କୁମାର ସ୍ୱାଇଁ(୨୫) ଡାଳଖାଇ ଗାଁର ଲକ୍ଷ୍ମୀ ମଲ୍ଲିକଙ୍କୁ ଟଙ୍କା ଦେଇଥିଲେ। ଧାର୍ଯ୍ୟ ସମୟରେ ଲକ୍ଷ୍ମୀ କିସ୍ତି ନସୁଝିବାରୁ ଗତ ଶନିବାର ସକାଳେ ଭିକାରୀ ଓ ରାକେଶ ଲକ୍ଷ୍ମୀଙ୍କ ଘରକୁ ଯାଇ କିସ୍ତି ଟଙ୍କା ମାଗିଥିଲେ। ତେବେ ସେ ଏବେ ଟଙ୍କା ନଥିବା ଏବଂ ପରେ ଦୁଇ କିସ୍ତି ଏକାଥରେ ଦେବି କହିଥିଲେ। ହେଲେ ଦୁଇ କର୍ମଚାରୀ ଲକ୍ଷ୍ମୀଙ୍କୁ ଗାଳି କରିଥିଲେ। ଏପରିକି ଟଙ୍କା ନଦେଲେ ଘର ବାରଣ୍ଡାରୁ ଯିବୁ ନାହିଁ ବୋଲି କହିଥିଲେ। ଲକ୍ଷ୍ମୀଙ୍କ ପୁଅ ଉଭୟ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ ଦୁଇ କର୍ମଚାରୀ ଓ ଲକ୍ଷ୍ମୀ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଚନ୍ଦ୍ରମଣୀ ଜେନା
ଗ୍ରାମ-ଦକ୍ଷିଣବାଡ଼, ଧାମନଗର, ଜିଲ୍ଲା-ଭଦ୍ରକ
ଆବିର୍ଭାବ - ୨୧/୧୨/୧୯୪୬
ତିରୋଧାନ - ୨୧/୦୭/୨୦୨୫
ବାପା, ଆପଣଙ୍କ ଅବର୍ତ୍ତ ମାନରେ ଆଜକୁ ଏଗାର ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତ ରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ହତଭାଗ୍ୟ ପୁତ୍ର
ଡ଼. ଅଜିତ୍ ପ୍ରସାଦ ଜେନା, ସତ୍ୟଜିତ ଜେନା, ସୁବ୍ରତ ଜେନା, ଦେବବ୍ରତ ଜେନା ଓ ବନ୍ଧୁ ସୃଜନ, ଜେନା ପରିବାର ବର୍ଗ।

ସଂଘବଦ୍ଧ ଆକ୍ରମଣ ଘଟଣା; ୪ଗିରଫ

ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା, ୩୦।୭ (ସମିସ)

ଗୋଳନ୍ଥରା ଥାନା ଅନ୍ତର୍ଗତ ଭୈରବୀ ରାସ୍ତାରେ ଏକାଧିକ ଯୁବକ ଓ ତାଙ୍କ ପରିବାର ଲୋକଙ୍କୁ ସଂଘବଧ ଆକ୍ରମଣ ଅଭିଯୋଗରେ ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭୈରବୀ ଚଟି ରୋଡ଼ର ଅଜିତ କୁମାର କର(୩୨), ଗୋଳନ୍ଥରା ଶଙ୍କର ଗୌଡ଼(୨୬), ହେମନ୍ତ ଜେନା(୨୯) ଓ ପପୁନ ପ୍ରଧାନ (୨୩)। ପୁଲିସ ଘଟଣା ସ୍ଥଳରୁ କାର୍ ଜବତ କରିଛି।

ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଅପରାହ୍ନରେ ବ୍ରହ୍ମପୁର ସହରର ତୁଳସୀ ନଗର ଭାନୁମୂର୍ତ୍ତିଙ୍କ ପରିବାର ଓ ତାଙ୍କ ସମ୍ପର୍କୀୟ ଦୁଇଟି ଗାଡ଼ିରେ ଭୈରବୀ ଦର୍ଶନ କରି ଏକ ଶିଶୁର ମୁଣ୍ଡନ କାର୍ଯ୍ୟ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଭୈରବୀ ଛକଠାରେ ଥିବା ଅଜିତ କରଙ୍କ ଗ୍ରୋସରୀ ଦୋକାନ ସମ୍ମୁଖରେ କିଛି ସିମେଣ୍ଟ ପ୍ଲେଟ ରଖା ଯାଇଥିଲା ଓ କାର୍‌ଟି ଗୋଟିଏ ସିମେଣ୍ଟ ପ୍ଲେଟ ଉପରେ ଚଢ଼ିଯାଇଥିଲା। ଦୋକାନୀ ଅଜିତ ଏହା ଦେଖି ଉତ୍ତ୍ୟକ୍ତ ହୋଇ ନିକଟରେ ଥିବା ପଥରରେ କାର୍‌ର କାଚ ଭାଙ୍ଗି ଦେଇଥିଲେ। ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଅଜିତ ନିଜର ଏକାଧିକ ବନ୍ଧୁଙ୍କୁ ଡାକିଥିଲା। ଘଟଣା ସ୍ଥଳରେ ଅଜିତଙ୍କ ସାଙ୍ଗମାନେ ପହଞ୍ଚି ଭାନୁମୂର୍ତ୍ତି(୩୨)ଙ୍କୁ ଓ ତାଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ଆକ୍ରମଣ କରିଥିଲେ। ଆହତ ଭାନୁମୂର୍ତ୍ତି ଘଟଣାସ୍ଥଳରୁ ଦୌଡ଼ି ଚାଲିଯାଇ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ବସ୍‌ରେ ଚାଲି ଯାଉଥିବା ବେଳେ ଗୋଳନ୍ଥରାରେ ତାଙ୍କୁ ବସ୍‌ରୁ ଓହ୍ଲାଇ ଛୁରି ଦ୍ୱାରା ସଂଘବଦ୍ଧ ଆକ୍ରମଣ କରିଥିଲେ। ଆକ୍ରମଣରେ ୬ ଜଣ ଆହତ ହୋଇଥିଲେ। ଭାନୁମୂର୍ତ୍ତି ଗୁରୁତର ହେବାରୁ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଏସ୍‌ଆଇ ଗଗନ କୁମାର ବେହେରା ଉକ୍ତ ମାମଲାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାରେ ବ୍ୟବହାର ହୋଇଥିବା ଗାଡ଼ିକୁ ଜବତ କରାଯାଇଥିବା ସେ କହିଛନ୍ତି।

ବାଇକ୍ ଦୁର୍ଘଟଣାରେ ୨ ଆହତ

ଭଞ୍ଜନଗର, ୩୦।୭ (ସମିସ): ଭଞ୍ଜନଗର ଥାନା ଅନ୍ତର୍ଗତ ଡହ ରାସ୍ତାର ଚିଦାନନ୍ଦ ଆଶ୍ରମ ନିକଟରେ ବୁଧବାର ସକାଳେ ୨ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବୁଗୁଡ଼ା ଥାନା କନଷ୍ଟେବଳଙ୍କ ସମେତ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଖମାରେଡି ଗ୍ରାମର କନେଷ୍ଟବଳ ଧ୍ରୁବ ସ୍ୱାଇଁ ଏବଂ ବଡ଼କୋଦଣ୍ଡାର ପପୁ ଗୌଡ଼। ଆହତଙ୍କୁ ଭଞ୍ଜନଗର ହସ୍ପିଟାଲ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଧ୍ରୁବ ବୁଗୁଡ଼ା ଥାନାରେ କନଷ୍ଟେବଳ ଭାବେ ନିୟୋଜିତ ଅଛନ୍ତି। ତେଣୁ ସେ ବୁଧବାର ସକାଳେ ଥାନାକୁ ବାଇକରେ ଯାଉଥିବାବେଳେ ବଡକୋଦଣ୍ଡାର ପପୁ ଡହ ଆଡ଼େ ଯାଉଥିଲେ। ବାଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତଃ ମହେନ୍ଦ୍ର ନାଥ ସ୍ୱାଇଁ
ଗ୍ରାମ - ଲକ୍ଷ୍ମୀ ସାଗର, ଖୋର୍ଦ୍ଧା
ଆବିର୍ଭାବ - ୧୭.୦୨.୧୯୪୧, ତିରୋଧାନ - ୨୧.୦୭.୨୦୨୫
ଆପଣଙ୍କର ଅବର୍ତ୍ତମାନରେ ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଶିକ୍ଷକ ଜୀବନ ନୀତି, ନୈତିକତା, ଆଦର୍ଶ, ବ୍ୟକ୍ତିତ୍ୱ ଆମପାଇଁ ଶ୍ରେଷ୍ଠ ସମ୍ବଳ ହେଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଝିଅ, ନାତି, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ

ସକାଳ
THE SAKALA

ଡିଏଏସ୍ଏ ଓ ସିଏସ୍ଏ-୨୦୨୫ ପାଇଁ ଏନ୍ଆଇଟି ମନୋନୀତ

ରାଉରକେଲା,୩୦।୭ (ସମିସ)

ବିଦେଶରେ ଥିବା ଭାରତୀୟ ଛାତ୍ରଛାତ୍ରୀଙ୍କ ସିଧାସଳଖ ଆଡମିସନ୍ ତଥା ଡିଏଏସ୍ଏ ଏବଂ କେନ୍ଦ୍ରୀୟ ସିଟ୍ ଆବଣ୍ଟନ ବୋର୍ଡ ବା ସିଏସ୍ଏ- ୨୦୨୫ର ଆଡମିଶନ୍ ପରିଚାଳନା ପାଇଁ ଦେଶର ସ୍ୱନାମଧନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନ ରାଉରକେଲାର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍ଆଇଟି) ମନୋନୀତ ହୋଇଛି। ରାଉରକେଲା ଏନ୍ଆଇଟି ପକ୍ଷରୁ ବିଭିନ୍ନ ଏନ୍ଆଇଟିରେ ଆଜିଠାରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜିଠାରୁ ବିଦେଶରେ ଛାତ୍ରଛାତ୍ରୀଙ୍କ ସିଧାସଳଖ ପ୍ରବେଶ (ଡିଏଏସ୍ଏ) ଏବଂ କେନ୍ଦ୍ରୀୟ ସିଟ୍ ଆବଣ୍ଟନ ବୋର୍ଡ (ସିଏସ୍ଏବି)ର ସ୍ୱତନ୍ତ୍ର ରାଉଣ୍ଡ ପାଇଁ ଆବେଦନ ଆହ୍ୱାନ କରାଯାଇଥିଲା।ଏହାଦ୍ୱାରା ଏନଆଇଟି, ଆଇଆଇଆଇଟି, ଆଇଆଇଇଏସଟି, ଏସ୍ପିଏ, କେନ୍ଦ୍ର କିମ୍ବା ରାଜ୍ୟ ଏବଂ କିଛି ଅନ୍ୟ ପ୍ରମୁଖ ପ୍ରତିଷ୍ଠାନ ଦ୍ୱାରା ଅନୁଦାନ ପ୍ରାପ୍ତ ଅନ୍ୟାନ୍ୟ ବୈଷୟିକ ପ୍ରତିଷ୍ଠାନରେ ସ୍ନାତକ କାର୍ଯ୍ୟକ୍ରମ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି। ଏକକ ପୋର୍ଟାଲ ଏବଂ ଏକକ-ୱିଣ୍ଡୋ ସିଟ୍ ଆବଣ୍ଟନ ପ୍ରକ୍ରିୟା ମାଧ୍ୟମରେ ପ୍ରାର୍ଥୀମାନଙ୍କ ଆବେଦନ ତଥା ସିଟ୍ ପୂରଣ ବ୍ୟବସ୍ଥାକୁ ଶୃଙ୍ଖଳିତ ଲକ୍ଷ୍ୟରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି। ଡିଏଏସ୍ଏ ଓ ସିଏସ୍ଏବି ସ୍ପେଶାଲ ୨୦୨୫ର ଅଧ୍ୟକ୍ଷ ତଥା ରାଉରକେଲା ଏନ୍ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ ଉମାମହେଶ୍ୱର ରାଓ ଏନେଇ ସୂଚନା ଦେଇ କହିଛନ୍ତି, ଏନ୍ଆଇଟି ରାଉରକେଲାକୁ ଡିଏଏସ୍ଏ ଓ ସିଏସ୍ଏବି ସ୍ପେଶାଲ୨୦୨୫ର ଆଡମିଶନ ପରିଚାଳନା ଦାୟିତ୍ୱ ମିଳିବା ଗୌରବର ବିଷୟ। ନୂତନ ଭାବେ ପ୍ରଚଳିତ ଏହି ସମନ୍ୱିତ ପ୍ରବେଶ ପ୍ରକ୍ରିୟା ଭାରତର ଉଚ୍ଚ ଶିକ୍ଷା ପ୍ରତିଷ୍ଠାନଗୁଡିକରେ ବିଶ୍ୱସ୍ତରୀୟ ପ୍ରବେଶ ପ୍ରକ୍ରିୟାକୁ ସରଳ କରିବ। ଏହା ବିଦେଶରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଦୋହରା ଏବଂ ଦ୍ୱନ୍ଦ୍ୱକୁ ହ୍ରାସ କରିବା ସହ ଭାରତକୁ ଆନ୍ତର୍ଜାତୀୟ ଶିକ୍ଷାଗତ ପ୍ରତିଭା ପାଇଁ ଏକ ସ୍ୱାଗତଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବରେ ସ୍ଥାନିତ କରିବ। ବିଦେଶରେ ଛାତ୍ରଙ୍କ ସିଧାସଳଖ ପ୍ରବେଶ (ଡାସା - ୨୦୨୫) ଏକ ସ୍ୱଚ୍ଛ, ଯୋଗ୍ୟତା ଭିତ୍ତିକ ବ୍ୟବସ୍ଥା ମାଧ୍ୟମରେ ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକରେ ଜେଇଇ ମେନ୍‌ରେ ର୍ୟାଙ୍କ ହାସଲ କରିଥିବା ଯୋଗ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ସିଧାସଳଖ ପ୍ରବେଶ ସୁବିଧା ପ୍ରଦାନ କରିବ। ଅନ୍ୟପକ୍ଷରେ ଯେଉଁ ପ୍ରାର୍ଥୀମାନେ ଯୋଶା ମାଧ୍ୟମରେ ସିଟ୍ ପାଇପାରି ନାହାନ୍ତି, କିମ୍ବା ପ୍ରତ୍ୟାହାର କରିନେଇଛନ୍ତି କିମ୍ବା 'ଯୋଶା' ପରେ

ଦେଶର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ପାଇଁ ନାମଲେଖା ଆରମ୍ଭ

ଅପଗ୍ରେଡ୍ କରିବାକୁ ଚାହୁଁଛନ୍ତି, ସେମାନେ ସିଏସଏବି ସ୍ପେଶାଲ୍ ରାଉଣ୍ଡ ପାଇଁ ଆବେଦନ କରିପାରିବେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ବ୍ୟବସ୍ଥାରେ ଦେଶର ୩୧ ଗୋଟି ଏନ୍ଆଇଟି, ଆଇଆଇଇଏସଟି ଶିବପୁର, ୧୩ଟି ଆଇଆଇଆଇଟି ଏବଂ ୩ଟି ଏସପିଏ ଅନ୍ତର୍ଭୁକ୍ତ ରହିଛି। କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଜିଏଫ୍‌ଟିଆଇ ଏବଂ କିଛି ଅନ୍ୟ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ଦ୍ୱାରା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ପାଣ୍ଠି ପ୍ରଦାନ କରାଯାଇଥିବା ୩୦ଟି ବୈଷୟିକ ପ୍ରତିଷ୍ଠାନ ମଧ୍ୟ ରହିଛି। ଏନେଇ ଆଡମିଶନ୍ ଆୟୋଜନ କମିଟିର ଅଧ୍ୟକ୍ଷ ଏବଂ ଏନ୍ଆଇଟି ରାଉରକେଲାର ପ୍ରଫେସର ଅନିନ୍ଦ୍ୟ ବସୁ କହିଛନ୍ତି, ଏହି ମିଳିତ ପୋର୍ଟାଲ ପ୍ରକ୍ରିୟାଗତ ଓଭରଲାପ୍ ଦୂର କରିବା ସହ ପ୍ରାର୍ଥୀଙ୍କ ଚାପ ହ୍ରାସ କରିବ ଏବଂ ଶିକ୍ଷା ପ୍ରଶାସନକୁ ଆଧୁନିକୀକରଣ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ। ଏହି ପଦକ୍ଷେପ ମାଧ୍ୟମରେ ଭାରତରେ ବିଶ୍ୱସ୍ତରୀୟ ବୈଷୟିକ ଶିକ୍ଷା ସୁଯୋଗ ଅନୁସନ୍ଧାନ କରିବା ପାଇଁ ଆମେ ସାରା ବିଶ୍ୱର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରୁଛୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ସିଟ୍ ଆବଣ୍ଟନ ଫଳାଫଳ ଘୋଷଣାର ପ୍ରଥମ ପର୍ଯ୍ୟାୟ ୯ ଅଗଷ୍ଟ, ଦ୍ୱିତୀୟ ପର୍ଯ୍ୟାୟ ୧୪ ଅଗଷ୍ଟ ଓ ଶେଷ ପର୍ଯ୍ୟାୟ ୧୯ ତାରିଖ ସନ୍ଧ୍ୟା ୫ ଟା ରହିଛି। ଯେଉଁ ପ୍ରାର୍ଥୀମାନେ ସେମାନଙ୍କର ସିଟ୍ ନିଶ୍ଚିତ କରିବେ, ସେମାନେ ୨୦ ରୁ ୨୩ ଅଗଷ୍ଟ ମଧ୍ୟରେ ସେମାନଙ୍କର ଆବଣ୍ଟିତ ପ୍ରତିଷ୍ଠାନରେ ପ୍ରତ୍ୟକ୍ଷ ଭାବରେ ରିପୋର୍ଟ କରିବାକୁ ପଡ଼ିବ। ଏହା ସହିତ ପ୍ରାର୍ଥୀମାନଙ୍କୁ ନିୟମିତ ଭାବରେ ଅପଡେଟ୍ ଏବଂ ସବିଶେଷ ଘୋଷଣା ପାଇଁ ସରକାରୀ ପୋର୍ଟାଲ୍ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି।

ବଣାଇଁ ରେଞ୍ଜରେ ପୁଣି ଦନ୍ତାଙ୍କ ଉପଦ୍ରବ

ବଣାଇଁ,୩୦।୭ (ସମିସ): ବଣାଇଁ ରେଞ୍ଜ ଅନ୍ତର୍ଗତ ବଡପୋଷ ଗ୍ରାମରେ ଦନ୍ତା ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ପୂର୍ବରୁ ଗୋଟିଏ ଦନ୍ତା ହାତୀ ଉପଦ୍ରବ ଚଳାଇ ଆସିଥିବା ବେଳେ ଗତକାଲି ଆଉ ଏକ ଗୋଠଛଡ଼ା ଦନ୍ତା ହାତୀ ନଦୀ ପାର ହୋଇ ରାତି ୩ ଟାରେ ଆସି ବଡପୋଷ ଗ୍ରାମର ଟପୋ ସାହିରେ ଶଙ୍କର କିସାନ୍‌ଙ୍କ ଘର ଭାଙ୍ଗିବା ସହିତ ଧାନ ଚାଉଳ ଖାଇ ନଷ୍ଟ କରିଥିବା ଜଣାପଡିଛି। ଖାଦ୍ୟ ଅନ୍ୱେଷଣରେ ଦନ୍ତା ହାତୀ ଘର ପଛପଟ କାନ୍ଥ ଭାଙ୍ଗି ଚାଉଳ ଖାଇଥିଲା। ଏଥିରେ ଶଙ୍କର କିଷାନଙ୍କ ପରିବାର ଲୋକେ ଭୟଭୀତ ହୋଇ ଘର ସମ୍ମୁଖ ପଟେ ବାହାରି ଦୌଡ଼ି ପଳାଇ ନିଜ ଜୀବନ ରକ୍ଷା କରିଥିଲେ। ସେହିଭଳି କିଛିଦିନ ପୂର୍ବରୁ ଧରଣୀଧର ପାଲିରେ ରହିଥିବା ହାତୀଟି ଉକ୍ତ ଅଞ୍ଚଳର ଗ୍ରାମରେ ଆତଙ୍କ ଖେଳାଉଛି। ରାତି ହେଲେ ଏଣେତେଣେ ଗ୍ରାମକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ବନବିଭାଗ ତୀକ୍ଷ୍ଣ ନଜର ରଖି ତାକୁ ଘଉଡାଇବା ପାଇଁ ଉଦ୍ୟମ ଜାରି ରଖିଛି। ତଥାପି ହାତୀଟି ବାରମ୍ବାର ଜନବସତି ମୁହାଁ ହେଉଥିବା ନଜରକୁ ଆସୁଛି। ଚାଷ କାର୍ଯ୍ୟ ସମୟରେ ଏବେ ଦୁଇ ଦୁଇଟି ହାତୀ ବନବିଭାଗ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି।

ଭାଙ୍ଗିଲା ଘର, ଖାଇଲା ଚାଉଳ

ଆର୍ଏସ୍‌ପିର ବିଭିନ୍ନ କାର୍ଯ୍ୟାଳୟ ଉଦ୍‌ଘାଟିତ

ରାଉରକେଲା,୩୦।୭ (ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା(ଆର୍ଏସ୍‌ପି)ର ପ୍ରଶାସନିକ ଭବନର ତୃତୀୟ ମହଲାରେ ନବୀକୃତ ବିଭିନ୍ନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଆର୍ଏସ୍‌ପିର ପ୍ରଶାସନିକ ଭବନରେ ନବୀକୃତ ଭିଜିଲାନ୍ସ, ମାନବ ସମ୍ବଳ-ସାଧାରଣ ପ୍ରଶାସନ ଏବଂ ବିତ୍ତ ବିଭାଗ ରହିଥିବା ପୁନଃନିର୍ମିତ ପୂର୍ବ ଓ ପଶ୍ଚିମ ପାଶ୍ୱର୍ଗୁଡିକୁ ବୁଧବାର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ଭିଜିଲାନ୍ସ ବିଭାଗର ସିଜିଏମ୍ ଏଣ୍ଡ ଏସିଭିଓ ସୁବ୍ରତ ପ୍ରହରାଜଙ୍କ ସହିତ ବହୁ ସିଜିଏମ୍, ଭିଜିଲାନ୍ସ, ମାନବ ସମ୍ବଳ ଏବଂ ବିତ୍ତ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ଅଧିକାରୀମାନଙ୍କ ସହ ଶ୍ରୀ ମିଶ୍ର ବିଭାଗଗୁଡିକୁ ବୁଲି ଦେଖିବା ସହିତ ଉନ୍ନତ ସୁବିଧା ଏବଂ କାର୍ଯ୍ୟ ପରିବେଶର ପ୍ରଶଂସା କରିଥିଲେ। ଆଧୁନିକ ଭିତ୍ତିଭୂମିର ଶ୍ରେଷ୍ଠ ଉପଯୋଗ କରି କିପରି ନିଜର ଦକ୍ଷତା ଏବଂ ଉତ୍ପାଦକତା ବୃଦ୍ଧି ହୋଇପାରିବ ସେଦିଗରେ ସାମୂହିକମାନଙ୍କୁ ଉତ୍ସାହିତ କରିଥିଲେ। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଉନ୍ନତିକୃତ ଶାଖାର କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ଆଧୁନିକ ସୁବିଧା ସହିତ ଡିଜାଇନ୍ କରାଯାଇଛି। ଭିଜିଲାନ୍ସ କାର୍ଯ୍ୟାଳୟରେ ଏକ ଆଧୁନିକ ସମ୍ମିଳନୀ କକ୍ଷ, ଚାରୋଟି ନୂତନ କକ୍ଷ ସହ ଉନ୍ନତିକରଣ କରାଯାଇଛି।

ଏଥିସହିତ ଅଧିକାରୀମାନଙ୍କ ପୂର୍ବ କୋଠରୀଗୁଡ଼ିକର ଉନ୍ନତିକରଣ ମଧ୍ୟ କରାଯାଇଛି। ପ୍ରଶାସନିକ ଭବନର ପୂର୍ବ ଏବଂ ପଶ୍ଚିମ ପାଶ୍ୱର୍କୁ ଆଧୁନିକ କରିଡର, ଲବି, ଫଲ୍ସ ସିଲିଂ, ଉନ୍ନତ ଆଲୋକୀକରଣ, ସୁନ୍ଦର ଚଟାଣ ଏବଂ କାନ୍ଥର ପ୍ୟାନେଲିଂ, ଟାଇଲିଂ ସହ କନ୍ସିଲ ବୈଦ୍ୟୁତିକ ତାର ସହ ଏକ ନୂଆ ରୂପ ଦିଆଯାଇଛି। ଅନ୍ୟ ଆଧୁନିକରଣ ମଧ୍ୟରେ ନୂତନ କାଚ ପ୍ୟାନ ଏବଂ ଆଧୁନିକ ଡୋର କ୍ଲୋଜର ଦ୍ୱାର ମଧ୍ୟ ଅନ୍ତର୍ଭୁକ୍ତ ରହିଛି।

ବଡମାଙ୍କ ଜନ୍ମବାର୍ଷିକୀ ସମାରୋହ

ରାଉରକେଲା,୩୦।୭ (ସମିସ): ସ୍ଥାନୀୟ ନୟାବଜାର ସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ପରମାରାଧ୍ୟା ଜଗତଜନନୀ ଶ୍ରୀଶ୍ରୀ ବଡମାଙ୍କ ୧୩୨ତମ ପବିତ୍ର ଜନ୍ମବାର୍ଷିକୀ ପାଳିତ ହୋଇଥିଲା।

କାର୍ଯ୍ୟକ୍ରମ ସକାଳେ ବେଦମାଙ୍ଗଳୀ ଏବଂ ଉଷା କୀର୍ତ୍ତନ ସହିତ ଆରମ୍ଭ ହୋଇଥିଲା। ପ୍ରତ୍ୟୁଷରେ ସାମୂହିକ ପ୍ରାର୍ଥନା ଏବଂ ପବିତ୍ର ଶାସ୍ତ୍ର ପାଠ ହୋଇଥିଲା। ଏହି ଅବସରରେ ଆୟୋଜିତ ସତ୍‌ସଙ୍ଗ ସାଧାରଣ ସଭାରେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକଙ୍କ ସମେତ ବିଶିଷ୍ଟ ବକ୍ତାମାନେ ବଡମାଙ୍କ ତ୍ୟାଗମୟ ଜୀବନୀ, ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପ୍ରତି ତାଙ୍କର ଭକ୍ତି ଏବଂ ତାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ଉପରେ ଆଲୋକପାତ କରିଥିଲେ।

ସଂଧ୍ୟାରେ ଏକ ସାମୂହିକ ସନ୍ଧ୍ୟା ପ୍ରାର୍ଥନା ଏବଂ ଗ୍ରନ୍ଥ ପାଠ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି ଅବସରରେ ଭଜନ, ଭକ୍ତି ସଙ୍ଗୀତ 'ସଙ୍ଗୀତାଞ୍ଜଳି' ଆୟୋଜିତ ହୋଇଥିଲା, ଯାହା ଶ୍ରଦ୍ଧାଳୁମାନଙ୍କୁ ବିମୋହିତ କରିଥିଲା। ଏହାପରେ ଆୟୋଜିତ ମାତୃ ସମ୍ମିଳନୀରେ ମହିଳାମାନେ ଶ୍ରୀଶ୍ରୀ ବଡମାଙ୍କ ଜୀବନୀ ଓ ଶିକ୍ଷା ବିଷୟରେ ଆଲୋକପାତ କରିଥିଲେ।

ଶିକ୍ଷକ ବଦଳି ପ୍ରତିବାଦରେ ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

ଏବିଇଓଙ୍କ ପ୍ରତିଶ୍ରୁତି ପରେ ଖୋଲିଲେ ତାଲା

ବଣାଇଁ,୩୦।୭ (ସମିସ): ବଣାଇଁ ବ୍ଲକ୍ ସରସରା ବଲାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିର ପ୍ରତିବାଦ କରି ଆଜି ଗ୍ରାମବାସୀ ତାଲା ପକାଇଛନ୍ତି। ସରସରା ବଲାଙ୍ଗ ପ୍ରାଥମିକ ବିଦ୍ୟାଳୟରେ ୫୬ ଜଣ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ବିଦ୍ୟାଳୟରେ ନିଯୁକ୍ତ ଥିବା ୩ ଜଣ ଶିକ୍ଷକଙ୍କ ମଧ୍ୟରୁ ଶିକ୍ଷୟିତ୍ରୀ ଲିପ୍ସାମୟୀ ନାୟକଙ୍କୁ ଗତ ୨ ଦିନ ତଳେ ଜମ୍ବାରୀ ପୋଷ ସ୍କୁଲକୁ ବଦଳି ହୋଇଛି। ଯାହାର ପ୍ରତିବାଦ କରି ଆଜି ଗ୍ରାମବାସୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ସ୍କୁଲ ଗେଟ୍‌ରେ ତାଲା ପକାଇବା ସହ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁଙ୍କ ନିର୍ଦ୍ଦେଶ କ୍ରମେ ବଣାଇଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁରାମ ମହାନ୍ତ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ଉକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରାଯିବା ନେଇ ଲିଖିତ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ବିଦ୍ୟାଳୟ ଫାଟକରୁ ତାଲା ଖୋଲିଥିଲେ। ପରେ ବିଦ୍ୟାଳୟରେ ପାଠପଢ଼ା ହୋଇଥିଲା। ଏହାପରେ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ମିଳିତ ବୈଠକ ହୋଇଥିବା ଜଣାପଡ଼ିଛି।

୩ରେ ସର୍ବଭାରତୀୟ ଅଭିଭାବକ ସଂଘର ରାଜ୍ୟ ସମ୍ମିଳନୀ

ରାଉରକେଲା, ୩୦।୭ (ସମିସ): ସର୍ବଭାରତୀୟ ଅଭିଭାବକ ସଂଘର ଓଡିଶା ରାଜ୍ୟ କମିଟିର ସମ୍ମିଳନୀ ଆସନ୍ତା ଅଗଷ୍ଟ ୩ ତାରିଖରେ ରାଉରକେଲାର ଉଦିତନଗର ସ୍ଥିତ ଆଇଟିଡିଏ ହଲଠାରେ ଅନୁଷ୍ଠିତ ହେବ। ଉକ୍ତ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୮୦ ଜଣ ପ୍ରତିନିଧି ଭାବରେ ଯୋଗ ଦେବେ। ଏହି ରାଜ୍ୟ ସମ୍ମିଳନୀରେ ନୂତନ ଶିକ୍ଷାନୀତି ୨୦୨୦ ଉପରେ ଆଲୋଚନା କରାଯିବା ସହ ରାଜ୍ୟରେ ସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷାର ମାନ ବୃଦ୍ଧି କରାଇବା, ଶିକ୍ଷାର ଘରୋଇକରଣ ଉପରେ ଅଙ୍କୁଶ ଲଗାଇବା, ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନଙ୍କର ସୁରକ୍ଷା ପ୍ରଦାନ କରାଯିବା ଆଦି ବିଷୟବସ୍ତୁ ଉପରେ ଆଲୋଚନା କରାଯିବ। ଏହାକୁ ସଫଳ କରେଇବା ପାଇଁ ଆଜି ସଂଘର ରାଜ୍ୟ ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଏକ ବୈଠକ ସେକ୍ଟର-୧୭ ସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସୋସିଏସନର ଯୁଗ୍ମ ସମ୍ପାଦକ ନିହାର ସାମଲ, ଯଯାତି କେଶରୀ ସାହୁ, ସନ୍ତୋଷ ବିଶ୍ୱାଲ, ରାଜୀବ ବସନ୍ତରାଏ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ।

ଗଳ୍ପପୁସ୍ତକ 'ଶେଷଚିଠି' ଲୋକାର୍ପିତ

ରାଉରକେଲା,୩୦।୭ (ସମିସ): ସ୍ଥାନୀୟ ସେକ୍ଟର - ୫ କଲଚୁରାଲ ଏକାଡ଼େମୀ ପରିସରରେ ଆୟୋଜିତ ଏକ ଉତ୍ସବରେ ଡ. ରଜତକାନ୍ତି ମିଶ୍ରଙ୍କ ଗଳ୍ପ ପୁସ୍ତକ 'ଶେଷଚିଠି' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଶିଷ୍ଟ ଗାଳ୍ପିକ ଭୂପେନ ମହାପାତ୍ର ଡ. ରଜତକାନ୍ତି ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଉତ୍ସବର ଅଧ୍ୟକ୍ଷତା କରି କଲଚରାଲ ଏକାଡ଼େମୀର ସଭାପତି ପଶୁପତିନାଥ ଚାଟାର୍ଜୀ 'ଶେଷଚିଠି' ପୁସ୍ତକର ଗଳ୍ପଗୁଡ଼ିକ ମାନବବାଦ ଉପରେ ପର୍ଯ୍ୟବସିତ ବୋଲି କହିଥିଲେ। ନବପତ୍ରର ସମ୍ପାଦକ ଡ. ପ୍ରଭାତ କୁମାର ମଲ୍ଲିକ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ରୋଗୀ ସେବାକାଳର ପ୍ରତ୍ୟକ୍ଷ ଅନୁଭୂତି, ପୀଡ଼ିତ ଜନତା ତଥା ଗାଇ କୁକୁରଙ୍କ ଭଳି ଗୃହପାଳିତ ପଶୁଙ୍କର ଆଖର ଭାଷା ପଢ଼ି ଗଳ୍ପ ରଚନା କରିବାରେ ଡକ୍ଟର ମିଶ୍ର ସଫଳ ହୋଇଛନ୍ତି ବୋଲି କହିଥିଲେ। ଅନ୍ୟତମ ଆଲୋଚକ ଭାବେ କଲଚରାଲ ଏକାଡ଼େମୀର ସାଧାରଣ ସମ୍ପାଦକ ତଥା ଚିତ୍ରଶିଳ୍ପୀ କାଶୀନାଥ ପାତ୍ର ଯୋଗଦେଇଥିଲେ। ଏହି ଉତ୍ସବରେ ପୁସ୍ତକର 'ଏକ ବୁଲା କୁକୁରର ଆପରି' ଶୀର୍ଷକର ଏକ ଗଳ୍ପ ପାଠ କରିଥିଲେ କବି ଆର୍ତ୍ତତ୍ରାଣ ମହାପାତ୍ର। ଗାଳ୍ପିକ ଡ. ରଜତକାନ୍ତି ମିଶ୍ର ଏ ଅବସରରେ ତାଙ୍କର ଲେଖକୀୟ ଅଭିମତ ପ୍ରଦାନ କରିଥିବାବେଳେ ତାଙ୍କ ସହଧର୍ମିଣୀ ଡ. ଅପରାଜିତା ମିଶ୍ର ପାଠକୀୟ ଅଭିମତ ପ୍ରଦାନ କରିଥିଲେ। ବବିତା ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶେଷରେ ନବପତ୍ର ସମ୍ପାଦନା ମଣ୍ଡଳୀର ସଦସ୍ୟ ତଥା ପ୍ରାବନ୍ଧିକ ଡ. ନଗେନ ଦାସ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ସହରର ବହୁ ବୁଦ୍ଧିଜୀବୀ, ଲେଖକ, ଶିଳ୍ପୀ, ଅନେକ ସାହିତ୍ୟ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ।

ରୋଟାରୀ ଓ ଇନରହ୍ୱିଲ କ୍ଲବ୍‌ର 'ସିପିଆର୍' ପ୍ରଶିକ୍ଷଣ ଶିବିର

ରାଉରକେଲା, ୩୦।୭ (ସମିସ): ରୋଟାରୀ କ୍ଲବ୍ ରାଉରକେଲା ରିଭରସାଇଡ୍, ଇନରହ୍ୱିଲ୍ କ୍ଲବ ରିଭରସାଇଡ ଓ ହାଇଟେକ୍ ମେଡିକାଲ୍ କଲେଜର ମିଳିତ ସହଯୋଗରେ ବିର୍ସା ମୁଣ୍ଡା ହାଇସ୍କୁଲଠାରେ ଏକ 'ସିପିଆର' ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ବିଦ୍ୟାଳୟର ନବମ ଏବଂ ଦଶମ ଶ୍ରେଣୀ ପିଲାମାନେ ପ୍ରଶିକ୍ଷଣ ନେଇଥିଲେ। ହାଇଟେକ୍ ମେଡିକାଲ୍ କଲେଜର କ୍ରିଟିକାଲ୍ କେୟାର ମେଡ଼ିସିନ୍ ବିଭଗର ବିଶେଷଜ୍ଞ ଡାକ୍ତର ଭକ୍ତି ପ୍ରସାଦ ମହାପାତ୍ର ପିଲାଙ୍କୁ 'ପିସିଆର୍'ର ଉପଯୋଗିତା ବୁଝାଇବା ସହ ଏକ ରବର ତିଆରି ମଡେଲ 'ମାନିକୁଇନ' ମାଧ୍ୟମରେ ଛାତିର ମଧ୍ୟଭାଗକୁ ଦବାଇବା କୌଶଳ ଶିଖାଇଥିଲେ। ରୋଟାରୀଆନ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ହୃତପିଣ୍ଡର ପୁନଃ ସକ୍ରିୟକରଣ ପଦ୍ଧତି ବିଷୟରେ ବୁଝାଇଥିଲେ। ରୋଟାରୀ କ୍ଲବ୍ ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀ, ସନ୍ତୋଷ କୁମାର ମିଶ୍ର, ଭଗବାନ ପାତ୍ରୀ, ପ୍ରମିଳା ମିଶ୍ର ଓ ପରମେଶ୍ୱର ପ୍ରଧାନଙ୍କ ସହିତ ଇନରହ୍ୱିଲ ସଦସ୍ୟା ପ୍ରତିମା ମହାପାତ୍ର, ଅର୍ଚ୍ଚନା ଦେବତା, ଅନିତା ନାୟକ, ବିଦ୍ୟୁତଲତା ସୂତାର ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ । ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ଷାଠିଏ ଜଣ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ ବିଜୟ ପ୍ରଧାନ ଓ ଅନ୍ୟସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

ସର୍ଟସର୍କିଟରୁ ଜଳିଗଲା ବିଦ୍ୟୁତ୍ ତାର

ରାଉରକେଲା, ୩୦।୭ (ସମିସ): କଚେରୀ ରୋଡରେ ଥିବା ବିଦ୍ୟୁତ୍ ଖୁଣ୍ଟର ତାରରେ ସର୍ଟସର୍କିଟ୍ ଯୋଗୁଁ ଏକ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। କଚେରୀ ରୋଡରେ ଥିବା ଆକ୍ସିସ୍ ବ୍ୟାଙ୍କ୍ ସମ୍ମୁଖ ଗିରିଧାରୀ ଲାଲ୍ ଆଣ୍ଡ କମ୍ପାନୀ ପାଖରେ ଥିବା ଲେନ୍‌ର ମୁଖ୍ୟ ବିଦ୍ୟୁତ୍ ଖୁଣ୍ଟ ଚାରିପାଖରେ ଗୁଡ଼ାଯାଇଥିବା ବିଦ୍ୟୁତ୍ ତାରଗୁଡ଼ିକରେ ବିଳମ୍ବିତ ରାତି ପ୍ରାୟ ୩ରୁ ୪ଟାରେ ସର୍ଟସର୍କିଟ୍ ହୋଇ ନିଆଁ ଲାଗିଯାଇଥିଲା। ଯାହା ଫଳରେ ଗିରିଧାରୀଲାଲ୍ କମ୍ପାନୀ କପଡ଼ା ଦୋକାନ ପଛ ଲେନ୍‌ରେ ଥିବା ୬ ରୁ ୭ଟି ଘରର ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା। ଏ ବିଷୟରେ ସକାଳେ ପାୱାର ହାଉସ୍ ରୋଡସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ ବିଭାଗର ଉଚ୍ଚ ପଦାଧିକାରୀ ଓ କର୍ମଚାରୀଙ୍କୁ ସୂଚନା ଦିଆଯାଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ଅଧିକାରୀ ଏବଂ କର୍ମଚାରୀ କୈଳାସପୁରୀ ମୁଖ୍ୟ ରାସ୍ତା ସାମ୍ନାରେ ଥିବା ମୁଖ୍ୟ ଖୁଣ୍ଟରୁ ତାର ବାହାର କରି ନୂତନ ତାର ଲଗାଇଥିଲେ। ପରେ ଅପରାହ୍ନ ୩ଟାରେ ଘରଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ହୋଇଥିଲା। ମୁଖ୍ୟ ରାସ୍ତାର ପ୍ରତ୍ୟେକ ଖୁଣ୍ଟରେ ବିଦ୍ୟୁତ୍ ତାରର ଯୋଡା ରହିଥିବା ଦେଖାଯାଉଛି, ଯାହା ଯୋଗୁଁ ପ୍ରତିଦିନ ସର୍ଟସର୍କିଟ୍ ଯୋଗୁଁ ଅନେକ ବିଦ୍ୟୁତ୍ ଖୁଣ୍ଟରେ ତାରଗୁଡ଼ିକ ନିଆଁ ଲାଗିଯାଉଛି। ତେଣୁ ବିଦ୍ୟୁତ୍ ଖୁଣ୍ଟରୁ ଇଣ୍ଟରନେଟ୍ ତାର ଏବଂ ଅନ୍ୟାନ୍ୟ ବିଦ୍ୟୁତ୍ ତାରଗୁଡ଼ିକୁ ଦୂରେଇ ରଖିବା ଦିଗରେ ରାଉରକେଲା ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ରାଉରକେଲା ପ୍ରଶାସନ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଚନ୍ଦ୍ରମଣୀ ଜେନା
ଗ୍ରାମ-ଦକ୍ଷିଣବାଡ଼, ଧାମନଗର, ଜିଲ୍ଲା-ଭଦ୍ରକ
ଆବିର୍ଭାବ - ୨୧/୧୨/୧୯୪୬
ତିରୋଧାନ - ୨୧/୦୭/୨୦୨୫
ବାପା, ଆପଣଙ୍କ ଅବର୍ତ୍ତମାନରେ ଆଜକୁ ଏଗାର ଦିନ ବିତିଗଲା । ଆପଣଙ୍କ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଆପଣଙ୍କର ହତଭାଗ୍ୟ ପୁତ୍ର
ଡ଼. ଅଜିତ୍ ପ୍ରସାଦ ଜେନା, ସତ୍ୟଜିତ ଜେନା, ସୁବ୍ରତ ଜେନା, ଦେବବ୍ରତ ଜେନା ଓ ବନ୍ଧୁ ସୃଜନ, ଜେନା ପରିବାର ବର୍ଗ।

ପଞ୍ଚାୟତ ଦୋକାନ ଗୃହ ଆବଣ୍ଟନରେ ଅନିୟମିତତା

ବଣାଇଁ ହିନ୍ଦୁ ବାହିନୀ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ବଣାଇଁ,୩୦।୭ (ସମିସ)

ବଣାଇଁଗଡ ପଞ୍ଚାୟତରେ ଦୋକାନଗୃହ ଆବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ବଣାଇଁ ହିନ୍ଦୁ ବାହିନୀ ସଂଗଠନ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି। ବଣାଇଁଗଡ ସହରର ଉଭୟ ପାର୍ଶ୍ୱରେ ଥିବା ଅସ୍ଥାୟୀ କେବିନ୍ ଓ ଉଠା ଦୋକାନୀଙ୍କୁ ଉଚ୍ଛେଦ କରି ବଣାଇଁର ରାସ୍ତା ପାର୍ଶ୍ୱ ସହ ବିଭିନ୍ନ ସ୍ଥାନରେ ୨୬୦ ଟି ସ୍ଥାୟୀ ଦୋକାନ ଗୃହ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉଚ୍ଛେଦ ହୋଇଥିବା ପୁରୁଣା ଦୋକାନୀ, ବ୍ୟବସାୟୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ପ୍ରାଥମିକତା ଦିଆଯାଇ ଦୋକାନ ଗୃହ ଗୁଡିକ ବଣ୍ଟନ କରାଯାଇଥିଲା। କିନ୍ତୁ ଗତ କିଛିବର୍ଷ ହେବ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ନାମରେ ଦିଆଯାଇଥିବା ଦୋକାନ ଗୃହ ଗୁଡିକ କେତେଜଣ ବ୍ୟକ୍ତି ଚଞ୍ଚକତା କରି ନିଜ ଅକ୍ତିଆରକୁ ନେଇ ଯାଇଥିବା ଅଭିଯୋଗ ହୋଇଛି। ନିୟମ ଅନୁସାରେ କୌଣସି ଦୋକାନୀ କିମ୍ବା ବ୍ୟବସାୟୀ ଆଉ ଦୋକାନ କରିବାକୁ ଇଚ୍ଛା ନ କରନ୍ତି ତାହେଲେ ସେ ତାଙ୍କର ଦୋକାନକୁ ପଞ୍ଚାୟତକୁ ହସ୍ତାନ୍ତର କରିବା କଥା। କିନ୍ତୁ ଏବେ ଅନେକ ଗୁଡ଼ିଏ ଦୋକାନୀ

ଦୋକାନ ଗୃହ ଗୁଡିକୁ ନିଜ ଇଚ୍ଛାରେ ଲକ୍ଷ ଲକ୍ଷ ଟଙ୍କା ନେଇ ଅନ୍ୟ ଲୋକଙ୍କୁ ହସ୍ତାନ୍ତର କରି ଦେଉଥିବା ଅଭିଯୋଗ ହୋଇଛି। ରାସ୍ତା କଡ଼ ଦୋକାନ ଗୁଡିକ ଚାହିଦା ଥିବାରୁ ବଣାଇଁର ଏକ ଗୋଷ୍ଠୀ ସ୍ଥାନୀୟ ବାସିନ୍ଦା ନହୋଇ ମଧ୍ୟ ଅଧିକାରୀଙ୍କୁ ଧରାଧରି କରି ଲକ୍ଷ ଲକ୍ଷ ଟଙ୍କାର ଡିଲ କରି ଜଣେ ଜଣେ ବ୍ୟକ୍ତି ୪ ରୁ ୫ ଟି ଦୋକାନ ହାତେଇ ଥିବା ଅଭିଯୋଗ ହୋଇଛି। ଯାହା ଫଳରେ ସ୍ଥାନୀୟ ବାସିନ୍ଦାମାନେ କିଛି ବ୍ୟବସାୟ କରିବାକୁ ଚାହିଁଲେ ମଧ୍ୟ ଦୋକାନ ଗୃହ ଖଣ୍ଡେ ନ ପାଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏସବୁ ବେଆଇନ କାର୍ଯ୍ୟ ଉପରେ ରୋକ ଲଗାଇବା ସହ ମନ ଇଛା ଦୋକାନ ଗୃହ ବିକ୍ରି ଉପରେ ରୋକ ଲଗାଇବା ପାଇଁ ବଣାଇ ହିନ୍ଦୁ ବାହିନୀ ସଂଗଠନ ପକ୍ଷରୁ ସଭାପତି ରାଜେଶ ଦାସଙ୍କ ନେତୃତ୍ୱରେ କାର୍ତ୍ତିକ କିସାନ, ଜଗା ସାହୁ, ବିଜେପି ମଣ୍ଡଳ ସାଧାରଣ ସମ୍ପାଦକ ବୈକୁଣ୍ଠ ଗରଡିଆ, ଲିଟୁ ମହାରଣା, ଶାଶ୍ୱତ ପ୍ରଧାନ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ସାକ୍ଷାତକରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ବଣାଇଁ ବିଡ଼ିଓ ଦିବ୍ୟଶଙ୍କର ଜୟପୁରିଆଙ୍କୁ ପଚାରିବାରୁ, ଘଟଣାର ତଦନ୍ତ କରିବା ସହ ଆଗକୁ ଏହାର ସମାଧାନ କରାଯିବ ବୋଲି କହିଛନ୍ତି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତଃ ମହେନ୍ଦ୍ର ନାଥ ସ୍ୱାଇଁ
ଗ୍ରାମ - ଲକ୍ଷ୍ମୀ ସାଗର, ଖୋର୍ଦ୍ଧା
ଆବିର୍ଭାବ - ୧୭.୦୨.୧୯୪୧, ତିରୋଧାନ - ୨୧.୦୭.୨୦୨୫
ଆପଣଙ୍କର ଅବର୍ତ୍ତମାନରେ ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଶିକ୍ଷକ ଜୀବନ ନୀତି, ନୈତିକତା, ଆଦର୍ଶ, ବ୍ୟକ୍ତିତ୍ୱ ଆମପାଇଁ ଶ୍ରେଷ୍ଠ ସମ୍ବଳ ହେଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଝିଅ, ନାତି, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ

କଟକ ସିଟି

ଦୋଷ ଖସାଇବାକୁ ଏସ୍‌ସିବିର ଉଦ୍ୟମ

ମୃତ୍ୟୁ ପରେ ଏଆଇଜିକୁ ଚିଠି

କଟକ,୩୦।୭ (ସମିସ):

ଅପେକ୍ଷା ତାଲିକାର ପ୍ରଥମ ସ୍ଥାନରେ ବିଘ୍ନରାଜଙ୍କ ନାମ ଥିଲା

ସରିଥିଲା ଆଲୋଚନା, ଜାନୁୟାରୀରେ ହୋଇଥାନ୍ତା ଯକୃତ ପ୍ରତିରୋପଣ

ଫେବୃୟାରୀ ୨୫ ମୃତ୍ୟୁ ଦିନ ପ୍ରତିରୋପଣ ପାଇଁ କର୍ତ୍ତୃପକ୍ଷ ଚିଠି ଲେଖିଲେ


OFFICE OF THE MEDICAL SUPERINTENDENT
SCB MEDICAL COLLEGE & HOSPITAL, CUTTACK, GOVT OF ODISHA
Letter No. ___ // SCBMCH / Dt. 25.02.2025
To
The Vice President,
AIG Hospitals, Hyderabad.
Sub: Regarding conduction of 3rd Liver Transplant at SCB MCH, Cuttack.
Sir,
We are grateful for your help and cooperation in conducting two liver transplant surgeries successfully at SCB Medical College & Hospital, Cuttack.
We are now prepared to do the third liver transplant surgery in our institution. Kindly give a suitable date for the same.
Yours faithfully
Medical Superintendent
SCB Medical College Hospital, Cuttack
Memo No. ___ // Dt. 25.02.2025
Copy submitted to Prof. (Dr.) Umakanta Satapathy, Addl. DMET-cum-State Nodal Officer, at Transplant, Odisha, Bhubaneswar for favour of kind information and necessary action.
Medical Superintendent
SCB Medical College Hospital, Cuttack

ଗତ ଜାନୁୟାରୀ ୧୮ ତାରିଖ ଦିନ ଭିଡିଓ କନଫରେନ୍ସିଂରେ ହାଇଦ୍ରାବାଦର ଏସିଆନ ଇନିଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ତଥା ଏଆଇଜି ଅଧିକାରୀଙ୍କ ସହ ଆଲୋଚନା ହେଲା। ଏଆଇଜି ଯକୃତ ପ୍ରତିରୋପଣ ୟୁନିଟ ମୁଖ୍ୟ ଡାକ୍ତର ବାଲଚନ୍ଦ୍ରନ ମେନନଙ୍କ ସହ ଡାକ୍ତରୀ ଦଳ ଉପସ୍ଥିତ ଥିଲେ। ଜଟିଳ ଯକୃତ ରୋଗରେ ପୀଡ଼ିତ ବଲାଙ୍ଗିରର ବିଘ୍ନରାଜ ପଟ୍ଟନାୟକଙ୍କ ସହ ଆଲୋଚନା ପରେ ଜାନୁୟାରୀ ୨୨ରୁ ୨୫ ତାରିଖ ଭିତରେ ପ୍ରତିରୋପଣ କରାଯିବ ବୋଲି ସ୍ଥିର ହୋଇଥିଲା। ଏହା ହୋଇଥାନ୍ତା ଏସ୍‌ସିବିରେ ୩ୟ ଯକୃତ ପ୍ରତିରୋପଣ। ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ଏଆଇଜି ପକ୍ଷରୁ କୁହାଯାଇଥିଲା। ହେଲେ ତାରିଖ ଗଡିବାରେ ଲାଗିଲା। ବିଘ୍ନରାଜଙ୍କ ପ୍ରତିରୋପଣ ହୋଇପାରିଲା ନାହିଁ। ଫେବୃୟାରୀ ୨୫ରେ ଏସ୍‌ସିବି ଆଇସିୟୁରେ ବିଘ୍ନରାଜ ସବୁଦିନ ପାଇଁ ଆଖି ବୁଜିଥିଲେ। ବିସ୍ମୟର ବିଷୟ ଏହା ଯେ ସେହି ତାରିଖରେ ପ୍ରତିରୋପଣ ପାଇଁ ଆମେ ପ୍ରସ୍ତୁତ ଅଛୁ ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ଚିଠି କରି ଏଆଇଜିକୁ ଜଣାଇଥିଲେ। ନିଜ ଦୋଷ ଘୋଡାଇବାକୁ ଯାଇ ଏସ୍‌ସିବି କର୍ତ୍ତୃପକ୍ଷ ଏଭଳି ହୀନ ଉଦ୍ୟମ କରିଥିଲେ ବୋଲି ମେଡିକାଲର ଜଣେ ପୂର୍ବତନ ପ୍ରଶାସନିକ ଅଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି।

ଘଟଣାରୁ ପ୍ରକାଶ ଯେ ୪୫ବର୍ଷୀୟ ବିଘ୍ନରାଜଙ୍କ ଘର ବଲାଙ୍ଗିରର ବରପାଲିପଡା ଅଞ୍ଚଳରେ। ଟେଣ୍ଟ ହାଉସ୍ ବ୍ୟବସାୟ କରି ସେ ପରିବାର ଚଳାନ୍ତି। ପରିବାର କହିଲେ ପତ୍ନୀ ସୁନୀତାରାଣୀ ଓ ଝିଅ ସ୍ମିତାରାଣୀ। ୩ ବର୍ଷ ହେବ ତାଙ୍କ ଦେହ ଅସୁସ୍ଥ ଥିଲା। ଯକୃତ ରୋଗରେ ପୀଡ଼ିତ ବିଘ୍ନରାଜଙ୍କୁ ସୁସ୍ଥ କରିବା ପାଇଁ ପରିବାର ଲୋକେ ପ୍ରାୟ ୮/୯ ହେବ କଟକରେ ଆସି ରହୁଥିଲେ। ରାଣୀହାଟ ଅଞ୍ଚଳରେ ଘର ଭଡା ନେଇ ରହିବା ସହ ବିଘ୍ନରାଜଙ୍କୁ ସୁସ୍ଥ କରିବାକୁ ଉଦ୍ୟମ ଚଳାଇଥିଲେ। ୨୦୨୪ ଏପ୍ରିଲରେ ବଡ ମେଡିକାଲରେ ପ୍ରଥମ ଓ ସେପ୍ଟେମ୍ବରରେ ଦ୍ୱିତୀୟ ପ୍ରତିରୋପଣ ହୋଇଥିଲା। ସେହିବର୍ଷ ଜୁନ ମାସରେ ବିଘ୍ନରାଜ ବଡ ମେଡିକାଲ ଆସିଥିଲେ। ପ୍ରତିରୋପଣ ତାଲିକା ଅନୁସାରେ ତାଙ୍କ ନାମ ୩ୟରେ ଥିଲା। କ୍ରମଶଃ ଏହା ପ୍ରଥମ ସ୍ଥାନକୁ ଆସିଥିଲା। ୧୮ ବର୍ଷର ଝିଅ ସ୍ମିତାରାଣୀ ଯକୃତ ଦାନ କରିବେ ବୋଲି ସମ୍ମତି ଜଣାଇଥିଲେ। ବିଘ୍ନରାଜ ଓ ସ୍ମିତାରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ହେଲେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ବିଘ୍ନରାଜଙ୍କ ଯକୃତ ପ୍ରତିରୋପଣ ହୋଇ ପାରିଲା ନାହିଁ। ମାସାଧିକାଳ ଆଇସିୟୁରେ ଚିକିତ୍ସିତ ହୋଇ ସେ ପ୍ରାଣ ହରାଇଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନା ମୁତାବକ, ୩ୟ ପ୍ରତିରୋପଣ ପୂର୍ବରୁ କିଛି ମେସିନ ଆଣିବା ନିମନ୍ତେ ଏଆଇଜି ପରାମର୍ଶ ଦେଇଥିଲା। ଏପରିକି ଯଦି ମେସିନ ବ୍ୟବସ୍ଥା ହୋଇ ନପାରୁଛି ତେବେ ପୂର୍ବରୁ ଜଣାଇବାକୁ ମଧ୍ୟ ଏଆଇଜି ପକ୍ଷରୁ କୁହାଯାଇଥିଲା। ହେଲେ ଏହାକୁ ଗୁରୁତ୍ୱ ସହ ଗ୍ରହଣ କରିନଥିଲେ ଏସ୍‌ସିବି କର୍ତ୍ତୃପକ୍ଷ। ପ୍ରତିରୋପଣ ଅପେକ୍ଷା ତାଲିକା ଲମ୍ବି ଚାଲିଥିଲେ ସୁଦ୍ଧା ଏସ୍‌ସିବି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ବିଘ୍ନରାଜଙ୍କ ମୃତ୍ୟୁ ପରେ ନିଜ ଦୋଷ ଘୋଡାଇବାକୁ ଯାଇ ତରିବରିଆ ଭାବେ ଏଆଇଜିକୁ ଏକ ଚିଠି ଲେଖାଯାଇଥିଲା।

ବିଧାନସଭାରେ ପ୍ରଶ୍ନ ଉଠିବ: ବିଧାୟକ ସୌଭିକ

ନବୀନ ସରକାର ଥିବା ସମୟରେ ଯକୃତ ପ୍ରତିରୋପଣ ସ୍ୱପ୍ନ ପୂରଣ ହୋଇଥିଲା। ବଡ ମେଡିକାଲରେ ଯକୃତ ପ୍ରତିରୋପଣ ୟୁନିଟ ଖୋଲିଥିଲା। ପୂର୍ବ ଭାରତରେ କୌଣସି ସରକାରୀ ହସ୍ପିଟାଲରେ ଯେଉଁ ବ୍ୟବସ୍ଥା ନାହିଁ, ତାହା ଏଠାରେ ଉପଲବ୍ଧ ହୋଇଥିଲା। ମାତ୍ର ଦୁର୍ଭାଗ୍ୟର ବିଷୟ, ସରକାର ବଦଳିବା ପରେ ବ୍ୟବସ୍ଥା ଦୁର୍ବଳ ହୋଇଗଲା। ଦୁଇଟି ପ୍ରତିରୋପଣ ପରେ ୟୁନିଟରେ ତାଲା ଝୁଲିଛି। ଅନେକ ରୋଗୀ ଏବେ ହନ୍ତସନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ପୂର୍ବରୁ ଦୁଇଥର ବିଧାନସଭାରେ ଏନେଇ ପ୍ରଶ୍ନ ଉଠାଇଛି। ଆସନ୍ତା ଅଧିବେଶନରେ ନିଶ୍ଚିତ ଭାବେ ଏହି ପ୍ରସଙ୍ଗ ଉଠିବ। ସରକାରଙ୍କ ନିଦ ଭାଙ୍ଗିବାକୁ ଚେଷ୍ଟା କରାଯିବ ବୋଲି ବିଧାୟକ ସୌଭିକ ବିଶ୍ୱାଳ କହିଛନ୍ତି।

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସହିତ ଡିଏଡିବି ଇଣ୍ଡିଆର ଚୁକ୍ତି ସ୍ୱାକ୍ଷର

କଟକ,୩୦।୭ (ସମିସ): ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିକ୍ଷାକୁ ଉନ୍ନତ କରିବା ଏବଂ ଶିକ୍ଷା ସହ ଶିଳ୍ପର ସମନ୍ୱୟକୁ ଦୃଢ଼ୀଭୂତ କରିବା ଉଦ୍ଦେଶ୍ୟରେ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏବଂ ଡିଏଡିବି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଜର୍ମାନ ଡିଜିଟାଲ୍ ଶିକ୍ଷା ଏକାଡେମୀ) ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏଥିସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ "ଏକ୍ସପ୍ଲୋରିଂ ଇଞ୍ଜିନିୟରିଂ ଏକ୍ସଲେନ୍ସ' ନାମରେ ଏକ କର୍ମଶାଳା ମଧ୍ୟ ଆୟୋଜିତ ହୋଇଯାଇଛି। ଏଥିରେ ବିଟେକ୍, ବିଏସ୍‌ସି, ବିସିଏ ଓ ଏମସିଏ ବିଭାଗର ୧୨୦ରୁ ଅଧିକ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ନିଜ ଉଦ୍‌ଘାଟନୀ ଭାଷଣରେ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତି ବିଭାଗର ଡିନ୍ ପ୍ରଫେସର ଡ. ରବିନାରାୟଣ ଶତପଥୀ ୫-ଜି, ଇଓଟି, ହାଇଡ୍ରୋଜେନ୍ ପ୍ରଯୁକ୍ତି ଓ ସୌରଶକ୍ତି ପରି କ୍ଷେତ୍ରରେ ବିଶ୍ୱବ୍ୟାପୀ ଶିଳ୍ପ ଆବଶ୍ୟକତା ସହ ବିଷୟଭିତ୍ତିକ ଜ୍ଞାନକୁ ଯୋଡ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡିଏଡିବିର ପରିଚାଳନା ନିର୍ଦ୍ଦେଶକ ଅମିତ ଦାସ କହିଲେ, ଉଭୟ ପକ୍ଷର ସହଭାଗିତା ଯୋଗୁଁ ବିଦ୍ୟାର୍ଥୀମାନେ ପାରଦର୍ଶୀ ହେବା ସହ ସେମାନଙ୍କ ପାଇଁ ଅନ୍ତର୍ଜାତୀୟ ସ୍ତରରେ, ବିଶେଷକରି ଜର୍ମାନୀରେ ଉଚ୍ଚଶିକ୍ଷା ଓ ନିଯୁକ୍ତିର ଅବସର ସୃଷ୍ଟି ହେବ। ଉଭୟ ପକ୍ଷ ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷର ଯୋଗୁଁ ଭବିଷ୍ୟତ ଶିକ୍ଷା କାର୍ଯ୍ୟକ୍ରମ ଓ ଜ୍ଞାନର ଆଦାନ ପ୍ରଦାନ ପାଇଁ ଏକ ମଜବୁତ ଆଧାର ପ୍ରସ୍ତୁତ ହେବ; ଯାହାଫଳରେ ଓଡ଼ିଶାରୁ ବିଶ୍ୱସ୍ତରୀୟ ଇଞ୍ଜିନିୟର ବାହାରିବେ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ୪ ବର୍ଷ ଜେଲ୍

କଟକ,୩୦।୭ (ସମିସ): କଟକ ଜିଲ୍ଲା ଗୋପୀନାଥପୁର କୃପାସିନ୍ଧୁ ହାଇସ୍କୁଲର ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହିମାଂଶୁ ବେହେରାଙ୍କୁ ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧)(ଡି)/୭ ଅନୁସାରେ ୪ବର୍ଷ ଜେଲ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରିବା ସହ ଜେଲ ପଠାଇଦେଇଛନ୍ତି। ପ୍ରକାଶଥାଉକି, ଶ୍ରୀ ବେହେରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ଜଣେ ଅଭିଯୋଗକାରୀ କର୍ମଚାରୀଙ୍କଠାରୁ ଉପସ୍ଥାନ ଖାତାରେ ଦସ୍ତଖତ କରିବା ଓ ବେତନ ବିଲକୁ ଟ୍ରେଜେରିକୁ ପଠାଇବା ପାଇଁ ୪ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଅଭିଯୁକ୍ତ ଶ୍ରୀ ବେହେରାଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଚାର୍ଜସିଟ ଦାଖଲ କରିଥିଲା। ପରେ ସେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅଭିଯୁକ୍ତଙ୍କ ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି। ଭିଜିଲାନ୍ସର ପୂର୍ବତନ ଇନ୍ସପେକ୍ଟର ଅନୁପମା ସାହୁ ମାମଲାର ତଦନ୍ତକାରୀ ଅଧିକାରୀ ଥିବା ବେଳେ ଭିଜିଲାନ୍ସ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର କ୍ଷୀରୋଦ କୁମାର ପଣ୍ଡା ଓ ସର୍ବେଶ୍ୱର ବାରିକ ମାମଲା ପରିଚାଳନା କରୁଥିଲେ।

ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ

ମହିଳାଙ୍କ ସୁନାହାର ଲୁଟ୍

କଟକ,୩୦।୭ (ସମିସ): ପ୍ରାତଃଭ୍ରମଣ ବେଳେ ବୁଧବାର ଜଣେ ମହିଳାଙ୍କ ବେକରୁ ସୁନାହାର ଲୁଟ ହୋଇଛି। ତିନିଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଲୁଟ ଘଟାଇ ଚମ୍ପଟ ମାରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହିତ ସିସିଟିଭି ଫୁଟେଜକୁ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି। ପୁଲିସର ସୂଚନା ମୁତାବକ, ସିଡିଏ ସେକ୍ଟର-୯ରେ ପ୍ରଦୀପକୁମାର ସାହୁ ପରିବାର ସହିତ ରହୁଛନ୍ତି। ବିଡ଼ାନାସୀ ଅଞ୍ଚଳରେ ତାଙ୍କର ଏକ ସୁନାଦୋକାନ ରହିଛି। ଆଜି ସକାଳ ସାଢ଼େ ୫ଟା ସମୟରେ ପତ୍ନୀ ରୂପଶ୍ରୀ ପ୍ରାତଃଭ୍ରମଣରେ ବାହାରିଥିଲେ। ଘରଠାରୁ ମାତ୍ର ୧୦୦ମିଟର ଦୂର ଯାଇଛନ୍ତି କି ନାହିଁ ପଛରୁ ତିନିଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ପାଖଦେଇ ଯିବାରେ ଲାଗିଥିଲେ। ସମସ୍ତେ ମୁହଁରେ ମାସ୍କ ପିନ୍ଧିଥିଲେ। ହଠାତ୍ ବାଇକ୍ ମଝିରେ ବସିଥିବା ଯୁବକଜଣକ ରୂପଶ୍ରୀ ପିନ୍ଧିଥିବା ସୁନାହାରକୁ ଝାମ୍ପି ନେଇଥିଲା। ଏହାପରେ ରୂପଶ୍ରୀ ପାଟିକରି ଉଠିଥିଲେ ହେଁ ଦୁର୍ବୃତ୍ତମାନେ ଆସିଥିବା ବାଇକ୍‌ରେ ଆଖିଠି ପିଛୁଳାକେ ସେଠାରୁ ଚମ୍ପଟ ମାରିଥିଲେ। ଘଟଣା ସଂକ୍ରାନ୍ତରେ ରୂପଶ୍ରୀ ପରିବାର ଲୋକଙ୍କୁ ଜଣାଇବା ସହିତ ମର୍କତନଗର ଥାନାରେ ଏତଲା ଦେଇଥିଲେ।

ସ୍ପନ୍ଦନା ଫାଇନାନ୍ସର ପୂର୍ବତନ ଶାଖା ପରିଚାଳକ ଗିରଫ

ନରସିଂହପୁର,୩୦।୭ (ସମିସ): ନରସିଂହପୁର ଅଞ୍ଚଳରେ ବର୍ତ୍ତମାନ ଏକାଧିକ ଫାଇନାନ୍ସ କମ୍ପାନୀ ଆସି ସାଧାରଣ ଲୋକଙ୍କ ଠାରୁ ଅର୍ଥ ଲୁଟିବାରେ ଲାଗିଛନ୍ତି। ଏହି ଫାଇନାନ୍ସ କମ୍ପାନୀ ମାନଙ୍କ ଉପରେ ନାଁ କୌଣସି ପ୍ରତିବନ୍ଧକ ରହିଛି। ଏଥିରେ କାର୍ଯ୍ୟରତ କର୍ମଚାରୀ ଇଚ୍ଛା ମୁତାବକ ଅର୍ଥ ଲୁଟିବାରେ ଲାଗିଛନ୍ତି। ଏଭଳି ଏକ ଘଟଣାକୁ ନେଇ ସ୍ପନ୍ଦନା ଫାଇନାନ୍ସ ଲିମିଟେଡ଼ ନରସିଂହପୁର ଶାଖାର ବର୍ତ୍ତମାନ ଶାଖା ପରିଚାଳକ ପୂର୍ବତନ ଶାଖା ପରିଚାଳକଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ନରସିଂହପୁର ଠାରେ କାର୍ଯ୍ୟରତ ସ୍ପନ୍ଦନା ଫାଇନାନ୍ସ ଲିମିଟେଡ଼ ଶାଖା ପରିଚାଳକ ସିଦ୍ଧାନ୍ତ ସ୍ୱାଇଁ ଅଭିଯୋଗ କରିଛନ୍ତି ଯେ ଏହି ଶାଖାର କାର୍ଯ୍ୟରତ ପୂର୍ବତନ ଶାଖା ପରିଚାଳକ ତିଗିରିଆ ଥାନା ଅନ୍ତର୍ଗତ ଗଦାଧରପୁର ଗ୍ରାମର ରଞ୍ଜନ କୁମାର ବସ୍ତି ଓ ତତ୍କାଳ ସମୟର ସମସ୍ତ କର୍ମଚାରୀଙ୍କ ସହିତ ମିଶି କମ୍ପାନୀର ୧୪ ଲକ୍ଷ ୨୩ ହଜାର ୬୯୧ଟଙ୍କାର ଅନିୟମିତତା କରି ହଡ଼ପ କରିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ଆଜି ନରସିଂହପୁର ପୁଲିସ ରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।



ଏସ୍‌ସିବି ଦନ୍ତ ଚିକିତ୍ସାଳୟ ଡାକ୍ତରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ

'ଦାନ୍ତ ଲଗାଇଲେ, ଟଙ୍କା ପଡ଼ିବ'

କଟକ,୩୦।୭ (ସମିସ): ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ରୋଗୀଙ୍କ ଦାନ୍ତ ଲଗାଇବା ପାଇଁ ଡାକ୍ତର ଟଙ୍କା ମାଗୁଛନ୍ତି। ଆଗ ଟଙ୍କା ଦିଅ, ତାପରେ ଚିକିତ୍ସା ବ୍ୟବସ୍ଥା ହେବ ବୋଲି ଡାକ୍ତର କହୁଛନ୍ତି। କେନ୍ଦୁଝର ଅଞ୍ଚଳର ପ୍ରଫୁଲ୍ଲ କୁମାର ସେଠୀ ନାମକ ଜଣେ ବ୍ୟକ୍ତି ଆଜି ଏଭଳି ଅଭିଯୋଗ ଉଠାଇବା ସହ ଭିଡିଓ ଜାରି କରି ଘଟଣା ବାବଦରେ ଜଣାଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ଚପାଇ ଦେବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ଉଦ୍ୟମ କରୁଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶଯେ ପ୍ରଫୁଲ୍ଲ ନିଜ ୧୪ବର୍ଷର ପୁଅ ଶିବାନନ୍ଦଙ୍କୁ ଧରି ଆଜି ଏସ୍‌ସିବି ଦନ୍ତ ଚିକିତ୍ସାଳୟ ଆସିଥିଲେ। ଶିବାନନ୍ଦଙ୍କ ଦାନ୍ତ ଭାଙ୍ଗି ଯାଇଛି। ନୂଆ ଦାନ୍ତ ଲଗାଯିବ। ହେଲେ ବର୍ତ୍ତମାନ ଅସ୍ଥାୟୀ ଦାନ୍ତ ଲଗାଯିବ। ବୟସ ୧୮ ବର୍ଷ ଅତିକ୍ରମ କଲେ ସ୍ଥାୟୀ ଦାନ୍ତ ଲାଗିବ ବୋଲି ଜଣେ ଡାକ୍ତର କହିଥିଲେ। ପରେ ଶିବାନନ୍ଦଙ୍କ ଦାନ୍ତର ମାପ ନିଆଯାଇଥିଲା। କିଛି ସମୟ ପୁଅକୁ ଧରି ପ୍ରଫୁଲ୍ଲ ଅପେକ୍ଷା କରି ରହିଥିଲେ। ପରେ ଚିକିତ୍ସା କରୁଥିବା ଡାକ୍ତରଜଣକ ପ୍ରଫୁଲ୍ଲଙ୍କୁ ନିଜ ଚାମ୍ବରକୁ ଡାକିଥିଲେ। ଦାନ୍ତ ଲଗାଇବା ପାଇଁ ତାରିଖ ମିଳିବ। ହେଲେ ତୁମକୁ ଅଗ୍ରୀମ ଟଙ୍କା ଦେବାକୁ ହେବ ବୋଲି ଡାକ୍ତର ଜଣକ କହିଥିଲେ। ଏପରିକି ତିନି ପ୍ରକାର ଦାନ୍ତ ପାଇଁ ତିନିପ୍ରକାର ଟଙ୍କା ଦେବାକୁ ହେବ। ୧ହଜାର, ୨୬୦୦ ଏବଂ ୨୯୦୦ଟଙ୍କାର ଦାନ୍ତ ଅଛି। କୋଉ ମୂଲ୍ୟର ଦାନ୍ତ ଦରକାର ବୋଲି କହିବା ସହ ଯୋଗାଯୋଗ କରିବା ନିମନ୍ତେ ନିଜର ଭିଜିଟିଂ କାର୍ଡ ଧରାଇ ଦେଇଥିଲେ। ଏହି ଘଟଣା ବାବଦରେ ଖବର ପାଇବା ପରେ ସାମାଜିକ ଅନୁଷ୍ଠାନ ସୁଭାଷ ସଙ୍ଗଠନ ପକ୍ଷରୁ ପ୍ରଫୁଲ୍ଲଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏସ୍‌ସିବିରେ ସମସ୍ତ ଚିକିତ୍ସା ନିଃଶୁଳ୍କ ମୂଲ୍ୟରେ ମିଳୁଥିବା ବେଳେ ରୋଗୀଙ୍କୁ ଏଭଳି ଢ଼ଙ୍ଗରେ ଶୋଷଣ କରାଯାଉଛି ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି।

'ଗୁଜବପୁରରେ ଘର' ନାଟକ ମଞ୍ଚସ୍ଥ

କଟକ,୩୦।୭ (ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍ କଟକର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରା, କାର୍ଯ୍ୟକ୍ରମରେ ମଞ୍ଚସ୍ଥ ହେଲା ନାଟକ "ଗୁଜବପୁରରେ ଘର'। ପରିବେଷଣ ସଂସ୍ଥା ଥିଏଟର ଅଭିଯାନ ନାଟକଟି ଅଭିଯାନର ସଭାପତି ଆଲୋକ ସ୍ୱାଇଁଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଏହି ନାଟକଟିକୁ ରଚନା କରିଛନ୍ତି ସନ୍ତୋଷ କୁମାର ମହାପାତ୍ର। ନିର୍ଦ୍ଦେଶନା ଦେଇଥିଲେ ଅନ୍ନପୂର୍ଣ୍ଣାର ନିର୍ଦ୍ଦେଶକ ଅକ୍ଷୟ କୁମାର ରଣା, ସହନିର୍ଦ୍ଦେଶକ ଥିଲେ ଚୌଧୁରୀ ଶାଶ୍ୱତ ମହାପାତ୍ର, ଅଭିନୟରେ ସନ୍ଦୀପ ପାଣି, ପ୍ରେମାନନ୍ଦ ସ୍ୱାଇଁ, ଚନ୍ଦନ ସାହୁ, ଯଯାତି କେଶରୀ ନାୟକ, ପ୍ରଶାନ୍ତ ଚାନ୍ଦ, ଦିଲ୍ଲୀପ କୁମାର ଜେନା, ଶ୍ରୀଧର ରାଉତ, ରଞ୍ଜନ ସାହୁ, କିଶନ ଜେନା, ରଞ୍ଜନ ସାହୁ ଆୟୁଷ୍ମାନ ସାହୁ, ସତ୍ୟନାରାୟଣ ଦାସ, ସ୍ୱପ୍ନାରାଣୀ ପାତ୍ର, ପ୍ରିୟଙ୍କା ପାଢ଼ୀ, ତପସ୍ୱିନୀ ସେଠୀ, ଉତ୍କଳିକା ସେଠୀ, ସୁଭସ୍ମିତା ସ୍ୱାଇଁ ଓ ଆରାଧ୍ୟା ପ୍ରିୟଦର୍ଶିନୀ। ଆଲୋକ ଏବଂ ଶବ୍ଦ ଦୀପକ ଦାଶ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଥିଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପ୍ରଶାନ୍ତ କୁମାର ହୋତା ଏବଂ ସମ୍ମାନିତ ଅତିଥି ଭାବେ ଉତ୍କଳ ଫେଡରେସନ ଅଫ ୟୁନାଇଟେଡ ନେସନ ଆସୋସିଏସନ୍‌ର ମହାସଚିବ ଡ. ଦିପାୟନ୍ ପଟ୍ଟନାୟକ। ସମ୍ପାଦିକା ଅଲ୍ଲାଦିନ୍ କର, ସଭାପତି ନୃସିଂହ ପ୍ରସାଦ ରାୟଗୁରୁ, ଉପସଭାପତି ଶୁଭାଶିଷ କର, ଯୁଗ୍ମ ସମ୍ପାଦକ ଶିବାନୀ ମହାପାତ୍ର, ଉପଦେଷ୍ଟା ବିକାଶ ଦାଶ ନାଟକଟିର ପ୍ରଶଂସା କରିଥିଲେ। ସଫିଉଲ୍ ହକ୍ ସଂଯୋଜନା କରିଥିଲେ। ନାଟ୍ୟଧାରାର ଏହି କାର୍ଯ୍ୟକ୍ରମଟି ଜଳନ୍ଧର ମହାନ୍ତି, ଆଶିଷ ମହାନ୍ତି, ଜଗନ ମହାନ୍ତି, ଅଶୋକ ସାହୁ, ଛବି ସାହୁଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା।

ରାଜକିଶୋର ସିଂହଙ୍କ ସ୍ମୃତିସଭା

କଟକ,୩୦।୭ (ସମିସ): ମଙ୍ଗଳବାର ଇସ୍କଫ ହଲ ରେ ରାଜକିଶୋର ସିଂହଙ୍କ ସ୍ମୃତିସଭା ଶିକ୍ଷକ ମହାସଂଘ ନେତା ବିବେକାନନ୍ଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଇସ୍କଫ ସାଧାରଣ ସମ୍ପାଦକ ବିଜୟ କୁମାର ପଡିହାରୀ, ସୁଶାନ୍ତ ମହାପାତ୍ର, ଯୁଗଳ ନାୟକ, ବିପିନ ବିହାରୀ ପାଢୀ, କାଶିନାଥ ସ୍ୱାଇଁ, ସଞ୍ଜୟ ପରିଜା, ସୁବାସ ବୋଷ ପ୍ରମୁଖ ତାଙ୍କର ଜୀବନୀ, ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ।

ଅଧ୍ୟାପକ ପଦ ଉଚ୍ଛେଦ ପ୍ରତିବାଦରେ ବିକ୍ଷୋଭ

କଟକ,୩୦।୭ (ସମିସ): ସଂଗତିକରଣ ନାଁରେ ରେଭେନ୍ସାରେ ଅଧ୍ୟାପକ ପଦବୀ ଉଚ୍ଛେଦ ବନ୍ଦ କରିବା, ରେଭେନ୍ସାରେ ଖାଲି ପଡ଼ିଥିବା ୧୭୦ ଅଧ୍ୟାପକ ପଦ ପୂରଣ କରିବା, ଜାତୀୟ ଶିକ୍ଷା ନୀତି ୨୦୨୦କୁ ସମ୍ପୂର୍ଣ୍ଣ ବାତିଲ ଦାବିରେ ଏଆଇଡିଏସଓ ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କମିଟି ସମ୍ପାଦକ ଗାୟତ୍ରୀ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିବାଦ ଶୋଭାଯାତ୍ରା କ୍ୟାମ୍ପସ ପରିସରରେ ବୁଲି ଏଭଳି ଶିକ୍ଷା ବିରୋଧୀ ନିଷ୍ପତ୍ତି ବିରୋଧରେ କୁଳପତିଙ୍କ ଅଫିସ ସମ୍ମୁଖରେ ଛାତ୍ର ବିକ୍ଷୋଭ ହୋଇଥିଲା ଏବଂ କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଏହି ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଛାତ୍ରନେତା ଆହ୍ୱାନ ଦେଇଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କମିଟି ସମ୍ପାଦକ ଗାୟତ୍ରୀ ସାହୁ, ଉପସଭାପତି କସକ ଜେନା, ଛାତ୍ର ନେତା ଅଭିଜିତ ଜେନା, ରୁଦ୍ରମାଧବ ନାଏକ ପରିଚାଳନା କରିଥିଲେ।

ସିଏମ୍‌ସି କାଉନ୍‌ସିଲ ବୈଠକ

ପୂର୍ବତନ କମିଶନରଙ୍କୁ ନେଇ ତମ୍ବିତୋଫାନ

କଟକ,୩୦।୭ (ସମିସ):

କଟକ ମହାନଗର ନିଗମର ୩୩ତମ କାଉନ୍‌ସିଲ ବୈଠକ ଆଜି ବିଜୁ ଭବନସ୍ଥିତ ବିଶ୍ୱନାଥ ରଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସହରର ବିଭିନ୍ନ ଉନ୍ନୟନମୂଳକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମାତ୍ର ପୂର୍ବତନ କମିଶନର ଅନାମ ଚରଣ ପାତ୍ରଙ୍କ ବିରୋଧରେ ମାଳମାଳ ଅଭିଯୋଗ ଉଠିବା ସହ ବୈଠକସ୍ଥଳ ତମ୍ବିତୋଫାନରେ କମ୍ପିଥିଲା। ନିଗମରେ ଅଫିସରଙ୍କ ରାଜୁତି ଚାଲିଥିଲା। ମନଇଚ୍ଛା ଖୋଲୁଥିଲା ଫାଇଲ। ବିନା ଟେଣ୍ଡରରେ ଦିଆଯାଉଥିଲା କୋଟି କୋଟି ଟଙ୍କାର କାର୍ଯ୍ୟାଦେଶ। ବଛାବଛା ଠିକାଦାର ଓ ଏଜେନ୍ସି ମାଲାମାଲ ହେଉଥିଲେ। କ୍ଷମତାର ଦୁରୁପଯୋଗ କରି ପୂର୍ବତନ କମିଶନର ବ୍ୟାପକ ଦୁର୍ନୀତି କରିଥିବା ଅଭିଯୋଗ ଉଠାଇଥିଲେ ବିଜେପି ଓ କଂଗ୍ରେସ କର୍ପୋରେଟର। ତେବେ ସମସ୍ତ ଅଭିଯୋଗ ଉପରେ ତଦନ୍ତ ହେବ ବୋଲି ମେୟର କହିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା।

ଆଗକୁ ପାର୍ବଣ ଆସୁଛି। ଏଣୁ ସହରର ରାସ୍ତାଘାଟ ମରାମତି ସହ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ବାବଦରେ ଆଲୋଚନା ହୋଇଥିଲା। ଏ ନେଇ ଦୃଷ୍ଟି ଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ମେୟର ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୧୮ ନମ୍ବର ୱାଡର୍‌ରେ କାମ ହେଉନଥିବା ଅଭିଯୋଗ ଆଣି କର୍ପୋରେଟର ଇଫତିକାର ଆଲମ୍ ବୈଠକ ମଝିରେ ଧାରଣାରେ ବସିଥିଲେ। ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରି ରାସ୍ତା, ପରିମଳ ବ୍ୟବସ୍ଥା ଓ ପଡ଼ି ରହିଥିବା ଅନ୍ୟାନ୍ୟ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ପ୍ରତିଶ୍ରୁତି ମିଳିବା ପରେ ସେ ଧାରଣାରୁ ଓହରିଥିଲେ। ସମାନ ଅଭିଯୋଗ ଆଣି ଧାରଣାରେ ବସିଥିବା ୪ନମ୍ବର ୱାଡର୍‌ର କର୍ପୋରେଟର ମଧ୍ୟ ପ୍ରତିଶ୍ରୁତି ପାଇ ଧାରଣାରୁ ଓହରିଥିଲେ। ସେହିପରି ଗେଲ ଇଣ୍ଡିଆ କର୍ମଚାରୀ ଜନପ୍ରତିନିଧିଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର କରୁଥିବା ୯ନମ୍ବର ୱାଡର୍ କର୍ପୋରେଟର ବିକାଶ ବେହେରା ଅଭିଯୋଗ ଆଣିଥିଲେ। ଗେଲ ଇଣ୍ଡିଆ ସହରର ବିଭିନ୍ନ ସ୍ଥାନରେ ଗ୍ୟାସ ପାଇପ୍ ଲାଇନ୍ ବିଛା କାର୍ଯ୍ୟ ଜାରି ରଖିଛି। ମହାନଗର ନିଗମ ସହ ସମନ୍ୱୟ ରଖି କାର୍ଯ୍ୟ କରୁନାହାନ୍ତି। ଫଳରେ ନୂଆ ରାସ୍ତାକୁ ମନ ଇଚ୍ଛା ଖୋଲି ଦେଉଛନ୍ତି। ପରେ ଏହାର ଠିକ୍ ଭାବେ ମରାମତି ନକରି ଛାଡ଼ି ଚାଲି ଯାଉଛନ୍ତି। ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହାକୁ ନେଇ ଗେଲ ଇଣ୍ଡିଆ ଯନ୍ତ୍ରୀଙ୍କୁ ମେୟର ତାଗିଦ୍ କରିବା ସହ ଯଦି ଗେଲ ଇଣ୍ଡିଆ ଯେଉଁଠି ରାସ୍ତା ଖୋଳା କାମ ସରିବା ପରେ ପୂର୍ବରୁ ଯେପରି ରାସ୍ତା ଥିବା ସେପରି ଛାଡ଼ିଯିବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ।

ବିଜେଡିର ଧାରଣା ପରେ ରେଳବିଭାଗର ନିଦ ଭାଙ୍ଗିଲା

କିରଣ୍ଡୁଲ-ବିଶାଖାପାଟଣା ଟ୍ରେନ୍ ଚାଲିଲା

➤ ୨୯ ଦିନ ଧରି ଟ୍ରେନ୍ ବନ୍ଦ ଥିଲା
➤ ଜୟପୁର ଏବଂ ଜଗଦଲପୁର ଯାତ୍ରୀ ଆଶ୍ୱସ୍ତ

ଜୟପୁର, ୩୦।୭(ସମିସ): ଦୀର୍ଘ ୨୯ ଦିନ ପରେ ବିଶାଖାପାଟଣା-କିରଣ୍ଡୁଲ ରେଳଧାରଣାର ସମସ୍ତ ଯାତ୍ରୀବାହୀ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଛି। ପୂର୍ବଭଳି ନିର୍ଦ୍ଧାରିତ ସମୟରେ ଜଗଦଲପୁର ଠାରୁ ଭୁବନେଶ୍ୱର ହୀରାଖଣ୍ଡ , ଜଗଦଲପୁର- ହାଓଡା ସମଲେଶ୍ୱରୀ, ଜଗଦଲପୁର- ରାଉରକେଲା ଇଣ୍ଟରସିଟି, କିରଣ୍ଡୁଲ-ବିଶାଖପାଟଣା ଏକ୍ସପ୍ରେସ ଏବଂ କିରୁଣ୍ଡୁଲ- ବିଶାଖପାଟଣା ପାସେଞ୍ଜର ଟ୍ରେନ ଚଳାଚଳ ଆଜି ଠାରୁ ଆସନ୍ତା ୧ ତାରିଖ ମଧ୍ୟରେ ନିତିଦିନ ଚଳାଚଳ ସ୍ୱାଭାବିକ ଭାବେ ଚଳାଚଳ କରିବ ବୋଲି ପୂର୍ବତନ ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି କିରଣ୍ଡୁଲ- ଜୟପୁର ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନକୁ ବନ୍ଦ କରିଦିଆଯିବ। ଗତକାଲି ଜୟପୁର ରେଳଷ୍ଟେସନ ଦେଇ ଜଗଦଲପୁର ଏବଂ କୋରାପୁଟ ମଧ୍ୟରେ ଏକ ଯାତ୍ରୀବିହୀନ ଟ୍ରେନକୁ ପରୀକ୍ଷାମୂଳକ ଭାବେ ଚଳାଚଳ କରାଯାଇଥିବା ବେଳେ ଆଜିଠାରୁ ଯାତ୍ରୀ ଟ୍ରେନ ଚଳାଚଳ ନେଇ ଅନୁମତି ପ୍ରଦାନ କରାଯାଇଛି। ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଜୟପୁର-କୋରାପୁଟ ମଧ୍ୟରେ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିପାରିନଥିଲା। କୋରାପୁଟ ଠାରୁ ଜଗଦଲପୁର ରେଳଧାରଣାର ଜରଟି ଏବଂ ମାଲିଗୁଡା ଷ୍ଟେସନ ମଧ୍ୟରେ ପ୍ରବଳ ବର୍ଷା ଯୋଗୁଁ ଗତ ୨ ତାରିଖ ଅପରାହ୍ନରେ ପାହାଡ଼ ଧସି ରେଳ ଧାରଣା ଉପରେ ମାଟି ଓ ବଡ ପଥର ପଡିଯାଇଥିଲା। ଫଳରେ ଜୟପୁର ଏବଂ ଜଗଦଲପୁର ଷ୍ଟେସନକୁ ଉକ୍ତ ଟ୍ରେନ ଗୁଡିକ ଆସି ନପାରି କୋରାପୁଟ ପର୍ଯ୍ୟନ୍ତ ଚଳାଚଳ କରିବା ସହ ସେଠାରୁ ଫେରିଯାଉଥିଲା । ଫଳରେ ଯାତ୍ରୀମାନେ କୋରାପୁଟ ରେଳଷ୍ଟେସନର ଓହ୍ଲାଇ ବିଭିନ୍ନ ଅସୁବିଧାର ସମ୍ମୁଖିନ ହୋଇ ଏବଂ ଅଧିକ ଟଙ୍କା ଖର୍ଚ୍ଚାନ୍ତ ହୋଇ ଅନ୍ୟାନ୍ୟ ଯାନବାହନ ଏବଂ ବସ ଯୋଗେ ଜୟପୁର ଉପଖଣ୍ଡର ୫ଟି ବ୍ଲକ, ମାଲକାଗିରି ଓ ନବରଙ୍ଗପୁର ଜିଲ୍ଲା ଏବଂ ପୋଡଶୀ ଛତିଶଗଡ ଜିଲ୍ଲାକୁ ଯାତାୟାତ କରୁଥିଲେ। ଏହିପରି ସମସ୍ୟାକୁ ନେଇ ଜୟପୁର ରେଳଷ୍ଟେସନ ସମ୍ମୁଖରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ଜୟପୁର, ବୋରିଗୁମ୍ମା, କୋଟପାଡ, କୁନ୍ଦୁରା, ବୈପାରୀଗୁଡା ବ୍ଲକର ବିଜେଡି କର୍ମୀ ମାନେ ମିଳିତ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହିପରି ତୁରନ୍ତ ପୂର୍ବଭଳି ସମସ୍ତ ଯାତ୍ରୀବାହୀ ଟ୍ରେନ ଚଳାଚଳ ନ କଲେ ଆଗାମୀ ଦିନରେ ଏକ ବଡ ଆନ୍ଦୋଳନ ସହ ଏହି ରାସ୍ତା ଦେଇ ମାଲାବହୀ ଟ୍ରେନ ଚଳଚାଳ ମଧ ବନ୍ଦ କରିଦିଆଯିବ ବୋଲି ଚେତାବନୀ ନେଇ ଏକ ଦାବି ପତ୍ର ଭୁବନେଶ୍ୱର ସ୍ଥିତ ନ୍ତୁ ପୂର୍ବତଟ ରେଳ ବିଭାଗର ସାଧାରଣ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।

ଟିପିଏସ୍ଓଡିଏଲ୍ ବଜ୍ରପାତ ସୁରକ୍ଷା ସଚେତନତା ଅଭିଯାନ

ଜୟପୁର, ୩୦।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ସର୍କଲ ବିଦ୍ୟୁତ ବିତରକ ସଂସ୍ଥା ଟିପିଏସଓଡିଲ ପକ୍ଷରୁ ସ୍ଥାନୀୟ ପାୱାର ହାଉସ୍ କଲୋନୀ ଠାରେ ବଜ୍ରପାତ ସୁରକ୍ଷା ସଚେତନତା ଅଭିଯାନ ସପ୍ତାହ ପାଳିତ ହୋଇଯାଇଛି। ବଜ୍ରପାତ ସୁରକ୍ଷା ସଚେତନତା ଅଭିଯାନ ସପ୍ତାହ ପାଳନ କାର୍ଯ୍ୟକ୍ରମକୁ ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଇଂ. ସୌମ୍ୟ ରଞ୍ଜନ ଲେଙ୍କା ଓ ସୁଜିତ୍ କୁମାର ସ୍ୱାଇଁଙ୍କ ପରିଚାଳନା କରିଥିଲେ। ଜୟପୁର ସର୍କଲର ମୁଖ୍ୟ ମନ୍ମଥ ନାଥ ମିଶ୍ର ,ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ ବଜ୍ରପାତ ସୁରକ୍ଷା ସଚେତନତା ଉପରେ ଆଲୋକପାତ କରିଥିଲେ। ବଜ୍ରପାତ ସମୟରେ ଯଦି ବିଜୁଳି ଆଲୋକ ଦେଖିବା ପରେ ୩୦ ସେକେଣ୍ଡ ମଧ୍ୟରେ ଘଡଘଡି ଶବ୍ଦ ଶୁଣାଯାଏ। ତେବେ ବଜ୍ରପାତ ୧୦ କି.ମି. ମଧ୍ୟରେ ହୋଇଥାଏ। ସେହି ସମୟରେ ସୁରକ୍ଷିତ ସ୍ଥାନକୁ ଯିବା ନିତ୍ୟାନ୍ତ ଆବଶ୍ୟକ। ଏହି ଅବସରରେ ବିଭାଗ ପକ୍ଷରୁ କରାଯାଇଥିବା ୩୦-୩୦ ନିୟମ ଉପରେ ଆଲୋକପାତ କରାଯାଇଥିଲା। ଶେଷରେ ସୁରକ୍ଷା ଅଧିକାରୀ ଶ୍ରୀ ବେହେରା ବଜ୍ରପାତ ଠାରୁ ସୁରକ୍ଷିତ ରହିବା ପାଇଁ ଖାଲି ଜମିରେ ତାଳ, ନଡିଆ, ଗୁଆ, ଆମ୍ବ, ପଣସ, ଶାଳ, ଶାଗୁଆନ, ଲିମ୍ବ ପ୍ରଭୃତି ଲମ୍ବା ବୃକ୍ଷରୋପଣ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀ ବିଶ୍ୱଜିତ୍ ମେଣ୍ଡୁଲି, ଅଶୋକ ରଜାକ, ପ୍ରଶାନ୍ତ କୁମାର ପଟ୍ଟନାୟକ, ସୁଶିଲ କୁମାର ନାୟକ, ଅମ୍ଳାନ କାନୁନ୍ ଗୋ, ସପ୍ତର୍ଷି ମଣ୍ଡଳ, ବିଚିତ୍ର କୁମାର ବେହେରା, ବେଦ ପ୍ରକାଶ, ରଣଧିର ସିଂ, ଆଲୋକ କୁମାର ନାୟକ, ଜ୍ଞାନରଂଜନ ରାଉତ ଓ ସଚିଦାନନ୍ଦ ମହାନ୍ତି। ଶେଷରେ ଜୟପୁର ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ ତାଳ ଚାରାରୋପଣ କରାଯାଇଥିଲା।

'ସମାଜସେବା ପାଇଁ ସବୁ ସହଯୋଗ ମିଳିବ'

ସମ୍ମାନିତ ହେଲେ ଜଗନ୍ନାଥ ମହାପାତ୍ର

ନବରଙ୍ଗପୁର, ୩୦।୭ (ସମିସ): ରେଡକ୍ରସ ଓଡ଼ିଶା ରାଜ୍ୟ ଶାଖା ଭୁବନେଶ୍ୱରଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ବିନୋଦ ବିହାର ମହାବିଦ୍ୟାଳୟଠାରେ ଯୁବ ରେଡକ୍ରସର ଜିଲ୍ଲାସ୍ତରୀୟ ବୈଠକ ଆୟୋଜିତ ହୋଇଯାଇଛି। ଜିଲ୍ଲାର ୫୨ ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ୧୯ ଗୋଟି ସ୍ନାତକ ମହାବିଦ୍ୟାଳୟରୁ ପ୍ରାୟ ସତୁରି ଜଣ ଅଧ୍ୟକ୍ଷ ଓ କାଉନ୍ସିଲର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଯୁବ ରେଡକ୍ରସର ଜିଲ୍ଲା ଚେୟାରମେନ ଡି. ଗୋବିନ୍ଦା ରାଓଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଯୋଗଦେଇ କାଉନ୍ସିଲର ମାନଙ୍କୁ ଯୁବ ରେଡକ୍ରସ ନିଶ୍ଚିତ ସମା ସେବା ଆଡ଼କୁ ନେବା ସହ ଜିଲ୍ଲାରେ ରକ୍ତଦାନ , ଚାରାରୋପଣକୁ ପ୍ରୋତ୍ସାହନ ଦେବାସହ ସମାଜ ସେବାରେ ଯୁବ ସମାଜ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ରେଡକ୍ରସ୍ ର ଆଜୀବନ ସଦସ୍ୟ ତଥା ନବରଙ୍ଗପୁର ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ କଲେଜ ସ୍ତରରେ ସମାଜସେବାରେ ରେଡ଼କ୍ରସର ଭୂମିକା ଉପରେ ଦିଗଦର୍ଶନ ଦେବା ସହ ସମାଜସେବା ପାଇଁ ସମସ୍ତ ପ୍ରକାର ସହଯୋଗ ସବୁବେଳେ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାର୍ଥୀ କଲେଜର ପରିଚାଳକ ସତ୍ୟ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓ ପାଠପଢ଼ା ସହ ଛାତ୍ର ଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ବିକାଶ କରିବାରେ କାଉନସିଲର ମାନଙ୍କର ଭୂମିକାକୁ ପ୍ରଶଂସା କରିବା ସହ ରେଡ଼କ୍ରସ ଏକ ଉଚିତ୍ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଅବସରପ୍ରାପ୍ତ ଅଧ୍ୟାପକ ରଞ୍ଜନ ସ୍ୱାଇଁ ଆହୁରି କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ସମାଜ ସେବା କରିବାର ପ୍ରତିଶୃତି ଦେଇଥିଲେ। ଅତିଥି ମାନେ ସମଗ୍ର ଜିଲ୍ଲା ପାଇଁ "ପ୍ରତି ଅନୁଷ୍ଠାନରେ ଗୋଟିଏ ବରଗଛ ଅଭିଯାନ" ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ସାଙ୍କେତିକ ଭାବରେ ୧୨ଟି ବରଗଛ ଜିଲ୍ଲାର ୧୦ଟି ବ୍ଲକ ଓ ଦୁଇଟି ପୌରପାଳିକାର ବଛା ବଛା ଅନୁଷ୍ଠାନକୁ ବରଗଛ ଉପହାର ଦିଆଯାଇଥିଲା। ତପନ ବିଷୋୟୀଙ୍କୁ ଜିଲ୍ଲାରେ ବହୁ ସଂଖ୍ୟକ ବରଗଛ ଲଗାଇଥିବାରୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯିବା ସହିତ ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ରଙ୍କୁ ରେଡକ୍ରସର ଜୀବନ ବ୍ୟାପୀ ସଦସ୍ୟତା ସହ ସମାଜସେବା ପାଇଁ ସମର୍ପିତ ମନୋଭାବ ପାଇଁ ସମ୍ମାନିତ କରାଯାଇଥିଲା। ଜିଲ୍ଲାରେ ରେଡକ୍ରସ ଆନ୍ଦୋଳନକୁ ଆହୁରି ତୀବ୍ର କରିବା ପାଇଁ ରେଡ଼କ୍ରସ ଜିଲ୍ଲା ଆବାହକ ଦିଲୀପ କୁମାର ହୋତା ଆହ୍ୱାନ କରିଥିଲେ। କଲେଜ ସ୍ତରରେ ରେଡକ୍ରସକୁ ସକ୍ରିୟ କରିବା ସହ ଆଗାମୀ ଦିନରେ ଯୁବ ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ରେଡ଼କ୍ରସ ଜିଲ୍ଲା ସଂଯୋଜକ ଅଖିଳ କୁମାର ଭଟ୍ଟ ସୂଚନା ଦେଇଥିଲେ। ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ଅଧ୍ୟକ୍ଷ ଓ କାଉନସିଲର ମାନେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ବିଭିନ୍ନ ବିଭାଗକୁ ସଂଯୋଜନା କରିଥିଲେ ଅଧ୍ୟାପକ ଶ୍ରୀ ଶମ୍ଭୁ ପ୍ରସାଦ ହୋତା। ବିଭିନ୍ନ ବିଭାଗର ପ୍ରମୁଖ ଦାୟିତ୍ୱରେ ଥିଲେ ଯୁବ କାଉନ୍ସିଲର ଅଧ୍ୟାପିକା ରଜନୀ ମିଞ୍ଜ, ନିର୍ମଳା ହିକିକା। ଆଶୋକ ପାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାଉନ୍ସିଲର ଅଧ୍ୟାପିକା ରଜନୀ ମିଞ୍ଜ ମାନପତ୍ର ପାଠ କରିବା ସହ ଆଦର୍ଶ ମହାବିଦ୍ୟାଳୟ ନବରଙ୍ଗପୁରର କାଉନସିଲର ଡଃ ସଂଯୁକ୍ତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ବାଇକ୍ ଦୁର୍ଘଟଣାରେ ବୃଦ୍ଧ ମୃତ

ନନ୍ଦପୁର,୩୦।୭ (ସମିସ): ବୁଧବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ଜୀବନ ଯାଇଛି। ସୂଚନା ପ୍ରକାରେ ଟିକରପଡ଼ା ପଞ୍ଚାୟତର ଚାନ୍ଦଲାମୁଣ୍ଡା ଗ୍ରାମ ରାସ୍ତାରେ ପଦଲାମ ହନ୍ତାଳ (୭୦) କୌଣସି କାମରେ ରାସ୍ତାରେ ଯାଉଥିବା ବେଳେ ସେହି ଗ୍ରାମର ରାମ ସୀସାଙ୍କ ଓଡି ୧୦ ଇ ୯୦୦୬ ଗ୍ଲାମର ଗାଡି ଧକ୍କାରେ ସେ ତଳେ ପଡ଼ିଯାଇଥିଲେ। ଗାଁ ଲୋକେ ଆହତ ପଦଲାମ୍‌ଙ୍କୁ ଏକ ଅଟୋ ସାହାଯ୍ୟରେ ଚିକିତ୍ସା ଲାଗି ତୁରନ୍ତ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନନ୍ଦପୁର ଥାନାରେ ଏକ କେସ୍ ରୁଜୁ କରାଯାଇଛି। ନନ୍ଦପୁର ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଜୈବିକ ପଦ୍ଧତିରେ କୃଷି ତାଲିମ ଶିବିର

ଚନ୍ଦ୍ରପୁର,୩୦।୭(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ଡାଙ୍ଗସରଡ଼ା କୃଷି ସୂଚନା ପରାମର୍ଶ କେନ୍ଦ୍ର ଠାରେ ଓଡ଼ିଶା ଜୀବିକା ମିଶନ ଅନୁକୁଲ୍ୟରେ ଜୀବିକା ମିଶନର ଶ୍ରବଣ କୁମାର ସିଂ ପରିଚାଳନାର ମୁଖ୍ୟ ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟ ଅତିଥି ସରପଞ୍ଚ ଅନିତା ଶବର, ବୁଡୁବାଲି ସରପଞ୍ଚ ଭୀମ ଗୋଗେରେଙ୍ଗା, ସମ୍ମାନିତ ଅତିଥି ଭାବେ କୃଷିଅଧିଦର୍ଶକ ଶ୍ରୀଧର ପଟ୍ଟନାୟକ, ଏଡିଓ ଉମାଶଙ୍କର ରଡ଼ାଲୁ, ବିଜୟ ପ୍ରସାଦ ଉଲାକା, ହାଡ଼ିପା ଗୌଡ଼ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମଞ୍ଚାସୀନ ଅତିଥିମାନେ ଜୈବିକ ପଦ୍ଧତି ମାଧ୍ୟମରେ ଚାଷୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଚାଷୀଙ୍କୁ ହାଣ୍ଡିଖତ, ଜିବାମୃତ ବିଜାମୃତ ଇତ୍ୟାଦି ତିଆରି ପ୍ରଣାଳି ସାଙ୍ଗକୁ ଏହାର ସଦ୍ ଉପଯୋଗ ସମ୍ପର୍କରେ ଆଲୋକପାତ କରାଯାଇଥିଲା। କୃଷି ଅଧିଦର୍ଶକ ଓ ଜୀବିକା ମିଶନର ଶ୍ରବଣ କୁମାର ସିଂ ଜୈବିକ ପଦ୍ଧତିରେ ଚାଷକୁ ଗୁରୁତ୍ୱ ଦେବା ସାଙ୍ଗକୁ ଉପସ୍ଥିତ ମହିଳା ଉଦ୍ୟୋଗକୁ ଏହାର ତିଆରି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଲଏସ୍‌ପି, ଏମବିକେ ଓ କୃଷିମିତ୍ର ଯୋଗ ଦେଇଥିଲେ। ଏହାକୁ ପରିଚାଳନା କରିଥିଲେ ଶ୍ରୀ ସିଂ।

ଶ୍ରୀ ଶ୍ରୀ ଲକ୍ଷ୍ମୀ ମା'ଙ୍କ ଜନ୍ମ ମହୋତ୍ସବ

ବୈପାରୀଗୁଡ଼ା,୩୦।୭ (ସମିସ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ଟାଙ୍ଗିଣିଗୁଡା ସତ୍‌ସଙ୍ଗ କେନ୍ଦ୍ରରେ ଶ୍ରୀ ଶ୍ରୀ ଲକ୍ଷ୍ମୀ ମା'ଙ୍କ ୧୩୨ ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଉକ୍ତ ସତ୍‌ସଙ୍ଗରେ ଜୟପୁରରୁ ଆସିଥିବା ଧରଣୀ ଧର ସାହୁଙ୍କ ପରିଚାଳନାରେ ବହୁ ଲୋକ ଯୋଗ ଦେଇଥିଲେ। ଅମୂଲ୍ୟ ଧଳ,ହାଡ଼ି ବନ୍ଧୁ ବେହେରା, ବିଦ୍ୟାଧର ବିଶ୍ୱାଳ ପ୍ରମୁଖ ଗୁରୁ ଭାଇ ମାନେ ସହଯୋଗ କରିଥିଲେ।

● ନିମ୍ନମାନର ମଧ୍ୟାହ୍ନ ଭୋଜନ

ପୋକଲଗା ଚାଉଳ, ପଚା ପରିବାରେ ରୋଷେଇ ଅଭିଯୋଗ

କୋରାପୁଟ,୩୦।୭ (ସମିସ): କୋରାପୁଟ ବ୍ଲକ ମାନବାର ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆ ଯାଉଥିବା ଅଭିଯୋଗ ହୋଇଛି। ଚାଉଳରେ ପୋକ ସାଲୁବାଲୁ ହେଉଥିବା ବେଳେ ପଚରା ପରିବାକୁ ରୋଷେଇ କରାଯାଉଛି। ଯାହାକି ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବା ଆଶଙ୍କା ରହିଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। କେବଳ ମଧ୍ୟାହ୍ନଭୋଜନ ନୁହେଁ, ପାନୀୟ ଜଳ, ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ପେଷି ହେଉଛନ୍ତି କୋମଳମତି ଶିଶୁ। ନା ସ୍କୁଲରେ ଅଛି ସ୍ୱାସ୍ଥ୍ୟକର ପରିବେଶ ନା ଅଛି ପାଣି ବ୍ୟବସ୍ଥା। ପିଲାମାନଙ୍କ ପାଇଁ ଭଲ ଶୌଚାଳୟ ମଧ ନାହିଁ। ରାଜ୍ୟ ସରକାର ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବା କେବଳ ଭାଷଣରେ ସୀମିତ ରହିଥିବା ଗ୍ରାମବାସୀ ପ୍ରତିକ୍ରିୟା ଦେଇଛନ୍ତି। ତୁରନ୍ତ ସମସ୍ୟାର ସମାଧାନ କରା ନଗଲେ ସେମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

ପ୍ରମିଳା ପରିଛାଙ୍କ ପରଲୋକ

ବୈପାରୀଗୁଡ଼ା,୩୦।୭ (ସମିସ): ବୈପାରୀଗୁଡ଼ା ବ୍ଲକ ସଦର ମହକୁମା ସ୍ଥିତ ଦୁର୍ଗା ମନ୍ଦିର ସାହିର ଅବସରପ୍ରାପ୍ତ ଶିକ୍ଷକ ତଥା କବି ଚକ୍ରପାଣି ପରିଛାଙ୍କ ପତ୍ନୀ ପ୍ରମିଳା ପରିଛା (୬୮)ଙ୍କର ମଙ୍ଗବାର ରାତିରେ ଏକ ଘରୋଇ ମେଡିକାଲରେ ପରଲୋକ ଘଟିଛି। ଚିକିତ୍ସାଧିନ ଅବସ୍ଥାରେ ଜୟପୁର ସ୍ଥିତ ଏକ ଘରୋଇ ମେଡିକାଲରେ ତାଙ୍କର ପରଲୋକ ଘଟିଛି। ସେ ଜଣେ ପରୋପକାରୀ ଓ ଧର୍ମ ପରାୟଣ ମହିଳା ଭାବେ ଅଞ୍ଚଳରେ ପରିଚୟ ସୃଷ୍ଟି କରିଥିଲେ। ମୃତ୍ୟୁ ବେଳକୁ ୨ ପୁତ୍ର ତଥା ସାମ୍ବାଦିକ ପ୍ରେମେନ୍ଦ୍ର ପରିଛା ଏବଂ ଅମେରେନ୍ଦ୍ର ପରିଛାଙ୍କ ସମେତ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଜୟପୁର ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ଏବଂ ବୈପାରୀଗୁଡା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ଶେଷ ଦର୍ଶନ କରିଥିଲେ।

● କଂଗ୍ରେସ ପ୍ରତିନିଧି ଦଳର ବିଭିନ୍ନ ଅଞ୍ଚଳ ପରିଦର୍ଶନ

ଲଗାଣ ବର୍ଷାରେ ରାସ୍ତାଘାଟ ଶୋଚନୀୟ ଅବସ୍ଥାର ସମୀକ୍ଷା

ନନ୍ଦପୁର,୩୦।୭ (ସମିସ): ମାସେରୁ ଅଧିକ ସମୟ ହେବ ବର୍ଷାରେ ହିନସ୍ତା ଭୋଗୁଛନ୍ତି ବ୍ଲକ ବାସୀ। ସେପଟେ ବର୍ଷା ବିପ୍ରାତ ନେଇ ବିଭିନ୍ନ ଅଞ୍ଚଳରେ ଚାଷ କ୍ଷୟକ୍ଷତି ହୋଇ ଥିବା ବେଳେ କୁଲି ମଜୁରୀଆଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଗାଁ ଦାଣ୍ଡ ରାସ୍ତା ଘାଟ କାଦୁଅ ପଚପଚ ହୋଇ ଯାତାୟାତରେ ଲୋକେ ହିନସ୍ତା ଭୋଗୁ ଥିବା ଦେଖା ଦେଇଛି। ବୁଧବାର ନନ୍ଦପୁର ବ୍ଲକ କଂଗ୍ରେସ ବ୍ଲକ ସଭାପତିଙ୍କ ଏକ ଦଳ ବ୍ଲକର ଗୋଲୁର ଗ୍ରାମପଞ୍ଚାୟତର ଖୁଡ଼ା ଓ କୁଲାରସିଂହ ଗ୍ରାମପଞ୍ଚାୟତର କୁମ୍ଭଗୁଡା ଗସ୍ତ କରି ଗାଁ ରାସ୍ତାର ଶୋଚନୀୟସ୍ଥିତି ସମୀକ୍ଷା କରିବା ସହ ତୁରନ୍ତ ଏହି ରାସ୍ତା ଗୁଡ଼ିକ ସିସି କିମ୍ବା ପେପର୍ ବ୍ଲକରେ ନିର୍ମାଣ କରିବାକୁ ବିଧାୟକଙ୍କୁ ଜଣାଇବେ ବୋଲି କହିଛନ୍ତି। ବ୍ଲକ ସଭାପତି ଶ୍ରୀ ଖେମୁଣ୍ଡୁଙ୍କ ସହ କେଶବ ଖରା, ତ୍ରିନାଥ ପାଙ୍ଗି, ଶୁକଦେବ ଅଲଙ୍ଗ ଓ ପ୍ରଦୀପ ପ୍ରମୁଖ ରହିଥିଲେ।

ଅଲଟ୍ରାସାଉଣ୍ଡ ମେସିନ୍ ଉଦ୍‌ଘାଟିତ

କୋଟପାଡ଼, ୩୦।୭ (ସମିସ): କୋଟପାଡଠାରେ ବିଧାୟକ ରୁପୁ ଭତରା ଅଲଟ୍ରାସାଉଣ୍ଡ ମେସିନର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ସାରୋଦା ପ୍ରସାଦ ମୁନୀ, ପ୍ରଦୀପ ରଥ, ଶେଖର ଦାସ, କିଶୋର ଚନ୍ଦ୍ର ମିଶ୍ର, ଗିରିଶ ପାଢ଼ୀ, ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବରୁ କୋଟପାଡ଼ ବାସିନ୍ଦା ଅଲଟ୍ରାସାଉଣ୍ଡ ପାଇଁ କୋରାପୁଟ ନଚେତ ଛତିଶଗଡ଼ ରାଜ୍ୟ ଜଗଦଲପୁର ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ କୋଟପାଡ଼ରେ ଏହି ସୁବିଧା ଉପଲବ୍ôଧ ହେବାରୁ ସ୍ଥାନୀୟ ବାସିନ୍ଦା ଖୁସି ପ୍ରକାଶ କରିଛନ୍ତି।

● କଲବଲ କରୁଛି ଅଘୋଷିତ ବିଦ୍ୟୁତ୍ କାଟ୍

ପତ୍ର ହଲିଲେ କଟୁଛି ବିଜୁଳି; ଲୋକେ ବ୍ୟତିବ୍ୟସ୍ତ

କୋରାପୁଟ,୩୦।୭ (ସମିସ): ପତ୍ର ହଲିଲେ ବିଜୁଳି କଟୁଛି। କେତେବେଳେ ପୁଣି ଆସୁଛି ତାହାର କୌଣସି ଥଳକୁଳ ନାହିଁ। ଏପଟେ ଆକାଶରେ ବାଦଲ ଡାଙ୍କିବା ମାତ୍ରେ ବିଦ୍ୟୁତର ଆଉ ଦେଖା ନାହିଁ। ବର୍ଷା ଛାଡିବାର ଘଣ୍ଟା ଘଣ୍ଟା ପରେ ମଧ ବିଜୁଳି ଆସୁନାହିଁ। କେବଳ ଏତିକି ନୁହେଁ, ବିନା କାରଣରେ ଦିନରେ ବି ଘଣ୍ଟା ଘଣ୍ଟା ଓ ବାରମ୍ବାର ବିଜୁଳି କାଟ ହେଉଛି। ଏନେଇ ଟିପିଏସଓଡିଏଲକୁ ପଚାରିଲେ କୌଣସି ସନ୍ତୋଷଜନକ ଉତ୍ତର ମିଳୁନି। କୋରାପୁଟ ଜିଲ୍ଲାର ଗାଁରୁ ସହର ସବୁଠି ଲୋକେ ଅଘୋଷିତ ବିଜୁଳି କାଟ ଜାରି ରହିଥିବା ବେଳେ ଏହାକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କୋରାପୁଟ ଜିଲ୍ଲାରେ ବିଜୁଳି ସେବା ଚରମ ଅବ୍ୟବସ୍ଥା ଦେଇ ଗତି କରୁଛି। ରାଜ୍ୟକୁ ବିଦ୍ୟୁତ ଯୋଗାଉଥିବା କୋରାପୁଟ ଜିଲ୍ଲାରେ ପାଖାପାଖି ମାସେ ହେଲାଣି ଠିକ୍ ଭାବେ ବିଦ୍ୟୁତ ପାଇବାରୁ ବଞ୍ଚିତ ହେଉଛନ୍ତି। ଅଘୋଷିତ ବିଜୁଳି କାଟ ଲୋକଙ୍କୁ ବ୍ୟତିବ୍ୟସ୍ତ କରିଦେଲାଣି। ବିଜୁଳିର ଏହି ଲୁଚକାଳି ସାଧାରଣ ଲୋକଙ୍କ କଷ୍ଟ ବଢାଇ ଦେଇଛି। ବିନା ବିଜୁଳିରେ ବିଭିନ୍ନ ସେବା ବାଧାପ୍ରାପ୍ତ ହେଉଛି। ଏପଟେ ବିଜୁଳି କାଟ ବଢ଼ି ଯାଇଥିବାରୁ ଜଳ ଯୋଗାଣ ଉପରେ ଏହା ଗଭୀର ପ୍ରଭାବ ପକାଉଛି। ଲୋକେ ପାଣି ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେବେଳେ ପାଣି ଦିନ ୧୦ଟାରେ ଆସୁଛି ତ କେତେବେଳେ ସଂଧ୍ୟା ସମୟରେ ପାଣି ଆସୁଛି। ଆଗକୁ ସ୍ଥିତିରେ ସୁଧାର ନ ଆସିଲେ ଆନ୍ଦୋଳନାତ୍ମକ ପନ୍ଥା ଆପେଇବାକୁ ବିଭିନ୍ନ ସଂଗଠନ ଚେତାବନୀ ଶୁଣାଇଛନ୍ତି। ଏ ସଂକ୍ରାନ୍ତରେ କୋରାପୁଟ ଟିପିଏସଓଡିଏଲର କନିଷ୍ଠ ଯନ୍ତ୍ରୀ କହିଛନ୍ତି, ଲୋକଙ୍କୁ ଠିକ୍ ଭାବେ ସେବା ଦେବା ପାଇଁ ଉଦ୍ୟମ ଜାରି ରହିଛି। ଯାନ୍ତ୍ରିକ ତ୍ରୁଟି କାରଣରୁ ବିଜୁଳି କଟୁଛି। ପ୍ରାୟତଃ ପ୍ରବଳ ବର୍ଷା ବିଜୁଳି ଘଡଘଡି କାରଣରୁ ବିଦ୍ୟୁତ ବିଭ୍ରାଟ ଦେଖାଦେଉଛି। ଜାଣିଶୁଣି ବିଜୁଳି କାଟ କରାଯାଉ ନ ଥିବା ସେ କହିଛନ୍ତି। ଆଗାମୀ ଦିନରେ କିପରି ବିଦ୍ୟୁତ ଉପଭୋକ୍ତା ମାନଙ୍କୁ ନିରବିଚ୍ଛିନ୍ନ ସେବା ଯୋଗାଇ ଦିଆଯିବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉଛି ବୋଲି ସେ କହିଛନ୍ତି।

ବଣ୍ଡାଘାଟିକୁ ଏବେ ବି ଅପହଞ୍ଚ ବିକାଶ

ନାହିଁ ବସ୍ ସେବା; ଜୀବନକୁ ବାଜି ଲଗାଇ ଟ୍ରାକ୍ଟର ଡାଲାରେ ଯାତ୍ରା

ଖଇରପୁଟ,୩୦।୭ (ସମିସ): ମାଲକାନଗିରି ଜିଲ୍ଲାର ବଣ୍ଡାଘାଟି ଅଞ୍ଚଳ ଅନ୍ତର୍ଗତ ଅଣ୍ଡରାହାଲ ପଞ୍ଚାୟତର ସିନ୍ଧିଗୁଡ଼ା ଗ୍ରାମକୁ ଏବେ ବି ଅପହଞ୍ଚ ବିକାଶ। ଏହି ଗ୍ରାମର ଲୋକମାନେ ଦୂର ସ୍ଥାନକୁ ଯିବା ପାଇଁ ଟ୍ରାକ୍ଟର ଡାଲାରେ ବସି ବିପଦସଙ୍କୁଳ ଭାବେ ଯାତ୍ରା କରୁଛନ୍ତି। ଏଠି ବସ ସେବା ନାହିଁ, ପିଚୁ ରୋଡ଼ ନାହିଁ, ଚାରିପାଖେ କେବଳ ଜଙ୍ଗଲ ଓ ମାଟି ରାସ୍ତା, ତାହା ବି ପାହାଡିଆ। ବର୍ଷା ହେଲେ ଏହି ରାସ୍ତା ଦୁର୍ଗମ ହୋଇଯାଏ। ଏଭଳି ବିପଦପୂର୍ଣ୍ଣ ଘାଟି ରାସ୍ତାରେ ଲୋକମାନେ ନିଜ ଜୀବନକୁ ବାଜି ଲଗାଇ ଦୈନିକ ଟ୍ରାକ୍ଟର ଡାଲାରେ ବସି ଯାତ୍ରା କରୁଛନ୍ତି। ଗାଁରେ ପ୍ରାୟ ୫୦ରୁ ଅଧିକ ପରିବାର ବସବାସ କରୁଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଏଠାକୁ ଏକ ଭଲ ରାସ୍ତା ସଂଯୋଗ ହୋଇପାରିନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସୁବିଧା ଅପହଞ୍ଚ ହୋଇଛି। ସ୍କୁଲ ଅଛି ହେଲେ ସ୍କୁଲର ନିଜସ୍ୱ ଗୃହ ନାହିଁ। ଜିଲ୍ଲାର ସୀମାନ୍ତରେ ଥିବା ଏହି ଗ୍ରାମ ଦେଖି ଲାଗେ ଏହା ବିକାଶର ମୁଖ୍ୟ ଧାରାରୁ କେବଳ ବଞ୍ଚିତ ନୁହେଁ, ଅବହେଳିତ ମଧ୍ୟ ହୋଇଯାଇଛି। ଗ୍ରାମବାସୀମାନେ ଅନେକଥର ସ୍ଥାନୀୟ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ନେତାଙ୍କ ନିକଟକୁ ଅନୁରୋଧ ଜଣାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଇ ନଥିବା ଅଭିଯୋଗ ହୋଇଛି। ଏପରି ଗ୍ରାମର ବିକାଶ ପ୍ରତି କେବେ ସରକାରଙ୍କ ନଜର ପଡିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ସିନ୍ଧିଗୁଡ଼ା ଗ୍ରାମର ଏହି ଦୁଃଖଦ ଅବସ୍ଥା ସଂପୂର୍ଣ୍ଣ ଗଣତନ୍ତ୍ରକୁ ପ୍ରଶ୍ନ କରିଛି। ଏହାକୁ ଶୀଘ୍ର ଗମ୍ଭୀରତା ସହ ନେଇ ସମାଧାନ ନ କରାଗଲେ ଏମାନଙ୍କ ଜୀବନ ଓ ଭବିଷ୍ୟତ ଅନ୍ଧକାରରେ ରହିଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ବାବଦରେ ଜିଲ୍ଲା ସରପଞ୍ଚ ସଂଘର ସଭାପତି ଶ୍ରୀନିବାସ ମୁଦୁଲିଙ୍କୁ ପଚାରିବାରୁ ଏ ବାବଦରେ ଜିଲ୍ଲା ପ୍ରଶାସନଙ୍କୁ ସ୍ଥାନୀୟ ସରପଞ୍ଚ ଜଣାଇଥିଲେ ମଧ ଜିଲ୍ଲା ପ୍ରଶାସନ କର୍ଣ୍ଣପାତ କରୁନଥିବା ଅଭିଯୋଗ ଆଣିଛନ୍ତି।

ପୁନଃନିଯୁକ୍ତି ଦାବିରେ ନିଲମ୍ବିତ ସହସମ୍ପାଦକଙ୍କ ଆମରଣ ଅନଶନ

ଜଗତସିଂହପୁର,୩୦।୭ (ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ରେଢୁଆ ସେବା ସମବାୟ ସମିତିର ସହସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ପ୍ରକାଶ ମହାପାତ୍ର ଧାନମଣ୍ଡି

ଅବ୍ୟବସ୍ଥା ପ୍ରସଙ୍ଗକୁ ନେଇ ଗତ ୧୦।୧୦।୨୦୨୩ରେ ନିଲମ୍ବିତ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୯।୯।୨୦୨୪ରେ ତତ୍କାଳୀନ ଏସଏଆରସିଏସ ଗୁରୁପ୍ରସାଦ ବେହେରା ନିଲମ୍ବିତ ସହସମ୍ପାଦକ ପ୍ରକାଶ ମହାପାତ୍ରଙ୍କୁ ପୁନଃନିଯୁକ୍ତି ପାଇଁ ସୁପାରିଶ କରିଥିଲେ। ମାତ୍ର ସମବାୟ ସମିତିର ପରିଚାଳନା ପରିଷଦର ୧୩ ଜଣ ସଭ୍ୟ ମଧ୍ୟରୁ ୮ ଜଣ ଏହାକୁ ବିରୋଧ କରି ଡିଆରସିଏସଙ୍କୁ ଚିଠି କରିଥିବାରୁ ଶ୍ରୀ ମହାପାତ୍ରଙ୍କ ପୁନଃନିଯୁକ୍ତି ହୋଇପାରି ନ ଥିଲା। ଏହି ଘଟଣାକୁ ରାଜନୈତିକ ଉଦ୍ଦେଶ୍ୟ ରଖି କରାଯାଇଥିବା ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି। ସେହିପରି ଚାକିରି କରିବା ସମୟରେ ଦେଇଥିବା ସମସ୍ତ କାଗଜପତ୍ର ଓ ସଭା ବହି ଚିରି ଦିଆଯାଇଥିବା ସେ ଅଭିଯୋଗ ଉଠାଇଛନ୍ତି। ଏଭଳି ପରିସ୍ଥିତିରେ ସେ ମାନସିକ ଭାରସାମ୍ୟ ହରାଇ ଚିକିତ୍ସା ହେବା ସହିତ ତାଙ୍କ ସ୍ତ୍ରୀ ଓ ପିଲା ସମସ୍ୟାରେ ପଡୁଛନ୍ତି। ସବୁଆଡୁ ନିରାଶ ହେବା ପରେ ନିଲମ୍ବିତ ସହସମ୍ପାଦକ ପ୍ରକାଶ ମହାପାତ୍ର ଆଜିଠାରୁ ଜଗତସିଂହପୁର ଡିଆରସିଏସଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଏ ସମ୍ପର୍କରେ ଡିଆରସିଏସ ପ୍ରଭାତ ଶତପଥୀଙ୍କୁ ପଚାରିବାରୁ ନିଯୁକ୍ତି ପ୍ରକ୍ରିୟା ସମ୍ପୃକ୍ତ ସମବାୟ ସମିତିର ପରିଚାଳନା କମିଟିର କାମ ହୋଇଥିବାରୁ ସେ ଏ ସମ୍ପର୍କରେ ସମିତି ସଭାପତି ଓ ସମ୍ପାଦକଙ୍କୁ ଜଣାଇଥିବା କହିଥିଲେ। ତେବେ ଶ୍ରୀ ମହାପାତ୍ରଙ୍କର ଯାହା ବକେୟା ଅର୍ଥ ପାଇବାର ଅଛି, ତାହା ତାଙ୍କୁ ଅଗଷ୍ଟ ପ୍ରଥମ ସପ୍ତାହରେ ମିଳିଯିବ ବୋଲି ସୂଚନା ଦେଇଛନ୍ତି।

ପୂର୍ବତନ ସମିତି ସଭ୍ୟ ରମାକାନ୍ତ ବିଶ୍ୱାଳଙ୍କ ପରଲୋକ

କୁଜଙ୍ଗ,୩୦।୭ (ସମିସ): କୁଜଙ୍ଗ ବ୍ଲକ ପୋତାନଇ ପଞ୍ଚାୟତ ଦାରଦିଆ ଗ୍ରାମର ବର୍ଷୀୟାନ ରାଜନେତା ତଥା ଅବିଭକ୍ତ ଗରେଇ ପଞ୍ଚାୟତର ପ୍ରଥମ ସମିତିସଭ୍ୟ ରମାକାନ୍ତ ବିଶ୍ୱାଳ(୮୫)ଙ୍କ ସୋମବାର ବିଳମ୍ବିତ ରାତ୍ରରେ ପରଲୋକ ହୋଇଯାଇଛି। ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ, ବରିଷ୍ଠ ବିଜେଡି

ନେତା ତଥା ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ସମିତି ସଭ୍ୟ ସତ୍ୟବାନ ମୁଦୁଲି, ପ୍ରାକ୍ତନ ସମିତି ସଭ୍ୟ ପ୍ରବୀର ମହାନ୍ତି, ପ୍ରଦୀପ୍ତ ଦାସ, ମାଗୁଚରଣ ଜେନା, ଅରୁଣ ଦାସ, ସୁରେଶ ଦଳାଇ, ଦୋଳଗୋବିନ୍ଦ ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ ଜୋତ୍ସ୍ନାରାଣୀ ମୁଦୁଲି ପ୍ରମୁଖ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥଲେ।

ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଦୁଇଦିନିଆ ଜଗତସିଂହପୁର ଗସ୍ତ

ବୟନ ଗ୍ରାମ ଓ ଅମୃତ ଡାଏରୀ ପରିଦର୍ଶନ

ଜଗତସିଂହପୁର/ରଘୁନାଥପୁର,୩୦।୭ (ସମିସ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଗୃହ ନିର୍ମାଣ, ନଗର ଉନ୍ନୟନ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ବୁଧବାର ଦୁଇଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସିଛନ୍ତି। ଅପରାହ୍ନରେ ଜିଲ୍ଲାପାଳ ଜେ. ସୋନାଲଙ୍କ ଉପସ୍ଥିତିରେ ଉଷା ପାଢ଼ୀ ରଘୁନାଥପୁର ବ୍ଲକ୍ ଜଇପୁରସ୍ଥ ବୟନ ଗ୍ରାମ ଓ ପୂରଣ ଓଡ଼ପଡ଼ା ଅମୃତ ଡାଏରୀ ପରିଦର୍ଶନ କରିଥିଲେ। ବୟନ ଗ୍ରାମରେ ବୁଣାକାର ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଶାଢ଼ୀ, ସାଲ, ଓଢଣି ଓ ଅନ୍ୟାନ୍ୟ ସାମଗ୍ରୀ ଦେଖି ତାରିଫ କରିବା ସହ ସେମାନଙ୍କ ଅଧିକ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରସ୍ତୁତ ସାମଗ୍ରୀର ବର୍ତ୍ତମାନ ଥିବା ଦରଠାରୁ ୨୦ ପ୍ରତିଶତ ଅଧିକ ଦରରେ ବିକ୍ରି କରାଗଲେ ବୁଣାକାର ମହିଳା ଅଧିକ

ରୋଜଗାରକ୍ଷମ ହୋଇପାରିବେ ବୋଲି ସେ ପ୍ରକାଶ କରିଥିଲେ। ମହିଳାଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଅଧିକ ତାଲିମ ଓ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ସାମଗ୍ରୀର ସ୍ୱତନ୍ତ୍ର ବ୍ରାଣ୍ଡ ପାଇଁ ଉପସ୍ଥିତ ଓରମାସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। କୋଟପଡା, ମାଣିଆବନ୍ଧ ଭଳି ଜଗତସିଂହପୁର ବ୍ରାଣ୍ଡର ହସ୍ତତନ୍ତ ଶାଢ଼ୀ ଓ ଅନ୍ୟାନ୍ୟ ସାମଗ୍ରୀ ସାରା ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁ ବୋଲି ପ୍ରମୁଖ ସଚିବ ପାଢ଼ୀ ପ୍ରକାଶ କରିଥିଲେ। ଏଥିପାଇଁ ଓରମାସ କର୍ତ୍ତୃପକ୍ଷ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ତ୍ୱରିତ ପଦକ୍ଷେପ ନେବାକୁ ପ୍ରମୁଖ ସଚିବ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ଏ ଅବସରରେ ସେ ହସ୍ତତନ୍ତ ସାମଗ୍ରୀର ବିକ୍ରୟକେନ୍ଦ୍ର ଓ କାଫେ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ। ହସ୍ତତନ୍ତ ଯୁଗ୍ମନିର୍ଦ୍ଦେଶକ ଆଶୁତୋଷ ମହାନ୍ତି ବୟନ ଗ୍ରାମର ବିଭିନ୍ନ ପ୍ରକାର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ପ୍ରମୁଖ ସଚିବ ପାଢ଼ୀଙ୍କୁ ଅବଗତ କରିଥିଲେ। ସେହିପରି ଓରମାସ ଡେପୁଟି ସିଓ ଆଶିଷ ରାଉଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ଦାସ ଅନଲାଇନ ମାର୍କେଟିଂ ଜରିଆରେ କିପରି ପ୍ରସ୍ତୁତ ସାମଗ୍ରୀ ବିକ୍ରୟ ହେଉଛି, ସେ ସମ୍ପର୍କରେ ତଥ୍ୟ ରଖିଥିଲେ। ପ୍ରଥମେ ପ୍ରମୁଖ ସଚିବ ପାଢ଼ୀ ପୂରଣ ଓଡ଼ପଡ଼ାସ୍ଥ ଅମୃତ ଡାଏରୀରେ ପହଞ୍ଚି ମହିଳା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ଘିଅ ଓ ପେଡାର ଚାହିଦା ସମ୍ପର୍କରେ ବୁଝିଥିଲେ। ପ୍ରସ୍ତୁତ ସାମଗ୍ରୀର ଉତ୍ପାଦନ ବଢାଇ ଅଧିକ ରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ ଏଡିଏମ ସମ୍ବିତ ରାଉତ, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ରବିନାରାୟଣ ଜେଠୀ, ଡିପିସି ମୋନାଲିସା ଭଞ୍ଜ, ଡିପିଏମ ସୌମ୍ୟରଞ୍ଜନ ବିଶ୍ୱାଳ, ରଘୁନାଥପୁର ବିଡିଓ ବିରଞ୍ଚିନାରାୟଣ ବେହେରା, ବିପିସି ଶଶାଙ୍କ ଶେଖର ସ୍ୱାଇଁ ଓ ବିପିଏମ ଲିପିକା ଷଡ଼ଙ୍ଗୀଙ୍କ ସହ ଅନ୍ୟ ଅଧିକାରୀ ସାମିଲ ଥିଲେ।

ନାବାଳିକା ଗର୍ଭବତୀ ଘଟଣାରେ ଅଭିଯୁକ୍ତ କୋର୍ଟ ଚାଲାଣ

କୁଜଙ୍ଗ,୩୦।୭ (ସମିସ): କୁଜଙ୍ଗ ଥାନା ଗଣ୍ଡକିପୁର ଅଞ୍ଚଳର ନାବାଳିକା ଗର୍ଭବତୀ ଘଟଣାରେ ଅଟକ ଥିବା ଜଣେ ଅଭିଯୁକ୍ତକୁ କୁଜଙ୍ଗ ପୁଲିସ ଗିରଫ କରିବା ସହ ଜଗତସିଂପୁର ପକ୍ସୋ କୋର୍ଟ ଚାଲଣ କରିଛି। ଅଭିଯୁକ୍ତ କୁଜଙ୍ଗ ଦୁଆଡ଼ିଆ ବାଲିସାହି ଗ୍ରାମର ପିଣ୍ଟୁ ବେହେରା। ଏହି ଘଟଣାରେ ଏକମାତ୍ର ଅଭିଯୁକ୍ତ ଗିରଫ ହୋଇଥିବା ପିଣ୍ଟୁ ଜଡ଼ିତ ନାଁ, ଆଉ କିଏ ସାମିଲ ଅଛନ୍ତି; ତାହାକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି।

ଯୁବକଙ୍କ ଆତ୍ମହତ୍ୟା

ପାରାଦୀପ, ୩୦।୭ (ସମିସ): ଅଭୟଚାନ୍ଦପୁର ଥାନା ଅଧୀନସ୍ଥ ରିଫାଇନାରୀର ମେଟାଲ କ୍ରାଫ୍ଟ କମ୍ପାନୀ କର୍ମଚାରୀ ମୁକେଶ (୨୨) ଆଜି ଅପରାହ୍ନରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଯୁବକଙ୍କ ବଡ଼ଭାଇ ମଧ ପାରାଦୀପରେ ଏକ ଠିକା ସଂସ୍ଥାରେ କାମ କରୁଛନ୍ତି। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି।

■ ପଟ୍ଟାମୁଣ୍ଡାଇ ମହିଳା କଲେଜରେ ଜାଲ୍ ନିଯୁକ୍ତି ପ୍ରସଙ୍ଗ

କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ହାଇକୋର୍ଟଙ୍କ ରିପୋର୍ଟ ତଲବ

କଟକ,୩୦।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ମହିଳା କଲେଜରେ ଜାଲ୍ ନିଯୁକ୍ତି ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷକରି ଥାନାରେ ହୋଇଥିବା ଏତଲା ଆଧାରରେ ପୁଲିସ ତଦନ୍ତରେ ନିଷ୍କ୍ରିୟତା ନେଇ ଅଦାଲତ କେନ୍ଦ୍ରାପଡା ଏସପିଙ୍କୁ ରିପୋର୍ଟ ତଲବ କରିଛନ୍ତି। କାହିଁକି ଦୁଇ ବର୍ଷ ଧରି ତଦନ୍ତ ସରୁନି ଓ ଅଦାଲତଙ୍କ ଆଦେଶକୁ ଅନୁପାଳନ କରାଯାଇନାହିଁ ସେନେଇ ଅଦାଲତ ପ୍ରଶ୍ନ କରିଛନ୍ତି। ଅମରବର ବିଶ୍ୱାଳ ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଚିତ୍ତରଂଜନ ଦାଶ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗତ ଜୁନ୨୪ରେ ଅଦାଲତ କେନ୍ଦ୍ରାପଡ଼ାର ପୁଲିସ ଅଧୀକ୍ଷକଙ୍କୁ ଏକ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶକୁ ଅବମାନନା କରି ଅଧୀକ୍ଷକ ନିଜେ ସତ୍ୟପାଠ ଦାଖଲ ନ କରି ଡିଏସପିଙ୍କ ଦ୍ୱାରା ସତ୍ୟପାଠ ଦାଖଲ କରିଛନ୍ତି। ଅଦାଲତ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏଣୁ ପୁଣିଥରେ କେନ୍ଦ୍ରାପଡ଼ା ପୁଲିସ ଅଧୀକ୍ଷକଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାରୁ ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ମହିଳା କଲେଜରେ ପରିଚାଳନା ପରିଷଦ ସଭାପତିଙ୍କ ଦସ୍ତଖତ ଜାଲ୍ କରି ୪୮ ଜଣ ଅଧ୍ୟାପକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ଗତ ୨୦୨୩ ଜୁନ୨୬ରେ ଏନେଇ ପଟ୍ଟାମୁଣ୍ଡାଇ ଥାନାରେ ଏତଲା ଦିଆଯିବା ପରେ ବି କିଛି ପଦକ୍ଷେପ ନିଆ ନଯିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

କେନ୍ଦ୍ରାପଡ଼ା ଜିଲ୍ଲା ସଡ଼କ ନିରାପତ୍ତା କମିଟି ବୈଠକ

ଅମାନିଆ ଗାଡ଼ି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୩୦।୭ (ସମିସ): ଜିଲ୍ଲାସ୍ତରୀୟ ସଡ଼କ ନିରାପତ୍ତା ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର ନାୟକ, ରାସ୍ତା ଓ କୋଠାବାଡି ବିଭାଗର (୧) ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ

ଜେନା, ଘରୋଇ ବସ୍ ସଂଘର ଆରଆର ଦାସ, ଓଡିଶା ରାଜ୍ୟ ସଡ଼କ ପରିବହନର ଆସିଷ୍ଟାଣ୍ଟ ମ୍ୟାନେଜର ଶଶୀକାନ୍ତ ସାହୁ, ଡିଏସପିଇ ଡିଆଇବି ଲକ୍ଷ୍ମୀନାରାୟଣ ତିୱାରୀ, କେନ୍ଦ୍ରାପଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ଜାତୀୟ ରାଜପଥର ସୁଜିତ ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡ.ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଦ୍ରୁତ ଗାଡ଼ି ଚାଳନା, ଓଭରଲୋଡ଼ିଂ, ହେଲମେଟ ଚେକିଂ, ହମ୍ପସ ନିର୍ମାଣ, ସାଇନ ବୋର୍ଡ ଇତ୍ୟାଦି ବିଷୟରେ ଆଲୋଚନା ହେବା ସହିତ ଜନସାଧାରଣ ଭୟ ନ କରି ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ହସ୍ପିଟାଲରେ ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯାଇଛି। ବିଦ୍ୟାଳୟ, ମହାବିଦ୍ୟାଳୟ ବ୍ୟତୀତ ସାଧାରଣ ଜନତାଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅମାନିଆ ଗାଡି ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଦେବୀ ନଦୀବନ୍ଧ ସୁଇଚ୍ ଗେଟ୍‌ର ସ୍ଥିତି ସମୀକ୍ଷା

ବାଲିକୁଦା,୩୦।୭ (ସମିସ): ଜଗତସିଂହପୁର ଜିଲ୍ଲାର ତରିକୁନ୍ଦଠାରେ କନ୍ଦରପୁର ମାଛଗାଁ କେନାଲ ବନ୍ଧରେ ୧୦ ଫୁଟ ଘାଇ ସୃଷ୍ଟି ହେବା ପରେ ଚଳଚଞ୍ଚଳ ହୋଇପଡିଛି ବାଲିକୁଦା ପ୍ରଶାସନ। ଆଜି ବାଲିକୁଦା ତହସିଲଦାର ବିକାଶ ରଞ୍ଜନ ଓ ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକ ମାଛଗାଁ କେନାଲ ବନ୍ଧର ସ୍ଥିତି ସମୀକ୍ଷା କରିବା ସହ ଖାଲଗାଁ ମହାବୀର ମନ୍ଦିର ନିକଟରେ ଥିବା ଦେବୀ ନଦୀବନ୍ଧର ସୁଇଚ ଗେଟର ସ୍ଥିତି ସମୀକ୍ଷା କରିଥିଲେ। ଏ ନେଇ ତହସିଲଦାରଙ୍କୁ ଜିଲ୍ଲାପାଳ ତୁରନ୍ତ ସ୍ଥିତି ସମୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିବା ସହ ଦେବୀ ନଦୀରେ ବର୍ତ୍ତମାନ ବନ୍ୟା ସ୍ଥିତି ନାହିଁ। କେନାଲ ବନ୍ଧ ସୁରକ୍ଷିତ ଥିବା ପ୍ରକାଶ କରିଥିଲେ। ତହସିଲଦାରଙ୍କ ଏହି ଗସ୍ତରେ ସମୟରେ ଅତିରିକ୍ତ ତହସିଲଦାର ପ୍ରତାପ ଜେନା, ରେଭେନ୍ୟୁ ସୁପରଭାଇଜର ପ୍ରତାପ ମଲ୍ଲିକ, ଆରଆଇ ଅରୁଣ ଦଳାଇ ଉପସ୍ଥିତ ଥିଲେ।

ପାରାଦୀପ ବନ୍ଦର ପାଇକାରୀ ସମବାୟ ଭଣ୍ଡାର ଲିଃର ସାଧାରଣ ସଭା

ପାରାଦୀପ, ୩୦।୭ (ସମିସ): ପାରାଦୀପ ବନ୍ଦର ପାଇକାରୀ ସମବାୟ ଭଣ୍ଡାର ଲିଃର ସାଧାରଣ ସଭା ନୂଆବଜାର ପୋର୍ଟ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଭାଜନ ଉପନିବନ୍ଧକ ପ୍ରଭାତ ଶତପଥୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଭଣ୍ଡାର ଲିଃର ସମ୍ପାଦକ ରାଖାଲ ସାମଲ ଓ ସମବାୟବିତ୍ ଫକୀର ସ୍ୱାଇଁଙ୍କ ସମେତ ୧୩ ଜଣ ନିର୍ଦ୍ଦେଶକ ମଣ୍ଡଳୀ ଯୋଗ ଦେଇଥିଲେ। ସମ୍ପାଦକ ଶ୍ରୀ ସାମଲ ସ୍ୱାଗତ ଭାଷଣ ଦେବା ସହିତ ଭଣ୍ଡାର ଲିଃର ସାମ୍ପ୍ରତିକ ଘଟଣାବଳୀ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ଶ୍ରୀ ସାହୁ ଏହି କେନ୍ଦ୍ରୀୟ ସମବାୟ ଭଣ୍ଡାରର ଇତିହାସ ସମ୍ପର୍କରେ କହିବା ସହିତ ବର୍ତ୍ତମାନ ସମସ୍ୟା ଓ ଏହାର ସମାଧାନ କରିବା ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ଶତପଥୀ ସମବାୟ ପରିବାର ମଧ୍ୟରେ ସୁବିଧା ଅସୁବିଧା ଲାଗି ରହିଛି। ବିଭାଗର ମାଲିକ ହେଲେ କଞ୍ଜୁମର। କୁଜଙ୍ଗ, ତିର୍ତ୍ତୋଲ, ଏରସମା ଓ ପାରାଦୀପ ପୌରାଞ୍ଚଳ ମଧ୍ୟରେ ଥିବା ସମସ୍ତ କଞ୍ଜୁମର ପକ୍ଷରୁ ଦାବି କରାଯାଇଛି ଯେ, ସବୁ ବ୍ଲକରେ କଞ୍ଜୁମର ବ୍ୟବସାୟ ଖୋଲିବାକୁ। ଏହାକୁ ଉପରିସ୍ଥ ଅଧିକାରୀ ନିକଟରେ ପ୍ରସ୍ତାବ ରଖିବାକୁ ସେ କହିଥିଲେ। ଏହି ସଭାରେ ଉପରୋକ୍ତ ୩ଟି ବ୍ଲକର ବହୁସଂଖ୍ୟକ ସଭ୍ୟାସଭ୍ୟ ଉପସ୍ଥିତ ଥିବାବେଳେ ଉପସଭାପତି କମଳାକୁମାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ଜଗତସିଂହପୁର,୩୦।୭ (ସମିସ): ଜଗତସିଂହପୁର ସହରର ବଡ଼ବଜାରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉଲ୍ଲାସ ଚନ୍ଦ୍ର ରାୟ ଏହି ମେଳାକୁ ଉଦ୍‌ଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିବା ପ୍ରକଳ୍ପ ପରିଦର୍ଶନ କରି ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରଶ୍ନମଞ୍ଚ, ପତ୍ରବାଚନ, ପ୍ରକଳ୍ପ, ପ୍ରୟୋଗ, ମୂର୍ତ୍ତିବାଟିକା ଓ ଶିଶୁବାଟିକା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅପରାହ୍ନରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଈଶ୍ୱର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ନଗରପାଳ ସତ୍ୟବ୍ରତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବର ବିକାଶ ଦିଗରେ ଏଭଳି କାର୍ଯ୍ୟକ୍ରମ ସହାୟତା ପ୍ରଦାନ କରିବ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ପ୍ରମୁଖ ରଶ୍ମୀକାନ୍ତ ସାହୁ, ଉପସଭାପତି ଡଃ ଜ୍ୟୋତିର୍ମୟୀ ମହାନ୍ତି ଓ ଯୁଗ୍ମ ସମ୍ପାଦକ ବିଜୟ ରଥ ପ୍ରମୁଖ ଏଯୋଗଦେଇ ଜ୍ଞାନବିଜ୍ଞାନ ମେଳା ଆୟୋଜନର ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିଥିଲେ। ୧୮୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟ ପ୍ରସନ୍ନ ଖୁଣ୍ଟିଆ ଅତିଥି ପରିଚୟ ଦେଇଥିବାବେଳେ ବିଜ୍ଞାନ ଆଚାର୍ଯ୍ୟ ହରିହର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଗୋବିନ୍ଦ ନାୟକ ବୃତ୍ତ କଥନ କରିଥିବାବେଳେ ଗୁରୁମା ଅମିତା ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

୨ ତାରିଖରେ ଜଗତସିଂହପୁରରେ ଡାକସେବା ବନ୍ଦ

ଜଗତସିଂହପୁର,୩୦।୭ (ସମିସ): ଆସନ୍ତା ଅଗଷ୍ଟ ୨ ତାରିଖରେ କଟକ ଦକ୍ଷିଣ ଡାକମଣ୍ଡଳ ଅଧୀନରେ ଥିବା ଜଗତସିଂହପୁର ପ୍ରଧାନ ଡାକଘର, ଆଠଗଡ଼ ପ୍ରଧାନ ଡାକଘର, ସମସ୍ତ ଉପଡାକଘର ସହ ଏହା ଅଧୀନସ୍ଥ ସମସ୍ତ ଶାଖା ଡାକଘରେ ଡାକସେବା ବନ୍ଦ ରହିବ। ଡାକ ବିଭାଗ ଦ୍ୱାରା ବର୍ତ୍ତମାନ ବ୍ୟବହୃତ ଏସଏପି ସଫ୍ଟୱେୟାର ବଦଳରେ ନିଜସ୍ୱ ଡିଜାଇନ ସହ ଆଧୁନିକ ଡାକ ବ୍ୟବସ୍ଥା ଓ ପ୍ରଯୁକ୍ତି (ଆଇଟି ୨.୦ ସଫ୍ଟୱେୟାର) ପ୍ରଚଳିତ ହେବାକୁ ଯାଉଛି। ଅଗଷ୍ଟ ୪ ତାରିଖରୁ ଏହି ସଫ୍ଟୱେୟାର କାର୍ଯ୍ୟକ୍ଷମ ହେବ। ଏହି ସଫ୍ଟୱେୟାର ପ୍ରଚଳନ ଦ୍ୱାରା ଡାକସେବା ଅଧିକ ତ୍ୱରାନ୍ୱିତ ହେବା ସଙ୍ଗେ ସଙ୍ଗେ ନେଟୱାର୍କ ସମସ୍ୟାର ସମାଧାନ ହୋଇପାରିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଛି। ଏଣୁ ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ବୈଷୟିକ କାରଣରୁ ଅଗଷ୍ଟ ୨ ତାରିଖରେ ଡାକସେବା ବନ୍ଦ ରହିବ ବୋଲି କଟକ ଦକ୍ଷିଣ ଡାକମଣ୍ଡଳର ଡାକ ଅଧୀକ୍ଷକ ପରମେଶ୍ୱର ନାୟକ ସୂଚନା ଦେଇଛନ୍ତି।

ହେନ୍ତାଳବଣ ସଂରକ୍ଷଣରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପିପିଏଲ୍ ପୁରସ୍କୃତ

ପାରାଦୀପ,୩୦।୭ (ସମିସ): ବିଶ୍ୱ ହେନ୍ତାଳବଣ ସଂରକ୍ଷଣ ଓ ପୁନରୁଦ୍ଧାର ଦିବସ ଅବସରରେ ପାରାଦୀପର ପିପିଏଲ କମ୍ପାନୀ ସମ୍ମାନିତ ହୋଇଛି। ଭୁବନେଶ୍ୱରରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ କମ୍ପାନୀ ସିଜେଏମ ସୁମିତ୍ ସେନାପତିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶାର ୪୮୨ କିମି ଉପକୂଳ ସ୍ଥିରତା, ହେନ୍ତାଳ ବଣ ସୃଷ୍ଟି ପାଇଁ ନିରବଚ୍ଛିନ୍ନ ପ୍ରୟାସ ପାଇଁ ଏପରି ସଫଳତା ମିଳିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ସାପ କାମୁଡ଼ାରେ ଯୁବକ ମୃତ

ଆଳି, ୩୦।୭ (ସମିସ): ଆଳି ଥାନା ଅଧୀନ ପତ୍ରପୁର ପଞ୍ଚାୟତ ଅନ୍ତର୍ଗତ ରାଏସରପୁର ଗ୍ରାମର ଜଣେ ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଅଲେଖ ମହାଳିକଙ୍କ ପୁଅ ପ୍ରହ୍ଲାଦ(୩୫) ଗତକାଲି ରାତି ପ୍ରାୟ ୧୨ଟାରେ ଶୋଇଥିବାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ତାଙ୍କୁ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ବିବି ହାଇସ୍କୁଲରେ ଶିକ୍ଷକ ଅଭାବ, ପାଠପଢା ସହ କ୍ରୀଡ଼ା ପ୍ରଭାବିତ

ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଧାରଣା

କୁଜଙ୍ଗ,୩୦।୭ (ସମିସ)

କୁଜଙ୍ଗର ଶତାୟୁ ଶିକ୍ଷାନୁଷ୍ଠାନ ପିଏମଶ୍ରୀ ବିବି ହାଇସ୍କୁଲରେ ଆବଶ୍ୟକ ଶିକ୍ଷକ ଓ କର୍ମଚାରୀ ଅଭାବ ଯୋଗୁଁ ପାଠପଢ଼ା ସହ କ୍ରୀଡ଼ା ପ୍ରଭାବିତ ହେଉଛି। ନିକଟରେ କେତେକ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଛି। ତେବେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦାବିରେ ଅଞ୍ଚଳବାସୀ, ମୁରବୀ, ବୁଦ୍ଧିଜୀବୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆଜି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡଃ ପ୍ରବୀର ପ୍ରଧାନ, ଆଲୁମ୍ନି ସଭାପତି ଅଧ୍ୟାପକ ଅକ୍ଷୟ ପଲାଇ, ଓକିଲ ସଂଘ ସଭାପତି ତଥା ପୂର୍ବତନ ଛାତ୍ର ଏଏନ୍‌ଡି ଯାଦବ, ପରିଚାଳନା କମିଟିର ନବ କୁମାର ସାହୁ, ରବୀନ୍ଦ୍ର ନାୟକ, ଡଃ କାହ୍ନୁଚରଣ ସ୍ୱାଇଁ, ସୁଶାନ୍ତ ଦାସ, ସୁବାସ ଦାସ, ସୂର୍ଯ୍ୟକାନ୍ତ ସ୍ୱାଇଁ, ପ୍ରମୋଦ ଦାସ, ଗୀତାଞ୍ଜଳି

ନାୟକ, ସ୍ୱର୍ଣ୍ଣଲତା ପଲାଇ ସସ୍ମିତା ବେହେରା, ନର୍ମଦା ନାୟକ, ପୂର୍ବତନ ଛାତ୍ର ମନୀନ୍ଦ୍ର ଗୁରୁ, ଆଥଲେଟିକ୍ କ୍ଲବର ଦିଲ୍ଲୀପ ସାହୁ, ରଜନୀକାନ୍ତ ଗୁରୁ, ବରିଷ୍ଠ ନାଗରିକ ମଞ୍ଚର ରଜନୀକାନ୍ତ ଦାସ, ଆଡଭୋକେଟ୍ ବାସୁଦେବ ପ୍ରମୁଖ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସହ ଧାରଣା ଦେଇଥିଲେ। ଏଡିଇଓ ପରେଶ ପାତ୍ର ପହଞ୍ଚି ଆନ୍ଦୋଳନକାରୀ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବିବି ହାଇସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୭୦୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଜିଲ୍ଲାପାଳ, ଶିକ୍ଷାଅଧିକାରୀଙ୍କ ସହ ବିଧାୟକ, ମନ୍ତ୍ରୀଙ୍କୁ ବିଭିନ୍ନ ସମୟରେ ଅଭିଯୋଗ କରାଯାଇ ଆସୁଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆଜି ଅଭିଭାବକ ଓ ଛାତ୍ରଛାତ୍ରୀ ଧାରଣା ଦେଇଥିଲେ। ୭୦୫ ଜଣ ପିଲାଙ୍କୁ ୧୨ ଜଣ ଶିକ୍ଷକ ଅଛନ୍ତି। ୨୨ ଜଣ ଶିକ୍ଷକ ଆବଶ୍ୟକ ରହିଛି। ଗଣିତ ଓ ବିଜ୍ଞାନ ପାଇଁ ୧୧ ଜଣ ଆବଶ୍ୟକ ଥିବାବେଳେ ୫ ଜଣ ଥିବା ସୂଚନା ମିଳିଛି। ସେହିପରି କଳା ଓ ଅନ୍ୟାନ୍ୟ କ୍ଷେତ୍ରରେ ସମାନ ଅବସ୍ଥା ରହିଛି। ଜୁଲାଇ ପ୍ରଥମ ସପ୍ତାହରେ ଆନ୍ଦୋଳନ ଚେତାବନୀ ପରେ ଶିକ୍ଷା ବିଭାଗ ପକ୍ଷରୁ କେତେକ ଶିକ୍ଷକଙ୍କୁ ଡେପୁଟେସନରେ ବିଦ୍ୟାଳୟକୁ ପଠାଯାଇଥିଲେ ମଧ୍ୟ ସ୍ଥାୟୀ ଶିକ୍ଷକ ଦାବି ନେଇ ଏହି ଆନ୍ଦୋଳନ ଓ ବିକ୍ଷୋଭ କରାଯାଇଥିଲା।

ନାଲ୍‌କୋ ଡିପିଏସ୍ ସ୍କୁଲ୍‌ରେ ଅବ୍ୟବସ୍ଥା

ଅନୁଗୋଳ, ୩୦।୭ (ସମିସ)

ଅବ୍ୟବସ୍ଥା ଭିତରେ ଚାଲିଛି ନାଲକୋ ସ୍ଥିତ ପୁରାତନ ଇଂଲିଶ ମିଡିୟମ ସ୍କୁଲ। ପିଲାଙ୍କ ଭବିଷ୍ୟତ ସହ ଖେଳୁଛି ନାଲ୍କୋ ଡିପିଏସ୍ ସ୍କୁଲ୍ ବୋଲି ଅଭିଯୋଗ ହେଉଛି। ୩ ବର୍ଷ ହେଲା ସ୍ଥାୟୀ ପ୍ରଧାନଶିକ୍ଷକ ନଥିବା

● ୩ ବର୍ଷ ହେଲା ନାହାନ୍ତି ସ୍ଥାୟୀ ପ୍ରଧାନଶିକ୍ଷକ, ଭୁଶୁଡ଼ିଛି ପରିମଳ ବ୍ୟବସ୍ଥା

ବେଳେ ଦୁଇମାସ ପରେ ବି ବାଲବାଟିକା ୧, ୨ ଖୋଲିପାରିଲାନି। ସୂଚନାନୁଯାୟୀ, ନବରତ୍ନ ପ୍ରାପ୍ତ କମ୍ପାନୀ ନାଲ୍କୋର ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ (ଡିପିଏସ୍)ରେ କମ୍ପାନୀର କର୍ମଚାରୀ ଓ ସ୍ଥାନୀୟ କ୍ଷତିଗ୍ରସ୍ତ ଜମିହରା ପ୍ରଜାଙ୍କ ପିଲାମାନେ ପଢ଼ୁଛନ୍ତି। ପ୍ରାୟ ୩ ବର୍ଷ ହେବ ସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି। ଆଉ ବିଭିନ୍ନ ବିଭାଗର ଶିକ୍ଷକ ପଦବୀ ମଧ୍ୟ ଖାଲିପଡ଼ିଛି। ଏଥିଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ସେହିପରି ବାଲବାଟିକା ୧, ୨ ଖୋଲାଯାଇ ପାରିନାହିଁ। ଉଭୟ ଜୁନିୟର୍ ଓ ସିନିୟର୍ ଡିପିଏସ୍ ସ୍କୁଲରେ ଭୌତିକ ବିଜ୍ଞାନ, ହିନ୍ଦି, ଓଡ଼ିଆ, ଇଂରାଜୀ, ଗଣିତ, ଭୂଗୋଳ, ସଂସ୍କୃତ, ଜୀବବିଜ୍ଞାନ, ଅର୍ଥନୀତି, କମ୍ପ୍ୟୁଟର୍ ବିଜ୍ଞାନ, ଖେଳ, ଗୀତ, ନାଚ ଓ କାର୍ଯ୍ୟାଳୟ ସହାୟକ ପ୍ରମୁଖ ୩୦ଟି ପଦବୀ ଗତମାସ ନିଯୁକ୍ତି ଆହ୍ୱାନ କରାଯାଇଥିଲା। ସେଥିରୁ ଭୌତିକ ବିଜ୍ଞାନ ଓ ଓଡ଼ିଆ ବିଭାଗର ଲିଖିତ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଫଳରେ ଏହି ଦୁଇ ବିଭାଗରେ ଶିକ୍ଷକ ନିଯୁକ୍ତିକୁ ବାତିଲ କରିଦିଆଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଏନେଇ ଅସନ୍ତୋଷ ଦେଖାଦେଇଥିଲା। ବାକି ଅନ୍ୟ ବିଭାଗରେ ଲିଖିତ ଓ ମୌଖିକ ପରୀକ୍ଷା ଶେଷ ହୋଇଥିଲେ ବି ଶିକ୍ଷକ ନିଯୁକ୍ତି ହୋଇପାରି ନାହିଁ। ସିନିୟର୍ ଡିପିଏସ୍ ସ୍କୁଲର ଜଣେ ଶିକ୍ଷକ ଶିକ୍ଷକତା କରୁଥିବା ବେଳେ ସେ ମଧ୍ୟ ଜୁନିୟର ଡିପିଏସ୍ ସ୍କୁଲରେ ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟ ତୁଲାଉଛନ୍ତି। ଯାହାଫଳରେ ଶିକ୍ଷାଦାନ ଠିକ୍ ଭାବରେ ହୋଇପାରୁନାହିଁ। ସ୍କୁଲରେ ପରିମଳ ବ୍ୟବସ୍ଥା ବି ଅତ୍ୟନ୍ତ ଶୋଚନୀୟ। ଏଦିଗରେ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ସ୍କୁଲରେ ଅଧକ୍ଷ ମାଧବ ବେହେରାଙ୍କୁ ପଚାରିବାରୁ ଶିକ୍ଷକ ନିଯୁକ୍ତି ସହ ଖୁବ୍ ଶୀଘ୍ର ବାଲବାଟିକା ୧, ୨ ଖୋଲାଯିବ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

■ 'ଅପରେସନ ସିନ୍ଦୂର'

ସଂସଦ ବିତର୍କରେ ବଳି ନ ପଡୁ ସେନାଙ୍କ ବଳିଦାନ

ତାଳଚେର, ୩୦।୭ (ସମିସ): ଭାରତ ସର୍ବ ବୃହତ ଗଣତନ୍ତ୍ର ଦେଶ। ତେବେ ନିଜର ପ୍ରଚାରପ୍ରସାର କରିବାକୁ ଯାଇ ଯଦି ସେନାଙ୍କ ପରାକ୍ରମକୁ ଭୁଲିଯିବା ତେବେ ସେମାନଙ୍କ ମନୋବଳ ଭାଙ୍ଗିଯିବ। ଯିଏ ନିଜ ଜୀବନକୁ ବାଜିଲଗାଇ ଦେଶ ମାତୃକାର ସୁରକ୍ଷା ପାଇଁ ଆଗଭର ହୁଅନ୍ତି ସେମାନଙ୍କୁ ବିଶେଷ ଶ୍ରେୟଦେବା ଆବଶ୍ୟକ ବୋଲି ବରିଷ୍ଠ ବିଜେଡିନେତା ତଥା ପୂର୍ବତନ ଢ଼େଙ୍କାନାଳ ସାଂସଦ ମହେଶ ସାହୁ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। 'ଅପରେସନ ସିନ୍ଦୂର' ବିଷୟରେ ଉଭୟ ଲୋକସଭା ଓ ରାଜ୍ୟସଭାରେ ଚର୍ଚ୍ଚା ହେବ ଏବଂ ଏହାଦୀର୍ଘ ୩୨ଘଣ୍ଟା ଧରି ଚାଲିବ ବୋଲି କୁହାଯାଉଛି। ଚର୍ଚ୍ଚା ଏଭଳି ନହେଉ ଯେଉଁଥିରେ ଭାରତୀୟ ସେନାବାହିନୀର ମନୋବଳକୁ ଦୁର୍ବଳ ନକରୁ। ଭାରତୀୟ ସେନାର ଦେଶଭକ୍ତି ଭାବନା ଅଛି ବୋଲି ବାହିନୀରେ ଯୋଗଦେଇଛନ୍ତି ଏବଂ ଦିନରାତି, ସମୟ ଅସମୟ ପିଲା ଛୁଆ ସଂସାରକୁ ଛାଡ଼ି ଜୀବନକୁ ବାଜିଲଗାଇ କାମ କରୁଛନ୍ତି ଆମଦେଶର ସେନାମାନେ। ରାଜନେତା ଯାହାକହିଲେ ଓ ଡିଣ୍ଡିମ ପିଟିଲେ ମଧ୍ୟ ସବୁ ଶ୍ରେୟ ସେନାର; ମାତ୍ର ଆଉ କାହାର ନୁହେଁ। ସେନାକୁ ସୁଖ ଦେବାର ଯାହାର ଅଧିକାର ନାହିଁ ସେମାନଙ୍କୁ ଦୁଃଖ ଓ ନିରାଶ କରିବାର କୌଣସି ଯଥାର୍ଥ ନାହିଁ ବୋଲି ପ୍ରାକ୍ତନ ସାଂସଦ ତଥା ବିଜେଡି ନେତା ଶ୍ରୀ ସାହୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

ଆଇଏନ୍‌ଟିୟୁସି ରାଜ୍ୟ ଯୁବଶାଖା ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ନାଲ୍‌କୋ ନଗର, ୩୦।୭ (ସମିସ): ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ଯୁବ ଶାଖା ଓଡ଼ିଶାର ନୂତନ କାର୍ଯ୍ୟକର୍ତ୍ତାଙ୍କୁ ନାଲକୋ (ଏସ୍ ଆଣ୍ଡ ପି) ଅନୁଗୋଳ ସ୍ଥିତ ନାଲକୋ ଏମ୍ପଲୋୟିଜ ସଂଘ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରାଜ୍ୟ ଯୁବ ଶାଖା ମନୋନୀତ କରିଥିବା ଉପସଭାପତି ସନ୍ତୋଷ ନାଏକ, କୋଷାଧକ୍ଷ ଅନିଲ ଜେନା, ସମ୍ପାଦକ ସୁବାସ ବେହେରା ଏବଂ ସାଂଗଠନିକ ସମ୍ପାଦକ ସୁଶାନ୍ତ ସାହୁ ପ୍ରମୁଖଙ୍କୁ ନାଲକୋ ଏମ୍ପଲୋୟିଜ ସଂଘ(ନେସ) କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନେସ ୟୁନିୟନ ସଭାପତି ନିର୍ମଳ ସାମଲ, ସାଧାରଣ ସମ୍ପାଦକ ରଞ୍ଜିତ ସାହୁଙ୍କ ସମେତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ଅନୁଗୋଳ, ୩୦।୭ (ସମିସ): ଅନୁଗୋଳ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲାର ସଭାପତି ଯଯାତି ପଟ୍ଟନାୟକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିବା ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ବିରୋଧରେ ଜିଲ୍ଲା ବିଜେପି ଓ ଜିଲ୍ଲାର ମୋର୍ଚ୍ଚା ତରଫରୁ ଅନୁଗୋଳ ଟାଉନ୍ ରାଜାଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଭକ୍ତଚରଣ ଦାସ, ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତିଙ୍କ ସମେତ ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଚୌଧୁରୀ ପ୍ରଧାନ, ସୁଦୀପ ଗଡ଼ନାୟକ, ବିଜୟ ମାଝୀ, ବିଶ୍ୱଜିତ ମିଶ୍ର, ପ୍ରକାଶ ସିଂହ, ପ୍ରତ୍ୟୁଷ ରଞ୍ଜନ ପଣ୍ଡା, ରୁଚିର ନନ୍ଦ, ଅଜିତ ପ୍ରଧାନ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ସିଦ୍ଧାର୍ଥ ରାଉତରାୟ, ସମୀର ପରିଡ଼ା, ପୁରୁଷୋତ୍ତମ ନାୟକ, ବିକାଶ ବେହେରା, ନମିତା ଦଳବେହେରା, ଶୁଚିସ୍ମିତା ତ୍ରିପାଠୀ, ଶୋଭାଗିନୀ ପ୍ରଧାନ, ରୋଜାଲିନ ଦାସ, ମୀରା ଗଡ଼ନାୟକ, ଜସ୍ମିନ ପ୍ରଧାନ, ସ୍ମିତା ପଟ୍ଟନାୟକ, ମଞ୍ଜୁଲତା ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

କୁଞ୍ଜାମ ଜପ୍ତି ସଂରକ୍ଷିତ ଜଙ୍ଗଲରେ ୧୫୦୦ ଚାରାରୋପଣ

ଖମାର, ୩୦।୭ (ସମିସ): ମା'ଙ୍କ ନାମରେ ଗଛଟିଏ ତଥା ୭୯ତମ ବନ ମହୋତ୍ସବ ପରିପେକ୍ଷୀରେ ଦେବଗଡ଼ ବନଖଣ୍ଡ ଖମାର ବନାଞ୍ଚଳ ଅଧୀନସ୍ତ ପାଉସିଆ ବିଟ୍ ଅନ୍ତର୍ଗତ କୁଞ୍ଜାମ ପଞ୍ଚାୟତ ଧଉରାଗୋଠ ଗ୍ରାମର ଜପ୍ତି ସଂରକ୍ଷିତ ଜଙ୍ଗଲରେ ୭୯ତମ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୫୯ ହେକ୍ଟର ଅଞ୍ଚଳରେ ବନ ବିଭାଗ ତରଫରୁ ୧୫୦୦ ଜଙ୍ଗଲୀଜାତ ଓ ଫଳ ପ୍ରଜାତିର ଚାରାରୋପଣ କରାଯାଇଛି। ଖମାର ବନାଞ୍ଚଳରେ ସରକାରୀ ସଂରକ୍ଷଣ ଜଙ୍ଗଲରେ ଆଉ ମଧ୍ୟ ଗଛ ଲଗାଇବା ପାଇଁ ଯୋଜନା ରହିଛି ବୋଲି ରେଞ୍ଜର କହିଛନ୍ତି। ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତି ଯୋଗଦେଇଥିଲେ। ଦେବଗଡ଼ ଡିଏଫଓ ସ୍ୱାଧୀନତା ସାହାଣୀ, ଏସିଏଫ ଅରୁଣ କୁମାର ବେହେରା, ଖମାର ରେଞ୍ଜର ମନୋଜ ତିଗା, ଫରେଷ୍ଟର ସୁଧାଂଶୁ ବେହେରା, ଫରେଷ୍ଟ ଗାର୍ଡ ବବିତା ନାଏକ, ମୋନାଲିସା ପ୍ରଧାନ, ବାହାନ ବେହେରା, ମାନଗୋବିନ୍ଦ କିସାନ, ଜିଲ୍ଲା ପରିଷଦ ସଦସ୍ୟା, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ଏସଏଚଜି, ଗ୍ରାମୀଣ ବନସଂରକ୍ଷଣ ସମିତି ସଦସ୍ୟ, କୁଞ୍ଜାମ ହାଇସ୍କୁଲ ଛାତ୍ରଛାତ୍ରୀ, ସମାଜସେବୀ ଯୁବଗୋଷ୍ଠୀ ଏବଂ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏସ୍‌ୟୁଜେ ଅନୁଗୋଳ ଶାଖାର ସାଂଗଠନିକ ବୈଠକ

ଅନୁଗୋଳ/ତାଳଚେର, ୩୦।୭ (ସମିସ): ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ) ଅନୁଗୋଳ ଶାଖାର ସାଂଗଠନିକ ବୈଠକ ଓ ପରିଚୟପତ୍ର ପ୍ରଦାନ ଉତ୍ସବ ସମଲ ବ୍ୟାରେଜ ଅତିଥି ଭବନରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତି, ମୁଖ୍ୟଅତିଥି ଭାବେ ଏସ୍‌ୟୁଜେ ଓଡ଼ିଶା ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ କମିଟି ସଦସ୍ୟ ନିତ୍ୟାନନ୍ଦ ମିଶ୍ର ଓ ସାମ୍ବାଦିକ ଶରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବାସହ, ବୀମାରାଶିକୁ ୨୦ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି ସହ ୧୫ ହଜାର ଟଙ୍କା ପେନସନ ପ୍ରଦାନ କରାଯିବାକୁ ରାଜ୍ୟ ସରକାରଙ୍କ ଠାରେ ସଂଘ ତରଫରୁ ଦାବି ଜଣାଯାଇଥିବା ବେଳେ ଏନେଇ ମୁଖ୍ୟମନ୍ତ୍ରୀ ବିଚାର କରିବେ ବୋଲି ଶ୍ରୀ ନାୟକ କହିଥିଲେ। ଜିଲ୍ଲାର ୫୨ ଜଣ ସାମ୍ବାଦିକଙ୍କୁ ସଂଘର ପରିଚୟପତ୍ର କାର୍ଡ ପ୍ରଦାନ କରାଯାଇଥିଲା। ଏସୟୁଯେ ଅନୁଗୁଳ ଶାଖା ସଭାପତି ବିରଜା ଶଙ୍କର ମିଶ୍ର ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ବନମାଳୀ ନାଏକ ବିବରଣୀ ପାଠ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୌଭାଗ୍ୟ ମହାରଣା, ଜିଲ୍ଲା ସହସମ୍ପାଦକ ପ୍ରଦୀପ ବେହେରା, ବିଜୟ ବେହେରା, ସୁବାସ ପ୍ରଧାନ, ଜିଲ୍ଲା କୋଷାଧକ୍ଷ ସଞ୍ଜୟ ସିଂ, ଜିଲ୍ଲା ଉପସଭାପତି ରଞ୍ଜନ ସାହୁ ଓ ପୂର୍ଣ୍ଣଚନ୍ଦ୍ର ବେହେରା, ଜାତୀୟ ପରିଷଦ ସଦସ୍ୟ ସୟଦ ଜୁଲ୍‌କର ହୁସେନ ପ୍ରମୁଖନିଜର ମତ ଦେଇଥିଲେ। ଆଗାମୀ ନଭେମ୍ବରରେ ଜିଲ୍ଲା ଶାଖା ତରଫରୁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ତାଳଚେର କିମ୍ବା କଣିହାଁ ଅଞ୍ଚଳରେ କରାଯିବାକୁ ନିଷ୍ପତି ନିଆଯାଇଛି। ଶେଷରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯୁଗଳ କିଶୋର ଜିତ୍ ଧନ୍ୟବାଦ୍ ଅର୍ପଣ କରିଥିଲେ।

ସରକାରୀ ଓକିଲ ଡ. ପରମାନନ୍ଦ ମିଶ୍ରଙ୍କୁ ଓକିଲ ସଂଘର ସମ୍ବର୍ଦ୍ଧନା

ଅନୁଗୋଳ, ୩୦।୭ (ସମିସ): ଅନୁଗୋଳ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ତଥା ସରକାରୀ ଓକିଲ ପରମାନନ୍ଦମିଶ୍ରଙ୍କୁ ଭାରତ ବୁଦ୍ଧିଜୀବୀ ସମ୍ମିଳନୀରେ ଇଣ୍ଡିଆ ଇଣ୍ଟେଲେକଚୁଆଲ କନକ୍ଲେଭ-୨୦୨୫ରେ ଓଡ଼ିଆ ଓ ଇଂରାଜୀ ଭାଷାରେ ଗବେଷଣା କରି ତାଙ୍କ ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ନ୍ୟାରିଗେଟିଂ ମାଟ୍ରିମୋନିଆଲ ଲ ପାଇଁ ଡକ୍ଟର ଉପାଧିରେ ସମ୍ମାନିତ କରାଯାଇଛି। ସମାରୋହ ନୂଆଦିଲ୍ଲୀର ହ୍ୟାବିଟାଣ୍ଟ ସେଣ୍ଟରରେ ଆୟୋଜିତ ହୋଇଥିଲା। ବର୍ଲିଙ୍ଗଟନ ଷ୍ଟେଟ୍ ୟୁନିଭରସିଟି, ଯୁକ୍ତରାଷ୍ଟ୍ର ଆମେରିକାର ମେରିଲ୍ୟାଣ୍ଡ ଷ୍ଟେଟ୍ ୟୁନିଭର୍ସିଟିରୁ ତାଙ୍କ ଡିଲିଟ ଓ ଡକ୍ଟରେଟ ଉପାଧି ମୁଖ୍ୟଅତିଥି ପ୍ରଫେସର ଡ. ଦିନେଶ ଶର୍ମା ଏବଂ ବିଭିନ୍ନ ଦେଶରୁ ଆସିଥିବା ଅତିଥିମାନଙ୍କ ଗହଣରେ ଅର୍ଜନ କରିଛନ୍ତି। ଅଷ୍ଟ୍ରେଲିଆର ଭିସ୍ ଗାଫନି ଓ ଋଷିଆର ଅମ୍ବାସୀ ମେଡାଲ୍ ଦେଇ ଡ. ମିଶ୍ରଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଆଜି ଅନୁଗୋଳ ଓକିଲ ସଂଘ କାର୍ଯ୍ୟାଳୟରେ ଡ. ପରମାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଅନୁଗୋଳ ଓକିଲ ସଂଘର ସଭାପତି ହିମାଂଶୁଭୂଷଣ ସାମଲ, ସହସମ୍ପାଦକ ପୁରୁଷୋତ୍ତମ ନାୟକ, ସମେତ ବରିଷ୍ଠ ଆଇନଜୀବି ଜ୍ୟୋତିରଞ୍ଜନ ତ୍ରିପାଠି, ରଜତ କୁମାର ସାହୁ, ପବିତ୍ର କୁମାର ମୁଦୁଲି, ପ୍ରଶାନ୍ତ କୁମାର ଦାସ, ସଞ୍ଜୟ କୁମାର ସାହୁ, ମନୋରଞ୍ଜନ ଦାସ, ଧିରେନ୍ଦ୍ର କୁମାର ପ୍ରଧାନ, ବିନୋଦ କୁମାର ସାମଲ, ପ୍ରେମାନନ୍ଦ ସାହୁ, ପାର୍ଥସାରଥି ସାହୁ, ଦିବ୍ୟଦର୍ଶୀ ବଳିଆରସିଂହ, ଶ୍ରୀଧର ସାହୁ, କେଦାର ସାହୁ, ଆଶୀର୍ବାଦ ସାହୁ ଆଇନଜୀବୀ ଯୋଗଦାନ କରିଥିଲେ।

ଅଗ୍ନିକାଣ୍ଡରେ ଯୁବକ ମୃତ ଘଟଣାର ପର୍ଦ୍ଦାଫାଶ; ପତ୍ନୀ ଓ ପ୍ରେମିକ ଗିରଫ

ଅନୁଗୋଳ, ୩୦।୭ (ସମିସ): ପତ୍ନୀ ଓ ତାଙ୍କ ପ୍ରେମିକ ମିଶି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏହା ଅସହ୍ୟ ହେବାରୁ ସ୍ୱାମୀ ଜିଅନ୍ତା ଜଳିଗଲେ। ଦୁଇଦିନ ତଳେ ଅନୁଗୋଳ ସହରର ଗୀତାଗ୍ରାମରେ ଘଟିଥିବା ଘଟଣାରେ ପୁଲିସ ଅଭିଯୁକ୍ତ ପତ୍ନୀ ଓ ତାଙ୍କ ପ୍ରେମିକଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, କୋରାପୁଟ ଜିଲ୍ଲା ଜୟପୁର ସହରର ସରୋଜ ସାହୁ ସୋମବାର ଭୋରୁ ଗୀତାଗ୍ରାମରେ ରହୁଥିବା ଭଡ଼ାଘରେ ଆତ୍ମହତ୍ୟା କରିଥିଲେ। ଘର ଭିତରେ କବାଟ ବନ୍ଦ କରି ନିଆଁ ଲଗାଇଦେବାରୁ ସେ ଜିଅନ୍ତା ଜଳି ଯାଇଥିଲେ। ଘଟଣା ଜଣାପଡ଼ିବା ପରେ ମୃତ ସରୋଜଙ୍କ ମା' ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ, ସରୋଜଙ୍କ ପତ୍ନୀ ଗୀତାଞ୍ଜଳି ସାହୁ(୨୮) ସବୁବେଳେ ସ୍ୱାମୀଙ୍କୁ ମାନସିକ ନିର୍ଯାତନା ଦେଇଆସୁଥିଲେ। ବିବାହ ପରେ ସେମାନେ ଜୟପୁରରେ ଅଲଗା ଭଡ଼ାଘରେ ରହୁଥିଲେ। ଏହି ସମୟରେ ମାଇକ୍ରୋ ଫାଇନାନ୍ସରେ କାମ କରୁଥିବା ରାୟଗଡ଼ା ଜିଲ୍ଲା ପଦ୍ମପୁର ଅଞ୍ଚଳର କେଶବ ଗୌଡ଼(୨୭)ଙ୍କ ସହ ତାଙ୍କର ସମ୍ପର୍କ ଗଢ଼ି ଉଠିଥିଲା। ଏହାକୁ ବିରୋଧ କଲେ ଉଭୟ ମିଶି ସରୋଜଙ୍କୁ ଗାଳିମନ୍ଦ କରୁଥିଲେ। ପରେ କେଶବଙ୍କର ଅନୁଗୋଳ ବଦଳି ହୋଇଯାଇଥିଲା। ଏହାର କିଛିଦିନ ପରେ ସେ ଗୀତାଞ୍ଜଳିଙ୍କୁ ଅନୁଗୋଳକୁ ଡକାଇଥିଲେ। ଏଠାକୁ ଗୀତାଞ୍ଜଳି ଓ ତାଙ୍କ ସ୍ୱାମୀ ସରୋଜ ଆସିଥିଲେ। କିନ୍ତୁ ଏଠାରେ ଉଭୟଙ୍କର ଅନୈତିକ ସମ୍ପର୍କ ଦେଖିବା ପରେ ସରୋଜ ବିରୋଧ କରିଥିଲେ। ଏଥିପାଇଁ ରବିବାର ରାତିରେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଝଗଡ଼ା ହୋଇଥିଲା। କେଶବ ଏଥିରେ ଗୀତାଞ୍ଜଳିଙ୍କ ପକ୍ଷନେଇ ସରୋଜଙ୍କୁ ବି ଗାଳି କରିଥିଲେ। ପରେ ଭୋର ସମୟରେ ସରୋଜ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା କରିବାକୁ ବାଧ୍ୟ କରିଥିବାରୁ କେଶବ ଓ ଗୀତାଞ୍ଜଳିଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

■ ଝାମ୍ପୁଲ୍ଲୀ ସ୍କୁଲକୁ ବ୍ରଜବନ୍ଧୁ ପ୍ରଦାନ କଲେ ଲକ୍ଷେ ଟଙ୍କା

ପ୍ରତିବର୍ଷ ମେଧାବୀଙ୍କୁ ଦିଆଯିବ ଛାତ୍ରବୃତ୍ତି

କିଶୋରନଗର, ୩୦।୭ (ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତର ଝାମ୍ପୁଲ୍ଲୀ ପ୍ରାଥମିକ ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁ ତଥା ମୋ ସ୍କୁଲ ଅଭିଯାନ ପାଇଁ ଝାମ୍ପୁଲ୍ଲୀ ଗ୍ରାମର ସ୍ୱର୍ଗତ ଭୀମସେନ ବିଶ୍ୱାଳଙ୍କ ପୁଅ ବ୍ରଜବନ୍ଧୁ ବିଶ୍ୱାଳ ୧ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହିଟଙ୍କାର ସୁଧରେ ବ୍ରଜବନ୍ଧୁଙ୍କ ସ୍ୱର୍ଗତ ପିତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯିବ। ମହତ କାର୍ଯ୍ୟ ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜିତ ବାଘ, ଶିକ୍ଷକ ଦିଗେନ ପ୍ରଧାନ, ମୋ' ସ୍କୁଲ ଅଭିଯାନର ସଭାପତି ଗଣପତି ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ ପ୍ରଧାନ, ଗ୍ରାମର ଶିକ୍ଷାବିତ୍ ଧନେଶ୍ୱର ବିଶ୍ୱାଳ, ଦିବାକର ମାଝୀ, ରମାକାନ୍ତ ପ୍ରଧାନ ଓ ଗ୍ରାମବାସୀ ଶ୍ରୀ ବିଶ୍ୱାଳଙ୍କୁ ସାଧୁବାଦ ଜଣାଇଛନ୍ତି।

ନାଲ୍‌କୋ ଏସ୍‌ଭିଏମ୍‌ରେ ବିଜ୍ଞାନ ଓ ଚିତ୍ରକଳା ପ୍ରଦର୍ଶନୀ

ନାଲକୋ ନଗର, ୩୦।୭ (ସମିସ): ନାଲକୋ ନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ଅଧକ୍ଷ ଡଃ ଶତ୍ରୁଘ୍ନ ବେହେରାଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ସୁନୀଲ କୁମାର ମହାପାତ୍ର (ଜିଜିଏମ ଏଚ ଆଣ୍ଡ ଏ) ପ୍ରଦର୍ଶନୀ ଉଦଘାଟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଯାପନ ସଭାରେ ମୁଖ୍ୟଅତିଥି ଭାବେ ସତ୍ୟବାଦୀ ମିଶ୍ର (ଜିଜିଏମ ସିପିପି) ଶୁଭେନ୍ଦୁ ଘୋଷ(ଜିଜିଏମ କୋଲ) ବିଦ୍ୟାଳୟର ସମ୍ପାଦକ ଡା ସୁଧାକର ପାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅଧକ୍ଷ ଡଃ ବେହେରା ଅତିଥି ପରିଚୟ ପ୍ରଦାନ ଓ ବକ୍ତବ୍ୟ ରଖିଥିଲେ। ବିଜ୍ଞାନମେଳାରେ ୧୩୪ଟି ବିଜ୍ଞାନ ଓ ଗଣିତ ପ୍ରକଳ୍ପ ଏବଂ ୬୦ଟି ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣିତ କୁଇଜ, ବିଜ୍ଞାନ କୁଇଜ, ବିଜ୍ଞାନ ସେମିନାର, ଗଣିତ ସେମିନାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ସୁରେନ୍ଦ୍ର ପାଢ଼ୀ, ସଂଯୁକ୍ତା ଧର, ସୁଶାନ୍ତ କୁମାର ଦାଶ, ସୁଶାନ୍ତ କୁମାର ତ୍ରିପାଠି, ବିଜୟ କୁମାର ମହାରଣା, ପ୍ରଫୁଲ କୁମାର ଅରଖ ସଂଯୋଜନା କରିଥିଲେ। ପ୍ରତ୍ୟେକ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଉପାଧକ୍ଷା ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶ୍ରୀଗୁରୁ ପୂଜନ ଉତ୍ସବ

ଅନୁଗୋଳ, ୩୦।୭ (ସମିସ): ତାଳଚେର ଦେଉଳବେଡା ଡିସିଆଇ କ୍ଲବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶ୍ରୀଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ବିଭିନ୍ନ କ୍ଷେତ୍ରର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଗୁରୁ ପୂଜନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଭାଗ ସମ୍ପର୍କ ପ୍ରମୁଖ ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇ ସଂଘର ପ୍ରତିଷ୍ଠା ଓ ଗୁରୁ ପୂଜନ ପରମ୍ପରା ଉପରେ ବିଶେଷ ଭାବେ ମାର୍ଗ ଦର୍ଶନ କରିଥିଲେ। ଆଇଏସଏସର ଜିଲ୍ଲା ସହ ସଂଘ ଚାଳକ ଗିରିଧାରୀ ଶତପଥୀ, ନଗର ସଂଘ ଚାଳକ ପ୍ରମୋଦ କୁଣ୍ଡୁ ମଞ୍ଚାସୀନ ଥିଲେ। ବରିଷ୍ଠ ବିଜେପି ନେତା କାଳନ୍ଦି ସାମଲଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଗୁରୁ ପୂଜନ କରିଥିଲେ।

ଲୋକଙ୍କୁ ହଇରାଣ କରୁଛନ୍ତି ନାଲ୍‌କୋ ଭୂଅର୍ଜନ କାର୍ଯ୍ୟାଳୟ

ଅନୁଗୋଳ, ୩୦।୭ (ସମିସ)

ନାଲକୋ କମ୍ପାନୀ ନିଜର ସ୍ମେଲଟର କାରଖାନାର ବ୍ରାଉନ ଫିଲଡ ସମ୍ପ୍ରସାରଣ କାର୍ଯ୍ୟର ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରିରହିଛି। ଇତିମଧ୍ୟରେ କ୍ଷେତ୍ର ସର୍ବେକ୍ଷଣ ଓ ପରିବାର ସର୍ଭେ କାର୍ଯ୍ୟ ଶେଷ ହୋଇଛି। ବର୍ତ୍ତମାନ ସର୍ଭେ ସମୟରେ ଲୋକଙ୍କ ରହି ଯାଇଥିବା ଅଭିଯୋଗକୁ ଶୁଣିବା ପାଇଁ ଅଭିଯୋଗ ଶୁଣାଣି କାର୍ଯ୍ୟ ନାଲକୋ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜାରିରହିଛି। ଲୋକଙ୍କ ଅଭିଯୋଗ ଶୁଣୁଥିବା ନାଲକୋ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଅଭିଯୋଗ କରିବାକୁ ଆସିଥିବା ଲୋକଙ୍କୁ ହଇରାଣ କରୁଥିବା ଲୋକେ ଅଭିଯୋଗ ଆଣିଛନ୍ତି। ଏପରିକି ଲୋକଙ୍କ ହାତରେ ଅସଲି କବଲା ଓ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ପଟ୍ଟା ଥିଲେ ମଧ୍ୟ ସାର୍ଟିଫାଇ କପି ମାଗୁଛନ୍ତି। କବଲା, ପଟ୍ଟା, ନକ୍ସା, କେଶ ରେକର୍ଡ ଆଦି ଯାବତୀୟ ଅସଲି ଦସ୍ତାବିଜ ଦେଖାଇବା ପରେ ମଧ୍ୟ ଏ ସବୁର ସାର୍ଟିଫାଇ କପି

■ ସାର୍ଟିଫାଇ କପି ନାମରେ ନୟାନ୍ତ ହେଲେଣି ଲୋକେ

ଆଣିଲେ ଅଭିଯୋଗ ଶୁଣିବେ ବୋଲି ସାଫସାଫ କହୁଛନ୍ତି। ଏପରିକି ପୈତୃକ ସମ୍ପତିରୁ ଯେଉଁ ଉତ୍ତରାଧିକାରୀମାନେ ଦୁଇଖାନା ସଂଶୋଧନ କରି ନିଜ ନାମକୁ ପଟ୍ଟା ଆଣିଛନ୍ତି। ସେ ସବୁ କିପରି ହେଲା ବୋଲି ସାର୍ଟିଫାଇ କପି ମାଗୁଛନ୍ତି। ଏହାଫଳରେ ଜିଲ୍ଲା ଉପନିବନ୍ଧନ କାର୍ଯ୍ୟାଳୟରୁ ତହସିଲଦାରଙ୍କ କାର୍ଯ୍ୟାଳୟ ଏପରିକି ଜିଲ୍ଲା ରେକର୍ଡ ରୁମ ସବୁଠାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ତେବେ ସାଧାରଣ ଲୋକଟିଏ ଏସବୁ ଦସ୍ତାବିଜ ସରକାରୀ ଦପ୍ତରରୁ କାଢ଼ିବା ବର୍ତ୍ତମାନ କାଠିକର ପାଠ ହୋଇଛି। ଫର୍ମ କିଣିବା ଠାରୁ ଷ୍ଟାମ୍ପ ଟିକସ ଦେୟ, ଏପରିକି ଆବେଦନ ପାଇଁ ସରକାରୀ ଦେୟ ଏସବୁ ମିଶାଇ ବର୍ତ୍ତମାନ ସମସ୍ତ ଦସ୍ତାବିଜ ଏକାଠି କରିବାକୁ ହେଲେ ୧୫ ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଅଥଚ ଲୋକଙ୍କ ପାଖରେ ଅସଲି ଦସ୍ତାବିଜକୁ ଅଧିକାରୀ ଜଣଙ୍କ ଗ୍ରହଣ କରୁନାହାନ୍ତି। ତେବେ ତହସିଲ କାର୍ଯ୍ୟାଳୟରୁ ଜିଲ୍ଲା ଉପ ନିବନ୍ଧନ କାର୍ଯ୍ୟାଳୟ ଲୋକେ ଦୌଡ଼ିଦୌଡ଼ି ନୟାନ୍ତ ହେଲେଣି। କେତେକ ପୁରୁଣା ରେକର୍ଡ ମଧ୍ୟ ତହସିଲ କାର୍ଯ୍ୟାଳୟରେ ମିଳୁନାହିଁ। ଏପରି ସ୍ଥିତିରେ ଲୋକେ ନାଲକୋକୁ ଜାଗା ଦେବାକୁ ମୁହଁ ଫେରାଇଲେଣି। ନାଲକୋ କମ୍ପାନୀ ଜମି ଅଧିଗ୍ରହଣ କରୁଥିବା ବେଳେ ପ୍ରଶାସନ ଏଥିରେ ମଧ୍ୟସ୍ଥତା କରୁଛି। ଲୋକଙ୍କ ସୁବିଧା ସହ ଶିଳ୍ପର ବିକାଶ ପାଇଁ ପ୍ରଶାସନ ଦୁଇପକ୍ଷକୁ ସମାନ ଭାବେ ଦେଖିବା କଥା। ହେଲେ କମ୍ପାନୀ ପ୍ରୀତିରେ ଶହଶହ ବର୍ଷର ଭିଟାମାଟି ଲୋକେ ଛାଡିବାକୁ ଥିବା ଲୋକ ମାନଙ୍କୁ ବାରମ୍ବାର ଖର୍ଚ୍ଚନ୍ତ କରାଇ ଦଉଡାଉ ଥିବାରୁ ଜମି ଅଧିଗ୍ରହଣ ନେଇ ଲୋକେ ବିରକ୍ତିଭାବ ପୋଷଣ କରିଲେଣି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତଃ ମହେନ୍ଦ୍ର ନାଥ ସ୍ୱାଇଁ
ଗ୍ରାମ - ଲକ୍ଷ୍ମୀ ସାଗର, ଖୋର୍ଦ୍ଧା।
ଆବିର୍ଭାବ - ୧୭.୦୨.୧୯୪୧, ତିରୋଧାନ - ୨୧.୦୭.୨୦୨୫

ଆପଣଙ୍କର ଅବର୍ତ୍ତମାନରେ ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଶିକ୍ଷକ ଜୀବନ ନୀତି, ନୈତିକତା, ଆଦର୍ଶ, ବ୍ୟକ୍ତିତ୍ୱ ଆମପାଇଁ ଶ୍ରେଷ୍ଠ ସମ୍ବଳ ହେଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ଝିଅ, ନାତି, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଚନ୍ଦ୍ରମଣୀ ଜେନା
ଗ୍ରାମ-ଦକ୍ଷିଣବାଡ଼, ଧାମନଗର, ଜିଲ୍ଲା-ଭଦ୍ରକ
ଆବିର୍ଭାବ - ୨୧/୧୨/୧୯୪୬
ତିରୋଧାନ - ୨୧/୦୭/୨୦୨୫

ବାପା, ଆପଣଙ୍କ ଅବର୍ତ୍ତ ମାନରେ ଆଜକୁ ଏଗାର ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତ ରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କର ହତଭାଗ୍ୟ ପୁତ୍ର
ଡ଼. ଅଜିତ୍ ପ୍ରସାଦ ଜେନା,
ସତ୍ୟଜିତ ଜେନା, ସୁବ୍ରତ ଜେନା,
ଦେବବ୍ରତ ଜେନା ଓ ବନ୍ଧୁ ସ୍ୱଜନ, ଜେନା ପରିବାର ବର୍ଗ।

ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିଲା ପିସିସି ପ୍ରତିନିଧି ଦଳ

ଯାଜପୁର/ଦଶରଥପୁର, ୩୦।୭ (ସମିସ)

ପ୍ରଦେଶ କଂଗ୍ରେସ କମିଟିର ପ୍ରତିନିଧି ଦଳ ବନ୍ୟା ଅଞ୍ଚଳ ପରିଦର୍ଶନ କରିଛନ୍ତି। ବାସୁଦେବପୁର ବିଧାୟକ ତଥା ବିଧାନସଭାରେ କଂଗ୍ରେସର ଉପନେତା ଅଶୋକ ଦାସଙ୍କ ସମେତ ପିସିସି ସଭାପତିଙ୍କ ପରାମର୍ଶଦାତା ସୁଧାଂଶୁ ଦେଓ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିବା ସହ ସମସ୍ୟା ଭୋଗୁଥିବା ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ବିଶେଷ କରି ବ୍ରହ୍ମଚାରୀ ପାଟଣାରେ ବସବାସ କରୁଥିବା ଲୋକେ ସରକାର ଅଞ୍ଚଳବାସୀଙ୍କ ସୁରକ୍ଷା ପାଇଁ ବନ୍ଧ ଉପରେ ଗୁରୁତ୍ୱ ଦେଉନଥିବାର ଅଭିଯୋଗ କରିଥିଲେ। ସେହିପରି କଣ୍ଟପଡ଼ା ଠାରେ ଚାରି ବର୍ଷ ତଳେ ହୋଇଥିବା ଘାଇକୁ ସଠିକ ମରାମତି କରାନଯିବା ଯୋଗୁଁ ପାଖ ଅଞ୍ଚଳ ଦଣ୍ଡପୁର, ପରାମାନନ୍ଦପୁର ଅଞ୍ଚଳର ଚାଷ ଜମି ବାଲିଚର ହୋଇଯାଇଛି। ହାଜିନଗରଠାରେ ୩ଟି ସ୍ଥାନରେ ଘଳିଆ ପଡ଼ିବା ଦ୍ୱାରା ସେଠାରେ ବସବାସ କରୁଥିବା ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏଠାରେ ମାଟି ବଦଳରେ ବାଲିରେ ବନ୍ଧ କରାଯାଉଥିବା ଅଭିଯୋଗ କରିଥିଲେ। ଏପରି ଗୁରୁତର ସମସ୍ୟାକୁ ବିଧାନସଭାରେ ପ୍ରଶ୍ନ କରାଯିବ ବୋଲି ଶ୍ରୀ ଦାସ କହିଥିଲେ। ଏହି ଟିମ୍ ଅପରାହ୍ନରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଭେଟି ବନ୍ୟା ପ୍ରଭାବିତ ଅଞ୍ଚଳ ବିଷୟରେ ମତ ରଖିବା ସହ ଲୋକଙ୍କ ସମସ୍ୟାକୁ ତୁରନ୍ତ ସମାଧାନ, ବନ୍ୟାର ସ୍ଥାୟୀ ପ୍ରତିକାର, ଘେରି ବନ୍ଧ ନିର୍ମାଣ, ସଠିକ ସ୍ୱାସ୍ଥ୍ୟସେବା, ଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ଗୃହପାଳିତ ପଶୁମାନଙ୍କୁ ଖାଦ୍ୟ ଯୋଗାଣ ଆଦି ଦିଗରେ ବିଶେଷ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ସମସ୍ତ ଅଭିଯୋଗକୁ ଗୁରୁତ୍ୱ ଦେଇ ଯଥା ସମ୍ଭବ ଜିଲ୍ଲା ପ୍ରଶାସନର ସମ୍ପୃକ୍ତ ବିଭାଗ ଗୁଡିକ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନୁଧ୍ୟାନକାରୀ ଦଳଙ୍କ ସହ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ପଦ୍ମାକର ଗୁରୁ, ଦୁର୍ଯ୍ୟୋଧନ ବେହେରା, ଚନ୍ଦ୍ରଶେଖର ସାହୁ, ମାଗୁଣି ଜେନା, କନକ ମଲ୍ଲିକ, ରାକେଶ ସାହୁ, ପ୍ରତିମା କର, କାଲୁଆ ରାଉତ, ସୁଶାନ୍ତ ମିଶ୍ର, ଦେବେନ୍ଦ୍ର ପଣ୍ଡା, ଭାସ୍କର ମହାନ୍ତି, ଅକ୍ଷୟ ଶତପଥୀ, ବିଭୂତି ମହାପାତ୍ର, ବିଜୟ ମହାପାତ୍ର, ନକୁଳଦେବ ସାହୁ, ଦେବାକନ୍ତ ପତି, ସାଗର ପରିଡ଼ା, ଏକାଦଶୀ ତ୍ରିପାଠୀ, ମହେନ୍ଦ୍ର ପଳାଇ, ଅନୁପମ ମଲ୍ଲିକ, ଅତୁଲ ମହାନ୍ତି, ଜନ୍ମେଜୟ ସାମଲ, ଦେବେନ୍ଦ୍ର ପ୍ରଧାନ, କୁମାର ଆଶୁତୋଷ, ସଂଗ୍ରାମ ସାହାଣୀ, ଦେବାଶିଷ ସାମନ୍ତ ପ୍ରମୁଖ ସାମିଲ ହୋଇଥିଲେ।

■ ହୋଇପାରୁନି ଚାଷୀ ପଞ୍ଜୀକରଣ

ଇଣ୍ଟରନେଟ ଓ ଆଖି ସ୍କାନ ସାଜିଛି ସମସ୍ୟା

ବିଞ୍ଝାରପୁର, ୩୦।୭ (ସମିସ): ଚଳିତ ବର୍ଷ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିବାକୁ ହେଲେ ଉତ୍ତରାଧିକାରୀ ପ୍ରମାଣପତ୍ର ବାହାର କରିବାକୁ ପଡୁଛି। ତାହା ବାହାର କରିବା ପରେ ଯେତେ ଜଣ ରେକର୍ଡ ଧାରକ ବା ଉତ୍ତରାଧିକାରୀ ଅଛନ୍ତି ସମସ୍ତଙ୍କ ଠାରୁ ଅନୁମତିପତ୍ର ଆଣିବା ପରେ ପଞ୍ଜୀକରଣ ହୋଇପାରୁଛି। ଯଦି କେଉଁ ଭାଇ ଅନୁମତି ନଦେଲା କଥା ସରିଲା। ହତାସ ହୋଇ ଫେରୁଛି ଚାଷୀ। କାହାର ବାପାଙ୍କ ନାମରେ ତ କାହାର ଜେଜେବାପା କିମ୍ବା ଅଣ ଜେଜେବାପାଙ୍କ ନାମରେ ଜମି ରହିଛି। ବାଦବିବାଦରୁ ଭାଗବଣ୍ଟା ହୋଇପାରୁନି। ଚଳିତ ବର୍ଷ ଚାଷୀ ପଞ୍ଜୀକରଣରେ ଆରମ୍ଭ ହୋଇଥିବା ଉତ୍ତରାଧିକାରୀ ପ୍ରମାଣପତ୍ର ବ୍ୟବସ୍ଥାରେ ଚାଷୀ ହତାସ ହୋଇପଡ଼ିଲେଣି। ପୁଣି ଇ-କେୱାଇସି ଓ ଚକ୍ଷୁଡୋଳା ସ୍କାନ ରହିଥିବା ବେଳେ ଇଣ୍ଟରନେଟ୍ ସମସ୍ୟା ଓ ସର୍ଭର ଡାଉନ୍ ଆହୁରି କନ୍ଦାଉଛି। ଚାଷ ସମୟରେ ଚାଷୀ ଚାଷ କରିବ ନାଁ ଏଭଳି କାମରେ ଧାଇଁବ। ଯାହାକୁ ନେଇ ଚାଷୀର ଅକଲ ଗୁଡୁମ୍ ହୋଇଗଲାଣି। ଏହି କାରଣରୁ ଯାଜପୁର ଜିଲ୍ଲାରେ ୧୦ ଦିନ ମଧ୍ୟରେ ମାତ୍ର ୩ ଶହ ଜଣ ଚାଷୀ ପଞ୍ଜୀକରଣ କରିପାରିଛନ୍ତି। ପୂର୍ବରୁ ଧାନ ବିକ୍ରି ପାଇଁ ଚାଷୀ ଜମି ପଟ୍ଟା ଦେଇ ପଞ୍ଜୀକରଣ କରିପାରୁଥିଲେ। ନିଜ ନାମରେ ଜମି ନଥିଲେ ହେଁ ବାପା, କିମ୍ବା ଜେଜେ ବାପାଙ୍କ ନାମରେ ଥାଇ ସୁଧା ପଞ୍ଜୀକରଣ ହୋଇପାରୁଥିଲା। ଅନ୍ୟ ଉତ୍ତରାଧିକାରୀ ବା ଭାଇମାନଙ୍କ ଅନୁମତିକୁ ସେତେ ଗୁରୁତ୍ୱ ଦିଆଯାଉନଥିଲା। ସମବାୟ ସମିତିର ସମ୍ପାଦକମାନେ ସ୍ଥାନୀୟ ଲୋକ ହୋଇଥିବାରୁ କାହାର କେତେ ଭାଇ, କିଏ ଚାଷ କରୁଛନ୍ତି ଆଦି ଜାଣିଥିବାରୁ ତାହା ହେଇପାରୁଥିଲା। ଗୋଟିଏ ପ୍ଲଟ୍ ଜଣଙ୍କ ନାମରେ ପଞ୍ଜୀକରଣ କରାଯାଇପାରୁଥିଲା। ଚାଷୀ ସୁରୁଖୁରୁରେ ପଞ୍ଜୀକରଣ କରି ଧାନ ଦେଇପାରୁଥିଲେ। ହେଲେ ଉତ୍ତରାଧିକାରୀ ପ୍ରମାଣପତ୍ର, ଅନୁମତିପତ୍ର ଏବଂ ଚକାଡୋଳ ସ୍କାନକୁ ବାଧ୍ୟତାମୂଳକ କରିଦିଆଯାଇଥିବାରୁ ଅଡୁଆ ହେଉଛି। ଚଳିତ ବର୍ଷ ଏହି ପ୍ରକ୍ରିୟାକୁ ସରକାର ଜଟିଳ କରିଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଧାନର ମୂଲ୍ୟ ସରକାର ଗତବର୍ଷ ଠାରୁ ୩୧ ଶହ ଟଙ୍କା କରିଥିବାରୁ ପୂର୍ବରୁ ମଣ୍ଡିରେ ଧାନ ଦେଉନଥିବା ଚାଷୀ ମଧ ଧାନ ଦେବାକୁ ଆଗ୍ରହ ପ୍ରକାଶ କରି ପଞ୍ଜୀକରଣ ପାଇଁ ଆସି ନିରାଶ ହେଉଛନ୍ତି। ଚାଷୀ ଯେଉଁ ପ୍ଲଟ୍ ଦେଇ ପଞ୍ଜୀକରଣ କରିବାକୁ ଚାହୁଁଛନ୍ତି ତାହା ତାଙ୍କ ନାମରେ ଥିଲେ ସହଜରେ ହୋଇଯାଉଛି। ମାତ୍ର ଉକ୍ତ ପ୍ଲଟ୍ ବାପା, ଜେଜେବାପାଙ୍କ ନାମରେ ରହିଥିଲେ ପ୍ରଥମେ ତାହାର ଉତ୍ତରାଧିକାରୀ ପ୍ରମାଣପତ୍ର ବାହାର କରିବାକୁ ପଡୁଛି। ସମସ୍ତ ଉତ୍ତରାଧିକାରୀଙ୍କ ଠାରୁ ଅନୁମତିପତ୍ର ଓ ଆଧାରକାର୍ଡ ନକଲ ଦେବାକୁ ପଡୁଛି। ଭାଇମାନଙ୍କ ସହ ବିବାଦ ଥିଲେ ଅନୁମତିପତ୍ର ଆଣିବା ଅସମ୍ଭବ ହୋଇପଡୁଛି। ଭାଗଚାଷୀ ହୋଇଥିଲେ ମାଲିକଙ୍କ ଅନୁମତିପତ୍ର, ଆଧାରକାର୍ଡ ସହ ମାଲିକଙ୍କୁ ସମିତିକୁ ଆସିବାକୁ କୁହାଯାଉଛି। ଯାହା ଚାଷୀ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରୁଛି।

ଧର୍ମଶାଳା କ୍ରୀଡ଼ା ଛାତ୍ରାବାସ ପାଇଁ ପ୍ରତିଭା ଚୟନ

ଧର୍ମଶାଳା, ୩୦।୭ (ସମିସ): ଆସନ୍ତା ୫ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଜାରକା ଧର୍ମଶାଳା ଷ୍ଟାଡିୟମଠାରେ କ୍ରୀଡ଼ା ପ୍ରତିଭା ଚୟନ ଅନୁଷ୍ଠିତ ହେବ। ୫ରେ ଦୌଡ଼କୁଦ, ୬ରେ ଫୁଟବଲ, ୭ରେ କ୍ରିକେଟ, ୮ରେ ଭଲିବଲ୍ ଓ ୯ରେ ବ୍ୟାଡମିଣ୍ଟନ ପ୍ରତିଭା ଚୟନ ଅନୁଷ୍ଠିତ ହେବ। ବୟସ ସୀମା ୯ରୁ ୧୫ ବର୍ଷ ରହିଛି। ଇଚ୍ଛୁକ ପ୍ରତିଯୋଗୀମାନେ ନିର୍ଦ୍ଧାରିତ ସକାଳ ୮ ଘଟିକାରେ ସମୟରେ ଧର୍ମଶାଳା ଷ୍ଟାଡିୟମରେ ଉପସ୍ଥିତ ରହିବାକୁ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ସୂଚନା ଦେଇଛନ୍ତି।

ମା' ଜାଗୁଲାଇଙ୍କ ଜନ୍ମ ଉତ୍ସବ

ଯାଜପୁର, ୩୦।୭ (ସମିସ): ଯାଜପୁର ବ୍ଲକ ଗୋପାଳପୁର ମୋକେଇପୁର ଗାଁରେ ମା' ଜାଗୁଲାଇଙ୍କ ଜନ୍ମୋତ୍ସବ ଓ ଜାଗୁଲାଇ ପଞ୍ଚମୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ କଳସପୂଜା, ସୂର୍ଯ୍ୟପୂଜା ଆରମ୍ଭ ହୋଇ ମା'ଙ୍କର ଚଣ୍ଡୀପୂଜା ଅନୁଷ୍ଠିତ ହୋଇଥିଲା। ପୂଜକ ଗୋପାଳ ଚନ୍ଦ୍ର ଦାସ ଓ ନାରାୟଣ ପଣ୍ଡା ଚଣ୍ଡିପାଠ କରିଥିଲେ। ଏହି ଅବସରରେ ଭଜନସନ୍ଧ୍ୟା, ପ୍ରସାଦ ସେବନ ସହିତ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ପକ୍ଷରୁ ରମେଶ ରାଉତ, ଶଶିକାନ୍ତ ପଣ୍ଡା, ସୁବାସ ରାଉତ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ।

'ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ'

ପାଣିକୋଇଲି, ୩୦।୭ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସୋଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଶିକ୍ଷକ ନିହାର ରଞ୍ଜନ ବିଶ୍ୱାଳ, ବସନ୍ତ କୁମାର ପାତ୍ର, ବୀଣାପାଣି ସାହୁ, ଉଷାରାଣୀ ସାହୁ, ମାନସୀ ସାହୁ, ମମତା ଟୁଡୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରେକୃଷ୍ଣ ସାହୁ, ଅଧିର ଖଣ୍ଡାଇ, ସନ୍ତୋଷ ସେଠୀ, ଉର୍ମିଳା ମଲିକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ।

ଅବସରକାଳିନ ସମ୍ବର୍ଦ୍ଧନା

ସିଂହପୁର, ୩୦।୭ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ପାଚିକା ଚାରୁଲତା ସାମଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ବିଶ୍ୱଜିତ ଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ସିଆରସିସି ଦେବେନ୍ଦ୍ର ନାୟକ, ଏସଏମସି ସଭ୍ୟ ଚନ୍ଦ୍ର ଶେଖର ସାହୁ, ପ୍ରଣିତା ପ୍ରିୟଦର୍ଶନୀ ବାରିକ, ଶିକ୍ଷୟିତ୍ରୀ ସ୍ମୃତିପ୍ରଭା ସାମଲ, କନିଷ୍ଠ ଶିକ୍ଷକ ଦେବାଶିଷ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଅବସରପ୍ରାପ୍ତ ପାଚିକା ଚାରୁଲତା ସାମଲଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଚାରୁଲତା ଦୀର୍ଘ ବର୍ଷ ଧରି ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ କରିଆସୁଥିଲେ।

■ ଫାଇଲେରିଆ ମୁକ୍ତ ସମନ୍ୱୟ ବୈଠକ

୧୦ ରୁ ୧୯ ସାମୂହିକ ବଟିକା ସେବନ

ଯାଜପୁର, ୩୦।୭ (ସମିସ): ଫାଇଲେରିଆ ରୋଗ ନିରାକରଣ ପାଇଁ ସାମୂହିକ ବଟିକା ସେବନ କାର୍ଯ୍ୟକ୍ରମ ଅନ୍ତର୍ଗତ ଦ୍ୱିତୀୟ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର ଆଗାମୀ ୧୦ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ବଟିକା ସେବନ ସମ୍ବନ୍ଧିତ ଜିଲ୍ଲାର ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ରଶ୍ମିରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଜିଲ୍ଲାର ଲକ୍ଷ୍ୟ ହାସଲ କରିବା ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶଦାତା ଡା. ନିଶିଥ ରଞ୍ଜନ ଦାସ ଜିଲ୍ଲାର ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ। ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ସୀତାରାମ ମହାପାତ୍ର ୨୦୨୫ ଡିସେମ୍ବର ମାସ ସୁଦ୍ଧା ସମସ୍ତ ପଞ୍ଜିକୃତ ହାଇଡ୍ରୋସିଲ୍ ରୋଗୀଙ୍କୁ ଅସ୍ତ୍ରୋପଚାର କରି ସମାପ୍ତ କରିବାକୁ କହିଥିଲେ। ସମସ୍ତ ପୌର ପରିଷଦରେ ଯେମିତି ମଶା ଜନିତ ରୋଗକୁ ରୋକାଯାଇ ପାରିବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବଳଦେବ ନନ୍ଦ ଜିଲ୍ଲାରେ ଗତ ଦଶ ବର୍ଷ ମଧ୍ୟରେ ଡେଙ୍ଗୁ ରୋଗ ଉପରେ ଆଲୋକପାତ କରିଥିଲେ ଏବଂ ଚଳିତ ବର୍ଷ ଡେଙ୍ଗୁ ରୋଗର ନିରାକରଣ ପାଇଁ ଜିଲ୍ଲାର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ତଃ ବିଭାଗୀୟ ସମନ୍ୱୟ ବୈଠକରେ ସମସ୍ତ ଜିଲ୍ଲାର ଅଧିକାରୀଗଣ ଡେଙ୍ଗୁ ରୋଗ ନିରାକରଣ ପାଇଁ ପଦକ୍ଷେପ ନେବା ସହିତ ମଶା ମରା ତେଲ ଏବଂ ଧୂଆଁ ଦେବା ପାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବ୍ୟାସନଗର ଏବଂ ଯାଜପୁର ପୌର ପରିଷଦଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ପୌର ପରିଷଦ ଚିକିତ୍ସା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ, ଜିଲ୍ଲା କଲ୍ୟାଣ ଅଧିକାରୀ, ନିର୍ବାହୀ ଅଧିକାରୀ, ଯାଜପୁର ପୌର ପରିଷଦ, ନିର୍ବାହୀ ଅଧିକାରୀ, ବ୍ୟାସନଗର ପୌର ପରିଷଦ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ମିଶନ ଶକ୍ତି କାର୍ଯ୍ୟକ୍ରମ ସଂଯୋଜକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଶିକ୍ଷ ବିଭାଗର ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ।

ଜିସି କଲେଜ ପରିସରରେ ଅଣ ଛାତ୍ର ପ୍ରବେଶ

ବରୀ, ୩୦।୭ (ସମିସ): ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ବରୀ ବ୍ଲକର ସର୍ବପୁରାତନ ଏକ ଶିକ୍ଷାନୁଷ୍ଠାନ। ଆଗାମୀ ଦିନରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରବୋଧ କୁମାର ସାମଲ ଯାଜପୁର ଜିଲ୍ଲାର ଆରକ୍ଷୀ ଅଧିକ୍ଷକଙ୍କ ସମେତ ବରୀ ଥାନା, କଲେଜ ପରିଚାଳନା ପରିଷଦ ସଭାପତି, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପତ୍ର ଲେଖି କଲେଜ ପରିସରରେ ପୁଲିସ ମୁତୟନ ପାଇଁ ଅନୁରୋଧ କରିଛନ୍ତି। ଏହି ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଆଗାମୀ ଛାତ୍ର ସଂସଦ ନିର୍ବାଚନ ସମୟରେ ଛାତ୍ର ଛାତ୍ରୀ, କର୍ମଚାରୀ, ମହାବିଦ୍ୟାଳୟ ସମ୍ପତ୍ତିର ସୁରକ୍ଷା ସହିତ ଶାନ୍ତିଶୃଙ୍ଖଳା ବଜାୟ ରଖିବା କ୍ଷେତ୍ରରେ ପୁଲିସ କର୍ମଚାରୀ ନିୟୋଜିତ ହେବାର ଆବଶ୍ୟକତା ରହିଛି। ତା' ସହିତ ଜଣାଇଛନ୍ତି ଯେ ବିଗତ ଦିନରେ ମହାବିଦ୍ୟାଳୟରେ ଅଣଛାତ୍ରଙ୍କ

ପ୍ରବେଶ ଓ ବିଭିନ୍ନ କାର୍ଯ୍ୟକ୍ରମରେ ହସ୍ତକ୍ଷେପ ଯୋଗୁଁ ଛାତ୍ରମାନଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ରହିଛି। ତା' ସହିତ ବର୍ତ୍ତମାନ ମହାବିଦ୍ୟାଳୟ ପରିସରକୁ ଅଣ ଛାତ୍ର ପ୍ରବେଶ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଯଦି ମହାବିଦ୍ୟାଳୟର ଅଧ୍ୟକ୍ଷ ଜାଣିଥିଲେ ଯେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ରହିଛି ଏବଂ ଏ କଥା ବି ଜାଣିଛନ୍ତି ଯେ ମହାବିଦ୍ୟାଳୟ ପରିସରକୁ ଅଣ ଛାତ୍ର ପ୍ରବେଶ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି ତା' ହେଲେ ପୂର୍ବରୁ ଏ ବିଷୟରେ ସମସ୍ତଙ୍କୁ ଅବଗତ କରାଇ ପୁଲିସର ସହାୟତା ନେଉ ନଥିଲେ କାହିଁକି। ଏବେ ଛାତ୍ର ସଂସଦ ନିର୍ବାଚନ ପାଇଁ ଏ କଥା ଉଠାଉଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯେ ଅଧ୍ୟକ୍ଷ ଏ କଥା ପୂର୍ବରୁ ନ ଜଣାଇବାର କାରଣ ଅଣ ଛାତ୍ରମାନଙ୍କ ଭୟ ନା କାହାର ଚାପ।

ପକ୍ଷାଘାତ ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ

ଧର୍ମଶାଳା, ୩୦।୭ (ସମିସ): ଧର୍ମଶାଳା ବ୍ଲକ ମିର୍ଜାପୁରସ୍ଥ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚ' ତରଫରୁ ଜଣେ ପକ୍ଷାଘାତ ରୋଗୀଙ୍କୁ ତାଙ୍କର ଅଧିକ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ବ୍ଲକ ଅନ୍ତର୍ଗତ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମର ରାମଚନ୍ଦ୍ର ମହାନ୍ତି (ଦାମ) କିଛି ଦିନ ହେବ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ସେ ପେଷାରେ ଜଣେ ଖବରକାଗଜ ବିତରକ। ଦୀର୍ଘ ୨୦ ବର୍ଷ ହେବ ସେ ଜାରକା ବଜାରରେ ଖବରକାଗଜ ବିକି ଯାହା ଉପାର୍ଜନ କରନ୍ତି ସେଥିରେ ନିଜ ପରିବାରକୁ ପ୍ରତିପୋଷଣ କରିଥାନ୍ତି। ତାଙ୍କ ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ସେ ଏହି ରୋଗରେ ଆକ୍ରାନ୍ତ ହେବା ଦିନଠାରୁ କାମ ଧନ୍ଦା ନ କରିବାରୁ ତାଙ୍କ ପରିବାର ବହୁ ଅଭାବ ଅନଟନରେ ଦିନ କାଟୁଛନ୍ତି। ଉକ୍ତ ଖବର ପାଇ ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚର ସମ୍ପାଦକ ଆଲୋକ ଜେନା ସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠାନର ସଭାପତି ବ୍ରଜମୋହନ ବିଶ୍ୱାଳଙ୍କ ନେତୃତ୍ୱରେ ସଦସ୍ୟମାନେ ରାମଚନ୍ଦ୍ରଙ୍କୁ ତାଙ୍କ ଘରେ ଭେଟି ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହିତ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ସମୟରେ ମଞ୍ଚ ପକ୍ଷରୁ ଯୁବ ସମାଜସେବୀ ପ୍ରଶାନ୍ତ କୁମାର ପୃଷ୍ଟି, ବ୍ରଜ କିଶୋର ମହାନ୍ତି, ସିପକ ଜେନା ସାମନ୍ତ, ଜୟନ୍ତ କୁମାର ସ୍ୱାଇଁ, ସବ୍ୟସାଚୀ ପଣ୍ଡା, ବିଶ୍ୱଜିତ ବିଶ୍ୱାଳ ଓ ମହେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ହୃଷୀକେଶ କୁନ୍ଦଳ ପଞ୍ଚାୟତ ବିଜେଡି ସଭାପତି

ବଡ଼ଚଣା, ୩୦।୭ (ସମିସ): କୁନ୍ଦଳ ପଞ୍ଚାୟତର ସମସ୍ତ ଛାମୁଆ କର୍ମକର୍ତ୍ତାମାନଙ୍କୁ ନେଇ ବଡ଼ଚଣା ବିଜେଡି ସଭାପତି ତାପସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟଅତିଥି ଭାବେ କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇଥିଲେ। ଉକ୍ତ ପଞ୍ଚାୟତର ସମସ୍ତ କର୍ମକର୍ତ୍ତା ମାନଙ୍କ ସହମତି ଓ ସମର୍ଥନରେ ହୃଷୀକେଶ ସାମଲଙ୍କୁ ପଞ୍ଚାୟତର ସାଂଗଠନିକ ସଭାପତି ଓ ଅନନ୍ତ କିଶୋର ଦାସଙ୍କୁ ବ୍ଲକ ବିଜେଡିର ସମ୍ପାଦକ ଭାବେ ବିଧିବଦ୍ଧ ଘୋଷଣା କରାଯାଇଥିଲା। ଉକ୍ତ ବୈଠକରେ ଜ୍ଞାନ ରଞ୍ଜନ ସାହୁ, ସମିତିସଭ୍ୟ ଗଗନ ବିହାରୀ ଦାସ, ଅର୍ଜୁନ ସାମଲ, ବ୍ରଜବନ୍ଧୁ ସାମଲ, ଜଗଦୀଶ ସାମଲ, ମଦନ ମୋହନ ସାମଲ, ପ୍ରଶାନ୍ତ କୁମାର ସାମଲ, ଜମ୍ବେଶ୍ୱର ସାମଲ, ପ୍ରକାଶ ଚନ୍ଦ୍ର ସାମଲ, ବିଚିତ୍ର ଜେନା, ଅମୂଲ୍ୟ ପରିଡ଼ା, ମତଲୁବ ଅଲ୍ଲୀ, ଦେବେନ୍ଦ୍ର ଜେନା, ସନ୍ତ୍ୱନୁ ବିଶ୍?ାଳ, ସତ୍ୟବ୍ରତ ସାମଲ, ସଞ୍ଜୟ ସିଂହ, ଜୟ ପ୍ରକାଶ ସାମଲ, ବିଚିତ୍ର ନାୟକ, ଭ୍ରମର ନାୟକଙ୍କ ସମେତ ଅନେକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଅଗଷ୍ଟ ଓ ସେପ୍ଟେମ୍ବର ମାସର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଯାଜପୁର, ୩୦।୭ (ସମିସ): ଚଳିତ ବର୍ଷ ୨୦୨୫ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ବର କୁମାର କର ଏବଂ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲଙ୍କ ଜିଲ୍ଲାସ୍ତରୀୟ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବା ପାଇଁ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ଜନ ସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡିକୁ ଜିଲ୍ଲାର ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ମିଳିତ ଭାବେ ଅଭିଯୋଗ ଗୁଡିକର ସମାଧାନ କରିବେ। ଅଗଷ୍ଟ ମାସରେ ଜନ ଅଭିଯୋଗ ଶୁଣାଣି ଶିବିର ଗୁଡିକର କାର୍ଯ୍ୟସୂଚୀ ଅନୁଯାୟୀ ୪ ତାରିଖ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ଯାଜପୁରରେ, ୧୧ରେ ଦାନଗଦି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ, ୧୮ରେ ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ୨୫ରେ କୋରେଇ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହେବ। ସେହିପରି ଆଗାମୀ ସେପ୍ଟେମ୍ବର ମାସ ୧ ତାରିଖରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ ଯାଜପୁରରେ, ୮ରେ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ, ୧୫ରେ ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ୨୨ରେ ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏଣୁ ଦାନଗଦି ବ୍ଲକ, ସୁକିନ୍ଦା ବ୍ଲକ, କୋରେଇ ବ୍ଲକ, ବିଞ୍ଝାରପୁର ବ୍ଲକ, ବଡ଼ଚଣା ବ୍ଲକ, ବରୀ ବ୍ଲକ ଏବଂ ଜିଲ୍ଲାର ଯେଉଁ ଜନସାଧାରଣଙ୍କ କୌଣସି ଆପତ୍ତି ଅଭିଯୋଗ ଥିଲେ ସେମାନେ ନିର୍ଦ୍ଧାରିତ ଦିବସ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ସେମାନଙ୍କର ଆପତ୍ତି ଅଭିଯୋଗ ଗୁଡିକର ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଅଭିଭାବକ ଓ ଶିକ୍ଷକ ବୈଠକ

କୟାଁଗୋଲା, ୩୦।୭ (ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ ଆଜି ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିଆରସିସି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟପ୍ରକାଶ ନାୟକ, ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଖଗେଶ୍ୱର ସାହୁ, ଉତ୍ପଳ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ସ୍ନେହାଞ୍ଜଳି ଯେନା, ସୁଜାତା ସାହୁ ପ୍ରମୁଖ ଯୋଗଦେଇ କିପରି ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ବିକାଶ ହୋଇପାରିବ ସେଥିନେଇ ଆଲୋଚନା କରିବା ସହ ଶିକ୍ଷାର ବିକାଶ ପାଇଁ ଅଭିଭାବକ ମାନେ ସଚେତନ ହେବା ସହ ଅଭିଭାବକ ମାନେ ଏ ଦିଗରେ ସହଯୋଗ କରିବା ପାଇଁ ମତବ୍ୟକ୍ତ କରିଥିଲେ।

ବିବାଦୀୟ ଜାଗାରେ ନିର୍ମାଣ ଅଭିଯୋଗ

ବିନା କିସମ ପରିବର୍ତ୍ତନରେ କଲେଜ ହଷ୍ଟେଲ

କବାଟବନ୍ଧ, ୩୦।୭ (ସମିସ)

ସାଧାରଣ ଲୋକଟିଏ ଆବାସ ଯୋଜନାରେ ଘରଟିଏ ନିର୍ମାଣ କରିବାକୁ ହେଲେ ଜମିର କିସମ ପରିବର୍ତ୍ତନ କରି ଘରବାରି କିସମ ନ କଲେ ଘର କରିପାରିବ ନାହିଁ ବୋଲି ସରକାରଙ୍କର କଟକଣା ରହିଛି। ମାତ୍ର ଧର୍ମଶାଳା ବ୍ଲକ ଅନ୍ତର୍ଗତ ମୁକୁନ୍ଦପାତ୍ର ଡିଗ୍ରୀ କଲେଜରେ ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ହଷ୍ଟେଲ ନିର୍ମାଣ ସରିବାକୁ ବସିଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ କିସମ ପରିବର୍ତ୍ତନ ହୋଇ ନ ଥିବା ଜଣାପଡ଼ିଛି। ସରକାରଙ୍କ ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗ ତରଫରୁ ଏହି କଲେଜରେ ୫୦ ଶଯ୍ୟା ବିଶିଷ୍ଟ ଦୁଇଟି ହଷ୍ଟେଲ ନିର୍ମାଣ ପାଇଁ ୩ କୋଟି ୭୫ ଲକ୍ଷ ୨୪ ହଜାର ୩ ଶହ ୭୮ ଟଙ୍କା ମଞ୍ଜୁର ହୋଇଛି। ଭାରତ ସରକାରଙ୍କର ନେସନାଲ ପ୍ରୋଜେକ୍ଟ କନଷ୍ଟ୍ରକସନ କର୍ପୋରେସନ ଲିମିଟେଡ଼ (ଏନ୍‌ପିସିସି) ନାମକ ଏକ ସଂସ୍ଥା ଏହାର ନିର୍ମାଣ ଦାୟିତ୍ୱ ହାତକୁ ନେଇଛି। ଶ୍ରୀମା' ଟ୍ରେଡର୍ସ ଭୁବନେଶ୍ୱରର ଜଣେ ଠିକାଦାର ଏହାକୁ ନିର୍ମାଣ କରୁଛନ୍ତି। ତେବେ ବିଡ଼ମ୍ବନାର ବିଷୟ ଏହିକି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିଲେ ମଧ୍ୟ ଜମିର କିସମ ଅଦ୍ୟାବଧି ପରିବର୍ତ୍ତନ କରାଗଲାନାହିଁ।

ସୂଚନା ଅଧିକାର ଆଇନ ଅନୁଯାୟୀ ମିଳିଥିବା ତଥ୍ୟ ଅନୁସାରେ ଧର୍ମଶାଳା ତହସିଲ ଅଧୀନସ୍ଥ ତାଳଜଙ୍ଗ ମୌଜା ଖାତା ନମ୍ବର ୬୨୪ ଏବଂ ପ୍ଲଟ ନମ୍ବର ୧୭୩୫ ଶାରଦ ଅଣଜଳସେଚିତ କିସମରେ ୩୨ ଡେସିମିଲ ଜମି ଉପରେ ଏହି ବିଶାଳ ଅଟ୍ଟାଳିକ ନିର୍ମାଣ ହେଉଛି। ତହସିଲ ପ୍ରଶାସନ ଶିକ୍ଷା ବିଭାଗ, କିମ୍ବା ଜନଜାତି ବିଭାଗ କାହାର ମଧ ଏଥିପ୍ରତି ନିଘା ନାହିଁ। ସରକାରୀ ନିର୍ମାଣ କାର୍ଯ୍ୟରେ ମଧ ସରକାରୀ ଅଧିକାରୀମାନେ ସରକାରଙ୍କ ନିୟମକୁ କିଭଳି ଭାବେ 'ଫୁ' କରି ଉଡ଼େଇ ଦେଇପାରନ୍ତି ତାହାର ଏକ ଜ୍ୱଳନ୍ତ ଉଦାହରଣ ଏଠାରେ ଦେଖିବାକୁ ମିଳିଛି।

ନିର୍ମାଣ ସ୍ଥାନକୁ ଏବଂ ନିର୍ମାଣ କାର୍ଯ୍ୟକୁ ଦେଖିଲେ ଜଣାଯାଏ ଉକ୍ତ ଜାଗାକୁ କୌଣସି ସରକାରୀ ରାସ୍ତା ନାହିଁ। ଠିକାଦାର ଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ମାନେ ଭଲ ଭାବେ ଅବଗତ ଅଛନ୍ତି ଉକ୍ତ ଜାଗାକୁ ସରକାରୀ ରାସ୍ତା ନ ଥିଲେ ତାହା ଘରବାରି କିସମକୁ ପରିବର୍ତ୍ତନ କରାଯାଇ ପାରିବନାହିଁ। ତେବେ ପଇସାକୁ ଖର୍ଚ୍ଚ କରିଦେବା ଉଦ୍ଦେଶ୍ୟରେ ତରବରିଆ ଭାବେ ଠିକାଦାର ଯେନତେନ ପ୍ରକାରେଣ ବିଲ୍ କରିନେଇ ଖସିଯିବା ଉଦ୍ଦେଶ୍ୟରେ ଅଛନ୍ତି। ଏହି ଘଟଣାକୁ ରାଜସ୍ୱ ବିଭାଗ ତଥା ଧର୍ମଶାଳା ତହସିଲଦାର ଗମ୍ଭୀରତାର ସହ ନେଇ ଉକ୍ତ ଠିକାଦାର ଏବଂ ଯନ୍ତ୍ରୀଙ୍କୁ କୈଫତ ତଲବ ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତଃ ମହେନ୍ଦ୍ର ନାଥ ସ୍ୱାଇଁ

ଗ୍ରାମ - ଲକ୍ଷ୍ମୀ ସାଗର, ଖୋର୍ଦ୍ଧା
ଆବିର୍ଭାବ - ୧୭.୦୨.୧୯୪୧, ତିରୋଧାନ - ୨୧.୦୭.୨୦୨୫

ଆପଣଙ୍କର ଅବର୍ତ୍ତମାନରେ ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଶିକ୍ଷକ ଜୀବନ ନୀତି, ନୈତିକତା, ଆଦର୍ଶ, ବ୍ୟକ୍ତିତ୍ୱ ଆମପାଇଁ ଶ୍ରେଷ୍ଠ ସମ୍ବଳ ହେଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ଝିଅ, ନାତି, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଚନ୍ଦ୍ରମଣୀ ଜେନା
ଗ୍ରାମ-ଦକ୍ଷିଣବାଡ଼, ଧାମନଗର, ଜିଲ୍ଲା-ଭଦ୍ରକ
ଆବିର୍ଭାବ - ୨୧/୧୨/୧୯୪୬
ତିରୋଧାନ - ୨୧/୦୭/୨୦୨୫

ବାପା, ଆପଣଙ୍କ ଅବର୍ତ୍ତ ମାନରେ ଆଜକୁ ଏଗାର ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତ ରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଆପଣଙ୍କର ହତଭାଗ୍ୟ ପୁତ୍ର
ଡ଼. ଅଜିତ୍ ପ୍ରସାଦ ଜେନା,
ସତ୍ୟଜିତ ଜେନା, ସୁବ୍ରତ ଜେନା,
ଦେବବ୍ରତ ଜେନା ଓ ବନ୍ଧୁ ସ୍ୱଜନ, ଜେନା ପରିବାର ବର୍ଗ।

ଭୁବନେଶ୍ୱର ସିଟି

ମାରିଜୁଆନା ଜବତ ଘଟଣାରେ ସାଂଘାତିକ ତଥ୍ୟ

କୋଲକାତାରେ କଡ଼ା ସୁରକ୍ଷା; ଭୁବନେଶ୍ୱରରେ ଢିଲା

ଭୁବନେଶ୍ୱର, ୩୦।୭ (ସମିସ)

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ ପରେ ଖୋଳତାଡ଼ ଆରମ୍ଭ ହୋଇଛି। ଏସପି ରବି ଶତପଥୀଙ୍କ ନେତୃତ୍ୱରେ ନୋଡାଲ ଏଜେନ୍ସି ଭାବେ ତଦନ୍ତ ଆରମ୍ଭ କରିଛି ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ୍)। ଶ୍ରୀ ଶତପଥୀଙ୍କ ସମେତ ଦୁଇ ଜଣିଆ ଟିମ୍ ଡିଆରଆଇ ଓ କଷ୍ଟମ୍ ଠାରୁ ଅନେକ ତଥ୍ୟ ହାସଲ କରିଛନ୍ତି। ତଥ୍ୟରୁ ସାଂଘାତିକ ସତ ପଦାକୁ ଆସିଛି। ଧରାପଡ଼ିଥିବା ମହମ୍ମଦ ଜାମ୍, ମୋହିତ ଓ ବମ୍ତି ବେପାରୀ ନୁହଁ ବରଂ ଚାଲାଣକାରୀ ବୋଲି ଜଣାପଡ଼ିଛି। ହେଲେ ମାରିଜୁଆନା ଚାଲାଣର ମାଷ୍ଟର ମାଇଣ୍ଡ ଦୁବାଇରେ ବସି ପୂରା ନେଟୱର୍କ ଅପରେଟ କରୁଛି। ମହମ୍ମଦ ଜାମ୍, ମୋହିତ ଓ ବମ୍ତି କେବଳ ଥାଇଲାଣ୍ଡର ବ୍ୟାଙ୍କକରୁ ମାରିଜୁଆନା ଆଣି ଆଗ୍ରାର ଫତେପୁର ସିକ୍ରିରେ ପହଞ୍ଚାଇ ଥାନ୍ତେ। ୩୦ କୋଟିର ମାରିଜୁଆନା ଚାଲାଣ କଲେ କମିସନ ବାବଦକୁ ୧୦ ପ୍ରତିଶତ ବା ୩ କୋଟି ଟଙ୍କା ମିଳିଥାନ୍ତା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କୋଲକାତା ବିମାନବନ୍ଦରରେ କଡ଼ା ସୁରକ୍ଷା ଓ କଟକଣା ବ୍ୟବସ୍ଥା ରହିଥିବା ବେଳେ ଭୁବନେଶ୍ୱର ବିମାନବନ୍ଦରରେ ସୁରକ୍ଷା ଢ଼ିଲା ନେଇ ସେମାନେ ଗେଟ୍‌ୱେ ଭାବେ ଭୁବନେଶ୍ୱର ବିମାନବନ୍ଦରକୁ ପ୍ରଥମେ ପସନ୍ଦ କରିଥାନ୍ତି। ଅଭିଯୁକ୍ତମାନଙ୍କୁ ଜେରା ବେଳେ ଏଭଳି ତଥ୍ୟ ସାମ୍ନାକୁ ଆସିଛି।

- ଭୁବନେଶ୍ୱର ବିମାନବନ୍ଦର ଗଳାବାଟ; ପଶ୍ଚିମବଙ୍ଗ ଦେଇ ଯାଇଥାନ୍ତା ଆଗ୍ରା
- ଦୁବାଇରେ ବସି ମାଷ୍ଟରମାଇଣ୍ଡ ଦେଉଥିଲା ୧୦ ପ୍ରତିଶତ କମିସନ

ଅଭିଯୁକ୍ତଙ୍କ କହିବା ମୁତାବକ, ବ୍ୟାଙ୍କକରୁ ଭୁବନେଶ୍ୱର ଆସିବା ପରେ ସେମାନେ ସଡ଼କ ପଥ ଦେଇ ପଶ୍ଚିମବଙ୍ଗ ଯାଇଥାନ୍ତେ। ସେଠାରୁ ଆଗ୍ରାର ଫତେପୁର ସିକ୍ରିକୁ ଯାଇଥାନ୍ତେ। ତେବେ ପ୍ରସ୍ଥାନ ଅପେକ୍ଷା ଆଗମନ ସମୟରେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ କମ୍ ଯାଞ୍ଚ କରାଯାଇଥାଏ। ଫେରିବା ବେଳେ ବ୍ୟାଗେଜ୍ ସ୍କାନିଙ୍ଗ୍, ଲେଜର ସ୍କାନିଙ୍ଗ୍ ଆଦି ହୋଇନଥାଏ। ତେଣୁ ସେମାନେ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ଗଳାବାଟ ଭାବେ ବ୍ୟବହାର କରି ଆସୁଥିଲେ। ବ୍ୟାଙ୍କକରୁ ଭୁବନେଶ୍ୱର ଅପେକ୍ଷା କୋଲକାତାକୁ ବିମାନ ଭଡ଼ା କମ୍ ହୋଇଥିଲେ ମଧ୍ୟ ସେମାନେ ଭୁବନେଶ୍ୱର ବିମାନବନ୍ଦର ଦେଇ ଆସୁଥିଲେ। ତେବେ ଏହା ପ୍ରଥମ ଥର ନୁହଁ ଅଭିଯୁକ୍ତମାନେ ତୃତୀୟ ଥର ଯିବାବେଳେ ଡିଆରଆଇ ହାବୁଡ଼ରେ ପଡ଼ିଥିଲେ। ନିକଟରେ ଏନସିବି ରାଜଧାନୀରୁ ଏଲ୍‌ଏସଡି (ସିନ୍‌ଥେଟିକ ଡ୍ରଗ୍ସ) ଜବତ କରିଥିବା ବେଳେ ପୂର୍ବରୁ ମଧ୍ୟ ବିମାନବନ୍ଦରରୁ ୩ ଥର ମାରିଜୁଆନା ଜବତ ହୋଇଛି। ଏସବୁ ଘଟଣାରୁ ଅନ୍ତର୍ଜାତୀୟ ନିଶା ମାଫିଆଙ୍କ ଆଖି ଏବେ ରାଜଧାନୀ ଉପରେ ଥିବା ସ୍ପଷ୍ଟ ହୋଇଛି। ଏହାକୁ ଆଖି ଆଗରେ ରଖି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛି ଏସଟିଏଫ୍। ଅବକାରୀ ବିଭାଗ, ଡ୍ରଗ୍ କଣ୍ଟ୍ରୋଲର, କମିସନରେଟ ପୁଲିସର ମିଳିତ ସହଯୋଗରେ ଶିକ୍ଷାନୁଷ୍ଠାନ, ମଲ୍ ତଥା ନିଶା ବିକ୍ରି ହେଉଥିବା ସ୍ଥାନରେ ଚଢ଼ଉ କରାଯିବ ବୋଲି ଏସଟିଏଫ୍ ଏସପି ଶ୍ରୀ ଶତପଥୀ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଗତକାଲି ମହମ୍ମଦ ଜାମ୍, ମୋହିତ ଓ ବମ୍ତି ୩୦ କିଲୋ ବା ୩୦ କୋଟିର ମାରିଜୁଆନା ଆଣି ଇଣ୍ଡିଗୋ ବିମାନ ଯୋଗେ ବ୍ୟାଙ୍କକରୁ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ଆସିଥିଲେ। ହେଲେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ କଷ୍ଟମସ ବିଭାଗ ୩ ଜଣଙ୍କୁ କାବୁ କରିବା ସହିତ ୩୦ କୋଟିର ମାରିଜୁଆନା ଜବତ କରିଥିଲା।

ବିନା ଅନୁମତିରେ ରାସ୍ତା ଖୋଳିଲେ ୱାଟ୍‌କୋ ନାଁରେ ଏତଲା

ଭୁବନେଶ୍ୱର, ୩୦।୭ (ସମିସ)

ୱାଟକୋ ପକ୍ଷରୁ ବାରମ୍ବାର ରାସ୍ତା ଖୋଳାଚାଲିଛି କିନ୍ତୁ ବିଏମ୍‌ସି ବଦନାମ୍ ହେଉଛି। ଏନେଇ ୱାଟକୋକୁ ବାରମ୍ବାର କହିବା ସତ୍ତ୍ୱେ ମଧ୍ୟ କିଛି ଫରକ ପଡୁନାହିଁ। ଆଉ ବରଦାସ୍ତ କରିବା ଅସମ୍ଭାଳ ହୋଇଗଲାଣି। ଏଣୁ ୱାଟକୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଏମ୍‌ସି ଏଣିକି ୱାଟକୋ ବିରୋଧରେ ଏତଲା ଦେବ ବୋଲି ସ୍ଥିର କରିଛି। ବିଏମ୍‌ସି କମିସନ ଚଞ୍ଚଳ ରାଣା କଡା ଶବ୍ଦରେ ୱାଟକୋକୁ ଶୁଣାଇ ଦେଇଛନ୍ତି।

ଗତ କିଛି ଦିନ ତଳେ କଳିଙ୍ଗ ଷ୍ଟୁଡିଓ ଛକରେ ଥିବା ଆୟୁର୍ବେଦିକ ହସ୍ପିଟାଲ ନିକଟରେ ଏକ ରାସ୍ତାକୁ ୱଟକୋ ପକ୍ଷରୁ ଖୋଳି ଦିଆଯାଇଥିଲା। ହେଲେ କାମ ଶେଷ ପରେ କିନ୍ତୁ ୱାଟକୋ ପକ୍ଷରୁ ନିଯୁକ୍ତ ଠିକା ସଂସ୍ଥା ଆଉ ମରାମତି କରି ନ ଥିଲା। ଯାହାଫଳରେ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଗଲା। ରାସ୍ତା ଯାକ ଖାଲଖମାରେ ଭରି ରହିଛି। ନିୟମିତ ଭାବେ ଏଠାରେ ପାଣି ଜମୁଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ହଜାର ହଜାର ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଡୁମୁଡୁମାରେ ମଧ୍ୟ ଏକ ରାସ୍ତାକୁ ୱାଟେକୋ ମନମୁଖୀ ଖୋଳିଦେଲା ଯେ ସ୍ଥାନୀୟ ବାସିନ୍ଦାଙ୍କୁ ଯିବା ଆସିବା କରିବା କଷ୍ଟକର ହୋଇଗଲା। ଚାଲିଚାଲି ଯିବା ଆସିବା କରିବାକୁ ବି ୱାଟ୍‌କୋ ସାମାନ୍ୟତମ ବାଟ ଛାଡି ନଥିଲା। ଲାଗୁଥିଲା ଯେପରି ଲୋକଙ୍କ ବିରୋଧକୁ ୱାଟ୍‌କୋର ଖାତିର ନାହିଁ।

ଅନ୍ୟପକ୍ଷରେ ପର୍ବାଣୀ ସମୟରେ ଏଭଳି ରାସ୍ତା ଖୋଳା ଘଟଣା ବଢ଼ି ଯାଇଥାଏ। ଲୋକେ ନିଜର ପାଣି ପାଇପ୍ କିମ୍ବା ସ୍ୱେରେଜ କିମ୍ବା ଡ୍ରେନେଜ୍ ପାଇପ୍ ପକାଇବାକୁ ରାସ୍ତା ଖୋଳି ଦିଅନ୍ତି। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ବହୁବାର ରାସ୍ତା ଖୋଳା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି। ଏପରିକି ପୂର୍ବରୁ ମଧ୍ୟ ଏତଲା କଥା କହି ଧମକାଇଥିଲା। ହେଲେ ବିଏମ୍‌ସି ରାସ୍ତା ଖୋଳୁଥିବା ବ୍ୟକ୍ତି କିମ୍ବା ଅନୁଷ୍ଠାନ ବିରୋଧରେ ଦୃଷ୍ଟାନ୍ତମଳକ କାର୍ଯ୍ୟାନୁଷ୍ଠାନ ହେବା ନଜିର ନାହିଁ। କାରଣ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଏମ୍‌ସି ପାଖରେ ସେଭଳି କିଛି ମାଷ୍ଟରପ୍ଲାନ୍ ନାହିଁ। ନାଆ ବିଏମ୍‌ସି ପାଖରେ ମାନବ ସମ୍ବଳ ରହିଛି। ଏଣୁ ଏଭଳି କାର୍ଯ୍ୟାନୁଷ୍ଠାନ ଧମକକୁ କେହି ଡରୁ ନାହାନ୍ତି। ବିଏମ୍‌ସିର ଧମକ କେବଳ କଥାରେ ସୀମିତ ରହିଯାଉଛି ଓ ଲୋକେ ରାସ୍ତା ଖୋଳା ଯୋଗୁଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପୁଣି କୁଆଖାଇରେ ଭାସିଗଲେ ୩ ଯୁବକ

ହଂସପାଳ, ୩୦।୭ (ସମିସ): କୁଆଖାଇ ନଦୀରେ ପୁଣି ଆଉ ଏକ ଅଘଟଣ। ଏକ ଦଶାହ କାର୍ଯ୍ୟରେ ଯୋଗଦେଇ ନଦୀରେ ଗାଧୋଇବାକୁ ଯାଇ ୩ ଜଣ ଯୁବକ ବୁଡ଼ି ଯାଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଜଣେ ଏବେ ବି ନିଖୋଜ ଅଛନ୍ତି। ଅଗ୍ନିଶମ ବାହିନୀ ଏବେ ବି ଯୁବକଙ୍କୁ ଖୋଜାଖୋଜି କରୁଛନ୍ତି। ନିଖୋଜ ଯୁବ ହେଲେ ବାଣୀବିହାର ଆଖଣ୍ଡଳମଣି ବସ୍ତିର ସୋମନାଥ ଦାସ(୧୮)। ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ପାହାଲ ଅଗ୍ନିଶମ ବାହିନୀ ନଦୀ ଗର୍ଭକୁ ଯାଇ ବୋଟ ଯୋଗେ ଖୋଜାଖୋଜି କରିଥିଲେ। ସୂଚନା ଅନୁସାରେ ଏକ ଦଶାହ କାର୍ଯ୍ୟ ପାଇଁ ମଞ୍ଚେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱ କୁଆଖାଇ ନଦୀକୁ ବୁଧବାର ଦିନ ୧୦ ଟାରେ ବାଣୀବିହାର ଆଖଣ୍ଡଳମଣି ବସ୍ତିର କିଛି ଲୋକ ଆସିଥିଲେ। ସମସ୍ତେ ତୁଠକାମରେ ବ୍ୟସ୍ତଥିବା ବେଳେ ସୋମନାଥ, ଶିରାଜ ଆଉ କେଶବ ମିଶି ଗାଧୋଇବା ପାଇଁ ନଦୀ ଭିତରକୁ ଯାଇଥିଲେ। ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ପ୍ରଖର ସୁଅରେ ୩ ଜଣ ଭାସି ଯାଇଥିଲେ। ସୌଭାଗ୍ୟ ବଶତଃ ଶିରାଜ ଆଉ କେଶବଙ୍କୁ ପରିବାର ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇଥିବା ବେଳେ ସୋମନାଥ ଗଭୀର ପାଣିରେ ଭାସି ଯାଇଥିଲେ। ଖବର ପାଇ ପୋଲିସ ଶିରାଜ ଆଉ କେଶବଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ସୋମନାଥକୁ ପାହାଲ ଅଗ୍ନିଶମ କର୍ମଚାରୀ ମଟର ଡଙ୍ଗା ସାହାଯ୍ୟରେ ବହୁ ଖୋଜାଖୋଜି କଲାପରେ ମଧ୍ୟ କୌଣସି ଖୋଜ ଖବର ମିଳିପାରିନାହିଁ। ସନ୍ଧ୍ୟା ହେଇଯିବାରୁ ଅଗ୍ନିଶମ କର୍ମଚାରୀ ଫେରି ଆସିଥିଲେ ଏବଂ ସକାଳ ହେଲେ ପୁଣି ଖୋଜାଖୋଜି କରିବା ନେଇ ସୂଚନା ଦେଇଥିଲେ। ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ପାଣିର ସୁଅରେ ବହୁ ଦୂର ଭାସି ଯାଇଥିବା ଅନୁମାନ କରାଯାଉଛି। ଅପରପକ୍ଷେ ନଦୀର ଗଭୀରତାକୁ ନେଇ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଫଳକ ଲଗା ଯାଇନଥିବାରୁ ବାରମ୍ବାର ଏଇଭଳି ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଇ ତିନିଦିନ ପୂର୍ବରୁ ସମାନ ଘଟଣା କୁଆଖାଇ ନଦୀ ବାଲିଯାତ୍ରା ପଡ଼ିଆ ନିକଟରେ ଜଣେ ବିଟେକ ଛାତ୍ର ସାଙ୍ଗମାନଙ୍କ ସହିତ ଗାଧୋଇବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଥିଲେ।

ଦୁଇ ଉଦ୍ଧାର, ଜଣେ ନିଖୋଜ

ଅବକାରୀ ବିଭାଗ ହାବୁଡ଼ରେ ବ୍ରାଉନସୁଗର ବେପାରୀ

ଭୁବନେଶ୍ୱର, ୩୦।୭ (ସମିସ): ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଅବକାରୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ରମାକାନ୍ତ ନାୟକ। ସୂଚନା ଅନୁସାରେ, ନୂଆପଲ୍ଲୀ ଥାନା ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ଅବକାରୀ ପୁଲିସ ଖବର ପାଇଥିଲା। ଅବକାରୀର ସ୍ୱତନ୍ତ୍ର ଟିମ୍ ଏକାମ୍ର ପାର୍କ ଅଞ୍ଚଳରେ ଚଢ଼ଉ କରିଥିଲା। ସେଠାରୁ ରମାକାନ୍ତକୁ ଗିରଫ କରିବା ସହ ୩୨ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୩ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ପୁଲିସ କହିଛି।

ରାଜଧାନୀରେ ପ୍ରଥମ ପିତ୍ତଳ ଗଣେଶ ମେଢ଼

ଭୁବନେଶ୍ୱର, ୩୦।୭ (ସମିସ)

ପ୍ରସ୍ତୁତିରେ ଲାଗିଛନ୍ତି କଟକର ତାରକସୀ କାରିଗର

ଆଗକୁ ଆସୁଛି ଗଣେଶ ପୂଜା। ସେଥିପାଇଁ ବିଭିନ୍ନ କ୍ଲବ ଓ ସଂଗଠନ ପକ୍ଷରୁ ମେଢ଼ ପ୍ରସ୍ତୁତି ଚାଲିଛି। କିଏ କେତେ ଆକର୍ଷଣୀୟ ଓ ଉଚ୍ଚ ମେଢ କରିବ ସେ ନେଇ ଏକ ପ୍ରକାର ପ୍ରତିଯୋଗିତା ହେଉଛି କହିଲେ ଭୁଲ ହେବନି। ସେତିପାଇଁ ବିଭିନ୍ନ ସ୍ଥାନରୁ କାରିଗର ଆସି କାମରେ ଲାଗିଛନ୍ତି। ହେଲେ ଏଥର ରାଜଧାନୀରେ ପ୍ରଥମ କରି ଦେଖିବାକୁ ମିଳିବ ଗଣେଶଙ୍କ ପିତ୍ତଳ ମେଢ଼। ସୂଚନା ଅନୁଯାୟୀ ଏହା ରାଜଧାନୀର ପ୍ରଥମ ପିତ୍ତଳରେ ତିଆରି ଗଣେଶଙ୍କ ମେଢ ବୋଲି କୁହାଯାଉଛି। ଏହି ମେଢ ଚଳିତ ବର୍ଷ ମା' ନାରାୟଣୀ ଯୁବକ ସଂଘର '୩୫ ତମ ଗଣେଷ ପୂଜା' ପୂର୍ତ୍ତି ଅବସରରେ ନିର୍ମିତ ହେଉଛି।

ରାଜଧାନୀର ବିଶେଷ ଆକର୍ଷଣ ଭାବେ ପୁରୁଣା ଭୁବନେଶ୍ୱରର ପରକରଣ ସାହିରେ ମା' ନାରାୟଣୀ ଯୁବକ ସଂଘ ଏହି ପ୍ରୟାସ କରିଛି। ଏହି ମେଢର ଉଦ୍‌ଘାଟନ ଗଣେଶ ପୂଜାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଅଗଷ୍ଟ ୨୬ ତାରିଖ ଦିନ ହେବାକୁ ଥିବାବେଳେ ୮ ମାସ ଧରି ଚାଲିଛି ନିର୍ମାଣ ପ୍ରସ୍ତୁତି। ଏହି ଦୁର୍ଲଭ ମେଢ଼ କଟକର ଅଭିଜ୍ଞ ତାରକସୀ କାରୀଗରମାନଙ୍କ ଦ୍ୱାରା ନିର୍ମାଣ କରାଯାଇ ଶେଷ ପର୍ଯ୍ୟାୟରେ ପହଁଚିଛି। ଏହି ପ୍ରସ୍ତୁତି କାର୍ଯ୍ୟରେ କାଠ କାମରେ ୨ ଜଣ କାରିଗର ଲାଗିଥିବାବେଳେ ମେଢ଼ ଡିଜାଇନରେ ୨ ଏବଂ ପିତ୍ତଳ କାର୍ଯ୍ୟରେ ୪ ଜଣ କାରିଗର ଲାଗିଛନ୍ତି। ମେଢ଼ର ଉଚ୍ଚତା ୧୨ ଫୁଟ ଥିବାବେଳେ ନିର୍ମାଣ ପାଇଁ ଯେଉଁ ପିତ୍ତଳ ଆବଶ୍ୟକ ତାହା କୋଲକାତାରୁ ଆସିଛି। ଏହି ମେଢ଼ ନିର୍ମାଣ ପାଇଁ ତିନି ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହାର ଓଜନ ପାଖାପାଖି ଏକ କ୍ୟୁଇଣ୍ଟାଲ ପଚାଶ କେଜି ରହିଛି। ଚଳିତବର୍ଷ ଗଣେଶ ପୂଜାରେ ସାତ ଲକ୍ଷ ଟଙ୍କା ବ୍ୟୟର ନିଷ୍ପତି ହୋଇଛି ବୋଲି ସଂଘର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

ସେହିପରି ୩ ଦିନ ଆୟୋଜିତ ହେଉଥିବା ଥିବା ଏହି ପୂଜାର ଅନ୍ୟ ଆକର୍ଷଣ ଭାବେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶ୍ରୀକାକୁଲମ୍‌ର ବ୍ୟାଣ୍ଡ ପାର୍ଟିର ପାରମ୍ପରିକ ବାଜା ଓ ଲେଜର ଲାଇଟ ସୋ ଆୟୋଜିତ ହେବ।

୧୫ ଦିନରେ ଟ୍ରେନ୍‌ରୁ ୨୦ ଶିଶୁ ଉଦ୍ଧାର

ଭୁବନେଶ୍ୱର, ୩୦।୭ (ସମିସ): ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ତରଫରୁ ରୁଚିକା ଠାରେ 'ବିଶ୍ୱ ମାନବ ଚାଲାଣ ନିରୋଧ ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ରୁଚିକା ତରଫରୁ ଭୁବନେଶ୍ୱର ଜିଆର୍‌ପି ପୋଲିସ ଅଧିକାରୀ ମାନଙ୍କ ସହିତ ଏକ ସଭାକାର୍ଯ୍ୟ ଆୟୋଜନ କରାଯାଇ ଶିଶୁ ଶ୍ରମିକ ଏବଂ ଶିଶୁ ଚାଲାଣକୁ କିଭଳି ରୋକା ଯାଇପାରିବ ସେ ଉପରେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଭୁବନେଶ୍ୱରର ଅତିରିକ୍ତ ଶିଶୁ ମଙ୍ଗଳ ସମିତିର ମେମ୍ବର ସୁମୀତା ଘୋଷଙ୍କ ସମେତ ରୁଚିକାର କର୍ମକର୍ତ୍ତା ଘନଶ୍ୟାମ ଭୋଇ, ଅଜୟ କୁମାର ମହାରଣା, ହରପ୍ରିୟା ପତି, ରିଙ୍କିନା ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ବାରିକ୍ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ଗତ ୧୫ଦିନ ଧରି ରୁଚିକା ପକ୍ଷରୁ ଏକ ସଚେତନତା କ୍ୟାମ୍ପେନ୍ ଆରମ୍ଭ ହୋଇଥିବା ବେଳେ ଭୁବନେଶ୍ୱରର ରେଲଷ୍ଟେସନ ଠାରୁ ଖୋର୍ଦ୍ଧାରୋଡ୍ ରେଲଷ୍ଟେସନ ଭିତରେ ବିଭିନ୍ନ ରେଳ ଗାଡ଼ିରୁ ପ୍ରାୟ ୨୦ଜଣ ଶିଶୁଙ୍କୁ ଚାଲାଣ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି।

ଓଏଏସ୍ ପତିଙ୍କ ନାଁରେ ପତ୍ନୀଙ୍କ ଅଭିଯୋଗ

ପୁଅ ଜନ୍ମ ପରେ ଦୂରେଇ ଗଲେ

ଭୁବନେଶ୍ୱର, ୩୦।୭ (ସମିସ): ଓଏଏସ୍ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ପତ୍ନୀ। ପୁଅ ଜନ୍ମ ହେବା ପରଠାରୁ ସ୍ୱାମୀ ଦୂରେଇ ଯାଇଛନ୍ତି। ପୁଅକୁ ୩ ମାସ ହେବାକୁ ବସିଥିଲେ ମଧ୍ୟ ସ୍ୱାମୀ ଏଯାଏଁ ଆସୁନାହାନ୍ତି। ଏନେଇ ପତ୍ନୀ ତଥା ପଞ୍ଚାୟତିରାଜ ପାନୀୟ ଜଳ ବିଭାଗର ସହକାରୀ ଯନ୍ତ୍ରୀ ଅର୍ଚ୍ଚନା ଦାଶ ଏନେଇ ମହିଳା ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଓସଡମାର ଡିଜିଏମ୍ ତଥା ଓଏଏସ୍ ଅଧିକାରୀ ସାର୍ଥକ ସୈରଭ ମହାପାତ୍ର ଗତବର୍ଷ ଫେବୃୟାରୀ ୨୧ ତାରିଖରେ ସହକାରୀ ଯନ୍ତ୍ରୀ ଅର୍ଚ୍ଚନା ଦାଶଙ୍କୁ ବିବାହ କରିଥିଲେ। ବିବାହ ପରେ ଅର୍ଚ୍ଚନା ଗର୍ଭବତୀ ହେବା ସହିତ ଗତ ମେ ମାସ ୭ ତାରିଖ ଦିନ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ସ୍ୱାମୀ ସାର୍ଥକ ମେ ୧୦ ତାରିଖ ପର୍ଯ୍ୟନ୍ତ ପତ୍ନୀଙ୍କ ସହ ଡାକ୍ତରଖାନାରେ ରହିଥିଲେ। ହେଲେ ହଠାତ୍ ପତ୍ନୀ ଓ ନବଜାତ ଶିଶୁପୁତ୍ରକୁ ଛାଡ଼ି କେଉଁଆଡେ ପଳାଇ ଯାଇଥିଲେ। ଅର୍ଚ୍ଚନା ନିଜେ ଡାକ୍ତରଖାନାରୁ ଡିସଚାର୍ଜ ହୋଇ ଘରକୁ ଫେରିଥିଲେ। ସେବେଠାରୁ ସ୍ୱାମୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଏଯାଏଁ କିଛି ସୁଫଳ ମିଳି ନାହିଁ। ଅର୍ଚ୍ଚନା ବାଧ୍ୟ ହୋଇ ଆଜି ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଛନ୍ତି। ସ୍ତ୍ରୀ ଓ ନବଜାତ ଶିଶୁ ପ୍ରତି ନିଷ୍ଠୁରତା ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ କରିଛନ୍ତି। ଶିଶୁପୁତ୍ରକୁ ୩ ମାସ ହେବାକୁ ବସିଥିବା ବେଳେ ସାର୍ଥକ ଦେଖା କରୁନାହାଁନ୍ତି କି ସହଯୋଗ କରୁନାହାନ୍ତି।

(ଫାଇଲ ଫଟୋ)

ଯେତେ ଦେଲେ ଅଣ୍ଟୁନି; ଜବରଦଖଲ ହଟୁନି

ଭୁବନେଶ୍ୱର, ୩୦।୭ (ସମିସ)

ଭୁବନେଶ୍ୱର ସହରକୁ ସରସସୁନ୍ଦର କରିବା ପାଇଁ ବିଏମ୍‌ସି ପକ୍ଷରୁ ରାସ୍ତାକଡ଼ ଉଠାଦୋକାନୀଙ୍କୁ ଭେଣ୍ଡିଂ ଜୋନ୍‌ରେ ଥଇଥାନ କରାଯାଉଛି। କିନ୍ତୁ ଭେଣ୍ଡିଂ ଜୋନ୍‌ରେ ଦୋକାନ ପାଇଥିବା କେତେକ ଅସାଧୁ ବ୍ୟବସାୟୀ ଦୋକାନ ଭଡ଼ାରେ ଦେଇ ପୁନର୍ବାର ରାସ୍ତାକଡ଼ରେ ଜବରଦଖଲ କରୁଛନ୍ତି। ଫଳରେ ରାଜଧାନୀରେ ଯେତିକି ବ୍ୟବସାୟୀଙ୍କୁ ଥଇଥାନ କରାଯାଉଛି ସେହି ତୁଳନାରେ ଉଠାଦୋକାନ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି।

- ଭେଣ୍ଡିଂଜୋନ୍ ଘର ଭଡ଼ାରେ ଲଗାଇ ରାସ୍ତାରେ ବସୁଛନ୍ତି ଉଠାଦୋକାନୀ
- ଦୋକାନ ବିକ୍ରି କରିବା ପରେ ବି କେମିତି ମିଳୁଛି ଟ୍ରେଡ୍ ଲାଇସେନ୍ସ

ରାଜଧାନୀ ସହର ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ସହରକୁ ସରସସୁନ୍ଦର କରିବା ପାଇଁ ବିଏମ୍‌ସି ଓ ବିଡିଏର ମିଳିତ ପ୍ରୟାସ ଜାରି ରହିଛି। ଯାହାକୁ ନେଇ ଗତ ୧୦ ବର୍ଷ ମଧ୍ୟରେ ରାଜଧାନରେ ଗୋଟିଏ ପରେ ଗୋଟିଏ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଉଛି। ଯେଉଁଠାରେ ଉଠାଦୋକାନୀଙ୍କୁ ଥଇଥାନ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ରାଜଧାନୀରେ ଦେଢ଼ ହଜାର ଉଠାଦୋକାନୀଙ୍କୁ ଥଇଥାନ କରାଯାଇଥିବା ବେଳେ ପରେ ଆଉ ହଜାରେ ଉଠା ଦୋକାନୀଙ୍କ ବିଭିନ୍ନ ଭେଣ୍ଡିଂ ଜୋନ୍‌ରେ ଥଇଥାନ କରାଯାଇଛି। ଇତି ମଧ୍ୟରେ ରାଜଧାନୀରେ ମୋଟ ୬୭ ଭେଣ୍ଡିଂଜୋନ୍‌ରେ ଅଢ଼େଇ ହଜାରରୁ ଅଧିକ ଉଠାଦୋକାନୀଙ୍କୁ ଥଇଥାନ କରାଯାଇଛି। ଆଶା କରାଯାଉଥିଲା ଯେ, ସମସ୍ତ ଉଠା ଦୋକାନୀଙ୍କୁ ଥଇଥାନ କରିବା ପରେ ରାଜଧାନୀରୁ ଉଠାଦୋକାନ ଶୂନ୍ୟ ହୋଇଯିବ। କିନ୍ତୁ ବେଳକୁ ବେଳ ଉଠାଦୋକାନୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଡମଣାଠାରୁ ଆରମ୍ଭ କରି ଅଶୋକନଗର, ନୂଆପଲ୍ଲୀ ସିଆର୍‌ପି ଅଞ୍ଚଳରୁ ଆରମ୍ଭ କରି ଗଳିଗଳିରେ ଏବେ ଉଠାଦୋକାନୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯାହା ବିଏମ୍‌ସିଏବଂବିଡିଏପାଇଁମୁଣ୍ଡବ୍ୟଥାରକାରଣପାଲଟିଛି।

ଏହାର ମୂଳ କାରଣ ହେଉଛି କେତେକ ଉଠାଦୋକାନୀ ଭେଣ୍ଡିଂ ଜୋନ୍‌ରେ ପାଇଥିବା ଦୋକାନ ଘରକୁ ଭଡ଼ାରେ ଲାଗାଇ ଦେଉଛନ୍ତି। ଏମିତି କି ଜଣେ ଜଣେ ଉଠାଦୋକାନୀ ନିଜ ସମ୍ପର୍କୀୟଙ୍କ ନାମରେ ଦୋକାନ ମାଡ଼ି ବସି ଭେଣ୍ଡିଂ ଜୋନ୍‌ରେ ଘର ପାଇଛନ୍ତି। କିନ୍ତୁ ସେଗୁଡ଼ିକ ଭଡ଼ାରେ ଲଗାଇ ପୂନର୍ବାର ଯେଉଁସ୍ଥାନରେ ଦୋକାନ କରିଥିଲେ ସେଠାରେ ଜାଗା ମାଡ଼ି ବସୁଛନ୍ତି। ଫଳରେ ଭେଣ୍ଡିଂ ଜୋନ୍ ସଂଖ୍ୟା ବଢୁଥିଲେ ମଧ୍ୟ ଉଠାଦୋକାନ ସଂଖ୍ୟା କମିବାର ନାଁ ଗନ୍ଧ ଉଠୁନାହିଁ। କେବଳ ସେମାନେ ନୁହେଁ ପରବର୍ତ୍ତୀ ସମୟରେ ସେମାନେ ତାଙ୍କ ସମ୍ପର୍କୀୟଙ୍କୁ ଡାକି ପୁରୁଣା ଜାଗା ମାଡ଼ି ବସୁଛନ୍ତି। ଏଥିରେ କେତେକ ଅସାଧୁ ରାଜନୈତିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ କୁହାଯାଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନେକ ଭେଣ୍ଡିଂ ଜୋନ୍‌ରେ ଦୋକାନ ପାଇଥିବା ମାଲିକ ନିଜ ପାଳିକୁ ଅନ୍ୟକୁ ବିକ୍ରି କରି ଦେଉଛନ୍ତି। ନିୟମ ଅନୁଯାୟୀ ଏହି ଦୋକାନଘରକୁ ବିକ୍ରି କରିପାରିବେ ନାହିଁ କିମ୍ବା ଭଡ଼ାରେ ଲଗାଇପାରିବେ ନାହିଁ। ଯଦି ସେଭଳି ହୋଇଥାଏ ତେବେ ସେମାନଙ୍କ ଦୋକାନ ଘରକୁ ବାତିଲ କରାଯିବ। କିନ୍ତୁ ବଡ଼ ବିସ୍ମୟର କଥା ହେଉଛି ଦୋକାନ ଘର ବଣ୍ଟନ ରଦ୍ଦ ହେବା ପରକଥା ବ୍ୟବସାୟୀମାନେ ସେହି ଦୋକାନ ଉପରେ କିଭଳି ଟ୍ରେଡିଂ ଲାଇସେନ୍ସ, ରେକର୍ଡ ଅଫ୍ ରେକୋମେଣ୍ଡେସନ୍ ଏବଂ ଭେଣ୍ଡିଂ ଲାଇସେନ୍ସ ପାଉଛନ୍ତି ତାକୁ ନେଇ ଉଠିଛି ପ୍ରଶ୍ନ। ଏହା ପଛରେ ବିଏମ୍‌ସିର ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତି ଥିବା କୁହାଯାଉଛି।

ଏ ନେଇ ଆମେ ଜଣେ ବରିଷ୍ଠ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲୁ। ତାଙ୍କ କହିବା ଅନୁଯାୟୀ ଅଭିଯୋଗ ଆସିବା ପରେ ବିଏମ୍‌ସିର ଅଧିକାରୀମାନେ ବିଭିନ୍ନ ଭେଣ୍ଡିଂ ଜୋନ୍‌ରେ ଚଢ଼ଉ କରିଥିଲେ। ଚଢ଼ଉ କରିବା ସମୟରେ ଯେଉଁମାନେ ଦୋକାନ ଭଡ଼ାରେ ନେଇଛନ୍ତି ସେମାନେ ନିଜକୁ ପ୍ରକୃତ ମାଲିକଙ୍କ ସମ୍ପର୍କୀୟ ବୋଲି ପରିଚୟ ଦେଉଛନ୍ତି। ଏମିତି କି ଭେଣ୍ଡିଂ ଜୋନ୍ ସଂକ୍ରାନ୍ତ ପ୍ରମାଣପତ୍ର ମାଗିଲେ ସେମାନଙ୍କ ପାଖରେ ନାହିଁ ବୋଲି କହିଥିଲେ। କିଛି ସମୟ ପରେ ଦୋକାନର ମାଲିକ ଆସି ପହଞ୍ଚି କାଗଜପତ୍ର ଦେଖାଇଥିଲେ। ଫଳରେ ବିଭାଗୀୟ ଅଧିକାରୀ ଫେରି ଆସିଥିଲେ। ଏ ନେଇ ନିଖିଳ ଓଡ଼ିଶା ଉଠାଦୋକାନୀ ସଂଘର ସଭାପତି ପ୍ରତାପ କୁମାର ସାହୁଙ୍କ କହିବାନୁଯାୟୀ ଆମ ପାଖକୁ ଏଭଳି ଅଭିଯୋଗ ଆସିଥିଲା। ଏ ନେଇ ବିଏମ୍‌ସି ଅଧିକାରୀଙ୍କୁ ଅବଗତ କରାଯାଇଛି। ଯଦି ସତ୍ୟ ହୋଇଥାଏ ତେବେ ବିଏମ୍‌ସି ବାହାର କରୁ ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ।

ଦରକଣ୍ଟିଆ ବାସନ୍ଦ ପରିବାର ଉପରେ ବଢୁଛି ନିର୍ଯାତନା

ଜମିରେ ଚାଷ କରିବାକୁ ଦେଉନାହାନ୍ତି ଜିତୁ ମାଝୀ

ବାଙ୍ଗିରିପୋଷି, ୩୦।୭ (ସମିସ): ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦରକଣ୍ଟିଆ ଗ୍ରାମର ବାସନ୍ଦ ପରିବାରକୁ ମର୍ଯ୍ୟାଦା ସହିତ ବଞ୍ଚି ରହିବାର ମୌଳିକ ଅଧିକାର ଉପରେ ବାରମ୍ବାର ଆକ୍ରମଣ ସହିତ ନିର୍ଯ୍ୟାତନା, ମାନସିକ ଚାପ ଦିଆଯାଉଛି। ଏ ନେଇ ଉକ୍ତ ପରିବାର ପକ୍ଷରୁ ବହୁବାର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଆଜିଯାଏ ନ୍ୟାୟ କି ସୁରକ୍ଷା ମିଳିପାରିନାହିଁ। ଜିଲ୍ଲା ପ୍ରଶାସନ ଉକ୍ତ

ପରିବାର ଥାନାର ଦ୍ୱାରସ୍ଥ

ପରିବାର ପ୍ରତି ଅଣଦେଖା ଓ ଅବହେଳା କରାଯାଉଥିବାରୁ ତାଙ୍କ ପରିବାର ଉପରେ ଏହିପରି ଅମାନବୀୟ ଅନ୍ୟାୟ, ଅତ୍ୟାଚାର, ଶୋଷଣ ଚାଲିଛି ବୋଲି ଅଭିଯୋଗ କରାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ହଳ କରିବାକୁ ବଳଦ ନ ଥିବାରୁ ତାଙ୍କର ଚାଷଜମିକୁ ୨୭ ତାରିଖ ରବିବାର ଟ୍ରାକ୍ଟର ସାହାଯ୍ୟରେ ହଳ କରୁଥିଲେ। ଏହି ସମୟରେ ଦୋରକଣ୍ଟିଆ ଗ୍ରାମରେ ଆତଙ୍କ ସୃଷ୍ଟି କରୁଥିବା ବ୍ୟକ୍ତି ଜିତୁ ମାଝୀ ବାସନ୍ଦ ପରିବାରର ବିଲକୁ ଯାଇ ଟ୍ରାକ୍ଟରରେ ନିଆଁ ଲଗାଇ ଦେବାର ଧମକ ଦେବା ସହିତ ଟ୍ରାକ୍ଟର ଡ୍ରାଇଭରଙ୍କୁ ହଳ କରିବାକୁ ମନା କରିଥିଲା। ଫଳରେ ଚାଳକ ଜଣକ ଭୟଭୀତ ହୋଇ ନକରି ଟ୍ରାକ୍ଟର ନେଇ ପଳାଇଥିଲା ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଫଳରେ ସେହି ଦିନଠାରୁ ତାଙ୍କ ଅଞ୍ଚଳର ସମସ୍ତ ଟ୍ରାକ୍ଟର ମାଲିକ ଜିତୁ ମାଝୀଙ୍କୁ ଡରି ହଳ କରିବାକୁ ମନା କରୁଛନ୍ତି। ତେଣୁ ଉକ୍ତ ପରିବାରଗୁଡିକ ଏବେ ଚିନ୍ତାରେ ରହିଛନ୍ତି। ତେବେ ଜିତୁ ମାଝୀଙ୍କ ନେତୃତ୍ୱରେ ହିଁ ଗତବର୍ଷ ମଧ୍ୟ ୫ ଏକର ଚାଷଜମିର ଫସଲ କାଟିବାକୁ ନ ଦେବା ଏବଂ ଶୁଦ୍ଧିକ୍ରିୟା କାର୍ଯ୍ୟ କରିବାକୁ ନ ଦେଇ ୫ ଲକ୍ଷ ୫୦ ହଜାର ଟଙ୍କା କ୍ଷତି କରାଇଥିଲେ। ହେଲେ ଏଯାଏ କ୍ଷତିପୂରଣ କିଛି ମିଳିନଥିବା ବେଳେ ଏବର୍ଷ ପୁଣି ଚଳିତ ଚାଷ କରିବାକୁ ଦେଉନାହିଁ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ତେଣୁ ଯଥାଶୀଘ୍ର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ୍ୟାୟ, ସୁରକ୍ଷା ଏବଂ ଅଧିକାର ପ୍ରଦାନ କରାଯିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସୁନ୍ଦର ମୋହନ ମାଝୀ, ବିଜୟ ମାଝୀ, ରଘୁନାଥ ମାଝୀ, ସୁଦେବୀ ଟୁଡୁ ଉପସ୍ଥିତ ଥିଲେ।

ପିଇଓଙ୍କ ଧମକ ଭିଡିଓ ଭାଇରାଲ

କପ୍ତିପଦା, ୩୦।୭ (ସମିସ): ସୋସିଆଲ ମିଡିଆରେ ଭିଡିଓ ଭାଇରଲ। ଘରୁ ଉଠାଇ ନେବି, ମୋତେ ଚିହ୍ନି ନାହଁ, ମୁଁ କଣ ଚୁଡି ପିନ୍ଧି ଚାକିରି କରିଛି। ଏଭଳି କହି ଜଣେ ପିଇଓ ସମସ୍ତଙ୍କ ସାମ୍ନାରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ବାସିନ୍ଦାଙ୍କୁ ଖୋଲାଖୋଲି ଦେଉଛନ୍ତି ଧମକ; ଯାହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି। ଏହି ସରକାରୀ ବାବୁ ଜଣକ ହେଲେ କପ୍ତିପଦା ବ୍ଲକ ମାଙ୍କଡ଼ପଡ଼ା ପଞ୍ଚାୟତର ପିଇଓ ପ୍ରଶାନ୍ତ ପଟ୍ଟନାୟକ। ସେ ଗତମାସ ବିକାଶ ବାହାନ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଦାୟିତ୍ୱରେ ଥିଲେ। ବିକାଶ ବାହାନ ରଥ ଉଦଘାଟନ ଦିନ ମାଙ୍କଡ଼ପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି ଘଟଣା ଘଟିଥିଲା। ଅଚାନକ ନୋଡାଲ ଅଫିସର ଦାୟିତ୍ୱରେ ଥିବା ପିଇଓ ପ୍ରଶାନ୍ତ ପଟ୍ଟନାୟକ ଜଣେ ଆଦିବାସୀ ବ୍ୟକ୍ତିଙ୍କୁ ଏଭଳି ଅସମ୍ମାନ କରିଥିଲେ। ଏହା ସହିତ ଖୋଲାଖୋଲି ଧମକ ଦେଉଥିବା ଭିଡିଓ ବିଭିନ୍ନ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏ ସମ୍ପର୍କରେ ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ସେହି ବ୍ୟକ୍ତି ଜଣକ ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ କରାଇ ଦେବନି କହିବା ସହିତ ସ୍ୱୟଂ ସହାୟିକା ଗୋଷ୍ଠୀର ମା'ମାନଙ୍କୁ ଗାଳିଗୁଲଜ କରୁଥିଲା। ତାଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେ ପିଇଓଙ୍କୁ ଗାଳିଗୁଲଜ କରୁଥିଲା; ଯାହାକୁ ନେଇ ପିଇଓ ଉଚ୍ଚକଣ୍ଠରେ ତାଙ୍କୁ ବାରଣ କରିବାକୁ ଚେଷ୍ଟା କରିଥିଲେ। ପରେ ସେ ଲୋକ ନିଜର ଭୁଲ ବୁଝିପାରି କ୍ଷମା ମାଗିଥିଲେ ବୋଲି କହିଥିଲେ।

ଅନ୍ତର୍ଜାତୀୟ ବ୍ୟାଘ୍ର ସଂରକ୍ଷଣ ଦିବସ ପାଳିତ

ମହୁଲଡିହା, ୩୦।୭ (ସମିସ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ଓ ସାତକୋଶିଆ ବନାଞ୍ଚଳରେ ଅନ୍ତର୍ଜାତୀୟ ବ୍ୟାଘ୍ର ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଠାକୁରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ସାତକୋଶିଆ ଆଶ୍ରମ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ଟୁଡୁଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ବ୍ୟାଘ୍ର ସଂରକ୍ଷଣ ପାଇଁ ସଚେତନତା ଜରୁରୀ ବୋଲି ମତ ରଖିଥିଲେ। ପରିବେଶ ସନ୍ତୁଳନ, ଜଙ୍ଗଲ ଜୀବ ମଧ୍ୟରେ ଭାରସାମ୍ୟ ରକ୍ଷା ପାଇଁ ବାଘକୁ ବଞ୍ଚାଇ ରଖିବା ଅତ୍ୟନ୍ତ ଅପରିହାର୍ଯ୍ୟ କହିଥିଲେ। ସାମ୍ପ୍ରତିକ ସ୍ଥିତିରେ ବାଘ ବଂଶହ୍ରାସ ଚିନ୍ତାର କାରଣ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ସୁକାନ୍ତ ସାହୁ, ବନରକ୍ଷୀ ପ୍ରମୋଦ କୁମାର ମହାନ୍ତ, ଗାୟତ୍ରୀ ମହାନ୍ତ ପ୍ରମୁଖ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ୨୦ ଜଣଙ୍କୁ ବନବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

ପ୍ରଶାନ୍ତ ବେହେରା କପ୍ତିପଦା ବ୍ଲକ ବିଜେଡି ସଭାପତି

କପ୍ତିପଦା, ୩୦।୭ (ସମିସ): ବିଜୁ ଜନତାଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ମୟୂରଭଞ୍ଜ ସାଂଗଠନିକ ଜିଲ୍ଲା -୧ କପ୍ତିପଦା ବ୍ଲକ ବିଜୁ ଜନତାଦଳର ନୂତନ ସଭାପତି ଭାବେ ପ୍ରଶାନ୍ତ କୁମାର ବେହେରାଙ୍କୁ ନିଯୁକ୍ତି କରାଯାଇଛି। ଏ ନେଇ ବିଜୁ ଜନତାଦଳର ନିର୍ବାଚନ ଅଧିକାରୀ ଅନନ୍ତ କୁମାର ଦାସ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଉଦଳା ନିର୍ବାଚନ ମଣ୍ଡଳୀରୁ ପ୍ରଶାନ୍ତ କୁମାର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ସେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ଉଦଳା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଉଦଳା ନିର୍ବାଚନ ମଣ୍ଡଳୀର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

ନୂତନ ଡିଏଫଓଙ୍କ କାର୍ଯ୍ୟରେ ଯୋଗଦାନ

କରଞ୍ଜିଆ, ୩୦।୭ (ସମିସ): କରଞ୍ଜିଆରେ ନୂତନ ଡିଏଫଓଭାବେ ବୈଦ୍ୟନାଥ ମାଝୀ ମଙ୍ଗଳବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେ ଡିଏଫ୍ଓ ପ୍ରଶାନ୍ତ କୁମାର ପଟେଲଙ୍କଠାରୁ ଦାୟିତ୍ୱ ନେଇଛନ୍ତି। ଶ୍ରୀ ପଟେଲ ପୁଷ୍ପଗୁଚ୍ଛ ଦେଇ ନୂତନ ଶ୍ରୀ ମାଝୀଙ୍କୁ ସ୍ୱାଗତ କରିଥିଲେ। ପରେ କରଞ୍ଜିଆ ବନଖଣ୍ଡର ସମସ୍ତ ରେଞ୍ଜ ଅଧିକାରୀ ଓ ଦୁଇ ଏସିଏଫ୍ ମଧ୍ୟ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସୂଚନଯୋଗ୍ୟ ଯେ, ଶ୍ରୀ ମାଝୀ ପୂର୍ବରୁ କରଞ୍ଜିଆ ବନଖଣ୍ଡ ଦୁଧିଆଣି ରେଞ୍ଜ ଅଧିକାରୀ ଭାବେ ସୂଚାରୁ ଭାବେ କାର୍ଯ୍ୟ ତୁଲାଇଥିଲେ। ପରେ ସେ କରଞ୍ଜିଆ ବନଖଣ୍ଡର ଏସିଏଫ୍ ଭାବେ କାର୍ଯ୍ୟ କରିଥିଲେ। ସେଠାରୁ ପଦୋନ୍ନତି ପାଇ ରାଉରକେଲାରେ ଡିଏଫ୍ଓ ଭାବେ ଯୋଗ ଦେଇଥିଲେ।

ସମସ୍ୟାରେ ବାସିଙ୍ଗୀ ଉଚ୍ଚ ବିଦ୍ୟାଳୟ

୬ ଶିକ୍ଷକ ପଦ ଖାଲି; ଶିକ୍ଷାଦାନ ବିପର୍ଯ୍ୟସ୍ତ

ରାଇରଙ୍ଗପୁର/ବହଳଦା, ୩୦।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ବାସିଙ୍ଗି ପଞ୍ଚାୟତରେ ୧୯୭୯ ମସିହାରେ ସ୍ଥାପିତ ହୋଇଛି ବାସିଙ୍ଗି ଉଚ୍ଚବିଦ୍ୟାଳୟ। ହେଲେ ଏହି ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଦେଇ ଗତିକରୁଛି। ବିଦ୍ୟାଳୟରେ ୧୧୦ ଶଯ୍ୟା ବିଶିଷ୍ଟ ବାଳିକା ଛାତ୍ରାବାସ ରହିଛି। ଏହି ବିଦ୍ୟାଳୟରେ ନବମ ଓ ଦଶମ ଦୁଇଟି ଶ୍ରେଣୀ ଅଛି; କିନ୍ତୁ କେବଳ ଜଣେ ସଂସ୍କୃତ ଶିକ୍ଷୟିତ୍ରୀ, ଜଣେ କ୍ରୀଡା ଶିକ୍ଷକ ଏବଂ ଜଣେ ପିଅନରେ ଚାଲିଛି ଏହି ବିଦ୍ୟାଳୟ। ଏବେ ଏହି ସ୍କୁଲରେ କଳା ବିଭାଗର ୩ ଜଣ, ବିଜ୍ଞାନ ଓ ଗଣିତରେ ଦୁଇଜଣ ଏବଂ ହିନ୍ଦୀର ଜଣେ, କିରାଣୀ ଏବଂ ୨ ଜଣ ପିଅନ ଅବସର ନେଲେଣି। ବର୍ତ୍ତମାନ ନବମ ଶ୍ରେଣୀରେ ୪୦ ଏବଂ ଦଶମରେ ୬୮ ଛାତ୍ରଛାତ୍ରୀ ପଢୁଛନ୍ତି। ସମ୍ପ୍ରତି ଏବେ ବିଦ୍ୟାଳୟରେ ୬ ଜଣ ଶିକ୍ଷକଙ୍କ ସମେତ ଜଣେ କିରାଣି ଏବଂ ଦୁଇଟି ପିଅନ ପଦ ଖାଲି ରହିଛି। ଫଳରେ ପାଠପଢ଼ାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ। ଶିକ୍ଷକ ଅଭାବ ଯୋଗୁଁ ବହୁ ଅଭିଭାବକ ଅନ୍ୟ ସ୍କୁଲରେ ନାମ ଲେଖାଇବାକୁ ବାଧ ହେଉଛନ୍ତି। ଜଣେ ସଂସ୍କୃତ ଶିକ୍ଷୟିତ୍ରୀ ଓ କ୍ରୀଡ଼ା ଶିକ୍ଷକ ଦ୍ୱାରା ଏହି ସ୍କୁଲ ଚାଲିଥିବାରୁ ପିଲାଙ୍କ ଭବିଷ୍ୟତ ନେଇ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। ଛାତ୍ରାବାସରେ ରହୁଥିବା ୧୦୦ ବାଳିକାଙ୍କ ରହିବା, ଖାଇବା ଆଦି ଠିକ୍‌ଭାବେ ହୋଇପାରୁନାହିଁ।

ପିଲାମାନେ ୬ଟି ମୂଳ ବିଷୟ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ତେଣୁ ତୁରନ୍ତ ଏହି ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦ ପୂରଣ କରିବାକୁ ଗ୍ରାମବାସୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀ ଦାବି କରିଛନ୍ତି।

ଉପନିବନ୍ଧକ କାର୍ଯ୍ୟାଳୟରେ ଅଧିକାରୀ ଶୂନ

କପ୍ତିପଦା, ୩୦।୭ (ସମିସ): କପ୍ତିପଦା ବ୍ଲକ ଉପନିବନ୍ଧକ କାର୍ଯ୍ୟାଳୟର ନିଜସ୍ୱ ଗୃହ ନ ଥିବାବେଳେ କେହି ଅଧିକାରୀ ବି ନାହାନ୍ତି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାର୍ଯ୍ୟାଳୟ ୨୦୨୩ରେ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୨ ବର୍ଷ ବିତିଯାଇଥିଲେ ହେଁ କୌଣସି ପରିବର୍ତ୍ତନ ହୋଇନାହିଁ। ଏଠାରେ ଅଧିକାରୀ ନ ଥିବାରୁ ତହସିଲଦାର ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଏପରିକି ଏହି କାର୍ଯ୍ୟାଳୟଟି ବିପଦ ସଂକୁଳ ଅବସ୍ଥାରେ ରହିଛି। କାଗଜପତ୍ର ରଖିବାକୁ ସୁବିଧା ନ ଥିବାରୁ ବର୍ଷା ପାଣିରେ ଭିଜୁଛି। କାନ୍ଥରୁ ପ୍ଲାଷ୍ଟର ଖସୁଥିବା ବେଳେ ଛାତର ରଡ଼ ମଧ୍ୟ ଦେଖାଯାଉଛି। ଏ ନେଇ ତହସିଲଦାର ଆଶିଷ କୁମାର ମହାପାତ୍ରଙ୍କୁ ପଚାରିବାରୁ ଏହା ଏକ ଉପକେନ୍ଦ୍ର। ଏଠାରେ ଜଣେ ଅଧିକାରୀ ହିଁ ଦୁଇଟି ଦାୟିତ୍ୱ ନେବାର ବ୍ୟବସ୍ଥା ରହିଛି। ଏହା ଲୋକଙ୍କ ସୁବିଧା ପାଇଁ କରାଯାଇଛି; ମାତ୍ର ଏହାର ମୁଖ୍ୟାଳୟ ଉଦଳାରେ ରହିଛି। ତହସିଲ ପରିସରରେ ଏହା କାର୍ଯ୍ୟକାରୀ ହେବାର ନିୟମ ମଧ୍ୟ ରହିଛି। ଏହି ଅଫିସ ପାଇଁ ଏକ ସ୍ଥାୟୀ କାର୍ଯ୍ୟାଳୟ ଗୃହର ଆବଶ୍ୟକତା ରହିଛି। ଏ ନେଇ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।

ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କୁ 'ଅଟଳ ଧର୍ମରତ୍ନ ସମ୍ମାନ'

ବାରିପଦା, ୩୦।୭ (ସମିସ): ସଦଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମାନବ ଧର୍ମର ପ୍ରବର୍ତ୍ତକ ତଥା ସର୍ବଧର୍ମ ସମନ୍ୱୟ ଦିଗରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ବୁଗୁଡ଼େଇଙ୍କୁ 'ଅଟଳ ଧର୍ମରତ୍ନ ସମ୍ମାନ'ରେ ଭୂଷିତ କରିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଏବଂ କାରଗିଲ ବିଜୟ ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ରାଜ୍ୟର ୩ ଜଣ ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ମାନିତ କରିଛନ୍ତି।

ଶ୍ରୀ ବୁଗୁଡେଇ ଜିଲ୍ଲାର ବିଭିନ୍ନ ସମସ୍ୟା ସବୁକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ପ୍ରତିଷ୍ଠା ମଧ୍ୟ କରିଥିଲେ। ତେଣୁ ଏହି ଅବସରରେ ଫୋରମର ମୁଖ୍ୟ ପୃଷ୍ଠପୋଷକ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ସଭାପତି ମହାରାଣୀ ରଶ୍ମି ରଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ପାଦକ ବିଭୁଦତ୍ତ ଦାସ ପ୍ରମୁଖ ଶ୍ରୀ ବୁଗୁଡେଇଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସଫଳତାର ଶୀର୍ଷରେ ଇନୋଭେଟିଭ୍ କ୍ଲାସେସ୍
B.Ed ପିଲାଙ୍କ ପାଇଁ ଏକ ଭରସାଯୋଗ୍ୟ ଅନୁଷ୍ଠାନ

ଏକ ସୁସ୍ଥ ସମାଜର ମେରୁଦଣ୍ଡ ହେଉଛି ଶିକ୍ଷା। କିନ୍ତୁ ସ୍ୱାର୍ଥ ଲୋଭୀ ସମାଜରେ ଶିକ୍ଷା ପ୍ରଦାନକାରୀ ବ୍ୟକ୍ତି ବିଶେଷକୁ ପ୍ରସ୍ତୁତ କରିବା ଏକ ପ୍ରତିଯୋଗିତାମୂଳକ ଆହ୍ୱାନ। ଏହି ଆହ୍ୱାନକୁ ସ୍ୱୀକାର କରି ଶିକ୍ଷାବିତ୍ ତରୁଣ କୁମାର ପଣ୍ଡା Innovative Classes ନାମରେ ୧୬ବର୍ଷ ପୂର୍ବେ ଖୋଲିଥିଲେ B.Ed. ଶିକ୍ଷା ପ୍ରଦାନ କରିବା ନିମନ୍ତେ ଶିକ୍ଷାନୁଷ୍ଠାନ। ନିଜ ସାଥୀମାନଙ୍କ ସହଯୋଗରେ ଉତ୍ତର ଓଡ଼ିଶାରେ ସର୍ବ ପୁରାତନ ଶିକ୍ଷା ନିର୍ମାଣ ଅନୁଷ୍ଠାନ ଆଜିଭଳି ସାମ୍ପ୍ରତିକ ଶିକ୍ଷା କ୍ଷେତ୍ରରେ ତା'ର ଲୋକପ୍ରିୟତା ଏବଂ ସଫଳତା ନିଶ୍ଚିତ ରୂପେ ଏକ ଦୃଷ୍ଟାନ୍ତମୂଳକ ଅଭିସୂଚନା। ଦୀର୍ଘ ୧୬ବର୍ଷ ସେବା ଯୋଗାଇ ଆସୁଥିବା ଏହି ଶିକ୍ଷାନୁଷ୍ଠାରୁ ପ୍ରାୟତଃ ୧୨ ରୁ ୧୪ ହଜାର ଶିକ୍ଷାର୍ଥୀ B.Ed. ଶିକ୍ଷାରେ ଉତ୍ତୀର୍ଣ୍ଣ ଲାଭ କରିଥିବା ବେଳେ ୬ ରୁ ୭ ହଜାର ଶିକ୍ଷକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କୋଣ ଅନୁକୋଣରେ ଭିନ୍ନ ଭିନ୍ନ ସରକାରୀ ବିଦ୍ୟାଳୟରେ ନିଯୁକ୍ତି ହୋଇ ସେବାରତ ଥିବା ବେଳେ, ଅଧିକାଂଶ ବିଦ୍ୟାର୍ଥୀ ଏବେ ସମ୍ଭାବ୍ୟ ପରିସ୍ଥିତିରେ ଅଛନ୍ତି।

- ବିଏଡ୍ କୋର୍ସ ପାଇଁ ଭରସାଯୋଗ୍ୟ ଶିକ୍ଷାନୁଷ୍ଠାନ - ଇନୋଭେଟିଭ କ୍ଲାସେସ୍
- ଉତ୍ତର ଓଡ଼ିଶାର ସର୍ବପୁରାତନ ଶିକ୍ଷା ଅନୁଷ୍ଠାନ।
- ୧୨,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ।
- ୬,୦୦୦ ରୁ ଅଧିକ ବିଦ୍ୟାର୍ଥୀ ସରକାରୀ ଶିକ୍ଷକ ଭାବେ ସେବାରତ।

ଛତୁ ଫୁଟିଲା ଭଳି B.Ed. ଶିକ୍ଷାନୁଷ୍ଠାନ ଗୁଡ଼ିକ ବ୍ୟବସାୟ ଏବଂ ପ୍ରତିଯୋଗିତା ମୂଳକ ଚିନ୍ତନ ଯୋଗୁ ଅନେକ ଅଭାବୀ ବିଦ୍ୟାର୍ଥୀ ଠକାମୀରେ ଶିକାର ହୋଇ ନିଜ କ୍ୟାରିୟର ରୁ ହାତ ଧୋଇ ବସିଛନ୍ତି। କେବଳ ନିଜର ଲୋଭନୀୟ କୋର୍ଷ ଫି, ମିଠା କଥା ଏବଂ ସମ୍ପର୍କୀୟଙ୍କ ମାୟା ଜାଲରେ ନିଜକୁ ଆହୁତି ଦେଇ ସର୍ବଶାନ୍ତ ହେବା ବ୍ୟତୀତ ଆଉ କିଛି ନୁହେଁ।

ସରକାରୀ ବିଦ୍ୟାଳୟମାନଙ୍କରେ ଶିକ୍ଷକ ଅଭାବକୁ ଦୂର କରିବା ନିମନ୍ତେ ବିଗତ ସରକାର ଏବଂ ବର୍ତ୍ତମାନ ସରକାର ବେଶ ତତ୍ପରତା ପ୍ରକାଶ କରୁଛନ୍ତି। ସେଥିପାଇଁ ନାନାଦି ପ୍ରକାରର ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଉଅଛି। ତେବେ ପ୍ରଶ୍ନ ଉଠୁଛି ଏହି ଖାଲି ପଦବୀକୁ ପୂରଣ କରିବା ନିମନ୍ତେ ଶିକ୍ଷିତ ଯୁବକ ଯୁବତୀମାନେ କେଉଁ ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବେ? ରେଗୁଲାର ବି.ଏଡ୍ ଏକ ଘରୋଇ ଶିକ୍ଷାନୁଷ୍ଠାନ ଦ୍ୱାରା କରିବା ସମ୍ଭବ କି? ପରୀକ୍ଷା କେଉଁ ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ ଏବଂ କେଉଁଠାରେ ଦେବାକୁ ହେବ? ଯଦି ଓଡ଼ିଶା ବାହାରେ ତେବେ ଯିବା ଆସିବାର ସୁବିଧା, ଖର୍ଚ୍ଚ ଏବଂ ତତ୍ତ୍ୱାବଧାନର ଦାୟିତ୍ୱ କିଏ ନେବ? ଏମିତି ଅନେକ ପ୍ରଶ୍ନ ମନରେ ଉଙ୍କିମାରେ। ଏକ ଭରସା ଯୋଗ୍ୟ, ଲୋକପ୍ରିୟ ପୁରାତନ ବି.ଏଡ୍ ଶିକ୍ଷା ଯୋଗାଇ ଅସୁଥିବା ଶିକ୍ଷାନୁଷ୍ଠାନ Innovative Classes ର ଚେୟାରମ୍ୟାନ ତରୁଣ ପଣ୍ଡାଙ୍କ ସହ ଏହିଭଳି ସମସ୍ତ ପ୍ରଶ୍ନ ଉତ୍ତର ଗୁଡ଼ିକୁ ଆଲୋଚନା କରି ନିମ୍ନମତେ ଉଲ୍ଲେଖ କରିଲୁ :-

ପ୍ରଶ୍ନ:- ଖାଲି ପଦବୀ ପୂରଣ ନିମନ୍ତେ କେଉଁ ଶିକ୍ଷାନୁଷ୍ଠାନରୁ ଶିକ୍ଷିତ ଯୁବକ ଯୁବତୀମାନେ ଶିକ୍ଷା ଗ୍ରହଣ କରିବେ?

ଉତ୍ତର:- ସର୍ବ ପୁରାତନ ଏବଂ ଅଧିକ ପାସ୍ ହାର ଥିବା ଶିକ୍ଷାନୁଷ୍ଠାନ, ତା' ସହିତ ସୁରକ୍ଷା ଦୃଷ୍ଟିରୁ ମଜବୁତ୍ ଥିବା ଅନୁଷ୍ଠାନ ରୁ ଶିକ୍ଷା ଗ୍ରହଣ ଉଚିତ୍ ହେବ। ସେହି ଦୃଷ୍ଟି କୋଣରୁ ବିଶ୍ୱାସଯୋଗ୍ୟ ଅନୁଷ୍ଠାନ ହେଉଛି Innovative Classes.

ପ୍ରଶ୍ନ:- ରେଗୁଲାର ବି.ଏଡ୍ ଏକ ଘରୋଇ ଶିକ୍ଷାନୁଷ୍ଠାନରେ କରିବା ସମ୍ଭବ କି?

ଉତ୍ତର:- ନିଶ୍ଚିତ! ଆଜକୁ ଆମ ଶିକ୍ଷାନୁଷ୍ଠାରୁ ପ୍ରାୟତଃ ୬ ହଜାରରୁ ଅଧିକ ସରକାରୀ ବିଦ୍ୟାଳୟମାନଙ୍କରେ ସେବାରତ ଅଛନ୍ତି। ଏହାଠୁଁ ଅଧିକ ଦୃଷ୍ଟାନ୍ତ ଆଉ କ'ଣ ହୋଇପାରେ।

ପ୍ରଶ୍ନ:- କୋର୍ସ ଫି କେତେ ଦେବାକୁ ପଡ଼ିବ?

ଉତ୍ତର:- ଏହି ପ୍ରଶ୍ନର ଉତ୍ତର ହିଁ ପିଲାମାନଙ୍କର କ୍ୟାରିୟର ତିଆରି କରିବା ଚ୍ୟାଲେଞ୍ଜ ହୋଇ ପଡ଼େ। ସେଥିପାଇଁ ଠକାମୀରେ ଶିକାର ହୋଇ ନିଜ ଅର୍ଥ ଏବଂ ସମୟ ନଷ୍ଟ କରିଥାନ୍ତି। ଏହା ନିର୍ଭର କରେ ପିଲା କେଉଁ ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ କଲେଜରେ ପରୀକ୍ଷା ଦେଉଛି। କାରଣ ବିଶ୍ୱବିଦ୍ୟାଳୟ ଅନୁଯାୟୀ କୋର୍ସ ଫିରେ ଭିନ୍ନତା ରହିଥାଏ। ତଥାପି Innovative Classes ସର୍ବବର୍ଗୀୟ ପିଲାଙ୍କୁ ସୁହାଇଲା ଭଳି କୋର୍ସ ଫି ଡିମାଣ୍ଡ କରିଥାଏ। ଯେଉଁଥିରେ ଠକ ସଂସ୍ଥା ଭଳି କୌଣସି ହିଡେନ୍ ଚାର୍ଜ ଲଗାଇ ନଥାଏ।

ପ୍ରଶ୍ନ:- Admission କେଉଁ ବିଶ୍ୱବିଦ୍ୟାଳୟରେ ହେବାକୁ ପଡ଼ିବ?

ଉତ୍ତର:- ବିର୍ତ୍ତମାନ ବିଶେଷତଃ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟ, ଆନ୍ଧ୍ରା କେଶରୀ ଏବଂ ଯୋଗୀ ବେମାନା ବିଶ୍ୱବିଦ୍ୟାଳୟରେ Admission ଉପଯୋଗୀ ହୋଇ ପାରୁଛି।

ପ୍ରଶ୍ନ:- ଏ ସମସ୍ତ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ନା ଓଡ଼ିଶା ବାହାରେ?

ଉତ୍ତର:- ଓଡ଼ିଶାର ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶରେ।

ପ୍ରଶ୍ନ:- ଏହା ଆମ ଓଡ଼ିଶାର କେଉଁ କେଉଁ ବିଶ୍ୱବିଦ୍ୟାଳୟ ସହିତ ଇକ୍ୟୁଇଭେଲେଣ୍ଟ ଅଛି?

ଉତ୍ତର:- ଉତ୍କଳ ବିଶ୍ୱବିଦ୍ୟାଳୟ ସହିତ ଅଛି।

ପ୍ରଶ୍ନ:- ତେବେ ପରୀକ୍ଷା ଓଡ଼ିଶା ବାହାରେ ଦେବାକୁ ହେବ। ସେଥିପାଇଁ ଯିବା ଆସିବାର ସୁବିଧା, ଖର୍ଚ୍ଚ ଏବଂ ସୁରକ୍ଷା ବ୍ୟବସ୍ଥା କ'ଣ?

ଉତ୍ତର:- ସେଥିପାଇଁ ଚିନ୍ତା କରିବାରେ କୌଣସି କାରଣ ନାହିଁ। ଆଜକୁ ୧୬ ବର୍ଷ ହେବ ନୀରବଚ୍ଛିନ୍ନ ଭାବେ ସେବା ଯୋଗାଇ ଆସୁଛି ଏବଂ ଆମ୍ ବ୍ୟବସ୍ଥାକୁ ଅନେକ ଶିକ୍ଷାନୁଷ୍ଠାନ ଅନୁକରଣ କରି ନିଜର ଅନୁଷ୍ଠାନକୁ ଚଳାଇ ଆସୁଛନ୍ତି। ବିଶେଷକରି ଶିକ୍ଷକତା କରିବା ପାଇଁ ମହିଳା ମାନେ (ବିବାହିତା ଏବଂ ଅବିବାହିତା) ଅଧିକ ଆଗ୍ରହ ପ୍ରକାଶ କରିଥାନ୍ତି। ସେଥିପାଇଁ ଆମ୍ଭେ ଟ୍ରେନ ଏବଂ ବସ୍ ର ବ୍ୟବସ୍ଥା କରିଥାଉ। ଅନେକାଂଶରେ ପିଲାମାନେ ବସ୍‌ରେ ଗଲେ ବାନ୍ତି ଏବଂ ନିଜକୁ ଅସଜଡ଼ା ମନେ କରନ୍ତି। ସେଥିପାଇଁ ଆମ୍ଭେ ବସ୍‌ରେ ଆବଶ୍ୟକତାରୁ ଅଧିକ ସିଟ୍ Provide କରିଥାଉ ଅର୍ଥାତ୍ ୬୨ଟି ସିଟ୍ ବିଶିଷ୍ଟ ବସ୍‌ରେ ୪୫ ଜଣଙ୍କୁ ଦେଇଥାଉ। ଯେଉଁଥିରେ ମୁକ୍ତଭାବରେ ଚଳପ୍ରଚଳ କରିବା ସହଜ ହୋଇଥାଏ। ଆନ୍ଧ୍ର ପ୍ରଦେଶରେ ଖାଦ୍ୟ ଆମ୍ ଓଡ଼ିଶା ପିଲାଙ୍କୁ ଅରୁଚିକର ହୋଉଥିବା କାରଣରୁ ଆମ୍ଭେ ଓଡ଼ିଆ ରୋଷେଇୟା କୁ ନେଇ ଓଡ଼ିଆ ଖାଦ୍ୟ ପରସି ଥାଉ। ସେଠାରେ ରହିବା ପାଇଁ ହୋଟେଲ, ପାନ୍ଥଶାଳା, ଗେଷ୍ଟ ହାଉସ ଆଦି ବୁକ୍ କରାଯାଏ। ଯେଉଁଥିରେ ସଭିଙ୍କୁ ଖଟ ସହିତ ଗଦି ମଧ୍ୟ ଉପଲବ୍ଧ କରାଇଥାଉ। ବ୍ୟକ୍ତିଗତ ଭାବେ ଏହା ହେଉଥିବା ଖର୍ଚ୍ଚ ଠୁ ୨୦ ରୁ ୩୦ ପ୍ରତିଶତ କମ ଅର୍ଥ ରାଶି ଆମ୍ଭେ ନେଇଥାଉ। ବିଶେଷ କରି ସମସ୍ତ ବର୍ଗର ପିଲାମାନଙ୍କୁ ସୁହାଉଥିବା ଭଳି ଅର୍ଥ ରାଶି ନିଆଯାଏ। ପିଲାମାନଙ୍କର ଦେଖା ଶୁଣା ଏବଂ ତଦାରଖ କରିବା ପାଇଁ ଅତିରିକ୍ତ ସେବକମାନଙ୍କୁ ମଧ୍ୟ ସାଙ୍ଗରେ ନିଆଯାଏ।

ପ୍ରଶ୍ନ:- Admission କରିବା ପରେ କ୍ଲାସ୍‌ର କ'ଣ ସୁବିଧା ଅଛି?

ଉତ୍ତର:- Online ଏବଂ Offline କ୍ଲାସର ବନ୍ଦୋବସ୍ତ ଅଛି। ପିଲା ଯେମିତି Suitable ହେବେ ସେମିତି କ୍ଲାସ କରିପାରିବେ। ସମସ୍ତ Study Material ମଧ୍ୟ ପିଲାକୁ ଯୋଗାଇ ଦିଆଯାଏ।

ପ୍ରଶ୍ନ:- ପିଲାମାନଙ୍କର ପଢ଼ିବା ସମୟରେ ପାଠ ପଢ଼େଇବାର ଅଭିଜ୍ଞତାକୁ ବୃଦ୍ଧି କରିବା ନିମନ୍ତେ ସେମିତି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ଅଛି କି?

ଉତ୍ତର:- ବର୍ତ୍ତମାନ ସୁଦ୍ଧା ସେମିତି ବ୍ୟବସ୍ଥା ପ୍ରାୟତଃ କୌଣସି ଅନୁଷ୍ଠାନରେ ନାହିଁ। କିନ୍ତୁ Innovative Classes ତା'ର ନିଜ Innovative Residential School ରେ ପିଲାମନଙ୍କୁ ପାଠ ପଢ଼େଇ ନିଜ ଜିଜ୍ଞାସାକୁ ଶାନ୍ତ କରିବାର ସୁଯୋଗ ଓ ସୁବିଧା ଦେଇଥାଏ। ଏହା କେବଳ ବାଲେଶ୍ୱର ଶାଖାରେ ଉପଲବ୍ଧ।

ପ୍ରଶ୍ନ:- ଏହା ଓଡ଼ିଶାରେ କେଉଁ କେଉଁ ଜିଲ୍ଲାରେ ଅବସ୍ଥାପିତ?

ଉତ୍ତର:- Innovative Classes ଏବଂ The Creator ନାମରେ ଉତ୍ତର ଓଡ଼ିଶାର ସମସ୍ତ ଜିଲ୍ଲାମାନଙ୍କରେ ସଦର ମହକୁମାରେ ଅବସ୍ଥିତ। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ବ୍ୟତୀତ ଅନ୍ୟ ଜିଲ୍ଲାମାନଙ୍କରେ ଯେପରି ସମ୍ବଲପୁର, ଅନୁଗୁଳ, କେନ୍ଦ୍ରପଡ଼ା ଇତ୍ୟାଦି ସାରା ଓଡ଼ିଶାରେ ଏହାର Branches ଅଛି।

ପ୍ରଶ୍ନ:- କୋର୍ସ ଫି କ'ଣ ଏକା ସଙ୍ଗରେ ଦେଇ କରିବାକୁ ପଡ଼ିବ?

ଉତ୍ତର:- ଆଦୌ ନୁହେଁ। ଯଦି ସମସ୍ତ ଅର୍ଥରାଶି ଜଣେ ଏକା ସାଙ୍ଗରେ ଦେବାକୁ ସମର୍ଥ ନୁହେଁ, ପ୍ରତି ସେମିଷ୍ଟାରରେ ମଧ୍ୟ ଦେଇପାରିବେ।

ଯୋଗାଯୋଗ ପାଇଁ ଏହି ନଂ.ରେ କଥା ହୁଅନ୍ତୁ ୯୪୩୮୩୨୨୭୩୬

ADVT

ବିଦ୍ୟୁତ ସେବାରୁ ଧନୁସାହିର ୫୫ ପରିବାର ବଞ୍ଚିତ

ଅଗଷ୍ଟ ୫ରେ ଗ୍ରାମବାସୀଙ୍କ ଅନଶନ ଚେତାବନୀ

ଶରତ, ୩୦।୭ (ସମିସ): ସ୍ୱାଧୀନତା ପରେ ବି ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତ ଧପଡ଼ା ରାଜସ୍ୱ ଗ୍ରାମର ଧନୁସାହି ବାସିନ୍ଦା ମୌଳିକ ସେବାରୁ ବଞ୍ଚିତ ହୋଇଛନ୍ତି। ଏହି ସାହିବାସୀଙ୍କୁ ଆଜିଯାଏ ବିଦ୍ୟୁତ ସେବା ମିଳିପାରିନାହିଁ। ଫଳରେ ଲୋକେ ବିଭିନ୍ନ ସମସ୍ୟା ଦେଇ ଗତିକରୁଛନ୍ତି। ଏହି ଗ୍ରାମରେ ବିଦ୍ୟୁତ ସେବା ନ ଥିବାରୁ ପିଲାମାନେ ରାତିରେ ପାଠ ପଢ଼ି ପାରୁନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ବହୁବାର ଜନଶୁଣାରି ଶିବିର ଏବଂ ଉଦଳା ଉପଖଣ୍ଡ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି; କିନ୍ତୁ ଫଳ ଶୂନ। କେବଳ ପ୍ରଶାସନ ଗ୍ରାମବାସୀ ମିଛ ପ୍ରତିଶ୍ରୁତି ଦେଇ ଭୂଆଁ ବୁଲାଉଛି। ତେଣୁ ଗ୍ରାମବାସୀ ବିଦ୍ୟୁତ ସଂଯୋଗ ଦାବିରେ ଅଗଷ୍ଟ ୫ ତାରିଖରେ ବାରିପଦାରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ। ତେଣୁ ମଙ୍ଗଳବାର ଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମାଜସେବୀ ନବୀନ ମୁଣ୍ଡୁରୀ, ସାନ ବଳରାମ ଜାରିକା, ବିର୍ସା ମୁଣ୍ଡୁରୀ, ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରିମିଲ ସିଂ ଗୋଇପାଇ, ମାନସିଂ ଜାରିକା ପ୍ରମୁଖ ବହୁ ଗ୍ରାମବାସୀ ବୈଠକରେ ଉପସ୍ଥିତ ରହି ଧାରଣା ଦେବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ସୂଚନା ଥାଉ କି, ଏହି ଗ୍ରାମଟି କପ୍ତିପଦା ବ୍ଲକର ସମ୍ପୂର୍ଣ୍ଣ ଆଦିବାସୀ ବହୁଳ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତ ଅଧୀନରେ ରହିଛି। ଏହି ଗାଁର ଲୋକେ ଆଜି ମଧ୍ୟ ଶିକ୍ଷା, ସାମାଜିକ ଏବଂ ବିକାଶଠାରୁ ବହୁ ଦୂରରେ ରହିଛନ୍ତି। ଗାଁରେ ବିଜୁଳି ନ ଥିବାରୁ ରାତିରେ ବହୁ ଲୋକ ସାପ କାମୁଡାରେ ମୃତ୍ୟୁ ବରଣ କରିଥିବା ନଜିର ରହିଛି। ବିଦ୍ୟୁତ ସେବା ଭଳି ମୌଳିକ ଆବଶ୍ୟକତା ଗ୍ରାମକୁ ପହଞ୍ଚି ପାରି ନ ଥିବାରୁ ମୋବାଇଲ ଚାର୍ଜ କରିବା ନିମନ୍ତେ ଟଙ୍କା ଦେଇ କପ୍ତିପଦା ଏବଂ ନୂଆସାହି ବଜାରରେ ମୋବାଇଲ ଚାର୍ଜ କରନ୍ତୁ ବୋଲି କୋହଭରା କଣ୍ଠରେ ଗ୍ରାମବାସୀ ପ୍ରକାଶ କରିଛନ୍ତି।

ଶ୍ରୀକ୍ଷେତ୍ର ସିଟି

୩୦/୭/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୩,୩୧,୫୮୬/- ସୁନା: ୦୦.୨୦୦ ଗ୍ରାମ୍ ରୁପା: ୬୮.୯୦୦ ଗ୍ରାମ୍

■ ଟୋକନ ଥାଇ ବିଧାନ ବିକ୍ରି କରିପାରୁନାହାନ୍ତି

ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିବେ ଚାଷୀ

ପୁରୀ,୩୦।୭ (ସମିସ): ଚଳିତ ବର୍ଷ ପୁରୀ ଜିଲ୍ଲାରେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଅବଧି ସରିଯାଇଥିଲେ ବି ଅନେକ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇ ନାହିଁ। ପ୍ରତିଦିନ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏହାକୁ ନେଇ ସମସ୍ୟା ଉପୁଜୁଛି। ଗତ ସୋମବାର ଏହି ଅଭିଯୋଗକୁ ନେଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ବ୍ରହ୍ମଗିରି ବ୍ଲକ୍ ରାମଚନ୍ଦ୍ରପୁର ସେବା ସମବାୟ ଅଧୀନ ଚାଷୀ। ସେମାନେ ଅଭିଯୋଗ କରିଛନ୍ତି ଯେ, କାଣ୍ଡଗୋଦା ପଞ୍ଚାୟତର ୧୭୪ ଜଣ ଚାଷୀ ଧାନମଣ୍ଡିରେ ଧାନ ଦେବା ପାଇଁ ରାମଚନ୍ଦ୍ରପୁର ସେବା ସମବାୟ ସମିତିରୁ ଟୋକନ ପାଇଥିଲେ। ହେଲେ ସମିତି ସମ୍ପାଦକ ବିଭିନ୍ନ ଆଳ ଦେଖାଇ ମଣ୍ଡିରେ ଧାନ ନେଲେ ନାହିଁ। ମଣ୍ଡି ନ ଖୋଲିବା ଯୋଗୁଁ ୧୭୪ ଜଣ ଚାଷୀଙ୍କ ଧାନ ପଡ଼ିରହିଛି। ଫଳରେ ଚାଷୀମାନଙ୍କର ବହୁଳ କ୍ଷତି ହୋଇଛି। ଏ ସଂକ୍ରାନ୍ତରେ ଯୋଗାଣ ବିଭାଗ ନିବନ୍ଧକ, ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଥିଲେ ମଧ୍ୟ କିଛି ଫଳ ମିଳିଲା ନାହିଁ। ତେଣୁ ସେମାନେ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି। ଗୁରୁବାରଠାରୁ ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ଦାଦାବଟି ଆଦାୟବେଳେ ୨ ଗିରଫ

ପୁରୀ,୩୦।୭ (ସମିସ): ଅସାମାଜିକ ଯୁବକମାନେ ଦାଦାବଟି ଆଦାୟକୁ ସହଜ ରୋଜଗାରର ପନ୍ଥା ଭାବେ ଧରି ନେଇଛନ୍ତି। ଫଳରେ ପୁରୀ ସହରରେ ଦାଦାବଟି ମାମଲା ବଢ଼ିବାରେ ଲାଗିଛି। ପୁଲିସ ଚଢ଼ଉ କରି ଗିରଫ କରୁଥିଲେ ମଧ୍ୟ ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ଲାଗିପାରୁ ନାହିଁ। ଦାଦାବଟି ଆଦାୟ ଅଭିଯୋଗରେ ଦୁଇ ଥାନା କୁମ୍ଭାରପଡ଼ା ଏବଂ ତାଳବଣିଆ ପୁଲିସ ଜଣେ ଲେଖାଏଁ ଅଭିଯୁକ୍ତଙ୍କୁ ଗିରଫ କରିଛି।

କୁମ୍ଭାରପଡ଼ା ଥାନା ପୁଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ କୁମ୍ଭାରପଡ଼ା ଜଗନ୍ନାଥ ଲେନ୍‌ର ଶଙ୍କର ବେଜ (୨୨)। ସେ ବଡ଼ଦାଣ୍ଡର ଜଣେ ବ୍ୟବସାୟୀ କାହ୍ନୁଚରଣ ବେହେରାଙ୍କୁ ଧମକ ଦେଇ ତାଙ୍କଠାରୁ ୫୦୦ ଟଙ୍କା ଦାଦାବଟି ଆଦାୟ କରିଥିଲେ। ଏ ନେଇ କାହ୍ନୁଚରଣ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୩୪୭/୨୫) ରୁଜୁ ପରେ ତଦନ୍ତ କରି ଅଭିଯୁକ୍ତ ଶଙ୍କରକୁ ଧରିଥିଲା। ତା' ନିକଟରୁ ୫୦୦ ଟଙ୍କା ଜବତ କରାଯାଇଥିବା ବେଳେ ତାକୁ କୋର୍ଟଚାଲାଣ କରିଛି ପୁଲିସ।

ସେହିପରି ତାଳବଣିଆ ଥାନା ପୁଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ବଳଙ୍ଗା ଥାନା ଚନ୍ଦ୍ରାଦେଇପୁରର ପ୍ରଶାନ୍ତ ନାୟକ (୨୩)। ମଙ୍ଗଳବାର ରାତି ପ୍ରାୟ ୯ଟା ୪୫ରେ ପ୍ରଶାନ୍ତ ଏକ ଛୁରୀ ଧରି ଭୂଦାନ ଜଙ୍ଗଲରେ ଲୁଚି ପଥଚାରୀଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରି ତାକୁ ଗିରଫ କରିଥିଲା। ତା' ନିକଟରୁ ଗୋଟିଏ ଛୁରୀ ଏବଂ ୫୦୦ ଟଙ୍କା ଜବତ କରାଯାଇ ବୁଧବାର ପ୍ରଶାନ୍ତକୁ କୋର୍ଟଚାଲାଣ କରିଛି ପୁଲିସ।

ଅଭୟାରଣ୍ୟ ଭିତରେ ପେଭର ବ୍ଲକ୍ ରାସ୍ତା କରିଛି କିଏ?

ପୁରୀ,୩୦।୭ (ସମିସ)

ପୁରୀ ଜିଲ୍ଲାରେ ସକ୍ରିୟ ହୋଇପଡ଼ିଛନ୍ତି ଜମି ମାଫିଆ। ବେଆଇନ ଭାବେ ଅନ୍ୟର ଜମି ମାଡ଼ିବସିବା, ଜାଲ୍ କାଗଜପତ୍ର କରି ଜମି ବିକ୍ରି କରିବା, ସରକାରୀ ଜମି ଜବରଦଖଲ ଏମିତି ଜମିଜମାକୁ ନେଇ ବେଆଇନ କାର୍ଯ୍ୟ ବଢ଼ିବାରେ ଲାଗିଛି। ଏବେ କିଛି ଜମି ମାଫିଆଙ୍କ ନଜର ପଡ଼ିଛି ବାଲୁଖଣ୍ଡ ଅଭୟାରଣ୍ୟ ଉପରେ। ଅଭୟାରଣ୍ୟ ଭିତରେ ପେଭର୍ ବ୍ଲକ୍ ରାସ୍ତା ତିଆରି ହୋଇଛି। ପୁଣି ବଡ଼ ପାଚେରି ଘେରାଯାଇ ଫାର୍ମ ହାଉସ୍ ତିଆରି କରାଯାଉଛି। ବାସ୍ତବରେ ଏହି ରାସ୍ତା କିଏ ନିର୍ମାଣ କରିଛି? ଏହି ଜମିର ମାଲିକାନା କ'ଣ ତାହା ସ୍ପଷ୍ଟ ନ ଥିବାବେଳେ ଅଭୟାରଣ୍ୟ ଭିତରେ ଏଭଳି ବେନିୟମ କାର୍ଯ୍ୟ କିଭଳି ହେଲା ବୋଲି ପ୍ରଶ୍ନ କରିଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି। ଏହାଦ୍ୱାରା କେବଳ ଗଛ କଟାଯାଉଛି ତା' ନୁହେଁ ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି।

ବାଲୁଖଣ୍ଡ ଉପରେ ଜମି ମାଫିଆଙ୍କ ନଜରକୁ ନେଇ ପୂର୍ବରୁ ଜିଲ୍ଲାପାଳ ଏପରିକି ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଅଭିଯୋଗ କରାଯାଇଛି। ଛଇତନା ରାଜସ୍ୱ ମୌଜା ଅନ୍ତର୍ଗତ ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ ଥିବା କିଛି ଜମିକୁ ମାଫିଆମାନେ କେତେଜଣ ଦୁର୍ନୀତିଗ୍ରସ୍ତ ରାଜସ୍ୱ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କ ସହଯୋଗରେ ନିଜ ମାଲିକାନାକୁ



ନେଇଛନ୍ତି। ଏଠାରେ ଥିବା ଗଛ କାଟି ଧ୍ୱଂସ କରି ବନ୍ୟପ୍ରାଣୀଙ୍କ ଜୀବନ ସହ ସାଂଘାତିକ ଖେଳ ଖେଳୁଛନ୍ତି। ବାଲିଘାଇ ନିକଟରେ ବ୍ୟକ୍ତିଗତ ମାଲିକାନାରେ ଥିବା ଅନେକ ବଗାୟତ, ଝାଉଁ ଜଙ୍ଗଲ କିସମ ଜମିକୁ କିଛି ମାଫିଆ ତଞ୍ଚକତା ପୂର୍ବକ ବସ୍ତି ପ୍ଲଟ୍ କରିଛନ୍ତି। ସେଠାରେ ବାସୋପଯୋଗୀ ଗୃହ ଓ ବ୍ୟାବସାୟିକ କୋଠା ନିର୍ମାଣ ପାଇଁ ବ୍ୟାପକ ଗଛ କାଟି ସଫା କରୁଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗକାରୀ

● ତିଆରି ହୋଇଛି ଫାର୍ମ ହାଉସ୍
● ବିପଦରେ ବାଲୁଖଣ୍ଡ ବନ୍ୟପ୍ରାଣୀ

ଦର୍ଶାଇଥିଲେ। ଏହିଭଳି ସ୍ଥିତିରେ ବୁଧବାର ଆପ୍ ପୁରୀ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି, ପୁରୀ-କୋଣାର୍କ ଜାତୀୟ ରାଜପଥରୁ ବେଲେଶ୍ୱର ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ କିପରି ବେନିୟମ ଭାବେ କାର୍ଯ୍ୟ ହୋଇଛି ତାହାର ଖୁଲାସା କରିଛନ୍ତି।

ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି, ବେଲେଶ୍ୱରକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ସଂଯୋଗ ହୋଇଛି। ଏହି ରାସ୍ତା କାମ ପାଇଁ କିଛିମାସ ତଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ଶିଳାନ୍ୟାସ କରିଥିଲେ। ପ୍ରାୟ ୩ କୋଟି ଟଙ୍କା ଏଥିପାଇଁ ମଞ୍ଜୁର ହୋଇଥିଲା। କିନ୍ତୁ ଅଭୟାରଣ୍ୟ ଭିତରେ ଏହି ରାସ୍ତା କାମ ପାଇଁ ବନ ବିଭାଗ ପକ୍ଷରୁ କୌଣସି ଅନୁମତି ଦିଆଯାଇ ନ ଥିଲା। ଆପ୍ ଅଭିଯୋଗ କରିବା ପରେ ଏହି ରାସ୍ତା ସମ୍ପ୍ରସାରଣ କାମ ଏବେ ବନ୍ଦ ରହିଛି। ମାତ୍ର ଏହି ରାସ୍ତା ପାର୍ଶ୍ୱରେ ଏକ ଫାର୍ମ ହାଉସ୍ ତିଆରି କରାଯାଇଛି। ଅଭୟାରଣ୍ୟ ଭିତରେ ଏହାକୁ କିପରି ଅନୁମତି ମିଳିଲା ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ସେହିପରି ଏହି ଫାର୍ମ ହାଉସ୍‌ରୁ କିଛି ବାଟ ବେଲେଶ୍ୱର ଆଡ଼କୁ ଗଲେ ଏକ ପେଭର୍ ବ୍ଲକ୍ ରାସ୍ତା ଜଙ୍ଗଲ ଭିତରକୁ ପଡ଼ିଛି। ବାସ୍ତବରେ ଏହି ରାସ୍ତା କିଏ ତିଆରି କରିଛି ଏବଂ ଏହାର ଉଦ୍ଦେଶ୍ୟ କ'ଣ? ତେବେ ଅଭୟାରଣ୍ୟ ଜମିର ପ୍ଲଟିଂ ପାଇଁ ଏହି ରାସ୍ତା କରାଯାଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଏହି ବେଆଇନ କାମ ପାଇଁ ଜଙ୍ଗଲ ନଷ୍ଟ ହେଉଛି। ଫଳରେ ବାଲୁଖଣ୍ଡ ଅଭୟାରଣ୍ୟର ପ୍ରମୁଖ ଆକର୍ଷଣ ହରିଣଗୁଡ଼ିକ ନିକଟସ୍ଥ ଜନବସତି ମଧ୍ୟକୁ ପଶି ଆସି ଦୁର୍ଘଟଣା ଏବଂ କୁକୁରଙ୍କ ଆକ୍ରମଣର ଶିକାର ହେଉଛନ୍ତି। ବିଭିନ୍ନ ସମୟରେ ଗାଡ଼ି ଧକ୍କାର ସମ୍ମୁଖୀନ ହୋଇ ଅକାଳରେ ପ୍ରାଣ ହରାଉଛନ୍ତି। ସେମାନଙ୍କ ଖାଦ୍ୟ, ପାନୀୟ ମଧ୍ୟ ସଂକୁଚିତ ହେଉଛି। ତେଣୁ ଅଭୟାରଣ୍ୟ ଭିତରେ ଯେଉଁ ବେଆଇନ କାର୍ଯ୍ୟ ଚାଲିଛି ତାହା ଉପରେ ରୋକ୍ ଲାଗିବା ଉଚିତ୍ ବୋଲି ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି।

ପୁଣି ପୀଡ଼ିତାଙ୍କ ବୟାନ ରେକର୍ଡ

ଖୁବ୍‌ଶୀଘ୍ର ରହସ୍ୟ ଉପରୁ ହଟିବ ପରଦା

ପୁରୀ/ବଳଙ୍ଗା,୩୦।୭ (ସମିସ): ବଳଙ୍ଗାରେ ନାବାଳିକାଙ୍କୁ ପୋଡ଼ି ହତ୍ୟା ଉଦ୍ୟମ ଘଟଣାକୁ ୧୧ ଦିନ ବିତିଲାଣି। ହେଲେ କାହିଁକି ଏଭଳି ଘଟଣା ଘଟିଲା ସେ ନେଇ କିଛି ସ୍ପଷ୍ଟତା ଆସିନାହିଁ। ପୁଲିସ, କ୍ରାଇମ୍‌ବ୍ରାଞ୍ଚ ବଳଙ୍ଗା, ଭୁବନେଶ୍ୱର, ଦିଲ୍ଲୀ ଧାଁ ଧପଡ଼ ହେଉଛନ୍ତି। ଅନ୍ୟପକ୍ଷରେ ଚହଳ ପକାଇଥିବା ଏହି ଲୋମହର୍ଷଣକାରୀ ଘଟଣାର ସତ୍ୟତା କ'ଣ ତାହାକୁ ଜାଣିବା ପାଇଁ ରାଜ୍ୟବାସୀ ମଧ୍ୟ ଚାହିଁ ରହିଛନ୍ତି। ତେବେ ପୁଲିସକୁ ବଳିଷ୍ଠ ପ୍ରମାଣ ମିଳିସାରିଛି। ଖୁବ୍‌ଶୀଘ୍ର ଏହି ଘଟଣା ଉପରୁ ପରଦା ହଟିପାରେ। ଦିନେ ଦୁଇଦିନ ମଧ୍ୟରେ ପୁଲିସ କିମ୍ବା କ୍ରାଇମ୍‌ବ୍ରାଞ୍ଚର ବରିଷ୍ଠ ଅଧିକାରୀ ଘଟଣା ସମ୍ପର୍କରେ ସୂଚନା ଦେଇପାରନ୍ତି ବୋଲି ଶୁଣିବାକୁ ମିଳୁଛି।

ଗତ ୧୯ ତାରିଖରେ ଘଟିଥିବା ଏହି ଘଟଣା ଜାତୀୟସ୍ତରରେ ବେଶ୍ ଚର୍ଚ୍ଚା ହୋଇଥିବା ବେଳେ ସୁପ୍ରିମ୍‌କୋର୍ଟ ମଧ୍ୟ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତଥାପି ପୁଲିସ ନିଷ୍କର୍ଷରେ ପହଞ୍ଚି ପାରିନି। ଏହି ଘଟଣାରେ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଇଥିବାବେଳେ ୫୦ଟି ମୋବାଇଲ୍ ଫୋନ୍‌କୁ ମଧ୍ୟ ଯାଞ୍ଚ କରାଯାଇଛି। ସିସିଟିଭି ଫୁଟେଜ୍‌କୁ ବି ଖୋଜି ତଦନ୍ତ ପରିସରକୁ ଅଣାଯାଇଛି। ପଚରାଉଚରା କରାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପୀଡ଼ିତାଙ୍କ ସାଙ୍ଗ, ଗ୍ରାମବାସୀ, ପରିବାର ସଦସ୍ୟ ଏବଂ ନିକଟ ସମ୍ପର୍କୀୟ ରହିଛନ୍ତି। ଏଥିସହିତ ପୀଡ଼ିତାଙ୍କର ଭୁବନେଶ୍ୱର ଏମ୍ସରେ ଥରେ ଏବଂ ଦିଲ୍ଲୀ ଏମ୍ସରେ ତିନିଥର ବୟାନ ରେକର୍ଡ କରାଗଲାଣି। ମଙ୍ଗଳବାର ବୟାନର ପୀଡ଼ିତା ଯାହା କହିଛନ୍ତି ତାହା ଆହୁରି ଚକିତ କରିଛି। ୩ ଜଣ ଦୁର୍ବୃତ୍ତ ତାଙ୍କୁ ବାଇକ୍‌ରେ ଟେକି ନେଇ ନିଆଁ ଲଗାଇଥିବା ଘଟଣାକୁ ସେ ଅସ୍ୱୀକାର କରିଛନ୍ତି। ତିନିଜଣ ଦୁର୍ବୃତ୍ତ ତାଙ୍କ ଦେହରେ ନିଆଁ ଲଗାଇଛନ୍ତି ବୋଲି ସେ ଦୁଃଖିଶ୍ୟାମଙ୍କୁ କହି ନ ଥିବା ନିଜ ବୟାନରେ କହିଥିବା ଶୁଣିବାକୁ ମିଳୁଛି। ଯଦି ଏହା ସତ୍ୟ ହୋଇଥାଏ ତେବେ କିଏ ନିଆଁ ଲଗାଇଲା ତାକୁ ନେଇ ଉଠିଛି ପ୍ରଶ୍ନ।

ଅନ୍ୟପକ୍ଷରେ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଏହି ମାମଲାରେ ପୁଲିସକୁ ଗୁଡ଼ାଏ ତଥ୍ୟ ହସ୍ତଗତ ହୋଇଛି। ବହୁତ ଲୋକଙ୍କୁ ପଚରାଉଚରା କରାଯାଇଛି। ଯେହେତୁ ଏଥିରେ ପୀଡ଼ିତା ଜଣେ ନାବାଳିକା ତେଣୁ ପୁଲିସ ବେଶ୍ ସନ୍ତର୍ପଣରେ କାମ କରୁଛି। ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି। କ'ଣ ପାଇଁ ହେଲା କିଏ ନିଆଁ ଲଗାଇଲା ସେ ସମ୍ପର୍କରେ ଏବେ କହିପାରିବି ନାହିଁ ବୋଲି ଏସ୍‌ପି କହିଛନ୍ତି। ତେବେ ଏସ୍‌ପିଙ୍କ ଏହି ପ୍ରତିକ୍ରିୟା ହିଁ ସ୍ପଷ୍ଟ କରୁଛି ପୁଲିସ ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ତଥ୍ୟ ହାସଲ କରିସାରିଛି। ପୁଲିସ କିମ୍ବା କ୍ରାଇମ୍‌ବ୍ରାଞ୍ଚର ବରିଷ୍ଠ ଅଧିକାରୀ ଏହା ଉପରେ ସ୍ପଷ୍ଟ କରିବେ। ଖୁବ୍‌ଶୀଘ୍ର ଏହି ସମ୍ବେଦନଶୀଳ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଶୁଣାଯାଉଛି।

ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୩୦।୭ (ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ୪ଟା ୨୦ରେ ସରିବା ପରେ ମଇଲମ, ତଡ଼ପଲାଗି ହୋଇ ଅପରାହ୍ନ ୫ଟାରେ ପହୁଡ଼ ଆଳତି ହୋଇଥିଲା। ଏହାପରେ ୫ଟା ୧୫ରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଯୌନ ଉତ୍ପୀଡ଼ନ ନିବାରଣ କର୍ମଶାଳା

ସାକ୍ଷୀଗୋପାଳ,୩୦।୭ (ସମିସ): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀଠାରେ କୁଳପତି ପ୍ରଫେସର ସବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ "ଯୌନ ଉତ୍ପୀଡ଼ନ ନିବାରଣ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମଞ୍ଚ ପରିଚାଳନା ଓ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିଲେ ଡ. ଶର୍ମିଷ୍ଠା ମହାପାତ୍ର। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ ଡ. ସସ୍ମିତା ଜେନା ଓ ରୋଜାଲିନ୍ ରଥ। ଉକ୍ତ କର୍ମଶାଳାରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ବାହ୍ୟ ସଦସ୍ୟ ସତ୍ୟବାଦୀ ଦାସ ଯୋଗଦେଇ ସେ ତାଙ୍କ ଅଭିଭାଷଣରେ ଦାବି ହାସଲ ପାଇଁ ଆତ୍ମହତ୍ୟା ଶେଷ ରାସ୍ତା ନୁହେଁ ବରଂ ସମାଧାନ ପାଇଁ ଶେଷ ସମୟ ପର୍ଯ୍ୟନ୍ତ ଲଢ଼ିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ସମାଜସେବୀ ଶୁଭଶ୍ରୀ ଦାସ ଯୋଗଦେଇ ଯୌନ ଉତ୍ପୀଡ଼ନ ନିବାରଣ ସମ୍ପର୍କରେ ତାଙ୍କର ଦୀର୍ଘ ୩୦ ବର୍ଷର ଅଭିଜ୍ଞତାକୁ ପ୍ରକାଶ କରିଥିଲେ। ସମାଜରେ ସମାନତା ଓ ସଚେତନତା ଭାବ ସୃଷ୍ଟି ହେଲେ ଏଭଳି ସମସ୍ୟାର ଦୂରୀକରଣ କେବଳ ସମ୍ଭବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସରକାରଙ୍କ ବିଭିନ୍ନ ଆଇନ ବିଷୟରେ ତର୍ଜମା କରିଥିଲେ। ଏଥିମଧ୍ୟରୁ ନିର୍ଭୟା ଯୌନ ନିର୍ଯାତନା ଓ ହତ୍ୟାକାଣ୍ଡର ଲୋମହର୍ଷଣକାରୀ ଘଟଣାକୁ ବକ୍ତବ୍ୟ ଛଳରେ ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ଯୌନ ଉତ୍ପୀଡ଼ନର ସଂଜ୍ଞା ଓ ତା'ର ସଚେତନତା ସମ୍ପର୍କରେ ପିଲାମାନଙ୍କୁ ଉଦ୍‌ବୋଧନ ଦେବା ସହିତ ଏଥିପାଇଁ ପାରିବାରିକ ଶିକ୍ଷା, ସମାଜ ଓ ସଂସ୍କୃତି କିଭଳି ଅନେକାଂଶରେ ଦାୟୀ ତାହା ସୂଚାଇଥିଲେ। ଏସବୁର ସଂସ୍କାର ହେବା ନିତାନ୍ତ ଜରୁରୀ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ଅତିଥିମାନଙ୍କ ପରିଚୟ ଦେବା ସହ ଯୌନ ଉତ୍ପୀଡ଼ନର ବିଭିନ୍ନ କାରଣ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଆଭ୍ୟନ୍ତରୀଣ କମିଟିର ଅନ୍ୟତମ ସଦସ୍ୟ ଡ. ରାଧା ଗୋବିନ୍ଦ କୁଇଲା ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରକାଶଲାଲ ଜୀଙ୍କ ପୁଣ୍ୟତିଥି ପାଳିତ

ପୁରୀ,୩୦।୭ (ସମିସ): କଣ୍ଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଭାରତୀୟ ଯୋଗ ସଂସ୍ଥାନ ଗୁଣ୍ଡିଚାବିହାର କ୍ଷେତ୍ର ପୁରୀ ପକ୍ଷରୁ ସଂସ୍ଥାପକ ପ୍ରକାଶଲାଲ ଜୀଙ୍କ ୧୬ତମ ପୁଣ୍ୟତିଥିକୁ ସ୍ମୃତି ଦିବସ ରୂପେ ପାଳିତ ହୋଇଯାଇଛି। ପୁରୀ ଯୋଗ କ୍ଷେତ୍ରର ସମସ୍ତ ୬ କେନ୍ଦ୍ରର ସାଧକ, ସାଧିକା ଏଥିରେ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଦୀପ ପ୍ରଜ୍ୱଳନ, ଗାୟତ୍ରୀ ମନ୍ତ୍ର, ସରସ୍ୱତୀ ବନ୍ଦନା ସହିତ ଯୋଗାଭ୍ୟାସ, ପ୍ରାଣାୟାମ ଓ ଧ୍ୟାନ କରାଯାଇଥିଲା। କ୍ଷେତ୍ର ପ୍ରଧାନ ମନମୋହନ ମହାପାତ୍ର ସମ୍ବୋଧନରେ ପ୍ରକାଶଲାଲ ଜୀଙ୍କ ବିଷୟରେ ସୂଚନା ଦେଇଥିଲେ। କ୍ଷେତ୍ର ଉପଦେଷ୍ଟା ବିବିରାମ ସ୍ୱାଇଁ ସଂସ୍ଥା ଏବଂ କ୍ଷେତ୍ର ବିଷୟରେ ସୂଚନା ଦେଇଥିଲେ। କ୍ଷେତ୍ର ମନ୍ତ୍ରୀ ସଦାଶିବ ଦାଶ, ମା' ମଙ୍ଗଳା ମନ୍ଦିର ସର୍ବୋଦୟ ନଗର କେନ୍ଦ୍ର ପ୍ରମୁଖ ପ୍ରଦୀପ୍ତ କୁମାର ମହାନ୍ତି, ଆଖଣ୍ଡଳମଣି ପାର୍କ କେନ୍ଦ୍ର ପ୍ରମୁଖ ପଞ୍ଚାନନ ବେହେରା ଓ କେନ୍ଦ୍ର ବରିଷ୍ଠ ଶିକ୍ଷକ ଅନନ୍ତ ମଲ୍ଲିକ ଅଂଶଗ୍ରହଣ କରିଥିଲେ। ଉମାକାନ୍ତ ମଲ୍ଲିକ ଓ ଗୁପ୍ତଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। କେନ୍ଦ୍ର ସଂଗଠନ ମନ୍ତ୍ରୀ ନିରଞ୍ଜନ ରାଉତ ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ ସାଧକ ଦେବଦତ୍ତ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ସାଧକ ସୁକାନ୍ତ ସ୍ୱାଇଁ, ତ୍ରିଲୋଚନ ସାହୁ, ସୁଶାନ୍ତ ମହାପାତ୍ର, ସଞ୍ଜୟ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରାର୍ଥନା ଓ ଶାନ୍ତିପାଠ କରାଯାଇଥିଲା।

ଦି ସ୍କୁଲ ଅଫ୍ ଟାଏକ୍ୱୋଣ୍ଡୋର ପଞ୍ଚମ ବାର୍ଷିକ ଉତ୍ସବ

୫୫ କୃତୀ ପ୍ରତିଯୋଗୀ ପୁରସ୍କୃତ

ପୁରୀ,୩୦।୭ (ସମିସ): ଦି ସ୍କୁଲ ଅଫ୍ ଟାଏକ୍ୱୋଣ୍ଡୋ ପକ୍ଷରୁ ଦୋଳମଣ୍ଡପ ସାହିସ୍ଥିତ ଅମିନ ଜାଗା କ୍ରୀଡ଼ା ପ୍ରାଙ୍ଗଣରେ ବୁଧବାର ବେଲ୍ଟ, ପ୍ରଶଂସାପତ୍ର ଓ ପଦକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ଟାଉନ୍ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିଙ୍କ ମଧ୍ୟରେ ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଦି ସ୍କୁଲ ଅଫ୍ ଟାଏକ୍ୱୋଣ୍ଡୋର ସଭାପତି ଅଜୟ କୁମାର ସାହୁ, ବିଶିଷ୍ଟ ବ୍ୟବସାୟୀ ହରିବନ୍ଧୁ ସାହୁ, ଅମିନ ଜାଗାର ସଭାପତି ସୋମନାଥ ପଣ୍ଡା, ସମ୍ପାଦକ ଜମ୍ବେଶ୍ୱର ପୂଜାପଣ୍ଡା ଓ କୋଷାଧ୍ୟକ୍ଷ ବାବନ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ଦ୍ୱାରା ଆମେ ସୁସ୍ଥ ରହିପାରିବା ଓ ଆଜିର ସମୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣର ଉପଯୋଗିତା ବିଷୟରେ ଅତିଥିମାନେ କହିଥିଲେ। ଦ୍ୱିତୀୟ ଡାନ୍ ବ୍ଲାକ୍ ବେଲ୍ଟପ୍ରାପ୍ତ ଦେବାଶିଷ ସାହୁ ଓ ପ୍ରଥମ ଡାନ୍ ବ୍ଲାକ୍ ବେଲ୍ଟପ୍ରାପ୍ତ ଅମ୍ରିତା ସାହୁଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାର ଅଂଶଗ୍ରହଣ କରିଥିବା ୫୫ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ମୁଖ୍ୟ କୋଚ୍ ତଥା ସମ୍ପାଦକ ଅଭିଜିତ୍ ସାହୁ ସ୍ୱାଗତ ଭାଷଣ ସହିତ ବାର୍ଷିକ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ବିନୋଦ ସେନାପତି ମଞ୍ଚ ପରିଚାଳନା କରିଥିଲେ। ଦି ସ୍କୁଲ୍ ଅଫ୍ ଟାଏକ୍ୱୋଣ୍ଡୋର ଅଗ୍ରଗତି ଓ ସଫଳତା ନିମନ୍ତେ ସମସ୍ତ ଅଭିଭାବକ ମହାପ୍ରଭୁଙ୍କ ନିକଟରେ କାମନା କରିଥିଲେ।

ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ

ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇଛି ସମବାୟ

ପୁରୀ,୩୦।୭ (ସମିସ): ସଶକ୍ତ ସମବାୟ, ସୁଦୃଢ଼ ସମାଜ ଓ ସମୃଦ୍ଧ ଜୀବନର ବାର୍ତ୍ତା ନେଇ ବୁଧବାର ପୂର୍ବାହ୍ନରେ ସଂସ୍କୃତି ଭବନରେ ଆୟୋଜିତ ହୋଇଥିଲା ଆନ୍ତର୍ଜାତିକ ସମବାୟ ବର୍ଷ। ପୁରୀ ଜିଲ୍ଲା କୋଅପରେଟିଭ୍ ସୋସାଇଟିର ରେଜିଷ୍ଟ୍ରାର ସୁନିତା ପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଚଳିତ ମାସର ବିଷୟ ସମବାୟ ସଂସ୍ଥାଗୁଡ଼ିକ ମଧ୍ୟରେ ସହଯୋଗ ରହିଛି। ଅପରପକ୍ଷରେ ମତ୍ସ୍ୟ ସମବାୟ ସମିତି, ଦୁଗ୍ଧ ସମବାୟ ସମିତି ଓ କୃଷି ସମବାୟ ସମିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶ୍ରୀମତୀ ପତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସମବାୟର ଭୂମିକା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସମବାୟ ମାଧ୍ୟମରେ ସମାଜକୁ ସୁଦୃଢ଼ ଓ ଆର୍ଥିକ ସମୃଦ୍ଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ରହିଛି। ବର୍ତ୍ତମାନ ସମବାୟ ଏକ ଜନଆନ୍ଦୋଳନରେ ପରିଣତ ହୋଇ

ଆର୍‌ଥକ ଅଭିବୃଦ୍ଧିରେ ସହାୟକ ସହ ପରିବାର ମୁହଁରେ ହସ ଫୁଟାଇଛି ବୋଲି କହିଥିଲେ। ସମବାୟ ଏକ ଆନ୍ଦୋଳନ ଓ ବିବିଧ ସହଯୋଗ ସମିତି ମାଧ୍ୟମରେ ଏହାକୁ ଋଦ୍ଧିମନ୍ତ କରାଯାଇଛି। ବର୍ତ୍ତମାନ ଅନେକ ସୁଯୋଗ ସରକାରଙ୍କ ମାଧ୍ୟମରେ ଉପଲବ୍ଧ ହୋଇଛି। ଏହାର ସୁବିଧା ନେବାକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଆହ୍ୱାନ ଦେବା ସହ ଅନୁରୋଧ କରିଥିଲେ।

ପୁରୀ ଦୁଗ୍ଧ ସମବାୟ ୟୁନିୟନର ସଭାପତି ଦିଲ୍ଲୀପ କୁମାର ଦାସ ଗୋ-ପାଳନ ଓ ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ଏହାକୁ ଆଗକୁ ନେବାକୁ ଥିବା ବ୍ୟବସ୍ଥା, ସରକାରୀ ସୁବିଧା, ସବ୍‌ସିଡି ଇତ୍ୟାଦି ସମ୍ପର୍କରେ ବିଷଦ୍ ଆଲୋଚନା କରିଥିଲେ। ପୂର୍ବତନ ଆଇନ ଅଧିକାରୀ ବିରଜା ଶଙ୍କର ଶତପଥୀ, ସହକାରୀ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ, ଏଆର୍‌ସିଏସ୍ ସନାତନ ବେହେରା ପ୍ରମୁଖ ଯୋଗଦେଇ ସମବାୟ ସହଯୋଗ, ସମନ୍ୱୟ ଓ ସହଭାଗିତାର ବନ୍ଧନ ବିଷୟରେ ଆଲୋଚନା କରିଥିଲେ। ଏହା ମାଧ୍ୟମରେ ଆମ ଅର୍ଥନୀତି କିପରି ମଜଭୁତ ହୋଇପାରିବ ବୋଲି ସେମାନେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଭଲ କାମ କରିଥିବା ସମବାୟ ସମିତିମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ସମବାୟ ସମିତିର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

ଜନଶିକ୍ଷଣ ସଂସ୍ଥାନର ସଫେଇ କାର୍ଯ୍ୟକ୍ରମ

ପୁରୀ,୩୦।୭ (ସମିସ): ଜନଶିକ୍ଷଣ ସଂସ୍ଥାନ ପୁରୀ ପକ୍ଷରୁ ସ୍ୱଚ୍ଛତା ପକ୍ଷ ଏବଂ ସ୍କିଲ୍ ଇଣ୍ଡିଆ ମିଶନର ୧୦ବର୍ଷ ପୂର୍ତ୍ତି ପାଳନ ଅବସରରେ ମଙ୍ଗଳବାର ସକାଳେ ପୁରୀ ପୌରପାଳିକାର ମିଳିତ ସହଯୋଗରେ ସାମୂହିକ ସଫେଇ କାର୍ଯ୍ୟକ୍ରମ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍ଥାନର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧିକାରୀ ଶଶୀଭୂଷଣ ଦତ୍ତ, ସହ କାର୍ଯ୍ୟକ୍ରମ ଅଧିକାରିଣୀ ନିକି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂସ୍ଥାନର ଅନ୍ୟାନ୍ୟ କର୍ମଚାରୀ ପ୍ରସାଦ ଦ୍ୱିବେଦୀ, ଜୀବନଜିତା ଦାସ, ପ୍ରତାପ ଚନ୍ଦ୍ର ବେହେରା, ବାଦଲ ପରିଡ଼ା, ସହ ସଂସ୍ଥାନର ବହୁ ପ୍ରଶିକ୍ଷାର୍ଥୀ ଏବଂ ପୌରପାଳିକା ପରିଷଦର ପରିମଳ ବିଶେଷଜ୍ଞ ସୌଭାଗ୍ୟଲକ୍ଷ୍ମୀ ଜେନା, କେଶବ ଚନ୍ଦ୍ର ସାହୁ, ରିଷଭ ଦାସଙ୍କ ଉପସ୍ଥିତିରେ ସାନିଟେସନ ସୁପରଭାଇଜର, ସଫେଇ ମିତ୍ର ପ୍ରମୁଖ ମାସ୍କ, ଗ୍ଲୋବ୍‌ସ ପରିଧାନ କରି ଝାଡୁ ଏବଂ ଡଷ୍ଟବିନ୍ ଧରି ମନ୍ଦିର ପରିସର ପୁଷ୍କରିଣୀ ଚତୁଃପାର୍ଶ୍ୱ, କାଉଡ଼ିଆ ଶ୍ରଦ୍ଧାଳୁଙ୍କର ରହଣି ସ୍ଥାନ ସଫା କରିଥିଲେ। ପୂଜା ସାମଗ୍ରୀ, ଫୁଲମାଳ, ସାଲୁକନା, ପଲିଥିନ୍, ପ୍ଲାଷ୍ଟିକ୍ ଫୁଲମାଳ ତଥା ପାଣି ବୋତଲ ଆଦି ସଂଗ୍ରହ କରାଯାଇ ପୁରୀ ପୌରପାଳିକାର ସ୍ୱଚ୍ଛତା ରଥକୁ ହସ୍ତାନ୍ତର କରାଯାଇଥିଲା। ଏଥିସହିତ ସାମୂହିକ ସ୍ୱଚ୍ଛତା ଶପଥପାଠ ଏବଂ ସ୍ୱଚ୍ଛତା ନାରା ସହ "ସ୍ୱଚ୍ଛ ପରିବେଶ ସୁସ୍ଥ ପରିବେଶ'ର ବାର୍ତ୍ତା ଦେଇ ଏହି ସଫେଇ ହୋଇଥିଲା।

ଘରୁ ଅଳଙ୍କାର ଚୋରି ଘଟଣାରେ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୩୦।୭(ସମିସ): ସ୍ଥାନୀୟ ଶକ୍ତିନଗର ଅଞ୍ଚଳର ଏକ ଘରୁ ସୁନା ଅଳଙ୍କାର ଚୋରି ଘଟଣାରେ ଗୋଷାଣୀନୂଆଗାଁ ପୁଲିସ କବିସୂର୍ଯ୍ୟନଗର ଅଞ୍ଚଳରୁ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ କବିସୂର୍ଯ୍ୟନଗର ବଡ଼ଖରିଡ଼ା ଗ୍ରାମର କେ. ରାଜେଶ (୨୬)। ଅଭିଯୁକ୍ତଠାରୁ ପୁଲିସ ଗୋଟିଏ ସୁନା ମୁଦି ଓ ୩ ହଳ ପାଉଁଚି ଜବତ କରିଛି। ଏହି ଘଟଣାରେ ଆହୁରି ୨ରୁ ୩ଜଣଙ୍କ ସମ୍ପୃକ୍ତି ରହିଛି। ସେମାନେ ଏବେ ଫେରାର ରହିଛନ୍ତି। ସେମାନଙ୍କୁ ଧରିବା ପାଇଁ ଏକ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି। ଖୁବଶୀଘ୍ର ଗିରଫ କରାଯିବ ବୋଲି ଡ଼ିଏସପି ତଥା ଉକ୍ତ ଥାନା ଇନ୍ସପେକ୍ଟର ସ୍ମୃତି ପ୍ରଭା ପ୍ରଧାନ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ୬ରୁ ଊର୍ଦ୍ଧ୍ୱ ବିଭିନ୍ନ ଅପରାଧିକ ମାମଲା ରହିଥିବା ପୁଲିସ ତଦନ୍ତରେ ଜଣାପଡିଛି। ରାଜେଶ ପୂର୍ବରୁ ସୁକୁଣ୍ଡା ଅଞ୍ଚଳରେ ରହୁଥିବା ବେଳେ ବର୍ତ୍ତମାନ କବିସୂର୍ଯ୍ୟନଗର ବଡ଼ଖରିଡ଼ା ଗ୍ରାମର ରହୁଥିଲେ। ସୂଚନାଯୋଗ୍ୟ ଯେ, ଶକ୍ତିନଗରସ୍ଥିତ କେ. ଗାୟତ୍ରୀ ଓ ତାଙ୍କ ପରିବାର ଲୋକେ ଶୋଇଥିବାବେଳେ ଗତ ୨୦ତାରିଖ ରାତିରେ କିଛି ଦୁର୍ବୃତ୍ତ ଝରକା କବାଟ ଭାଙ୍ଗି ସୁନାଗହଣା ଲୁଟ୍ କରିଥିଲେ।

ଟ୍ରକ ପଛରେ ଧକ୍କା ଦେଇ ବାଇକ ଚାଳକ ମୃତ

ବ୍ରହ୍ମପୁର,୩୦।୭(ସମିସ): ସଦର ଥାନା ଅନ୍ତର୍ଗତ ବାଇଗଣବାଡ଼ି ଛକ ଓ ବାଲିପଡ଼ା ଛକ ମଝି ରାସ୍ତାରେ ମଙ୍ଗଳବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମର ସନ୍ତୋଷ ବାଡ଼ତ୍ୟା ଓରଫ ବୁଡୁ (୩୭)। ସନ୍ତୋଷ ବ୍ରହ୍ମପୁରରୁ ଦିଗପହଣ୍ଡି ଉକ୍ତ ରାସ୍ତା ଦେଇ ଯାଉଥିବାବେଳେ ଏକ ଟ୍ରକ ପଛରେ ଧକ୍କା ଦେଇଥିଲେ। ସଦର ପୁଲିସ ତାଙ୍କୁ ଉଦ୍ଧାର କରି ମେଡ଼ିକାଲ ନେବାରୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଘଟଣାସ୍ଥଳରୁ ସମ୍ପୃକ୍ତ ଟ୍ରକ୍ ଓ ବାଇକକୁ ଜବତ କରି ତଦନ୍ତ ଆରମ୍ଭ କରିଛି ପୁଲିସ।

ବ୍ରହ୍ମପୁରରେ ଟ୍ରେଡ୍ ଲାଇସେନ୍ସ ବାଧ୍ୟତାମୂଳକ; ଏନ୍‌ଫୋର୍ସମେଣ୍ଟ ହେବ କ୍ରିୟାଶୀଳ

ବ୍ରହ୍ମପୁର,୩୦।୭(ସମିସ)

- ୩ଟି ଜୋନରେ ବିଭକ୍ତ ସହରର ୪୨ଟି ୱାର୍ଡରେ ନିୟୋଜିତ ରହିବେ ୬ଟି ସ୍ୱତନ୍ତ୍ର ଟିମ୍
- ଦୁଇ ଯୁଗ୍ମ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ନିଯୁକ୍ତ; ଖିଲାପିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ
- ଅଗଷ୍ଟ ପହିଲାରୁ ଟ୍ରେଡ୍ ଲାଇସେନ୍ସ ପାଇଁ ସ୍ୱତନ୍ତ୍ର କ୍ୟାମ୍ପ, ବୁଲିବ ସଚେତନତା ରଥ

ସହରରେ ଦିନକୁ ଦିନ ଜଟିଳ ହେଲାଣି ଟ୍ରାଫିକ ସମସ୍ୟା। ଆମ୍ବୁଲାନ୍ସ ଯାତାୟତରେ ମଧ୍ୟ ସୃଷ୍ଟି ହେଉଛି ବାଧା। ଯାହାର ମୁଖ୍ୟ କାରଣ ହେଉଛି ଜବରଦଖଲ, ରାସ୍ତା ଉପରେ ପାର୍କିଂ, ଉଠାଦୋକାନୀଙ୍କ ସମେତ ରାସ୍ତା ଉପରେ ଗୃହ ନିର୍ମାଣ ସାମଗ୍ରୀ ଗଚ୍ଛିତ କରିବା। ଏସବୁକୁ ଦୃଷ୍ଟିରେ ରଖି ବିଇଏମସି ପକ୍ଷରୁ ଏନ୍‌ଫୋର୍ସମେଣ୍ଟକୁ କ୍ରିୟାଶୀଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ୪୨ଟି ୱାର୍ଡ ବିଶିଷ୍ଟ ବ୍ରହ୍ମପୁର ମହାନଗର ନିଗମକୁ ୩ଟି ଜୋନରେ ବିଭକ୍ତ କରାଯାଇ ଏଥିପାଇଁ ୬ଟି ଟିମ୍ ଗଠନ କରାଯାଇଛି। ସକାଳ ଓ ସନ୍ଧ୍ୟାରେ ଏହି ଟିମ ପୃଥକ ପୃଥକ ଭାବେ ବିଭିନ୍ନ ସ୍ଥାନରେ ଜବରଦଖଲ ଭଳି ସମସ୍ୟାର ସମାଧାନ କରିବେ। ପ୍ରତ୍ୟେକ ଟିମରେ ଜଣେ ଲେଖାଏଁ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଟିମର କାର୍ଯ୍ୟକୁ ତଦାରଖ କରିବାକୁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଇତି ମଧ୍ୟରେ ବିଇଏମସିରେ ଦୁଇଜଣ ଯୁଗ୍ମ ଏନଫୋର୍ସମେଣ୍ଟ ଅଧିକାରୀ ଦାୟିତ୍ୱ ଗ୍ରହଣ କରିସାରିଛନ୍ତି। ଅଗଷ୍ଟ ପହିଲାରୁ ସହରରେ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ବିଇଏମସିର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ରାପିଡ ରେସପନ୍ସ ଟିମ ଭାବେ ସହରରେ କାମ କରିବ। ବର୍ଷା ଦିନରେ ମଧ୍ୟ ଏହି ଟିମ କାମ କରିବ। ଏଥିପାଇଁ ବିଇଏମସିର ହେଲ୍ପ ଲାଇନ ଜରିଆରେ ଲୋକଙ୍କ ଠାରୁ ଆସୁଥିବା ତଥ୍ୟ ଓ ସୂଚନା ଆଧାରରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଜବରଦଖଲ ଉଚ୍ଛେଦ ଭଳି କାର୍ଯ୍ୟରେ ପୁଲିସର ସହାୟତା ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ।

ବିଇଏମସି ପକ୍ଷରୁ ପୂର୍ବରୁ ଥିବା ଏନଫୋର୍ସମେଣ୍ଟ ଟିମ୍‌କୁ ରଦ୍ଦ କରାଯାଇ ନୂତନ ଭାବେ ୩ଟି ଜୋନରେ ୬ଟି ଟିମ ଗଠନ କରାଯାଇଛି। ଟିମ୍‌ର ସମସ୍ତ ସଦସ୍ୟଙ୍କୁ ୟୁନିଫର୍ମ ଦିଆଯାଇଥିବା ବେଳେ ୩ଟି ଜୋନ ପାଇଁ ଜିପିଏସ ସହିତ ଯୋଡି ହୋଇଥିବା ୩ଟି ଗାଡିକୁ ନିୟୋଜିତ କରାଯାଇଛି। ଯାହାକୁ ମଙ୍ଗଳବାର ମେୟର ସଂଘମିତ୍ରା ଦଳେଇଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି।

ସେହିଭଳି ସହରରେ ଟ୍ରେଡଲାଇସେନ୍ସକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ଏଥିପାଇଁ ମଧ୍ୟ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହେବ। ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷ ତଥା ସଂସ୍ଥାମାନଙ୍କ ମଧ୍ୟରେ ଏନେଇ ସଚେତନତା ସୃଷ୍ଟି କରିବାକୁ ଗାଡି ଓ ଡାକବାଜି ଯନ୍ତ୍ର ସହାୟତାରେ ନିୟମକୁ ନେଇ ଅବଗତ କରାଯିବ। ଅଗଷ୍ଟ ପହିଲାରୁ ବିଇଏମସି କାର୍ଯ୍ୟାଳୟର ପୁରୁଣା ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କ୍ୟାମ୍ପ ଖୋଲାଯିବ। ଏଠାକୁ ଲୋକେ ସିଧାସଳଖ ଆସି ନିଜର ଦ୍ୱନ୍ଦ୍ୱ ବା ସନ୍ଦେହ ଦୂର କରିପାରିବେ। ଏବଂ କ୍ୟାମ୍ପରେ ଉପସ୍ଥିତ କର୍ମଚାରୀ ବ୍ୟକ୍ତି କିମ୍ବା ସଂସ୍ଥାର ପଞ୍ଜିକରଣରେ ସହାୟତା ଯୋଗାଇବେ। ଛୋଟ ହେଉ କି ବଡ ପ୍ରତ୍ୟେକ ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ଟ୍ରେଡଲାଇସେନ୍ସ ବାଧ୍ୟତାମୂଳକ। ଏଣୁ ଅନଲାଇନରେ ନିଜନିଜର ବ୍ୟବସାୟିକ ପ୍ରତିଷ୍ଠାନକୁ ପଞ୍ଜିକରଣ କରିବା ଜରୁରୀ। ନୂତନ ପଞ୍ଜିକରଣ ଓ ନବୀକରଣ ଉଭୟର ବ୍ୟବସ୍ଥା ଅନଲାଇନ ଜରିଆରେ କରିପାରିବେ। ତେବେ ଯେଉଁ ପ୍ରତିଷ୍ଠାନ ଅଥବା ବ୍ୟକ୍ତିବିଶେଷ ଜାଣିଶୁଣି ପଞ୍ଜିକରଣ କରୁନାହାନ୍ତି ସେମାନଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ସଚେତନ କରାଯାଉଥିବା ବେଳେ ପରବର୍ତ୍ତି ସମୟରେ ସେମାନଙ୍କ ବିରୁଦ୍ଧରେ ଜରିମାନା ସହିତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ। ନିକଟରେ ହୋଇଥିବା ବିଇଏମସିର ଟେକ୍ସ ଓ ରାଜସ୍ୱ ଷ୍ଟାଣ୍ଡିଂ କମିଟି ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବିଇଏମସିକୁ ବିଭିନ୍ନ ଉତ୍ସରୁ ଆସିବାକୁ ଥିବା ରାଜସ୍ୱ ନେଇ ସମୀକ୍ଷା ବେଳେ ଏହି ଦିଗକୁ ନେଇ ମଧ୍ୟ ଆଲୋଚନ କରାଯାଇଥିଲା। ରାଜସ୍ୱ ଆଦାୟର ବିଭିନ୍ନ ଦିଗ ଓ ସୁଯୋଗକୁ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଉଭୟ କାର୍ଯ୍ୟରେ ସହରବାସୀଙ୍କର ସହଯୋଗ ରହିଲେ ସହରର ଟ୍ରାଫିକ ଭଳି ଜଟିଳ ସମସ୍ୟାର ସମାଧାନ ସହିତ ବିଇଏମସିର ରାଜସ୍ୱ ବୃଦ୍ଧି ହୋଇପାରିବ ବୋଲି କହିଛନ୍ତି ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ।

ନୂତନ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଉଛନ୍ତି ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ

ପରଲୋକରେ ଡ଼ା ତାରାପ୍ରସାଦ ପାଢ଼ୀ

ଉତ୍କଳ ଆଶ୍ରମ ଓ କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର,୩୦।୭(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିଣ୍ଡିକେଟର ପ୍ରାକ୍ତନ ସଦସ୍ୟ, ବ୍ରହ୍ମପୁର ପୌର ମହାନଗରାଞ୍ଚଳର ବିଶିଷ୍ଟ ସମାଜସେବୀ ଓ ପୌର ଚିକିତ୍ସାଳୟର ପ୍ରାକ୍ତନ ଭେଷଜ ବିଶେଷଜ୍ଞ ଡା. ତାରାପ୍ରସାଦ ପାଢ଼ୀଙ୍କର ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ଦେହାବସାନ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା। ଗତ ପ୍ରାୟ ଏକ ଧରି ସେ ଅସୁସ୍ଥ ଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ କିଛି ଦିନ ପୂର୍ବରୁ ବ୍ରହ୍ମପୁର ସ୍ଥିତ ଗାନ୍ଧିନଗର ଘରକୁ ଫେରିଥିଲେ। ଗତକାଲି ସ୍ଥାନୀୟ ଏମ୍‌କେସିଜି ଭେଷଜ ମହାବିଦ୍ୟାଳୟ ହସ୍ପିଟାଲରେ ଡାଏଲିସିସ୍ ଚାଲିଥିବାବେଳେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ-ବୋହୂ, ଝିଅ-ଜ୍ୱାଇଁ ଓ ନାତିମାନେ ଉପସ୍ଥିତ ଥିଲେ। ମରଶରୀର ବାସଭବନକୁ ଅଣାଯିବା ପରେ ଗତକାଲି ରାତିରେ ହିଁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ତଥା କଳିଙ୍ଗ ସାହିତ୍ୟ ସମାଜ ସଭାପତି ଓ ଉତ୍କଳ ଆଶ୍ରମ ନ୍ୟାସ ସଂପାଦକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମୁଖାଗ୍ନି ଦେଇଥିଲେ। ଡା. ପାଢ଼ୀଙ୍କ ତିରୋଧାନରେ ଉତ୍କଳ ଆଶ୍ରମ ନ୍ୟାସ ଓ କଳିଙ୍ଗ ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ ଆଜି ସନ୍ଧ୍ୟାରେ ଉତ୍କଳ ଆଶ୍ରମ ସଭାଗୃହରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କଳିଙ୍ଗ ସାହିତ୍ୟ ସମାଜ ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ଡା. ତାରାପ୍ରସାଦ ପାଢ଼ୀଙ୍କ ଦିବଂଗତ ଆତ୍ମାର ସଦଗତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା ଓ ସ୍ମୃତିଚାରଣ ପୂର୍ବକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରଫେସର୍ ବିଷ୍ଣୁଚରଣ ଚୌଧୁରୀ, ସତ୍ୟ ନାରାୟଣ ପାଣିଗ୍ରାହୀ, ଡ. ବାୟାମନୁ ଚର୍ଚ୍ଚ, ଡ. ରାଧାଗୋବିନ୍ଦ ପାଢ଼ୀ, ଡ. ସୁଶାନ୍ତ କୁମାର ମିଶ୍ର, ଡ. ରମେଶ ଚନ୍ଦ୍ର ପ୍ରଧାନ, ମନୋରଞ୍ଜନ ପାଣିଗ୍ରାହୀ, ଡ. କୁଳମଣି ଓଝା, ଡା. ସାଗର ରଞ୍ଜନ ତ୍ରିପାଠୀ, ବିଜୟ କୁମାର ପାଣିଗ୍ରାହୀ, ଡ. ପିନାକୀ ମହାନ୍ତି, ଅନୁପ କୁମାର ମିଶ୍ର, ଡ. ହୃଷୀକେଶ ପଣ୍ଡା, ସୁଦୀପ କୁମାର ସାହୁ, କପିଳ ଚନ୍ଦ୍ର ମହାନ୍ତି, ଅଭୟେନ୍ଦୁ ଶେଖର ପଟ୍ଟନାୟକ, ଡ. ପ୍ରସନ୍ନ କୁମାର ବିଷୋୟୀ, ଡ. ସଞ୍ଜୟ କୁମାର ପଣ୍ଡା, ଅନୀଳ କୁମାର ପାତ୍ର, ଡ. ଅଶୋକ କୁମାର ପଣ୍ଡା, ନଳିନୀକାନ୍ତ ଗୌଡ଼, ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ଏହି ଶୋକସଭାରେ ଉପସ୍ଥିତ ରହି ପରଲୋକଗତ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

କାର୍ ଭଡ଼ା ଲଗାଇବାକୁ ନେଇ ବନ୍ଧା ପକାଇଦେଲେ

■ ବିଶ୍ୱାସରେ ବିଷଦେଲା ସାଙ୍ଗ

ବ୍ରହ୍ମପୁର,୩୦।୭(ସମିସ): ଜଣେ ବ୍ୟକ୍ତିଙ୍କ କାର୍‌କୁ ଏକ କମ୍ପାନୀରେ ଭଡ଼ାରେ ଲଗାଇବାକୁ ପ୍ରତିଶ୍ରୁତି ଦେଇ ଠକେଇ ଅଭିଯୋଗ ହୋଇଛି। ଏପରିକି ଠକେଇରେ ସମ୍ପୃକ୍ତ ଥିବା ଦୁର୍ବୃତ୍ତମାନେ ଓଡ଼ିଶାର ଏକାଧିକ ବ୍ୟକ୍ତିଙ୍କ କାର୍‌କୁ ଭଡ଼ାରେ ଲଗାଇବେ ବୋଲି କହି ବେଙ୍ଗାଲୁରୁ ନେଇଯିବା ପରେ ସେଠାରେ ବନ୍ଧା ପକାଇ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ବଡ଼ବଜାର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାପ୍ରକାରେ, ଶ୍ରୀରାମନଗର ୩ୟ ଲାଇନର ରମେଶଚନ୍ଦ୍ର ସାହୁ ୨୦୨୦ରେ ଏକ କାର୍ କିଣିଥିଲେ। କିଛିମାସ ପରେ ଇଏମଆଇ ପୈଠରେ ଅସୁବିଧା ହେବାରୁ ବ୍ରହ୍ମପୁରରେ ରହୁଥିବା ରମେଶଙ୍କ ସାଙ୍ଗ ତାଙ୍କ କାରକୁ ବେଙ୍ଗାଲୁରୁରେ ଥିବା ଏକ କମ୍ପାନୀରେ ଭଡ଼ାରେ ଲଗାଇବା ସହ ମାସିକ ଇଏମଆଇ ପୈଠ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିକ୍ରମରେ ରମେଶ ନିଜ କାରକୁ ସାଙ୍ଗକୁ ଦେଇଥିଲେ। ତାଙ୍କ ସାଙ୍ଗ କିଛି ମାସ ଇଏମ୍‌ଆଇ ପୈଠ କରିଥିବାବେଳେ ୮ମାସ ହେବ ଆଉ ଇଏମ୍‌ଆଇ ପୈଠ କରୁନାହାନ୍ତି କିମ୍ବା କାର୍ ମଧ୍ୟ ଫେରାଇନଥିଲେ। ରମେଶ ବେଙ୍ଗାଲୁରୁ ଯାଇ କାର ନେଇଥିବା ସାଙ୍ଗ ଓ ତାଙ୍କ ଭାଇକୁ ଦେଖା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଦେଖା ଦେଇନଥିଲେ। ଯାଞ୍ଚ ପରେ ଉଭୟ ସେହି କାରକୁ ଜଣେ ବ୍ୟକ୍ତିଙ୍କ ନିକଟରେ ବନ୍ଧାରେ ରଖି ୩ଲକ୍ଷ ନେଇ ଯାଇଥିବା ଜଣାପଡିଥିଲା। ଏପରିକି ଉଭୟ ଏକାଧିକ କାର ସେହି ବ୍ୟକ୍ତିଙ୍କ ନିକଟରେ ବନ୍ଧା ରଖି ଲକ୍ଷ ଲକ୍ଷ ଟଙ୍କା ନେଇଯାଇଥିବା ରମେଶ ଜାଣିବାକୁ ପାଇଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ରମେଶ ବ୍ରହ୍ମପୁର ଫେରି ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ।

ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ବ୍ରହ୍ମପୁର,୩୦।୭(ସମିସ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୀଳକଣ୍ଠନଗର ପ୍ରାଙ୍ଗଣରେ ଜ୍ଞାନ ବିଜ୍ଞାନ ମେଳା-୨୦୨୫ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଡ. ସତୀଶ ପ୍ରସାଦ ନାୟକ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିବା ବେଳେ ଜଟେଶ୍ୱର କର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜ୍ଞାନ ବିଜ୍ଞାନ ମେଳାରେ ଗଣିତ ଓ ବିଜ୍ଞାନର ମୋଟ ୧୮୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ଜେନା, ବିଜ୍ଞାନ ପ୍ରେମୀ ଓ କବି ଲିଙ୍ଗରାଜ ଜେନା, ମୋହନା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଖିଳ ନାଥ ସାବତ, ପୂର୍ବତନ ବିଜ୍ଞାନ ନିରୀକ୍ଷକ ଗୋକୁଳକୃଷ୍ଣ ପଣ୍ଡା, ବାଲିପଡା ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିରଣ କୁମାର ମିଶ୍ର, ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ନାୟକ, ରାଜ୍ୟ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଭାଗିରଥି ସ୍ୱାଇଁ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ବିଜୟ କୁମାର ପାଳ, ଜଗଦଲପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏ. ନାଗେଶ୍ୱର ରାଓ, ଗଣିତ ଶିକ୍ଷକ ଜେ. ରମେଶ ଚନ୍ଦ୍ର ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମରେ ଅତିଥି ଭାବେ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ ଏବଂ ଉପଦେଷ୍ଟା କେ. ଭେଙ୍କଟ ରାଓ ଯୋଗ ଦେଇଥିଲେ। ଏଥିରେ ଯୋଗ୍ୟ ବିବେଚିତ ପ୍ରତିଯୋଗୀ ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ। ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଅଧ୍ୟକ୍ଷ ଏସ୍.ମୋହନ ରାଓ, ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଓ ବିଜ୍ଞାନ ବିଭାଗର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟ ଶାନ୍ତନୁ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ରହ୍ମପୁର କୋର୍ଟ ପରିସରରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

ବ୍ରହ୍ମପୁର,୩୦।୭(ସମିସ): ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଲୋକାର୍ପିତ ହୋଇଯାଇଛି। ସେଥିମଧ୍ୟରୁ ମା’ ଓ ଶିଶୁ ଗୃହ ତଥା ବ୍ରେଷ୍ଟ ଫିଡ଼ିଂ ରୁମ ଅନ୍ୟତମ। ସେହିଭଳି କୋର୍ଟ କ୍ୟାମ୍ପସରେ ଓକିଲ ଓ ମହକିଲଙ୍କ ସୁବିଧା ପାଇଁ ଶୌଚାଳୟର ଅଭାବ ରହିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ପୁରୁଷ, ମହିଳା ଓ ତୃତୀୟଲିଙ୍ଗୀ ବା ଟ୍ରାନ୍ସଜେଣ୍ଡରଙ୍କ ପାଇଁ ପୃଥକ ପୃଥକ ୩ଟି ପ୍ରକ୍ଷାଳନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରକଳ୍ପ ସମୂହକୁ ଗଞ୍ଜାମ ଜିଲ୍ଲା ଦୌରା ଜଜ୍ ଡଃ ଭାଗ୍ୟଲକ୍ଷ୍ମୀ ରଥଙ୍କ ଉପସ୍ଥିତିରେ ଗଞ୍ଜାମ ଓକିଲ ସଂଘର ବରିଷ୍ଠ ସଦସ୍ୟ ଶିଶିର କୁମାର ପାଢ଼ୀ ଓ କିଶୋର ବିଷୋୟୀଙ୍କ କରକମଳରେ ଉଦ୍‌ଘାଟିତ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଜଜ୍ ୧ ନରେଶ ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ ୨ ଆୟୁଷ୍ମାନ ମହନ୍ତ, ଅତିରିକ୍ତ ଜିଲ୍ଲା ଜଜ ୩ ବିବଶଦ୍ଧ ଗୌତମ, ପାରିବାରିକ ଆଦାଲତ ଜଜ ଜାନକୀ ବିଶ୍ୱାଳ, ଅପିଆଇଡ଼ି ଜଜ୍ ସଂଗୀତା ପାଣିଙ୍କ ସମେତ ଅନ୍ୟାନ୍ୟ ନ୍ୟାୟିକ ଅଧିକାରୀ ଓ ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ କୁମାର ପଟ୍ଟନାୟକ, ଉପ ସଭାପତି ତ୍ରିମୁଲା କୁମାର ରେଡ୍ଡୀ, ସମ୍ପାଦକ ଟି. ଭେଙ୍କେଟ ରାଓ ଏବଂ ଯୁଗ୍ମ ସମ୍ପାଦକ ଅସିତ କୁମାର ସାବତଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ପରିବାର ଅଦାଲତକୁ ଆସୁଥିବା ମହିଳାଙ୍କୁ ଅନେକ ସମୟରେ କୋର୍ଟ ପରିସରରେ ଅପେକ୍ଷା କରିବାକୁ ପଡ଼ିଥାଏ। ଏହିକ୍ରମରେ ମହିଳାମାନେ ସେମାନଙ୍କୁ ଶିଶୁଙ୍କୁ ସ୍ତନ୍ୟପାନ କରାଇବାରେ ସମସ୍ୟାର ସମ୍ମୁଖିନ ହୁଅନ୍ତି। ଏହାକୁ ଦୂର କରିବା ଲକ୍ଷ୍ୟରେ ମାତୃତ୍ୱ କକ୍ଷ ଖୋଲିଥିବା ଏଠାରେ କୁହାଯାଇଛି।

ସରକାରୀ ଅଧିକାରୀଙ୍କ ସହଯୋଗରେ ଚାଲୁଛି ବେଆଇନ ଖଣି

ପ୍ରାକୃତିକ ପରିବେଶ, ଜୀବଜନ୍ତୁ, ପ୍ରାଚୀନ କୀର୍ତ୍ତି ସୁରକ୍ଷା ଦାବି

ବ୍ରହ୍ମପୁର,୩୦।୭(ସମିସ)

ଗଞ୍ଜାମ ତୁଙ୍କାପଡ଼ା ପଞ୍ଚାୟତରେ ବେଆଇନ ଖଣି ବନ୍ଦ କରିବାକୁ ଦାବି ଜୋର ହୋଇଛି। ଏଠାକାର ପୂର୍ବତନ ସରପଞ୍ଚ ଆରତୀ ଦେବୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଭିଯୋଗ କରିଛନ୍ତି। ସରକାରୀ ଅଧିକାରୀଙ୍କ ଅନୈତିକ ସହଯୋଗରେ ଏହି ବେଆଇନ ଖଣି ଚାଲୁଥିବା ସେ ଅଭିଯୋଗ କରିଛନ୍ତି। ବେଆଇନ ଖଣି ଦ୍ୱାରା ନିଜ ଅଞ୍ଚଳର ବିରଳ ଜୀବଜନ୍ତୁ, ପ୍ରାକୃତିକ ପରିବେଶ, ପ୍ରାଚୀନ କୀର୍ତ୍ତି ଓ ଜଳାଶ୍ରୟ ନଷ୍ଟ ହେଉଛି। ଏଣୁ ଖଣି ମାଫିଆମାନଙ୍କଠାରୁ ଏଗୁଡ଼ିକୁ ରକ୍ଷା କରିବାକୁ ସେ ନିବେଦନ କରିଛନ୍ତି। ଖଣି ମାଫିଆମାନେ ବେଆଇନ ଭାବେ ବ୍ଲାଷ୍ଟିଂ ଓ କଟିଂ କରି କୋଟି କୋଟି ଟଙ୍କାର ପଥର ଲୁଟ୍ କରିବା ସହ ବିରଳ ଜୀବଜନ୍ତୁ ତଥା ଗଞ୍ଜାମର ଗର୍ବ କୃଷ୍ଣସାର ମୃଗ, ମୟୂରଙ୍କର ମୃତ୍ୟୁ ଘଟୁଥିବା ସେ ଜଣାଇଛନ୍ତି। ବହୁ ପ୍ରାଚୀନ ସପ୍ତେଶ୍ୱର ମନ୍ଦିରର ଚାରିପଟେ ଥିବା ଏହି ସମୂହ ଖଣି ଖନନକୁ ନେଇ ପ୍ରଶ୍ନ କରିଛନ୍ତି। ସୁଶ୍ରୀ ଦେବୀ କହିଛନ୍ତି ଯେ, ଗଞ୍ଜାମର ପୂର୍ବତନ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିପାଇଁ ଦୃଷ୍ଟି ଦେଇ ନାହାନ୍ତି କି ପ୍ରଶାସନ ପ୍ରକୃତ ତଦନ୍ତ କରିନି। ଜିଲ୍ଲାପାଳ ମିଛ ରିପୋର୍ଟ ଦେଇଥିବା ଆରତୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ରିପୋର୍ଟରେ ଜିଲ୍ଲାପାଳ ପାଉଡ଼ର ଜରିଆରେ ବ୍ଲାଷ୍ଟିଂ ହେଉଥିବା ଦର୍ଶାଇଥିବା ଆରତୀ କହିବା ସହ ପ୍ରକୃତରେ ଶହ ଶହ ଜିଲୋଟିନ୍ ଲଗାଇ ବିସ୍ଫୋରଣ କରି ତୁକାପଡା ପଞ୍ଚାୟତର ସବୁ ପାହାଡ଼ରୁ ପଥର ଉତ୍ତୋଳନ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏହାକୁ ଆୟୁଦ୍ଧ କରି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଚାଲିଛନ୍ତି ମାଫିଆ। ଆସନ୍ତା ୬ତାରିଖ ସୁଦ୍ଧା ସମସ୍ୟାର ସମାଧାନ ନହେଲେ ୧୦ତାରିଖରୁ ରାଜଭବନ ସମ୍ମୁଖରେ ଧାରଣାରେ ବସିବେ ବୋଲି ସେ ଚେତାବନୀ ଦେଇଛନ୍ତି।

● ସରକାରଙ୍କ ରଙ୍ଗବଦଳା ଅଭିଯାନ

ଗେରୁଆ ହେଲା ୧୦୮ ଆମ୍ବୁଲାନ୍ସ

ବ୍ରହ୍ମପୁର,୩୦।୭(ସମିସ): ରାଜ୍ୟରେ ସରକାର ବଦଳିବା ସହିତ ଅନେକ ପରିବର୍ତ୍ତନ ଘଟିଛି। ସେଥିମଧ୍ୟରୁ ରଙ୍ଗ ବଦଳିବା ଅଭିଯାନ ପ୍ରମୁଖ ଅନ୍ୟତମ। ପରିବହନ ବିଭାଗର ଯାନବାହାନ, ସ୍କୁଲ ପିଲାଙ୍କ ଆଇଡି କାର୍ଡ ଓ ସରକାରୀ କାର୍ଯ୍ୟାଳୟ ଗୁଡିକର ରଙ୍ଗ ପର୍ଯ୍ୟାୟ କ୍ରମେ ବଦଳା ଯାଇଥିଲା। ବର୍ତ୍ତମାନ ଏହି ଅଭିଯାନରୁ ବାଦ ପଡିନି ଆମ୍ବୁଲାନ୍ସ ଭଳି ଜରୁରୀକାଳିନ ସେବା। ପ୍ରଥମେ ପ୍ରାଣୀ ଚିକିତ୍ସାଳୟରେ ଥିବା ପଶୁପକ୍ଷୀଙ୍କ ପାଇଁ ଉଦ୍ଦିଷ୍ଟ ଆମ୍ବୁଲାନ୍ସର ରଙ୍ଗ ବଦଳା ଯାଇଥିବା ବେଳେ ବର୍ତ୍ତମାନ ୧୦୮ ଆମ୍ବୁଲାନ୍ସର ରଙ୍ଗ ସବୁଜରୁ ଗେରୁଆ ହୋଇସାରିଛି। ରାଜରାସ୍ତାରେ ହଠାତ ଗେରୁଆ ରଙ୍ଗର ଆମ୍ବୁଲାନ୍ସକୁ ଦେଖି ଜନସାଧାରଣଙ୍କ ମନରେ ଭ୍ରମ ସୃଷ୍ଟି ହୋଇଛି। ତେବେ ରଙ୍ଗ ବଦଳା ଅଭିଯାନରୁ ଆମ୍ବୁଲାନ୍ସକୁ ମଧ୍ୟ ରାଜ୍ୟ ସରକାର ବାଦ ଦେଇନଥିବା ଘଟଣାକୁ ଜନସାଧାରଣ ସହଜରେ ଗ୍ରହଣ କରିପାରି ନାହାନ୍ତି। ଏହାକୁ ନେଇ ଭିନ୍ନଭିନ୍ନ ପ୍ରତିକ୍ରିୟା ମଧ୍ୟ ଦେଉଛନ୍ତି। ତେବେ ସବୁଠାରୁ ବଡକଥା ହେଲା ୧୦୮ ଆମ୍ବୁଲାନ୍ସ ଜରିଆରେ ଲୋକଙ୍କୁ ଉଚିତ ସେବା ମିଳିବା କଷ୍ଟକର ହେଉଥିବା ବେଳେ ତାହାର ସମାଧାନ କରିବା ପରିବର୍ତ୍ତେ ୧୦୮ ଆମ୍ବୁଲାନ୍ସର ରଙ୍ଗକୁ ଗେରୁଆ କରି ସରକାର ସମାଜକୁ କି ବାର୍ତ୍ତା ଦେବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ ଉଠିଛି।



ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ ବୈଠକ

ବିତଣ୍ଡା ଯୁକ୍ତିରେ ଦେଢ଼ଘଣ୍ଟା ଅଚଳ

ଟିମ୍ ସାଇନ୍‌କୁ ସେନା ପୋଷାକ ମନା

ବିଲଡର୍‌ମାନେ ରାସ୍ତା ପଞ୍ଜୀକରଣ କରିବାକୁ ବାଧ୍ୟ

ଅର୍ଥ ମିଳୁନି; ଆଗେଇ ପାରୁନି ଜାଗା ମିଶନ, ମୁକ୍ତା

ଭୁବନେଶ୍ୱର, ୩୦।୭ (ସମିସ)

ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ଆକ୍ରମଣ ଘଟଣାରେ ୱାର୍ଡ ନମ୍ବର ୨୯ କର୍ପୋରେଟର ଅପରୂପ ନାୟକଙ୍କୁ ପୁଲିସ ତଦନ୍ତ ପରେ ଗିରଫ କଲା। ହେଲେ ଅପରୂପଙ୍କୁ କାହିଁକି ଗିରଫ କରାଗଲା ଏହି ପ୍ରଶ୍ନ ପୁଲିସ ପଚାରିବା ବଦଳରେ ତାଙ୍କ ସମର୍ଥକମାନେ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ। ଗିରଫଦାରୀ ପାଇଁ ମେୟର କ୍ଷମା ମାଗନ୍ତୁ ବୋଲି ସେମାନେ ଜିଦ୍ ଧରିଲେ। ଗୋଟିଏ ପଟେ କର୍ପୋରେସନ ଚାଲୁଥିଲା ବେଳେ ବିତଣ୍ଡା ଯୁକ୍ତିରେ ସମର୍ଥକମାନେ ଧାରଣା ଦେଲେ।

ମିଳିଥିବା ସୂଚନା ମୁତାବକ, କର୍ପୋରେସନ ବୈଠକରେ ମଧ୍ୟ ବିରୋଧୀ ବିଜେପି କର୍ପୋରେଟରମାନେ ତାଙ୍କ ଗିରଫଦାରୀକୁ ନେଇ ହୋ ହଲ୍ଲା କରିଥିଲେ। ବିରୋଧୀ କର୍ପୋରେଟର ରାମ ରଣସିଂହ ଏହି ପ୍ରସଙ୍ଗ ଉଠାଇ ଥିଲେ। ଗିରଫଦାରୀ ପୁଲିସର କାମ ହୋଇଥିଲା ବେଳେ ବିଏମ୍‌ସି ଭିତରେ ଏହି ପ୍ରସଙ୍ଗ କଣ ଉଠାଯାଉଛି ବୋଲି ମେୟର ବୁଝାଇଥିଲେ। ମାମଲା କୋର୍ଟଙ୍କ ନିକଟରେ ବିଚାରାଧୀନ ଥିଲେ ମଧ୍ୟ ଅପରୂପ ଦୋଷୀ କିମ୍ବା ନାହିଁ ଅତିରିକ୍ତ କମିସନର ରମ୍ୟାକର ସାହୁଙ୍କୁ ପ୍ରଶ୍ନ କରିଥିଲେ। ବିଏମ୍‌ସି କମିସନର ଏଥିରେ ହସ୍ତକ୍ଷେପ କରି କହିଥିଲେ ଏହି ମାମଲା କୋର୍ଟଙ୍କ ନିକଟରେ ବିଚାରାଧୀନ ରହିଛି ଏବଂ କର୍ପୋରେସନ ବୈଠକରେ ଏଭଳି ଆଲୋଚନା କରାଯିବା ଠିକ୍ ନୁହେଁ ବୋଲି କହିବା ପରେ ସବୁ କିଛି ଶାନ୍ତ ପଡ଼ିଥିଲା। ଏହିଭଳି ଅପ୍ରିତିକର ପରିସ୍ଥିତିରେ ପ୍ରଶ୍ନ-ଉତ୍ତର ପର୍ଯ୍ୟାୟ ହୋଇପରି ନ ଥିଲା। କମିଶନର ଶ୍ରୀ ରାଣା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ ପୂର୍ବକ କହିଥିଲେ ଯେ, ବିଏମ୍‌ସିକୁ ଆଗାମୀ ଦିନରେ ଆହୁରି ଉପରକୁ ନେବା ପାଇଁ ସମସ୍ତ ଲାଇନ ଡିପାର୍ଟମେଣ୍ଟ ମିଳିମିଶି କାର୍ଯ୍ୟକରିବାକୁ ହେବ। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର ଚଞ୍ଚଳ ରାଣା, ସସ୍ମିତା ସାହୁ, କୈଳାସ ଚନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।

ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଦାୟିତ୍ୱରେ ଥିବା ଟିମ୍ ସାଇନ୍‌ର ଅଧିକାଂଶ ଅଧିକାରୀ ଅବସରପ୍ରାପ୍ତ ସେନା କର୍ମଚାରୀ। ଏମାନଙ୍କୁ ବିଭିନ୍ନ ସମୟରେ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟରେ ଲଗାଯାଉଛି। ହେଲେ ଏମାନେ ସେନା ପୋଷାକ ପିନ୍ଧି କାର୍ଯ୍ୟ କରୁଛନ୍ତି। ବିଭିନ୍ନ ସମୟରେ ସେନା ପୋଷାକ ପିନ୍ଧି ଟଙ୍କା ଆଦାୟ କରୁଥିବା ଭଳି ଅଭିଯୋଗ ହେଉଛି। ଏହା ସେନାକୁ ଅପମାନ ହେଉଛି ବୋଲି ବିଭିନ୍ନ କର୍ପୋରେଟର ପ୍ରସ୍ତାବ ଦେଇଥିଲେ। ଏଣୁ ବ୍ୟାଙ୍କଗୁଡ଼ିକରେ ଯେପରି ଅନ୍ୟ ପୋଷାକ ପିନ୍ଧୁଛନ୍ତି ସେହିପରି ଟିମ୍ ସାଇନ୍ ସଦସ୍ୟମାନଙ୍କ ପୋଷାକ ପରିବର୍ତ୍ତନ କରାଯିବା ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିଭଳି ସମସ୍ତ ସାନିଟାରୀ ଇନ୍ସପେକ୍ଟର, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର ୟୁନିଫର୍ମ ପିନ୍ଧିବେ ଏବଂ କର୍ମଚାରୀମାନେ ଆଇକାର୍ଡ ବା ପରିଚୟପତ୍ର ପିନ୍ଧିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବିଲଡରମାନେ ଆପାର୍ଟମେଣ୍ଟ ନିର୍ମାଣ କରୁଛନ୍ତି। ମାତ୍ର ରାସ୍ତା ଛାଡୁ ନାହାଁନ୍ତି। ଫଳରେ ରାସ୍ତା ପାଇଁ ବିଭିନ୍ନ ସମସ୍ୟା ଉପୁଜୁଛି। ବିଏମ୍‌ସି ନାମରେ ରାସ୍ତା ନ ଥିବାରୁ ବିଏମ୍‌ସି ମଧ୍ୟ ରାସ୍ତା ନିର୍ମାଣ କରି ପାରୁନାହିଁ। ବିଭିନ୍ନ ସମୟରେ ବିଲଡର ରାସ୍ତାକୁ ନେଇ ଆପାର୍ଟମେଣ୍ଟବାସୀଙ୍କ ସହ ଝାମେଲା କରୁଛନ୍ତି। ଏଣୁ ବିଲଡରମାନେ ବିଏମ୍‌ସି ନାମରେ ରାସ୍ତା ପଞ୍ଜୀକରଣ କରିବାକୁ ବାଧ୍ୟତାମୂଳକ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା।

ସରକାରଙ୍କ ପାଖରୁ ଆବଶ୍ୟକ ପରିମାଣର ଅର୍ଥ ଅସୁନାହିଁ। ଫଳରେ ବିଏମ୍‌ସି ପକ୍ଷରୁ ଆରମ୍ଭ ହେଇଥିବା କଚ୍ଚାପକ୍କା ରାସ୍ତା, ମୁକ୍ତା ଏବଂ ଜାଗା ମିଶନ ଆଗକୁ ବଢ଼ି ପାରୁନି ଏବଂ ବିକାଶ ବାଧାପ୍ରାପ୍ତ ହେଉଛି। ୨୧ୱାର୍ଡରେ ଅର୍ଥ ଅଭାବରୁ ଏ ପର୍ଯ୍ୟନ୍ତ କାର୍ଯ୍ୟ ହୋଇ ନାହିଁ। ସେଥିପାଇଁ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି ବିଧାୟକ ବାବୁ ସିଂ ପ୍ରତିଶ୍ରୁତି ଦେଇଛନ୍ତି। ବିଭିନ୍ନ ବିକାଶମୂଳକ କାମ ପାଇଁ ୩୨ କୋଟି ଟଙ୍କା ସହାୟତା ଦେଇଥିବା ବେଳେ ଡ୍ରେନ କାମ ପାଇଁ ୨୦୦ କୋଟି ଟଙ୍କାର ଦେବାକୁ ଦାବି କରାଯାଇଥିଲା।

ସାନିଟାରୀ ଇନ୍ସପେକ୍ଟରମାନଙ୍କର ବଦଳିକୁ ନେଇ ଗୃହରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ଏହି ବଦଳିକୁ ସ୍ଥଗିତ ରଖିବା ପାଇଁ କର୍ପୋରେଟରମାନେ ଦାବି କରିଥିଲେ। ତେବେ ଏ ସମ୍ପର୍କରେ ତର୍ଜମା କରିବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି କମିସନର। ସେହିପରି ପ୍ରତି ୱାର୍ଡ ଅଫିସରେ ଜଣେ ଲେଖାଏଁ ଆଟେଣ୍ଡାଣ୍ଟ ନିଯୁକ୍ତି ପାଇଁ ଆସିଥିବା ପ୍ରସ୍ତାବକୁ ଗୃହରେ ଆଲୋଚନା କରାଯାଇଛି।

ସେହିଭଳି ବିଏମ୍‌ସି ଅଞ୍ଚଳରେ ହୋଡିଂ ତଥା ପ୍ରଚାର ପ୍ରସାର ପାଇଁ ନେଇଥିବା ୨୫ଘରୋଇ ଓ ୪ଟି ସରକାରୀ ସଂସ୍ଥା ଉପରେ ଥିବା ବକେୟା ଅର୍ଥ ଆଦାୟ ଉପରେ ଆଲୋଚନା ହୋଇଥିଲା। ସେମାନେ ଦୁଇ ମାସ ସମୟ ମାଗିଥିବାରୁ ତାହାକୁ ନେଇ ଗୃହରେ ମଧ୍ୟ ଆଲୋଚନା କରାଯାଇଥିଲା। ଏଣିକି ବିଏମ୍‌ସିରେ ସେ ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ତାଲିକା ପ୍ରସ୍ତୁତ କରାଯିବ। ଏହା ଭବିଷ୍ୟତ ପାଇଁ ମାର୍ଗଦର୍ଶିକା ହୋଇ ରହିବ।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶିକା ହେଲେ ପାରୁଲ ପଟାୱରୀ

ଭୁବନେଶ୍ୱର,୩୦।୭ (ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗରେ ନିର୍ଦ୍ଦେଶିକା ଭାବେ ପାରୁଲ ପଟାୱରୀ ବୁଧବାର ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଭାଗର ଅତିରିକ୍ତ ଶାସନ ସଚିବ ସୋନିଆ ବେହେରା ପୁଷ୍ପଗୁଚ୍ଛ ପ୍ରଦାନ କରିଥିବା ବେଳେ ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ବିତ୍ତ ପରାମର୍ଶଦାତା ତଥା ସ୍ୱତନ୍ତ୍ର ସଚିବ, ଅତିରିକ୍ତ ଶାସନ ସଚିବ ଭାସ୍କର ରଇତୋ, ଦୀପକ ରାଉତରାୟଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ। ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ପଚାରି ବୁଝିବା ସହ ସମସ୍ତ ଅଧିକାରୀମାନଙ୍କୁ ଦାୟିତ୍ୱର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁଶ୍ରୀ ପଟାୱରୀଙ୍କ ଏହି

ବିଭାଗରେ ଯୋଗଦେବା ପୂର୍ବରୁ ସେ ରାୟଗଡ଼ା ଜିଲ୍ଲାରେ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ।

ନୂଆଗାଁ, ପାଣ୍ଡରାରେ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର, ୩୦।୭ (ସମିସ): ବିଡ଼ିଏ ପକ୍ଷରୁ ବୁଧବାର ନୂଆଗାଁ ଏବଂ ପାଣ୍ଡରା ମୌଜାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଲିଙ୍ଗିପୁର ପ୍ରେଟ୍ରୋଲ ପମ୍ପ ଠାରୁ ନୂଆ ଗାଁ ପେଟ୍ରୋଲ ପମ୍ପ ମଧ୍ୟରେ ଜବରଦଖଲ ଉଚ୍ଛେଦ କରାଯାଇଛି। ରାସ୍ତା ଦୁଇ ପାର୍ଶ୍ୱରେ ଜବରଦଖଲରେ ଥିବା ଏକାଧିକ ଦୋକାନକୁ ଭାଙ୍ଗି ଦିଆଯାଇଛି। ନୂଆଗାଁ ମ୍ୟୁନିସିପାଲଟି ରାସ୍ତା ଏବଂ ଶିଶୁପାଳଗଡ଼ ଇନ୍ଦିରା କଲୋନୀ ରାସ୍ତା ନିର୍ମାଣ ଏବଂ ମରାମତି ପାଇଁ ଏଭଳି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ହାତକୁ ନିଆଯାଇଥିଲା। ହେଲେ ବିଭିନ୍ନ କାରଣ ଯୋଗୁଁ ୨ବର୍ଷ ହେବ ଉଚ୍ଛେଦ ହେଇପାରୁ ନ ଥିଲା। ଉଚ୍ଛେଦ ସମୟରେ ୬ଟି ସମେଣ୍ଟ ପିଣ୍ଡି, ଗୋଟିଏ ବିଲ୍ଡିଂ, ୬ଟି ଦେକାନ ଘର ଏବଂ ୧୮ ଟି ଟିଣ ଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ଅନ୍ୟପକ୍ଷରେ ପାଣ୍ଡରାରେ ଦୀର୍ଘଦିନ ହେବ ଚାଲିଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମରେ ୮ଟି ଘରକୁ ଭାଙ୍ଗି ଦିଆଯାଇଛି। ଜବରଦଖଲ ହୋଇଥିବା ୨.୬ ଏକର ଘର ମଧ୍ୟରୁ ୨.୩ ଏକର ଜବରଦଖଲ ମୁକ୍ତ କରାଯାଇଛି। ପାଣ୍ଡରା ଜବରଦଖଲ ଉଚ୍ଛେଦ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଉଚ୍ଛେଦ କାର୍ଯ୍ୟକ୍ରମରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ ଏବଂ ଶୁଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୁରକ୍ଷା ଦୃଷ୍ଟିରୁ ୨ପ୍ଲାଟୁନ୍ ପୁଲିସ ଫୋର୍ସ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବସ୍ତିବାସିନ୍ଦାଙ୍କୁ ବିଡିଏର ସୁଲଭ ଘର ବଣ୍ଟନ

ଭୁବନେଶ୍ୱର, ୩୦।୭ (ସମିସ): ଭୁବନେଶ୍ୱର ସହରରେ ବସ୍ତି ଉଚ୍ଛେଦ ଓ ପୁନର୍ବାସ ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ନିରନ୍ତର ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିଡିଏ କାର୍ଯ୍ୟାଳୟରେ ସୁଲଭ ମୂଲ୍ୟରେ ଆବାସ ଯୋଜନା (ଏଏଚ୍‌ପି) ଏବଂ ଇନ୍-ସିଟୁ ସ୍ଲମ୍ ରିଡେଭଲପମେଣ୍ଟ (ଆଇଏସ୍‌ଏସ୍‌ଆର) ଯୋଜନା ଅଧୀନରେ ୩୮ ଜଣ ହିତାଧିକାରୀଙ୍କୁ ଘର ବଣ୍ଟନ ପାଇଁ ଏକ ସ୍ୱଚ୍ଛ ଲଟେରୀ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ବିଡିଏ ଉପାଧ୍ୟକ୍ଷ ଡ଼ା. ଏନ୍ ତିରୁମଲା ନାୟକଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସେ କହିଥିଲେ ଯେ, ଏହି ଲଟେରୀ ମାଧ୍ୟମରେ ୨୪ହିତାଧିକାରୀଙ୍କୁ ସୁବୁଦ୍ଧିପୁରସ୍ଥିତ ବରୁଣେଇ ଏନକ୍ଲେଭ୍ ଏଏଚ୍‌ପିରେ, ୯ ଜଣଙ୍କୁ ଶାନ୍ତି ନଗର ଆବାସ ଯୋଜନା (କେଶରୀ ରେସିଡେନ୍ସି)ରେ ଏବଂ ୫ ଜଣଙ୍କୁ ଚନ୍ଦ୍ରଶେଖରପୁରସ୍ଥିତ ନୀଳମାଧବ ଆବାସ ଯୋଜନାରେ ଘର ବଣ୍ଟନ କରାଯାଇଛି। ସୁଲଭ ମୂଲ୍ୟରେ ଆବାସ ଯୋଜନା (ଏଏଚ୍‌ପି) ଅଧୀନରେ ଏକ ଫ୍ଲାଟ୍ ପାଇଁ ପ୍ରତ୍ୟେକ ହିତାଧିକାରୀଙ୍କୁ ୧.୫୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପଡ଼ିବ। ଏହି ଲଟେରୀ ପ୍ରକ୍ରିୟାକୁ ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟବେକ୍ଷକ ଭାବେ ବୟନିକାର ସଚିବ ତଥା ମହାପ୍ରବନ୍ଧକ ଡ଼ଃ. ସୁଷମା ବାରିକ ଉପସ୍ଥିତ ଥିଲେ। ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଏବଂ ଅତିରିକ୍ତ କମିଶନର(ଇଷ୍ଟେଟ୍-୨) ମନୋଜ କୁମାର ସ୍ୱାଇଁଉପସ୍ଥିତ ଥିଲେ।

ନୃତ୍ୟାୟନା ଟ୍ରଷ୍ଟର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୩୦।୭ (ସମିସ): ନୃତ୍ୟାୟନା ଟ୍ରଷ୍ଟର ୭ମ ବାର୍ଷିକ ଉତ୍ସବ ବୁଧବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଗୁରୁ ମୁକ୍ତିଲତା ପାଲ ଉଦଘାଟନ କରିଥିଲେ। ନୃତ୍ୟଗୁରୁ ସୁନିତା ମହାରଣାଙ୍କ ଶିକ୍ଷାଦାନରେ ୭୦ରୁ ଉର୍ଦ୍ଧ୍ୱ ପିଲା ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ନୃତ୍ୟଶିଳ୍ପୀ ସମାଜିକକର୍ମୀମାନଙ୍କୁ ନୃତ୍ୟାୟନା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ଚପଳା ମିଶ୍ର, କ୍ୟାପଟେନ ମନ୍ମଥ ରାଉତରାୟ, ସବତୀ ପ୍ରଧାନ, ଡ. ବନ୍ଦନା ହରିଚନ୍ଦନ, ଶାରଦା ପ୍ରସାଦ ମହାପାତ୍ର, ନାରାୟଣ ଚନ୍ଦ୍ର ଓଝା ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟର ଅଧ୍ୟକ୍ଷା ନୃତ୍ୟଗୁରୁ ସୁନିତା ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସନ୍ଦୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଆପୋଲୋ ହସ୍ପିଟାଲରେ ଏଣ୍ଡ୍-ଓ- ଚେକ୍ ପ୍ରୋଗ୍ରାମ

ଭୁବନେଶ୍ୱର,୩୦।୭ (ସମିସ): ଆପୋଲୋ ହସ୍ପିଟାଲ ଭୁବନେଶ୍ୱରରେ ଏଣ୍ଡ୍-ଓ- ଚେକ୍ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଏଣ୍ଡ୍-ଓ- ଚେକ୍ ପ୍ରୋଗ୍ରାମର ଲକ୍ଷ୍ୟ ହେଉଛି ମହିଳାଙ୍କ ମଧ୍ୟରେ ଦେଖାଯାଉଥିବା ଏଣ୍ଡୋମେଟ୍ରିଆଲ ଏବଂ ଓଭାରି(ଗର୍ଭାଶୟ) ଭଳି ସ୍ତ୍ରୀ ରୋଗ କ୍ୟାନ୍ସରକୁ ପ୍ରାରମ୍ଭ ଏବଂ ଚିକିତ୍ସା ସମୟରେ ଚିହ୍ନଟ କରିବା। ୫୫ରୁ ୬୪ ବର୍ଷ ବୟସର ମହିଳାଙ୍କ ମଧ୍ୟରେ ଗର୍ଭାଶୟ କ୍ୟାନ୍ସର ହେଉଛି ଏକ ନିରବ ଘାତକ। ଭାରତରେ ରୋଗୀଙ୍କଠାରେ ଏହି ରୋଗ ଚିହ୍ନଟ କରାଯିବାର ହାରାହାରି ବୟସ ହେଉଛି ୬୩ ବର୍ଷ। ମହିଳାମାନଙ୍କୁ ବିଶେଷ ଭାବେ ସଂକ୍ରମିତ କରୁଥିବା ୫ ବଡ଼ କ୍ୟାନ୍ସର ମଧ୍ୟରେ ଗର୍ଭାଶୟ କ୍ୟାନ୍ସର ରହିଥିବା ହସ୍ପିଟାଲର କନ୍‌ସଲଟାଣ୍ଟ-ସର୍ଜିକାଲ୍ ଅନ୍‌କୋଲୋଜି ଡାଃ ପ୍ରଶାନ୍ତ ଚନ୍ଦ୍ର ଦାସ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏଥିରେ ଆସୋସିଏଟ୍ କନ୍‌ସଲଟାଣ୍ଟ-ସର୍ଜିକାଲ୍ ଅନ୍‌କୋଲୋଜି ଡାଃମନିନ୍ଦ୍ର ନାୟକ ଏବଂ ରେଡିଓଲୋଜି ବିଭାଗର କନ୍‌ସଲଟାଣ୍ଟ ଡାଃ ସ୍ୱପ୍ନା କବିରାଜ ଉପସ୍ଥିତ ଥିଲେ।

ସବୁଦିନ ଟିଭି ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ

ହଂସପାଳ, ୩୦।୭ (ସମିସ): ପାହାଳ ଥାନା ଅଧୀନ ଜଗନ୍ନାଥପୁର ପଞ୍ଚାୟତ ଜୟରଶାସନସ୍ଥିତ ପଞ୍ଚବଟୀ ଉଚ୍ଚ ବିଦ୍ୟାଳୟ ପରିସରରେ ସବୁଦିନ ଟିଭି ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ସବୁଦିନ ଟିଭି ଟ୍ରଷ୍ଟର ପ୍ରତିଷ୍ଠାତା ସନାତନ ପରିଜାଙ୍କ ତତ୍ୱାବୋଧନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଭବାନୀ ଶଙ୍କର ପାତ୍ର ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାକୁ ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଲା ଗାୟକ ଯୁଧିଷ୍ଠିର ପରିଡା, ବାଲିଅନ୍ତା ବ୍ଲକ ୧୬ ନମ୍ବର ଜୋନ ବିଜେଡି ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ସବୁଦିନ ଟିଭି ଟ୍ରଷ୍ଟର ଉପଦେଷ୍ଟା ରବୀନ୍ଦ୍ର କୁମାର ସାହୁ, ସନ୍ତୋଷ ସାହୁ, ଚେୟାରମ୍ୟାନ ହୃଦାନନ୍ଦ ସାହୁ, ଅଜୟ ଦାସ ଯୋଗ ଦେଇଥିଲେ।

ହ୍ୟାଣ୍ଡଲୁମ୍ ମେଳାରେ ୧୮ ରାଜ୍ୟର କଳାକୃତି

ଭୁବନେଶ୍ୱର, ୩୦।୭ (ସମିସ): ପ୍ରଦର୍ଶନୀ ପଡ଼ିଆରେ 'ରାଜସ୍ଥାନ କଟନ ଫ୍ୟାବ' ମେଳା ଚାଲିଛି। ଯେଉଁଠି ୧୮ଟି ରାଜ୍ୟର କାରୁକାର୍ଯ୍ୟ ସ୍ଥାନ ପାଇଛି। ଏହି ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା, ଲଦାଖ, ପଞ୍ଜାବ, ହରିୟାଣା, ଦିଲ୍ଲୀ, ଉତ୍ତର ପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜୁରାଟ, ମହାରାଷ୍ଟ୍ର ଭଳି ରାଜ୍ୟ ଓ ତାର କାରିଗରୀ ସ୍ଥାନିତ ହୋଇଛି। ଯେଉଁଠି ରାଜ୍ୟର ବିଭିନ୍ନ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ସହ ବିଭିନ୍ନ ରାଜ୍ୟର ସ୍ୱତନ୍ତ୍ର ବସ୍ତ୍ର ବିକ୍ରି

- ମିଳୁଛି ପାରମ୍ପରିକ ବସ୍ତ୍ର ସାଙ୍ଗକୁ ହାତବୁଣା ଉପକରଣ
- ଆକର୍ଷଣରେ ୟୁପିର ମୀନାକରି କାରିଗରୀ

ହେଉଛି। ଏହିସବୁ ଷ୍ଟଲ ଗୁଡିକରେ ପାରମ୍ପରିକ ବସ୍ତ୍ରଠୁ ଆରମ୍ଭକରି ବ୍ୟାଗ ଓ ଅନ୍ୟ ଉପକରଣ ନେବାକୁ ଗହଳି ଜମୁଛି। ମେଳାଟି ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଚାଲିବ। ଅନ୍ୟଦିନ ଅପେକ୍ଷା ଛୁଟି ଦିନରେ ଲୋକ ଏଠାକୁ କିଣାକିଣି ପାଇଁ ଅଧିକ ଆସୁଛନ୍ତି। ପ୍ରଦର୍ଶନୀରେ ବିଭିନ୍ନ ରାଜ୍ୟର ପୋଷାକ ମଧ୍ୟରେ କାଶ୍ମିରୀ ଟସର ସିଲ୍କ, ଭାଗଲପୁର ହ୍ୟାଣ୍ଡଲୁମ, ରାଜସ୍ଥାନୀ ଅଙ୍ଗରଖା ସୁଟ, ଗୋଟା ପଟି ସୁଟ ଏବଂ ଆଫଗାନି ସୁଟ ଦେଖିବାକୁ ମିଳୁଛି।

ମେଟାଲରେ ତିଆରି ସୁନ୍ଦର ସୁନ୍ଦର ମୀନାକରି କାରିଗରୀ। ଘରେ ସାଜସଜ୍ଜା ପାଇଁ ଛୋଟରୁ ବଡ ବିଭିନ୍ନ ଉପକରଣ। ଯାହାକୁ ଦେଖି ଆଖି ଲାଖିଗଲା ପରି ଅନୁଭବ ହେଉଛି। ଘୋଡା ଡିଜାଇନ, ଗଛରେ ହ୍ୟା।ଙ୍ଗିଙ୍ଗ୍ ଗଣେଶ, ଗୋ ମାତାଙ୍କ ଉପରେ କୃଷ୍ଣ ଆଦି ବିଭିନ୍ନ ଡିଜାଇନ ଷ୍ଟଲରେ ଶୋଭା ପାଉଥିଲା। ୟୁପିରୁ ଆସିଥିବା ଏହି ଷ୍ଟଲର କାରିଗର କୁହନ୍ତି, ମେଟାଲରୁ ନିର୍ମିତ ହେଉଥିବା ଏହି ମୀନାକରି କାରିଗରୀକୁ ଲୋକ ପସନ୍ଦ କରିବା ସହ ଓଡ଼ିଶାରେ ଏହାର ଭଲ ଚାହିଦା ରହିଛି। ଏହିସବୁ ଉପକରଣର ମୂଲ୍ୟ ୬୦ ଟଙ୍କାରୁ ଆରମ୍ଭ ହୋଇ ବଡବଡ କଳାକୃତି ୪ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି।

ରାଜସ୍ଥାନୀ ନମକିନ୍‌ରେ 'ନଡିଆ ପାଣି ମିକ୍ସଚର'

ମେଳାରେ ଥିବା ଅନ୍ୟ ଷ୍ଟଲ ଗୁଡିକ ମଧ୍ୟରେ ରାଜସ୍ଥାନୀ ନମକିନ ଅନ୍ୟତମ। ଯେଉଁଠି ଲୋକ ପ୍ରଥମେ ଯାଇ ନଡିଆ ପାଣି ମିକ୍ସଚର ଖୋଜୁଥିବା ଦେଖିବାକୁ ମିଳିଥିଲା। ଶୁଣିବାକୁ ଯେମିତି ନୂଆ ତାର ସ୍ୱାଦ ମଧ୍ୟ ଟିକିଏ ଭିନ୍ନ। ନଡିଆ ଏବଂ ଅନ୍ୟ ନମକିନ୍‌ର ମିକ୍ସରେ ଏହା ପ୍ରସ୍ତୁତ ହୋଇଥାଏ। କେବଳ ସେତକ ନୁହଁ ବରଂ ସେଠାରେ ରାଜସ୍ଥାନୀ ଭାକର ବଡ଼ି, ମାଣ୍ଡିଆ ସେଉ, ଆଳୁ ଫରାରି, ମେଥି ଭାକର ବଡ଼ି, ଗହମରେ ପ୍ରସ୍ତୁତ ଖଟାମିଠା ମିକ୍ସଚର, ପୁଦିନା ସେଉ ସକ୍ରଲ ପାରା ନମକିନ ଭଳି ଭିନ୍ନ ଭିନ୍ନ ସ୍ୱାଗର ନମକିନ ଦେଖିବାକୁ ମିଳିଥିଲା। ଏହାର ସ୍ୱାଦ ନିଆରା ହେବା ସହ ତାକୁ ସ୍ୱାସ୍ଥ୍ୟକର ସାମଗ୍ରୀରେ ପ୍ରସ୍ତୁତ କରାଯାଇଥିବା କହିଛନ୍ତି ରାଜସ୍ଥାନୀ ବେପାରୀ।

ମୁକ୍ତଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର

ଭୁବନେଶ୍ୱର, ୩୦।୭ (ସମିସ)

ମୁକ୍ତଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନର ମିଳିତ ଆନୁକୂଲ୍ୟରେ ୨୦୮ ତମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ଯୋଗ ଦେଇ ସମାଜରେ ପୁରୁଷ ଓ ନାରୀର ଭୂମିକା ସ୍ୱତନ୍ତ୍ର ଏବଂ ନାରୀ ପୁରୁଷ ଉଭୟେ ଉଭୟଙ୍କ ପରିପୂରକ ବୋଲି କହିଥିଲେ। ସଭାର ସଭାପତି ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ପୁରାଣରୁ ଉଦାହରଣ ଦେଇ କହିଥିଲେ ଯେ, ଆଧୁନିକ ଯୁଗରେ ନାରୀ ସମସ୍ତକ୍ଷେତ୍ରରେ ପୁରୁଷକୁ ଅତିକ୍ରମ କରିପାରିଛି। ମାତ୍ର ସମାଜରେ ଏବେ ମଧ୍ୟ ବହୁନାରୀ ପୁରୁଷ ଉପରେ ନିର୍ଭରଶୀଳ ହୋଇ ରହିବା ଦ୍ୱାରା ନିର୍ଯାତନା ବଢ଼ିଚାଲିଛି। ଏଥିପାଇଁ ସମାଜରେ ସଚେତନତା ସୃଷ୍ଟି ହେବା ଏକାନ୍ତ ଆବଶ୍ୟକ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକା ସରୋଜିନୀ ସାହୁ, ଶକୁନ୍ତଳା ବଳିଆରସିଂହ, ଶୁଭଶ୍ରୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରୁ ମୁକ୍ତଚିନ୍ତନ ମଞ୍ଚର ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ସଭାରେ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ଚଳିତ ରଥଯାତ୍ରା ଦିନ ପ୍ରକାଶ ପାଇଥିବା ପୁସ୍ତକ 'ଅମୃତପୁରୁଷ ଶ୍ରୀଜଗନ୍ନାଥ'ର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ କଣ୍ଠଶିଳ୍ପୀ ମଧୁସ୍ମିତା ବିଶ୍ୱାଳ ଓ ଭୁବନେଶ୍ୱରୀ ବେହେରା ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ।

ଘରୁ ବାହାରିଲେ ନର୍ଦ୍ଦମା ପାଣି

ଭୁବନେଶ୍ୱର, ୩୦।୭ (ସମିସ): ଘରୁ ବାହାରିଲେ ଆବର୍ଜନା ପାଣି। ଗେଟ୍ ଆଗରେ ଚାଲୁଛି ଆବର୍ଜନାପୂର୍ଣ୍ଣ ପଚାପାଣି। ଯାହାକି କେବଳ ଦୁର୍ଗନ୍ଧ ସୃଷ୍ଟି କରୁନି ବରଂ ସଂକ୍ରମଣର ଭୟ ସୃଷ୍ଟି କରୁଛି। କେବଳ ସେତିକି ନୁହେଁ ବହୁ ଦିନ ପର୍ଯ୍ୟନ୍ତ ଜମା ହୋଇ ରହୁଥିବା ପାଣିରେ ପୋକ ଗୁଡ଼ିକ ଘର ଭିତରେ ପଶୁଥିବା ଦେଖିବାକୁ ମିଳିଛି।

ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର-୬୫ ପାତ୍ରପଡ଼ା ଭଗବାନପୁର ଅଞ୍ଚଳରେ ରହିଛି ଏହି ଆବର୍ଜନାପୂର୍ଣ୍ଣ ରାସ୍ତା। ପ୍ରାୟ ୨୦୦ ଲମ୍ବର ମିଟର ଏହି ରାସ୍ତାର ଓସାର ଅଧିକ ରହିଥିବା ବେଳେ ସେଥିରେ ପେଭରବ୍ଲକ ବିଛାଯାଇଥିବାରୁ ରାସ୍ତାଟିବେଶ୍ ଆକର୍ଷଣୀୟ ଦେଖାଯାଏ। ପୂର୍ବରୁ ଏହା ମାଟି ରାସ୍ତା ରହିଥିବାରୁ ଲୋକଙ୍କ ଯିବାଆସିବା ସହ ବର୍ଷା ଦିନରେ ବହୁ ସମସ୍ୟା ହୋଇଥାଏ। ତେଣୁ ଏହି ରାସ୍ତାରେ ପେଭରବ୍ଲକ ବିଛାଯିବା ପରେ ସୌନ୍ଦର୍ଯ୍ୟ ବୃଦ୍ଧି ସହ ବର୍ଷା ସମୟରେ ଯାତାୟତ କରିବାରେ ମଧ୍ୟ ସୁବିଧା ହେବ ବୋଲି ଅଞ୍ଚଳବାସୀଙ୍କ ଆଶା ରହିଥିଲା। କିନ୍ତୁ ବର୍ତ୍ତମାନ ଏହି ରାସ୍ତା ଅଞ୍ଚଳବାସୀଙ୍କ ପ୍ରମୁଖ ସମସ୍ୟା ପାଲଟିଯାଇଛି। କାରଣ ରାସ୍ତା ଉପରେ ଠିକ୍ ଭାବେ ପେଭରବ୍ଲକ ପକାଯାଇନଥିବାରୁ ଲୋକଙ୍କ ଘର ଦୁଆର ମୁହଁରେ ଜମି ରହୁଛି ପାଣି। ଅନେକ ସମୟରେ ପ୍ରବଳ ବର୍ଷାରେ ପାଣି ଘର ଭିତରକୁ ପଶୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏଠାରେ ରହୁଥିବା ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପରିବାର ଏବଂ ଛୋଟପିଲାମାନେ ସ୍କୁଲ ଯିବାକୁ ବି ଭୟ କରୁଛନ୍ତି। ଦୀର୍ଘଦିନ ଯାଏଁ ପାଣି ଜମି ରହୁଥିବାରୁ ଶିଉଳି ଲାଗିବା ସହ ନର୍ଦ୍ଦମାରେ ପରିଣତ ହୋଇଛି। ତେଣୁ ଘରୁ ବାହାରିବା ମାତ୍ରେ ଏହି ନର୍ଦ୍ଦମା ପାଣିରେ ପଶିବାକୁ ବାଧ ହେଉଥିବା ଏଠାରେ ରହୁଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଲଗାଣ ବର୍ଷାରେ ଆଣ୍ଠୁଏ ଉଚ୍ଚର ପାଣି ଜମୁଥିବା ବେଳେ ପ୍ରାୟ ୪ରୁ ୫ଦିନ ଯାଏ ବି ପାଣି ଶୁଖୁନି। ଫଳରେ ସେଠାରେ ଅଳିଆ ଆବର୍ଜନା ପଡ଼ି ତାହା ପଚି ଦୁର୍ଗନ୍ଧ ସାଙ୍ଗକୁ ମଶାଙ୍କ ପ୍ରାଦୁର୍ଭାବ ବି ବଢ଼ୁଛି। ତେବେ ଏହି ରାସ୍ତାରେ ପେଭରବ୍ଲକ କାମ ଠିକ୍ ଭାବେ କରାଯାଇ ନ ଥିବାରୁ ସ୍ଥାନୀୟ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା କହିଛନ୍ତି। ବର୍ଷା ଦିନରେ ପାଣି ପାଦୁଅ ରାସ୍ତାରେ ଯିବାଆସିବା ନ କରିବା ପାଇଁ ନିର୍ମାଣ ହୋଇଥିବା ଏହି ରାସ୍ତା ଏବେ ଅଞ୍ଚଳବାସୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏନେଇ ୱାର୍ଡର କର୍ପୋରେଟରଙ୍କ ସହ ଯୋଗଯୋଗ ହୋଇପାରି ନାହିଁ।

ସକାଳ
THE SAKALA

ସମ୍ବଲପୁରୀ ଦିନ ପାଳନ ପାଇଁ ପ୍ରସ୍ତୁତି

ପଦ୍ମପୁର,୩୦।୭ (ସମିସ): ପଦ୍ମପୁର ବୁଡସମ୍ବର ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ସିରଜିନା' ତରଫରୁ ଆଗାମୀ ଅଗଷ୍ଟ ୧ ତାରିଖ ତଥା ଗୁରୁ ଶ୍ରୀ ସତ୍ୟନାରାୟଣ ବହିଦାର ଓ ଶ୍ରୀଧର ପ୍ରଧାନଙ୍କ ଜନ୍ମ ଜୟନ୍ତୀକୁ 'ସମ୍ବଲପୁରୀ ଦିନ' ଭାବେ ପାଳନ କରିବା ପାଇଁ ବୈଠକ ହୋଇଛି। ଅନୁଷ୍ଠାନର ସଭାପତି ଆଇନଜୀବୀ ଆଦିତ୍ୟ ରଥ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ସମ୍ପାଦକ ନାଟ୍ୟକାର ରାଜେନ୍ଦ୍ର ମହାନ୍ତି ବିବରଣୀ ପ୍ରଦାନ କରିଥିଲେ। ଚଳିତ ବର୍ଷ ପ୍ରଥମକରି ସମ୍ବଲପୁରୀ ଫେଶନ ସୋ, ସମ୍ବଲପୁରୀ ବାବୁ-ନନୀ, କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପୂର୍ବତନ ସଭାପତି ସଞ୍ଜୟ ବହିଦାର ସମ୍ବଲପୁରୀ ଭାଷାର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ନାଥ, ଡ.ଅଜିତ ମେହେର, କିଶୋର ପାତ୍ର, ଭୋଜରାଜ ବୁଡେକ, କୁଞ୍ଜବିହାରୀ ସରାଫ, ଅଧ୍ୟାପକ ପୌଲସ୍ତ୍ୟ ସାହା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପସଭାପତି ଆନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ବିକାଶ ଡିଗ୍ରୀ କଲେଜରେ ଯୌନ ଉତ୍ପୀଡ଼ନ ସଚେତନତା

ବରଗଡ଼,୩୦।୭ (ସମିସ): ବିକାଶ ହାୟର ଏଜୁକେସ୍ନାଲ ଇନ୍ଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ଡିଗ୍ରୀ କଲେଜରେ ଯୌନ ଉତ୍ପୀଡ଼ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତା ଭାବେ ବରଗଡ଼ ତହସିଲଦାର ସୋନାଲୀ ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ପ୍ର.ସତ୍ୟବ୍ରତ ସ୍ୱାଗତ ଭାଷଣ ଦେଇଠିଲେ। ରାଜ୍ୟ ସରକାରଙ୍କ ସୂଚନା କ୍ରମେ ଅନୁଷ୍ଠାନରେ ଯୌନ ଉତ୍ପୀଡ଼ନ ବିରୋଧରେ ସଚେତନତା ଓ ତତ୍ପରତା ପାଇଁ ଇଣ୍ଟର୍ନାଲ୍ କମ୍ପ୍ଲେଣ୍ଟସ କମିଟି ଗଠିତ ହୋଇଛି। ବିକାଶ ଡିଗ୍ରୀ କଲେଜ୍‌ରେ କର୍ମରତ ମହିଳା କର୍ମଚାରୀ ଏବଂ ଛାତ୍ରୀ ସୁରକ୍ଷିତ ରହିବା ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବା ସହ କୌଣସି ଅଭିଯୋଗ ଆସିଲେ ସାଲିସ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ବକ୍ତା ପଟ୍ଟନାୟକ ସମସ୍ତ ଛାତ୍ରୀ ଏବଂ ମହିଳା କର୍ମଚାରୀଙ୍କୁ ଧୈର୍ଯ୍ୟ ଓ ସାହସ ସହିତ ପରିସ୍ଥିତିର ମୁକାବିଲା କରିବା ପାଇଁ କହିଥିଲେ। ଷ୍ଟୁଡେଣ୍ଟ୍ ଆଫେୟାର ଡିନ୍ ଆରଏସ୍‌ଭି କ୍ରିଷ୍ଣା ଛାତ୍ର ଏବଂ ପୁରୁଷ କର୍ମଚାରୀଙ୍କୁ ଏବିଷୟ ପ୍ରତି ଦାୟିତ୍ୱବାନ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ଏବଂ ଇଣ୍ଟର୍ନାଲ୍ କମ୍ପ୍ଲେଣ୍ଟସ କମିଟି ମୁଖ୍ୟ ଅଧ୍ୟାପିକା ସୋନୁ ପ୍ରଧାନଙ୍କ ଦ୍ୱାରା ମୁଖ୍ୟ ବକ୍ତା ସୋନାଲୀ ପଟ୍ଟନାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କମ୍ପ୍ଲେଣ୍ଟସ କମିଟି ସଦସ୍ୟ ଅବୁଲ୍ ଫରିଦ୍‌ଖାନ୍, ତ୍ରିବେଣୀ ସାହୁ, ମୀନା ବାରିକ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ କୋର୍ଡିନେଟର୍ ସୁରଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟକ୍ଷ ଶ୍ରୀ ମିଶ୍ରଙ୍କ ସଭାପତିତ୍ୱରେ ଅଧ୍ୟାପିକା ବର୍ଷା ପ୍ରିୟଦର୍ଶିନୀ ପ୍ରଧାନ ସଭା ସଞ୍ଚାଳନା ଦାୟିତ୍ୱ ତୁଲାଇଥିଲେ।

କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟିଲେ ସାଂସଦ

ପଦ୍ମପୁର,୩୦।୭ (ସମିସ): ବରଗଡ଼ ଜିଲ୍ଲା ପଦ୍ମପୁରରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା ଦାବି ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଅନୁରୋଧ କରିଛନ୍ତି। ଏହାର ସ୍ଥାପନା ହେଲେ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚସ୍ତରୀୟ ଶିକ୍ଷା ବ୍ୟବସ୍ଥା ନିର୍ମାଣ ହୋଇପାରିବ। ଯାହାଦ୍ୱାରା ସାଧାରଣ ଜନତାଙ୍କ ଶିଶୁମାନେ ଉପକୃତ ହେବା ସହ ସରକାରୀ କର୍ମଚାରୀ ମାନେ ଏହାର ଲାଭ ଉଠାଇପାରିବେ। ଅଞ୍ଚଳର ଦୀର୍ଘ ଦିନର ଆକାଂକ୍ଷାକୁ ପୂରଣ କରିବାରେ ମନ୍ତ୍ରଣାଳୟର ସମର୍ଥନକୁ ଅପେକ୍ଷା କରିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ସାଂସଦଶ୍ରୀ ପୁରୋହିତ କହିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସାଂସଦ ଭେଟିବା ପରେ ଖୁବଶୀଘ୍ର ମନ୍ତ୍ରଣାଳୟ ଏ ଦିଗରେ ଗ୍ରୀନ୍ ସିଗ୍ନାଲ ମିଳିବ ବୋଲି ଲୋକେ ଆଶା ରଖିଛନ୍ତି।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ସ୍ୱାସ୍ଥ୍ୟ ପରୀକ୍ଷଣ

ପଦ୍ମପୁର,୩୦।୭ (ସମିସ): ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁ ବାଟିକା ବିଭାଗର ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଇଛି। ଏହି ଅବସରରେ ତାଲପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଡ.ସମୀର ମେହେର ଯୋଗଦେଇ ୨୪୫ ଜଣ ଶିଶୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷଣ କରିଥିଲେ। ସେଥିରୁ ୧୨ ଜଣ ଶିଶୁଙ୍କର ଦାନ୍ତ ପୋକ ସମସ୍ୟା ଥିବା ଦର୍ଶାଇ ଥିଲେ। କାର୍ଯ୍ୟକ୍ରମରେ ପର୍ଯ୍ୟାୟ ପ୍ରମୁଖ ସୁଜାତା ତ୍ରିପାଠୀ ସହଯୋଗ କରିଥିଲେ।

ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ପଦ୍ମପୁର,୩୦।୭ (ସମିସ): ରାଜବୋଡାସମ୍ବର ବ୍ଲକ୍ କନସିଂହା କ୍ଲଷ୍ଟର ଅଧୀନ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମାଧବ ବରିହା ବିଦ୍ୟାଳୟ କମିଟି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଚାଳନା କମିଟି ସଭାପତି ସମେତ ଅନ୍ୟ ସଭ୍ୟ ସଭ୍ୟା ଗଣ ଯୋଗଦାନ କରିଥିଲେ। ବିଦ୍ୟାଳୟର ଆନୁଷଙ୍ଗିକ, ଶୈକ୍ଷିକ ଉନ୍ନତି ସମ୍ବନ୍ଧେ ଆଲୋଚନା କରିଥିଲେ। ଶେଷରେ ସହକାରୀ ଶିକ୍ଷୟତ୍ରୀ ସାବିତ୍ରୀ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

ଟଙ୍କା, ବାଇକ୍ ଓ ମାରଣାସ୍ତ୍ର ଜବତ

କୁଖ୍ୟାତ ଡକାୟତି ଗ୍ୟାଙ୍ଗ୍‌ର ୫ ଗିରଫ

ଭେଡେନ,୩୦।୭ (ସମିସ):

ଭେଡେନ ଥାନା ଅଞ୍ଚଳରେ ପୁଲିସକୁ ବଡ଼ ସଫଳତା ମିଳିଛି। ଭେଡେନ କୁଦପାଲି ରାସ୍ତାର ତାଳ ବୁରେଇରେ ଏକୁଟିଆ ରହୁଥିବା ଦମ୍ପତି ଆନ୍ତର୍ଜାମୀ ମେହେର(୭୦) ଓ ତପସ୍ୱିନୀ ମେହେର(୬୦)ଙ୍କ ଘରେ ଡକାୟତି କରିଥିବା ଡକାୟତଙ୍କୁ ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ୧୯ ତାରିଖ ଘରଭଡା ବାହାନାରେ ରାତ୍ରିରେ ଦୁର୍ବୃତ୍ତ ମାନେ ଘରକୁ ପଶି ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ଗୋଟିଏ ଘରେ ବାନ୍ଧି ଆଲମାରୀ ଭାଙ୍ଗି ନଗଦ ୪୦ ହଜାର ଟଙ୍କା ୨୫ ଗ୍ରାମ ସୁନା, ୨ ଟି ମୋବାଇଲ ସମେତ ଅନେକ ସାମଗ୍ରୀ ଚୋରି କରି ଫେରାର ମାରିଥିଲେ। ଘଟଣାରେ ଭେଡେନ ଥାନା ଅଧିକାରୀ ସୁଶାନ୍ତ ଦାଶଙ୍କ ତତ୍ତ୍ୱାବଧାନରେ ପୁଲିସ ଟିମ ତଦନ୍ତ ଜାରି ରଖିଥିଲା। ଡକାୟତି ଘଟଣାରେ ପୁଲିସ ଭେଡେନ ଥାନା ବାଞ୍ଜିପାଲି ଗାଁର କୁଖ୍ୟାତ ଡକାୟତ ଦୁଷ୍ମନ୍ତ ମେହେର (୩୧) ସମେତ ବରଗଡ଼ ରେଙ୍ଗାଳପାଲି ଗାଁର ବଳିଷ୍ଠ ସେଟ(ଗହଦୁ) (୨୮), ଭୁବନ ଗଡ଼ତିଆ (ପିଣ୍ଟୁ) (୨୭), ଜିତେନ୍ଦ୍ରୀୟ ବନଛୋର (୩୦) ଓ ନୂଆଁ ସରସରାର ଗାଁର ତୁଷାର ଭୋଇ (୨୫) ବୋଲି ପୁଲିସ ପକ୍ଷରୁ ସୂଚନା ରହିଛି। ତଦନ୍ତ ବେଳେ ଏପ୍ରିଲ ମାସ ୨୩ ରାତିରେ ରକ୍ଷୁଡା ଫାଣ୍ଡି ଅଧୀନ ଦେଶ ପଥଲ୍ଲା ଗାଁରେ ହୋଇଥିବା ଡକାୟତି ଘଟଣାରେ ମଧ ଏମାନେ ସଂଶ୍ଳିଷ୍ଟ ଥିବା ପୁଲିସ ପ୍ରକାଶ କରିଛି। ୨୩ ତାରିଖ ଏମାନେ ଗୀତାଞ୍ଜଳି ସିଂଙ୍କ ଘରକୁ ପଶି ପରିବାର ଲୋକଙ୍କୁ ଭୟଭୀତ କରି ୫ ହଜାର ଟଙ୍କା ଓ ସୁନା ସାମଗ୍ରୀ ଚୋରି କରିଥିଲେ। ଉଭୟ ଡକାୟତି ଘଟଣାରେ ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

ଚୋରି ବ୍ଲୁପ୍ରିଣ୍ଟ ଜେଲ ଭିତରେ ହୋଇଥିବା ଜଣାପଡ଼ିଛି। ବରପାଲି ବ୍ୟାଙ୍କ ଚୋରି ଘଟଣାରେ ପିଣ୍ଟୁ ଜେଲରେ ଥିଲା। ଏପଟେ ପପଙ୍ଗାର ଏକ ଘରୁ ଡକାୟତି କରିଥିବା ଅଭିଯୋଗରେ ଦୁଷ୍ମନ୍ତ ଜେଲ ଯାଇଥିଲା। ଉଭୟ ଜେଲରେ ରହିବା ବେଳେ ବନ୍ଧୁତା ହୋଇଥିଲା ଏବଂ ଡକାୟତି ଯୋଜନା ହୋଇଥିଲା। ଜେଲରୁ ଉଭୟ ବାହାରିଲା ପରେ ପିଣ୍ଟୁ ତାର ଢାବା ଚଳାଇଥିଲା। ତୁଷାର ଓ ଜିତେନ୍ଦ୍ରୀୟ ସହ ତାର ଢାବାରେ ବନ୍ଧୁତା ହୋଇଥିଲା। ପରେ ଏହି ଦୁଷ୍ମନ୍ତ ସେମାନଙ୍କ ସହ ଯୋଗ ଦେବା ସହ ଢାବା କର୍ମଚାରୀ ବଳିଷ୍ଠ ମଧ୍ୟ ମିଶିଥିଲା। ସମସ୍ତ ୫ ଜଣ ଏକାଠି ହୋଇ ଡକାୟତି ଯୋଜନା କରିଥିଲେ। ୧୯ ତାରିଖ ଘଟଣା ଦିନ ସମସ୍ତ ୫ ଜଣ ରାତି ୯ଟାରେ ମେହେର ଦମ୍ପତିଙ୍କ ଘର ପାଖେ ପହଞ୍ଚିଥିଲେ। ପ୍ରଥମେ ତୁଷାର ଓ ପିଣ୍ଟୁ ଘର ଭଡା ମାଗିବା ବାହାନାରେ ଘରକୁ ଯାଇଥିଲେ। ଘର ମାଲିକ ମନା କରିବାରୁ ପରେ ପୁଣିଥରେ ପାଣି ପିଇବାକୁ ମାଗିଥିଲେ। ପାଣି ବୋତଲ ଫେରାଇବା ଆଳରେ କବାଟକୁ ଠେଲି ସମସ୍ତେ ଭିତରକୁ ପଶି ବୃଦ୍ଧ ଦମ୍ପତିଙ୍କୁ ବାନ୍ଧି ନଗଦ ୪୦ ହଜାର ଟଙ୍କା ଓ ସୁନା ଗହଣା ନେଇ ଫେରାର ହୋଇଥିଲେ। ପପଙ୍ଗା ପାହାଡରେ ନଗଦ ୪୦ ହଜାର ଟଙ୍କାକୁ ଭାଗ କରିଥିଲେ। ଦୁଷ୍ମନ୍ତ ସମସ୍ତ ସୁନାକୁ ରଖିଥିବା ବେଳେ ପିଣ୍ଟୁକୁ ଗୋଟିଏ ସୁନାହାର ବିକ୍ରି କରିବାକୁ ଦେଇଥିଲା। ପରେ ସବୁ ସୁନା ବିକ୍ରି ପରେ ପୁଣି ସବୁ ଟଙ୍କା ଭାଗ ହେବ ବୋଲି କଥା ଛିଡିଥିଲା। ସେହି ସୁନା ସବୁ ବରଗଡ଼ର ବାଜାଜ ଫାଇନାନ୍ସ ଓ ମନପୁରମରେ ଦେଇ ଟଙ୍କା ଆଣି ସମସ୍ତେ ଭାଗ କରିଥିବା ଡକାୟତ ମାନେ ପ୍ରକାଶ କରିଛନ୍ତି। ଅଧିକ ତଦନ୍ତ କରିବାରୁ ଦେଶ ପଥଲ୍ଲା ଡକାୟତି ଘଟଣାରେ ମଧ ସମସ୍ତେ ସଂପୃକ୍ତ ଥିବା ପ୍ରକାଶ କରିଛନ୍ତି। ପୁଲିସ ଡକାୟତି ଘଟଣାରେ ୨ ଟି ବାଇକ, ନଗଦ ୪୦ହଜାର ଟଙ୍କା ଓ ଡକାୟତିରେ ବ୍ୟବହୃତ ମାରଣାସ୍ତ୍ର ଜବତ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି।

ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ଝକେର କବିତା ସାଲ

ବରଗଡ଼,୩୦।୭ (ସମିସ): ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ଝକେର କବିତା ସାଲ ୨୦୨୫ ଲୁଲୁରବିନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଜୁଏହୁଲା ଖବରକାଗଜ ଆନୁକୂଲ୍ୟରେ ବରଗଡ଼ ଗାନ୍ଧୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦିଲୀପ ସାହୁ ସଭାପତିତ୍ୱ କରିଥିଲେ। ପ୍ରଥମ ଅଧିବେଶନରେ ସମ୍ପାଦକ ଅରକ୍ଷିତ ଚନ୍ଦ୍ର ମହାନନ୍ଦଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ.ତପସ୍ୱୀନି ଗୁରୁ, ଅଧ୍ୟାପିକା ବୈଜୟନ୍ତୀ ସାହୁ, ଶାସ୍ତ୍ରୀୟ ଶବ୍ଦ ନୃତ୍ୟ ଗୁରୁ ଭାଗବତ ପଧାନ ଭାଗବତିଆ ଏବଂ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଲିଙ୍ଗରାଜ ବେହେରା ଯୋଗ ଦେଇଥିଲେ। ଏକମାସରୁ ଉର୍ଦ୍ଧ୍ୱ ହେବ ବିଭିନ୍ନ ଜିଲ୍ଲାରେ ଗୁରୁ ଭଗବାନ ସାହୁଙ୍କ ଜନ୍ମ ବାର୍ଷିକୀ ଅନୁଷ୍ଠିତ ହେଉଛି। ଗୁରୁ ଭଗବାନ ସାହୁଙ୍କ ନାଁରେ ଏକ ପ୍ରେକ୍ଷାଳୟ ନାମିତ କରିବାକୁ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଘୋଷଣା କରିଥିଲେ। କବି ନିସାର ଅହମଦ ନିସାରଙ୍କ ସମ୍ବଲପୁରୀ କବିତା ସଙ୍କଳନ ପୁସ୍ତକ 'ଭାବ୍' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ କବି ମନୋଜ ବାଗଙ୍କୁ ମଦର ଟେରେସା ସେବାରତ୍ନ ସମ୍ମାନ, କବି ସୁଦାମ ସୁନାଙ୍କୁ ଗୁରୁ ଭଗବାନ ସାହୁ ସ୍ମୃତି ସମ୍ମାନ, କୈବୟିତ୍ରୀ ଜୀବେଶ୍ୱରୀ ପଟେଲ ଏବଂ ଡ.ଇତିଶ୍ରୀ ଦାସଙ୍କୁ ମାତା ସାବିତ୍ରୀ ବାଇ ଫୁଲେ ସ୍ମୃତି ସମ୍ମାନ ସମେତ ବହୁ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। କବି ଅମୂଲ୍ୟ ବେହେରା ସନ୍ତୋଷିନୀ ନାଗ, ଡ.ଇତିଶ୍ରୀ ଦାଶ, ସଙ୍ଗୀତା ଦୀପ ମାନପତ୍ର ପାଠ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ନାଟ୍ୟକାର ଫଗୁନୁ କୁମ୍ଭାରଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଅଧ୍ୟାପିକା ଡ.ଇତିଶ୍ରୀ ଦାଶ, ସମ୍ମାନିତ ଅତିଥି ନାଟ୍ୟକାର କୈବୟିତ୍ରୀ ଜୀବେଶ୍ୱରୀ ପଟେଲ ଡ.ଶିବପ୍ରୀୟା ମିଶ୍ର,

ଅଭିନେତା ପ୍ରଦୀପ ଦେବତା, ପ୍ରାଧ୍ୟାପକ ସନ୍ତୋଷ ପଣ୍ଡା, ସାହିତ୍ୟିକ ମନୋରଞ୍ଜନ ମେହେର, ସର୍ଦ୍ଦାର ପ୍ରୀତମ ସିଂ, ମୁଖ୍ୟ ବକ୍ତା ଡ.ମନୋରଞ୍ଜନ ବାଘ ପ୍ରମୁଖ ଯୋଗ ଦେଇଥିଲେ। କୈବୟିତ୍ରୀ ସଙ୍ଗୀତା ଦୀପ ଏବଂ ସନ୍ତୋଶିନୀ ନାଗଙ୍କ ସଂଯୋଜନାରେ ଗୁରୁ ଭଗବାନ ସାହୁଙ୍କ ଉପରେ ବିଭିନ୍ନ ଜିଲ୍ଲାରୁ କବି ମାନଙ୍କ ଦ୍ୱାରା କବିତା ଆସର ହୋଇଥିଲା। ଏଥିରେ କବି ଭିକାରୀ ଚରଣ ପ୍ରଧାନ, ଭୋଜରାଜ ବୁଡେକ, ଅମୂଲ୍ୟ ବେହେରା, ବିକ୍ରମ ସାହୁ ପୁଷ୍ପଲତା ପାଣିଗ୍ରାହୀ, ନିତମ୍ବିନି କର, ସୁଷମା ପଟେଲ, ଜିବେଶ୍ୱରୀ ପଟେଲ, ବନାନୀ ବାଳା ନାୟକ, ଜଟାଧାରୀ ପ୍ରଧାନ, ଡୋଲାମଣି ପାଇକ, ରୁଷଭ ବିଶି, କିଶୋର ଚନ୍ଦ୍ର ପାତ୍ର, ଦୁର୍ଲଭ ଗଡତିଆ, ଡ.ଇତିଶ୍ରୀ ଦାଶ, ବୈଜୟନ୍ତୀ ପଣ୍ଡା, ସୁଦୃମା ପଣ୍ଡା, ଜୟଶ୍ରୀ ପଣ୍ଡା, ସର୍ଦ୍ଦାର ପ୍ରିତ୍ମ ସିଂ, ବୈଜୟନ୍ତୀ ସାହୁ, ସୁଦାମ ସୁନା, ମାନସରଞ୍ଜନ ଦାଶ, ତରଣୀସେନ ଗୁରୁ, ସନ୍ତୋଷିନୀ ଦାଶ, ରଣଜିତ ପଧାନ, ପ୍ରତିମା ପାତ୍ର, ରାଧାକାନ୍ତ ସୁନା, ଇନ୍ଦ୍ରମଣି କୁମ୍ଭାର, ନିସାର ଅହମଦ ନିସାର, ଗନ୍ଧର୍ବ ବେହେରା, ସଙ୍ଗୀତା ଦୀପ, ସନ୍ତୋଶିନୀ ନାଗ ପ୍ରମୁଖ କବିତା ପାଠ କରିଥିଲେ। ଅଧ୍ୟାପିକା ବୈଜୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯୁଗଳ ପ୍ରାସାଦ ସିଂ, କୃଷ୍ଣ ଚନ୍ଦ୍ର ପଣ୍ଡା, ତୁଳସୀ ଚରଣ ଦାଶ, ସନ୍ତୋଷ ଦାଶ, ପଞ୍ଚାନନ ବାରିକ, ଚନ୍ଦ୍ରକାନ୍ତୀ ମେହେର, ଅମୂଲ୍ୟ ବେହେରା, ଶୈଳବାଳା ମହାନନ୍ଦ, ସାରଥି ମେହେର ପ୍ରମୁଖ ସହଯୋଗ କରିଥିଲେ।

ପଶ୍ଚିମ ଓଡ଼ିଶା ୱେବ୍ ମିଡିଆ ସଂଘର ବାର୍ଷିକୋତ୍ସବ

ବରଗଡ଼,୩୦।୭ (ସମିସ): ସାଂପ୍ରତିକ ଇଣ୍ଟରନେଟ୍ ଯୁଗରେ କୌଣସି ଖବର ଜାଣିବା ପାଇଁ ଆଉ ଅପେକ୍ଷା କରିବାକୁ ପଡୁ ନ ଥିବା ବେଳେ ୱେବ୍ ମିଡିଆ ଖବର ଅପେକ୍ଷାର ଅନ୍ତ ଘଟାଇ ଜନ ସାଧାରଣଙ୍କ ସ୍ୱର ଭାବେ ଲୋକଙ୍କ ପାଖରେ ପହଞ୍ଚି ପାରିଛି। ଏପରିକି ଖବର ପରିବେଷଣରେ ୱେବ୍ ମିଡିଆ ସର୍ବାଗ୍ରେ ରହିଥିବା ବେଳେ ସାଧାରଣ ଜନତାଙ୍କ ଶାଣିତ ସ୍ୱର ହେଉ ବୋଲି ଯଦୁମଣି ପ୍ରଧାନ ଅଡିଟୋରିଅମ୍ ଠାରେ ପଶ୍ଚିମ ଓଡ଼ିଶା ୱେବ୍ ମିଡିଆ ସଂଘର ବାର୍ଷିକ ଉତ୍ସବ ପାଳନ ଅବସରରେ ମତ ପ୍ରକାଶ ପାଇଛି। ସଂଘର ସଭାପତି ଅସିତ୍ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିଜେପୁର ବିଧାୟକ ସନତ ଗଡତୀଆ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ବଳରାମ ଦୀପ ସମ୍ପାଦକୀୟ ବିବରଣୀ ଉପସ୍ଥାପନା କରି ସଂଘର ବିଭିନ୍ନ ଦାବି ଉପସ୍ଥାପନା କରିଥିବା ବେଳେ ଉପ ସଭାପତି ଧିରେନ୍ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ସମାଜସେବୀ, ସାମ୍ବାଦିକ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହସମ୍ପାଦକ ଲୀଳାମୟ ବେହେରା, ମୁଖ୍ୟ ଉପଦେଷ୍ଟା ଧର୍ମଦତ୍ତ ପାଢ଼ୀ, ସଦସ୍ୟ ଦୟା ପାଇକ, ସୁରେନ୍ଦ୍ର ତାଣ୍ଡି, ଲିପନ ହୋତା, ନାରାୟଣ ବେହେରା ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ଜିଲ୍ଲାରୁ ଆସିଥିବା ସାମ୍ବାଦିକ ମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ସହ ସମ୍ପାଦକ ଲୀଳାମୟ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

ସମୀକ୍ଷା ବୈଠକରେ ଗର୍ଜିଲେ କାଉନସିଲର

ପଦ୍ମପୁର,୩୦।୭ (ସମିସ): ଦୀର୍ଘ ଦିନର ସମସ୍ୟାକୁ ନେଇ ସମୀକ୍ଷା ବୈଠକରେ ବୁଧବାର କାଉନସିଲର ଇଂ.କୁନାଲ ପାଣିଗ୍ରାହୀ ଗର୍ଜିଛନ୍ତି। ପଦ୍ମପୁର ଉପଖଣ୍ଡ ସଦର ମହକୁମା ବିଜ୍ଞାପିତ ଅଞ୍ଚଳ ପରିଷଦ ୨ ନମ୍ବର ୱାର୍ଡର ବିଭିନ୍ନ ସମସ୍ୟାକୁ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ତୁମୁଳକାଣ୍ଡ ହୋଇଛି। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଶ୍ରୀ ପାଣିଗ୍ରାହୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୨ ନମ୍ବର ୱାର୍ଡରେ ଭୁଲରାସ୍ତା ନିର୍ମାଣ ଯୋଗୁଁ ଲୋକଙ୍କ ଘରେ ପାଣି ପଶୁଛି। ଡ୍ରେନେଜ୍ ସମସ୍ୟା ୱାର୍ଡବାସୀଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି। ବାରମ୍ବାର ଅଭିଯୋଗ କଲେ ବି ଫଳ ଶୂନ ରହିଛି। ବର୍ଷା ସମୟରେ ପାଣି ଜମି ରହିଥିବାରୁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ନିଜେ କାଉନସିଲର ଆଜି ସମୀକ୍ଷା ବୈଠକ ଡାକିଥିଲେ। ବର୍ଷାଜଳ ନିଷ୍କାସନ ଓ ଡ୍ରେନେଜ୍ ସମସ୍ୟା, ବର୍ଷା ଦିନ ପୂର୍ବରୁ କେନାଲ ସଫା ନ ହେବା ନେଇ ସମସ୍ତ ଅଧିକାରୀଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଯଥାଶୀଘ୍ର ଏସବୁର ସମାଧାନ ନେଇ ତ୍ୱରୀତ ପଦକ୍ଷେପ ନେବାକୁ ସେ କହିଥିଲେ। ବିଶେଷକରି ମାଷ୍ଟର କଲୋନୀ, ଶାନ୍ତିନଗର, ନେହେରୁ ଗଳିର ସମସ୍ୟା ନେଇ ସେ ବୈଠକରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାସହ ୱାର୍ଡର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ, ସଫେଇ କାମ, ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ୱାର୍ଡର ସୌନ୍ଦର୍ଯ୍ୟକରଣ, ଟିକସ ସଂଗ୍ରହ ଆଦିର ସମୀକ୍ଷା ହୋଇଥିଲା। ସମୀକ୍ଷା ବୈଠକରେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଟିକସ, କଲେକ୍ଟର, ସାନିଟେସନ ଅଫିସର, କନିଷ୍ଠ ଯନ୍ତ୍ରୀ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ, ଜଳସାଥୀ, ସ୍ୱଚ୍ଛ ସାଥୀଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ସମ୍ବଲପୁରୀ ଦିନ ପାଇଁ ଧନୁଯାତ୍ରାର କଂସ ମହାରାଜଙ୍କୁ ନିମନ୍ତ୍ରଣ

ବରଗଡ଼,୩୦।୭ (ସମିସ): ବରଗଡ଼ର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଆପ୍ରାଇଜ ଗ୍ରୁପ ଅଫ୍ ଇନଷ୍ଟିଟ୍ୟୁସନ୍ ତରଫରୁ ଆସନ୍ତା ୧ରେ ପାଳନ ହେବାକୁ ଥିବା ସମ୍ବଲପୁରୀ ଦିନ ପାଇଁ ଧନୁଯାତ୍ରାର ମହାରାଜ କଂସଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଛି। ଏଥି ସକାଶେ ଇନଷ୍ଟିଟ୍ୟୁସନ୍‌ର ସଦସ୍ୟ ମାନେ ତାଙ୍କ ବାସଭବନରେ ପହଞ୍ଚିଥିଲେ। ତାଙ୍କର ଗୋଡ ଧୋଇବା ସହିତ ମିଷ୍ଟାନ୍ନ, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ବରଣ କରାଯାଇଥିଲା। ସମ୍ବଲପୁରୀ ଭାଷା, ଖାଦ୍ୟ ଓ କଳା ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଏହି ଗ୍ରୁପର ମୁଖ୍ୟ ଲକ୍ଷ୍ୟ ବୋଲି ଇନଷ୍ଟିଟ୍ୟୁସନ୍‌ର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ.ମୁକୁନ୍ଦ ଦାଶ ସୂଚନା ପ୍ରଦାନ କରିଛନ୍ତି।

ଦ.ଆଫ୍ରିକାର କିଲିମାଞ୍ଜାରୋ ପର୍ବତାରୋହଣ ପାଇଁ ଓଡ଼ିଆ ଯୁବକ ଆଶୀର୍ବାଦ ମନୋନୀତ

ବରଗଡ଼,୩୦।୭ (ସମିସ):

ବରଗଡ଼ ଜିଲ୍ଲା ସ୍ଥିତ କୁଲିତା ଟୁକୁରା ଗାଁର ଯୁବ ପର୍ବତାରୋହୀ ଆଶୀର୍ବାଦ (ଅନୁପ) ମହାପାତ୍ର ଆସନ୍ତା ଅଗଷ୍ଟ ୨ ତାରିଖ ଦକ୍ଷିଣ ଆଫ୍ରିକାର କିଲିମାଞ୍ଜାରୋ ଅଭିମୁଖେ ପର୍ବତାରୋହଣ ପାଇଁ ଯାତ୍ରା କରିବେ। ଏହା ପୂର୍ବରୁ ସେ ଗତକାଲି ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟିଥିଲେ। ଜିଲ୍ଲାପାଳ ଶ୍ରୀ ଗୋୟଲ ଆଶୀର୍ବାଦଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ

ଶୁଭେଚ୍ଛା ଜଣାଇଲେ ଜିଲ୍ଲାପାଳ

ସେଠାକାର ଫଟୋ ଗୁଡିକ ତାଙ୍କ ପାଖକୁ ପଠାଇବାକୁ କହିଥିଲେ।

ଅନୁପ ପର୍ବତାରୋହଣ କରିବା ବାଲ୍ୟକାଳର ସ୍ୱପ୍ନ ତଥା ନିଜ ସ୍ୱପ୍ନକୁ ସେ ଜିଉଁଥିବା କଥା ପ୍ରକାଶ କରିଛନ୍ତି। ପ୍ରତ୍ୟାବର୍ତ୍ତନ ପରେ ଭାରତରେ ଆଗାମୀ ପିଢ଼ିଙ୍କୁ ପର୍ବତାରୋହଣ ବିଷୟରେ ଅବଗତ କରେଇବା ତଥା

ଆବଶ୍ୟକ ସ୍ଥଳେ ଉଚିତ ତାଲିମ ପ୍ରଦାନ କରି ଭାରତର ନାମ ବିଶ୍ୱ ଦରବାରରେ ଚମକାଇବେ ବୋଲି କହିଛନ୍ତି।

ଦକ୍ଷିଣ ଆଫ୍ରିକାରେ ପହଞ୍ଚିବା ପରେ ସେ କିଲିମାଞ୍ଜାରୋ ପର୍ବତାରୋହଣ କରିବେ। ଆଶୀର୍ବାଦଙ୍କ ଟିମ୍‌ରେ ଲଣ୍ଡନ, ଆମେରିକା, ଇରାନ, ବ୍ରାଜିଲ, ଜର୍ମାନୀ, ରୁଷ, ସାଉଦି ଆରବ, ଦୁବାଇର ପର୍ବତାରୋହୀମାନେ ରହିଛନ୍ତି। ଏକମାତ୍ର ଭାରତୀୟ ଭାବେ କେବଳ ଆଶୀର୍ବାଦ ଏହି ପର୍ବତ ଆରୋହଣ ପାଇଁ ମନୋନୀତ ହୋଇଛନ୍ତି। କାଶ୍ମୀରର ପହଲଗାମ୍ ସ୍ଥିତ ଜବାହର ଇନଷ୍ଟିଚ୍ୟୁଟ ଅଫ ମାଉଣ୍ଟେରିଂ ପକ୍ଷରୁ ଆଶୀର୍ବାଦଙ୍କୁ ମନୋନୀତ କରାଯାଇଛି। ଏହା ପୂର୍ବରୁ ସେ ଟାଟାକୋଠି, ହରମୁଖ, ତ୍ରିଶୂଳ, ନୀଳକଣ୍ଠ, ସନସେଟ୍, ଗୋଲ୍ଡ ଟପ୍, ଟେବୁଲ୍ ଟପ୍, ସ୍ଲିଫିଂଲେଡି ମାଉନଟେନ୍ ଆଦି ଆରୋହଣ କରି ଦେଶ ପାଇଁ ଗୌରବ ଅର୍ଜନ କରିଛନ୍ତି। ବର୍ତ୍ତମାନ ସେ ଦକ୍ଷିଣ ଆଫ୍ରିକାରେ କିଲିମାଞ୍ଜାରୋ ପର୍ବତ (୫୮୯୫ ମିଟର) ଆରୋହଣ କରିବା ପାଇଁ ଶାରୀରିକ ଓ ମାନସିକ ସ୍ତରରେ ପ୍ରସ୍ତୁତ ହେଉଛନ୍ତି। ମାଉଣ୍ଟେରିଂ ଇନଷ୍ଟିଚ୍ୟୁଟର କ୍ୟାପଟେନ ସୌକତ ଅଲିଙ୍କ ତତ୍ତ୍ୱାବଧାନରେ ଆଶୀର୍ବାଦ ଏହି ଦୁଃସାହସିକ ପର୍ବତାରୋହଣ କାମ କରିବେ।

ବରିଷ୍ଠ ନାଗରିକ ସଂଘ ସଦସ୍ୟଙ୍କ ଚକ୍ଷୁ ପରୀକ୍ଷା

ଅତାବିରା,୩୦।୭ (ସମିସ): ଅତାବିରା ବରିଷ୍ଠ ନାଗରିକ ସଂଘର ସଦସ୍ୟମାନଙ୍କ ପାଇଁ ମହାନଦୀ ଭିଜନ ସେଣ୍ଟର ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଚକ୍ଷୁରୋଗ ବିଶେଷଜ୍ଞ ଡ.ପି ଦାଶ, ଡ.ଦେବାଶିଷ ମେହେର ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। ସଦସ୍ୟମାନଙ୍କ ଗ୍ଲୁକୋମା ଓ ଦୃଷ୍ଟିପଟଳ ସମ୍ବନ୍ଧୀୟ ରୋଗ ପରୀକ୍ଷା କରାଯାଇ ମାଗଣା ଔଷଧଓ ଚଷମା ପ୍ରଦାନ କରାଯାଇଥିଲା।

ଓଡିଶା ସୂଚନା କମିଶନକୁ ନେଇ ଅସନ୍ତୋଷ

ବିନା ଶୁଣାଣିରେ ଖାରଜ ହେଉଛି ଶହ ଶହ ମାମଲା

ବଲାଙ୍ଗିର,୩୦।୭(ସମିସ):

ରାଜ୍ୟରେ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆହ୍ୱାନ ଦେଇଛନ୍ତି। କିନ୍ତୁ ତାଙ୍କ ଦ୍ୱାରା ନିଯୁକ୍ତ ସୂଚନା କମିଶନ ସଦସ୍ୟମାନେ ସ୍ୱଚ୍ଛ ଶାସନ ପାଇଁ କାର୍ଯ୍ୟକାରୀ ହେଉଥିବା ସୂଚନା ଅଧିକା ଆଇନକୁ ତଳିତଳାନ୍ତ କରିବାରେ ଲାଗିଥିବା ଅଭିଯୋଗ ହୋଇଛି । ଏନେଇ ଓଡିଶା ସୂଚନା ଅଧିକାର ଅଭିଯାନ ବଲାଙ୍ଗିର ଶାଖା ତରଫରୁ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ରାଜ୍ୟ ସରକାର ଗତ ଏପ୍ରିଲ ୨୦୨୫ ରେ ଜଣେ ମୁଖ୍ୟ ସୂଚନା କମିଶନର ଓ ତିନି ଜଣ ସୂଚନା କମିଶନର ନିଯୁକ୍ତି କରିଥିଲେ। ବଲାଙ୍ଗିର ଜିଲ୍ଲାର ସୂଚନା ଅଧିକାର କର୍ମୀ ଅର୍ଦ୍ଧେନ୍ଦୁ ନାରାୟଣ ବେହେରା ଗତ ଗତ ୩ ତାରିଖରେ କେଉଁ ସୂଚନା କମିଶନର କେତେ କେସ ଶୁଣାଣି ନ କରି ଖାରଜ କରିଛନ୍ତି। ଏହାର ତଥ୍ୟ ପ୍ରଦାନ କରିବାକୁ ସୂଚନା କମିଶନର କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଗତ ୨୧ ତାରିଖରେ ଏନେଇ ସୂଚନା କମିଶନ ବିନା ଶୁଣାଣିରେ ଖାରଜ କରିଥିବା କେସ ସଂପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ସୂଚନା ଅନୁସାରେ ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ୨୫୯ ଟି ଅଭିଯୋଗ ଓ ଦ୍ୱିତୀୟ ଅପିଲ କେସ ଶୁଣାଣି ନ କରି ଖାରଜ କରିଛନ୍ତି। ସେହିପରି ସୂଚନା କମିଶନର ଜଗନ୍ନାଥ ରଥ ୨୪୨ ଟି ଅଭିଯୋଗ କେସ ଖାରଜ କରିଛନ୍ତି। ପ୍ରାଣବନ୍ଧୁ ଆଚାର୍ଯ୍ୟ ୨୮ଟି କେସ୍ ଖାରଜ କରିଛନ୍ତି। ପବିତ୍ର ମଣ୍ଡଳ ୧୩୦ଟି କେସ ଖାରଜ କରିଦେଇଛନ୍ତି। କଳ୍ପନା ପଟ୍ଟନାୟକ ୮୮ଟି ଅଭିଯୋଗ କେସ ଶୁଣାଣି ନ କରି ଖାରଜ କରିଛନ୍ତି। ଏହିପରି ସମୁଦାୟ ୮୦୦ କେସ ଖାରଜ ହୋଇଥିବା ସୂଚନାରେ ଜଣାପଡିଛି ।ସୂଚନାଯୋଗ୍ୟ ଯେ, ଏହି ସମସ୍ତ କେସ ୨୦୨୧ ଓ ୨୦୨୨ ମସିହାର ଏହି ଦୁଇ ବର୍ଷ ପୂର୍ବରୁ ମଗାଯାଇଥିବା ମାମଲା। ତଥ୍ୟ ନ ମିଳିବାରୁ ନାଗରିକମାନେ ସୂଚନା କମିଶନରେ କେସ କରିଥିଲେ। ବର୍ତ୍ତମାନ ସୂଚନା କମିଶନରେ ଏହି ସବୁ କେସ ଶୁଣାଣି ଆରମ୍ଭ ହୋଇଛି। ଏହି ସବୁ କେସ ଗୁଡିକର ବହୁ ଗୁରୁତ୍ୱ ରହିଥିବାରୁ ଅପିଲକାରୀ ଅଭିଯୋଗକାରୀ ନାଗରିକମାନେ ସେମାନଙ୍କର କେସ ଶୁଣାଣି ପାଇଁ ଅପେକ୍ଷା କରିଥିଲା ବେଳେ ମୁଖ୍ୟ ସୂଚନା କମିଶନର ଶୁଣାଣି ନ କରି ଖାରଜ କରିଛନ୍ତି। ଅନେକ ଅଭିଯୋଗକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୨୧ ମସିହାରେ ନିବେଦିତା ରାୟ ନାମକ ଜଣେ ମହିଳା କଟକର ରଉଳିଆ ଗଞ୍ଜ ଥାନାରେ ତାଙ୍କ ସ୍ୱାମୀଙ୍କ ନାମରେ ହୋଇଥିବା ମିଥ୍ୟ ଅଭିଯୋଗର ବିବରଣୀ ଓ ସିସିଟିଭି ଫୁଟେଜ ମାଗିଥିଲେ ତଥ୍ୟ ନ ମିଳିବାରୁ ସେ ସୂଚନା କମିଶନରରେ ଅଭିଯୋଗ କରିଥିଲେ। ସୂଚନା କମିଶନ କେସକୁ ଶୁଣାଣି ନ କରି ଖାରଜ କରିଦେଇଛନ୍ତି। କମିଶନରଙ୍କ ଆଇନ ବିରୋଧୀ ନିଷ୍ପତ୍ତି ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ପିଟିସନକୁ ଗ୍ରହଣ କରି ସୂଚନା କମିଶନଙ୍କୁ ନୋଟିସ ଜାରି କରିଥିବା ସୂଚନା ଅଧିକାର କର୍ମୀ ସୂଚନା ଦେଇଛନ୍ତି। ସୂଚନା ଅଧିକାର ଆଇନ ଧାରା ୧୮, ୧୯ ଓ ୨୦ ଅନୁଯାୟୀ, ସୂଚନା କମିଶନ ଅପିଲ ଓ ଅଭିଯୋଗ ଗୁଡିକୁ ଶୁଣାଣି କରି ସୂଚନା ପ୍ରଦାନ କରାଇବେ ଓ ଆଇନ ଉଲଘଂନକାରୀ ପି.ଆଇ.ଓ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।ଓଡିଶା ସୂଚନା କମିଶନ (ଅପିଲ ପ୍ରକ୍ରିୟା) ନିୟମାବଳୀ ୨୦୦୭ ର ରୁଲ ୭ (୪) ଅନୁଯାୟୀ ସୂଚନା କମିଶନ କୌଣସି କେସ ଶୁଣାଣି ନ କରି ଖାରଜ କରିପାରିବ ନାହିଁ। ତେଣୁ ସୂଚନା କମିଶନ ଯେପରି ବେଆଇନ ଭାବେ କେସ ଖାରଜ କରୁଛନ୍ତି ଓ ନାଗରିକମାନେ ନ୍ୟାୟ ପାଉନାହାନ୍ତି ସେଥିପାଇଁ କମିଶନ ବିରୋଧରେ ଅସନ୍ତୋଷ ବଢିବାରେ ଲାଗିଛି। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ନିକଟରେ ଶହ ଶହ ଅଭିଯୋଗ ହୋଇଛି। ତେଣୁ ସୂଚନା କମିଶନଙ୍କ ବିରୋଧରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟପାଳଙ୍କ ନିକଟରେ ଓଡିଶା ସୂଚନା ଅଧିକାର ଅଭିଯାନ ବଲାଙ୍ଗିର ଶାଖା ପକ୍ଷରୁ ଦାବି କରାଯାଇଛି।ଦାବି ପୂରଣ ନହେଲେ ଆନ୍ଦୋଳନ କରିବାକୁ ମଧ୍ୟ ପଛାଇବେ ନାହିଁ ବୋଲି ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ନୀଳମଣି ଯୋଷୀ ପ୍ରକାଶ କରିଛନ୍ତି।

ଗଣେଶ ପୂଜା, ନୂଆଁଖାଇ ପାଇଁ ପ୍ରସ୍ତୁତି

ସୁବଳୟା,୩୦।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଭାଲୁଡୁଙ୍ଗୁରି ଗ୍ରାମରେ ଚଳିତ ବର୍ଷ ୩୦ତମ ଗଣେଶ ପୂଜା ଓ ନୂଆଁଖାଇ ଅବସରରେ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ "ପ୍ରତିଭା'ର ଚତୁର୍ଥ ସଂସ୍କରଣ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି। ଗ୍ରାମର ଭଗବତ ମନ୍ଦିର ପରିସରରେ ଆୟୋଜିତ ଏହି ବୈଠକରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କମିଟିର ସଦସ୍ୟ ସରୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗଣେଶ ପୂଜା ପୂର୍ବାହ୍ଣ ୧୧ଟାରୁ ଆରମ୍ଭ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗଣେଶ ପୂଜା ଓ ପୁଷ୍ପାଞ୍ଜଳି ଅର୍ପଣ ପରେ ଅପରାହ୍ଣ ୧ଟାରେ ପ୍ରସାଦ ସେବନ ଏବଂ ଅଗଷ୍ଟ ୨୯ ତାରିଖ ଦିନ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଆଲୋଚନା କରାଯାଇଥିଲା। ଗଣେଶ ପୂଜା କମିଟିର ସଂପାଦକ ମଦନ ସାହୁ କହିଛନ୍ତି, "ପ୍ରତିଭା' କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ସାହୁଙ୍କୁ ମୁଖ୍ୟ ଅତିଥି ଓ ସାହିତ୍ୟିକ ତଥା ସଂଗଠକ ରାଧେଶ୍ୟାମ ମିଶ୍ରଙ୍କୁ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହିବେ। ଭାଲୁଡୁଙ୍ଗୁରି ଗ୍ରାମର ସମାଜସେବୀ ପ୍ରତାପ ମଲ୍ଲିକଙ୍କୁ ମାନପତ୍ର ସହିତ ସମ୍ମାନିତ କରାଯିବ। ସମାରୋହରେ ଗ୍ରାମର ଅନ୍ୟ ଯୁବ ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ। ସେହିଭଳି ଚଳିତ ବର୍ଷ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଉପହାର ଦିଆଯିବ। ବରିଷ୍ଠ ଓ କନିଷ୍ଠ ବର୍ଗରେ ଆୟୋଜିତ ଚିତ୍ରାଙ୍କନ, ସାଧାରଣଜ୍ଞାନ, ଗୀତ ଓ ନୃତ୍ୟ ପ୍ରତିଯୋଗିତା ହେବ। ଏହି ବୈଠକରେ ପୂଜା କମିଟିର ସଦସ୍ୟ ଦୀପକ ସାହୁ, ଆକାଶ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଗିରିଧାରୀ ମଲ୍ଲୀକ, ବାବୁ ଦେହୁରୀ, ଗୋପୀନାଥ ସାହୁ, ଧନଞ୍ଜୟ ମାଝୀ, ହେମନ୍ତ ମାଝୀ, ଗଦାଧର ସାହୁ, ଲିକୁନ ସାହୁ, ବୁଲୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅନ୍‌ଲାଇନ୍ ମାଧ୍ୟମରେ ଭୁବନେଶ୍ୱରରୁ ମହେନ୍ଦ୍ର ସାହୁ, ସୋନପୁରରୁ ସୁବ୍ରତ ସାହୁ, ଭଗବାନ ଧଳ ଏବଂ ତାମିଲନାଡୁରୁ ଅନେକ ସଦସ୍ୟ ଯୋଡ଼ି ହୋଇଥିଲେ।

ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଶଗଡା,୩୦।୭(ସମିସ): କନ୍ଧମାଳ ନାରାୟଣପ୍ରସାଦ ରାସ୍ତାର ଘୁଟାଙ୍ଗି ଛକ ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ନାରାୟଣ ପ୍ରସାଦ ପଞ୍ଚାୟତ ଭଟ୍ଟାଗୋରା ଗ୍ରାମର ଟଙ୍କଧର ଭୋଇଙ୍କ ମୃତ୍ୟୁ ଘଟିଛି। ସେହି ଗାଁର ବସନ୍ତ ଗୁରୁତର ହୋଇଛନ୍ତି। କନ୍ଧମାଳ ଦମକଳ କେନ୍ଦ୍ରର ଗାଡିରେ ଉଭୟଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର କିନ୍ତୁ ଟଙ୍କଧରଙ୍କୁ ମୃତ ଘୋଷଣା କରିଥିଲେ।

କନ୍ଧମାଳ ହାଇସ୍କୁଲରେ ଜୀବନରକ୍ଷା କୌଶଳ ପ୍ରଶିକ୍ଷଣ

ଶଗଡା,୩୦।୭(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ସଦର ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡକ୍ରସ ଆନୁକୂଲ୍ୟରେ ଜୀବନରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ବନମାଳୀ ମେହେର ତାଲିମଦାତା ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଏମ. ମାଧୁରୀ ଦୋରା ସଂଯୋଜନା କରିଥିବାବେଳେ ଶିକ୍ଷକ ଆଲୋକ ପରଡ଼ିଆ ପରିଚାଳନା କରିଥିଲେ। ଶିକ୍ଷକ ମନୋରଂଜନ ପ୍ରଧାନ, ଶିକ୍ଷୟିତ୍ରୀ ହେମବନ୍ତି ବାଘ, ଶିକ୍ଷକ ସୁଜିତ୍ ତରିଆ, ସତ୍ୟଜିତ ପଣ୍ଡା, ସରୋଜ ସାହୁ, ଶିକ୍ଷୟିତ୍ରୀ ମୀରାବାଇ ଧାରୁଆ, ଶିକ୍ଷକ ଦୁଷ୍ମନ୍ତ ବିଶାଳ, ବୀରଭଦ୍ର ମିଶ୍ର, ନିଳୀମା ପ୍ରଧାନ, ମନୋଜ୍ ବନଛୋର ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସୁପ୍ରିୟା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

ଦିବ୍ୟାଙ୍ଗ ଶିଶୁଙ୍କୁ ସହାୟତା ଉପକରଣ ବିତରଣ

ମନମୁଣ୍ଡା,୩୦।୭(ସମିସ): କନ୍ଧମାଳ ଉଚ୍ଚ ବିଦ୍ୟାଳୟରେ ଦିବ୍ୟାଙ୍ଗ ଶିଶୁଙ୍କୁ ସହାୟତା ଉପକରଣ ବିତରଣ କରାଯାଇଛି। କନ୍ଧମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଳି, ହରିଶଙ୍କର ଦଣ୍ଡସେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନୀଳମଣି ପଣ୍ଡା ଓ କନ୍ଧମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ପ୍ରଧାନ ଅତିଥିଭାବେ ଯୋଗ ଦେଇଥିଲେ। ୩୧ ଜଣ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିବାବେଳେ ୧୬୩ ଜଣ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଦୁର୍ଗାପ୍ରସାଦ ପ୍ରଧାନ, ରାଜକିଶୋର ସା, ସତ୍ୟବାନ୍ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଉଦେପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାବୁଲାଲ ମହାକୁଡ, ଶିକ୍ଷକ ମହାଦେବ ବଘାର, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସେଠୀ ଏବଂ ସଂଯୁକ୍ତା ମହାଳିକ ପ୍ରମୁଖ ସହଯୋଗ କରିଥିଲେ।

ସାମୂହିକ ଔଷଧ ସେବନ ଗୋଷ୍ଠୀ ସମନ୍ୱୟ ବୈଠକ

ତରଭା,୩୦।୭(ସମିସ): ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ସାମୂହିକ ଔଷଧ ସେବନ ଗୋଷ୍ଠୀ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ସୁଶାନ୍ତ କୁମାର ପଟେଲ ସଭାପତିତ୍ୱ କରିଥିଲେ। ଶିକ୍ଷା ବିଭାଗର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, ମହିଳା ଓ ଶିଶୁ ବିକାଶ ପ୍ରକଳ୍ପର ସମସ୍ତ ପାରିପାର୍ଶିକା, ତରଭା ଏନଏସିର ସହକାରୀ ଯନ୍ତ୍ରୀ ବିଶ୍ୱରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତି ଥିଲେ। ଅଗଷ୍ଟ ୧୦ରୁ ୧୯ ତାରିଖ ମଧ୍ୟରେ ଶଯ୍ୟାଶାୟୀ ଓ ହୃଦ୍‌ରୋଗୀଙ୍କୁ ବାଦ୍‌ଦେଇ ସମସ୍ତ ବିଦ୍ୟାଳୟ, କାର୍ଯ୍ୟାଳୟ ଓ ଘରକୁ ଘର ଯାଇ ୨ ବର୍ଷରୁ ଅଧିକ ଶିଶୁ ଓ ବୟସ୍କ ସମସ୍ତଙ୍କୁ ସାମୂହିକ ଅଲବେଣ୍ଡାଜଲ, ଏବେରମାଟିନ, ଓଡିଇସି ଔଷଧ ସେବନ କରାଇବା ବିଷୟରେ ଆଲୋଚନା କରାଯାଇଥିଲା। ଅଶୋକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଶିକ୍ଷକ ଅଭିଭାବକଙ୍କ ବୈଠକ

ଖପ୍ରାଖୋଲ,୩୦।୭(ସମିସ): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ସ୍ଥାନୀୟ ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟ ରେ ଅଭିଭାବକ ଓ ଶିକ୍ଷକ ଶିକ୍ଷୟତ୍ରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଇଶ୍ୱାଲ ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ଶିକ୍ଷୟତ୍ରୀମାନେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ,ଶିକ୍ଷା ଓ ସୁରକ୍ଷାକୁ ନେଇ ଅଭିଭାବକଙ୍କୁ ବୁଝାଇ କହିଥିଲେ। ଏହା ସହିତ ବିଦ୍ୟାଳୟର ଶ୍ରେଣୀଗୃହ ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ କାଦୁଅ ପଚପଚ ରାସ୍ତାରେ ଯିବା ଆସିବା କରୁଥିବା ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଅଭିଭାବକମାନେ ତକ୍ରଳ ବିଡ଼ିଓଙ୍କୁ ଦାବିପତ୍ର ମଧ୍ୟ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପରକ୍ଷିତ ବେହେରା , ଅଭିଭାବକ ଉପସ୍ଥିତ ଥିଲେ।

ଅମରପାଲି ହାଇସ୍କୁଲରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ

ସୁବଳୟା,୩୦।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅମରପାଲି ହାଇସ୍କୁଲରେ ବୁଧବାର ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍କୁଲ ପରିଚାଳନା କମିଟିର ସଭାପତି ଅଶୋକ ସାହୁ, ପଞ୍ଚସଖା ଶିକ୍ଷା ସେତୁ କମିଟିର ସଭାପତି ପୀତାମ୍ବର ସାହୁ ମଞ୍ଚାସୀନ ଥିଲେ। ଶିକ୍ଷକ ସମ୍ବିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ପଦ୍ମନାଭ ପ୍ରଧାନ ବିବରଣୀ ପ୍ରଦାନ କରିଥିବା ବେଳେ ବ୍ରହ୍ମାନନ୍ଦ ପ୍ରଧାନ ଗତ ବୈଠକର ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ ସ୍ୱଚ୍ଛତା ପକ୍ଷ ଉପରେ ଉପସ୍ଥିତ ଅଭିଭାବକଙ୍କୁ କହିଥିବା ବେଳେ କହ୍ନେଇ ଚରଣ ପ୍ରଧାନ, ସମ୍ବିତ ପ୍ରଧାନ, ପଦ୍ମନାଭ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ ପ୍ରମୁଖ ସ୍କୁଲର ଶିକ୍ଷା ପ୍ରଣାଳୀ ଓ ଅନ୍ୟାନ୍ୟ ବିଷୟ ଉପରେ ମତବ୍ୟକ୍ତ କରିଥିଲେ ।ଉପସ୍ଥିତ ଅଭିଭାବକମାନେ ମଧ୍ୟ ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ ପ୍ରଦାନ କରିଥିଲେ। ଏହି ବୈଠକରେ ସ୍କୁଲର ସମସ୍ତ ଶିକ୍ଷକ, ଅଭିଭାବକ, ସ୍କୁଲର କର୍ମଚାରୀ, ସ୍କୁଲ ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମୁର୍ଷୁଣ୍ଡୀ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳିଆ କର୍ମୀ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଦ୍ୟୁମ୍ନ ସେଠି ବାଲ ବାଟିକା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ମନୋଜ ନାୟକ ଆସ ଆମେ ସ୍କୁଲ ଯିବା ଏବଂ ମା ପାଇଁ ଗଛଟିଏ ବିଷୟରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ ଅନେକ ବିଷୟରେ ଆଲୋଚନା କରିବା ସହ ଶିକ୍ଷକ ନୀଳାମ୍ବର ମେହେର ସଭା ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସଙ୍ଗୀତା ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

କ୍ଷତିପୂରଣ ପାଇଁ ଶବ ରଖି ରାସ୍ତାରୋକ

ବୌଦ୍ଧ,୩୦।୭(ସମିସ): ବୌଦ୍ଧ-ବଲାଙ୍ଗୀର ରାସ୍ତାର ମଧୁପୁର ଛକରେ ଜୁଲାଇ ୧୦ରେ ଦୁର୍ଘଟଣାରେ ଗୁରୁତର ଶ୍ରୀମନ୍ତ ପ୍ରଧାନ ।ଆଖି ବୁଜିଛନ୍ତି। ସେ ଛକ ନିକଟରେ ରାସ୍ତା କଡରେ ଛିଡା ହୋଇଥିଲେ। ଜହ୍ନପଙ୍କ ପଟରୁ ବୌଦ୍ଧ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ କାର (ନଂ ଓଡି ୦୨-ସିଟି ୧୧୩୭) ଧକ୍କା ଦେବାରୁ ଶ୍ରୀମନ୍ତ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଶେଷରେ ସେ ଆଖି ବୁଜିଛନ୍ତି। ଗାଁରେ ଶବ ପହଞ୍ଚିବା ପରେ ପରିବାର ଓ ଗ୍ରାମବାସୀ ମୃତଦେହକୁ କିଛି ସମୟ ମଧୁପୁର ଛକରେ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ। ପୁଲିସ ପହଞ୍ଚି ଲୋକଙ୍କୁ ବୁଝାଇବା ପରେ ରାସ୍ତାରୋକ୍ ପ୍ରତ୍ୟାହାର ହୋଇଥିଲା।

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ବଳଦିଆମାଳ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ପୂର୍ବାହ୍ନରେ କଳାହାଣ୍ଡି ଭିଜିଲାନ୍ସ ଟିମ୍‌ର ଚଢ଼ଉ

ଡ. ପୁରୁଷୋତ୍ତମ ମିଶ୍ରଙ୍କୁ ରାମଚନ୍ଦ୍ର ମିଶ୍ର ନାଟ୍ୟ ସମ୍ମାନ

ସୋନପୁର,୩୦।୭(ସମିସ): କଟକ ଉତ୍କଳ ସାହିତ୍ୟ ସମାଜ ୧୨୩ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ସୁବର୍ଣ୍ଣପୁର ଅଧିବାସୀ ଡ. ପୁରୁଷୋତ୍ତମ ମିଶ୍ରଙ୍କୁ ରାମଚନ୍ଦ୍ର ମିଶ୍ର ନାଟ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। କଟକ ରାମଚନ୍ଦ୍ର ଭବନରେ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ, ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ।

୮ ନୋମିନୀଙ୍କୁ ୨ ଲକ୍ଷ ଟଙ୍କା ଲେଖାଁଏ ଚେକ୍ ପ୍ରଦାନ

କଣ୍ଟାବାଞ୍ଜି ,୩୦।୭(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୨ ଲକ୍ଷ ଟଙ୍କା ଲେଖାଏଁ ୮ ଜଣ ନୋମିନିଙ୍କୁ ଚେକ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବଙ୍ଗୋମୁଣ୍ଡା ଏସବିଆଇ ପରିଚାଳକ ରୁଦ୍ରନାରାୟଣ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ନୋମିନୀଙ୍କୁ ଚେକ୍ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ସାଂସଦଙ୍କ ବଙ୍ଗୋମୁଣ୍ଡା ବ୍ଲକ୍ ପ୍ରତିନିଧି ଅନିଲ ନାଏକ, ବଙ୍ଗୋମୁଣ୍ଡା ବିଜେପି ମଣ୍ଡଳ ସଭାପତି ପବିତ୍ର ପୋଡ଼ ଏବଂ ଅନ୍ୟମାନେ ସାମିଲ ହୋଇଥିଲେ। ଏସ୍‌ବିଆଇରେ ମୃତକମାନେ ଖାତା ଖୋଲି ତାଙ୍କ ଖାତାରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ବାର୍ଷିକ ୪୩୬ ଟଙ୍କା ଜମା କରିଥିଲେ। କୌଣସି କାରଣରୁ ସେମାନଙ୍କ ମୃତ୍ୟୁ ହୋଇଥିଲା। ତେବେ ତାଙ୍କ ମୃତ୍ୟୁ ହେବାର ମାତ୍ର ୩୦ ଦିନ ମଧ୍ୟରେ ତାଙ୍କ ବ୍ୟାଙ୍କ ଖାତାକୁ ତଦନ୍ତ କରି ବୀମା କରିଥିବା ମନୋନୀତ ହୋଇଥିବା ୮ ଜଣ ନୋମିନିଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି।ଏଥିରେ କ୍ୟାସ ଅଫିସର କ୍ଷିତିଶ କୁମାର ନାୟକ ,ସହଯୋଗୀ ହରିହର ମେହେର,ଆନନ୍ଦ ମିଶ୍ର, ଭୁବନେଶ୍ୱର ବସ୍ତିଆ, ପ୍ରମୋଦ ନାଏକ ସହ ଅନ୍ୟମାନେ ସହଯୋଗ କରିଥିଲେ। ସମସ୍ତ ଗ୍ରାହକମାନେ ବୀମା କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ।

ଜିଲ୍ଲା ନୋଡାଲ ଅଫିସରଙ୍କ ବୌଦ୍ଧ ଗସ୍ତ

ବୌଦ୍ଧ,୩୦।୭(ସମିସ): ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତ ତଥା ବୌଦ୍ଧ ସହର ସଂଲଗ୍ନ ମାଉଳସିଙ୍ଗା ଗ୍ରାମର ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି। ବୌଦ୍ଧ ଜିଲ୍ଲାର ଉନ୍ନୟନ କାର୍ଯ୍ୟ ଦେଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀ ଉପାଧ୍ୟାୟଙ୍କୁ ଜିଲ୍ଲାର ନୋଡାଲ ଅଫିସର ଭାବେ ନିଯୁକ୍ତ କାରାଯାଇଛି। ଶ୍ରୀ ଉପାଧ୍ୟାୟ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବା ଅବସରରେ ମାଆ ତଥା ଶିଶୁଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ, ଅଙ୍ଗନବାଡି ପିଲାଙ୍କୁ ଦିଆଯାଉଥିବା ଖାଦ୍ୟର ମାନ, ରୋଷେଇ ଘରର ସ୍ୱଚ୍ଛତା, ପାଠପଢା, ଶିଶୁମାନଙ୍କ ମାଆ ମାନଙ୍କୁ ସୁଭଦ୍ରା ଯୋଜନାର କିସ୍ତି ପ୍ରଦାନ ଏବଂ ସେମାନଙ୍କ ଜୀବନ, ଜୀବିକା ବିଷୟରେ ଅଙ୍ଗନବାଡି କର୍ମୀ, ମାଆ ଏବଂ ଶିଶୁମାନଙ୍କୁ ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ହରଭଙ୍ଗା ବଡ଼ିଓ ଶରତ ସେଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କନକଲତା ନାୟକ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲ୍ଲିକ, ସୁନିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଶ୍ରୀ ଉପାଧ୍ୟାୟ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ନକୁଆ ନାଳୀ ଗ୍ରାମରୁ ବୌଦ୍ଧ ବ୍ଲକର ଯୋଗୀ ଭୋଗରା ଗ୍ରାମକୁ ସଂଯୋଗ କରୁଥିବା ନିର୍ମାଣାଧୀନ ସେତୁ ଓ ଉଭୟ ପାର୍ଶ୍ୱର ସଂଯୋଗ ରାସ୍ତା କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଅନ୍ୟପକ୍ଷେ ସେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତ ବୃନ୍ଦାବନରେ ଥିବା ପର୍ଯ୍ୟବେକ୍ଷଣ ଗୃହ, ସ୍ୱତନ୍ତ୍ର ଗୃହ ଓ ବୀରନରସିଂପୁରରେ ଅବସ୍ଥିତ ରାମକୃଷ୍ଣ ବାଳାଶ୍ରମ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି। ଶିଶୁମାନଙ୍କୁ ଦିଆ ଯାଉଥିବା ଖାଦ୍ୟର ମାନ, ପାଠପଢ଼ା,ଶିଶୁଙ୍କ ସୁରକ୍ଷା ଅନୁଷ୍ଠାନର ସ୍ୱଚ୍ଛତା ତଦାରଖ କରିଛନ୍ତି। ଅନୁଷ୍ଠାନର ଅନ୍ତେବାସୀଙ୍କ ସହ ଆଲୋଚନା କରି ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ବାଳାଶ୍ରମ ପରିସରରେ ବାଳକମାନଙ୍କ ପାଇଁ ଉଦ୍ଦିଷ୍ଟ ହଷ୍ଟେଲ ଗୃହର କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

୫ ମାସ ହେଲା ମିଳୁନି ଭତ୍ତା

ବୌଦ୍ଧ,୩୦।୭(ସମିସ):

ରାଜ୍ୟ ଓ କେନ୍ଦ୍ର ସରକାର ବୃଦ୍ଧ ବୃଦ୍ଧା, ଶାରୀରିକ ଅକ୍ଷମମାନଙ୍କୁ ପ୍ରତ୍ୟେକ ମାସର ୧୫ ତାରିଖରେ ଭତ୍ତା ପ୍ରଦାନ କରୁଛନ୍ତି। ଏହା ଦ୍ୱାରା ବୃଦ୍ଧବୃଦ୍ଧା ଓ ଶାରିରିକ ଅକ୍ଷମମାନେ ତାଙ୍କର ଅଭାବ ଅସୁବିଧାକୁ ଦୂର କରିବା ସହାୟକ ହୋଇଥାଏ। କିନ୍ତୁ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜେମା ନାଏକ (୯୨)ଙ୍କୁ ୫ ମାସ ହେଲା ଭତ୍ତା ମିଳୁନଥିବାରୁ ଅତି କଷ୍ଟରେ ଜୀବନ ଯାପନ କରୁଛନ୍ତି। ସେ ଜଣେ ରୋଗୀ ହୋଇ ଥିବାରୁ ହାତରେ କିଛି ଟଙ୍କା ନ ଥିବାରୁ ନିୟମିତ ଔଷଧ କିଣି ଖାଇ ପାରୁନାହାନ୍ତି। ବୟସାଧିକ ହେତୁ କାହିଁକି ଭତ୍ତା ବନ୍ଦ ହୋଇଛି କାହାକୁ ବୁଝିବାକୁ ଯାଇ ପାରୁନାହାନ୍ତି। ଏନେଇ ବ୍ଲକର ଡାଟା ଏଣ୍ଟ୍ରି ଅପରେଟର ସାନନ୍ଦ ସାହୁଙ୍କୁ ଯୋଗାଯୋଗ କରିବାରୁ ଜାନୁଆରୀ ମାସରେ ମଞ୍ଜୁର ନହୋଇ ତାଙ୍କ ଆକାଉଣ୍ଟକୁ ବର୍ଦ୍ଧିତ ଭତ୍ତା ୩୫ ଶହ ଟଙ୍କା ଯାଇଛି। ସେଥିପାଇଁ ତାଙ୍କର ଭତ୍ତା ହୋଲ୍ଡ କରାଯାଇଛି। ତେବେ ଆବଶ୍ୟକ କାଗଜପତ୍ର ଦେଲେ ଭତ୍ତା ରିଲିଜ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷେ ହିତାଧିକାରୀ ଜେମା ନାଏକଙ୍କୁ ପଚାରିବାରୁ ମୁଁ କେବେ ୩୫ ଶହ ଟଙ୍କା ପାଇନାହିଁ ବୋଲି କହିଥିଲେ। ବ୍ଲକ ପ୍ରଶାସନର ଭୁଲ୍ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଏହି ଅସହାୟ ବୃଦ୍ଧା। କେବଳ ଜେମା ନୁହଁନ୍ତି; ବ୍ଲକ ପ୍ରଶାସନର ଖାମଖିଆଲ ମନଭାବ ଯୋଗୁ ପଞ୍ଚାୟତର ଅନେକ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ଦୀର୍ଘ ୫ ମାସ ହେଲା ଭତ୍ତା ପାଉନାହାନ୍ତି।

ଓଡିଶା ସୂଚନା କମିଶନକୁ ନେଇ ଅସନ୍ତୋଷ

ବିନା ଶୁଣାଣିରେ ଖାରଜ ହେଉଛି ଶହ ଶହ ମାମଲା

ବଲାଙ୍ଗିର,୩୦।୭(ସମିସ):

ରାଜ୍ୟରେ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆହ୍ୱାନ ଦେଇଛନ୍ତି। କିନ୍ତୁ ତାଙ୍କ ଦ୍ୱାରା ନିଯୁକ୍ତ ସୂଚନା କମିଶନ ସଦସ୍ୟମାନେ ସ୍ୱଚ୍ଛ ଶାସନ ପାଇଁ କାର୍ଯ୍ୟକାରୀ ହେଉଥିବା ସୂଚନା ଅଧିକା ଆଇନକୁ ତଳିତଳାନ୍ତ କରିବାରେ ଲାଗିଥିବା ଅଭିଯୋଗ ହୋଇଛି । ଏନେଇ ଓଡିଶା ସୂଚନା ଅଧିକାର ଅଭିଯାନ ବଲାଙ୍ଗିର ଶାଖା ତରଫରୁ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ରାଜ୍ୟ ସରକାର ଗତ ଏପ୍ରିଲ ୨୦୨୫ ରେ ଜଣେ ମୁଖ୍ୟ ସୂଚନା କମିଶନର ଓ ତିନି ଜଣ ସୂଚନା କମିଶନର ନିଯୁକ୍ତି କରିଥିଲେ। ବଲାଙ୍ଗିର ଜିଲ୍ଲାର ସୂଚନା ଅଧିକାର କର୍ମୀ ଅର୍ଦ୍ଧେନ୍ଦୁ ନାରାୟଣ ବେହେରା ଗତ ଗତ ୩ ତାରିଖରେ କେଉଁ ସୂଚନା କମିଶନର କେତେ କେସ ଶୁଣାଣି ନ କରି ଖାରଜ କରିଛନ୍ତି। ଏହାର ତଥ୍ୟ ପ୍ରଦାନ କରିବାକୁ ସୂଚନା କମିଶନର କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଗତ ୨୧ ତାରିଖରେ ଏନେଇ ସୂଚନା କମିଶନ ବିନା ଶୁଣାଣିରେ ଖାରଜ କରିଥିବା କେସ ସଂପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ସୂଚନା ଅନୁସାରେ ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ୨୫୯ ଟି ଅଭିଯୋଗ ଓ ଦ୍ୱିତୀୟ ଅପିଲ କେସ ଶୁଣାଣି ନ କରି ଖାରଜ କରିଛନ୍ତି। ସେହିପରି ସୂଚନା କମିଶନର ଜଗନ୍ନାଥ ରଥ ୨୪୨ ଟି ଅଭିଯୋଗ କେସ ଖାରଜ କରିଛନ୍ତି। ପ୍ରାଣବନ୍ଧୁ ଆଚାର୍ଯ୍ୟ ୨୮ ଟି କେସ୍ ଖାରଜ କରିଛନ୍ତି। ପବିତ୍ର ମଣ୍ଡଳ ୧୩୦ଟି କେସ ଖାରଜ କରିଦେଇଛନ୍ତି। କଳ୍ପନା ପଟ୍ଟନାୟକ ୮୮ଟି ଅଭିଯୋଗ କେସ ଶୁଣାଣି ନ କରି ଖାରଜ କରିଛନ୍ତି। ଏହିପରି ସମୁଦାୟ ୮୦୦ କେସ ଖାରଜ ହୋଇଥିବା ସୂଚନାରେ ଜଣାପଡିଛି ।ସୂଚନାଯୋଗ୍ୟ ଯେ, ଏହି ସମସ୍ତ କେସ ୨୦୨୧ ଓ ୨୦୨୨ ମସିହାର ଏହି ଦୁଇ ବର୍ଷ ପୂର୍ବରୁ ମଗାଯାଇଥିବା ମାମଲା। ତଥ୍ୟ ନ ମିଳିବାରୁ ନାଗରିକମାନେ ସୂଚନା କମିଶନରେ କେସ କରିଥିଲେ। ବର୍ତ୍ତମାନ ସୂଚନା କମିଶନରେ ଏହି ସବୁ କେସ ଶୁଣାଣି ଆରମ୍ଭ ହୋଇଛି। ଏହି ସବୁ କେସ ଗୁଡିକର ବହୁ ଗୁରୁତ୍ୱ ରହିଥିବାରୁ ଅପିଲକାରୀ ଅଭିଯୋଗକାରୀ ନାଗରିକମାନେ ସେମାନଙ୍କର କେସ ଶୁଣାଣି ପାଇଁ ଅପେକ୍ଷା କରିଥିଲା ବେଳେ ମୁଖ୍ୟ ସୂଚନା କମିଶନର ଶୁଣାଣି ନ କରି ଖାରଜ କରିଛନ୍ତି। ଅନେକ ଅଭିଯୋଗକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୨୧ ମସିହାରେ ନିବେଦିତା ରାୟ ନାମକ ଜଣେ ମହିଳା କଟକର ରଉଳିଆ ଗଞ୍ଜ ଥାନାରେ ତାଙ୍କ ସ୍ୱାମୀଙ୍କ ନାମରେ ହୋଇଥିବା ମିଥ୍ୟ ଅଭିଯୋଗର ବିବରଣୀ ଓ ସିସିଟିଭି ଫୁଟେଜ ମାଗିଥିଲେ ତଥ୍ୟ ନ ମିଳିବାରୁ ସେ ସୂଚନା କମିଶନରରେ ଅଭିଯୋଗ କରିଥିଲେ। ସୂଚନା କମିଶନ କେସକୁ ଶୁଣାଣି ନ କରି ଖାରଜ କରିଦେଇଛନ୍ତି। କମିଶନରଙ୍କ ଆଇନ ବିରୋଧୀ ନିଷ୍ପତ୍ତି ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ପିଟିସନକୁ ଗ୍ରହଣ କରି ସୂଚନା କମିଶନଙ୍କୁ ନୋଟିସ ଜାରି କରିଥିବା ସୂଚନା ଅଧିକାର କର୍ମୀ ସୂଚନା ଦେଇଛନ୍ତି। ସୂଚନା ଅଧିକାର ଆଇନ ଧାରା ୧୮, ୧୯ ଓ ୨୦ ଅନୁଯାୟୀ, ସୂଚନା କମିଶନ ଅପିଲ ଓ ଅଭିଯୋଗ ଗୁଡିକୁ ଶୁଣାଣି କରି ସୂଚନା ପ୍ରଦାନ କରାଇବେ ଓ ଆଇନ ଉଲଘଂନକାରୀ ପି.ଆଇ.ଓ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।ଓଡିଶା ସୂଚନା କମିଶନ (ଅପିଲ ପ୍ରକ୍ରିୟା) ନିୟମାବଳୀ ୨୦୦୭ ର ରୁଲ ୭ (୪) ଅନୁଯାୟୀ ସୂଚନା କମିଶନ କୌଣସି କେସ ଶୁଣାଣି ନ କରି ଖାରଜ କରିପାରିବ ନାହିଁ। ତେଣୁ ସୂଚନା କମିଶନ ଯେପରି ବେଆଇନ ଭାବେ କେସ ଖାରଜ କରୁଛନ୍ତି ଓ ନାଗରିକମାନେ ନ୍ୟାୟ ପାଉନାହାନ୍ତି ସେଥିପାଇଁ କମିଶନ ବିରୋଧରେ ଅସନ୍ତୋଷ ବଢିବାରେ ଲାଗିଛି। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ନିକଟରେ ଶହ ଶହ ଅଭିଯୋଗ ହୋଇଛି। ତେଣୁ ସୂଚନା କମିଶନଙ୍କ ବିରୋଧରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟପାଳଙ୍କ ନିକଟରେ ଓଡିଶା ସୂଚନା ଅଧିକାର ଅଭିଯାନ ବଲାଙ୍ଗିର ଶାଖା ପକ୍ଷରୁ ଦାବି କରାଯାଇଛି।ଦାବି ପୂରଣ ନହେଲେ ଆନ୍ଦୋଳନ କରିବାକୁ ମଧ୍ୟ ପଛାଇବେ ନାହିଁ ବୋଲି ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ନୀଳମଣି ଯୋଷୀ ପ୍ରକାଶ କରିଛନ୍ତି।

ଗଣେଶ ପୂଜା, ନୂଆଁଖାଇ ପାଇଁ ପ୍ରସ୍ତୁତି

ସୁବଳୟା,୩୦।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଭାଲୁଡୁଙ୍ଗୁରି ଗ୍ରାମରେ ଚଳିତ ବର୍ଷ ୩୦ତମ ଗଣେଶ ପୂଜା ଓ ନୂଆଁଖାଇ ଅବସରରେ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ "ପ୍ରତିଭା'ର ଚତୁର୍ଥ ସଂସ୍କରଣ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଛି। ଗ୍ରାମର ଭଗବତ ମନ୍ଦିର ପରିସରରେ ଆୟୋଜିତ ଏହି ବୈଠକରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କମିଟିର ସଦସ୍ୟ ସରୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗଣେଶ ପୂଜା ପୂର୍ବାହ୍ନ ୧୧ଟାରୁ ଆରମ୍ଭ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗଣେଶ ପୂଜା ଓ ପୁଷ୍ପାଞ୍ଜଳି ଅର୍ପଣ ପରେ ଅପରାହ୍ନ ୧ଟାରେ ପ୍ରସାଦ ସେବନ ଏବଂ ଅଗଷ୍ଟ ୨୯ ତାରିଖ ଦିନ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଆଲୋଚନା କରାଯାଇଥିଲା। ଗଣେଶ ପୂଜା କମିଟିର ସଂପାଦକ ମଦନ ସାହୁ କହିଛନ୍ତି, "ପ୍ରତିଭା' କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ସାହୁଙ୍କୁ ମୁଖ୍ୟ ଅତିଥି ଓ ସାହିତ୍ୟିକ ତଥା ସଂଗଠକ ରାଧେଶ୍ୟାମ ମିଶ୍ରଙ୍କୁ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହିବେ। ଭାଲୁଡୁଙ୍ଗୁରି ଗ୍ରାମର ସମାଜସେବୀ ପ୍ରତାପ ମଲ୍ଲିକଙ୍କୁ ମାନପତ୍ର ସହିତ ସମ୍ମାନିତ କରାଯିବ। ସମାରୋହରେ ଗ୍ରାମର ଅନ୍ୟ ଯୁବ ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ। ସେହିଭଳି ଚଳିତ ବର୍ଷ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଉପହାର ଦିଆଯିବ। ବରିଷ୍ଠ ଓ କନିଷ୍ଠ ବର୍ଗରେ ଆୟୋଜିତ ଚିତ୍ରାଙ୍କନ, ସାଧାରଣଜ୍ଞାନ, ଗୀତ ଓ ନୃତ୍ୟ ପ୍ରତିଯୋଗିତା ହେବ। ଏହି ବୈଠକରେ ପୂଜା କମିଟିର ସଦସ୍ୟ ଦୀପକ ସାହୁ, ଆକାଶ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଗିରିଧାରୀ ମଲ୍ଲୀକ, ବାବୁ ଦେହୁରୀ, ଗୋପୀନାଥ ସାହୁ, ଧନଞ୍ଜୟ ମାଝୀ, ହେମନ୍ତ ମାଝୀ, ଗଦାଧର ସାହୁ, ଲିକୁନ ସାହୁ, ବୁଲୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅନ୍‌ଲାଇନ୍ ମାଧ୍ୟମରେ ଭୁବନେଶ୍ୱରରୁ ମହେନ୍ଦ୍ର ସାହୁ, ସୋନପୁରରୁ ସୁବ୍ରତ ସାହୁ, ଭଗବାନ ଧଳ ଏବଂ ତାମିଲନାଡୁରୁ ଅନେକ ସଦସ୍ୟ ଯୋଡ଼ି ହୋଇଥିଲେ।

ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଶଗଡା,୩୦।୭(ସମିସ): କନ୍ଧମାଳ ନାରାୟଣପ୍ରସାଦ ରାସ୍ତାର ଘୁଚାଙ୍ଗି ଛକ ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ନାରାୟଣ ପ୍ରସାଦ ପଞ୍ଚାୟତ ଭଟ୍ଟାଗୋରା ଗ୍ରାମର ଟଙ୍କଧର ଭୋଇଙ୍କ ମୃତ୍ୟୁ ଘଟିଛି। ସେହି ଗାଁର ବସନ୍ତ ଗୁରୁତର ହୋଇଛନ୍ତି। କନ୍ଧମାଳ ଦମକଳ କେନ୍ଦ୍ରର ଗାଡିରେ ଉଭୟଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର କିନ୍ତୁ ଟଙ୍କଧରଙ୍କୁ ମୃତ ଘୋଷଣା କରିଥିଲେ।

ବାଲିଶଙ୍କରା ସାମ୍ବାଦିକ ସଂଘ ପକ୍ଷରୁ ଚାରାରୋପଣ

ବାଲିଶଙ୍କରା,୩୦।୭(ସମିସ): ବାଲିଶଙ୍କରା ବ୍ଲକ୍ ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ବାଲିଶଙ୍କରା ରାଜା ବଙ୍ଗଳା ଖେଳ ପଡ଼ିଆର ଚତୁଃପାର୍ଶ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ସାଂସଦ ପ୍ରତିନିଧି ଉଛବ ତନ୍ତୀ ଯୋଗଦେଇ 'ମା' ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଅଧିନରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପ୍ରତିବର୍ଷ ଗୋଟିଏ ଲେଖାଏଁ ଚାରାରୋପଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ସନ୍ତାନ ଜନ୍ମ ଦେବାଠାରୁ ଚାରାରୋପଣ କରିବା ଅଧିକ ପୂଣ୍ୟ କାର୍ଯ୍ୟ ବୋଲି ସେ ମତ ପ୍ରକାଶ କରିଥିଲେ। ବାଲିଶଙ୍କରା ବ୍ଲକ୍ ସାମ୍ବାଦିକ ପ୍ରଦୀପ କୁମାର ନନ୍ଦ ଓ ସତ ସେଠଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଶଙ୍କର୍ଷଣ ବେହେରା, ଦୁବରାଜ ମହାକୁଳ, ସୁଶାନ୍ତ ଦାନୀ, ଅନିଲ ବାଘ, ନଇମ ବକ୍ସ, ଅଶୋକ ସା, ମୌସମ ଦାନୀ, ଗୁଡେଶ୍ୱର ଦାନୀ, ମଣ୍ଟୁ ରଣା, ରାଜୀବ ନାଏକ, ଶୁଭମ ନାଏକ, ପିଣ୍ଟୁ ଧୁରୁଆ, ହୃଦାନନ୍ଦ ବାରିକ, ମନରଞ୍ଜନ ଓରାମ, ପିଠିଆର ତିର୍କୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନିମ୍ବ ଓ ଅଁଳା ଚାରରୋପଣ କରାଯାଇଥିଲା।

ଅମରପାଲି ହାଇସ୍କୁଲରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ

ସୁବଳୟା,୩୦।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅମରପାଲି ହାଇସ୍କୁଲରେ ବୁଧବାର ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍କୁଲ ପରିଚାଳନା କମିଟିର ସଭାପତି ଅଶୋକ ସାହୁ, ପଞ୍ଚସଖା ଶିକ୍ଷା ସେତୁ କମିଟିର ସଭାପତି ପୀତାମ୍ବର ସାହୁ ମଞ୍ଚାସୀନ ଥିଲେ। ଶିକ୍ଷକ ସମ୍ବିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ପଦ୍ମନାଭ ପ୍ରଧାନ ଶ୍ୟାମ ସୁନ୍ଦର ସେଠୀ ସ୍ୱଚ୍ଛତା ପକ୍ଷ ଉପରେ ଉପସ୍ଥିତ ଅଭିଭାବକଙ୍କୁ କହିଥିବା ବେଳେ କହ୍ନେଇ ଚରଣ ପଧାନ, ସମ୍ବିତ ପ୍ରଧାନ, ପଦ୍ମନାଭ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ ପ୍ରମୁଖ ସ୍କୁଲର ଶିକ୍ଷା ପ୍ରଣାଳୀ ଓ ଅନ୍ୟାନ୍ୟ ବିଷୟ ଉପରେ ମତବ୍ୟକ୍ତ କରିଥିଲେ ।ଉପସ୍ଥିତ ଅଭିଭାବକମାନେ ମଧ ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ ପ୍ରଦାନ କରିଥିଲେ। ଏହି ବୈଠକରେ ସ୍କୁଲର ସମସ୍ତ ଶିକ୍ଷକ, ଅଭିଭାବକ, ସ୍କୁଲର ବିବରଣୀ ପ୍ରଦାନ କରିଥିବା ବେଳେ ବ୍ରହ୍ମାନନ୍ଦ ପ୍ରଧାନ ଗତ ବୈଠକର ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ କର୍ମଚାରୀ, ସ୍କୁଲ ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମୁର୍ଷୁଣ୍ଡୀ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳିଆ କର୍ମୀ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଦ୍ୟୁମ୍ନ ସେଠି ବାଲ ବାଟିକା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ମନୋଜ ନାୟକ ଆସ ଆମେ ସ୍କୁଲ ଯିବା ଏବଂ ମା ପାଇଁ ଗଛଟିଏ ବିଷୟରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ ଅନେକ ବିଷୟରେ ଆଲୋଚନା କରିବା ସହ ଶିକ୍ଷକ ନୀଳାମ୍ବର ମେହେର ସଭା ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସଙ୍ଗୀତା ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

କ୍ଷତିପୂରଣ ପାଇଁ ଶବ ରଖି ରାସ୍ତାରୋକ

ବୌଦ୍ଧ,୩୦।୭(ସମିସ): ବୌଦ୍ଧ-ବଲାଙ୍ଗୀର ରାସ୍ତାର ମଧୁପୁର ଛକରେ ଜୁଲାଇ ୧୦ରେ ଦୁର୍ଘଟଣାରେ ଗୁରୁତର ଶ୍ରୀମନ୍ତ ପ୍ରଧାନ ।ଆଖି ବୁଜିଛନ୍ତି। ସେ ଛକ ନିକଟରେ ରାସ୍ତା କଡରେ ଛିଡା ହୋଇଥିଲେ। ଜହ୍ନପଙ୍କ ପଟରୁ ବୌଦ୍ଧ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ କାର (ନଂ ଓଡି ୦୨-ସିଟି ୧୧୩୭) ଧକ୍କା ଦେବାରୁ ଶ୍ରୀମନ୍ତ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଶେଷରେ ସେ ଆଖି ବୁଜିଛନ୍ତି। ଗାଁରେ ଶବ ପହଞ୍ଚିବା ପରେ ପରିବାର ଓ ଗ୍ରାମବାସୀ ମୃତଦେହକୁ କିଛି ସମୟ ମଧୁପୁର ଛକରେ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ। ପୁଲିସ ପହଞ୍ଚି ଲୋକଙ୍କୁ ବୁଝାଇବା ପରେ ରାସ୍ତାରୋକ୍ ପ୍ରତ୍ୟାହାର ହୋଇଥିଲା।

ଦେଶୀ ମଦ ସହ ବାଇକ୍ ଜବତ; ଜଣେ ଗିରଫ

ବଣାଇଁ,୩୦।୭(ସମିସ): ଅବକାରୀ ବିଭାଗ ପକ୍ଷରୁ ବଣାଇଁ ବିଜୁ ଛକ ନିକଟରେ ଅତର୍କିତ ଚଢ଼ଉ କରି ୩୦ ଲିଟର ଦେଶୀମଦ ସହ ଏକ ବାଇକ୍‌କୁ ଜବତ କରିଛି। ବେଆଇନ୍ ଦେଶୀମଦ ଚାଲାଣ ସହ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଟିକାୟତ ପାଲି ଥାନା ସୁଲଭଡିହି ଗ୍ରାମର ଗୁରୁଚରଣ ଭୂମିଜ (୧୯) ବୋଲି ଜଣାପଡ଼ିଛି। ସୂଚନାମୁତାବକ, ବଣାଇଁ ସହରକୁ ତଳିତା ରାସ୍ତାଦେଇ ଅନେକ ସମୟରେ ଦେଶୀ ମଦ ଚୋରା ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ ନିକଟରେ ପୂର୍ବରୁ ଖବର ଥିଲା। ବୁଧବାର ବିଶେଷ ସୂତ୍ରରୁ ଖବର ପାଇ ବଣାଇଁ ଅବକାରୀ ଅଧିକାରୀ ତେଜରାଜ ଗହୀର ସଦଳବଳ ସେହି ରାସ୍ତାର ବିଜୁ ଛକ ନିକଟରେ ଛକି ବସିଥିଲେ। ଏହି ସମୟରେ ଏକ ପଲସର ବାଇକ୍ ଯୋଗେ ଜଣେ ଯୁବକ ଏକ ଏୟାର ବେଗ ନେଇ ସହର ଭିତରକୁ ଯାଉଥିବାବେଳେ ତାକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୩୦ ଲିଟର ଦେଶୀମଦ ଥିବା ଦେଖିବାକୁ ମିଳିଥିଲା। ପରେ ମଦ ସହ ବାଇକ୍‌କୁ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚାଯାଇଛି।

ଆର୍‌ଏସ୍‌ପି ସିଲିକନ୍ ଷ୍ଟିଲ୍ ମିଲ୍‌ର ସ୍ୱର୍ଣ୍ଣ ପଦକ ହାସଲ

ରାଉରକେଲା,୩୦।୭(ସମିସ): କାର୍ଯ୍ୟସ୍ଥଳୀରେ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଅନ୍ତର୍ଗତ ସିଲିକନ ଷ୍ଟିଲ ମିଲ୍‌ର ସେଫ୍ଟି ସର୍କଲ୍ ଟିମ୍ 'ସୁରକ୍ଷା ପ୍ରହରୀ' ଦଳ ସେଲ୍, ଭିଲାଇ ଇସ୍ପାତ କାରଖାନାଠାରେ ଅନୁଷ୍ଠିତ ୧୭ତମ ଚାପ୍ଟର ସମ୍ମିଳନୀ "ଚାପ୍ଟର କନଭେନସନ୍ ଅନ୍ କ୍ୱାଲିଟି କନସେପ୍ଟସ୍' (ସିସିକ୍ୟୁସି-୨୦୨୫) ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆର୍‌ଏସ୍‌ପିର ସେଫ୍ଟି ସର୍କଲ୍ ଟିମ୍ 'ସୁରକ୍ଷା ପ୍ରହରୀ' ଆମୋନିଆ କ୍ରାକିଂ ୟୁନିଟ୍ (ଏସିୟୁ) ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏକ ଅନଲାଇନ୍ ଆମୋନିଆ ଚିହ୍ନଟ ପ୍ରଣାଳୀ କାର୍ଯ୍ୟକାରୀ କରାଯାଇଛି। ଏହି ପଦକ୍ଷେପ ଯୋଗୁଁ ସୁରକ୍ଷା ମାନଦଣ୍ଡକୁ ଉଲ୍ଲେଖନୀୟ ଭାବେ ସୁଦୃଢ଼ କରିବା ସହ ଆମୋନିଆ ଲିକ୍ ହେବା ସମୟରେ ସମ୍ଭାବ୍ୟ ବିପଦ ଆଶଙ୍କାକୁ ମଧ୍ୟ ହ୍ରାସ କରାଯାଇ ପାରିଛି। ଏହି ଦଳ ଏକ ସୁଦୃଢ଼ ଏବଂ ସକ୍ରିୟ ସୁରକ୍ଷା ପ୍ରଣାଳୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସୁରକ୍ଷା ନିୟମ ଅନୁପାଳନକୁ ପ୍ରାଥମିକତା ଦେବା ସହ ଦ୍ରୁତ ସତର୍କତା ଏବଂ ପ୍ରତିରୋଧକାତ୍ମକ ରକ୍ଷଣାବେକ୍ଷଣକୁ ସୁନିଶ୍ଚିତ କରି ସୁରକ୍ଷାକୁ ଆହୁରି ଉନ୍ନତ କରିବା ନିମନ୍ତେ ଏକ ସାମଗ୍ରିକ ପଦ୍ଧତି ଆପଣାଇଥିଲା। "ସୁରକ୍ଷା ପ୍ରହରୀ' ଦଳ ସିଷ୍ଟମ୍‌ର ଏକ ବ୍ୟାପକ ବିଶ୍ଳେଷଣ କରିବା ସହ ଏଥିରେ ଅନେକ ପ୍ରମୁଖ ଉନ୍ନତିକରଣ ମଧ କରିଥିଲେ। ଯେଉଁଥିରେ ଅନଲୋଡିଂ ହୋସ୍‌ର ଅବସ୍ଥା-ଆଧାରିତ ପ୍ରତିସ୍ଥାପନ, ଜରୁରୀକାଳୀନ ପରିଚାଳନା ପାଇଁ ଆଇସୋଲେସନ୍ ଭାଲ୍ଭକୁ ଉନ୍ନତ ପ୍ରବେଶ ଏବଂ ଫ୍ଲାଞ୍ଜ ପ୍ୟାକିଂ ପ୍ରତିସ୍ଥାପନ ଅନ୍ତର୍ଭୁକ୍ତ ଥିଲା। ଆମୋନିଆ ଷ୍ଟୋରେଜ୍ ଟ୍ୟାଙ୍କ ଏବଂ କ୍ରାକିଂ ଫର୍ଣ୍ଣେସ୍ ନିକଟରେ ଚାରୋଟି ସେନ୍ସର୍-ଆଧାରିତ ଅନଲାଇନ୍ ଆମୋନିଆ ଡିଟେକ୍ଟରର ସ୍ଥାପନ ଏହି ପଦକ୍ଷେପର ମୁଖ୍ୟ ଅଂଶ ଥିଲା। ଏହି ଡିଟେକ୍ଟରଗୁଡ଼ିକ ନିୟନ୍ତ୍ରଣ କକ୍ଷରେ ଏକ ଏଚଏମ୍‌ଆଇ ମାଧ୍ୟମରେ ବାସ୍ତବ ସମୟ ସତର୍କତା ପ୍ରଦାନ କରିବ। ଯାହା ତ୍ରି-ସ୍ତରୀୟ ଆଲାର୍ମସ୍ତର ସହିତ ଆମୋନିଆ ସାନ୍ଦ୍ରତା ୨୫ ପିପିଏମ ଅତିକ୍ରମ କଲେ ଏକ ଦୃଶ୍ୟମାନ ଲ୍ୟାମ୍ପ ଫ୍ଲାସ୍, ୨୫ ପିପିଏମରେ ଥିଲେ ଏକ ବଜର ବାଜିବା ସହ ୫୦ ପିପିଏମ୍ ବା ତା'ଠାରୁ ଅଧିକ ଅତିକ୍ରମ କଲେ ଏକ ନିରନ୍ତର ଦୀର୍ଘ ଆଲାର୍ମ ବାଜିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ସିଷ୍ଟମକୁ ନିୟନ୍ତ୍ରଣ କକ୍ଷରେ ଲାଇଭ୍ ମନିଟରିଂ ସହିତ ସିସିଟିଭି ମାଧ୍ୟମରେ ମଧ ନିରୀକ୍ଷଣ କରାଯାଇପାରିବ, ଯାହା ଯେକୌଣସି ଅପ୍ରୀତିକର ପରିସ୍ଥିତିରେ ଦ୍ରୁତ ପ୍ରତିକ୍ରିୟା ମଧ୍ୟ ପ୍ରଦାନ କରିବ। ଏଥିସହିତ ଏକ ସ୍ୱଚ୍ଛ ଏବଂ ବିପଦମୁକ୍ତ ପରିବେଶ ବଜାୟ ରଖିବା ପାଇଁ ଉନ୍ନତ ସ୍ୱଚ୍ଛତା ଅଭ୍ୟାସ ମଧ୍ୟ କରାଯାଇଥିଲା। ଏହି ସୁରକ୍ଷା ବୃଦ୍ଧି ପଛରେ ଥିବା ଦଳରେ ଦଳର ମୁଖ୍ୟ ତଥା ଜୁନିୟର ଇଞ୍ଜିନିୟର କେଦାର ନାଥ ହୁଇ, ଦଳର ଉପ-ମୁଖ୍ୟ ତଥା ଜୁନିୟର ଇଞ୍ଜିନିୟର ପ୍ରସନ୍ନ କୁମାର ସ୍ୱାଇଁ, ଜୁନିୟର ଇଞ୍ଜିନିୟର ସୟଦ ଅବଦୁଲ ରାଜିକ ଏବଂ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ପାୟଲ ସରକାର ଅନ୍ତର୍ଭୁକ୍ତ ଥିଲେ। ଏହି ଦଳକୁ ସିଲିକନ ଷ୍ଟିଲ ମିଲ ବିଭାଗର ଏଜିଏମ୍ ସୁଶ୍ରୀ ଡି. ଶକୁନ୍ତଳା ରେଡ୍ଡୀ ମାର୍ଗଦର୍ଶନ କରିବା ଦଳର ଫେସିଲିଟେଟର ଥିଲେ।

ଜିଲ୍ଲା ନୋଡାଲ ଅଫିସରଙ୍କ ବୌଦ୍ଧ ଗସ୍ତ

ବୌଦ୍ଧ,୩୦।୭(ସମିସ): ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତ ତଥା ବୌଦ୍ଧ ସହର ସଂଲଗ୍ନ ମାଉଲସିଙ୍ଗା ଗ୍ରାମର ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି। ବୌଦ୍ଧ ଜିଲ୍ଲାର ଉନ୍ନୟନ କାର୍ଯ୍ୟ ଦେଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀ ଉପାଧ୍ୟାୟଙ୍କୁ ଜିଲ୍ଲାର ନୋଡାଲ ଅଫିସର ଭାବେ ନିଯୁକ୍ତ କାରାଯାଇଛି। ଶ୍ରୀ ଉପାଧ୍ୟାୟ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବା ଅବସରରେ ମାଆ ତଥା ଶିଶୁଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ, ଅଙ୍ଗନବାଡି ପିଲାଙ୍କୁ ଦିଆ ଯାଉଥିବା ଖାଦ୍ୟର ମାନ, ରୋଷେଇ ଘରର ସ୍ୱଚ୍ଛତା, ପାଠପଢା, ଶିଶୁମାନଙ୍କ ମାଆ ମାନଙ୍କୁ ସୁଭଦ୍ରା ଯୋଜନାର କିସ୍ତି ପ୍ରଦାନ ଏବଂ ସେମାନଙ୍କ ଜୀବନ, ଜୀବିକା ବିଷୟରେ ଅଙ୍ଗନବାଡି କର୍ମୀ, ମାଆ ଏବଂ ଶିଶୁମାନଙ୍କୁ ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ହରଭଙ୍ଗା ବଡ଼ିଓ ଶରତ ସେଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କନକଲତା ନାୟକ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚରଣ ମଲ୍ଲିକ, ସୁନିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଶ୍ରୀ ଉପାଧ୍ୟାୟ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ନକୁଆ ନାଳୀ ଗ୍ରାମରୁ ବୌଦ୍ଧ ବ୍ଲକର ଯୋଗୀ ଭୋଗରା ଗ୍ରାମକୁ ସଂଯୋଗ କରୁଥିବା ନିର୍ମାଣାଧୀନ ସେତୁ ଓ ଉଭୟ ପାର୍ଶ୍ୱର ସଂଯୋଗ ରାସ୍ତା କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଅନ୍ୟପକ୍ଷେ ସେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତ ବୃନ୍ଦାବନରେ ଥିବା ପର୍ଯ୍ୟବେକ୍ଷଣ ଗୃହ, ସ୍ୱତନ୍ତ୍ର ଗୃହ ଓ ବୀରନରସିଂପୁରରେ ଅବସ୍ଥିତ ରାମକୃଷ୍ଣ ବାଳାଶ୍ରମ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି। ଶିଶୁମାନଙ୍କୁ ଦିଆ ଯାଉଥିବା ଖାଦ୍ୟର ମାନ, ପାଠପଢ଼ା,ଶିଶୁଙ୍କ ସୁରକ୍ଷା ଅନୁଷ୍ଠାନର ସ୍ୱଚ୍ଛତା ତଦାରଖ କରିଛନ୍ତି। ଅନୁଷ୍ଠାନର ଅନ୍ତେବାସୀଙ୍କ ସହ ଆଲୋଚନା କରି ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ବାଳାଶ୍ରମ ପରିସରରେ ବାଳକମାନଙ୍କ ପାଇଁ ଉଦ୍ଦିଷ୍ଟ ହଷ୍ଟେଲ ଗୃହର କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଚାମ୍ବର ଅଫ୍ କମର୍ସ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୩୦।୭(ସମିସ): ରାଉରକେଲା କଣ୍ଟ୍ରାକ୍ଟର ଆସୋସିଏସନର ପକ୍ଷରୁ ସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ରାଉରକେଲା ଚାମ୍ବର ଅଫ୍ କମର୍ସର ନବ ନିର୍ବାଚିତ ସଭାପତି ମଳୟ ମଣ୍ଡଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ଅବସରରେ ରାଉରକେଲା କଣ୍ଟ୍ରାକ୍ଟର ଆସୋସିଏସନ୍ ସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ପାଣିଗ୍ରାହୀ, ସମ୍ପାଦକ ମଧୁ ମହାପାତ୍ର, ସମ୍ପାଦକ ଟାଉନ ସିପ, ମଧୁ ମଲ୍ଲିକ, କୋଷାଧକ୍ଷ କୈଳାଶ ଲେଙ୍କା ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଏସ୍‌ଏସ୍ କର ଉପସ୍ଥିତ ଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଉପସଭାପତି ବିଶ୍ୱନାଥ ଦେ, ସାଧାରଣ ସମ୍ପାଦକ ଶୁଭମ କପୁର ଉପସ୍ଥିତ ଥିଲେ।

୫ ମାସ ହେଲା ମିଳୁନି ଭତ୍ତା

ବୌଦ୍ଧ,୩୦।୭(ସମିସ):

ରାଜ୍ୟ ଓ କେନ୍ଦ୍ର ସରକାର ବୃଦ୍ଧ ବୃଦ୍ଧା, ଶାରୀରିକ ଅକ୍ଷମମାନଙ୍କୁ ପ୍ରତ୍ୟେକ ମାସର ୧୫ ତାରିଖରେ ଭତ୍ତା ପ୍ରଦାନ କରୁଛନ୍ତି। ଏହା ଦ୍ୱାରା ବୃଦ୍ଧବୃଦ୍ଧା ଓ ଶାରୀରିକ ଅକ୍ଷମମାନେ ତାଙ୍କର ଅଭାବ ଅସୁବିଧାକୁ ଦୂର କରିବା ସହାୟକ ହୋଇଥାଏ। କିନ୍ତୁ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜେମା ନାଏକ (୯୨)ଙ୍କୁ ୫ ମାସ ହେଲା ଭତ୍ତା ମିଳୁନଥିବାରୁ ଅତି କଷ୍ଟରେ ଜୀବନ ଯାପନ କରୁଛନ୍ତି। ସେ ଜଣେ ରୋଗୀ ହୋଇ ଥିବାରୁ ହାତରେ କିଛି ଟଙ୍କା ନ ଥିବାରୁ ନିୟମିତ ଔଷଧ କିଣି ଖାଇ ପାରୁନାହାନ୍ତି। ବୟସାଧିକ ହେତୁ କାହିଁକି ଭତ୍ତା ବନ୍ଦ ହୋଇଛି କାହାକୁ ବୁଝିବାକୁ ଯାଇ ପାରୁନାହାନ୍ତି। ଏନେଇ ବ୍ଲକର ଡାଟା ଏଣ୍ଟ୍ରି ଅପରେଟର ସାନନ୍ଦ ସାହୁଙ୍କୁ ଯୋଗାଯୋଗ କରିବାରୁ ଜାନୁଆରୀ ମାସରେ ମଞ୍ଜୁର ନହୋଇ ତାଙ୍କ ଆକାଉଣ୍ଟକୁ ବର୍ଦ୍ଧିତ ଭତ୍ତା ୩୫ ଶହ ଟଙ୍କା ଯାଇଛି। ସେଥିପାଇଁ ତାଙ୍କର ଭତ୍ତା ହୋଲ୍ଡ କରାଯାଇଛି। ତେବେ ଆବଶ୍ୟକ କାଗଜପତ୍ର ଦେଲେ ଭତ୍ତା ରିଲିଜ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷେ ହିତାଧିକାରୀ ଜେମା ନାଏକଙ୍କୁ ପଚାରିବାରୁ ମୁଁ କେବେ ୩୫ ଶହ ଟଙ୍କା ପାଇନାହିଁ ବୋଲି କହିଥିଲେ। ବ୍ଲକ ପ୍ରଶାସନର ଭୁଲ୍ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଏହି ଅସହାୟ ବୃଦ୍ଧା। କେବଳ ଜେମା ନୁହଁନ୍ତି; ବ୍ଲକ ପ୍ରଶାସନର ଖାମଖିଆଲ ମନଭାବ ଯୋଗୁ ପଞ୍ଚାୟତର ଅନେକ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ଦୀର୍ଘ ୫ ମାସ ହେଲା ଭତ୍ତା ପାଉନାହାନ୍ତି।

ରାସ୍ତାର ଦୁରାବସ୍ଥା ପାଇଁ ୯ ଘଣ୍ଟା ରାସ୍ତାରୋକ କଲେ ହୀରାକୁଦ ବିସ୍ଥାପିତ ଗ୍ରାମବାସୀ

ରେଙ୍ଗାଲି, ୩୦ ।୭ (ସମିସ)

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ମହକୁମା ଠାରୁ ସପ୍ନେ ସେତୁ ଦେଇ ଝାରସୁଗୁଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ରାସ୍ତାର ଦୂରାବସ୍ଥା ନେଇ ହୀରାକୁଦ ବିସ୍ଥାପିତ ଗ୍ରାମବାସୀ ୯ ଘଣ୍ଟା ରାସ୍ତା ରୋକ କରିଥିଲେ। ରେଙ୍ଗାଲି ବ୍ଲକ ସପ୍ନେ ଠାରେ ଇବନଦୀ ଉପରେ ସେତୁ ନିର୍ମାଣ ହେବା ଦିନ ଠାରୁ ଝାରସୁଗୁଡ଼ା ଜିଲ୍ଲା ଓ ସମ୍ବଲପୁର ଜିଲ୍ଲା ମଧ୍ୟରେ ଯାତାୟତ ବୃଦ୍ଧି ପାଇଛି। ଏହି ରାସ୍ତା ଉପରେ ହୀରାକୁଦ ବିସ୍ଥାପିତ ରେଙ୍ଗାଲି ବ୍ଲକର ସାଲଡ଼, ତୁରିଟିକ୍ରା, ଯୁଗିପାଲି, ସପ୍ନେ, ବାରିକପାଲି, କୁର୍ଲା, ଗ୍ରାମର ଗ୍ରାମବାସୀଙ୍କ ସହ ଝାରସୁଗୁଡ଼ା ଜିଲ୍ଲା ଓ ପଡ଼ୋଶୀ ଛତିଶଗଡ଼ ରାଜ୍ୟର ଲୋକ ନିର୍ଭର କରିଥାନ୍ତି। ପ୍ରତିଦିନ ଶହ ଶହ ଗାଡ଼ି, ଛାତ୍ରଛାତ୍ରୀ, ରୋଗୀ ଙ୍କ ସହ ବହୁ ଲୋକେ ଯିବା ଆସିବା କରିଥାନ୍ତି। କିନ୍ତୁ ଝାରସୁଗୁଡ଼ା ଜିଲ୍ଲାର ସାହାଜବାହଲରେ ଥିବା ଜେଏସ ଡବ୍ଲ୍ୟୁ କାରଖାନା ଓ ଇବ୍‌ଥର୍ମାଲସ୍ଥିତ ଓ ପିଜିସି କାରଖାନାର ପାଉଁଶ, କୋଇଲା ବୋଝେଇ ଭାରି ଯାନ ଗୁଡ଼ିକ ଚାଲିବା ଦିନ ଠାରୁ ରାସ୍ତାର

ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ବଡ଼ ବଡ଼ ଗାତ ହୋଇଥିବାରୁ ବର୍ଷା ଦିନେ ପାଣି ଜମି ରହି ପୋଖରୀର ଭ୍ରମ ସୃଷ୍ଟି କରୁଛି। ଏହାର ପ୍ରତିବାଦରେ ସାଲଡ଼, ତୁରିଟିକ୍ରା, ଯୁଗିପାଲି, ସପ୍ନେ, ବାରିକ ପାଲି, କୁର୍ଲା ଗ୍ରାମବାସୀ ବୁଧବାର ସକାଳ ୮ ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ତୁରିଟିକ୍ରା ଛକ ଠାରେ ରାସ୍ତାରୋକ କରିଥିଲେ। ଖବର ପାଇ ରେଙ୍ଗାଲି ତହସିଲଦାର ଜ୍ଞାନରଞ୍ଜନ ମାଝୀ, ଅତିରିକ୍ତ ତହସିଲଦାର କିଶୋର କୁମାର ସାହୁ, ରେଙ୍ଗାଲି ଥାନା ଅଧିକାରୀ ଗୁରୁଦେବ କୁର୍ମି ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ପରେ ସମ୍ବଲପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି କଲେକ୍ଟର ସୁଶାନ୍ତ ନାୟକ ପହଞ୍ଚି ଆନ୍ଦୋଳନକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ।ଆସନ୍ତା ୮ ଅଗଷ୍ଟରେ ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ଏକ ତ୍ରିପାକ୍ଷିକ ଆଲୋଚନା ହୋଇ ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ତ୍ରିପାକ୍ଷିକ ଆଲୋଚନାରେ ଗ୍ରାମବାସୀ, କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲ୍ଲାପାଳଙ୍କୁ ନେଇ ଅନୁଷ୍ଠିତ ହେବ। ଗ୍ରାମବାସୀଙ୍କୁ ନେଇ କମିଟି ଗଠନ କରାଯାଇଛି। ଏହି କମିଟିରେ ରାସ୍ତା ରୋକ ନେତୃତ୍ୱ ନେଇଥିବା ସୁନ୍ଦର ମଣି ନାୟକ, ରେଙ୍ଗାଲି ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡ଼ିଆ, ଅନ୍ତର୍ଯ୍ୟାମୀ ପାଣି, ସୁବାଷ ଚନ୍ଦ୍ର ବିଶ୍ୱାଳ, ବବିତା ଦାସ, ରମାକାନ୍ତ ବିଶ୍ୱାଳ, ବିରଞ୍ଚି ବିଶ୍ୱାଳ ରହିଛନ୍ତି। ଆସନ୍ତା ୮ ତାରିଖ ଯାଏଁ ଉକ୍ତ ରାସ୍ତାରେ କମ୍ପାନୀର ଭାରିଯାନ ଚଳାଚଳ ବନ୍ଦ ରହିବ ବୋଲି ଡେପୁଟି କଲେକ୍ଟର କହିଛନ୍ତି। ସୂଚନାଯୋଗ୍ୟ ଗତ ୧୮ ତାରିଖ ଦିନ ରାସ୍ତାର ଶୋଚନୀୟ ଅବସ୍ଥା ନେଇ ହୀରାକୁଦ ବିସ୍ଥାପିତ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ପତ୍ର ଦେଇଥିଲେ। ଜିଲ୍ଲାପାଳ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଗ୍ରାମବାସୀ ବାଧ୍ୟହୋଇ ରାସ୍ତାରୋକ କରିଥିଲେ। ସୁନ୍ଦରମଣି ନାୟକଙ୍କ ନେତୃତ୍ୱରେ ଗଣେଶ ନାୟକ, ଅକୁଳ ଦେହୁରୀ, ଶ୍ରୀକାନ୍ତ ଦାସ, ରାମେଶ୍ୱର ମହାକୁଡଙ୍କ ସହ ଶତାଧିକ ଗ୍ରାମବାସୀ ସାମିଲ ଥିଲେ।

ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କ ଉପରେ ଚଢ଼ିଗଲା ଟ୍ରାକ୍ଟର

ସମ୍ବଲପୁର, ୩୦ ।୭ (ସମିସ): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ କୁଦଆମଲିପାଲି ପ୍ରାଥମିକ ସ୍କୁଲ ସମ୍ମୁଖରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସ୍କୁଲ ଯାଇଥିବା ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କ ଉପରେ ଟ୍ରାକ୍ଟର ଚଢ଼ିଯିବାରୁ ମୃତ୍ୟୁ

ଘଟିଛି। ମୃତ ଛାତ୍ରୀ ଜଣଙ୍କ ସ୍ଥାନୀୟ ଅଞ୍ଚଳର ମଣ୍ଟୁ ସୁନା ଓ ମା' ଜ୍ୟୋସ୍ନାଙ୍କ ସାନ ଝିଅ ମେହେକ(୭)। ବାପାମାଆଙ୍କ ଦୁଇ ଝିଅଙ୍କ ମଧ୍ୟରୁ ମେହେକ ସାନ ଝିଅ। ମେହେକ ପାଠ ପଢ଼ିବାକୁ ସ୍କୁଲ ଯାଇଥିବା ବେଳେ ଟ୍ରାକ୍ଟର ଚଢ଼ିଯିବାରୁ ମୃତ୍ୟୁ ଘଟିଛି। ମେହେକ ବୁଧବାର ସକାଳୁ ସ୍କୁଲ ଯାଇଥିଲେ। ପ୍ରାୟ ୧୦ଟା ସମୟରେ ସ୍କୁଲ ଦେଇ ଏକ ଟ୍ରାକ୍ଟର ଯାଉଥିବା ବେଳେ ମେହେକ ସ୍କୁଲ ଭିତରୁ ହଠାତ ବାହାରକୁ ଚାଲି ଆସିଥିଲେ। ଫଳରେ ଟ୍ରାକ୍ଟର ଛାତ୍ରୀକୁ ଧକ୍କା ଦେଇଥିଲା। ତୁରନ୍ତ ଛାତ୍ରୀକୁ ବୁର୍ଲା ମେଡିକାଲ ନେଇଥିଲେ ଚିକିତ୍ସାଧିନ ଅବସ୍ଥାରେ ଛାତ୍ରୀ ଜଣଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳର ଲୋକେ, ଭୀମ ଆର୍ମିର ରାଜ୍ୟ ସଭାପତି ଲଙ୍କେଶ ରାବଣ ପ୍ରମୁଖ ସ୍କୁଲ ସମ୍ମୁଖରେ ପହଞ୍ଚି କ୍ଷତିପୂରଣ ପାଇଁ ହୋହାଲା କରିଥିଲେ। ଛାତ୍ରୀଙ୍କ ମୃତ ଦେହକୁ ରଖି ପ୍ରଶାସନ ନଆସିବା ଯାଏଁ ମୃତଦେହ ଉଠାଯିବ ନାହିଁ ବୋଲି ଦାବି କରିଥିଲେ। ବାପା ମା' ଦିନ ମଜୁରିଆ ଭାବେ କାମ କରନ୍ତି। ପରିବାର ଏକ ମାତ୍ର ସୁସ୍ଥ ଝିଅ ଥିଲେ ମହେକ। ପ୍ରଶାସନ ବଡ ଦିବ୍ୟାଙ୍ଗ ଝିଅର ସମସ୍ତ କଥା ବୁଝିବା ସହ ପାଠ ପଢ଼ାଇବା ଦାୟିତ୍ୱ ଗ୍ରହଣ କରୁ ବୋଲି ଦାବି କରିଥିଲେ।ପ୍ରାୟ ସନ୍ଧ୍ୟା ୫ ଟା ଯାଏ ଲୋକେ ଦାବି କରି ପାଟିତୁଣ୍ଡ କରିଥିଲେ। ସେପଟେ ବୁର୍ଲା ପୁଲିସ ଚାଳକଙ୍କୁ ଗିରଫ କରିବା ସହ ଗାଡ଼ିକୁ ଜବତ କରିଛି। ରେଡ୍‌କ୍ରସ ତରଫରୁ ୩୦ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି। ଜିଲ୍ଲା ଶିକ୍ଷାଅଧିକାରୀ ତଦନ୍ତ କରି ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ରହିଛି।

ଜଗୁଆଳି ବିହୀନ ଶୌଚାଳୟ

ଭାଙ୍ଗି ରୁଜି ଅପରିଷ୍କାର କରୁଛନ୍ତି ଅସାମାଜିକ ବ୍ୟକ୍ତି

କୁଚିଣ୍ଡା, ୩୦।୭ (ସମିସ): କୁଚିଣ୍ଡା ଜନଗହଳିପୂର୍ଣ୍ଣ ପୁରୁଣା ବସ୍‌ଷ୍ଟାଣ୍ଡ ଠାରେ ଏନ୍‌ଏସି ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଅନୁଦାନରେ ନିର୍ମିତ ସ୍ନାନାଗାର ବିହୀନ ଶୌଚାଳୟ ଏବେ ବ୍ୟବହାର ଅନୁପଯୋଗୀ। ପରିତ୍ୟକ୍ତ, ମଳ ମୂତ୍ରରେ ପରିପୂର୍ଣ୍ଣ ସ୍ଥାନଟି ଅପରିଷ୍କାର ହୋଇପଡ଼ିଛି। ସର୍ବସାଧାରଣ ବାଧ୍ୟ ବାଧକତାରେ ଶୌଚ ପାଇଁ ଯାଉଛନ୍ତି। ଶୌଚାଳୟରେ ସଫା ସୁତରା ପାଇଁ ନେତ୍ର ବେହେରାଙ୍କୁ ପୂର୍ବରୁ ଦାୟିତ୍ୱ ଦେଇ ଭୋର ୪ ଟାରୁ ସନ୍ଧ୍ୟା ୮ ଟା ପର୍ଯ୍ୟନ୍ତ ଖୋଲା ରଖିବା ଏବଂ ପରିବେଶକୁ ସଫା ସୁତାର ରଖିବାକୁ ଏନ୍‌ଏସି ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ହେଲେ ଏନ୍‌ଏସି ସଫେଇ ଇନଚାର୍ଜ ନେତ୍ର ବେହେରାଙ୍କୁ ସେଠାରୁ ଅନ୍ୟତ୍ର ସ୍ଥାନାନ୍ତରିତ କରିଦିଆଗଲା।ଫଳରେ ନେତ୍ର ବେହେରା ଦାୟିତ୍ୱରୁ ଗଲାପରେ ପୁଣି ଅପରିଷ୍କାର ହୋଇଗଲାଣି। ନେତ୍ର ବେହେରା ଥିବା ବେଳେ ଶୌଚାଳୟ ସମ୍ପୂର୍ଣ୍ଣ ସଫା ସୁତାର ରଖିବା ସହ ବ୍ଲିଚିଂ, ଫିନାଇଲ, ଅଗରବତି ଜଳାଇ ସୁଗନ୍ଧିତ ପରିବେଶ ସୃଷ୍ଟି କରିବା ସହ ଶୌଚାଳୟକୁ ଆଦର୍ଶ ରୂପରେ ରଖିଥିଲେ। ବର୍ତ୍ତମାନ ଜଗୁଆଳି ବିହୀନ ଶୌଚାଳୟ ହୋଇଯିବାରୁ କିଛି ଦୁର୍ବୃତ୍ତ ପାଇଖାନା ପ୍ୟାନ ଭାଙ୍ଗିଦେବା ସହ ପାଣି ପାଇପ ଟ୍ୟାପ ଗୁଡିକ ଭାଙ୍ଗି ଫିଙ୍ଗି ଦେଉଛନ୍ତି। ଫଳରେ ଶୌଚ ସାରି ପାଣି ପାଇଁ ନାହିଁ ନଥିବାର ଅସୁବିଧା ହେଉଥିବାର ଦେଖିବାକୁ ମିଳୁଛି। ଉକ୍ତ ଶୌଚାଳୟରେ ପରିଚାଳନା ଓ ସଫାସୁତରା ପାଇଁ କିଛି ପଇସା ସଂଗ୍ରହ କରାଯାଉ ଏବଂ ଉକ୍ତ ପଇସାରେ ଏହାର ସଫା ସୁତରା ରଖିବା ସହ ସଦାସର୍ବଦା ପାଣିର ବ୍ୟବସ୍ଥା କରାଯାଉ। ଶୌଚାଳୟ ରକ୍ଷଣ ବେକ୍ଷଣା ପାଇଁ ନେତ୍ର ବେହେରାଙ୍କୁ ଉକ୍ତ ସ୍ଥାନରେ ଥଇଥାନ କରି ପୁଣି ଦାୟିତ୍ୱ ହସ୍ତାନ୍ତର ପାଇଁ ସାଧାରଣରେ ଦାବି ହେଉଛି।

ମହାନଦୀକୁ ଡେଇଁ ନିଖୋଜ ଘଟଣା

୮ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ମିଳିଲାନି

ସମ୍ବଲପୁର, ୩୦।୭ (ସମିସ): ମହାନଦୀ ଦ୍ୱିତୀୟ ସେତୁ ଚାଉଁରପୁର ବ୍ରିଜ ଉପରୁ ମଙ୍ଗଳବାର ଜଣେ ବ୍ୟକ୍ତି କ୍ଷୀପ୍ର ସ୍ରୋତକୁ ଡେଇଁ ପଡ଼ିଥିଲେ। ଅଗ୍ନିଶମ ବିଭାଗ ପ୍ରାୟ ୫ ଘଣ୍ଟା ଖୋଜାଖୋଜି ପରେ ମଧ୍ୟ ମିଳିନଥିଲା। ସନ୍ଧ୍ୟା ହେବାରୁ ବନ୍ଦ ରହିଥିଲା। ଏହିକ୍ରମରେ ବୁଧବାର ସକାଳ ୮ଟାରୁ ପୁଣି ଅପରେସନ ଜାରି ରଖିଥିଲା। ଧମା ଆଡ଼କୁ ଯାଇ ଖୋଜା ଖୋଜି ମଧ୍ୟ କରିଥିଲା। କିନ୍ତୁ କୌଣସି ଖବର ପାଇ ନଥିଲା। ଜଳସ୍ରୋତ କ୍ଷୀପ୍ର ଥିବାରୁ ଦୂରକୁ ଭାସି ଯାଇଥିବା ଅଗ୍ନିଶମ ଅଧିକାରୀ ସୁଦାମ କିସ୍କୋ କହିଛନ୍ତି। ନିଖୋଜ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ।ସୂଚନା ଅନୁସାରେ ମଙ୍ଗଳବାର ଅପରାହ୍ନରେ ଜଣେ ପ୍ରାୟ ୬୦ ବର୍ଷିୟ ବ୍ୟକ୍ତି ଚାଉଁରପୁର ପାର୍ଶ୍ୱରୁ ସମ୍ବଲପୁର ପଟକୁ ଚାଲି ଚାଲି ଆସି ବ୍ରିଜ ବାଡ଼ାକୁ ଚଢି ମହାନଦୀ ସ୍ରୋତକୁ ଡେଇଁ ପଡ଼ିଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

ବେଆଇନ ଟ୍ରକ୍ ପାର୍କିଂ କଲେ କଟିବ ଫାଇନ

ପ୍ରଥମ ଦିନରେ ୭୧ ହଜାରରୁ ଅଧିକ ଟଙ୍କା ଆଦାୟ

ସମ୍ବଲପୁର, ୩୦ ।୭ (ସମିସ): ସର୍ଭିସ ରୋଡ କିମ୍ବା ଏନଏଚ କଡ଼ ରୋଡ଼ରେ ବେଆଇନ ଭାବେ ଟ୍ରକ୍ ରଖୁଥିଲେ ସାବଧାନ।କେତେବେଳେ ବି କଟି ପାରେ ଫାଇନ। ବହୁଦିନ ବ୍ୟବଧାନ ପରେ ଆକ୍ସନ ମୁଡ଼ରେ ପରିବହନ ଓ ପୁଲିସ ବିଭାଗ ଆସିଛି। ବେଆଇନ ପାର୍କିଂ ବିରୋଧରେ ଆଜିଠୁ ଏକ ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଛି। ଆଜି ଏନ୍‌ଏଚ୍ ୫୫ ବରେପାଲି ଥାନାଞ୍ଚଳ ରେମେଡ଼ଠାରେ ସମ୍ବଲପୁର ପରିବହନ ବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଭାବରେ ଚଢଉ କରାଯାଇଥିଲା। ଏଥିରେ ୨୭ଟି ଗାଡ଼ିରୁ ୭୧ ହଜାର ୫୦୦ଟଙ୍କା ଇ-ଚାଲାଣ କଟାଯାଇଛି। ଏହା ସେମାନଙ୍କୁ ଏପରି ଏନଏଚ କଡ଼ରେ ପାର୍କିଂ କରିବାକୁ ବାରଣ କରାଯାଇଛି। ଯଦି ଏପରି ନ ହୁଏ ତେବେ ଗାଡ଼ି ଜବତ କରାଯିବ ବୋଲି କୁହାଯାଇଛି। ଏହିପରି ଚଢଉ ଆଗକୁ ମଧ୍ୟ ଜାରି ରହିବ ବୋଲି ପରିବହନ ବିଭାଗ ଅଧିକାରୀ ରାମଦାସ ଟୁଡୁ କହିଛନ୍ତି। ପୂର୍ବରୁ ଏହି ଏନଏଚ୍ କଡ଼ ରେମେଡ଼, ବରେଇପାଲି, ଅଇଁଠାପାଲି ଏବଂ ଧନକୌଡ଼ା ସିଟିଷ୍ଟେସନ ନିକଟରେ ବେଆଇନ ଭାବେ ଟ୍ରକ ପାର୍କିଂ କରାଯାଉଥିଲା। ଜାତୀୟ ରାଜପଥରେ ମାଳମାଳ ୧୬ ଚକିଆ ଟ୍ରକ୍ ବେଆଇନ ପାର୍କିଂ କରିବା ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏଥିଯୋଗୁଁ ଧୂଳିଧୂସର ଉଡିବା ସହ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପଥଚାରୀ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଥିଲା।

ହାତୀ ଉପଦ୍ରବରେ ଲୋକେ ଭୟଭିତ

ନାକଟିଦେଉଳ, ୩୦ ।୭ (ସମିସ):ଜମିରେ ଚାଷ କାମ ଜୋରସୋର ଚାଲିଥିବା ବେଳେ ବଣୁଆ ହାତୀପଲ ଆସି ଚାଷ ଜମରେ ପଶି ଦଳୀ ନଷ୍ଟ କରି ଦେଉଛନ୍ତି। ବୁଧବାର ସକାଳେ ହାତୀପଲ ଆସି ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ମାରୱାଡି ମୁଣ୍ଡା ଓ ଚନ୍ଦ୍ରପୁର ଗ୍ରାମ ମଝିରେ ନାକଟିଦେଉଳ ଦେବଗଡ଼ ରାସ୍ତାକଡ଼ରେ ଥିବା ଏକ ହୁଡିରେ ରହିଯାଇଛନ୍ତି। ରାସ୍ତା ଯିବାଆସିବା କରୁଥିବା ଲୋକଙ୍କ ସୁରକ୍ଷା ପାଇଁ ଖବର ପାଇ ବନବିଭାଗ କର୍ମ ଚାରୀ ଓ ପୁଲିସ ବିଭାଗ ଆଜି ଦିନତମାମ ଜଗି ରହିଛନ୍ତି।ଚାଷକାମ ଆରମ୍ଭରୁ ହାତୀପଲ ଧାନଗଛ ନଷ୍ଟ କରୁଥିବା ବେଳେ ଧାନ ଫସଲ ଅମଳ କରିବା ନେଇ ଅଞ୍ଚଳବାସୀ ଆଶଙ୍କାରେ ରହିଛନ୍ତି।

ଜେଲ ଗଲା ପତ୍ନୀହନ୍ତା

ସମ୍ବଲପୁର, ୩୦।୭ (ସମିସ): ଅଇଁଠାପାଲି ଥାନାଞ୍ଚଳ କରମଟୋଲିରେ ଘଟିଥିବା ନାରକୀୟ ହତ୍ୟାକାଣ୍ଡର ଘଟଣାରେ ଅଭିଯୁକ୍ତ ସ୍ୱାମୀ ଲୋରେନ୍ସ ମୁଣ୍ଡା(୪୫) କୁ ଗିରଫ କରାଯାଇଛି। ଆଜି ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨୮ ତାରିଖରେ ପାରିବାରିକ କଳହ କାରଣରୁ ଲୋରେନ୍ସ ତାଙ୍କ ପତ୍ନୀ କୁଳମଣୀ ମୁଣ୍ଡାଙ୍କୁ ଟାଙ୍ଗିଆ ବେଣ୍ଟରେ ମାରି ହତ୍ୟା କରିଥିଲା। ଏହାପରେ ଶବ ଉପରେ ଅଖାବସ୍ତା ଲଦି ଦେଇଥିଲା। କୁଳମଣୀଙ୍କ ଝିଅ ତାଙ୍କ ମା'ଙ୍କୁ ଏହି ଅବସ୍ଥାରେ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି।

ଯୁବକକୁ ଛୁରା ମାଡ଼ କରି ଲୁଟ୍

ସମ୍ବଲପୁର, ୩୦ ।୭ (ସମିସ): ଧନୁପାଲି ଥାନା ଅନ୍ତର୍ଗତ ଗୋବିନ୍ଦତୋଲା ଅଞ୍ଚଳରୁ ୱେଲ୍ଡିଂ କାମ କରୁଥିବା ବାବଲୁ ରୋହିଦାସକୁ(୧୮) କିଛି ଦୁର୍ବୃତ୍ତ ଛୁରା ମାଡ଼ କରି ମୋବାଇଲ ଲୁଟି ନେଇଥିବା ଅଭିଯୋଗ ହୋଇଛି। ପ୍ରଥମେ ତାଙ୍କୁ ଡିଏଚଏଚରେ ଚିକିତ୍ସା କରାଯାଇଥିଲା। ପରେ ଥାନାରେ ଯାଇ ଏତଲା ଦେଇଛନ୍ତି। ଝାରସୁଗୁଡ଼ାରୁ କାମ କରି ଫେରୁଥିବା ବେଳେ ଏହି ଘଟଣା ଘଟିଥିବା ନେଇ ଥାନା ଅଧିକାରୀ ଅଜୟ ମହାକୁଡ଼ ସୂଚନା ଦେଇଛନ୍ତି।

■ ଆତ୍ମହତ୍ୟା କରିବାକୁ ଚାଷୀଙ୍କ ଚେତାବନୀ

ଘରକୁ ଯାଇ ଆଲୋଚନା କଲେ ସିଡିଓ ଏବଂ ଅନ୍ୟ ଅଧିକାରୀ

ଜମନକିରା, ୩୦।୭(ସମିସ): ଗତ କିଛିଦିନ ପୂର୍ବରୁ ଜଣେ ଚାଷୀଙ୍କ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ

ପ୍ରଶାସନିକ ଅଧିକାରୀଙ୍କ ଏକ ଦଳ ମଙ୍ଗଳବାର ଅପରାହ୍ନରେ ଚାଷୀଙ୍କୁ ଭେଟି ଆଲୋଚନା କରିଥିଲେ। ଜମନକିରା ବ୍ଲକ ଫାଶୀମାଲ ପଞ୍ଚାୟତ ଚାଷୀନେତା ଦିଲୀପ ପଟେଲଙ୍କ ଚାଷ ସମସ୍ୟାକୁ ନେଇ ୩୦ ତାରିଖରେ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ଏହାକୁ ନେଇ ମଙ୍ଗଳବାର ଅପରାହ୍ନରେ ହେମନ୍ତ କୁମାର ଜେନା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମ୍ବଲପୁର, ଅନ୍ୱେଷା ଦଳବେହେରା ସହାୟକ କୃଷି ଅଧିକାରୀ ସମ୍ବଲପୁର, ପ୍ରସନ୍ନ କୁମାର ସ୍ୱାଇଁ କୃଷି ଅଧିକାରୀ କୁଚିଣ୍ଡା, କାଦମ୍ବିନି ଶତପଥି କୃଷି ଅଧିକାରୀ ଜମନକିରା, ତନ୍ମୟ କୁମାର ମୁର୍ମୁ ସହାୟକ କୃଷି ଅଧିକାରୀ ଜମନକିରା, କୁନ୍ତୀ ମାଝୀ ଗ୍ରାମ୍ୟ କୃଷି ଅଧିକାରୀ ଫାଶୀମାଲ ସହିତ ଅନ୍ୟ ଅଧିକାରୀଙ୍କ ସହିତ ଫାଶୀମାଲସ୍ଥିତ ଦିଲୀପ ପଟେଲଙ୍କ ଘରକୁ ଯାଇ ତାଙ୍କ ସହିତ ଅନ୍ୟଚାଷୀଙ୍କ ଗହଣରେ ଆଲୋଚନା କରିଥିଲେ।ପ୍ରଶାସନିକ ଅଧିକାରୀଙ୍କ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଛନ୍ତି କି ଜିଲ୍ଲା ଚିଠି ଅନୁଯାଇ ଆଲୋଚନା କରାଯାଇଛି ଏବଂ ସେଠାରୁ ଆମକୁ ଜଣାଇଲେ ଆମେ ଶ୍ରୀ ପଟେଲଙ୍କୁ ଜଣାଇବୁ ଏବଂ ତାଙ୍କ ଆତ୍ମହତ୍ୟା ନିଷ୍ପତ୍ତିରୁ ଓହରିବାକୁ ଅନୁରୋଧ କରିଛନ୍ତି। ଯାହା ଫଳରେ ଶ୍ରୀ ପଟେଲ ବର୍ତ୍ତମାନ ତାଙ୍କ ନିଷ୍ପତ୍ତି ସ୍ଥଗିତ ରହିଥିବା କହିଛନ୍ତି। ଉକ୍ତ ସମୟରେ ଫାଶୀମାଲ ଅଞ୍ଚଳର ଚାଷୀ ରଘୁମଣୀ ଚୌଧୁରୀ, ଗଗନ ନାୟକ, ସୁନୀଲ ମୁଦୁଲି, ଧୀରେନ୍ଦ୍ର ନାୟକ, ସରୋଜ ନାୟକ, ଗୋପାଳଜୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ଯାତ୍ରୀ ଚାହିଦା ଦୃଷ୍ଟିରୁ ରେଳ ବିଭାଗର ପଦକ୍ଷେପ

ପୁରୀ-ରାଉରକେଲା ବନ୍ଦେ ଭାରତରେ ୮ କୋଚ୍ ସଂଯୋଗ

ସମ୍ବଲପୁର, ୩୦।୭(ସମିସ): ପୁରୀ ଏବଂ ରାଉରକେଲା ମଧ୍ୟରେ ଦ୍ରୁତ ଏବଂ ଅଧିକ ଆରାମଦାୟକ ରେଳ ଯାତ୍ରା ଉପଲବ୍ଧ କରାଇବା ପାଇଁ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ୨୦୮୩୬/୨୦୮୩୫ ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସରେ ୫୦% କୋଚ୍ ବୃଦ୍ଧି ଘୋଷଣା କରିଛି। ଏହି ଟ୍ରେନଟି ଆସନ୍ତା ମାସ ୮ ତାରିଖ ଠାରୁ ପୂର୍ବ ଗଠନ୮ କୋଚ୍ ବଦଳରେ ୧୬କୋଚ୍ ସହିତ ଚଳାଚଳ କରିବ। ଏହି କୋଚ ସଂଯୋଗ ବୃଦ୍ଧିରେ ଆଠଟି ଏସି ଚେୟାର କାର୍ କୋଚ୍ ଯୋଡାଯାଇଛି। ଯାହାର ଲକ୍ଷ୍ୟ ହେଉଛି ଯାତ୍ରୀଙ୍କ ୱେଟିଂ ଲିଷ୍ଟକୁ ହ୍ରାସ କରିବା, ଯାତ୍ରୀ ସଂଖ୍ୟାକୁ ବୃଦ୍ଧି କରିବା ଏବଂ ସମଗ୍ର ଓଡ଼ିଶାରେ ଏହି ପ୍ରତିଷ୍ଠିତ ସେମି-ହାଇ-ସ୍ପିଡ୍ ଟ୍ରେନ୍ ସେବାକୁ ଆହୁରି ପ୍ରୋତ୍ସାହିତ କରିବା। ଅପଗ୍ରେଡ୍ ରେକ୍ କମ୍ପୋଜିସନ୍‌ରେ ଏବେ ୧୨ଟି ଏସି ଚେୟାର କାର୍ କୋଚ୍, ୨ଟି ଏକଜିକ୍ୟୁଟିଭ୍ ଚେୟାରକାର୍ କୋଚ୍ ଏବଂ ୨ଟି କ୍ରିୟୁ ଏବଂ ଏସି ଚେୟାର କାର୍ କୋଚ୍ ରହିବ। ଏହି ଟ୍ରେନ୍‌ଟି ବର୍ତ୍ତମାନ ୧୧୦%ରୁ ଅଧିକ କ୍ଷମତାରେ ଚଳାଚଳ କରୁଛି। ଯାତ୍ରୀଙ୍କ ପସନ୍ଦ ଏବଂ ଯାତ୍ରା ଚାହିଦାର ସମୀକ୍ଷା ପରେ ପୁରୀ-ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ ରେ କୋଚ ସଂଯୋଗକୁ ବୃଦ୍ଧି କରିବାର ନିଷ୍ପତ୍ତି ନିଆଯାଇଛି। ବର୍ଦ୍ଧିତ କୋଚ ସଂଯୋଗ ଦ୍ୱାରା ଅଧିକ ଯାତ୍ରୀ ଏକ ଦ୍ରୁତ, ଆରାମଦାୟକ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ପରିବହନ ପଦ୍ଧତିର ଅଭିଜ୍ଞତା ଲାଭ ପାଇପାରିବେ। ଏହି ପଦକ୍ଷେପ ରାଜ୍ୟର ଆଞ୍ଚଳିକ ସଂଯୋଗୀକରଣ, ପର୍ଯ୍ୟଟନ ଏବଂ ଅର୍ଥନୈତିକ ବୃଦ୍ଧିରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି। ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ଏକ ସେମି-ହାଇ-ସ୍ପିଡ୍ ଟ୍ରେନ୍ ଯାହା ପୁରୀକୁ ରାଉରକେଲା ସହିତ ସଂଯୋଗ କରୁଛି। ଏହି ଟ୍ରେନ ପ୍ରାୟ ୭.୫ ଘଣ୍ଟାରେ ୫୦୫ କିଲୋମିଟର ଦୂରତା ଯାତ୍ରା କରିଥାଏ। ଏହି ଟ୍ରେନ୍‌ଟି ମଙ୍ଗଳବାର ବାତିଲ ରହିଥାଏ।

ଏକତା ମଞ୍ଚର ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ

'ଯିଏ ଯେନ ଥ, ସମ୍ବଲପୁରୀ ପିନ୍ଧି ଦିନ୍ ମାନ୍‌ମା'

ସମ୍ବଲପୁର, ୩୦ ।୭ (ସମିସ)

ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ୧ ତାରିଖ ଅବସରରେ ପ୍ରତିବର୍ଷ ପରି ଏଥର ମଧ୍ୟ ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ଧୁମଧାମରେ ଟାଉନ ହଲରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ଦୁଇ ଦିନ ୩୧ ତାରିଖ ଓ ୧ ତାରିଖ ଧରି ଏହି ଉତ୍ସବ ପାଳିତ ହେବା ନେଇ ମଞ୍ଚର ସଭାପତି ସମୀର ରଞ୍ଜନ ବାବୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଶେଷ ଭାବେ ଗୁରୁ ବହିଦାରଙ୍କ ପୁରୁଣା ଘରକୁ ପୁନରଉଦ୍ଧାର କରିବା ନେଇ ସଂସ୍କୃତି ମନ୍ତ୍ରୀଙ୍କୁ କୁହାଯିବ। ଘରକୁ ନ ଭାଙ୍ଗି ତାର ରକ୍ଷଣା ବେକ୍ଷଣା କରାଯିବ। ଚଳିତ ଥର ସମ୍ବଲପୁର ସମେତ, ବୁର୍ଲା, ଭବାନୀପାଟଣା, ବଲାଙ୍ଗିର ଓ ବରଗଡ଼ ମଧ୍ୟ ଏକତା ମଞ୍ଚ ସହଯୋଡି ହୋଇ ସମ୍ବଲପୁରୀ ଦିନ ପାଳନ କରାଯିବ। ଯିଏ ଯେଉଁଠି ବି ଥାଅ ଅଗଷ୍ଟ ଏକ ରେ ସମ୍ବଲପୁରୀ କପଡ଼ା ପିନ୍ଧି, କଥା ଦୁଇପଦ କହି ଏହି ଦିନକୁ ପାଳିବାକୁ ମଞ୍ଚ ଆହ୍ୱାନ ଦେଇଛି। ଦୁଇ ଦିନ ବିଭିନ୍ନ କାର୍ଯ୍ୟକ୍ରମ ନେଇ ଶ୍ରୀବାବୁ କହିଥିଲେ। ପ୍ରଥମ ଦିନରେ ମଞ୍ଚ ପୂଜା, ନାଚ ପ୍ରତିଯୋଗିତା, ର୍‌ୟାମ୍ପ ୱାକ ଇତ୍ୟାଦି କରାଯିବ। ସନ୍ଧ୍ୟାରେ ରାପର ଜେଆରଏମ ବାବା ମୁଖ୍ୟ ଆକର୍ଷଣ ରହିବେ। ସେହପରି ଦ୍ୱିତୀୟ ଦିନରେ

ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଘର ପୁନରୁଦ୍ଧାର କରାଯିବ

ଭାଷା ସାହିତ୍ୟ, ସଂସ୍କୃତିକୁ ପ୍ରଚାର କରିବା ଉଦ୍ୟମ

ସମ୍ବଲପୁରୀ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ବିଶେଷ ଭାବେ କବିତା ପାଠ କରାଯିବ। ବିଭିନ୍ନ ଅଞ୍ଚଳ ଆଡୁ ଖ୍ୟାତି ଅର୍ଜନ କରିଥିବା କବି ମାନେ କବିତା ପାଠ କରିବେ। ଝୁଟି ପ୍ରତିଯୋଗିତାରେ ଦୁଇଟି ବର୍ଗରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ। ଦୁଇ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍କୁଲରୁ ଛାତ୍ରଛାତ୍ରୀ ଯୋଗ ଦେଇ ନୃତ୍ୟ ପରିବେଷଣ କରିବେ। ଗୀତ ନାଚରେ ମଞ୍ଚ ପ୍ରକମ୍ପିତ ହେବ। ଅନ୍ତର୍ଜାତୀୟ କ୍ଷେତ୍ରରେ ଖ୍ୟାତି ଲାଭ କରିଥିବା ୧୦ ଜଣ ଚିତ୍ରଶିଳ୍ପୀ ସମ୍ବଲପୁରୀ ଦିନରେ ଲାଇଭ ପେଣ୍ଟିଂ କରିବେ ବୋଲି ଆୟୋଜକ କହିଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଭାଙ୍କୁ ପୁରସ୍କୃତ କରିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯିବ। ନାଟ୍ୟ କଳାକାର ଜ୍ୟୋତ୍ସାମୟୀ ମିଶ୍ର ଓ ଗଦାଧର ବାରିକ, ୟୁଟ୍ୟୁବର୍ସ ରୋଶନ ଭରଦ୍ୱାଜ ଓ ମୁନିଆ ପାଣିଗ୍ରାହୀ ଏବଂ ଉଦ୍ୟାଭାରତ ଦାଶଙ୍କୁ ସମ୍ମାନୀତ କରାଯିବ। ସମ୍ବଲପୁରୀ ଦିନରେ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସମ୍ବଲପୁର ଜିଲ୍ଲାପାଳ, ଉତ୍ତରାଞ୍ଚଳ ଆଇଜି, ଏସପି ଓ ଏସଏମସି କମିଶନରଙ୍କୁ ମଧ୍ୟ ଯୋଗ ଦେବା ପାଇଁ ନିମନ୍ତ୍ରଣ ଦିଆଯାଇଛି। ମଞ୍ଚର ସଂଯୋଜକ ଡ. ସଞ୍ଜୀବ କୁମାର ମିଶ୍ର, ସମ୍ପାଦକ ସୂର୍ଯ୍ୟପ୍ରକାଶ ଗୁରୁ, ସଙ୍ଗୀତ ସଂଯୋଜକ ତ୍ରିଲୋଚନ ତ୍ରିପାଠୀ, ସାହିତ୍ୟ ସଂଯୋଜକ କମଳ ଲୋଚନ ପଣ୍ଡା, ଚିତ୍ରାଙ୍କନ ପ୍ରତିଯୋଗିତାର ସଂଯୋଜକ ମନୋଜ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଚନ୍ଦ୍ରମଣୀ ଜେନା
ଗ୍ରାମ-ଦକ୍ଷିଣବାଡ଼, ଧାମନଗର, ଜିଲ୍ଲା-ଭଦ୍ରକ
ଆବିର୍ଭାବ - ୨୧/୧୨/୧୯୪୬
ତିରୋଧାନ - ୨୧/୦୭/୨୦୨୫
ବାପା, ଆପଣଙ୍କ ଅବର୍ତ୍ତ ମାନରେ ଆଜକୁ ଏଗାର ଦିନ ବିତିଗଲା । ଆପଣଙ୍କ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତ ରେ ଅନୁଭବ କରୁଛୁ । ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଆପଣଙ୍କର ହତଭାଗ୍ୟ ପୁତ୍ର
ଡ଼. ଅଜିତ୍ ପ୍ରସାଦ ଜେନା,
ସତ୍ୟଜିତ ଜେନା ,ସୁବ୍ରତ ଜେନା,
ଦେବବ୍ରତ ଜେନା ଓ ବନ୍ଧୁ ସୃଜନ, ଜେନା ପରିବାର ବର୍ଗ ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତଃ ମହେନ୍ଦ୍ର ନାଥ ସ୍ୱାଇଁ
ଗ୍ରାମ - ଲକ୍ଷ୍ମୀ ସାଗର, ଖୋର୍ଦ୍ଧା
ଆବିର୍ଭାବ - ୧୭.୦୨.୧୯୪୧, ତିରୋଧାନ - ୨୧.୦୭.୨୦୨୫
ଆପଣଙ୍କର ଅବର୍ତ୍ତମାନରେ ଚାହୁଁ ଚାହୁଁ ୧୧ ଦିନ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଶିକ୍ଷକ ଜୀବନ ନୀତି, ନୈତିକତା, ଆଦର୍ଶ, ବ୍ୟକ୍ତିତ୍ୱ ଆମପାଇଁ ଶ୍ରେଷ୍ଠ ସମ୍ବଳ ହେଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଝିଅ, ନାତି, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ

ଆଗଲପୁର ବ୍ଲକ୍‌ରେ ପଞ୍ଚାୟତିରାଜ ବ୍ୟବସ୍ଥା

ସରପଞ୍ଚଙ୍କ ବିରୋଧରେ ଅସନ୍ତୁଷ୍ଟ ୱାର୍ଡସଭ୍ୟ ଓ ହିତାଧିକାରୀ

ବଲାଙ୍ଗିର, ୩୦।୭ (ସମିସ)

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକରେ ଫେଲ ମାରିଛି ପଞ୍ଚାୟତିରାଜ ବ୍ୟବସ୍ଥା । ଯାହାକୁ ନେଇ ବ୍ଲକର ତିନିରୁ ଚାରି ପଞ୍ଚାୟତରେ ସରପଞ୍ଚମାନଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଆଗଲପୁର, ଭରସୁଜା ପଞ୍ଚାୟତର ସରପଞ୍ଚ ନିଲମ୍ବିତ ହୋଇଥିବା ବେଳେ ବଡଟିକା ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେଞ୍ଚ ଅନାସ୍ଥା ପ୍ରସ୍ତାବ କରିବାକୁ ୱାର୍ଡମେମ୍ବରମାନେ ଅନୁରୋଧପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି । ସେହିପରି ବକଟିକା ପଞ୍ଚାୟତର ସରପଞ୍ଚଙ୍କ ମୃତ୍ୟୁ ପରେ ପଦ ମଧ୍ୟ ଖାଲିପଡ଼ିଛି । ଫଳରେ ପଞ୍ଚାୟତ ମାନଙ୍କରେ ହେବାକୁ ଥିବା ଉନ୍ନତିମୂଳକ କାମ ସବୁ ପଡ଼ି ରହୁଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି । ଏମିତିରେ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି ।

ଆଗଲପୁର ବ୍ଲକ ବଡଟିକା ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ କରିବା ପାଇଁ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର ଜିଲ୍ଲା ପ୍ରଶାସନ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ସରପଞ୍ଚ ଉଦେନାଥ ନାଏକ ସରପଞ୍ଚ ହେବା ଦିନ ଠାରୁ ପଞ୍ଚାୟତରେ ଉନ୍ନତିମୂଳକ କାମ ଠପ ହୋଇପଡ଼ିଛି । ତାଙ୍କ କାର୍ଯ୍ୟକଳାପ ନେଇ ପଞ୍ଚାୟତବାସୀ ଅସନ୍ତୁଷ୍ଟ ଥିବା ୱାର୍ଡମେମ୍ବରମାନେ ଅଭିଯୋଗ କରିଛନ୍ତି । ଫଳରେ ତାଙ୍କୁ ଅନାସ୍ଥା ପ୍ରସ୍ତାବ ଆଣି ବହିଷ୍କାର କରିବାକୁ ଆବେଦନ କରିଛନ୍ତି । ଏନେଇ ଗତ ମେ ୨୨ ତାରିଖରେ ଏକ ସ୍ୱତନ୍ତ୍ର ପଞ୍ଚାୟତ ବୈଠକରେ ନିଷ୍ପତ୍ତି ହୋଇଥିବା ବେଳେ ୨୩ ତାରିଖରେ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ସୂଚନା ପ୍ରଦାନ କରାଯାଇଥିଲା । ଗତ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ଏନେଇ କୌଣସି ନିଷ୍ପତ୍ତି ହେଉନଥିବାରୁ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମନରେଗା, ବିଭିନ୍ନ ଯୋଜନାରେ ହିତାଧିକାରୀ ଚୟନ ହେଉପାରୁନଥିବା ଅଭିଯୋଗ ହୋଇଛି । ତେବେ ସ୍ଥାନୀୟ ବିଧାୟକ ତଥା କ୍ୟାବିନେଟ ମନ୍ତ୍ରୀଙ୍କ ଚାପରେ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ନାଏବ ସରପଞ୍ଚ ବିଜଲି ସାହୁ ଅଭିଯୋଗ କରିଛନ୍ତି । ତେବେ ଅନାସ୍ଥା ଭୋଟ ପାଇଁ ଶୀଘ୍ର ତାରିଖ ଧାର୍ଯ୍ୟ କରିବାକୁ ସେ ଦାବି କରିଛନ୍ତି । ଏହି ବ୍ଲକର କେବଳ ବଡଟିକା ପଞ୍ଚାୟତରେ ଅଚଳାବସ୍ଥା ନୁହଁ ଅନ୍ୟ ପଞ୍ଚାୟତମାନଙ୍କରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି । ଗତ କିଛି ମାସ ତଳେ ଏହି ବ୍ଲକ ଭରସୁଜା ଓ ଆଗଲପୁର ପଞ୍ଚାୟତର ସରପଞ୍ଚଙ୍କୁ ନିଲମ୍ବିତ କରାଯାଇଥିଲା । ଆର୍ଥିକ ଅନିୟମିତତା ମାମଲାରେ ତାଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ନାଏବ ସରପଞ୍ଚମାନେ କାର୍ଯ୍ୟ ତୁଲାଉଛନ୍ତି । କିନ୍ତୁ ସେମାନେ ସାମୟିକ ଭାବେ କାଯ୍ୟଭାରରେ ରହିଥିବାରୁ ବିଭିନ୍ନ ନିଷ୍ପତ୍ତି ନେବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ହିତାଧିକାରୀମାନେ ଅଭିଯୋଗ ଆଣିଛନ୍ତି । ସେହିପରି କିଛି ମାସ ତଳେ ବକଟି ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ପୁରୋହିତଙ୍କ ଦେହାନ୍ତ ହୋଇଥିଲା । ତାଙ୍କ ମୃତ୍ୟୁ ପରେ ଉପନିର୍ବାଚନ ହେବା କଥା କିନ୍ତୁ ତାହା ମଧ୍ୟ ଏଯାଏଁ ହୋଇନାହିଁ । ଫଳରେ ଉକ୍ତ ପଞ୍ଚାୟତ ଏବେ ସରପଞ୍ଚ ଶୂନ୍ୟ ହୋଇ ପଡ଼ିରହିଛି । ଏହି ପଞ୍ଚାୟତରେ ମଧ୍ୟ ଉନ୍ନତିମୂଳକ କାମର ସମାନ ଅବସ୍ଥା ଲାଗିରହିଛି । ଆଉ କିଛି ପଞ୍ଚାୟତରେ ମଧ୍ୟ ସରପଞ୍ଚମାନଙ୍କ ବିରୋଧରେ ଅସନ୍ତୋଷ ଦେଖିବାକୁ ମିଳିଛି । ସେହି ପଞ୍ଚାୟତମାନଙ୍କରେ ମଧ୍ୟ ଅନାସ୍ଥା ପ୍ରସ୍ତାବ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ତାକୁ ଚାପି ଦିଆଯାଇଥିବା ଅଭିଯୋଗ ହୋଇଛି । ଏହି ପଞ୍ଚାୟତମାନଙ୍କରେ ଲାଗିରହିଥିବା ରାଜନୈତିକ ଟଣାଓଟରା ଭିତରେ ସରକାରୀ ଉନ୍ନତିମୂଳକ କାମ ପ୍ରଭାବିତ ହେଉଥିବା ବେଳେ ହିତାଧିକାରୀମାନେ ହଇରାଣ ହେଉଥିବା ଅଭିଯୋଗ ହେଉଛି । ତେବେ ଏହି ସମସ୍ୟାର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହୋଇଛି ।

ଅନାସ୍ଥା ପାଇଁ ଉପଜିଲ୍ଲାପାଳଙ୍କ ପାଖକୁ ଦୌଡୁଛନ୍ତି ବଡଟିକା ୱାର୍ଡସଭ୍ୟ

ବକଟିରେ ହୋଇପାରିଲାନି ଉପନିର୍ବାଚନ

ପୂର୍ବରୁ ଦୁଇ ପଞ୍ଚାୟତ ସରପଞ୍ଚ ହୋଇଛନ୍ତି ନିଲମ୍ବିତ

ନବ ବିବାହିତାଙ୍କ ମୃତ୍ୟୁ ଘଟଣା

୪ ଦିନ ପରେ ବି ମୃତ୍ୟୁର କାରଣ ଅସ୍ପଷ୍ଟ

କଣ୍ଟାବାଞ୍ଜି, ୩୦।୭ (ସମିସ): ସାତ ଜନ୍ମର ସାଥି ହେବାକୁ ଅଗ୍ନିକୁ ସାକ୍ଷୀରଖି ହିନ୍ଦୁ ରିତିନିତି ଅନୁସାରେ ବିବାହ କରି ନୂଆ ଜୀବନ ଆରମ୍ଭ କରିବାକୁ ସ୍ୱପ୍ନ ଦେଖୁଥିଲେ କିନ୍ତୁ ଘର କାନ୍ତରୁ ନବ ବିବାହିତ ମହିଳାଙ୍କ ନା ନଲିଭିବା ପୂର୍ବରୁ ଆଖି ବୁଜିଦେଇଛନ୍ତି ନବ ବିବାହିତ । ମୃତ୍ୟୁର ୪ ଦିନ ବିତି ଯାଇଥିଲେ ମଧ୍ୟ କାରଣ ଅସ୍ପଷ୍ଟ ରହିଛି । ଏହିଭଳି ଘଟଣା ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଖୁଟୁଲୁମୁଣ୍ଡା ଗାଁରେ ଦେଖିବାକୁ ମିଳିଛି । ଗାଁର ଚୈତନ୍ୟ ପୁଟା ତୁରେକେଲା ଥାନା ଅନ୍ତର୍ଗତ ଲହୁମୁଣ୍ଡା ଗାଁର ପୂର୍ଣ୍ଣିମା ମାଝୀଙ୍କୁ ଗତ ଏପ୍ରିଲ ମାସରେ ବିବାହ କରିଥିଲେ । ବିବାହି ୩ ମାସ ପରେ ଗତ ୨୭ ତାରିଖ ରବିବାର ଦିନ ଘର ଭିତରୁ ପୂର୍ଣ୍ଣିମାଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର ହୋଇଛି । ଏହା ଦେଖିବା ପରେ କଣ୍ଟାବାଞ୍ଜି ଥାନାରେ ମୃତ ପୂର୍ଣ୍ଣିମାଙ୍କ ବାପା ତାଙ୍କ ଝିଅକୁ ହତ୍ୟା କରି ଘର ଭିତରେ ଝୁଲେଇ ଦେଇଥିବା ନେଇ ସ୍ୱାମୀ ଚୈତନ୍ୟ ନାରେ କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ । କଣ୍ଟାବାଞ୍ଜି ପୁଲିସ ମାମଲା ରୁଜୁ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଶବ ଜବତ କରି କଣ୍ଟାବାଞ୍ଜି ଡାକ୍ତରଖାନରେ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା । ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ୍ ଆସି ଅଧିକ ତଦନ୍ତ କରି ତଥ୍ୟ ସଂଗ୍ରହ କରିଥିବା ବେଳେ ମୃତ୍ୟୁର ୪ ଦିନ ବିତି ଯାଇଥିଲେ ମଧ୍ୟ କଣ୍ଟାବାଞ୍ଜି ପୁଲିସ ମୃତ୍ୟୁରକାରଣ ସ୍ପଷ୍ଟ କରି ପାରିନାହିଁ । ସେପଟେ ଏକ କଳା ରଙ୍ଗ ଡାଏରି ପୁଲିସ ଜବତ କରିଥିବା ବେଳେ ସେହି ଡାଏରି ମୃତ୍ୟୁ ପୂର୍ବରୁ ନବ ବିବାହିତ କିଛି କଥା ଉଲ୍ଲେଖ କରିଥିବା ଶୁଣିବାକୁ ମିଳିଛି । ଡାଏରୀକୁ ନେଇ ମଧ୍ୟ ପୁଲିସ ଅଧିକ ଛାନଭିନ କରୁଥିବା ବେଳେ ନବ ବିବାହିତ ମହିଳାଙ୍କ ସ୍ୱାମୀ ଚୈତନ୍ୟଙ୍କୁ ଜେରା କରି ତଦନ୍ତ କରୁଛି । ଅନ୍ୟପକ୍ଷରେ ତଦନ୍ତ ନାରେ ପୁଲିସ ଦିନ ଗଡ଼ାଉ ଥିବାରୁ ପୂର୍ଣ୍ଣିମାଙ୍କ ବାପଘର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବଲାଙ୍ଗିର ଏସପି ହସ୍ତକ୍ଷେପ କରି ମୃତ୍ୟୁର କାରଣ ସ୍ପଷ୍ଟ କରିବାକୁ ଦାବି ହେଉଛି ।

ଡାଏରି ଜବତ କରି ତଦନ୍ତ କରୁଛି ପୁଲିସ

ମୃତ୍ୟୁକୁ ଡାକୁଛି ରାସ୍ତା କଡ ଅଧା କଟା ଗଛ

ଉପଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି

ପାଟଣାଗଡ଼, ୩୦।୭ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଯୋଗୀମୁଣ୍ଡା ମୁଖ୍ୟ ରାସ୍ତାର ଜନଗହଳି ପୂର୍ଣ୍ଣ ସ୍ଥାନରେ ଅଧାକଟା ଗଛ ମୃତ୍ୟୁକୁ ଆମନ୍ତ୍ରଣ କରୁଥିବା ଦେଖିବାକୁ ମିଳିଛି । ଲୋକଙ୍କ ଅଭିଯୋଗ ସତ୍ତ୍ୱେ ସମ୍ପୃକ୍ତ ଠିକା ସଂସ୍ଥା କି ପ୍ରଶାସନ ଦୃଷ୍ଟି ଦେଉନଥିବା କାରଣରୁ ଲୋକଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପ୍ରକାଶ ଯେ ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ଦ୍ୱାରା ଏବେ ପାଟଣାଗଡ଼ ବର୍ଥଲା ଛକ ଠାରୁ ଖପ୍ରାଖୋଲ ଲାଠୋର ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ କାମ ଚାଲିଛି । ଏହି ପରିପ୍ରେକ୍ଷୀରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଶହଶହ ବର୍ଷର ପୁରୁଣା ଗଛ ଗୁଡ଼ିକ ଠିକା ସଂସ୍ଥା କାଟିବାରେ ଲାଗିଛି । ଯାହାକୁ ନେଇ ଗଛ ସହିତ ଯୋଡି ହୋଇଥିବା ଐତିହ୍ୟ କ୍ଷୟର ପ୍ରତିବାଦରେ ସେପ୍ଟେମ୍ବର ୭ ତାରିଖ ଦିନ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପାଟଣାଗଡ଼ ଶାଖା ପକ୍ଷରୁ ଗଛକଟା ବନ୍ଦ କରିବା ନେଇ ଉପଜିଲ୍ଲାପାଳ ପାଟଣାଗଡ଼ଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ତା ପରଦିନ କାର୍ଯ୍ୟାଳୟ ସମ୍ମୁଖରେ ସଂଘର କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ । ଗଛ କଟା ବନ୍ଦ କରାଯିବ ବୋଲି ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ମଧ୍ୟ ଗଛକଟା ବନ୍ଦ ହୋଇନଥିଲା । ୧୫ ଦିନରୁ ଉର୍ଦ୍ଧ୍ୱ ହେବ ଯୋଗିମୁଣ୍ଡା ମୁଖ୍ୟ ରାସ୍ତା ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏକାଧିକ ବିରାଟ ନିମ୍ବଗଛ ଗୁଡ଼ିକୁ ଅଧାରୁ ଅଧିକ ଅଂଶ କଟାଯାଇ ଛାଡି ଦିଆଯାଇଛି । ସେହି ରାସ୍ତାଦେଇ ଲୋକେ ଭୟଭୀତ ଅବସ୍ଥାରେ ଯାଉଥିବା ବେଳେ କେତେବେଳେ ଗଛପଡ଼ି ଲୋକଙ୍କ ଜୀବନ ହେବ କହିହେବ ନାହିଁ । ଅନ୍ୟ ପଟେ ସେହି ରାସ୍ତାଦେଇ ଯାତାୟତ କରୁଥିବା ବିଭିନ୍ନ ପ୍ରଶାସନିକ ଅଧିକାରୀମାନଙ୍କୁ ଲୋକେ ଘଟଣାସ୍ଥଳରେ ଅଟକାଇ ଅଭିଯୋଗ ସତ୍ତ୍ୱେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି । କିଛି ଅଘଟଣ ଘଟିବା ପୂର୍ବରୁ ଏଥିପ୍ରତି ଉପଜିଲ୍ଲାପାଳ ଦୃଷ୍ଟି ଦେବାକୁ ଯୋଗିମୁଣ୍ଡା ଗ୍ରାମବାସୀ ଦାବି କରିଛନ୍ତି ।

ବଙ୍ଗୋମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ଘେରିଲା ବିଜେଡି

ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୭ ଦଫା ଦାବିପତ୍ର

କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୩୦।୭ (ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଘେରିଛି ବିଜୁ ଜନତା ଦଳ । କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ଆୟୁବ ଖାଁନ ଆହ୍ୱାନକ୍ରମେ ବଙ୍ଗୋମୁଣ୍ଡା ବ୍ଲକ ବିଜୁ ଜନତା ଦଳ ସଭାପତି ରାଧେଶ୍ୟାମ କେତକୀଙ୍କ ନେତୃତ୍ୱରେ ଶହ ଶହ ଦଳୀୟ କାର୍ଯ୍ୟକର୍ତ୍ତା ସ୍ଥାନୀୟ ଗୋଲେଇ ଛକ ଠାରେ ଏକତ୍ରୀତ ହୋଇ ବିରାଟ ଶୋଭାଯାତ୍ରାରେ ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ଶହ ରାଜ୍ୟର ଡବଲ ଇଞ୍ଜିନ ସରକାର ବିରୋଧ ରେ ନାରାବାଜୀ କରିଥିଲେ । ଓଡ଼ିଶା ରେ ଘଟୁଥିବା ନାରୀ ନିର୍ଯାତନା ନାବାଳିକା ଅପହରଣ, ଧନର ଅଭାବୀ ବିକ୍ରି, ସାରର କଳାବଜାରୀ, ଦରଦାମ ବୃଦ୍ଧି, ବେକାରୀ ସମସ୍ୟା ଓ ବଙ୍ଗୋମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ମନରେଗା ଯୋଜନା ରେ ମଟେରିଆଲ କାମ, ରାସ୍ତା ଉନ୍ନତୀକରଣ, ନକଲି ଶ୍ରମିକ ନାରେ ମିଥ୍ୟା ବିଲ କରି ଲକ୍ଷାଧିକ ଟଙ୍କା ହରିଲୁଟ କରାଯାଉଥିବା ଅଭିଯୋଗ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରିବା ଆବଶ୍ୟକତା ରହିଛି । ଏହି ଦୁର୍ନୀତି ରେ ସାମିଲ ଥିବା କର୍ମଚାରୀ ଓ ଅଧିକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି । ସେହିପରି ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ପରିବାରକୁ ୨ କୋଟି ଟଙ୍କା କ୍ଷତି ପୂରଣ ଦେବିକୁ ଦାବି କରାଯାଇଛି । ଏହି ଭଳି ୧୭ ଦଫା ଦାବିପତ୍ର ଓଡ଼ିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବଙ୍ଗୋମୁଣ୍ଡ ବ୍ଲକ ପ୍ରଶାସନ ଜରୀଆରେ ବିଜୁ ଜନତା ଦଳ କାର୍ଯ୍ୟକର୍ତ୍ତା ପ୍ରଦାନ କରିଛି । ଆନ୍ଦୋଳନରେ ବଙ୍ଗୋମୁଣ୍ଡା ବ୍ଲକ ପୂର୍ବତନ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ଲାଲ ଚନ୍ଦ ପୁଟେଲ, ରାଜ୍ୟ ସଭା ସାଂସଦ ପ୍ରତିନିଧି ମନୋରଞ୍ଜନ ଭୋଇ ବ୍ଲକ ଯୁବ ସଭାପତି ଭକ୍ତବନ୍ଧୁ ବେହେରା ଛାତ୍ର ସଭାପତି ଗୁରୁଚରଣ ଠେଲା, ଓଁପ୍ରକାଶ ରାଓ, ପବିତ୍ର ରଣା, ପ୍ରଦୀପ ପୁଟେଲ, ବିଶ୍ୱରାମ ହିଆଲ, ଚକ୍ର ଧର ଯାନୀ, ଶରତ ବେହେରା, ନେପାଳ ବେହେରା, ବିନୋଦ ବେହେରା, ଟୁନା ମେହେର, ଅରକ୍ଷିତ ମେହେର, ଦିବାକର ପୁଟେଲ, ଭଗବାନ ଝଙ୍କର, ସୁରେନ୍ଦ୍ର ବେହେରା, କୃପାସିନ୍ଧୁ ହଂସ, ସଞ୍ଜୀବ ପଣ୍ଡା, ରାମଦାଷ ଜାଲ, ରଘୁମନୀ ବାଗ, ଭାରତ ଭୋଇ, ଗଙ୍ଗାଧର ଭୋଇ, ପିଣ୍ଟୁ ସାହୁ, ଖଣ୍ଡେଶ୍ୱର ସାହୁ, ରାଜକିଶୋର କୁମ୍ଭାର, ନିତ୍ୟ କୁମ୍ଭାର, ନୁରପତି ବେହେରା, ଖୁଜନ୍ତି ରଣା, ଯୁବରାଜ ବନଛୋର, ପୁରନ୍ଦର ଭୋଇ, ଲକ୍ଷ୍ମନ ମହାନନ୍ଦଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ଥିଲେ ।

ରାଜ୍ୟ ସନ୍ତରଣ ପ୍ରତିଯୋଗିତାରେ ପିପି ଏକାଡେମୀ ଛାତ୍ରଙ୍କ ବାଜିମାତ୍

ବଲାଙ୍ଗିର, ୩୦।୭ (ସମିସ): ଓଡ଼ିଶା ରାଜ୍ୟ ସନ୍ତରଣ ପ୍ରତିଯୋଗିତା ୨୩ରୁ ୨୫ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ସନ୍ତରଣାଗାରରେ ଆୟୋଜିତ ହୋଇଯାଇଛି । ରାଜ୍ୟ ସନ୍ତରଣ ପ୍ରତିଯୋଗିତା ପାଇଁ ବଲାଙ୍ଗିର ଜିଲ୍ଲାରୁ ୧୭ ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ୬ ଜଣ ପିପି.ଏକାଡେମୀର ଛାତ୍ର ଅଉନ୍ତି । ସେମାନେ ହେଲେ ସୋମନାଥ ପୁଟେଲ ଦଶମ ଶ୍ରେଣୀର ଛାତ୍ର, ସୌରଭ ପୁଟେଲ ଅଷ୍ଟମ ଶ୍ରେଣୀ ଛାତ୍ର, ସ୍ୱାଗତ ସେଠ ଓ ସକ୍ଷମ ସେଠ ନବମ ଶ୍ରେଣୀ ଛାତ୍ର ଏବଂ ମନିକୋଶ ନାଏକ ଓ ଶ୍ରବଣ ସେଠ ସପ୍ତମ ଶ୍ରେଣୀ ଛାତ୍ର ଅଂଶଗ୍ରହଣ କରିଥିଲେ । ବଲାଙ୍ଗିର ଜିଲ୍ଲା ମୋଟ ୧୫ଟି ମେଡାଲ ପ୍ରାପ୍ତ କରିଥିଲେ । ଏଥି ମଧ୍ୟରୁ ପିପି ଏକାଡେମୀର ସୋମନାଥ ପୁଟେଲ ଗ୍ରୁପ-୨ରେ ୫୦ ମିଟର ବଟରଫ୍ଲାଏ ଷ୍ଟୋକରେ ବ୍ରୋଞ୍ଜ ମେଡାଲ, ୮୦୦ମିଟର ଫ୍ରି ଷ୍ଟାଇଲରେ ରୌପ୍ୟ ପଦକ, ୪ଘ୧୦୦ମିଟର ମିଡ୍‌ଲେ ରିଲେରେ ରୌପ୍ୟ ଏବଂ ୧୦୦ ମିଟର ବଟରଫ୍ଲାଏରେ ବ୍ରୋଞ୍ଜ ପଦକ ପ୍ରାପ୍ତ କରିଛନ୍ତି । ସେହିପରି ଭାବରେ ସ୍ୱାଗତ ସେଠ ୫୦ମିଟର ବେକ୍ ଷ୍ଟୋକରେ ସ୍ୱର୍ଣ୍ଣ, ୧୦୦ମିଟର ବେକ୍ ଷ୍ଟୋକରେ ରୌପ୍ୟ ପଦକ ଏବଂ ୨୦୦ ମିଟର ବେକ୍ ଷ୍ଟୋକ ରେ ରୌପ୍ୟ ପଦକ ପ୍ରାପ୍ତ କରିଛନ୍ତି । ସୌରଭ ପୁଟେଲ ୧୦୦ମିଟର ବ୍ରେଷ୍ଟ ଷ୍ଟୋକରେ ରୌପ୍ୟ ମେଡାଲ, ୫୦ମିଟର ବ୍ରେଷ୍ଟ ଷ୍ଟୋକରେ ରୌପ୍ୟ ପଦକ, ୪ଘ୧୦୦ ମିଟର ରିଲେରେ ରୌପ୍ୟ ମେଡାଲ ପ୍ରାପ୍ତ କରିଛନ୍ତି । ଏହି ପରିଭାବରେ ମୋଟ ୧୧ଟି ପଦକ ଲାଭ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଂଶୁପା ଭୋଇ, କ୍ରୀଡ଼ା ଶିକ୍ଷୟିତ୍ରୀ ସସ୍ମିତା ରାଣୀ ମିଶ୍ର ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରି ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

ବ୍ଲକ୍‌ସ୍ତରୀୟ କୃଷି ଉପଦେଷ୍ଟା କମିଟି ଗଠିତ

ବଲାଙ୍ଗିର, ୩୦।୭ (ସମିସ): କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ବଲାଙ୍ଗିରରେ ବ୍ଲକସ୍ତରୀୟ କୃଷି ଉପଦେଷ୍ଟା କମିଟି ଗଠିତ ହୋଇଛି । ସଭାରେ ବ୍ଲକ କୃଷି ଅଧିକାରୀ ତଥା ବ୍ଲକ ବୈଷୟିକ ଆବାହକ ବିଶ୍ୱଜିତ ପାଟଯୋଷି ସଭାପତିତ୍ୱ କରିଥିଲେ । ସଭାରେ ସହକାରୀ କୃଷି ଅଧିକାରୀ ବଲାଙ୍ଗିର ସୁଜାତା ଛାତ୍ରିଆ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ ସଭ୍ୟଙ୍କୁ ସ୍ୱାଗତ କରି ଉପସ୍ଥାପନ କରିଥିଲେ । ଏଥିରେ ପଶୁ ସମ୍ପଦ ବିଭାଗ ସ୍ୱର୍ଣ୍ଣପ୍ରଭା ଶତପଥି ସରକାରୀ ପ୍ରାଣୀ ଚିକିତ୍ସକ ଅଧିକାରୀ, ମତ୍ସ୍ୟ ବିଭାଗର ପ୍ରକାଶ କୁମାର ଶତପଥି, ସହକାରୀ ଶସ୍ୟ ଅଧିକାରୀ, ଉଦ୍ୟାନ ବିଭାଗର ସୁଚିସ୍ମିତା ମେହେର ସହକାରୀ ଉଦ୍ୟାନ ଅଧିକାରୀ, ଶିଶୁ ଉନ୍ନୟନ ଅଧିକାର ବିଭାଗର ଶୁଭଶ୍ରୀ ପାଢ଼ି, ସହକାରୀ ବୈଷୟିକ ପରିଚାଳକ ଗୁଣାକାର ବାରିକ, ଅକ୍ଷୟ କୁମାର ଘିବେଲା, ନମିତା ବାରିକ ଉପସ୍ଥିତ ଥିଲେ । ନରହରି ରାଉଳଙ୍କୁ ସର୍ବସମ୍ମତିକ୍ରମେ ବ୍ଲକସ୍ତରୀୟ କୃଷି ଉପଦେଷ୍ଟା କମିଟିର ଅଧ୍ୟକ୍ଷ ମନୋନୀତ କରାଗଲା । ସଭ୍ୟ ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା, ବାଳକୃଷ୍ଣ ବେହେରା, ଜୟକୃଷ୍ଣ ମିଶ୍ର, ଉଦୟ ନାଏକ, ବୃନ୍ଦାବନ ନାଏକ, ସଭ୍ୟ ପଲ୍ଲବି ପଧାନ, ମମତା ନାଏକ, ରୁଚିତା ଅର୍ଚ୍ଚନା ନେଗୀ, ପ୍ରମିଳା ରାଉତ, ରିନା ଭରାସାଗର, ଶୋଭାମତୀ ଜାଲ, ଖେଳନା ନନ୍ଦ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ପଲ୍ଲବି ପଧାନ ଜିଲ୍ଲାସ୍ତରୀୟ ଉପଦେଷ୍ଟା କମିଟିର ସାଧାରଣ ବର୍ଗ ମହିଳା ବିଭାଗ ସଭ୍ୟା ହେବା ପାଇଁ ସର୍ବ ସମ୍ମତିକ୍ରମେ ମନୋନୀତ କରାଗଲା । ସଭା ଶେଷରେ ନୂତନ ଭାବେ କମିଟି ଅଧକ୍ଷ ନରହରି ରାଉଳ ଓ ସଭ୍ୟା ପଲ୍ଲବି ପଧାନ ପୁଷ୍ପ ମାଳ ଦେଇ, ସଭ୍ୟ, ସଭ୍ୟାମାନଙ୍କୁ ଧନ୍ୟବାଦ ଦେଇ ସଭା କାର୍ଯ୍ୟ ଶେଷ କରାଯାଇଛି ।

ଭାଲୁମୁଣ୍ଡା ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନମେଳା

ବଙ୍ଗୋମୁଣ୍ଡା, ୩୦।୭ (ସମିସ): ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଜ୍ଞାନବିଜ୍ଞାନ ମେଳାରେ ଭାଗ ନେଇଥିଲେ । ପ୍ରଧାନ ଆଚାର୍ଯ୍ୟ ସିଦ୍ଧାର୍ଥ ପାଣିଗ୍ରାହୀଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ପୃଥ୍ୱୀରାଜ ବାଗ ଏଡିଓ, ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନୀୟ ଅତିଥିଭାବେ ଏଡ଼ିଓ ଟଙ୍କଧର ବେହେରା, ସମ୍ପାଦକ ବାବୁଲାଲ ମେହେର, ଗାନ୍ଧାର ମେହେର ତଥା ବିଚାରକ ଭାବେ ବେଲପଡ଼ା ପଞ୍ଚାୟତ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଗଣେଶ୍ୱର ସ୍ୱାଇଁ, ଜୁରାବନ୍ଧ ହାଇସ୍କୁଲରୁ ତ୍ରିଲୋଚନ ମାଝୀ, ବଡ଼ମୁଲା ଆଶ୍ରମସ୍କୁଲ ଭୈରବ ବିଚାରକ ଭାବରେ ଉପସ୍ଥିତ ଥିଲେ । ପ୍ରଧାନ ଗୁରୁଜୀ ମଞ୍ଚ ପରିଚାଳନା କରିଥିବା ବେଳେ ଉପସଭାପତି ରାଧେଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ ବାଟୀକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀର ୫ଟି, ସପ୍ତମ ଶ୍ରେଣୀର ୧୨ଟି, ଷଷ୍ଠ, ପଞ୍ଚମ, ଚତୁର୍ଥ ଶ୍ରେଣୀ ୩୬ଟି, ଆଉ ସମସ୍ତ ଶିଶୁ ବାଟୀକା ସହିତ ୬୫ ସହିତ ୧୧୮ ଟି ପ୍ରକଳ୍ପ ପଦର୍ଶନ କରିଥିଲେ । ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଆଗାମୀ ସ୍ୱାଧୀନତା ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ । ସମସ୍ତ ଗୁରୁଜୀ ଗୁରୁମା ତଥା ପରିଚାଳନା କମିଟିର ସଦସ୍ୟ ଓ ସେବୀକା ସହଯୋଗ କରିଥିଲେ ।

ସମସ୍ୟା ଘେରରେ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ବିଶେଷଜ୍ଞ ଡାକ୍ତର ଓ ନର୍ସ ଅଭାବ



ଦେଓଗାଁ, ୩୦।୭ (ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମୁଖ୍ୟାଳୟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦେଓଗାଁ ସମେତ ପଡୋଶୀ ବ୍ଲକର ଲୋକେ ନିର୍ଭରଶୀଳ ରହୁଛନ୍ତି । ରାଜ୍ୟ ସରକାର ସ୍ୱାସ୍ଥ୍ୟଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଉଥିଲେ ହେଁ ଏହି ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମୀ ଓ ଡାକ୍ତର ପଦବୀ ପୂରଣ ଦିଗରେ ଦୃଷ୍ଟି ନଦେବା ପରିତାପର ବିଷୟ । ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପାଇଁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସଂଖ୍ୟା ବୃଦ୍ଧିପାଇ ଥିଲେ ହେଁ ନାନା ସମସ୍ୟା ଦେଇ ଗତି କରୁଛି । ବୁଧବାର ପୂର୍ବାହ୍ନରେ ବଲାଙ୍ଗିର ଭୀମଭୋଇ ମେଡିକାଲର ସୁପରିଟେଣ୍ଡେଣ୍ଟ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଆସି ରୋଗୀଙ୍କୁ ସମସ୍ୟା ଉପରେ ପଚାରି ବୁଝିଥିଲେ । ବିଶେଷଜ୍ଞ ଡାକ୍ତର ନଥିବାରୁ ଅନେକ ରୋଗୀ ଉଚ୍ଚଚିକିତ୍ସା ନପାଇ ଅଯଥାରେ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଥିଲା । ସେହିପରି ଚିକିତ୍ସାଳୟରେ ଆବଶ୍ୟକ ୧୦ଜଣ ନର୍ସ ମଧ୍ୟରୁ ମାତ୍ର ୪ଜଣ ଥିବାରୁ ଚିକିତ୍ସାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏଠି ଉପକରଣ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟାନ କଥା ନକହିବା ଭଲ । ଉକ୍ତ ପୁରାତନ ଚିକିତ୍ସାଳୟ ଗୋଷ୍ଠୀ ଚିକିତ୍ସାଳୟର ମାନ୍ୟତା ପାଇଥିଲେ ହେଁ ଭିତ୍ତିଭୂମୀର କୌଣସୀ ବିକାଶ ହୋଇନାହିଁ । ସେହି ଆଜବେଷ୍ଟସ ଲଗା ପୁରାତନ କୋଠା ଏବେ ବିପଦପୂର୍ଣ୍ଣ ହୋଇଥିବାରୁ ପରିସରରେ ନିର୍ମାଣ ହୋଇଥିବା ଭୀମଭୋଇ ମେଡିକାଲର ଟ୍ରେନିଂ ସେଣ୍ଟରରେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ସମୁଦାୟ ୨୧ଜଣ ଡାକ୍ତର ରହିବା ନୀୟମିତ ଥିବା ବେଳେ ଡାକ୍ତର ମାତ୍ର ୩ଜଣ ଓ ଚୁକ୍ତିଭିତ୍ତିକ ଡାକ୍ତର ରହିଛନ୍ତି । ଭେଷଜ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଓ ସର୍ଜରୀ ବିଶେଷଜ୍ଞ ପଦବୀ ଖାଲି ରହିଥିବାରୁ ଲୋକମାନେ ଚିକିତ୍ସା ସୁବିଧା ପାଇପାରୁନାହାନ୍ତି । ଏହି ଚିକିତ୍ଠସାଳୟ ଉପରେ ଦେଓଗାଁ ବ୍ଲକ ସମେତ ଗୁଡଭେଲା, ସଇଁନ୍ତଲା, ପୁଇଁନ୍ତଲା, ସଦର ବ୍ଲକ ଓ ଟୂଡାପାଲିର ଲୋକମାନେ ନିର୍ଭରଶୀଳ ରହୁଛନ୍ତି । ପ୍ରାୟ ୬/୭ ମାସତଳେ ୪୦ରୁ୫୦ଜଣ ରୋଗୀ ଆସୁଥିବା ବେଳେ ଏବେ ପ୍ରତ୍ୟେକ ଦିନ ୨ଶହରୁ ୨୫୦ରୋଗୀ ପଞ୍ଜିକୃତ ହୋଇ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସୂଚନା ମିଳିଛି । ଅନ୍ୟପଟେ ଚିକିତ୍ସାଳୟର ସ୍ୱତନ୍ତ୍ର ଟ୍ରାନ୍ସଫରମର ନଥିବାରୁ ବିଦ୍ୟୁତ୍ ସରବରାହ ଓ ଲୋଭୋଲଟେଜ ରହୁଛି । ଫଳରେ ଅନେକ ଯନ୍ତ୍ରପାତି ଓ ମୂଲ୍ୟବାନ ଇଞ୍ଜେକ୍ସନ ନଷ୍ଟ ହେଉଥିବା ଚିକିତ୍ସାଳୟର ଅଧିକ୍ଷକ ଡା. ଚିତ୍ତରଞ୍ଜନ ମିଶ୍ର କହିଛନ୍ତି । ସେହିପରି ଚିକିତ୍ସାଳୟର ନିଜସ୍ୱ କୋଠା ନିର୍ମାଣ, ଚିକିତ୍ସାଳୟର ମୁଖ୍ୟ ଫାଟକ ନିର୍ମାଣ ଓ ବ୍ଲକ କାର୍ଯ୍ୟାଳୟ ନିକଟରୁ ଚିକିତ୍ସାଳୟକୁ ରାସ୍ତା ଉନ୍ନତିକରଣ କରିବା ଦିଗରେ ସ୍ୱାସ୍ଥ୍ୟବିଭାଗ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଚନ୍ଦ୍ରମଣୀ ଜେନା
ଗ୍ରାମ-ଦକ୍ଷିଣବାଡ଼, ଧାମନଗର, ଜିଲ୍ଲା-ଭଦ୍ରକ
ଆବିର୍ଭାବ - ୨୧/୧୨/୧୯୪୬
ତିରୋଧାନ - ୨୧/୦୭/୨୦୨୫
ବାପା, ଆପଣଙ୍କ ଅବର୍ତ୍ତ ମାନରେ ଆଜକୁ ଏଗାର ଦିନ ବିତିଗଲା । ଆପଣଙ୍କ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତ ରେ ଅନୁଭବ କରୁଛୁ । ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଆପଣଙ୍କର ହତଭାଗ୍ୟ ପୁତ୍ର
ଡ଼. ଅଜିତ୍ ପ୍ରସାଦ ଜେନା,
ସତ୍ୟଜିତ ଜେନା, ସୁବ୍ରତ ଜେନା,
ଦେବବ୍ରତ ଜେନା ଓ ବନ୍ଧୁ ସୃଜନ, ଜେନା
ପରିବାର ବର୍ଗ ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତଃ ମହେନ୍ଦ୍ର ନାଥ ସ୍ୱାଇଁ
ଗ୍ରାମ - ଲକ୍ଷ୍ମୀ ସାଗର, ଖୋର୍ଦ୍ଧା
ଆବିର୍ଭାବ - ୧୭.୦୨.୧୯୪୧, ତିରୋଧାନ - ୨୧.୦୭.୨୦୨୫
ଆପଣଙ୍କର ଅବର୍ତ୍ତମାନରେ ଚାହୁଁ ଚାହୁଁ ୧୧ ଦିନ ବିତିଗଲା । ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ଆପଣଙ୍କ ଶିକ୍ଷକ ଜୀବନ ନୀତି, ନୈତିକତା, ଆଦର୍ଶ, ବ୍ୟକ୍ତିତ୍ୱ ଆମପାଇଁ ଶ୍ରେଷ୍ଠ ସମ୍ବଳ ହେଉ । ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
-: ଶୋକସନ୍ତପ୍ତ :-
ଝିଅ, ନାତି, ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ

ନେଟ୍‌ୱର୍କ, ସର୍ଭର୍ ସମସ୍ୟାରେ ଘାଣ୍ଟି ହେଉଛନ୍ତି ଚାଷୀ

● ୧୦ ଦିନରେ ୭ ପ୍ରତିଶତ ଚାଷୀ ପଞ୍ଜିକୃତ
● ଅଡୁଆ କରୁଛି ଧାର୍ଯ୍ୟ ସରକାରୀ ନିୟମ

ହାଟଡ଼ିହୀ,୩୦।୭ (ସମିସ)

ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣରେ ଅଡୁଆ ହେଉଛି ସରକାରୀ ନିୟମ। କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍‌ରେ ପଞ୍ଜୀକରଣ କାର୍ଯ୍ୟ ଆଗେଇ ପାରୁନି। ୧୦ ଦିନରେ ବିଭିନ୍ନ ସମବାୟ ସମିତିରେ ମାତ୍ର ୭ ପ୍ରତିଶତ ଚାଷୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ସେହିପରି ନେଟୱର୍କ ଓ ସର୍ଭରରେ ସମସ୍ୟା ଯୋଗୁଁ ସମବାୟ ସମିତିଗୁଡ଼ିକରେ ଦିନକୁ ମାତ୍ର ୫-୬ଜଣ ଚାଷୀଙ୍କ ଆଧାରର ଇ-କେୱାଇସି, ଚାଷୀଙ୍କ ଆଖି ସ୍କାନ୍, ଭାଗ ଚାଷୀମାନେ ନାମ ପଞ୍ଜୀକରଣ କରିଥିବା ବେଳେ ଜମି ମାଲିକଙ୍କୁ ସାଙ୍ଗରେ ଆଣିବାକୁ ନିୟମ କରାଯାଇଛି।

ଖରିଫ ଧାନ ସଂଗ୍ରହ ନିମନ୍ତେ ସମସ୍ତ ସମବାୟ ସମିତିରେ ଚାଷୀ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଜୁଲାଇ ୧୯ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଫର୍ମ ବଣ୍ଟନ, ଅଗଷ୍ଟ ୨୦ ମଧ୍ୟରେ ନାମ ପଞ୍ଜୀକରଣ କରିବାପାଇଁ ନିର୍ଦ୍ଦେଶ ରହିଛି। ପଞ୍ଜୀକରଣ ପାଇଁ ଉତ୍ତରାଧିକାରୀ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ସେହିପରି ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ଲିଙ୍କ, ବ୍ୟାଙ୍କଖାତା, ବହୁ ଚାଷୀଙ୍କ ନିଜ ନାମରେ ଚାଷଜମି ନାହିଁ। ବାପ, ଜେଜେବାପାଙ୍କ ମୃତ୍ୟୁ ଘଟିଥିବାରୁ ଉତ୍ତରାଧିକାରୀ ପ୍ରମାଣପତ୍ରର ଆବଶ୍ୟକତା ରହୁଛି। ପ୍ରମାଣପତ୍ର କରିବାପାଇଁ ବହୁ ସମୟ ଲାଗୁଥିବା ଚାଷୀମାନେ କହିଛନ୍ତି। ବଂଶାବଳୀ ରିପୋର୍ଟ ପାଇବାକୁ ଚାଷୀମାନେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି। ରିପୋର୍ଟ ପାଇବା ପାଇଁ ଚାଷୀଙ୍କୁ ତିନି ଚାରିଥର କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଛି। ଜମି ମାଲିକମାନେ ବାହାରେ ରହୁଥିବାରୁ ଭାଗ ଚାଷୀମାନେ ନାମ ପଞ୍ଜୀକରଣ ବେଳେ ସେମାନଙ୍କୁ ସାଙ୍ଗରେ ଆଣିପାରୁ ନାହାନ୍ତି।

ହାଟଡ଼ିହୀ ବ୍ଲକ୍ ଡ଼ୁଅଁର ସମବାୟ ସମିତିରେ ଗତବର୍ଷ ୨୩୪୧ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୭୩ ଜଣ ପଞ୍ଜୀକରଣ କରିଛନ୍ତି। ସେହିପରି ମରେଗାଁରେ ୧୫୫୦ଜଣ ଚାଷୀଙ୍କ ମଧ୍ୟରୁ ୮୦ଜଣ, ସମଣାରେ ୧୭୦୦ ଚାଷୀଙ୍କ ମଧ୍ୟରୁ ୭୧ଜଣ, ସଡ଼ାରେ ୧୭୫୦ଜଣ ଚାଷୀଙ୍କ ମଧ୍ୟରୁ ୧୯୫ ପଞ୍ଜିକୃତ ହୋଇଛନ୍ତି। ସୋସୋ ସମବାୟ ସମିତିରେ ୧୦୩୧ଜଣ ଚାଷୀଙ୍କ ମଧ୍ୟରୁ ୬୨, ବଡ଼ରମ୍ପାସ ସମିତିରେ ହଜାରେ ଚାଷୀଙ୍କ ମଧ୍ୟରୁ ୧୮୦, ବାଙ୍ଗୋର ସମିତିରେ ୯୦୦ ଚାଷୀଙ୍କ ମଧ୍ୟରୁ ୩୦, ପଞ୍ଚୁଗୋଛିଆରେ ୮୫୦ଜଣ ଚାଷୀଙ୍କ ମଧ୍ୟରୁ ୫୦ଜଣ, ଓରାଳିରେ ୫୦୦ ଚାଷୀଙ୍କ ମଧ୍ୟରୁ ୪୦ଜଣ, ସୁଲଣ ସମବାୟ ସମିତିରେ ୩୦୦ଚାଷୀଙ୍କ ମଧ୍ୟରୁ ମାତ୍ର ୩୦ଜଣ ପଞ୍ଜୀକରଣ କରିଛନ୍ତି। ଏ ସମ୍ପର୍କରେ ଡ଼ୁଅଁର ସମବାୟ ସମିତି ସମ୍ପାଦକ ଉମାକାନ୍ତ ନାୟକ କହିଛନ୍ତି, ନେଟୱର୍କ ଓ ସର୍ଭର ସମସ୍ୟା ଯୋଗୁଁ ଅପରାହ୍ନ ପର୍ଯ୍ୟନ୍ତ କାମ ହୋଇପାରୁନି। କାଁଭାଁ କିଛି ଚାଷୀଙ୍କ ପଞ୍ଜୀକରଣ ହୋଇପାରୁଛି। ଧାର୍ଯ୍ୟ ସମୟରେ ଏତେ ସଂଖ୍ୟା ଚାଷୀଙ୍କ ନାମ ପଞ୍ଜୀକରଣ କରିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ସେହିପରି ଚାଷୀ ପଞ୍ଜୀକରଣ ପାଇଁ ଚଳିତବର୍ଷ ସରକାର ଅନେକଗୁଡ଼ିଏ ନିୟମ କରିଛନ୍ତି। ଫଳରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ନିୟମକୁ କୋହଳ କରିବା ସହ ଚାଷୀ ପଞ୍ଜୀକରଣ ଅବଧି ବଢ଼ାଇବାକୁ ସୋସୋ ସମବାୟ ସମିତି ସମ୍ପାଦକ ସୁରେନ୍ଦ୍ର କୁମାର ପତି ଓ ମରିଗାଁ ସମବାୟ ସମିତି ସମ୍ପାଦକ ଶରତ କୁମାର ସେଠୀ ପ୍ରକାଶ କରିଛନ୍ତି।

କ୍ଷେତ୍ରମୋହନ ବିଦ୍ୟାପୀଠରେ ସମ୍ବର୍ଦ୍ଧନା ଉତ୍ସବ

ଆନନ୍ଦପୁର, ୩୦।୭ (ସମିସ): ଶାଳପଡା ସ୍ଥିତ କ୍ଷେତ୍ରମୋହନ ବିଦ୍ୟାପୀଠର ସଂସ୍କୃତ ଶିକ୍ଷକ ଶ୍ରୀବତ୍ସ ଦାଶ, ଖେଳ ଶିକ୍ଷକ ସୁଧାଂଶୁ ଶେଖର ପଣ୍ଡା, ଚତୁର୍ଥକର୍ମଚାରୀ ଲକ୍ଷ୍ମଣ ଦାଶଙ୍କ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ନୃତ୍ୟଗୁରୁ ଜିତୁ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ଜଗବନ୍ଧୁ ପତି। ମୁଖ୍ୟଅତିଥି ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ଝାଡେଶ୍ୱର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ ଘଡେଇ, ଏବିଇଓ ହେମେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓଷ୍ଠା ଉପଦେଷ୍ଟା ଶାନ୍ତନୁ ମିଶ୍ର, ବିଦ୍ୟାଳୟର ପୃଷ୍ଠପୋଷାକ ନିର୍ମଳଚନ୍ଦ୍ର ମିଶ୍ର, ଗ୍ରାମବାସୀ ଚିନ୍ତାମଣି ମିଶ୍ର, ପରିଚାଳନା ସମିତିର ଅଧିକାରୀ ଚିତ୍ତରଞ୍ଜନ ଦାଶ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କାଳୀପଦ ମିଶ୍ର ଧନ୍ୟବାଦ ଦେଇଥିଲେ।

ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ହାଟଡ଼ିହୀ,୩୦।୭ (ସମିସ): ଅବସର ନେଇଛନ୍ତି ଗୋପାଳଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଞ୍ଚୁଗୋଛିଆର ପ୍ରଧାନଶିକ୍ଷୟିତ୍ରୀ ମୀନା ସାମଲ। ଏଥିପାଇଁ ଆଜି ମୁଗୁପୁରବାର ପାଟଣା କୋଳାହଳମୟ ହୋଇଉଠିଥିଲା। ଶହଶହ ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀ, ଗ୍ରାମବାସୀ ନୀଳାପୁର ଗ୍ରାମରୁ ଏକ ବିରାଟ ପଟୁଆରରେ ବାଜା ବଜାଇ ବାଣ ଫୁଟାଇ ସ୍କୁଲ ନିକଟକୁ ପାଛୋଟି ନେଇଥିଲେ। ସୁଲଣ ସ୍କୁଲର ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅବସର ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ହାଟଡ଼ିହୀ ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳେଇ, ମୁଖ୍ୟବକ୍ତା ଭାବେ ଏବିଇଓ ପ୍ରମୋଦ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ହାଟଡ଼ିହୀ ବ୍ଲକର ବିଡ଼ିଓ ରଞ୍ଜନ ପରିଡ଼ା, ସମ୍ମାନିତଅତିଥି ଭାବେ ପଞ୍ଚୁଗୋଛିଆ ପଞ୍ଚାୟତର ସରପଞ୍ଚ ଦିନେଶ ସେଠୀ, ପ୍ରାଥମିକ ଶିକ୍ଷକସଂଘ ସଭାପତି ଶ୍ରୀକାନ୍ତ ବିଶ୍ୱାଳ, ଶିକ୍ଷକ ସଂଘର ରାଜ୍ୟ ସଂଯୋଜକ ଶ୍ରୀକାନ୍ତ ପଟ୍ଟନାୟକ, ଶିକ୍ଷାବିତ୍ ନାରାୟଣଚନ୍ଦ୍ର ଲେଙ୍କା, ଏସଏମସି ସଭାପତି ଅଲେଖ ଦଳେଇ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୀନା ସାମଲଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ପରେ ତାଙ୍କୁ ପୂରାତନ ଛାତ୍ରଛାତ୍ରୀ ଓ ସ୍କୁଲ ତରଫରୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରଯାଇଥିଲା। ସେହିପରି ଏହି ସ୍କୁଲରେ ୧୧ବର୍ଷ କାଳ ଶିକ୍ଷକତା କରିଥିବା ସହକାରୀ ଶିକ୍ଷକ ସନାତନ ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବନମାଳି ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଘୁନାଥ ନାୟକ, ସତ୍ୟବ୍ରତ ସାହୁ, ସ୍ୱର୍ଣ୍ଣମୟୀ ଓଝା, ଇତିଶ୍ରୀ ବାରିକ, ହୀରାମଣି ସାହୁ, ଅନୁସୟା କୁଣ୍ଡୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରାତନ ଛାତ୍ର ଅଭିରାମ ନାୟକ, ବିଦ୍ୟାଧର ବରାଳ, ଅଲେଖ ଦଳେଇ, ଦୁଷ୍ମନ୍ତ ମଲ୍ଲିକ, ସୁଧାଂଶୁ ନାୟକ, ସ୍ୱାଧୀନ ଓଝା, ନିରଞ୍ଜନ ଦ୍ୱିବେଦୀ, ଅରୁପାନନ୍ଦ ସେଠୀ, ଅଭୟ ଓଝା, ପଙ୍କଜ ଦଳେଇ, ନନ୍ଦକିଶୋର ଶତପଥୀ ସହଯୋଗ କରିଥିଲେ।

ଡିଏନ୍ ହାଇସ୍କୁଲକୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଉନ୍ନିତ ଦାବି

ରାମଚନ୍ଦ୍ରପୁର,୩୦।୭ (ସମିସ)

ଘସିପୁରା ବ୍ଲକର ସର୍ବପୁରାତନ ଦରିଦ୍ର ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟକୁ ବର୍ତ୍ତମାନ ସମ୍ପ୍ରସାରଣ କରି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ଦାବି ହେଉଛି। ୧୯୫୫ରୁ ପ୍ରତିଷ୍ଠିତ ଏହି ବିଦ୍ୟଳୟ ସ୍ମାର୍ଟ ସ୍କୁଲର ରୂପାନ୍ତରଣ ହୋଇଥିବା ବେଳେ ଏବେ ନବମ ଓ ଦଶମ ଶ୍ରେଣୀରେ ୧୨୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି। ବିଗତ ବର୍ଷରେ ତିନି ଜଣ ଛାତ୍ର ମାଟ୍ରିକ ପରୀକ୍ଷାରେ ରାଜ୍ୟ ସ୍ତରରେ ପ୍ରଥମ ୧୦ ଜଣ ମଧ୍ୟରେ ରହି ନିଜର ସ୍ଥିତି ଜାହିର କରି ପାରିଛନ୍ତି। କ୍ରୀଡ଼ା ଭିତ୍ତିଭୂମି ମଧ୍ୟ ସୃଦୃଢ ରହିଛି। ଅନେକ ସମୟରେ ମାଟ୍ରିକ ପାସ ହେବା ପରେ ଯୁକ୍ତ ଦୁଇ ଶ୍ରେଣୀରେ ଅଧ୍ୟୟନ ପାଇଁ ଛାତ୍ରଛାତ୍ରୀ ଦୀର୍ଘ ୨୫ କିଲୋମିଟର ଦୂର ଆନନ୍ଦପୁର, ଶାଳପଡା ତଥା ସାଇଁକୁଳସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯାଇଥାନ୍ତି। ଏଥିପାଇଁ ଗ୍ରାମାଞ୍ଚଳର ଗରିବ ତଥା ଅନଗ୍ରସର ପରିବାରର ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ କ୍ଷେତ୍ରରେ ଛାତ୍ରଛାତ୍ରୀ ଛାତ୍ରାବାସ ତଥା ଘରଭଡ଼ା ନେଇ ରହି ପାଠ ପଢ଼ିବାରେ ଆର୍ଥିକ କ୍ଷତି ସହୁଥିବା ଦେଖିବାକୁ ମିଳୁଛି। ସରକାରଙ୍କ ପକ୍ଷରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତଦୁଇ) ଖୋଲିବାକୁ ସ୍ଥାନୀୟ ଜନସାଧାରଣ ତଥା ପୁରାତନ ଛାତ୍ର ସଂସଦ ପକ୍ଷରୁ ଅନେକ ଥର ଦାବି କରାଯାଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଅଳତି ସରପଞ୍ଚ ଇଂ ପ୍ରିୟବ୍ରତ ବରାଳ କହିଛନ୍ତି ଯେ ଏହି ବିଦ୍ୟାଳୟରେ ଆବଶ୍ୟକ ଅନୁଯାୟୀ ଭିତ୍ତିଭୂମି ଥିବା ସହ ଏଠାରେ ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଉତ୍ତମ ମାର୍କ ରଖି ଉତ୍ତୀର୍ଣ୍ଣ ହେଉଛନ୍ତି। ସେପଟେ ଦୀର୍ଘଦିନ ହେଲା ସଂସ୍କୃତ ଶିକ୍ଷକ, ଶାରୀରିକ ଶିକ୍ଷା ଶିକ୍ଷକ ସହ କିରାଣି ଏବଂ ଦୁଇ ପିଅନ ପଦ ଖାଲି ପଡିଛି। ମାତ୍ର ଜଣେ ପିଅନ ଦ୍ୱାରା ଅଫିସ କାର୍ଯ୍ୟ ଚାଲୁଛି। ବିଦ୍ୟାଳୟଟି ସମ୍ପ୍ରସାରଣ ହୋଇପାରିଲେ ଏସବୁ ସମସ୍ୟା ଦୂର ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ସାର ଗୋଦାମରେ କୃଷି ବିଭାଗର ଚଢ଼ଉ

ଚମ୍ପୁଆ,୩୦।୭ (ସମିସ): ଚଳିତ ଖରିଫ ଋତୁରେ ଚମ୍ପୁଆ ବ୍ଲକର ୨୨୧୬୫ ହେକ୍ଟର ଚାଷ ଜମିରେ ଚାଷ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ଚାଷରେ ବ୍ୟବହୃତ ସାର କଳା ବଜାରର ସମ୍ଭାବନା ରହିଛି। ଏହି ସମ୍ଭାବନାକୁ ଏଡାଇବା ତଥା ସାର କଳାବଜାର ରୋକିବା ପାଇଁ ଚମ୍ପୁଆ କୃଷି ଜିଲ୍ଲା ଅଧିକାରୀ ସତ୍ୟବାନ ସୋରେନଙ୍କ ତତ୍ତ୍ୱାବଧାନରେ ସହକାରୀ କୃଷି ଅଧିକାରୀ ରମାମଣି ସାହୁ, ବ୍ଲକ କୃଷି ଅଧିକାରୀ ସାରଦା ହାଂସଦା ପ୍ରମୁଖ ଗତ ମଙ୍ଗଳବାର ସନ୍ଧ୍ୟାରେ ଚମ୍ପୁଆ, ଜଡିପଦା, ବାଙ୍କ ଆଦି ସ୍ଥାନରେ ଥିବା ଲାଇସେନ୍ସପ୍ରାପ୍ତ ସାର ଗୋଦାମ ଉପରେ ଚଢଉ କରି ଗଛିତ ସାରର ପରିମାଣ ଓ ବିକ୍ରି ସମ୍ବନ୍ଧୀୟ ଦର ବିଷୟରେ ପଚାରି ବୁଝିଥିଲେ। ଜଡିପଦାସ୍ଥିତ ଲାଇସେନ୍ସପ୍ରାପ୍ତ ସାର ଦୋକାନୀ ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ସାର ବିକ୍ରି କରୁଥିବା ବେଳେ ଏଥିରୁ ନିବୃତ୍ତ ରହି ନିର୍ଦ୍ଧାରିତ ଦରରେ ସାର ବିକ୍ରି କରିବାକୁ ତାଗିତ କରିଥିଲେ। ବର୍ତ୍ତମାନ ଧାନ ତଳି ରୁଆ ସରିଥିବା ବେଳେ ଚାଷି ନିଜ ଜମିରେ ୟୁରିଆ ଓ ଡିଏପି ସାର ବ୍ୟବହାର କରୁଛି। ଆଗାମୀ ଦିନରେ ଚମ୍ପୁଆ କୃଷି ବିଭାଗ ଅଧୀନରେ ଥିବା ବିଭିନ୍ନ ସାର ଗୋଦାମ ଉପରେ ଏହି ଚଢଉ ଜାରି ରହିବ ବୋଲି ଜିଲ୍ଲା କୃଷି ଅଧିକାରୀ ସତ୍ୟବାନ ସୋରେନ ସୂଚନା ଦେଇଛନ୍ତି।

କର୍କଟ ରୋଗାକ୍ରାନ୍ତଙ୍କ ମୃତ୍ୟୁ

ବେଲବାହାଳି, ୩୦।୭ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ତଥା ଚାଷୀ ଶ୍ୟାମ ସାହୁ(୬୧)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ପ୍ରଥମେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ପରେ ସ୍ୱାସ୍ଥ୍ୟରେ ସୁଧାର ନଆସିବାରୁ ଘରେ ରହି ଚିକିତ୍ସା ହେଉଥିଲେ। ମଙ୍ଗଳବାର ସନ୍ଧ୍ୟା ସମୟରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ତଳେ ପଡିଯାଇଥିଲେ। ସେଠାରେ ତାଙ୍କର ଦେହାନ୍ତ ହୋଇଛି। ସ୍ୱର୍ଗତ ଶ୍ୟାମ ସାହୁ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିୟୋଜିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଭାଇପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ବନ୍ଧୁବାନ୍ଧବ, ପ୍ରିୟଜନ ଓ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମସ୍ଥିତ କୁଶେଇ ନଦୀକୂଳରେ ଅନ୍ତିମ ସତ୍କାର କରାଯାଇଛି।

ସ୍ୱଧର୍ମକୁ ଫେରିଲେ ଆଦିବାସୀ ପରିବାର

ରାମଚନ୍ଦ୍ରପୁର, ୩୦।୭ (ସମିସ): ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡା ପଞ୍ଚାୟତ ନାନୀକାବାହାଳି ଆଦିବାସୀ ବସ୍ତିରେ ଅନ୍ୟ ଧର୍ମ ଗ୍ରହଣ କରିଥିବା ଦୁଇ ପରିବାର ସ୍ୱଧର୍ମକୁ ଫେରିଛନ୍ତି। ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ରଙ୍କ ମାର୍ଗଦର୍ଶନରେ ବ୍ଲକ ଧର୍ମ ଜାଗରଣ ସହ ପ୍ରଭାରୀ ଶରତଚନ୍ଦ୍ର ସ୍ୱାଇଁ, ଜିଲ୍ଲା ହିନ୍ଦୁ ସଂସ୍କୃତି ସଂଯୋଜକ ପ୍ରଶାନ୍ତ ଚକ୍ର, ସମାଜସେବୀ ଅଞ୍ଜନ ବେହେରା, ପଦ୍ମଲୋଚନ ଜେନା ସମେତ ଅନେକ ହିନ୍ଦୁ ସାଙ୍ଗଠନିକ କର୍ମକର୍ତ୍ତା ନାନୀକାବାହାଳି ଆଦିବାସୀ ବସ୍ତିରେ ପହଞ୍ଚି ଆଲୋଚନା କରିଥିଲେ। ବିଗତ ଦିନରେ ବିଭିନ୍ନ ପ୍ରଲୋଭନର ତଥା ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମୂଳହିନ୍ଦୁଧର୍ମଛାଡ଼ି ଅନ୍ୟଧର୍ମକୁ ଆପଣାଇଥିଲେ ବୋଲି ସେମାନେ ସ୍ୱୀକାର କରିଥିଲେ। ଆଗାମୀ ଦିନରେ ସପରିବାର ହିନ୍ଦୁ ରୀତିନୀତିରେ ରହିବାକୁ ସଂକଳ୍ପିତ ହୋଇଥିଲେ।

ଗୋହିରା ଛକରେ ଦୁର୍ଘଟଣା; ୭ ଆହତ

ଆନନ୍ଦପୁର, ୩୦।୭ (ସମିସ): ୨୦ ନଂ ଜାତୀୟ ରାଜପଥ ଗୋହିରାଠାରେ ଏକ ଅଟୋର ପଛ ପଟୁ ସ୍କର୍ପିଓ ଗାଡି ଧକ୍କା ଦେବାରୁ ୭ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବେଳେ ୪ ଜଣ ଗୁରୁତର ଥିବା ସୂଚନା ମିଳିଛି। ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନସ୍ଥ କଣ୍ଟିଗାଁ ମଠସାହିର ରମେଶଚନ୍ଦ୍ର ବେହେରାଙ୍କ ପରିବାର ବୁଧବାର ସକାଳୁ ଘଟଗାଁ ମା'ତାରିଣୀଙ୍କ ଦର୍ଶନ ଅଭିମୁଖେ ଯାଉଥିଲେ। ଘସିପୁରା ଥାନା ଗୋହିରା ନିକଟରେ ଏକ ସ୍କର୍ପିଓ ଗାଡି ଅଟୋର ପଛପଟୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ଅଟୋରେ ବସିଥିବା ସାତ ଜଣଙ୍କୁ ସ୍ଥାନୀୟ ଲୋକ ଓ ପୁଲିସ ସାହାଯ୍ୟରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଭଣ୍ଡାରିଡିହା ପଞ୍ଚାୟତ ସଭାକକ୍ଷ ଉଦ୍‌ଘାଟିତ

ଆନନ୍ଦପୁର, ୩୦।୭ ସମିସ): ଉପଖଣ୍ଡ ଅନ୍ତର୍ଗତ ଭଣ୍ଡାରିଡିହା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ନୂତନ ସଭାଗୃହ ଓ ତାଲିମକେନ୍ଦ୍ର ଉଦଘାଟିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ ସାହୁଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ବିଧାୟକ ବଦ୍ରିନାରାୟଣ ପାତ୍ର ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ବିନିତା ବିଜୟିନୀ, ଜିଲ୍ଲା ପରିଷଦ ସଦସ୍ୟା ମଧୁସ୍ମିତା ଦାସ, ଭଣ୍ଡାରିଡିହା ପଞ୍ଚାୟତ ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ, ସମିତିସଭ୍ୟା ସୁବାସିନୀ ପ୍ରିୟଦର୍ଶିନୀ ରାଉତ, ବିପିସି ଗୁରୁପଦ ପାଲ୍ ଯୋଗ ଦେଇଥିଲେ।

ଆନନ୍ଦପୁରରେ ନୂତନ ଜେଏମ୍‌ଏଫ୍‌ସିଙ୍କ ଯୋଗଦାନ

ଆନନ୍ଦପୁର, ୩୦।୭ (ସମିସ): ଆନନ୍ଦପୁର ଅଦାଲତରେ ନୂତନ ଭାବେ ଯୋଗଦେଇଥିବା ପ୍ରଥମଶ୍ରେଣୀ ନ୍ୟାୟିକ ବିଚାରପତି (ଜେଏମ୍‌ଏଫ୍‌ସି) ଭାବେ ସୁଶ୍ରୀ ଯଶସ୍ୱିନୀ ମହାପାତ୍ର ଯୋଗଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ଆନନ୍ଦପୁର ଓକିଲ ସଂଘ ସଭାଗୃହରେ ସଂଘର ସଭାପତି ଦୟାନିଧି ଦାଶଙ୍କ ସଭାପତିତ୍ୱରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବରେ ଆନନ୍ଦପୁର ଅଦାଲତର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ବରିଷ୍ଠ ଦେୱାନୀ ଅଦାଲତର ବିଚାରପତି ଦେବଦତ୍ତ ଦାସ ମହାପାତ୍ର ଯୋଗଦେଇ ବାର ଓ ବେଞ୍ଚ୍ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ବିଭାଗ ଦେୱାନୀ ଅଦାଲତର ବିଚାରପତି ଗୌରବ ପୁରୋହିତ ଏବଂ ଉପଖଣ୍ଡ ନ୍ୟାୟିକ ବିଚାରପତି ଗୌରୀଶଙ୍କର ପଣ୍ଡା ଯୋଗ ଦେଇଥିଲେ। ସମ୍ପାଦକ ଭଗବାନ ମଲ୍ଲିକ ବିବରଣୀ ପାଠ କରିଥିଲେ। ଉପସଭାପତି ଅତୁଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ଅଶୋକ ରାଉଳ, ବରିଷ୍ଠ ଅଧିବକ୍ତା ଚିତ୍ତରଞ୍ଜନ ଦାଶ, ଭୁବନାନନ୍ଦ ଦାଶ, ମହେନ୍ଦ୍ର ମହାପାତ୍ର, ନୋଟାରୀ ରାମଚନ୍ଦ୍ର ପାତ୍ର, ବ୍ରଜବନ୍ଧୁ ସାହୁ, ମନୋଜ ମିଶ୍ର, ଗୋପାଳ ମିଶ୍ର, ତୁଳସୀଦାସ ଗୋଲାମ ଦେବତା, ସଞ୍ଜୟ ମିଶ୍ର, ଅମର ମହାପାତ୍ର, ବାଇଧର ସେଠୀ, କିଶୋର ଚକ୍ର, ସୁବାସ ବିଶ୍ୱାଳ, ପ୍ରତାପ କର, ଉମେଶ ମହାନ୍ତି, ଭାଗୀରଥି ଦାଶ, ମନୋରଞ୍ଜନ ପାଣିଗ୍ରାହୀ, ହେମନ୍ତ ମଲ୍ଲିକ, ଭୁବନେଶ୍ୱର ଯେନା, ଶିବଶଙ୍କର ସାହୁ, ଅମୀୟ ଜେନା, ମନୋଜ ତ୍ରିପାଠୀ, ମାନସ ସାହୁ, ଶିଶିର ସେଠୀ ପ୍ରମୁଖ ଶତାଧିକ ଆଇନଜୀବୀ ଯୋଗ ଦେଇଥିଲେ।

ଯୌତୁକ ପାଇଁ ମାଡ଼ମାରି ଘରେ ଦେଲେ ତାଲା



ଆନନ୍ଦପୁର, ୩୦।୭ ସମିସ): ଭଲପାଇ ବିବାହ କରିବାର ତିନିବର୍ଷ ପରେ ଯୌତୁକ ପାଇଁ ସ୍ତ୍ରୀକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବାସହ ମାଡମାରି ଘରେ ପୁରାଇ ତାଲା ପକାଇଦେବା ଘଟଣା ଆନନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ପଡୋଶୀଙ୍କ ଠାରୁ ଖବର ପାଇ ପରିବାର ଲୋକେ ଆହତ ଅବସ୍ଥାରେ ଉଦ୍ଧାର କରି ପୁଲିସର ଆଶ୍ରୟ ନେଇଥିବା ଜଣାଯାଇଛି। ଆନନ୍ଦପୁର ଥାନା ଅନ୍ତର୍ଗତ ବାଙ୍ଗୀଡି ଗ୍ରାମର ଭଗବାନ ଜେନାଙ୍କ ଝିଅ ଗାୟତ୍ରୀ ଖଇରା ଥାନା ଅନ୍ତର୍ଗତ କୁପାରୀ ନିକଟସ୍ଥ କଦଳୀଗଡିଆ ଗ୍ରାମର ହାଡିବନ୍ଧୁ ମଲିକଙ୍କ ପୁଅ ଜୟନ୍ତଙ୍କୁ ବିବାହ କରିଥିଲେ। ଉଭୟଙ୍କ ସମ୍ପର୍କରୁ ଦୁଇଟି ପୁଅ ଜନ୍ମ ହୋଇଥିଲେ। କିଛିଦିନ ପରେ ଯୌତୁକ ପାଇଁ ଶାଶୂଘର ଲୋକେ ଝଗଡା କରିବା ସହିତ ସ୍ୱାମୀ ମାଡ ମାରିବାରୁ ଗାୟତ୍ରୀ ବାପ ଘରକୁ ପଳାଇ ଆସିଥିଲେ। ଏହି ଘଟଣାରେ ସ୍ୱାମୀ ବୁଝାସୁଝା କରି ନେଇଯିବା ପରେ ଅନ୍ୟତ୍ର ବିବାହ କରିବା ପାଇଁ ଜୀବନରୁ ମାରିଦେବା ପାଇଁ ଷଡଯନ୍ତ୍ର କରିଥିଲେ। ଗତ ୨୮ ତାରିଖରେ ସ୍ୱାମୀ ଓ ପରିବାର ଲୋକେ ନିସ୍ତୁକ ମାଡ ମାରି ଘରେ ପୁରାଇ ତାଲା ଦେଇଥିଲେ। ଖବର ପାଇ ପରିବାର ଲୋକେ ଉଦ୍ଧାର କରିଥିଲେ। ଶଶୁର ଘର ଲୋକଙ୍କ ମାଡରେ ଗାୟତ୍ରୀ ଅଣ୍ଟା ଓ ଗୋଡରେ ଗୁରୁତର ଆଘାତ ହୋଇଥିବା ଜଣାଯାଇଛି। ଏଣୁ ପୁଲିସ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୀଡିତା ମହିଳା ନ୍ୟାୟ ଭିକ୍ଷା କରିଛନ୍ତି।

ଠିକାଦାରଙ୍କ ମନମୁଖୀ
ବିଲ୍ ମିଳି ନଥିବାରୁ ତାଲା ପକାଇଛନ୍ତି ଠିକାଦାର

ବେଲବାହାଳି,୩୦।୭ (ସମିସ): ଆନନ୍ଦପୁର ବ୍ଲକ ହରିଡାପାଳ ପଞ୍ଚାୟତ ଅନ୍ତର୍ଗତ ଟୋଲଙ୍କପଡା ଜୟମଙ୍ଗଳା ଆଞ୍ଚଳିକ ଉଚ୍ଚବିଦ୍ୟାଳୟରେ ଚାଲୁଥିବା ରୂପାନ୍ତରଣ କାମ ଦୀର୍ଘ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇ ନଥିବାରୁ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ନିର୍ମାଣ କାମ ଅଧପନ୍ତରିଆ ରହିଥିବା ବେଳେ ବିଜ୍ଞାନ ପରୀକ୍ଷଣ କେନ୍ଦ୍ର ଘର ଓ ଅନ୍ୟାନ୍ୟ ଘର ସହିତ ନୂତନ ଭାବରେ ନିର୍ମିତ ହୋଇଥିବା ଛାତ୍ରଛାତ୍ରୀଙ୍କର ତିନିଟି ଶୌଚାଳୟକୁ ବନ୍ଦ କରି ରଖାଯାଇଛି। ଫଳରେ ଛାତ୍ରମାନେ ଶୌଚାଳୟ ଯିବା ପାଇଁ ଗେଟେ ବାହାରକୁ ଯିବାକୁ ପଡୁଥିବା ନେଇ ବିଦ୍ୟାଳୟର ଶିକ୍ଷକ ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଯଦି କୌଣସି ସମସ୍ୟା ଘଟେ ତାହେଲେ ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠୁଛି। ଠିକାଦାରଙ୍କ ମନମୁଖୀ ଏବଂ ପ୍ରଶାସନର ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ଅଧପନ୍ତରିଆ ଭାବେ ପଡି ରହିଛି। ବିଦ୍ୟାଳୟର ଭିତ୍ତିଭୂମି ସଜାଡିବା ପାଇଁ ୫-ଟି କାର୍ଯ୍ୟକ୍ରମରେ ୫୦ ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା। ବିଦ୍ୟାଳୟର ଚତୁଃପାର୍ଶ୍ୱରେ ଭାଙ୍ଗି ଯାଇଥିବା ପାଚେରି ନିର୍ମାଣ ପାଇଁ ମଧ୍ୟ ଅନୁଦାନ ମିଳିଥିବା ବେଳେ ବିଦ୍ୟାଳୟର ପାଚେରିକୁ ଲାଗି ଜଣେ ବ୍ୟକ୍ତିଙ୍କ ଜମି ରହିଛି। ବିଦ୍ୟାଳୟ ପାଚେରି ନିର୍ମାଣ ହେଲେ ଜମିର କିଛି ପରିମାଣ ହରାଇବେ ବୋଲି ସଂପୃକ୍ତ ବ୍ୟକ୍ତିଜଣକ ଅଭିଯୋଗ କରିବା ସହ ଏହାକୁ ବିରୋଧ କରିଆସୁଛନ୍ତି। ଫଳରେ ପାଖାପାଖି ଦୁଇ ବର୍ଷ ହେବ ଏହାର କୌଣସି ସମାଧାନର ପନ୍ଥା ବାହାରି ପାରୁନାହିଁ। ବିଜ୍ଞାନ ପରୀକ୍ଷାଗାରଠାରୁ ଆରମ୍ଭ କରି ଶୌଚାଳୟ, ସଭାଗୃହ ପ୍ରଭୃତି କାମ ନିର୍ମାଣ ସରିଥିଲେ ମଧ୍ୟ ଠିକାଦାର ସେଗୁଡିକୁ ବିଦ୍ୟାଳୟକୁ ହସ୍ତାନ୍ତର କରୁ ନଥିବା ଜଣାପଡିଛି। ସେହିଭଳି ବିଦ୍ୟାଳୟ ପାଇଁ ଖେଳ ଶିକ୍ଷକ ନଥିବାରୁ ପିଲାମାନେ କ୍ରୀଡ଼ା ଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପଦ ଦୀର୍ଘଦିନ ହେବ ଖାଲିପଡିଥିବା ବେଳେ ବିଦ୍ୟାଳୟ ପାଇଁ କିରାଣି, ପିଅନ ଓ ରାତି ଜଗୁଆଳିର ଅଭାବ ରହିଛି। ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ଜିଲ୍ଲାପାଳଙ୍କୁ ଗୁହାରି ଜଣାଇଛନ୍ତି ଅଞ୍ଚଳବାସୀ।

ବୈତରଣୀରେ ଜଳସ୍ତର ବୃଦ୍ଧି

ବାରିକପୁର, ୩୧ ।୭ (ସମିସ): ଗତ ମଙ୍ଗଳବାର ରାତିରୁ ବୁଧବାର ଅପରାହ୍ନ ଯାଏଁ ଭଦ୍ରକ ଜିଲ୍ଲାରେ ବର୍ଷା ଲାଗି ରହିଛି । ଜିଲ୍ଲାତମାମ ସର୍ବାଧିକ ୧୫୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଏଥିଯୋଗୁଁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଥିବା ବେଳେ ବୈତରଣୀ ନଦୀରେ ସାମାନ୍ୟ ଜଳସ୍ତର ବୃଦ୍ଧି ପାଇଛି । ଯଦିଓ ନଦୀର ଉପରମୁଣ୍ଡ କେନ୍ଦୁଝର ଜିଲ୍ଲାରେ ସେଭଳି ବଡ ଧରଣର ବର୍ଷା ରେକର୍ଡ ହୋଇନାହିଁ ତଥାପି ସ୍ଥାନୀୟ ବର୍ଷା ଯୋଗୁଁ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବା କୁହାଯାଇଛି । ନଦୀର ଉପରମୁଣ୍ଡ ଚମ୍ପୁଆଠାରେ ସର୍ବାଧିକ ୪୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଆନନ୍ଦପୁରଠାରେ ୧୯.୮, ସ୍ୱାମପାଟଣାଠାରେ ୧୮.୮ ମିମି ବର୍ଷା ହୋଇଛି । ଆଜି ସନ୍ଧ୍ୟା ୭ଟା ସୁଦ୍ଧା ଆଖୁଆପଦା ଆନିକଟଠାରେ ୧୭.୧୭ ମିଟର ଉଚ୍ଚରେ ଜଳ ପ୍ରବାହିତ ହେଉଛି । ଏଠାରେ ୧୭.୮୩ ବିପଦ ସତର୍କ ସୂଚନା ରହିଥିବା ବେଳେ ୧୮.୩୩ ମିଟର ବିପଦ ସଂକେତ ରହିଛି । ଆଜି ଲଗାଣ ବର୍ଷା ଯୋଗୁଁ ଜିଲ୍ଲାରେ ଏକପ୍ରକାର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।

ନଦୀବନ୍ଧ ଧସିଲା ୨୦୦ ଫୁଟ୍; ଗ୍ରାମବାସୀ ଆତଙ୍କିତ

ଅସୁରାଳି, ୩୦ ।୭ (ସମିସ): ଧାମନଗର ବ୍ଲକ ହସନାବାଦ ପଞ୍ଚାୟତର ଅସ୍ତକଠାରେ ବୈତରଣୀ ନଦୀବନ୍ଧ ପ୍ରାୟ ୨୦୦ ଫୁଟ ଧସିଯାଇ ଆଁ କରିଛି । ଲଗାଣ ବର୍ଷା ଯୋଗୁଁ ନଦୀବନ୍ଧ ଧସିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ନଦୀବନ୍ଧ ଧସିବା ଯୋଗୁଁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଛନ୍ତି । ନିକଟରେ ହୋଇଥିବା ବନ୍ୟାରେ ଘରେ ଆଣ୍ଠୁଏ ଲେଖାଏଁ ପାଣି ପଶିଥିବା ବେଳେ ଯଦି ଏବେ ବନ୍ୟା ଆସେ ତେବେ ଗାଁ ଭାସିଯିବାର ଆଶଙ୍କା ରହିଛି । ଖରାଦିନେ ବେପରୁଆ ବାଲିଉଠାଣ ତଥା ଜଳସମ୍ପଦ ବିଭାଗ ଅଧିକାରୀଙ୍କ ଖାମଖିଆଲି ଯୋଗୁଁ ନଦୀବନ୍ଧରେ ଫାଟ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି । ପ୍ରତିବର୍ଷ ସ୍ଥାନୀୟ ଅଞ୍ଚଳରେ ନଦୀବନ୍ଧ ଧସିବା, ଦବିବା, ଫାଟିବା ଭଳି ସମସ୍ୟା ଦେଖା ଦେଉଥିବା ବେଳେ ବର୍ଷାଦିନ ପୂର୍ବରୁ ସ୍ଥାୟୀ ମରାମତି ନକରି କେବଳ ବାଲିବସ୍ତା ଦେଇ ବିଭାଗୀୟ ଅଧିକାରୀ ଅର୍ଥ ହାତଉଥିବା ଅଭିଯୋଗ ହେଉଥିଲେ ବି ପ୍ରତିକାର ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ତେବେ, ବୁଧବାର ଘଟଣାସ୍ଥଳକୁ ବିଭାଗୀୟ ଏସଡିଓ କିଶୋର ଦାସ ଓ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଶରତ ଘଡେଇ ପହଞ୍ଚି ପଲିଥିନ ଢାଙ୍କିବା ସହ ଗୁରୁବାରଠାରୁ କାମ ଆରମ୍ଭ କରିଯିବ ବୋଲି ସୂଚନା ଦେଇଛନ୍ତି । ତୁରନ୍ତ ଫାଟ ସୃଷ୍ଟି ହୋଇଥିବା ସ୍ଥାନର ସ୍ଥାୟୀ ମରାମତି ପାଇଁ ବିଭାଗ ପଦକ୍ଷେପ ନେବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି । ଯଦି ମରାମତି କାର୍ଯ୍ୟ ତୁରନ୍ତ କରା ନଯାଏ ତେବେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ଗ୍ରାମାଞ୍ଚଳକୁ ପହଞ୍ଚିଲାନି ଗୋ-ଖାଦ୍ୟ

ଦୋବଲ, ୩୦ ।୭ (ସମିସ): ଲଗାଣ ବର୍ଷା ଦ୍ୱାରା ଧାମନଗର ବ୍ଲକରେ ୨୫ ପଞ୍ଚାୟତରେ ବିଭିନ୍ନ ଚାଷ ଜମିରେ ବର୍ଷା ଜଳ ବୁଡି ରହିଥିବା ବେଳେ ୪ ଦିନ ତଳେ ବୈତରଣୀ ନଦୀରେ ବନ୍ୟା ଦ୍ୱାରା ଶାଖା ନଦୀ କୋଚିଲା, ଗେଙ୍ଗୁଟି ନଦୀରେ ବନ୍ୟା ଆସି ଏହି ବ୍ଲକର ପଧାନି, ଅର୍ଜୁନପୁର, ହସନାବାଦ, ସୋହଡା, ଖଡ଼ିପଦା, ଦଲାଙ୍ଗ ପଞ୍ଚାୟତ ରେ ବିଭିନ୍ନ ଚାଷ ଜମି ବୁଡ଼ିରହିଛି । ବନ୍ୟା ଛାଡି ଥିଲେବି ଏ ଯାଏ ଗାଁରୁ ବନ୍ୟାଜଳ କମୁନାହିଁ । ତଳିଆ ଅଞ୍ଚଳ ହସନାବାଦ ପଞ୍ଚାୟତରେ ଅନେକ ଗ୍ରାମ ଭିତରେ ପାଣି ରହିଛି । ବନ୍ୟା ସମୟରେ ପ୍ରଶାସନ ତରଫରୁ ପଲିଥିନ ଓ ଶୁଖିଲା ଖାଦ୍ୟ ଦିଆଯାଇଛି, କିନ୍ତୁ ବନ୍ୟାଞ୍ଚଳରେ ଥିବା ଗୋରୁ ଗାଈ ଭୋକରେ ଅଛନ୍ତି । ଏପର୍ଯ୍ୟନ୍ତ ବନ୍ୟାଞ୍ଚଳରେ ଥିବା ଗୋରୁଗାଈଙ୍କ ନିକଟରେ ଗୋଖାଦ୍ୟ ପହଞ୍ଚି ପାରିନାହିଁ । ଏ ଦିଗରେ ବ୍ଲକର ବିଡ଼ିଓଙ୍କ ସହ ଯୋଗାଯୋଗ କରାଯାଇଥିଲା । ଗୋଟେ ଦିନ ଭିତରେ ଗୋଖାଦ୍ୟ ପହଞ୍ଚିବ ବୋଲି କହିଥିଲେ । ପ୍ରକାଶ ଥାଉକି, ବନ୍ୟା ଜଳ ପୁରା ଛାଡି ନଥିବା ବେଳେ ବୁଧବାର ଦିନତମାମ ପ୍ରବଳ ବର୍ଷାରେ ଧାମନଗର ପୁରା ବେହାଲ ହୋଇ ଯାଇଛି । ଗୋରୁ ଗାଈ ଓ ଲୋକମାନେ ମଧ୍ୟ ଘରୁ ବାହାରି ପାରି ନଥିଲେ । ଏତେ ବର୍ଷା ଯେ ସଙ୍ଗେ ସଙ୍ଗେ ଜିଲ୍ଲା ପ୍ରଶାସନ ଧାମନଗର ବ୍ଲକର ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରି ଦେଇଥିଲେ । ତେବେ ବନ୍ୟାର ପ୍ରକୋପ ଏବେ ବର୍ଷା ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି । ବନ୍ୟାରେ ଉପରୋକ୍ତ ପଞ୍ଚାୟତରେ ବ୍ୟାପକ ଚାଷ ଜମି ନଷ୍ଟ ହୋଇଥିବା ବେଳେ ଚାଷ ଜମିରୁ ପାଣି ଖସୁ ନ ଥିବାରୁ କ୍ଷୟକ୍ଷତି ଆକଳନ କରିହେଉନି । ଦିନେ ୨ ଦିନ ମଧ୍ୟରେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ବ୍ଲକ କୃଷି ଅଧିକାରିଣୀ ଅନୁରାଧା ପଣ୍ଡା କହିଛନ୍ତି ।

ବନ୍ୟାର ଭ୍ରମ ସୃଷ୍ଟି କରୁଛି ଗ୍ରାମ୍ୟ ଉନ୍ନୟନ ରାସ୍ତା

ଜଳ ନିଷ୍କାସନ ସମସ୍ୟା

ବାରିକପୁର, ୩୦ ।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଦିନକୁ ଦିନ ବେଆଇନ ଜବରଦଖଲ ବୃଦ୍ଧି ପାଉଛି । କେଉଁଠି ସରକାରୀ ଜମିକୁ ଅକ୍ତିଆର କରି ଲୋକ ମାନେ ଚାଷ ଜମି କରୁଛନ୍ତି ତ ପୁଣି କେଉଁଠି ବାସଗୃହ ନିର୍ମାଣ ହେଉଛି । ଫଳରେ ଅସରାଏ ବର୍ଷା ହେଲେ ଗାଁ ଗହଳିରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ ବଡ଼ ମାଳଦା ଗାଁ ମଝିରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଗତକାଲି ରାତିଠାରୁ ବର୍ଷା ଲାଗି ରହିବା କାରଣରୁ ଗାଁ ମଝି ରାସ୍ତା ପ୍ରବେଶ ପଥରେ ପାଣି ଜମି ଯାଇଛି । ବିଶେଷ କରି ଜେନା ସାହି କୀର୍ତ୍ତନ ମଣ୍ଡପସ୍ଥିତ ଗ୍ରାମ୍ୟ ଉନ୍ନୟନ ରାସ୍ତା ଉପରେ ଏକ ଫୁଟର ବର୍ଷା ପାଣି ଜମି ଯାଇଛି । ଏହାଛଡା ଏହି ରାସ୍ତା ସଂଲଗ୍ନ ପଞ୍ଚାୟତ ଅଧୀନ ରାସ୍ତା ଉପରେ ମଧ୍ୟ ବର୍ଷା ପାଣି ଲହଡି ଭାଙ୍ଗୁଛି । ସକାଳଠାରୁ ସନ୍ଧ୍ୟା ଯାଏଁ ଗାଁ ଲୋକେ ପାଣି ରାସ୍ତାରେ ଯାଉଥିବା ଦେଖିବାକୁ ମିଳିଛି । ପାଖାପାଖି ୧୫୦ ଗୋଟି ପରିବାର ପାଣିରେ ଯାତାୟାତ କରୁଛନ୍ତି । ଏହାଛଡା ଏହି ବାଟ ଦେଇ ମାଳଦା ବଜାରକୁ ଯାଉଥିବା ରହଣିଆ, ଦେଉଳପଦୀ, ନୌରଙ୍ଗପୁର ପ୍ରମୁଖ ଗ୍ରାମର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନଦୀର ଭ୍ରମ ସୃଷ୍ଟି କରୁଥିବା ଏହି ରାସ୍ତା ଦେଇ ଛୋଟ ଛୋଟ ସ୍କୁଲ ପିଲା ଓ ଅଙ୍ଗନବାଡ଼ି ପିଲା ମଧ୍ୟ ଯାତାୟାତ କରୁଛନ୍ତି । ଏଥିପାଇଁ ଗ୍ରାମବାସୀ ଥଣ୍ଡା ଜ୍ୱରରେ ପୀଡିତ ହେବା ଆଶଙ୍କା ଦେଖାଦେଇଛି । ସଠିକ ଭାବେ ଜଳ ନିଷ୍କାସନ ନହେବା କାରଣରୁ ବର୍ଷା ହେଲେ ଗ୍ରାମବାସୀ ବନ୍ୟା ଯନ୍ତ୍ରଣା ଭୋଗୁଛନ୍ତି । ତେଣୁ ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

ନଦୀବନ୍ଧରେ ପାଲ ଟାଣି ଆଶ୍ରୟ ନେଉଛନ୍ତି ବହୁ ପରିବାର

କେବଳ ଦୁଇ ଦିନ ରନ୍ଧା ଖାଦ୍ୟ ଦେଇ ପାସ୍ !

ଅସୁରାଳି, ୩୦ ।୭ (ସମିସ): ବନ୍ୟା କମିଛି, ମାତ୍ର ସରିନି ଲୋକଙ୍କ ଦୁର୍ଦ୍ଦଶା । ହସନାବାଦ ପଞ୍ଚାୟତର ବନବାଗଠାରେ ୪୦ ପରିବାର ରୁହନ୍ତି ମାତ୍ର ସେଠାରେ ୨୫ ପରିବାର କଚ୍ଚା ଘରେ ରୁହନ୍ତି । ବନ୍ୟାର କରାଳ ରୂପରେ କଚ୍ଚା ଘର ମଧ୍ୟ ବାଦ୍ ଯାଇନି । ବନ୍ୟା ପ୍ରଭାବରେ କଚ୍ଚା ଘର କାନ୍ଥଗୁଡ଼ିକ ଧସିଯିବା ସହ ଘରଗୁଡ଼ିକ ଧ୍ୱଂସ ବିଧ୍ୱଂସ ହୋଇ ଯାଇଛି । ଘରେ ପାଣି, ବାହାରେ ପାଣି ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ ବାଧ ହେଇ ଲୋକ ମାନେ ବନ୍ଧରେ ପାଲ ଟାଣି ଆଶ୍ରୟ ନେଉଛନ୍ତି । କେବଳ ମଣିଷ ନୁହଁ; ଗାଈଗୋରୁ ଆଦି ଗୃହପାଳିତ ପଶୁ ମଧ୍ୟ ନଦୀବନ୍ଧରେ ଆଶ୍ରୟ ନେଉଛନ୍ତି । ସମାନ ଭାବେ ହସନାବାଦର ସେଠୀ ସାହିର ୨୦ ପରିବାର, ମହାଳିକ ସାହିର ୧୫ ପରିବାର, ଉପର ଅସ୍ତକର ଜେନା ସାହି, ବେହେରାସାହି, ରାଉତସାହିର ୬୦ ପରିବାର, ତଳ ଅସ୍ତକର ସମୁଦାୟ ୧୭୦ ପରିବାର ଥିବା ବେଳେ ନିର୍ଦ୍ଦିଷ୍ଟ ଭାବେ ମହାଳିକ, ପୁହାଣ, ବେହେରା, ମାଝୀ, ମଲିକ ସାହିର ୭୦ ପରିବାର ପ୍ରଭାବିତ ହେଇଛନ୍ତି । ପ୍ରଶ୍ନ ଉଠୁଛି, ଏତେ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି କିନ୍ତୁ ସରକାରଙ୍କୁ ତିଳେ ମଧ୍ୟ ଖାତିର ନାହିଁ । କେବଳ ୨ ଦିନ ସରକାରୀ ରନ୍ଧା ଖାଦ୍ୟ ଦେଇ ପାସ୍ । ବର୍ତ୍ତମାନ ତ ଲୋକମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଘରେ ପାଣି କମିଥିଲେ ମଧ୍ୟ ସେଠୀ ସାପ, ବେଙ୍ଗ ଘର କରି ଗଲେଣି ପୁଣି କୋଉଠି କାନ୍ଥ ନାହିଁ ତ ଆଉ କୋଉଠି ଦୁଆର ନାହିଁ । ପୁଣି ବର୍ତ୍ତମାନ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଆଗତ ବନ୍ୟାକୁ ମଧ୍ୟ ଆଡ଼େଇ ଦେଇହେବନି । ଏଣୁ ଏଭଳି ଦୁର୍ଦ୍ଦିନ ଅବସ୍ଥାରେ ସରକାର ମୁହଁ ଫେରାଇ ନେଉଛନ୍ତି । ବନ୍ୟା ପ୍ରଭାବିତ ଲୋକଙ୍କଠୁ । ଏଣୁ ଏହି ପରିପ୍ରେକ୍ଷୀରେ ହାସନାବାଦ ପଞ୍ଚାୟତର ସରପଞ୍ଚ ଅଜୟ ମଲ୍ଲିକ ଓ ବହୁ ବନ୍ୟା ପ୍ରଭାବିତ ବ୍ୟକ୍ତି ତଥା ପୂର୍ଣ୍ଣଚନ୍ଦ୍ର ଦାସ, ସତ୍ୟନାରାୟଣ ଦାସ, କପିଳ ଜେନା, ଭାଗୀରଥି ମହାଳିକ, କ୍ଷୀରୋଦ ଦାସ ପ୍ରମୁଖ ସ୍ୱର ଉତ୍ତୋଳନ କରିଛନ୍ତି । ସରପଞ୍ଚ ଅଜୟ ମଲ୍ଲିକଙ୍କ କହିବାନୁଯାୟୀ, ଖୁବ୍ ଶୀଘ୍ର ନଷ୍ଟ ହୋଇଥିବା ଆସବାବପତ୍ର ଓ କ୍ଷୟକ୍ଷତିର ଆକଳନ କରି ଖୁବଶୀଘ୍ର କ୍ଷତିପୂରଣ ଯୋଗାଇ ଦିଆଯାଉ ।

ଭୁଲ ଜମାଖାତାକୁ ଟ୍ରାନ୍ସଫର ହେଉଛି ହିତାଧିକାରୀଙ୍କ ଅର୍ଥ

ଶୁଣୁନାହାନ୍ତି ଗୁହାରି

ଭଣ୍ଡାରିପୋଖରୀ, ୩୦ ।୭ (ସମିସ): ବୟାବନାପୁର ଗ୍ରାମର ଆବାସ ଯୋଜନା ହିତାଧିକାରୀ ଅମିତା ସାହୁଙ୍କ ଆବାସ ଯୋଜନା କିସ୍ତି ଅର୍ଥ ଭିନ୍ନ ଏକ ଜମାଖାତାକୁ ପଠାଯାଉଥିବା ଅଭିଯୋଗ ହୋଇଛି । ୨୦୨୧-୨୨ ଆର୍ଥିକ ବର୍ଷରେ ଓଡି ୧୭/୦୦୩୧୪୭୬୦ନଂ କାର୍ଯ୍ୟାଦେଶ ବ୍ଲକରୁ ଅମିତାଙ୍କୁ ମିଳିଥିଲା । କାର୍ଯ୍ୟାଦେଶ ସହ ୪୦ ହଜାର ଟଙ୍କା ଜମାଖାତାକୁ ପଠାଯିବ ବୋଲି କୁହାଯାଇଥିଲା; ହେଲେ ମିଳି ନଥିଲା । ଅମିତାଙ୍କ ଜମାଖାତା ରାଷ୍ଟ୍ରୀୟ ୟୁକୋ ବ୍ୟାଙ୍କର ସ୍ଥାନୀୟ ଶାଖାରେ ରହିଛି । ବ୍ଲକକୁ ଟଙ୍କା ଅମିତାଙ୍କ ଆଧାର ଲିଙ୍କରେ ୪୦ ହଜାର ଟଙ୍କା ପଠାଯାଇଥିବା ଜଣାପଡିଥିଲା । ହେଲେ ଟଙ୍କା ଭୁଲ ନାମକୁ ଯାଇଥିବା ବ୍ୟାଙ୍କରୁ ଜଣାପଡିଥିଲା । ଅମିତା ଏ ସମ୍ପର୍କରେ ଥାନାରେ ଜଣାଇଥିଲେ । ଭୁଲରେ ଅର୍ଥ ପାଇଥିବା ବ୍ୟକ୍ତି ଅର୍ଥ ଉଠାଇ ନେଇଥିଲେ । ଅମିତା ଏ ସମ୍ପର୍କରେ ବ୍ୟାଙ୍କ, ବ୍ଲକ କର୍ତ୍ତୃପକ୍ଷ ଓ ଥାନାକୁ ଜଣାଇ ନିରାଶ ହୋଇଥିଲେ । ବର୍ଷେକାଳ ଦୌଡି ନିରାଶ ହେବା ପରେ ଜିଲ୍ଲାପାଳଙ୍କୁ ଗୁହାରି କରିଥିଲେ ଅମିତା । ଅର୍ଥ ଉଠାଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ପୁଲିସକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ସେହିପରି ବୟାବନାପୁର ପଞ୍ଚାୟତ ତାଳପଦା ଗ୍ରାମର ମାଳତୀ ପ୍ରଧାନ ଆବାସ ଯୋଜନା ହିତାଧିକାରୀ ଭାବେ ବ୍ଲକରୁ ୨୦୨୩-୨୪ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ପାଇଥିଲେ । ତାଙ୍କର ସରସଦା ଷ୍ଟେଟବ୍ୟାଙ୍କ ଜମାଖାତାକୁ ୪୦ ହଜାର ଅର୍ଥ ଯାଇନଥିଲା । ମାଳତୀଙ୍କ ଆଧାର କାର୍ଡକୁ ଭୁଲଭାବେ ସଂଯୁକ୍ତ କରାଯାଇଥିବା ୟୁକୋ ବ୍ୟାଙ୍କର ଜନୈକ ଜମାଖାତାକୁ ଅର୍ଥ ବ୍ଲକରୁ ଯାଇଥିଲା । ମାଳତୀଙ୍କ ନାମରେ ଆସିଥିବା ୨ କିସ୍ତି ସୁଭଦ୍ରା ଯୋଜନା ଅର୍ଥ ମଧ୍ୟ ଅନୁରୂପ ଭାବେ ସେହି ଭୁଲ ଖାତାକୁ ଯାଇଥିଲା । ଆବାସ ଯୋଜନା ଅର୍ଥ ଓ ସୁଭଦ୍ରା ଯୋଜନାର ୨ଟି କିସ୍ତି ମୋଟ ୫୦ ହଜାର ଟଙ୍କା ଭୁଲଭାବେ ପ୍ରାପ୍ତ ହୋଇଥିବା ବ୍ୟକ୍ତି ଉଠାଇ ନେଇଥିଲେ ବୋଲି ମାଳତୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ଓ ବିଡିଓଙ୍କୁ ଏ ସମ୍ପର୍କରେ ବହୁବାର ଗୁହାରି କଲାପରେ ମଧ୍ୟ କୌଣସି ସୁଫଳ ମିଳି ନଥିଲା ବୋଲି ମାଳତୀ ଅଭିଯୋଗରେ ଦର୍ଶାଇଛନ୍ତି । ଜିଲ୍ଲାପାଳ ଏହି ଘଟଣା ଉପରେ କଡା ଆଭିମୁଖ୍ୟ ଗ୍ରହଣ କରି ତୁରନ୍ତ ଅର୍ଥ ଉଠାଇ ନେଇଥିବା ଭୁଲ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିବାକୁ ଆଦେଶ ଦେବା ସହ ହିତାଧିକାରୀଙ୍କୁ ଅର୍ଥ ପୈଠ କରିବାକୁ ବିଡିଓ ଓ ପୁଲିସକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ଆଧାର ସଂଯୋଗ ସହ ଜଟିଳ ବ୍ୟାଙ୍କ କାରବାରରେ ସାଧାରଣ ଲୋକେ ଅର୍ଥ ହରାଇବା ଓ ଏହାକୁ କେହି ଗୁରୁତ୍ୱ ନଦେବା ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ଚିନ୍ତାଜନକ ହୋଇଛି ।

ଶବ ସଂସ୍କାର କଲେ ସମାଜସେବୀ

ଭଦ୍ରକ, ୩୦ ।୭ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଗୋପିନାଥପୁର ପଞ୍ଚାୟତ ଗୋପୀନାଥପୁର ଗ୍ରାମରେ ନିଆରା ମାନବ ପଣିଆ ଦେଖିବାକୁ ମିଳିଛି । ଦିଗମ୍ବର ପରିଡାଙ୍କ ପୁଅ ବିରେନ୍ଦ୍ର ପରିଡା ଦାଦନ ଖଟିବାକୁ ଯାଇ ସୁଦୂର ଆନ୍ଧ୍ରପ୍ରଦେଶରେ ହୃଦଘାତରେ ପ୍ରାଣ ହରାଇଥିଲେ । ତତକ୍ଷଣାତ ଖବର ପାଇଥିଲେ ଗୋପୀନାଥପୁର ପଞ୍ଚାୟତର ଯୁବ ସରପଞ୍ଚ ବାପୁନ ବାରିକ ଓ ତାଙ୍କର ବଡଭାଇ ବିଶିଷ୍ଟ ଶିକ୍ଷାବିତ ପୁରୁଷୋତ୍ତମ ବାରିକ । ତୁରନ୍ତ ସେହି ଗ୍ରାମର ନିଜର ସହକର୍ମୀ ପୂର୍ବତନ ସମିତିସଭ୍ୟ ବିପିନ ବିଶ୍ୱାଳ, ଦିଳୀପ ପରିଡା, ଶକ୍ତିକାନ୍ତ ପରିଡା, କାଳନ୍ଦୀ ପରିଡାଙ୍କୁ ସାଙ୍ଗରେ ଧରି ସୁଦୂର ଆନ୍ଧ୍ରପ୍ରଦେଶରେ ପହଞ୍ଚି ମରଶରୀରକୁ ସାଥିରେ ଧରୀ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରିଥିଲେ । ତାଙ୍କର ଏହି କାର୍ଯ୍ୟକୁ ଗ୍ରାମସାରା ପ୍ରଶଂସା କରାଯାଇଛି ।

୩୫ ଗୋଷ୍ଠୀଙ୍କୁ ୨ କୋଟି ୪୯ ଲକ୍ଷ ଟଙ୍କା ଋଣ

ତିହିଡି, ୩୦ ।୭ (ସମିସ): ତିହିଡ଼ି ଓ ଦୋଳସାହି ୟୁକୋ ବ୍ୟାଙ୍କ ଶାଖାର ମିଳିତ ସହଯୋଗରେ ତିହିଡ଼ି ବ୍ଲକ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଏକ ମେଗା ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ପ୍ରଦାନ ଶିବିର ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନା ସମ୍ପର୍କରେ ମହିଳା ଗୋଷ୍ଠୀର ସଦସ୍ୟାମାନଙ୍କୁ ସଚେତନ କରାଯାଇଥିଲା । ସେହିପରି ସୁଭଦ୍ରା ଯୋଜନା ଅର୍ଥ ଏବେ ସେଣ୍ଟ୍ରାଲ ଡିଜିଟାଲ କରେନ୍ସି ମାଧ୍ୟମରେ ମିଳିପାରିବ ଓ ଏହାଦ୍ୱାରା ମହିଳାଙ୍କ ଇ-ରୁପେ ୱାଲେଟକୁ ଅର୍ଥ ସିଧାସଳଖ ଆସିପାରିବ ବୋଲି କୁହାଯାଇଛି । ବ୍ୟାଙ୍କର ଜୋନାଲ ପରିଚାଳକ ସୁଦୀପ ଡାକୁଆ, ଏଜିଏମ ଅମ୍ରିତ ମୁର୍ମୁ, ଭଦ୍ରକ ଲିଡ ବ୍ୟାଙ୍କ ପରିଚାଳକ ରାଜୀବ ରଂଜନ, ବାଲେଶ୍ୱର ଜୋନାଲ ଅଫିସର ମୁଖ୍ୟ ପରିଚାଳକ ଏନ. ରାଓ, ତିହିଡ଼ି ଶାଖା ପରିଚାଳକ ଶିବନାରାୟଣ ମହାପାତ୍ର, ଏଆରବିଡି ମନୋରଂଜନ ପଣ୍ଡା, ବିପିଏମ ରଶ୍ମିତା ନାୟକ, ଦୋଳସାହି ଶାଖା ପରିଚାଳକ ରାକେଶ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ । ତିହିଡ଼ି ଶାଖାର ଉପପ୍ରବନ୍ଧକ ଜ୍ଞାନରଂଜନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତିହିଡ଼ି ଶାଖା ତରଫରୁ ୨୬ ଗୋଷ୍ଠୀ ଗୋଷ୍ଠୀକୁ ୨ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି । ସେହିପରି ଦୋଳସାହି ଶାଖା ତରଫରୁ ୯ ଗୋଟି ଗୋଷ୍ଠି ଗୋଷ୍ଠୀକୁ ୪୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଭଦ୍ରକ ଡିପିସି ଅଭିଜିତ ନାରାୟଣ, ପି. ଦାସ, ଆଲୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ରେଡିମେଡ୍ ଯୁଗରେ ହଜି ଯାଉଛି ଦରଜୀ କୌଳିକ ବୃତ୍ତି

ବନ୍ତ/ଆଗରପଡ଼ା,୩୦ ।୭ (ସମିସ)

ଆଧୁନିକ ଯୁଗରେ ରେଡିମେଡ ପୋଷାକର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସିଲେଇ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଦରଜୀମାନେ ନିଜର କୌଳିକ ବୃତ୍ତି ହରାଇବାକୁ ବସିଲେଣି । ଦରଜୀ ବୃତ୍ତିକୁ ଆଦରିନେଇ ଯେଉଁମାନେ ଲୋକଙ୍କ ପୋଷାକ ମାପ ନେଇ ସିଲେଇ ମେସିନରେ କାମ କରି ଯାହା କିଛି ଉପାର୍ଜନ କରୁଥିଲେ ସେଥିରେ ସେମାନଙ୍କ ପରିବାର ପ୍ରତିପୋଷଣ କରି ଆସୁଥିଲେ; କିନ୍ତୁ ସମୟଚକ୍ରରେ ଲୋକଙ୍କ ସାମାଜିକ ଚଳଣି ବଦଳିବା ହେତୁ ସେମାନେ ଆଉ ପୂର୍ବପରି ପୋଷାକ ସିଲେଇ କରି ପିନ୍ଧିବା ପାଇଁ ଇଚ୍ଛା କରୁନାହାନ୍ତି । ଆଗରୁ ଲୋକେ ପୋଷାକ ତିଆରି କରିବା ପାଇଁ ବଜାରରୁ କପଡ଼ା କିଣିବା ପରେ ଦରଜୀ ନିକଟକୁ ଯାଇ ନିଜକୁ ଫିଟିଙ୍ଗ ଲାଗିବା ଭଳି ସିଲେଇ କରି ପିନ୍ଧୁଥିଲେ । ବିଶେଷ କରି ବିଭିନ୍ନ ପର୍ବପର୍ବାଣୀରେ ଦରଜୀ ବୃତ୍ତିକୁ ଆଦରି ନେଇଥିବା କାରିଗରଙ୍କୁ କିଛିଦିନ ପାଇଁ ବିଶ୍ରାମ ମିଳୁ ନଥିଲା । ସେମାନେ ଦିନରାତି ଏକାକାର କରି ପରିଶ୍ରମ କରିବା ସହ ବେଶ କିଛି ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିବା ସହ କିଛି ଅର୍ଥ ମଧ୍ୟ ସଞ୍ଚୟ କରି ପାରୁଥିଲେ; କିନ୍ତୁ କିଛି ବର୍ଷ ମଧ୍ୟରେ ସହରାଂଚଳରେ ବହୁ ସପିଙ୍ଗ ମଲ୍ ଖୋଲିବା ସହ ଗ୍ରାମାଞ୍ଚଳଗୁଡିକରେ ବହୁ ରେଡିମେଡ ପୋଷାକର ଦୋକାନ ବଜାର ଗଢି ଉଠିଛି । ଯେଉଁଠାରେ ଖୁବ୍ ନିଖୁଣ ଡ଼ିଜାଇନ୍ ସହ କମ୍ ମୂଲ୍ୟରେ ଗ୍ରାହକଙ୍କୁ ଆକୃଷ୍ଟ କଲାଭଳି ପୋଷାକ ଉପଲବ୍ଧ ହୋଇପାରୁଛି । ଜନସାଧାରଣ ପୋଷାକ କପଡା କିଣି ଦରଜୀଙ୍କ ନିକଟକୁ ସିଲେଇ କରିବା ପାଇଁ ଦେବା ପରେ ତାକୁ ପିନ୍ଧିବା ପାଇଁ କିଛି ଦିନ ଲାଗୁଥିଲା । କାରଣ ଦରଜୀ ତାକୁ ସିଲେଇ କରିବା ପାଇଁ ସମୟ ନେଉଥିଲା । କିନ୍ତୁ ବର୍ତ୍ତମାନ ସମୟ ବଦଳିଯାଇଛି । ଆବଶ୍ୟକ ସମୟରେ ପୋଷାକ ପରିଧାନ କରିବା ଲାଗି ବହୁ ସମୟ ଧରି ଅପେକ୍ଷା କରିବାକୁ ଆଉ ପଡୁନାହିଁ । ଯେତେବେଳେ ଜଣେ ବ୍ୟକ୍ତି ଇଚ୍ଛା ପ୍ରକାଶ କରୁଛି ସେତେବେଳେ ବଜାରରେ ଉପଲବ୍ଧ ବିଭିନ୍ନ ସପିଙ୍ଗ ମଲ୍ ବା ରେଡ଼ିମେଡ୍ ଦୋକାନରୁ ପୋଷାକ କିଣି ପିନ୍ଧି ପାରୁଛି । ତାହା ବି ପୁଣି କମ ଖର୍ଚ୍ଚ ସାଙ୍ଗକୁ ଆଧୁନିକ ଓ ନିଖୁଣ ଡ଼ିଜାଇନର ପ୍ରସ୍ତୁତି ପୋଷାକ । ଲୋକଙ୍କ ଚାହିଦାକୁ ଆଖି ଆଗରେ ରଖି ଦିନକୁ ଦିନ ଗ୍ରାମାଞ୍ଚଳରେ ରେଡ଼ିମେଡ୍ ପୋଷାକ ଦୋକନ ଖୋଲିବାରେ ଲାଗିଛି । ଦେଖିବାକୁ ଗଲେ କେବଳ ଆଗରପଡ଼ା ବଜାରରେ ୨୦ରୁ ଉର୍ଦ୍ଧ ରେଡ଼ିମେଡ୍ ପୋଷାକ ଦୋକନ ରହିଥିବା ବେଳେ ବନ୍ତ ବ୍ଲକର ୨୫ଟି ପଞ୍ଚାୟତରୁ ପ୍ରତି ପଞ୍ଚାୟତରେ ୨-୪ଟି ରେଡ଼ିମେଡ ପୋଷାକ ଦୋକାନ ରହିଥିବାର ଦେଖିବାକୁ ମିଳୁଛି ।

ଅପରପକ୍ଷରେ ସରକାରଙ୍କ ତରଫରୁ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସମେତ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପୋଷାକ ବଣ୍ଟନ କରାଯାଉଛି । ସେଥିପାଇଁ ସରକାର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପୋଷାକ ଯୋଗାଇ ଦେବାକୁ ଅନୁମତି ମଧ୍ୟ ଦେଇଛନ୍ତି । କିନ୍ତୁ ପ୍ରକୃତପକ୍ଷେ ଏହା କାର୍ଯ୍ୟକାରୀ ହୋଇପାରୁନଥିବା ପରିଲକ୍ଷିତ ହେଉଛି । ଯାହା ଫଳରେ ସ୍ଥାନୀୟ ଅଞ୍ଚଳର ଦରଜୀ ମାନଙ୍କ ପେଟପାଟଣା ଏକପ୍ରକାର ବନ୍ଦ ହେବାରେ ଲାଗିଛି । ସେହିପରି ଯୁବପିଢିଙ୍କ ଫେସନକୁ ଆଖି ଆଗରେ ରଖି ବିଭିନ୍ନ ଶିଳ୍ପାନୁଷ୍ଠାନ ବିଭିନ୍ନ ପ୍ରକାର ପୋଷାକ ତିଆରି କରି ବଜାରରେ ସ୍ୱଳ୍ପମୂଲ୍ୟରେ ବିକ୍ରି କରୁଛନ୍ତି; ଯଦ୍ୱାରା ଦରଜୀ ଦୋକାନପ୍ରତି ଲୋକଙ୍କ ଆଗ୍ରହ କମିବାରେ ଲାଗିଛି । ସମୟାନୁସାରେ ବର୍ତ୍ତମାନ ସମୟରେ ଲୋକଙ୍କ ଚାହିଦାନୁସାରେ ପୋଷାକ ତିଆରି କରିବା ପାଇଁ ନୂତନ ଟେକ୍ନୋଲୋଜିରେ ତିଆରି ମେସିନ ବଜାରରେ ମିଳୁଛି ଯାହା ବ୍ୟୟବହୁଳ । ତେଣୁ ସେଥିରେ ପ୍ରସ୍ତୁତ ପୋଷାକ ଦର ବଜାରରେ ମିଳୁଥିବା ରେଡ଼ିମେଡ଼ ପୋଷାକ ଦରଠାରୁ ବହୁ ଅଧିକ । ତେଣୁ ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବା ସମ୍ଭବପର ହୋଇପାରୁନାହିଁ । ଏହିପରି ପରିସ୍ଥିତିରେ ଦରଜୀ ବାଧ୍ୟ ହୋଇ ତାର କୌଳିକ ବୃତ୍ତିରୁ ନିଜକୁ ନିବୃତ୍ତ ରଖିବାକୁ ବାଧ୍ୟ ହେଉଛି ।

ସେମାନେ ଯାହା କହନ୍ତି..

୩୫ ବର୍ଷ ହେବ ମୁଁ ଟେଲର ଦୋକାନ କରି ଆଗରପଡ଼ା ଓ ଆଖପାଖ ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଲୋକଙ୍କ ରୁଚିରେ ପରିବର୍ତ୍ତନ ଆଣିଥିବାରୁ ପୂର୍ବ ପରି ଆଉ ବ୍ୟବସାୟ ହୋଇପାରୁନାହିଁ । ରେଡ଼ିମେଡ ଦୋକାନ ଓ ପୋଷାକ ଆମ ଭାତ ହାଣ୍ଡିରେ ଲାତ ମାରିବା ସଦୃଶ ପାଲଟିଛି । ଦିନଥିଲା ମୋ ଦୋକାନରେ ୩୦ଜଣ କର୍ମଚାରୀ କାମ କରୁଥିଲେ । ସୁରୁଖୁରୁରେ ପରିବାର ପ୍ରତିପୋଷଣ କରିପାରୁଥିଲେ । ମୁଁ ମଧ୍ୟ ଭଲ ରୋଜଗାର କରୁଥିଲି । ଏହି ବେପାର ଓ ବୃତ୍ତିରୁ ଦରଜୀ ମୁହଁ ମୋଡ଼ି ଦେଉଥିବାରୁ ମୋ ଦୋକାନରେ ବର୍ତ୍ତମାନ ୩ଜଣ ଦରଜୀ କାର୍ଯ୍ୟ କରୁଛନ୍ତି । ସମୟଚକ୍ରରେ ଦରଜୀ କୌଳିକ ବୃତ୍ତି ଲୋପ ପାଇବାକୁ ବସିଛି । ସରକାରଙ୍କ ତରଫରୁ ଯଦି କିଛି ସ୍ୱତନ୍ତ୍ର ଯୋଜନା ଆମ୍ଭମାନଙ୍କ ପାଇଁ ପ୍ରଣୟନ କରାଯାଇପାରନ୍ତା ତେବେ ଲୋପ ପାଇବାକୁ ବସିଥିବା କୌଳିକ ବୃତ୍ତି ଉଦ୍‌ଜୀବିତ ହୋଇପାରନ୍ତା ।

- ଲକ୍ଷ୍ମୀଧର ନାୟକ, ସୋନାକ୍ସ ଟେଲର, ଆଗରପଡ଼ା

୧୪ ବର୍ଷରୁ ନିଜକୁ ଉକ୍ତ ବୃତ୍ତିରେ ନିୟୋଜିତ କରିଆସୁଅଛି । ମତେ ବର୍ତ୍ତମାନ ୫୧ ବର୍ଷ । କିଛି ବର୍ଷ ପୂର୍ବେ ରେଡ଼ିମେଡ ଦୋକାନ ଉପଲବ୍ଧ ନଥିବା ବେଳେ ଦିନକୁ ୩୦୦-୪୦୦ ଟଙ୍କା ରୋଜଗାର କରି ସୁଚାରୁରୂପେ ପରିବାର ପ୍ରତିପୋଷଣ କରିପାରୁଥିଲି; କିନ୍ତୁ ବର୍ତ୍ତମାନ ତାହା ସମ୍ଭବପର ହୋଇପାରୁନାହିଁ । ପରିଶ୍ରମ ତୁଳନାରେ କାମ ମିଳୁନାହିଁ କି ପାରିଶ୍ରମିକ ମଧ୍ୟ ମିଳୁନାହିଁ । ଏହାଦ୍ୱାରା ଜୀବିକା ପ୍ରଭାବିତ ହେଉଛି ଏବଂ ପରିବାର ଚଳାଇବା କଷ୍ଟକର ହୋଇପଡୁଛି ।

- ଏସକେ ହବିବୁର ରେହେମାନ, ଦରଜୀ, ଆଗରପଡ଼ା

ରେଡିମେଡ ପୋଷାକର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି ଏବଂ ଏହା ଏବେ ପ୍ରାୟ ସବୁଠି ଗ୍ରାହକମାନେ ଆଦରି ନେଉଛନ୍ତି । ଆଉ ସମୟକୁ ଅପେକ୍ଷା ନ କରି ନିଜ ମନ ପସନ୍ଦର ବ୍ରାଣ୍ଡକୁ ଆପଣେଇ ନେଉଛନ୍ତି । ଯା'ଫଳରେ ଏହି କୌଳିକ ବୃତ୍ତି ପ୍ରତି ଘୋର ସଂକଟ ଦେଖାଦେଇଛି । ଅନେକ ପରିବାର ପ୍ରତିପୋଷଣରେ ବହୁ କଷ୍ଟ ଅନୁଭବ କରୁଛନ୍ତି । ବର୍ତ୍ତମାନ ସମୟରେ ସିଲେଇ ଭଳି କୌଳିକ ବୃତ୍ତିକୁ ଆପଣେଇ ପରିବାର ପ୍ରତିପୋଷଣ କରିବା କଷ୍ଟକର ହେଉଛି । ଆଗାମୀ କିଛି ଦିନରେ ଏହା କେବଳ ସଉକ ମେଣ୍ଟାଇବା ପାଇଁ ଆମ ଭଳି କିଛି ଲୋକ ଜାରି ରଖିବେ । ବୃତ୍ତି ରହିବ ନାହିଁ ।

- ଅନନ୍ତ ସାହୁ, ଦରଜୀ, ଆଗରପଡ଼ା

● ସଂସ୍କୃତ ବିଦ୍ୟାର୍ଥୀ ମହାସଂଘର ବୈଠକ

ଦାବିପୂରଣ ନ ହେଲେ ଜୋରଦାର ହେବ ଆନ୍ଦୋଳନ

ବାଲେଶ୍ୱର,୩୦।୭(ସମିସ): ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ସରକାରଙ୍କ ଚିଠି ଅନୁସାରେ ଓଡ଼ିଆର ୪୩୧ଟି ଉଚ୍ଚ ବିଦ୍ୟାଳୟରେ ବଧ୍ୟତାମୂଳକ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବଦଳରେ ଭୋକେସନାଲ ଶିକ୍ଷା ବା ଧନ୍ଦାମୂଳକ ଶିକ୍ଷାକୁ ଅଗ୍ରାଧିକାର ଦେବା ପାଇଁ ସରକାର ପ୍ରକାଶ କରିଛନ୍ତି। ମାତ୍ର ଏହା ହେବାଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଭିତରେ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବଦଳରେ ଭୋକେସନାଲ ଶିକ୍ଷାକୁ ଅଧିକ ଭଲ ପାଇବେ କାରଣ ସେଥିରେ ପ୍ରାକ୍ଟିକାଲ ରହୁଛି, ଏହା ହେବାଦ୍ୱାରା ଆଦ୍ୟ ଭାଷା, ସଂସ୍କୃତ ଭାଷା ପ୍ରତି ଛାତ୍ରଛାତ୍ରୀମାନଙ୍କର ଅନାଗ୍ରହ ମନୋଭାବ ଦେଖା ଦେବ ଓ ଓଡ଼ିଶାରେ ୪୩୧ଟି ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ପଦ ଉଠି ଭକେସନାଲ ଶିକ୍ଷକ ନିଯୁକ୍ତି ହେବେ। ଏଣୁ ଓଡ଼ିଶା ସରକାରଙ୍କ ଏ ପ୍ରକାର ନକାରାତ୍ମକ ଭାବନାକୁ ନିଖିଳ ଓଡ଼ିଶା ସଂସ୍କୃତ ଛାତ୍ର ମହସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଗଣଶିକ୍ଷା ମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତୀୟ ଭାବନା ବଦଳାଇବା ପାଇଁ ଦାବି ପ୍ରଦାନ କରାଯିବ ବୋଲି ଏକ ବୈଠକରେ ଆଲୋଚନା କରାଯାଇଛି। ଏହି ବୈଠକରେ କରାଯାଇଥିବା ଦାବିଗୁଡ଼ିକ ମଧ୍ୟରେ ଓଡ଼ିଶାରେ ସଂସ୍କୃତ ଓ ହିନ୍ଦୀକୁ ତୃତୀୟଭାଷା ଭାବରେ ବଧ୍ୟତାମୂଳକ କରାଯାଉ ଏବଂ ଭକେସନାଲ ଶିକ୍ଷା ଗୌଣ ବିଷୟ ଭାବରେ ରଖାଯାଉ, ଚତୁର୍ଥ ଶ୍ରେଣୀରୁ ସଂସ୍କୃତ ଶିକ୍ଷା ବାଧ୍ୟତାମୂଳକ କରାଯାଉ, ଓଡ଼ିଶାରେ ସଂସ୍କୃତ ଭାଷାର ବିକାଶ ପାଇଁ ଅସ୍ମିତାର ଫଳସ୍ୱରୂପ ସଂସ୍କୃତ ଗବେଷଣା କେନ୍ଦ୍ର ଓ ମ୍ୟୁଜିୟମ ପ୍ରତିଷ୍ଠା କରାଯାଉ, ଓଡିଶାରୁ ମିଳିଥିବା ସଂସ୍କୃତ ପୋଥି, ଅଭିଲେଖ ଆଦିର ତାଲିକା, ପାଠ ଓ ଗବେଷଣା କରାଯାଉ, ଓଡିଶାରେ ଜନ୍ମିତ ସଂସ୍କୃତ ବିଦ୍ୱାନଙ୍କ ତାଲିକା କରାଯିବା ସହ ସେମାନଙ୍କ କୃତୀକୁ ଲୋକଲୋଚନକୁ ଅଣାଯାଉ ଓ ଏହାକୁ ପାଠ୍ୟପୁସ୍ତକରେ ସ୍ଥାନିତ କରାଯାଉ,ଓଡ଼ିଶାରେ ନୂତନ ସଂସ୍କୃତ ଶିକ୍ଷକ ପଦବୀ ସହ ଖାଲିଥିବା ପଦବୀ ପୂରଣ କରାଯାଉ ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଏହି ଦବି ଗୁଡିକ ଉପରେ ସରକାର ଦୃଷ୍ଟି ନଦେଲେ ସଂସ୍କୃତ ଛାତ୍ର ସଂଘ ପକ୍ଷରୁ ଏକ ବିଶାଳ ସଂସ୍କୃତ ବିଦ୍ୟାର୍ଥୀ ଆନ୍ଦୋଳନ ହେବ ବୋଲି ବୈଠକରେ ଉପସ୍ଥିତ ଥିବା ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘର ଆବାହକ ଦେବେନ୍ଦ୍ର ଆଚାର୍ଯ୍ୟ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହାସଂଘର ଯୁଗ୍ମ ଆବାହକ ସାଧୁ ଅରୂପାନନ୍ଦ ଓ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଭୋଇ, ସଂସ୍କୃତ ପ୍ରାଧ୍ୟାପିକା ତଥା ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଦେବାଶିଷ ତ୍ରିପାଠୀ, କବି କାଳିପଦ ପଣ୍ଡା, ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମର ମୁଖ୍ୟ ସତ୍ୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକକୁ ବିଦ୍ୟାର୍ଥୀ ପ୍ରେରଣା ପ୍ରୀୟଂଶି ସ୍ୱାଇଁ ଓ ତନୁଶ୍ରୀ ରାଉତ ପରିଚାଳନା କରିଥିବା ବେଳେ ବିଦ୍ୟାର୍ଥୀ ମହାସଂଘର ଗଣମାଧ୍ୟମ ସଂଯୋଜକ କାମେଶ୍ୱର ଧନ୍ୟବାଦ ଦେଇଥିଲେ।

କାମରେ ଆସୁନି ୧୭ ନଂ ୱାର୍ଡ ମିନିପାର୍କ

ପାର୍କରେ ତାଲା: ମାଡ଼ି ଗଲାଣି ଘାସ; ଜଳୁନି ଲାଇଟ୍

ବାଲେଶ୍ୱର,୩୦।୭(ସମିସ):

ବାଲେଶ୍ୱର ପୌରାଞ୍ଚଳବାସୀଙ୍କ ମନୋରଞ୍ଜନ ପାଇଁ ପୌରପାଳିକା ପକ୍ଷରୁ ମୁକ୍ତା ଯୋଜନାରେ ପରିସ୍ରାଗାର ଓ ମିନି ପାର୍କ ଆଦି ପ୍ରତିଷ୍ଠା କରାଯାଇଛି। ବିଶେଷ କରି ପୌରପାଳିକା ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଭିନ୍ନ ୱାର୍ଡରେ ମିନିପାର୍କର ନିର୍ମାଣ କରାଯାଇଛି। ଅନ୍ୟପଟେ ଦେଖିବାକୁ ଗଲେ ପୌରପରିଷଦର ଅବହେଳା କାରଣରୁ କିଛି ମିନି ପାର୍କ ନିର୍ମାଣ ଶେଷ ହେବାର ଦୀର୍ଘ ବର୍ଷ ପରେ ମଧ୍ୟ ଏହା ଖୋଲାଯାଉ ନ ଥିବାରୁ ଲୋକେ ଏଥିରୁ ସୁବିଧା ପାଉନାହାଁନ୍ତି। ସୂଚନା ଅନୁସାରେ, ବାଲେଶ୍ୱର ପୌରପରିଷଦରେ ରହିଥିବା ୩୧ଟି ୱାର୍ଡକୁ ଅଧିକ ସୁନ୍ଦର ଭାବେ ଗଢ଼ି ତୋଳିବା ପାଇଁ କର୍ମତତ୍ପର ଅଭିଯାନରେ ଥିବା ମୁକ୍ତା ଯୋଜନାରେ ମିନି ପାର୍କ ନିର୍ମାଣ କରାଯାଇଛି। ବିଶେଷ କରି ବିଭିନ୍ନ ୱାର୍ଡରେ ଥିବା ପାର୍କଗୁଡ଼ିକରେ ବଡ଼ ଲୋକଙ୍କ ବ୍ୟାୟାମ ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ଛୋଟ ପିଲାଙ୍କ ପାଇଁ ଝୁଲଣା ଓ ଦୋଳିର ବ୍ୟବସ୍ଥା ମଧ୍ୟ କରାଯାଉଛି। ସେହିପରି ଯୋଗ ଏବଂ ପ୍ରାଣାୟମ ଅଭ୍ୟାସ କରିବା ପାଇଁ ମଣ୍ଡପ ମଧ୍ୟ ନିର୍ମାଣ କରାଯାଇଛି। ଘାସ ଗାଲିଚା ସାଙ୍ଗକୁ ଆଲୋକ ବ୍ୟବସ୍ଥା ପାର୍କକୁ ଅଧିକ ଆକର୍ଷିତ କରୁଛି। ପ୍ରତ୍ୟେକ ଦିନ ସକାଳେ ଏବଂ ସନ୍ଧ୍ୟାରେ ସ୍ଥାନୀୟ

ଲୋକେ ପାର୍କ ବୁଲି ମନୋରଞ୍ଜନ କରିବା ସହ ବ୍ୟାୟମ କରିବାର ସୁଯୋଗ ପାଉଛନ୍ତି। ଅନ୍ୟପଟେ କିନ୍ତୁ ଦେଖିବାକୁ ଗଲେ କିଛି ପାର୍କର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ତାହା ବନ୍ଦ ରହୁଥିବାରୁ ଲୋକମାନଙ୍କ କାର୍ଯ୍ୟରେ ଲାଗିପାରୁ ନାହିଁ। ପୌରପ୍ରଶାସନର ଅବହେଳା କାରଣରୁ ତାହା ହେଉଥିବା ଅନୁମାନ କରାଯାଉଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ସହରର୧୭ନମ୍ବର ୱାର୍ଡ ସ୍ଥିତ ରାଜାବଗିଚା ମିନି ପାର୍କ କ୍ଷେତ୍ରରେ। ସହରବାସୀଙ୍କ ମନୋରଞ୍ଜନ ପାଇଁ ବାଲେଶ୍ୱର ପୌରପାଳିକା ପକ୍ଷରୁ ମୁକ୍ତା ଯୋଜନାରେ ସହରର୧୭ନଂ ଓ୍ୱାର୍ଡର୍‌ରେ ମିନିପାର୍କ ନିର୍ମାଣ କରାଯାଇଛି। ହେଲେ ଆଜିପର୍ଯ୍ୟନ୍ତ ତାହା ଖୋଲା ନଯିବା ଫଳରେ ପାର୍କଟି ନଷ୍ଟ ହେବାକୁ ବସିଲାଣି। ଏହାର କାନ୍ଥରେ ପ୍ରକଳ୍ପର ନାମ, ଅଟକଳ ମୂଲ୍ୟ, ସ୍ଥାନୀୟ କାଉନସିଲରଙ୍କ ନାମ, କାର୍ଯ୍ୟ ଆରମ୍ଭ ଏବଂ ଶେଷ ତାରିଖ, ଜେଇ, ପୌରାଧ୍ୟକ୍ଷାଙ୍କ ନାମ ସମ୍ପର୍କରେ ନାଗରିକ ସୂଚନା ଫଳକ ମଧ୍ୟ ଲଗାଯାଇଛି। ସୂଚନା ଫଳକର ତଥ୍ୟ ଅନୁସାରେ,୧୩ ଲକ୍ଷ୨୮ହଜାର୨୦୬ଟଙ୍କା ବ୍ୟୟ ବରାଦରେ ୨୦୨୨ମସିହା ସେପ୍ଟେମ୍ବର ମାସ ୧୭ ତାରିଖରେ ରାଜା ବଗିଚାରେ ଥିବା ବ୍ରିଟ୍ କଲ୍ୟାଣ ମଣ୍ଡପ ନିକଟରେ ମିନିପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏବଂ ତାହା ୨୦୨୩ମସିହା ମାର୍ଚ୍ଚ ମାସ ୨୩ତାରିଖରେ ଏହାର କାର୍ଯ୍ୟ ଶେଷ ହୋଇଥିଲା। ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ପାର୍କ ଭିତରେ ଚେୟାର ପଡ଼ିଥିବା ବେଳେ ଏବଂ ଚାରିପଟକୁ ବଡ ବଡ ଲାଇଟରେ ସଜ୍ଜା ମଧ୍ୟ ହୋଇଛି। ମାତ୍ର ନିର୍ମାଣ କାର୍ଯ୍ୟ ଶେଷ ହେବାର ଦୀର୍ଘ ବର୍ଷ ଧରି ଖୋଲା ନହେବା କାରଣରୁ ଏହା ଏବେ ଜାରଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଲାଇଟ ଗୁଡ଼ିକ ଭାଙ୍ଗିରୁଜି ଯାଇଥିବା ବେଳେ ସେଠାରେ ଘାସର ଜଙ୍ଗଲ ସୃଷ୍ଟି ହୋଇଛି। ଏପରିକି ସେଠାରେ ସିମେଂଟ ଗେଲା ମିକ୍ସଚର ମେସିନ ରହିଥିବା ବେଳେ ବାଲିବସ୍ତା ଗୁଡିକ ରହିଛି। ଏପରିକି ପାର୍କର ପାଚେରୀ ଚାରିପଟେ ଗଛଲତା ମାଡ଼ିଯାଇ ସେଥିରୁ ବିଷଧର ସାପ ବାହାରୁଥିବା ଜଣାଯାଇଛି। ପାର୍କ ନିର୍ମାଣ ସରିବା ପରେ ରାଜାବଗିଚା ସମେତ ଆଖପାଖ ଅଞ୍ଚଳବାସୀ ଖୁସି ହୋଇଥିଲେ। ବିଶେଷ କରି ପିଲାମାନେ ମନୋରଞ୍ଜନ କରିବାର ସୁଯୋଗ ପାଇବେ ବୋଲି ଆଶା ରଖିଥିଲେ। ତେବେ ନିର୍ମାଣ କାର୍ଯ୍ୟ ଶେଷ ହେବାର ଦୀର୍ଘ ଦୁଇବର୍ଷ ଧରି ଖୋଲା ନ ଯିବା ଦେଖି ପୌରପାଳିକାର କାର୍ଯ୍ୟଦକ୍ଷତାକୁ ନେଇ ଲୋକେ ପ୍ରଶ୍ନ ଉଠାଇବା ସହ ଏହାକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଦାବି ହେଉଛି। ଲୋକାର୍ପିତ କରିବା ପାଇଁ ଦାବି କରିଛନ୍ତି। ଏନେଇ ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ପୂର୍ବରୁ ଏହି ମିନିପାର୍କ ନିର୍ମାଣ ପାଇଁ ଟଙ୍କା ବ୍ୟୟବରାଦ ହୋଇଥିଲା, ହେଲେ ଏହାର ରକ୍ଷଣାବେକ୍ଷଣ ପାଇଁ ସେମିତି କିଛି ଆର୍ଥିକ ପାଣ୍ଠି ପ୍ରଦାନ କରାଯାଇ ନାହିଁ। କେବଳ ଏହି ରାଜାବଗିଚା ପାର୍କ ନୁହେଁ ବରଂ ସହରର ବିଭିନ୍ନ ୱାର୍ଡରେ ଆହୁରି ୮ଟି ପାର୍କର ସମାନ ଅବସ୍ଥା ରହିଛି। ତେବେ ଏହି ପାର୍କ ଗୁଡିକର ରକ୍ଷଣାବେକ୍ଷାଣା ପାଇଁ କୌଣସି ସ୍ୱତନ୍ତ୍ର ଅର୍ଥ ବ୍ୟୟ ବରାଦ ହୋଇନାହିଁ। ଏଣୁ ଏହାର ରକ୍ଷଣାବେକ୍ଷଣା ପାଇଁ ଆବଶ୍ୟକ ଅର୍ଥର ମଞ୍ଜୁରି ପାଇଁ ସରକାରଙ୍କ ନିର୍ଦ୍ଦେଶର ଆବଶ୍ୟକତା ରହିଛି। ହେଲେ ଅନ୍ୟପଟେ ପୌରପରିଷଦ ପକ୍ଷରୁ ନିଜ୍ୱ ପାଣ୍ଠିରୁ ଏହାର ରକ୍ଷଣାବେକ୍ଷଣା ଖର୍ଚ୍ଚ ପାଇଁ ଯୋଜନା କରାଯାଉଛି ବୋଲି କହିଛନ୍ତି।

ରକ୍ଷଣାବେକ୍ଷଣା ପାଇଁ ନାହିଁ ସ୍ୱତନ୍ତ୍ର ଅନୁଦାନ: ପୌରାଧ୍ୟକ୍ଷା

ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଇଣ୍ଡଷ୍ଟ୍ରି ଲେକ୍‌ଚର ସିରିଜ୍'

ବାଲେଶ୍ୱର,୩୦।୭(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ପି.ଜି ବାୟୋସାଇନ୍ସ ଏବଂ ବାୟୋଟେକ୍ନୋଲୋଜି ବିଭାଗ ଓ ମାନବ ସଂସାଧନ ବିକାଶ କେନ୍ଦ୍ରର ସଂଯୁକ୍ତ ବ୍ୟବସ୍ଥାପନାରେ ଇଣ୍ଡଷ୍ଟ୍ରି ଲେକ୍‌ଚର ସିରିଜ୍ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ପାଠ୍ୟକ୍ରମ ଓ ଉଦ୍ୟୋଗିକ କ୍ଷେତ୍ରମଧ୍ୟରେ ସମ୍ପର୍କ ଗଢ଼ିବା ସହ ନୂତନ ପ୍ରବୃତ୍ତି, ଉନ୍ନତ ପ୍ରଯୁକ୍ତି ଓ ଜୀବ ବିଜ୍ଞାନ ସହ ବାୟୋଟେକ୍ନୋଲୋଜିରେ କ୍ୟାରିୟର ଗଠନ ଦିଗ ଉପରେ ଆଲୋକପାତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିବା ବେଳେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ବେହେରା ନିଜ ଉଦ୍‌ବୋଧନରେ ଅନୁସନ୍ଧାନ ଓ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଏକାଡେମିକ୍-ଇଣ୍ଡଷ୍ଟ୍ରି ମିଳନର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଏହି ପ୍ରୟାସକୁ ସେ ତଥ୍ୟଭିତ୍ତିକ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଗୋପୀ କାଦିୟାଲା, ସଂସ୍ଥାପକ ଏବଂ ସିଇଓ ଆଭାସୀ ମାଧ୍ୟମରେ ଯୋଗଦେଇ ଶିକ୍ଷା କ୍ଷେତ୍ରରୁ ଷ୍ଟାର୍ଟଅପକୁ ଆସିବାର ନିଜର ଅନୁଭୂତିକୁ ବାଣ୍ଟିବା ସହ ଜୀବପ୍ରଯୁକ୍ତି ର ସ୍ୱାସ୍ଥ୍ୟ ସେବାରେ ଭୂମିକା, ଜିନୋମିକ୍ସର ଶିଳ୍ପ ପ୍ରୟୋଗ, ପରିବେଶଜନିତ ଦାୟିତ୍ୱ ଓ ବାୟୋଫାର୍ମା ନବ ଉଦ୍ଭାବନ ବିଷୟରେ ଆକର୍ଷଣୀୟ ବ୍ୟାଖ୍ୟାନ ଦେଇଥିଲେ। ଆଲୋଚନା ଓ ନେଟୱାର୍କି ସେସନ୍‌ରେ ଛାତ୍ରଛାତ୍ରୀ ଓ ଅନୁସନ୍ଧାନକାରୀମାନେ ଉତ୍ସାହିତ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଭରତଭୂଷଣ ପଟ୍ଟନାୟକ, ପି.ଜି ବିଭାଗ ବାୟୋସାଇନ୍ସ ଓ ବାୟୋଟେକ୍ନୋଲୋଜିର ବିଭାଗ ମୁଖ୍ୟ, ଅତିଥିମାନଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଏପରି ଉଦ୍ୟୋଗଭିତ୍ତିକ ଶିକ୍ଷା ପ୍ରସଙ୍ଗ ଛାତ୍ରଛାତ୍ରୀଙ୍କ ପ୍ରାୟୋଗିକ ଜ୍ଞାନ ବଢ଼ାଇବା ସହ ସଂଯୁକ୍ତ ଅନୁସନ୍ଧାନର କ୍ଷମତାକୁ ଅଧିକ ଉତ୍ସାହିତ କରିଥାଏ। ମାନବ ସଂସାଧନ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ ବିଶ୍ୱବିଦ୍ୟାଳୟ ପ୍ରଶାସନ, ଅତିଥି ଓ ଛାତ୍ରଛାତ୍ରୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଯୋଗଦାନ ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ, ଗବେଷଣା ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଅରୁଣ କୁମାର ନାଏକ ସଞ୍ଚାଳନ କରିଥିଲେ ଓ ଡ. ସୁଭଶ୍ରୀ ମହାଲିକ, ସହଯୋଗୀ ଅଧ୍ୟାପିକା, ପିଜି ବିଭାଗ, ବାୟୋସାଇନ୍ସ ଓ ବାୟୋଟେକ୍ନୋଲୋଜି ବିଭାଗ ଧନ୍ୟବାଦ ଜଣାଇଥିଲେ।

● ବନ୍ୟା ସମୀକ୍ଷା ବୈଠକ ଆୟୋଜନ ଲାଗି ଦାବି

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବସ୍ତା ଓ ଭୋଗରାଇ ବିଧାୟକ

ବାଲେଶ୍ୱର,୩୦।୭(ସମିସ): ବାଲେଶ୍ୱର ଜିଲ୍ଲାରେ ଅବସ୍ଥିତ ସୁବର୍ଣ୍ଣରେଖା ଏବଂ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଦେଢ଼ ମାସ ମଧ୍ୟରେ ସୁବର୍ଣ୍ଣରେଖା ନଦୀରେ ପାଖାପାଖି ଦେଢ଼ମାସ ମଧ୍ୟରେ ୫ଥର ବନ୍ୟା ଆସିଲାଣି। ଏହାକୁ ନେଇ ସରକାରୀ ସ୍ତରରେ ଆବଶ୍ୟକ ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ଆଜି ଜଳେଶ୍ୱର ବିଧାୟକ ଅଶ୍ୱନୀ ପାତ୍ର, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଏବଂ ବସ୍ତା ବିଧାୟିକା ସୁବାବସିନି ଜେନା ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ସମୀକ୍ଷା ବୈଠକ ଆୟୋଜନ କରିବା ପାଇଁ ଚିଠି ଲେଖିଛନ୍ତି। ଏନେଇ ଭୋଗରାଇ ବିଧାୟକ ଶ୍ରୀ ଦାସ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଗତ ମଙ୍ଗଳବାର ବାଲେଶ୍ୱର ଓ ଅନ୍ୟାନ୍ୟ ଜିଲ୍ଲାର ବନ୍ୟାଞ୍ଚଳ ପରିଦର୍ଶନ କରି ଭୋଗରାଇ ସ୍ଥିତ ତାଳସାରୀଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ହେଲେ କୌଣସି କାରଣରୁ ତାହା ଗସ୍ତ ବାତିଲ ହୋଇଥିଲା। ଫଳରେ ବିଧାୟକମାନେ ଅପରହଣ ୩ଟା ପର୍ଯ୍ୟନ୍ତ ସେଠାରେ ଅପେକ୍ଷା କରି ଫେରି ଆସିଥିଲୁ। ଏପରିକି ମଙ୍ଗଳବାର ରାତି ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଣି କୁହାଯାଇଥିଲା ଯେ, ମୁଖ୍ୟମନ୍ତ୍ରୀ ଆଜି ପର୍ବାହ୍ନ ୧୧ଟାରେ ବନ୍ୟାଂଚଳ ପରିଦର୍ଶନ କରି ଚାନ୍ଦିପୁର ଠାରେ ଓହ୍ଲାଇବେ। ଏଣୁ ବିଧାୟକମାନଙ୍କୁ ସେଠାକୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ସେମାନେ ଚାନ୍ଦିପୁର ପହଞ୍ଚିବାର କିଛି ସମୟ ପୂର୍ବରୁ ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ ସେଠାକୁ ଯିବେନାହିଁ ବୋଲି କୁହାଯିବା ପରେ ସେମାନେ ସେଠାରୁ ଫେରି ଆସିଥିଲେ। ଫଳରେ ବନ୍ୟାରେ ବିଶେଷ ଭାବେ ପ୍ରଭାବିତ ହୋଇଥିବା ଉତର ବାଲେଶ୍ୱରର ୩ନିର୍ବାଚନ ମଣ୍ଡଳୀ ଭୋଗରାଇ,ବସ୍ତା ଓ ଜଳେଶ୍ୱର ଅଞ୍ଚଳର ବନ୍ୟା ସମ୍ପର୍କିତ କୌଣସି ସମୀକ୍ଷା ବା ଆଲୋଚନା ମୁଖ୍ୟମନ୍ତ୍ରୀଙ୍କ ସହିତ ହୋଇପାରିଲା ନାହିଁ। ଏଣୁ ଏହି ତିନି ନିର୍ବାଚନ ମଣ୍ଡଳୀର ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖିଛନ୍ତି ଯେ,ତୁରନ୍ତ ଭୁବନେଶ୍ୱର ଠାରେ ଏକ ବନ୍ୟା ସମୀକ୍ଷା ବୈଠକ ଆୟୋଜନ କରିବା ପାଇଁ ନିବେଦନ କରିଛନ୍ତି। ଏହି ଚିଠିଟି ମଧ୍ୟ ଇମେଲ ଯୋଗେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଛି ବୋଲି କହିଛନ୍ତି।

ଟିପିଏନ୍‌ଓଡିଏଲ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୩୦।୭(ସମିସ): ଭାରତରତ୍ନ ଜେଆରଡି ଟାଟାଙ୍କ ୧୨୧ତମ ଜୟନ୍ତୀ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଟାଟାପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହା ସହିତ ସମସ୍ତ ଡିଭିଜନ କାର୍ଯ୍ୟାଳୟରେ ମଧ୍ୟ ଶ୍ରୀ ଜେଆରଡି ଟାଟାଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ରକ୍ତଦାନ ଶିବିରରେ ୬୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ଟିପିଏନ୍‌ଓଡିଏଲର ସିଇଓ ଗଜାନନ ଏସ୍‌କାଲେ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଯାହା ଶିବିରର ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲା। ଏହି ଅବସରରେ ଶ୍ରୀ କାଲେ କହିଥିଲେ ଯେ, "ଜେଆରଡି ଟାଟାଙ୍କ ଦୂରଦୃଷ୍ଟି ଓ ଦୟା ଭାବ ଆମକୁ ଅନୁପ୍ରାଣିତ କରିବା ଜାରି ରଖିଛି। ଟିପିଏନଓଡିଏଲରେ ଆମେ ପ୍ରଭାବଶାଳୀ ଅଭିଯାନ ଜରିଆରେ ସେହି ପରମ୍ପରା ବଜାୟ ରଖିବା ଉପରେ ବିଶ୍ୱାସ କରୁ ଯାହା ଦ୍ୱାରା ସମାଜ ଉପକୃତ ହେଉଛି। ଏହି ରକ୍ତଦାନ ଶିବିର ସେ ଦିଗରେ ଆଉ ଏକ ଛୋଟ ତଥା ଅର୍ଥପୂର୍ଣ୍ଣ ପଦକ୍ଷେପ। ଏଭଳି ଅଭିଯାନ ଜରିଆରେ ନିଜର ମୂଳ ବିଦ୍ୟୁତ ବଣ୍ଟନ ସେବାଠାରୁ ଆଗକୁ ବଢ଼ି ଟାଟାଗ୍ରୁପ ରାଷ୍ଟ୍ର ଗଠନର ମୂଲ୍ୟବୋଧକୁ ବଜାୟ ରଖିଥିବା ବେଳେ ଏହା ସେବା ପ୍ରଦାନ କରୁଥିବା ଅଞ୍ଚଳରେ ସକାରାରକ ଓ ଦୀର୍ଘକାଳୀନ ପ୍ରଭାବ ସୃଷ୍ଟି କରୁଛି।

ସଫଳତାର ଶୀର୍ଷରେ ଇନୋଭେଟିଭ୍ କ୍ଲାସେସ୍

B.Ed ପିଲାଙ୍କ ପାଇଁ ଏକ ଭରସାଯୋଗ୍ୟ ଅନୁଷ୍ଠାନ

ଏକ ସୁସ୍ଥ ସମାଜର ମେରୁଦଣ୍ଡ ହେଉଛି ଶିକ୍ଷା। କିନ୍ତୁ ସ୍ୱାର୍ଥ ଲୋଭୀ ସମାଜରେ ଶିକ୍ଷା ପ୍ରଦାନକାରୀ ବ୍ୟକ୍ତି ବିଶେଷକୁ ପ୍ରସ୍ତୁତ କରିବା ଏକ ପ୍ରତିଯୋଗିତାମୂଳକ ଆହ୍ୱାନ। ଏହି ଆହ୍ୱାନକୁ ସ୍ୱୀକାର କରି ଶିକ୍ଷାବିତ୍ ତରୁଣ କୁମାର ପଣ୍ଡା Innovative Classes ନାମରେ ୧୬ବର୍ଷ ପୂର୍ବେ ଖୋଲିଥିଲେ B.Ed. ଶିକ୍ଷା ପ୍ରଦାନ କରିବା ନିମନ୍ତେ ଶିକ୍ଷାନୁଷ୍ଠାନ। ନିଜ ସାଥୀମାନଙ୍କ ସହଯୋଗରେ ଉତ୍ତର ଓଡ଼ିଶାରେ ସର୍ବ ପୁରାତନ ଶିକ୍ଷା ନିର୍ମାଣ ଅନୁଷ୍ଠାନ ଆଜିଭଳି ସାମ୍ପ୍ରତିକ ଶିକ୍ଷା କ୍ଷେତ୍ରରେ ତା'ର ଲୋକପ୍ରିୟତା ଏବଂ ସଫଳତା ନିଶ୍ଚିତ ରୂପେ ଏକ ଦୃଷ୍ଟାନ୍ତମୂଳକ ଅଭିସୂଚନା। ଦୀର୍ଘ ୧୬ବର୍ଷ ସେବା ଯୋଗାଇ ଆସୁଥିବା ଏହି ଶିକ୍ଷାନୁଷ୍ଠାରୁ ପ୍ରାୟତଃ ୧୨ ରୁ ୧୪ ହଜାର ଶିକ୍ଷାର୍ଥୀ B.Ed. ଶିକ୍ଷାରେ ଉତ୍ତୀର୍ଣ୍ଣ ଲାଭ କରିଥିବା ବେଳେ ୬ ରୁ ୭ ହଜାର ଶିକ୍ଷକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କୋଣ ଅନୁକୋଣରେ ଭିନ୍ନ ଭିନ୍ନ ସରକାରୀ ବିଦ୍ୟାଳୟରେ ନିଯୁକ୍ତି ହୋଇ ସେବାରତ ଥିବା ବେଳେ, ଅଧିକାଂଶ ବିଦ୍ୟାର୍ଥୀ ଏବେ ସମ୍ଭାବ୍ୟ ପରିସ୍ଥିତିରେ ଅଛନ୍ତି।

ଛତୁ ଫୁଟିଲା ଭଳି B.Ed. ଶିକ୍ଷାନୁଷ୍ଠାନ ଗୁଡ଼ିକ ବ୍ୟବସାୟ ଏବଂ ପ୍ରତିଯୋଗିତା ମୂଳକ ଚିନ୍ତନ ଯୋଗୁ ଅନେକ ଅଭାବୀ ବିଦ୍ୟାର୍ଥୀ ଠକାମୀରେ ଶିକାର ହୋଇ ନିଜ କ୍ୟାରିୟର ରୁ ହାତ ଧୋଇ ବସିଛନ୍ତି। କେବଳ ନିଜର ଲୋଭନୀୟ କୋର୍ଷ ଫି, ମିଠା କଥା ଏବଂ ସମ୍ପର୍କୀୟଙ୍କ ମାୟା ଜାଲରେ ନିଜକୁ ଆହୁତି ଦେଇ ସର୍ବଶାନ୍ତ ହେବା ବ୍ୟତୀତ ଆଉ କିଛି ନୁହେଁ।

ସରକାରୀ ବିଦ୍ୟାଳୟମାନଙ୍କରେ ଶିକ୍ଷକ ଅଭାବକୁ ଦୂର କରିବା ନିମନ୍ତେ ବିଗତ ସରକାର ଏବଂ ବର୍ତ୍ତମାନ ସରକାର ବେଶ ତତ୍ପରତା ପ୍ରକାଶ କରୁଛନ୍ତି। ସେଥିପାଇଁ ନାନାଦି ପ୍ରକାରର ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଉଅଛି। ତେବେ ପ୍ରଶ୍ନ ଉଠୁଛି ଏହି ଖାଲି ପଦବୀକୁ ପୂରଣ କରିବା ନିମନ୍ତେ ଶିକ୍ଷିତ ଯୁବକ ଯୁବତୀମାନେ କେଉଁ ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବେ? ରେଗୁଲାର ବି.ଏଡ୍ ଏକ ଘରୋଇ ଶିକ୍ଷାନୁଷ୍ଠାନ ଦ୍ୱାରା କରିବା ସମ୍ଭବ କି? ପରୀକ୍ଷା କେଉଁ ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ ଏବଂ କେଉଁଠାରେ ଦେବାକୁ ହେବ? ଯଦି ଓଡ଼ିଶା ବାହାରେ ତେବେ ଯିବା ଆସିବାର ସୁବିଧା, ଖର୍ଚ୍ଚ ଏବଂ ତତ୍ତ୍ୱାବଧାନର ଦାୟିତ୍ୱ କିଏ ନେବ? ଏମିତି ଅନେକ ପ୍ରଶ୍ନ ମନରେ ଉଙ୍କିମାରେ। ଏକ ଭରସା ଯୋଗ୍ୟ, ଲୋକପ୍ରିୟ ପୁରାତନ ବି.ଏଡ୍ ଶିକ୍ଷା ଯୋଗାଇ ଅସୁଥିବା ଶିକ୍ଷାନୁଷ୍ଠାନ Innovative Classes ର ଚେୟାରମ୍ୟାନ ତରୁଣ ପଣ୍ଡାଙ୍କ ସହ ଏହିଭଳି ସମସ୍ତ ପ୍ରଶ୍ନ ଉତ୍ତର ଗୁଡ଼ିକୁ ଆଲୋଚନା କରି ନିମ୍ନମତେ ଉଲ୍ଲେଖ କରିଲୁ :-

ପ୍ରଶ୍ନ:- ଖାଲି ପଦବୀ ପୂରଣ ନିମନ୍ତେ କେଉଁ ଶିକ୍ଷାନୁଷ୍ଠାନରୁ ଶିକ୍ଷିତ ଯୁବକ ଯୁବତୀମାନେ ଶିକ୍ଷା ଗ୍ରହଣ କରିବେ?

ଉତ୍ତର:- ସର୍ବ ପୁରାତନ ଏବଂ ଅଧିକ ପାସ୍ ହାର ଥିବା ଶିକ୍ଷାନୁଷ୍ଠାନ, ତା' ସହିତ ସୁରକ୍ଷା ଦୃଷ୍ଟିରୁ ମଜବୁତ୍ ଥିବା ଅନୁଷ୍ଠାନ ରୁ ଶିକ୍ଷା ଗ୍ରହଣ ଉଚିତ୍ ହେବ। ସେହି ଦୃଷ୍ଟି କୋଣରୁ ବିଶ୍ୱାସଯୋଗ୍ୟ ଅନୁଷ୍ଠାନ ହେଉଛି Innovative Classes.

ପ୍ରଶ୍ନ:- ରେଗୁଲାର ବି.ଏଡ୍ ଏକ ଘରୋଇ ଶିକ୍ଷାନୁଷ୍ଠାନରେ କରିବା ସମ୍ଭବ କି?

ଉତ୍ତର:- ନିଶ୍ଚିତ! ଆଜକୁ ଆମ ଶିକ୍ଷାନୁଷ୍ଠାରୁ ପ୍ରାୟତଃ ୬ ହଜାରରୁ ଅଧିକ ସରକାରୀ ବିଦ୍ୟାଳୟମାନଙ୍କରେ ସେବାରତ ଅଛନ୍ତି। ଏହାଠୁଁ ଅଧିକ ଦୃଷ୍ଟାନ୍ତ ଆଉ କ'ଣ ହୋଇପାରେ।

ପ୍ରଶ୍ନ:- କୋର୍ସ ଫି କେତେ ଦେବାକୁ ପଡ଼ିବ?

ଉତ୍ତର:- ଏହି ପ୍ରଶ୍ନର ଉତ୍ତର ହିଁ ପିଲାମାନଙ୍କର କ୍ୟାରିୟର ତିଆରି କରିବା ଚ୍ୟାଲେଞ୍ଜ ହୋଇ ପଡ଼େ। ସେଥିପାଇଁ ଠକାମୀରେ ଶିକାର ହୋଇ ନିଜ ଅର୍ଥ ଏବଂ ସମୟ ନଷ୍ଟ କରିଥାନ୍ତି। ଏହା ନିର୍ଭର କରେ ପିଲା କେଉଁ ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ କଲେଜରେ ପରୀକ୍ଷା ଦେଉଛି। କାରଣ ବିଶ୍ୱବିଦ୍ୟାଳୟ ଅନୁଯାୟୀ କୋର୍ସ ଫିରେ ଭିନ୍ନତା ରହିଥାଏ। ତଥାପି Innovative Classes ସର୍ବବର୍ଗୀୟ ପିଲାଙ୍କୁ ସୁହାଇଲା ଭଳି କୋର୍ସ ଫି ଡିମାଣ୍ଡ କରିଥାଏ। ଯେଉଁଥିରେ ଠକ ସଂସ୍ଥା ଭଳି କୌଣସି ହିଡେନ୍ ଚାର୍ଜ ଲଗାଇ ନଥାଏ।

ପ୍ରଶ୍ନ:- Admission କେଉଁ ବିଶ୍ୱବିଦ୍ୟାଳୟରେ ହେବାକୁ ପଡ଼ିବ?

ଉତ୍ତର:- ବିର୍ତ୍ତମାନ ବିଶେଷତଃ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟ, ଆନ୍ଧ୍ରା କେଶରୀ ଏବଂ ଯୋଗୀ ବେମାନା ବିଶ୍ୱବିଦ୍ୟାଳୟରେ Admission ଉପଯୋଗୀ ହୋଇ ପାରୁଛି।

ପ୍ରଶ୍ନ:- ଏ ସମସ୍ତ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ନା ଓଡ଼ିଶା ବାହାରେ?

ଉତ୍ତର:- ଓଡ଼ିଶାର ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶରେ।

ପ୍ରଶ୍ନ:- ଏହା ଆମ ଓଡ଼ିଶାର କେଉଁ କେଉଁ ବିଶ୍ୱବିଦ୍ୟାଳୟ ସହିତ ଇକ୍ୟୁଇଭେଲେଣ୍ଟ ଅଛି?

ଉତ୍ତର:- ଉତ୍କଳ ବିଶ୍ୱବିଦ୍ୟାଳୟ ସହିତ ଅଛି।

ପ୍ରଶ୍ନ:- ତେବେ ପରୀକ୍ଷା ଓଡ଼ିଶା ବାହାରେ ଦେବାକୁ ହେବ। ସେଥିପାଇଁ ଯିବା ଆସିବାର ସୁବିଧା, ଖର୍ଚ୍ଚ ଏବଂ ସୁରକ୍ଷା ବ୍ୟବସ୍ଥା କ'ଣ?

ଉତ୍ତର:- ସେଥିପାଇଁ ଚିନ୍ତା କରିବାରେ କୌଣସି କାରଣ ନାହିଁ। ଆଜକୁ ୧୬ ବର୍ଷ ହେବ ନୀରବଚ୍ଛିନ୍ନ ଭାବେ ସେବା ଯୋଗାଇ ଆସୁଛି ଏବଂ ଆମ୍ଭ ବ୍ୟବସ୍ଥାକୁ ଅନେକ ଶିକ୍ଷାନୁଷ୍ଠାନ ଅନୁକରଣ କରି ନିଜର ଅନୁଷ୍ଠାନକୁ ଚଳାଇ ଆସୁଛନ୍ତି। ବିଶେଷକରି ଶିକ୍ଷକତା କରିବା ପାଇଁ ମହିଳା ମାନେ (ବିବାହିତା ଏବଂ ଅବିବାହିତା) ଅଧିକ ଆଗ୍ରହ ପ୍ରକାଶ କରିଥାନ୍ତି। ସେଥିପାଇଁ ଆମ୍ଭେ ଟ୍ରେନ ଏବଂ ବସ୍ ର ବ୍ୟବସ୍ଥା କରିଥାଉ। ଅନେକାଂଶରେ ପିଲାମାନେ ବସ୍‌ରେ ଗଲେ ବାନ୍ତି ଏବଂ ନିଜକୁ ଅସଜ୍ଜିତ ମନେ କରନ୍ତି। ସେଥିପାଇଁ ଆମ୍ଭେ ବସ୍‌ରେ ଆବଶ୍ୟକତାରୁ ଅଧିକ ସିଟ୍ Provide କରିଥାଉ ଅର୍ଥାତ୍ ୬୨ଟି ସିଟ୍ ବିଶିଷ୍ଟ ବସ୍‌ରେ ୪୫ ଜଣଙ୍କୁ ଦେଇଥାଉ। ଯେଉଁଥିରେ ମୁକ୍ତଭାବରେ ଚଳପ୍ରଚଳ କରିବା ସହଜ ହୋଇଥାଏ। ଆନ୍ଧ୍ର ପ୍ରଦେଶରେ ଖାଦ୍ୟ ଆମ୍ଭ ଓଡ଼ିଶା ପିଲାଙ୍କୁ ଅରୁଚିକର ହୋଉଥିବା କାରଣରୁ ଆମ୍ଭେ ଓଡ଼ିଆ ରୋଷେଇୟା କୁ ନେଇ ଓଡ଼ିଆ ଖାଦ୍ୟ ପରସି ଥାଉ। ସେଠାରେ ରହିବା ପାଇଁ ହୋଟେଲ, ପାନ୍ଥଶାଳା, ଗେଷ୍ଟ ହାଉସ ଆଦି ବୁକ୍ କରାଯାଏ। ଯେଉଁଥିରେ ସଭିଙ୍କୁ ଖଟ ସହିତ ଗଦି ମଧ୍ୟ ଉପଲବ୍ଧ କରାଇଥାଉ। ବ୍ୟକ୍ତିଗତ ଭାବେ ଏହା ହେଉଥିବା ଖର୍ଚ୍ଚ ଠୁ ୨୦ ରୁ ୩୦ ପ୍ରତିଶତ କମ ଅର୍ଥ ରାଶି ଆମ୍ଭେ ନେଇଥାଉ। ବିଶେଷ କରି ସମସ୍ତ ବର୍ଗର ପିଲାମାନଙ୍କୁ ସୁହାଉଥିବା ଭଳି ଅର୍ଥ ରାଶି ନିଆଯାଏ। ପିଲାମାନଙ୍କର ଦେଖା ଶୁଣା ଏବଂ ତଦାରଖ କରିବା ପାଇଁ ଅତିରିକ୍ତ ସେବକମାନଙ୍କୁ ମଧ୍ୟ ସାଙ୍ଗରେ ନିଆଯାଏ।

ପ୍ରଶ୍ନ:- Admission କରିବା ପରେ କ୍ଲାସ୍‌ର କ'ଣ ସୁବିଧା ଅଛି?

ଉତ୍ତର:- Online ଏବଂ Offline କ୍ଲାସର ବନ୍ଦୋବସ୍ତ ଅଛି। ପିଲା ଯେମିତି Suitable ହେବେ ସେମିତି କ୍ଲାସ କରିପାରିବେ। ସମସ୍ତ Study Material ମଧ୍ୟ ପିଲାକୁ ଯୋଗାଇ ଦିଆଯାଏ।

ପ୍ରଶ୍ନ:- ପିଲାମାନଙ୍କର ପଢ଼ିବା ସମୟରେ ପାଠ ପଢ଼େଇବାର ଅଭିଜ୍ଞତାକୁ ବୃଦ୍ଧି କରିବା ନିମନ୍ତେ ସେମିତି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ଅଛି କି?

ଉତ୍ତର:- ବର୍ତ୍ତମାନ ସୁଦ୍ଧା ସେମିତି ବ୍ୟବସ୍ଥା ପ୍ରାୟତଃ କୌଣସି ଅନୁଷ୍ଠାନରେ ନାହିଁ। କିନ୍ତୁ Innovative Classes ତା'ର ନିଜ Innovative Residential School ରେ ପିଲାମନଙ୍କୁ ପାଠ ପଢ଼େଇ ନିଜ ଜିଜ୍ଞାସାକୁ ଶାନ୍ତ କରିବାର ସୁଯୋଗ ଓ ସୁବିଧା ଦେଇଥାଏ। ଏହା କେବଳ ବାଲେଶ୍ୱର ଶାଖାରେ ଉପଲବ୍ଧ।

ପ୍ରଶ୍ନ:- ଏହା ଓଡ଼ିଶାରେ କେଉଁ କେଉଁ ଜିଲ୍ଲାରେ ଅବସ୍ଥାପିତ?

ଉତ୍ତର:- Innovative Classes ଏବଂ The Creator ନାମରେ ଉତ୍ତର ଓଡ଼ିଶାର ସମସ୍ତ ଜିଲ୍ଲାମାନଙ୍କରେ ସଦର ମହକୁମାରେ ଅବସ୍ଥିତ। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ବ୍ୟତୀତ ଅନ୍ୟ ଜିଲ୍ଲାମାନଙ୍କରେ ଯେପରି ସମ୍ବଲପୁର, ଅନୁଗୁଳ, କେନ୍ଦ୍ରପଡ଼ା ଇତ୍ୟାଦି ସାରା ଓଡ଼ିଶାରେ ଏହାର Branches ଅଛି।

ପ୍ରଶ୍ନ:- କୋର୍ସ ଫି କ'ଣ ଏକା ସଙ୍ଗରେ ପୈଠ କରିବାକୁ ପଡ଼ିବ?

ଉତ୍ତର:- ଆଦୌ ନୁହେଁ। ଯଦି ସମସ୍ତ ଅର୍ଥରାଶି ଜଣେ ଏକା ସାଙ୍ଗରେ ଦେବାକୁ ସମର୍ଥ ନୁହେଁ, ପ୍ରତି ସେମିଷ୍ଟାରରେ ମଧ୍ୟ ଦେଇପାରିବେ।

- ବିଏଡ୍ କୋର୍ସ ପାଇଁ ଭରସାଯୋଗ୍ୟ ଶିକ୍ଷାନୁଷ୍ଠାନ - ଇନୋଭେଟିଭ କ୍ଲାସେସ୍
- ଉତ୍ତର ଓଡ଼ିଶାର ସର୍ବପୁରାତନ ଶିକ୍ଷା ଅନୁଷ୍ଠାନ।
- ୧୨,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ।
- ୬,୦୦୦ ରୁ ଅଧିକ ବିଦ୍ୟାର୍ଥୀ ସରକାରୀ ଶିକ୍ଷକ ଭାବେ ସେବାରତ।

ଯୋଗାଯୋଗ ପାଇଁ ଏହି ନଂ.ରେ କଥା ହୁଅନ୍ତୁ **୯୪୩୮୩୨୨୭୩୬**

ADVT

ଗର୍ଜିଲା ନବନିର୍ମାଣ ଯୁବଛାତ୍ର ସଂଘ

୪ ରେ ଫକୀରମୋହନ କଲେଜରୁ ଭୁବନେଶ୍ୱର ପଦଯାତ୍ରା

ବାଲେଶ୍ୱର,୩୦।୭(ସମିସ)

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ ଛାତ୍ରୀ ତାଙ୍କ ବିଭାଗର ଏଚ୍‌ଓଡିଙ୍କ ଦ୍ୱାରା ନଯ୍ୟାତିତ ହୋଇ ଶେଷରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମାଦାହ କରିଥିଲେ। ଏହି ଘଟଣାକୁ ନେଇ ନବନିର୍ମାଣ ଯୁବଛାତ୍ର ପକ୍ଷରୁ ଆଜିମାବାଦ ସ୍ଥିତ ବହିଘର ସଭାଗୃହରେ ସହିଦ ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ସୂଚନା ଅନୁସାରେ, ଆସନ୍ତା ଅଗଷ୍ଟ ୪ତାରିଖରେ ଫକୀରମୋହନ କଲେଜ ସମ୍ମୁଖରୁ ଏକ ପଦଯାତ୍ରା ଭୁବନେଶ୍ୱର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଏହି ପଦଯାତ୍ରା ଚାଲିବ ବୋଲି ଯୁବ ଛାତ୍ରସଙ୍ଗଠନର ରାଜ୍ୟ ସଂଯୋଜକ ଏମଡି ମନୱର ଅଲ୍ଲୀ ସୂଚନା ଦେଇଛନ୍ତି। ଏଥିରେ ନବ ନିର୍ମାଣ ଯୁବଛାତ୍ର ସଙ୍ଗଠନ ଓ କୃଷକ ସଙ୍ଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର ଯୋଗଦେଇ କହିଥିଲେ ଯେ, ଛାତ୍ର ଓ ଯୁବଶକ୍ତିକୁ ଏକଜୁଟ ହୋଇ ନାରୀ ନିର୍ଯାତନା ବିରୋଧରେ ଲଢ଼ିବା ପାଇଁ ସଙ୍କଳ୍ପ ନିଆଯାଇଥିଲା। ଏହାଛଡା ଏହି ଘଟଣାରେ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ, ଜିଲ୍ଲାପାଳ, ଏସ୍‌ପି, ଡିଆଇଜି ପ୍ରମୁଖ ସମସ୍ତେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ଏହି ପଦଯାତ୍ରାରେ ଭୁବନେଶ୍ୱର ପହଞ୍ଚିବା ସମୟରେ ସେମାନଙ୍କ ସାଥିରେ ୧୦ହଜାରରୁ ଅଧିକ ଯୁବଶକ୍ତି ଯୋଡି ହୋଇଯାଇଥିବେ ବୋଲି କହିଛନ୍ତି। ଏହାଛଡ଼ା ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ଅଧ୍ୟାପକ ସମୀର ସାହୁ ଏବଂ ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ କୋଠର ଦଣ୍ଡ ବିଧାନ କରାଯିବା ସେଠିକାର ଥାନା ଆଇଆଇସି ଏବଂ ଅନ୍ୟମାନଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି ବୋଲି କହିଛନ୍ତି। ଏହି ପଦଯାତ୍ରାରେ ଚାଷୀ, ମୁଲିଆ, ମହିଳା ଓ ବୁଦ୍ଧୀଜିବୀମାନଙ୍କୁ ସାମିଲ ହେବା ପାଇଁ ନିବେଦନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟି ଉପସଭାପତି ଡ. କୁଳମଣି, ରାଜ୍ୟକମିଟି ସଦସ୍ୟ ରଣଜିତ ପଟ୍ଟନାୟକ, ସ୍ୱାଗତ କମିଟି ଉପାଧ୍ୟକ୍ଷ ଡିବି ହୃଦୟ, ରୂପାଳୀ ସିହ୍ନା, ପ୍ରତୀମା ପଣ୍ଡା, ଦେବାଶିଷ ପଣ୍ଡା, ନିବେଦିତା ପ୍ରଧାନ ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।

ବ୍ରାହ୍ମଣୀରେ ବନ୍ୟା

ପଟ୍ଟାମୁଣ୍ଡାଇ ବନ୍ୟାଞ୍ଚଳ ପରିଦର୍ଶନ କଲେ ଜିଲ୍ଲାପାଳ

ପଟ୍ଟାମୁଣ୍ଡାଇ/ମାଳିପୁର/ ଦାଣ୍ଡିସାହି,୩୦।୭ (ସମିସ)

● ତୁହାକୁ ତୁହା ବର୍ଷା ଯୋଗୁଁ ବିପନ୍ନଙ୍କ ବଢ଼ିଛି ଦୁର୍ଦ୍ଦଶା
● ବୋଟ୍ ଓ ଗୋଖାଦ୍ୟ ଯୋଗାଣ ନିର୍ଦ୍ଦେଶ

ପଟ୍ଟାମୁଣ୍ଡାଇରେ ବନ୍ୟା ପରିସ୍ଥିତିରେ ସାମାନ୍ୟ ସୁଧାର ଆସିଛି । ତେବେ ତୁହାକୁ ତୁହା ବର୍ଷା ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇଦେଇଛି । ବ୍ରାହ୍ମଣୀରେ ଦ୍ୱିତୀୟଥର ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର ଓ ବାଛରା ପଞ୍ଚାୟତର ଅନେକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇରହିଛି । ଆଜି କେନ୍ଦ୍ରାପଡ଼ା ଜିଲ୍ଲାର ନବନିଯୁକ୍ତ ଜିଲ୍ଲାପାଳ ରଘୁରାମ ଆର ଆୟାର ପଟ୍ଟାମୁଣ୍ଡାଇ ବନ୍ୟା ବିପନ୍ନ ଶ୍ରୀରାମପୁର, ଡାମରପୁର ଓ ବଳଭଦ୍ରପୁର ପଞ୍ଚାୟତକୁ ବୋଟ ଯୋଗେ ଯାଇ ଗ୍ରାଉଣ୍ଡ ଜିରୋରୁ ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ସହିତ ବିପନ୍ନଙ୍କ ସହିତ ଆଲୋଚନା କରିଥିଲେ । ଏଥିସହିତ ପାଳପାଟଣା ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିଥିଲେ । ବନ୍ୟା ବିପନ୍ନ ଶ୍ରୀରାମପୁର, ଡାମରପୁର ଓ ବଳଭଦ୍ରପୁର ଲୋକଙ୍କ ଯାତାୟାତ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଗୋଟିଏ ଏସଆରସି ବୋଟ ଯୋଗାଇ ଦିଆଯାଇଥିବାବେଳେ ଆଉଏକ ବୋଟ ଯୋଗାଇଦେବାକୁ ଜିଲ୍ଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ସହିତ ବନ୍ୟାଞ୍ଚଳର ଗୃହପାଳିତ ପଶୁଙ୍କ ପାଇଁ ଗୋଖାଦ୍ୟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ବନ୍ୟାଞ୍ଚଳରେ ପିଇବା ପାଣି ଓ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରି ତଦନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ସହିତ ପଟ୍ଟାମୁଣ୍ଡାଇ ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକ, ବିଡିଓ ଅଶୋକ ମହାନ୍ତି, ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଇଂ ବିଶ୍ୱଜିତ ମିଶ୍ର, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧି ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ । ଜିଲ୍ଲାପାଳ ବ୍ଲକ୍ ବନ୍ୟାଞ୍ଚଳ ପରିଦର୍ଶନ ପରେ ବାଟରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ୩ ଓ ୪ନଂ ୱାର୍ଡର ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ । ପରେପରେ ପଟ୍ଟାମୁଣ୍ଡାଇ ବ୍ଲକର ଧୋୟାଞ୍ଚଳର ସିଂହଗାଁ ଓ ପେଣ୍ଠପାଳ ପଂଚାୟତ ଯାଇ ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ । ପେଣ୍ଠପାଳ ପଞ୍ଚାୟତ କୋଳଥିଆ ଯାଇ ଜେନାସାହି ନିକଟ ଘାଇ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ସହିତ ବନ୍ୟା ବିପନ୍ନ ସମସ୍ତ ପଞ୍ଚାୟତର ଲୋକଙ୍କ ଅସୁବିଧା ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ପଟ୍ଟାମୁଣ୍ଡାଇ ବ୍ଲକର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିଂହଗାଁ ପଂଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଥିବାବେଳେ ମାଳିପୁର ରାସ୍ତାରେ ବନ୍ୟା ସ୍ରୋତ ପ୍ରବାହିତ ଯୋଗୁଁ ଶ୍ରୀରାମପୁର ଡାମରପୁର ଓ ବଳଭଦ୍ରପୁର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି । ସେହିପରି ବାଛରା-ମଣ୍ଡପଡା ରାସ୍ତାରେ ପାଣି ପ୍ରବାହିତ ହେଉଥିବାରୁ ବାଛରା-ମଣ୍ଡପଡା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି । ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ସାଙ୍ଗକୁ ଫସଲହାନୀ ଘଟି ଗରିବ ଖଟିଖିଆ ଓ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି । ବନ୍ୟା ଯୋଗୁଁ ଜଳମଗ୍ନ ହୋଇଥିବା ଅଂଚଳ ରୁ ବନ୍ୟା ପାଣି ଛାଡି ଯାଇଥିଲେ ମଧ ଚାଷଜମି ବୁଡି ରହିଥିଲା । ଚାଷଜମିରୁ ବନ୍ୟା ପାଣି ଶୁଖି ନ ଥିବାବେଳେ ବ୍ରାହ୍ମଣୀ ନଦୀରେ ପୁଣି ୨ୟ ବନ୍ୟା ଆସିଛି । ବାରମ୍ବାର ବନ୍ୟା ଆସିବା ଫଳରେ କ୍ଷୟକ୍ଷତି ଓ ଫସଲହାନୀ ଘଟିଛି ।

ବିଷପିଇ ଜୀବନ ହାରିଲେ ବୃଦ୍ଧ ଦମ୍ପତି

ମାର୍ଶାଘାଇ,୩୦।୭ (ସମିସ): ବାର୍ଦ୍ଧକ୍ୟର ଅପରାହ୍ନରେ ଶେଷ ଆଶା ପୁଅବୋହୂଙ୍କୁ ଆଶ୍ରା କରିଥିଲେ । ପୁଅବୋହୂଙ୍କ ସେବା ବଦଳରେ ନିର୍ଯାତନା ଦେବାରୁ ମାର୍ଶାଘାଇ ଥାନା ବଡ଼ପୁଳର ବୃଦ୍ଧଦମ୍ପତି ନଟବର ରାଉତ (୭୫), ଗୌରୀ ରାଉତ (୭୦) ବିଷଖାଇ ଜୀନନ ହାରିବା ଘଟଣା ସମଗ୍ର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ବୃଦ୍ଧା ଗୌରୀଙ୍କ ବିଷ କ୍ରିୟାରେ ନିଜ ଘରେ ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଥିବାବେଳେ ବୃଦ୍ଧ ନଟବରଙ୍କୁ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଏନେଇ ନଟବରଙ୍କ ସାନଝିଅ ଲିପିକା ପୁଲିସ ନିକଟରେ ସାଙ୍ଘାତିକ ଅଭିଯୋଗ କରିଛନ୍ତି । ଭାଇ ପ୍ରଭାତ ରାଉତ ଜଣେ ଦୁଷ୍ଟ ପ୍ରକୃତିର ହୋଇଥିବାରୁ ମୋ' ବାପାବୋଉଙ୍କ ସାଙ୍ଗରେ ଛୋଟ ଘଟଣାକୁ ନେଇ ଝଗଡ଼ା କରୁଥିଲେ । ମୋ' ବଡ଼ଭଉଣୀ ଲତିକା ସ୍ୱାଇଁ ବାପାବୋଉଙ୍କୁ ଦେଖିବାକୁ ଯାଇଥିଲେ । ଭାଇଭାଉଜ ଘରେ ମୋ ଭଉଣୀକୁ ପୂରାଇ ନ ଦେଇ ପାଟିତୁଣ୍ଡ କରି ତଡ଼ିଦେଇଥିଲେ । ସେହି ରାତିରେ ଭାଇ ପ୍ରଭାତ ଓ ଭାଉଜ ସନ୍ଧ୍ୟାରାଣୀ ବାପା ବୋଉଙ୍କୁ ଖାଦ୍ୟରେ ବିଷଦେଇ ମାରିଦେଇଥିବା ଝିଅ ଲିପିକା ଅଭିଯୋଗ କରିଛନ୍ତି । ପୁଲିସ ଗୌରୀଙ୍କ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରିଛି । ବଡ଼ ମେଡିକାଲରେ ଆଜି ମୃତ୍ୟୁବରଣ କରିଥିବା ନଟବରଙ୍କ କଟକରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପୁଲିସ ୨୧୭/୨୫ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ସମ୍ରାଟ ଜେନା ଜାତୀୟ ଯୁବ କଂଗ୍ରେସ ସମ୍ପାଦକ

ପଟ୍ଟାମୁଣ୍ଡାଇ,୩୦।୭ (ସମିସ): ରାଜନଗର ନିର୍ବାଚନମଣ୍ଡଳୀର ଯୁବନେତା ପଟ୍ଟାମୁଣ୍ଡାଇ ପୌର ପରିଷଦ ୧୫ନଂ ୱାର୍ଡ କାଉନସିଲର ଅଳଭା ଗ୍ରାମର ସମ୍ରାଟ ଜେନାଙ୍କୁ ଅଖିଳ ଭାରତ ଯୁବ କଂଗ୍ରେସ ସମ୍ପାଦକ ଭାବେ ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେସି ବେଣୁଗୋପାଳ ନିଯୁକ୍ତି ଦେଇଛନ୍ତି । ଏଥିପାଇଁ ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ବରିଷ୍ଠ କଂଗ୍ରେସ ନେତା ରମାକାନ୍ତ ଦାଶ, ପିସିସି ସଭ୍ୟ ସଞ୍ଜୟ ରାଉତ, ରାଜନଗର କଂଗ୍ରେସ ପ୍ରାର୍ଥୀ ଅଶୋକ ପଡ଼ିଆରୀ, ଜିଲ୍ଲା ଓବିସି ଅଧ୍ୟକ୍ଷ ମଳୟ ଦାସ, ଦଳିତ ନେତା ସର୍ବେଶ୍ୱର ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ସେଠୀ, ପୂର୍ବତନ କାଉନସିଲର ଦିଲ୍ଲୀପ ସେଠୀ, ଆଳି ବ୍ଲକ ସଭାପତି ରବୀନ୍ଦ୍ର ବେହେରା ଓ ଯୁବ ନେତା ହେମନ୍ତ ବିଶ୍ୱାଳ ପ୍ରମୁଖ ରାହୁଲ ଗାନ୍ଧୀ, ଏଆଇସିସି ଅଧ୍ୟକ୍ଷ ଖଡ଼ଗେ, ସାଧାରଣ ସମ୍ପାଦକ କେସି ବେଣୁଗୋପାଳ, ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚେବଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ବର୍ଷାରେ ଭୁଶୁଡ଼ିଲା କାନ୍ଥ, ବଞ୍ଚିଲେ ପରିବାର

ଡେରାବିଶ, ୩୦।୭ (ସମସ): ଡେରାବିଶ ତହସିଲ ଅଧୀନସ୍ଥ ବସୁପୁର ପଞ୍ଚାୟତ ଅନ୍ତର୍ଗତ ଭାଣ୍ଡିଲୋ ଗ୍ରାମରେ ଦୁଇଦିନ ଧରି ବର୍ଷା ଯୋଗୁଁ ଚାଳ ଛପର ଘରେ ରହୁଥିବା ଏକ ପରିବାରର ମାଟି କାନ୍ଥ ଭୁଶୁଡ଼ି ପଡ଼ିବାରୁ ଘର ଭିତରେ ଥିବା ପରିବାର ଲୋକଙ୍କ ଜୀବନ ଅଳ୍ପକେ ବର୍ତ୍ତିଯାଇଛି । ଭାଣ୍ଡିଲୋ ଗ୍ରାମର ସୁବାସ ଜେନା ସ୍ତ୍ରୀ ଅନ୍ନପୂର୍ଣ୍ଣା ଓ ଦୁଇ ପୁତ୍ର ସହ ଏକ ଚାଳଛପର ଘରେ ଦୀର୍ଘବର୍ଷ ଧରି ବସବାସ କରିଆସୁଛନ୍ତି ।

ସୁବାସଙ୍କୁ ଆବାସ ମିଳି ନ ଥିବାବେଳେ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ଚଳିତବର୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ସୂଚନା ମିଳିଛି । ଘର ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରି ନ ଥିବାରୁ ସୁବାସ ଓ ତାଙ୍କ ପରିବାର ସେହି ପୁରୁଣା ଘରେ ରହୁଛନ୍ତି । ଗତ ଦୁଇଦିନ ଧରି ବର୍ଷା ଲାଗି ରହିଥିବାରୁ ଗତକାଲି ବିଳମ୍ବିତ ରାତିରେ ଘରର କାନ୍ଥ ଭୁଶୁଡ଼ିବା ଶବ୍ଦରେ ପରିବାରର ନିଦ ଭାଙ୍ଗିଯାଇଥିଲା । ସମସ୍ତେ ବାହାରକୁ ଚାଲି ଆସିଥିଲେ ଓ ପରେ ସମ୍ପୂର୍ଣ୍ଣ ଘରଟି ତଳକୁ ନଇଁ ପଡ଼ିଥଲା । ଫଳରେ ସୁବାସଙ୍କ ପରିବାର ରକ୍ଷା ପାଇଯାଇଥିଲେ । ଗ୍ରାମରେ ସାହାଯ୍ୟ ପାଇଁ ଡାକ ପକାଇବାରୁ ପଡୋଶୀ ଆସି ଘରର ଲାଇନ କାଟିବା ସହ ଘରର ରୁଅ ବାଉଁଶକୁ ଏକ ରଶିରେ ପଛରେ ଥିବା ନଡ଼ିଆ ଗଛରେ ବାନ୍ଧିଛନ୍ତି । ଏବେ ପୂରା ପରିବାର ବେସାହାରା ହୋଇ ସେହି ଅର୍ଦ୍ଧନିର୍ମିତ ଖୋଲା ମେଲା ଆବାସ ଘରେ ଆଶ୍ରୟ ନେଇଛନ୍ତି । ସ୍ଥାନୀୟ ରତାଦିଆ ଖଣ୍ଡସାହିର ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ ଯାଇ ସୁବାସ ଜେନାଙ୍କ ଭାଙ୍ଗିଯାଇଥିବା ଘର ନିରୀକ୍ଷଣ କରି ଫେରିଥିବା ସୂଚନା ମିଳିଛି ।

ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ,୩୦।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଜରିଆପାଟଣା ସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ ଜେନା ଅବସର ଗ୍ରହଣ କରିଛନ୍ତି । ତାଙ୍କୁ ଜରିଆ ବଳଦେବ ନୋଡାଲ ଉଚ୍ଚବିଦ୍ୟାଳୟ କ୍ଲଷ୍ଟର ଓ ସିଦ୍ଧ ପରମହଂସ ଉଚ୍ଚପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟରର ମିଳିତ ଆନୁକୂଲ୍ୟରେ ସାନଜରିଆ କଲ୍ୟାଣ ମଣ୍ଡପଠାରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଶିକ୍ଷାବିତ ବିଜୟ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ ମୁଖ୍ୟଅତିଥି,ସାନଜରିଆ ମେଡିକାଲ ଅଫିସର ଡା ପ୍ରଦୀପ ଚମ୍ପତି ମୁଖ୍ୟବକ୍ତା, ବୃନ୍ଦାବନର ସନ୍ଥ ନରହରି ଦାସ, ମାର୍ଶାଘାଇ ଅବିଇଓ ଚନ୍ଦ୍ରଶେଖର ତ୍ରିପାଠୀ, ଆଳି ବ୍ଲକ ପ୍ରାକ୍ତନ ଏବିଇଓ ଉଦକର ସାମଲ, ପ୍ରାକ୍ତନ ଏବିଇଓ ତୀର୍ଥାନନ୍ଦ ପ୍ରଧାନ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ, ସିଆରସିସି ମଳୟ ଜେନା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଦାସ, ସିଆରସିସି ରଞ୍ଜନ ବେହେରା ଓ ସତ୍ୟବ୍ରତ ସାମନ୍ତରାୟ ଓ ଶିକ୍ଷକନେତା କବି ଅଶୋକ ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ଜେନାଙ୍କୁ କର୍ମମୟଜୀବନ ଉପରେ ଆଲୋକପାତ କରିବା ସହିତ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକନେତା ଆରତ ନାୟକ କବିତା ପାଠ କରିଥିଲେ । ପ୍ରାକ୍ତନ ସିଆରସିସି ରମେଶ ମହାନ୍ତି ସ୍ୱାଗତଭାଷଣ ଓ ଶିକ୍ଷକନେତା ଶ୍ରୀନିବାସ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସୁଧାଂଶୁ ପ୍ରଧାନ ଧନ୍ୟବାଦ ଦେଇଥିଲେ । ସୁଲେଖ ପ୍ରଧାନ, ସେକ ଉମର ମିର୍ଜା, ଚିତ୍ତରଞ୍ଜନ ମିଶ୍ର ଓ ସ୍ମୃତିଲତା କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

କଲଭର୍ଟ ସଂଲଗ୍ନ ରାସ୍ତାରେ ଗାଡ଼, ଯାତାୟାତ ବାଧାପ୍ରାପ୍ତ

ରାଜକନିକା,୩୦।୭ (ସମିସ): ଆଳି ତଟବନ୍ଧ ବିଭାଗର ମଧୁବନ-ବରାଡ଼ିଆ ରାସ୍ତା କଲଭର୍ଟ ଅତ୍ୟନ୍ତ ଦୁର୍ବଳ ଥିବାବେଳେ ମରାମତି ନ ହେବାରୁ ଆଜି ଅପରାହ୍ନରେ ଏକ ବିରାଟ ଗାଡ଼ ସୃଷ୍ଟି ହେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଏହି ରାସ୍ତାର ସମସ୍ତ କଲଭର୍ଟକୁ ଖରାଦିନେ ମରାମତି ନ କରି ବର୍ଷା ଓ ବନ୍ୟାରେ କ୍ଷତି ହେବାକୁ ଅପେକ୍ଷା କରିବା ଯୋଗୁଁ ଏଭଳି ପରିସ୍ଥିତି ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି । ତଟବନ୍ଧ ବିଭାଗ ଏହି ରାସ୍ତାକୁ ଆରଡି (ଗ୍ରାମ୍ୟ ନିର୍ମାଣ) ବିଭାଗକୁ ହସ୍ତାନ୍ତର କରିବା ପରେ ଆରଡି ବିଭାଗ ରାସ୍ତା ସମ୍ପର୍କରେ ତଦାରଖ କରୁଥିବାବେଳେ କଲଭର୍ଟର ସୁରକ୍ଷା ଦାୟିତ୍ୱ ତଟବନ୍ଧ ବିଭାଗର ରହିଛି । ତଟବନ୍ଧ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଆଜି ଦ୍ୱିପ୍ରହରେ ଏହି ରାସ୍ତାର କଲଭର୍ଟ ନିକଟରେ ଗାଡ଼ ହୋଇ ତାହା ଧୀରେ ବଡ଼ ହେବାରେ ଲାଗିଛି । କିଛି ମାସ ପୂର୍ବେ ଆରଡ଼ି ବିଭାଗ ଦ୍ୱାରା ଏହି ରାସ୍ତାର ସାମୟିକ ମରାମତି କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ କରି ଲୋକେ କାମ ବନ୍ଦ କରିଥିଲେ ହେଁ ବିଭାଗ ମଧୁବନଠାରୁ ବରାଡ଼ିଆ ଯାଏ ରାସ୍ତା କାମ ନ କରି ଚୁପ ରହିଛି । ଫଳରେ ମାସ ମାସ ଧରି ଏହି ରାସ୍ତାରେ ଗାଡି ଯାତାୟାତ କରି ଅଧିକ ଖରାପ ହେବାରେ ଲାଗିଛି । ଉଭୟ ଆରଡି ଓ ତଟବନ୍ଧ ବିଭାଗର ଦାୟିତ୍ୱହୀନତା ଯୋଗୁ ଆଜି କଲଭର୍ଟ ଭୁଶୁଡି ଗାଡ଼ ହେବା ପରେ ତଟବନ୍ଧ ବିଭାଗର ଏଇ ଦିଲ୍ଲୀପ ବେହେରା ଘଟଣାସ୍ଥଳକୁ ଯାଇ ଏସଡିଓ କ୍ଷୀରୋଦ ମହାପାତ୍ରଙ୍କୁ ଏହା ଜଣାଇଥିବା କହିଛନ୍ତି । ବରାଡିଆରେ ଆରଆଇ ଅଫିସ ନିର୍ମାଣ ପାଇଁ ଭାରୀଯାନ ବିଭିନ୍ନ ସାମଗ୍ରୀ ନେଇ ଯାଉଥିବାରୁ ଏଭଳି ଗାଡ଼ ସୃଷ୍ଟି ହୋଇଥିବା ଶ୍ରୀ ବେହେରା କହିଛନ୍ତି । ତେବେ ଏଥିପ୍ରତି ତଟବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏହି ଘଟଣା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ଦାବି ହୋଇଛି ।

ଅଭିଭାବକ ମହାସଂଘ ଓ ଛାତ୍ରୀଛାତ୍ରଙ୍କ ପ୍ରତିବାଦ ପରେ ପ୍ରଶାସନ ତତ୍ପର

ଡଷ୍ଟ ପକାଇ ରାସ୍ତା ମରାମତି କଲା ଠିକା ସଂସ୍ଥା

ରାଜକନିକା,୩୦।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ୍‌ରେ ନବନିର୍ମିତ ଆଦର୍ଶ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି । ଅଭିଭାବକ ଓ ଛାତ୍ରଛାତ୍ରୀ ବିରୋଧ ପରେ ପ୍ରଶାସନ ତତ୍ପର ହୋଇଛି । ବିଡିଓ ଦାୟିତ୍ୱରେ ଥିବା କନିକା ତହସିଲଦାର ଭାନୁମତୀ ମାଝୀ ଓ ରାଜକନିକା ପୁଲିସ ଉପସ୍ଥିତିରେ ଠିକା ସଂସ୍ଥା ରାସ୍ତାରେ ଡଷ୍ଟ ପକାଇ ମରାମତି କରିଛି । ତେବେ ପୂର୍ବଭଳି ଜମି ମାଲିକ ଜେସିବି ଆଗରେ ବସି କାମ ବନ୍ଦ କରିଥିଲେ । ଏହା ମୋ ଜମି । ଯଦି ସରକାର ମୋ' ଜମି ଉପରେ ରାସ୍ତା ନେବାକୁ ଚାହୁଁଛନ୍ତି, ତେବେ ମୋତେ ଅନ୍ୟତ୍ର ଜମି ଯୋଗାଇ ଦିଅନ୍ତୁ ବୋଲି କହିଥିଲେ । ତହସିଲଦାର ଜମି ମାଲିକଙ୍କୁ ଜମି କାଗଜପତ୍ର ନେଇ ଅଫିସ ଆସନ୍ତୁ, ଯଦି ନିଜସ୍ୱ ଜମି ହୋଇଥିବ, ତେବେ ସରକାରୀ ନିୟମାନୁଯାୟୀ ଯାହା ସୁବିଧା ଥିବ ତାହା ସରକାର ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିବାରୁ ଜମି ମାଲିକ ଉଠିଥିଲେ । ରାଜକନିକା ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା କାଦୁଅ ଓ ଖାଲଖମାରେ ପରିଣତ ହୋଇଛି । ଏନେଇ ଛାତ୍ରୀଛାତ୍ର ଓ ଅଭିଭାବକ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନଠାରୁ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣିରେ ଅଭିଯୋଗ କରି ନିରାଶ ହେବା ପରେ ୨୧ ତାରିଖରେ ତହସିଲ କାର୍ଯ୍ୟାଳୟ ଘେରଉ କରି ପ୍ରତିବାଦ କରିଥିଲେ । ଏହାକୁ ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ସାଧାରଣ ଲୋକ ସମର୍ଥନ ଜଣାଇଥିଲେ । କନିକା ତହସିଲଦାର ଭାନୁମତୀ ମାଝୀ ବୁଝାସୁଝା କରିବା ସହ ୧୫ ଦିନ ମଧ୍ୟରେ ରାସ୍ତା ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତି ଅନୁଯାୟୀ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା ।

ଯୋର ଜମି ଜବରଦଖଲ; ପାଣି ନିଷ୍କାସନ ପଥ ବନ୍ଦ

ଡେରାବିଶ ତହସିଲରେ ଅଭିଯୋଗ

ଡେରାବିଶ,୩୦୭ (ସମିସ): ଡେରାବିଶ ତହସିଲ ଅଧୀନରେ ଥିବା ଛୋଟି ପଞ୍ଚାୟତ ଅନ୍ତର୍ଗତ ଛୋଟି ଗ୍ରାମରେ ଏକ ଯୋର ଜମି ଜବରଦଖଲ ହୋଇଥିବା ନେଇ ତହସିଲରେ ଅଭିଯୋଗ ହୋଇଛି । ସ୍ଥାନୀୟ ଗ୍ରାମର ଭରତ ମଲ୍ଲିକ ଓ ବସନ୍ତ ମଲ୍ଲିକ ଯୋର ଜମିକୁ ଲଗାଇ ଘର ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିଥିବା ଅଭିଯୋଗ ହୋଇଛି । ଏଥିସହିତ ବାଲି ପକାଇ ଯାତାୟାତ କରୁଥିବା ଅଭିଯୋଗ ହେଉଛି । ସରକାରୀ ଜମିକୁ ଜବରଦଖଲ କରିବା ସହ ଯୋର ଜମିକୁ ସମ୍ପୂର୍ଣ୍ଣ ଖାଲକରି ଦେଇଥିବାରୁ ଜଳ ନିଷ୍କାସନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି । ପାଣି ଯେଉଁ ଦିଗକୁ ନିଷ୍କାସନ ହେବାକଥା, ତା'ର ବିପରୀତ ଦିଗକୁ ଛଡ଼ାଯାଉଛି । ଯଦ୍ୱାରା ଚାଷୀଙ୍କ ରୁଆ ଜମି ବୁଡ଼ିବାକୁ ଗଲାଣି । ଏହା ଦେଖି ଅବରୋଧ କରିଥିବା ଲୋକେ ରାତିରେ ମେସିନ ସାହାଯ୍ୟରେ ପ୍ରାୟ ୩୦୦ ଫୁଟ ପର୍ଯ୍ୟନ୍ତ ରାସ୍ତାକୁ ନାଳ ଖୋଳିଥିବା ଦେଖିବାକୁ ମିଳିଛି । ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ପାଇଛୁ । ଏହାର ତଥ୍ୟ ଛୋଟି ଆରଆଇଙ୍କୁ ମଗାଯାଇଛି ଓ ଅବରୋଧ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏ ବିଷୟରେ ଗ୍ରାମର ଅକ୍ଷୟ ଜେନା, ଜୟନ୍ତ ଜେନା, ରଞ୍ଜିତ ପରିଡ଼ା, ଦାମୋଦର ଜେନା, ନାଏବ ସରପଞ୍ଚ କାର୍ତ୍ତିକ ରାଉତ, ମହାବୀର ଜେନା, ନାରାୟଣ ବଳ ପ୍ରମୁଖ ଡେରାବିଶ ତହସିଲଦାର, ଉପଜିଲ୍ଲାପାଳ ଓ ଛୋଟି ଆରଆଇଙ୍କୁ ଅଭିଯୋଗ କରିଥିବା ଜଣାପଡିଛି । ଏହାର ତଦନ୍ତ କରାଯାଇ ସରକାରୀ ଜମି ଜବରଦଖଲ କରିଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

ଲୋକନାଥପୁର ପ୍ରକଳ୍ପ ଉପ୍ରା ସ୍କୁଲରେ ବନମହୋତ୍ସବ

ପଟ୍ଟାମୁଣ୍ଡାଇ,୩୦।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧୀନ ଲୋକନାଥପୁର ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବନମହୋତ୍ସବ ପାଳିତ ହୋଇଯାଇଛି । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରକୃତି ବନ୍ଧୁ ଶୁଭ୍ରାଂଶୁ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭା ପରେ ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା । ପରେ ଏକ କିଲୋମିଟର ବ୍ୟାପୀ ତାଳମଞ୍ଜି ଓ ଚାରାରୋପଣ କରାଯାଇଥିଲା । ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଇକୋ କ୍ଲବ୍ ସଂଯୋଜକ ଗୋପୀନାଥ ଦାଶ ଯୋଗଦେଇ ଇକୋ କ୍ଲବ୍, ଚାରାରୋପଣ, ପରିବେଶ ସୁରକ୍ଷା, ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଓ ବନମହୋତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ । ମୁଖ୍ୟବକ୍ତା ଭାବେ ଆଳି ବ୍ଲକ୍‌ର ଅବସରପ୍ରାପ୍ତ ସହକାରୀ ଶିକ୍ଷାଧିକାରୀ ଉଦକର ସାମଲ ଓ ବରେଣ୍ୟ ଅତିଥି ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଶିକ୍ଷା ଅନୁନିରୀକ୍ଷକ ବିଜୟ ଜେନା ଯୋଗଦେଇଥିଲେ । ସିଆରସିସି ରଞ୍ଜନ ବେହେରା, ଗଙ୍ଗାରାମପୁର ପଞ୍ଚାୟତର ନାଏବ ସରପଞ୍ଚ ସଞ୍ଜୟ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସ୍ୱରୂପ ଜେନା, ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଦୀପ୍ତିରେଖା ବେହେରା, ସସ୍ମିତା ଦଳାଇ, ସଂଘମିତ୍ରା ସାମନ୍ତ, ବିଦ୍ୟାଳୟ ଇକୋ କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ସ୍ନିଗ୍ଧା ସୁଚରିତା ରାଉତ, ଶିକ୍ଷକ ରାଜେଶ ପଣ୍ଡା, ନେତ୍ରମଣି ଖଟୁଆ, ସମାଜସେବୀ ସମରେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଶ୍ରଦ୍ଧାଞ୍ଜଳି ଦାସ ଓ ନିହାରିକା ସ୍ୱାଇଁ ପରିଚାଳନା କରିଥିଲେ ।

ଷଣ୍ଢ ଆକ୍ରମଣରେ ମହିଳା ଗୁରୁତର

ରାଜନଗର, ୩୦।୭ (ସମିସ): ରାଜନଗର ବ୍ଲକ୍ ତାଳଚୁଆ ବଜାରରେ ଷଣ୍ଢ ଉପଦ୍ରବ ଲୋକଙ୍କୁ ଅତିଷ୍ଠ କରିଛି । ଏହି ଷଣ୍ଢ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ଷଣ୍ଢଟି ପାଗଳା ହୋଇ ଲୋକଙ୍କୁ ଗୋଡାଉଛି । ବଜାରରେ ଯାଉଥିବା ଜଣେ ମହିଳାଙ୍କୁ ଗୋଡାଇ ଆକ୍ରମଣ କରିଥିଲା । ଲୋକେ ଘଉଡ଼ାଇବାକୁ ଚେଷ୍ଟା କରିବାରୁ ସେମାନଙ୍କୁ ଗୋଡ଼ାଇଥିଲା ।

ହୃଦ୍‌ଘାତରେ ଯୁବକ ମୃତ

ରାଜନଗର,୩୦।୭ (ସମିସ): କୁରୁଣ୍ଟି ପଞ୍ଚାୟତ ଚକ୍ରଧରପୁର ଗାଁର ଯୁବ ପ୍ରତିଭା ସଦୀପ୍ତ ଦାସଙ୍କ (୫୧) ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଏକ ଘରୋଇ ନ୍ୟୁଜ୍ ଚ୍ୟାନେଲରେ ଏରିଆ ମ୍ୟାନେଜର ଭାବେ କାମ କରୁଥିବା ସଦୀପ୍ତ ସକାଳେ ଶୌଚାଳୟ ଯାଇ ଫେରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘରେ ସ୍ତ୍ରୀ ଓ ୧୮,୧୬ ବର୍ଷର ଦୁଇଟି ଝିଅ ଅଛନ୍ତି । ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିଜୟ ନାୟକ, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଜେନା, ପ୍ରମୋଦ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

୨ରେ କେନ୍ଦ୍ରାପଡ଼ାରେ ବନ୍ଦ ରହିବ ଡାକସେବା

କେନ୍ଦ୍ରାପଡ଼ା,୩୦।୭ (ସମିସ): କେନ୍ଦ୍ରାପଡ଼ା ମୁଖ୍ୟ ଡାକଘର ସମେତ ଏହା ଅଧୀନରେ ଥିବା ସମସ୍ତ ଉପ ଡାକଘର ଓ ଶାଖା ଡାକଘର ଆସନ୍ତା ଅଗଷ୍ଟ ୨ ତାରିଖ ଶନିବାର ଦିନ ବନ୍ଦ ରହିବ । କେନ୍ଦ୍ରାପଡ଼ା ଡାକ ମଣ୍ଡଳର ଡାକ ଅଧୀକ୍ଷକ ଦେବ ପ୍ରସାଦ ଶତପଥୀଙ୍କ ସୂଚନା ମୁତାବକ, ପୂର୍ବରୁ ବ୍ୟବହାର କରାଯାଉଥିବା ସାପ ସଫ୍ଟୱେର ବଦଳରେ ଡାକ ବିଭାଗ ନିଜସ୍ୱ ଜ୍ଞାନକୌଶଳରେ ଆଇଟି ୨.୦ ସଫ୍ଟୱେର ପ୍ରଚଳନ କରିବାକୁ ଯାଉଛି । ଆସନ୍ତା ୪ ତାରିଖରେ ଏହି ସଫ୍ଟୱେର କେନ୍ଦ୍ରାପଡ଼ା ମୁଖ୍ୟ ଡାକଘର ସମେତ ଏହା ଅନ୍ତର୍ଗତ ସମସ୍ତ ଉପ ଡାକଘର ଓ ଶାଖା ଡାକ ଘରରେ ପ୍ରଚଳିତ କରିବାକୁ ବିଭାଗ ନିର୍ଦ୍ଦେଶନାମା ଜାରି କରିଛି । ଏ ନେଇ କେନ୍ଦ୍ରାପଡ଼ା ଡାକ ମଣ୍ଡଳ ପକ୍ଷରୁ ସମସ୍ତ ପ୍ରାକ୍ ପ୍ରସ୍ତୁତି ଶେଷ ହୋଇଛି । ଅଗଷ୍ଟ ୪ ତାରିଖରୁ ଆଇଟି ୨.୦ ସଫ୍ଟୱେର କାର୍ଯ୍ୟକ୍ଷମ ହେବ ।

ଗାମୁଛା ପିନ୍ଧି ବନ୍ୟା ପାଣିରେ ଯାଇ ଗର୍ଭବତୀଙ୍କୁ ଆଣିଲେ ମେଡିକାଲ

ରାଜନଗର, ୩୦।୭ (ସମିସ)



ଡାକ୍ତର ହେବ ତ ଏମିତି

ବ୍ରାହ୍ମଣୀରେ ଦ୍ୱିତୀୟଥର ବନ୍ୟା ଆସିଛି । ରାଜନଗର ବ୍ଲକର ୪ଟି ପଞ୍ଚାୟତର ୨୦ ହଜାର ଲୋକ ପାଣି ଘେରରେ ରହିଛନ୍ତି । ତେବେ ସ୍ୱାସ୍ଥ୍ୟ ବିଭାଗ ବନ୍ୟା ବିପନ୍ନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଉଦାହରଣ ସୃଷ୍ଟି କରିଛି । ବନ୍ୟା ପାଣିରେ ଗାମୁଛା ପିନ୍ଧି ବାଡ଼ି ଧରି ଗର୍ଭବତୀଙ୍କ ପାଖରେ ପହଞ୍ଚି ତାଙ୍କୁ ଟ୍ରଲି ଯୋଗେ ଆଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଯୋଗାଇ ଦେଇଛନ୍ତି । ରାଜନଗର ବ୍ଲକ୍‌ର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ବାଜପୁର ପଞ୍ଚାୟତ ବନ୍ୟା ପାଣି ଘେରରେ ରହିଛି । ବନ୍ଧପଡ଼ା ପଞ୍ଚାୟତ ଚକିବାଙ୍କ ଗ୍ରାମର ସଙ୍ଘମିତ୍ରା ରାଉତଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କ ସ୍ୱାମୀ ପ୍ରସନ୍ନ ରାଉତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫୋନ ଯୋଗେ ଜଣାଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ଓ ଡାକ୍ତର ମନୋରଞ୍ଜନ ନାଥ ଅଢାଯୋଡ଼ି ନିକଟରେ ପହଞ୍ଚିଥିଲେ । ପ୍ରଶାସନ ପକ୍ଷରୁ ଗାଁକୁ ଯିବାକୁ ଡଙ୍ଗା ବ୍ୟବସ୍ଥା ନ ଥିଲା । ଫଳରେ ଦୁଇ ଡାକ୍ତର ଗାମୁଛା ପିନ୍ଧି ଛତା ଓ ବାଡ଼ି ଧରି ବନ୍ୟା ପାଣିରେ ପଶି ଚକିବାଙ୍କ ଗାଁର ଗର୍ଭବତୀ ମହିଳା ସଙ୍ଘମିତ୍ରା ରାଉତଙ୍କ ନିକଟରେ ପହଞ୍ଚିଥିଲେ । ୧ କିଲୋମିଟର ବାଟ ୩ ଫୁଟ୍ ପାଣିରେ ପଶି ପହଞ୍ଚିଥିଲେ । ଗାଁ ଲୋକଙ୍କ ସହଯୋଗରେ ଏକ ଟ୍ରଲି ସାହାଯ୍ୟରେ ଗର୍ଭବତୀ ମହିଳାଙ୍କୁ ବନ୍ୟା ପାଣିରେ ଆଣି ଅଢାଯୋଡି ନିକଟରେ ପହଞ୍ଚିଥିଲେ । ସେଠାରେ ପୂର୍ବରୁ ଥିବା ଆମ୍ବୁଲାନ୍ସରେ ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଉଛି । ସେହିଭଳି ଟାଙ୍ଗଣଡେଲା ଗ୍ରାମର ପ୍ରଭାତ ରାଉତଙ୍କ ଗର୍ଭବତୀ ସ୍ତ୍ରୀ ରୀତାଞ୍ଜଳି ରାଉତଙ୍କୁ ମଧ୍ୟ ବନ୍ୟାଞ୍ଚଳରୁ ଉଦ୍ଧାର କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି । ଏ ନେଇ ଡାକ୍ତରଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।

ନେଉଳପୋଇ ଓ ହରଡ଼ବେରଣା ଗ୍ରାମରେ ହାତୀ ଉତ୍ପାତ

ଯୋରନ୍ଦା,୩୦।୭ (ସମିସ)

ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍ ଷଡ଼ଙ୍ଗୀ ରେଞ୍ଜ୍ ଏବଂ କପିଳାସ ରେଞ୍ଜ ଅଧୀନରେ ଥିବା ନେଉଳପୋଇ ଓ ହରଡବେରଣା ଗ୍ରାମାଞ୍ଚଳରେ ହାତୀ ବ୍ୟାପକ ଭାବରେ ବିଲରୁ ଧାନ ଖାଇବା ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଶେଷତଃ ହରଡ଼ବେରଣା ଗ୍ରାମର କିଛି ଅଂଶ ଷଡ଼ଙ୍ଗୀ ରେଞ୍ଜ ଅଧୀନରେ ଯାଉଥିବା ବେଳେ ଅନ୍ୟକିଛି ଅଂଶ କପିଳାସ ରେଞ୍ଜ ଅଧୀନରେ ଆସୁଛି। ଫଳରେ ଏହି ଗ୍ରାମରେ ହାତୀ ଉପଦ୍ରବ

● ବିଲରୁ ଧାନ ଖାଇବା ସହ ବ୍ୟାପକ ଦଳି ନଷ୍ଟ

● ପ୍ରାଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି

ଲାଗି ରହୁଥିଲେ ମଧ୍ୟ ବନବିଭାଗ ପକ୍ଷରୁ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ଗତକାଲି ଗୋଟିକିଆ ଦନ୍ତାହାତୀ ଜଙ୍ଗଲରୁ ବାହାରି ଗ୍ରାମ ପାର୍ଶ୍ୱଦେଇ ନେଉଳପୋଇ ବିଲବାହାଳରେ ମଧ୍ୟରେ ପଶି ବ୍ୟାପକ ରୁଆଧାନ ଖାଇ ଦଳି ନଷ୍ଟ କରିଛି। ବନବିଭାଗ ପକ୍ଷରୁ ହାତୀଟିକୁ ଘଉଡ଼ାଇବା ପାଇଁ ଚେଷ୍ଟା କରାଯାଉଥିଲେ ମଧ୍ୟ ହାତୀଟି ଶୁଣୁ ନାହିଁ। ହାତୀ ଗତ ଦୁଇଦିନରେ ଗ୍ରାମର କାଶୀନାଥ ସାମଲ, କର୍ଣ୍ଣ ଗଡ଼ନାୟକ, ମାଧବ ମାଝି, କାଟେଶ୍ୱର ଗଡ଼ନାୟକ, ଦିଲ୍ଲୀପ ସାମଲ, ସୂର୍ଯ୍ୟ ସାମଲ, ଦିଲ୍ଲୀପ ଗଡ଼ନାୟକ, ପ୍ରକାଶ ସାମଲ, ସୁର ସାମଲ, ଭାଗ୍ୟଧର ସାମଲ, କରୁଣା ସାମଲ, କର୍ଣ୍ଣ ସାମଲ, ହୃଷୀକେଶ ଗଡ଼ନାୟକ, ବିଶ୍ୱନାଥ ଗଡ଼ନାୟକ ଓ ଜଳଧର ଗଡ଼ନାୟକ ପ୍ରମୁଖଙ୍କ ରୁଆ ହୋଇଥିବା ଏକର ଏକର ବିଲରୁ ଧାନ ବୁଦା ଖାଇ ଦେଇଛନ୍ତି। ଗତ ଶନିବାର ଦିନ ହରଡବେରଣା ଗ୍ରାମର ଚାଷୀ ବିଷ୍ଣୁଚରଣ ଲେଙ୍କା, ଗନ୍ଧର୍ବ ଲେଙ୍କା ପ୍ରମୁଖଙ୍କର ବ୍ୟାପକ କ୍ଷତି କରିଛନ୍ତି ହାତୀପଲ। ବିଷ୍ଣୁ ଲେଙ୍କାଙ୍କ ୧୫ ଗୁଣ୍ଠ ବିଲରେ ପାଣି ଭର୍ତ୍ତୀ ହୋଇଥିଲା। ହାତୀପଲ ଗୋଡ଼ରେ ପାଣି କାଟି ଶୁଖିଲା ପରେ ବଡ଼ବଡ଼ ବୁଦାକୁ ମୂଳରୁ ଖାଇ ଦେଇଥିବା ସେ ବନବିଭାଗକୁ ଜଣାଇଛନ୍ତି। ହାତୀପଲ ଏପରି ହଇରାଣ ହରକତ କରୁଛନ୍ତି ଯେ ଚାଷୀ ମାନେ ଚାଷ କରିବାକୁ ଭୟ କରୁଛନ୍ତି। ଏସମ୍ପର୍କରେ ସମାଜସେବୀ କାଶୀନାଥ ସାମଲ କହିଛନ୍ତି ପ୍ରାୟ ସବୁଦିନ ସନ୍ଧ୍ୟା ହେଲେ ହାତୀପଲ ଜଙ୍ଗଲରୁ ବାହାରି ରୁଆ ବିଲଗୁଡ଼ିକ କ୍ଷୟକ୍ଷତି କରୁଛନ୍ତି। ବନବିଭାଗ ଚେଷ୍ଟା କରି ମଧ୍ୟ ବିଫଳ ହେଉଛନ୍ତି। ତେଣୁ ସରକାର ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତୁ ଯେପରି ଚାଷୀମାନେ କ୍ଷୟକ୍ଷତିରୁ ବଞ୍ଚିତ ହେବେ।

ଦଶମ ଶ୍ରେଣୀ ଛାତ୍ରୀ ନିଖୋଜ

ଢେଙ୍କାନାଳ,୩୦।୭ (ସମିସ): ସଦର ଥାନା ଅଧୀନ ସିମିନଇ ଗ୍ରାମରେ ରହୁଥିବା ଜନୈକ ଦଶମ ଶ୍ରେଣୀ ଛାତ୍ରୀ ନିଖୋଜ ହୋଇଯାଇଥିବାର ଥାନାରେ ଅଭିଯୋଗ ହୋଇଛି। ସିମିନଇ ଗ୍ରାମର ବିନୟକୁମାର ସିଂହଙ୍କ ଝିଅ ସସ୍ମିତା ସିଂହଙ୍କ ଅଭିଯୋଗ ଅନୁସାରେ ତାଙ୍କ ଝିଆରୀ ପ୍ରଜ୍ଞାପାରିଜାତ ଦାସ ଗତ ୨୭ ତାରିଖ ରାତିଣଟାରୁ କେଉଁଆଡେ ନିଖୋଜ ହୋଇଯାଇଛି। ଚାରିଆଡେ ଖୋଜା ଖୋଜି କରିବା ପରେ ତାର ସାଇକଲଟି ଢେଙ୍କାନାଳ ରେଳଷ୍ଟେସନ ନିକଟରୁ ଉଦ୍ଧାର କରାଯାଇଛି। ସେ ଦଶମ ଶ୍ରେଣୀରେ ପାଠ ପଢୁଥିବା ବେଳେ ତାର ବୟସ ମାତ୍ର ୧୫ବର୍ଷ ବୋଲି ଜଣାପଡିଛି। ଘଟଣାକୁ ନେଇ ସସ୍ମିତା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୫୯୬/୨୫ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିବାର ଜଣାପଡିଛି।

ବିବାଦ ସମାଧାନ ପାଇଁ ବିଶେଷ ମଧ୍ୟସ୍ଥତା ଅଭିଯାନ

ଢେଙ୍କାନାଳ,୩୦।୭ (ସମିସ): କୋର୍ଟରେ ଭିନ୍ନ ଭିନ୍ନ ପ୍ରକାର ମଧ୍ୟସ୍ଥ ଯୋଗ୍ୟ ମାମଲା ସମାଧାନ ପାଇଁ ବିଶେଷ ମଧ୍ୟସ୍ଥତା ଅଭିଯାନ ଜାତୀୟ ଆଇନ ସେବା ପ୍ରାଧିକରଣ ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ଜୁଲାଇ ୧ ରିଖରୁ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଅଭିଯାନ ଚାଲୁଅଛି। ଢେଙ୍କାନାଳ ଜିଲ୍ଲା ଆଇନସେବା ପ୍ରାଧିକରଣରେ ମଧ ମଧ୍ୟସ୍ଥତା ଅଭିଯାନ ଚାଲୁଅଛି। ଅଭିଯାନରେ ବିବାଦୀୟ ପକ୍ଷଗୁଡିକ ଅଦାଲତରେ ମାମଲାର ବିଚାର ନକରି ଏକ ନିରପେକ୍ଷ ତୃତୀୟ ପକ୍ଷଙ୍କ ସହାୟତାରେ ସେମାନଙ୍କର ବିବାଦର ଏକ ଗ୍ରହଣଯୋଗୀ ଏବଂ ସୃଜନାତ୍ମକ ଢଙ୍ଗରେ ସମାଧାନ କରିପାରିବେ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତି ଠାରୁ ସନ୍ତୋଷଜନକ ଏହି ସମାଧାନ, ଏହାବ୍ୟତୀତ ଅଦାଲତ ତରେ ରାୟ ପାଇବା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଏବଂ ସମୟ ଅପଚୟରୁ ମୁକ୍ତି ମିଳିଥାଏ। ମଧ୍ୟସ୍ଥତା ଦ୍ୱାରା ସମାଧାନ ହୋଇଗଲେ ଦାୟର ହୋଇଥିବା କୋର୍ଟ ଫି ଫେରସ୍ତ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ଆଇନ ସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି।

ଅନାସ୍ଥାରେ ହାରିଲେ ନାଗିଆପଶି ଏବଂ ମାଣିପୁର ସରପଞ୍ଚ

ଢେଙ୍କାନାଳ,୩୦।୭ (ସମିସ): ଢେଙ୍କାନାଳ ଜିଲ୍ଲାର ନାଗିଆପଶି ପଞ୍ଚାୟତ ଏବଂ ମାଣିପୁର ପଞ୍ଚାୟତ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ଫଳାଫଳକୁ ସ୍ଥଗିତ ରଖାଯାଇଥିବା ବେଳେ ଆଜି ବିଧିବଦ୍ଧ ଭାବରେ ଫଳ ଘୋଷଣା ପରେ ମାଣିପୁର ଏବଂ ନାଗିଆପଶି ସରପଞ୍ଚ ପଦବୀ କଟିଯାଇଥିବାର ଜଣାପଡ଼ିଛି। ଢେଙ୍କାନାଳ ସଦର ବ୍ଲକ୍ ନାଗିଆପଶି ପଞ୍ଚାୟତର ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରାଙ୍କ ବିରୁଦ୍ଧରେ ପୂର୍ବରୁ ପଞ୍ଚାୟତର ୱାର୍ଡ ମେମ୍ବରମାନେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ସରପଞ୍ଚଙ୍କ ବିପକ୍ଷରେ ୮ଜଣ ଓ ତାଙ୍କ ସପକ୍ଷରେମାତ୍ର ୧ ଜଣେ ଭୋଟ ଦେଇଥିଲେ। ଆଜି ତହସିଲ କାର୍ଯ୍ୟାଳୟରେ ଫଳାଫଳ ଗଣତିହେବା ପରେ ଫଳାଫଳ ଅନୁସାରେ ତାଙ୍କ ପଦବୀ ଚାଲି ଯାଇଥିବା ଜଣାପଡିଛି। ସେହିପରି ସଦର ବ୍ଲକ ମାଣିପୁର ପଞ୍ଚାୟତର ସରପଞ୍ଚ ରୁଦ୍ର ନାରାୟଣ ପଟ୍ଟନାୟକଙ୍କ ବିରୁଦ୍ଧରେ ୱାର୍ଡ ମେମ୍ବରମାନେ ଅନାସ୍ଥା ପ୍ରସ୍ତାବ ଆଣି ସରପଞ୍ଚଙ୍କ ବିପକ୍ଷରେ ୮ଜଣ ଓ ତାଙ୍କ ସପକ୍ଷରେ ୧ ଜଣେ ଭୋଟ ଦେଇଥିଲେ। ତହସିଲ କାର୍ଯ୍ୟାଳୟରେ ଗଣତି ପରେ ତାଙ୍କ ପଦବୀ ଚାଲି ଯାଇଥିବା ଜଣାପଡିଛି।

ପ୍ରକାଶ ଲାଲଜୀଙ୍କର ସ୍ମୃତି ଦିବସ

ଢେଙ୍କାନାଳ,୩୦।୭ (ସମିସ): 'ଭାରତୀୟ ଯୋଗ ସଂସ୍ଥାନ'ର ଯୋଗ ଜିଲ୍ଲାର ଶ୍ରଦ୍ଧେୟ ପ୍ରକାଶ ଲାଲଜୀଙ୍କର ୧୬ତମ ସ୍ମୃତି ଦିବସ ସୂର୍ଯ୍ୟମଣ୍ଡପ ଯୋଗକେନ୍ଦ୍ରରେ ପାଳନ କରାଯାଇଛି। ସ୍ମୃତି ଦିବସରେ ମୟୂରଭଞ୍ଜ ଜିଲ୍ଲାର ରିଟାର୍ଡ ଭିଜିଲାନସ ଏସ୍‌ପି ଗଣେଶ ଚନ୍ଦ୍ର ପ୍ରଧାନଜୀ ମୁଖ୍ୟଅତିଥି, ସୂର୍ଯ୍ୟମଣ୍ଡପ ଏମଡି ସୌମେନ୍ଦ୍ର ପଟ୍ଟନାୟକଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୋଗ ଜିଲ୍ଲା ପ୍ରଧାନ ସୁଶିଲ ଜୀ ଧାନ ଓ ଜିଲ୍ଲା ଉପପ୍ରଧାନ ରଘୁନାଥ ତ୍ରିପାଠୀ ଜୀ ସଭାପତିତ୍ୱ କରିଥିଲେ। ଡଃ ଧର୍ମାନନ୍ଦ ପୃଷ୍ଟି ଜୀ ପରିଚାଳନା କରାଇଥିଲେ। ଇନ୍ଦିରା ଦେବତା ଜୀ ଆସନ ଓ ସମସ୍ତ ଅଧିକାରୀ ପ୍ରାଣାୟାମ ଓ କେନ୍ଦ୍ର ପ୍ରମୁଖ ସାଧକ ସାଧିକ ଯୋଗକରିଥିଲେ। ଶେଷରେ ଶରତ କୁମାର ଲେଙ୍କା ଜୀ ଧନ୍ୟବାଦ ଦେଇ ସଭାସଙ୍ଗ କରାଇଥିଲେ।

ଯୋରନ୍ଦା ପୂଜ୍ୟପୂଜା ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଯୋରନ୍ଦା,୩୦।୭ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍ କେନ୍ଦୁପଡ଼ା ଗାଁରେ ଯୋରନ୍ଦା ପୂଜ୍ୟପୂଜା ଅନୁଷ୍ଠାନ ଆନୁକୁଲ୍ୟରେ କବି ସ୍ୱର୍ଗତ ମାୟାଧର ସାମଲଙ୍କ ଧର୍ମପତ୍ନୀ ପଦ୍ମାବତୀ ସାମଲଙ୍କ ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଯୋରନ୍ଦା ସାହିତ୍ୟ ସଂସଦ ବରିଷ୍ଠ ସଭ୍ୟ ନୀରୋଦ ସାମଲ ଓ ରୂପ ମଞ୍ଜରୀ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବଡ଼ଜେନା ସାହିତ୍ୟ ସଂସଦ ସଭାପତି କବି ଶଙ୍କର୍ଷଣ ଶତପଥୀଙ୍କ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ "ମା' ସମ୍ପର୍କିତ ସ୍ୱତନ୍ତ୍ର କବିତା ଅବସରରେ ଯୋରନ୍ଦା ସାହିତ୍ୟ ସଂସଦ ଓ ବଡ଼ଜେନା ସାହିତ୍ୟ ସଂସଦର କବି ଓ କବୟିତ୍ରୀ ମାନେ ସ୍ୱରଚିତ କବିତା ପାଠ କରିଥିଲେ। ବର୍ଷୀୟାନ କବି ପ୍ରେମାନନ୍ଦ ରାଉତ୍, ଗୋପୀନାଥ ସାମଲ, ଗୋପାଳ ଶତପଥୀ, ବୈକୁଣ୍ଠ ବିହାରୀ ସ୍ୱାଇଁ, ଜିତେନ୍ଦ୍ର ପାଣି ଓ ଶ୍ରୀବତ୍ସ ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଆନନ୍ଦ ଚନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସୁଧାଂଶୁ ଶେଖର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ରୁଙ୍ଗଟା ମାଇନ୍ସକୁ ରେଳ ସଂଯୋଗୀକରଣ
ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି ଶିବିର

ହିନ୍ଦୋଳ,୩୦।୭ (ସମିସ): ହିନ୍ଦୋଳ ବ୍ଲକ ଅଧୀନ ଝାଡ଼ବନ୍ଧସ୍ଥିତ ରୁଙ୍ଗଟା ମାଇନ୍ସ ଲିଃ, ଇସ୍ପାତ କାରଖାନାକୁ ରେଳଲାଇନ ସଂଯୋଗୀକରଣ ପାଇଁ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ କରିବା ପାଇଁ ଓଡ଼ାପଡ଼ା ବ୍ଲକ ଉପରପାଳ ଯାତ୍ରାପଡିଆ ଏବଂ ମେରାମଣ୍ଡଳୀ ଶିବମନ୍ଦିରପଡିଆରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ାପଡ଼ା ଅତିରିକ୍ତ ତହସିଲଦାର ସୁରେନ୍ଦ୍ର କୁମାର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା, ହିନ୍ଦୋଳ ଉପଖଣ୍ଡ ଅଧିକାରୀ ସତ୍ୟକୁମାର ନନ୍ଦ ଯୋଗଦେଇଥିଲେ। ଉଭୟ ଗ୍ରାମର ଗ୍ରାମବାସୀ ସେମାନଙ୍କର ଦାବି ଉପସ୍ଥାପନା କରିଥିଲେ। ଏଥିସହ କାରଖାନା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କ ମୌଳିକ ସମସ୍ୟା ପ୍ରତି କାରଖାନାର କର୍ତ୍ତୃପକ୍ଷ ଦୃଷ୍ଟିଦେବା ସହିତ ବିକାଶ ପ୍ରତି ପ୍ରଶାସନ ଧ୍ୟାନଦେବା ଆବଶ୍ୟକ ବୋଲି ପ୍ରଜାମାନେ ଦାବି ଜଣାଇଥିଲେ। ଶିବିରଗୁଡ଼ିକ ଶାନ୍ତିପୂର୍ଣ୍ଣ ଭାବରେ ଶେଷହୋଇ ଯାଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ରୁଙ୍ଗଟା ମାଇନ୍ସ କାରଖାନାର ପଦାଧିକାରୀମାନେ ସହଯୋଗ କରିଥିଲେ।

୨ୟ ଅଭିଭାବକ ଶିକ୍ଷକ ବୈଠକ

ଢେଙ୍କାନାଳ,୩୦।୭ (ସମିସ): ରାଜ୍ୟ ସରକାରଙ୍କ ଯୋଜନା ଆଧାରରେ ଚଳିତ ୨୦୨୫-୨୬ ଶିକ୍ଷାବର୍ଷର ୨ୟ ଅଭିଭାବକ ଶିକ୍ଷକ ବୈଠକ ଅଦ୍ୟ ସୁଲକ୍ଷଣାଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରଧାନଶିକ୍ଷୟିତ୍ରୀ ତଥା ଭୁବନ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନତୀ ଦେହୁରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ବୈଠକରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୫୦ ଜଣ ଅଭିଭାବକ ଓ ଅଭିଭାବିକା ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ସଭାପତି ମିନତୀ ଦେହୁରୀ ବୈଠକରେ ବିଭିନ୍ନ ଶୈକ୍ଷିକ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅଭିଭାବକ ଓ ଅଭିଭାବିକାମାନେ ନିଜ ପିଲାଙ୍କର ଶୈକ୍ଷିକ ପ୍ରଗତି ନିମନ୍ତେ ସ୍ୱଅଭିମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ପ୍ରଦୀପ୍ତ ମହାପାତ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଂଯୋଜନା ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ଶର୍ମିଷ୍ଠା ଧନ୍ୟବାଦ ପ୍ରଦାନ କରିଥିଲେ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗୀୟ ମନ୍ତ୍ରୀଙ୍କ ଗଁଦିଆ ବ୍ଲକ୍ ଗସ୍ତ

ଗଁଦିଆ,୩୦।୭ (ସମିସ): ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦିନିକିଆ ଗସ୍ତରେ ଆସି ଗଁଦିଆ ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେ ପ୍ରଥମେ ପୋରହଖୋଜ ପଞ୍ଚାୟତର କାର୍ଯ୍ୟାଳୟ ପରିସରରେ ନୂତନ ସୁବିଧା କେନ୍ଦ୍ର, ଉକ୍ତ ଗ୍ରାମରେ ନୂତନ ଭାବରେ ନିର୍ମିତ ଅଙ୍ଗନବାଡି କେନ୍ଦ୍ର ଓ ବନ ସୁରକ୍ଷା ସମିତିର ନୂତନ ଗୃହ ଶୁଭ ଉଦ୍‌ଘାଟନ କରିଥିଲେ। ପରେ ସାନ୍ଧାପସୀ ପାଟଣା ଗ୍ରାମରେ ଥିବା ସହଦେବ ବିଦ୍ୟାପୀଠର ନୂତନ ଶ୍ରେଣୀ ଗୃହକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଉକ୍ତ ପଞ୍ଚାୟତର ଦଣ୍ଡେଇବେରେଣି ଗ୍ରାମରେ ବନ ସୁରକ୍ଷା ସମିତିର ନୂତନ ଗୃହକୁ ଉଦ୍‌ଘାଟନ କରିବା ସହିତ ଉକ୍ତ ଗ୍ରାମରୁ ସୋରିଶିଆପଦା ପଞ୍ଚାୟତର ରାମେଇ ଖମାର ଗ୍ରାମ ପର୍ଯ୍ୟନ୍ତ ଏକ ଆରଡି ରାସ୍ତାର ଭିତ୍ତି ପ୍ରସ୍ତର ଶୁଭାରମ୍ଭ କରିଥିଲେ। ଦଣ୍ଡେଇବେରିଣୀ ଗ୍ରାମରେ ମା' ତାଲୁଆଶୁଣି ଫୁଟବଲ କ୍ଲବ୍ ଦଣ୍ଡେଇବେରିଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମଗୁଡିକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ପୋରହଖୋଜ ପଞ୍ଚାୟତ ସରପଞ୍ଚ ରତିକାନ୍ତ ସାହୁଙ୍କ ସମେତ ଅନେକ କର୍ମୀ ଅଂଶଗ୍ରହଣ କରିଥିଲେ।

ବିପଦ ସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ

ପରଜଙ୍ଗ,୩୦।୭ (ସମିସ): ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ଅଧୀନସ୍ଥ ମୋହନପଶି ଗ୍ରାମକୁ ଯାଉଥିବା ଗୋଟିଏ ବିଦ୍ୟୁତ୍ ଖୁଣ୍ଟ ନଇଁପଡ଼ି ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଜ୍ୱଳନ୍ତ ଦୃଶ୍ୟ ଦେଖିବାକୁ ମିଳିଛି। ଆଖୁଆପାଳ ପଞ୍ଚାୟତ ପଛପାର୍ଶ୍ୱରେ ମୋହନପଶି ଗାଁକୁ ଯିବା ପାଇଁ ରହିଥିବା ପୁରୁଣା ମାଟି ରାସ୍ତାରେ ଗୋଟିଏ ନାଳ ରହିଛି। ଏହି ନାଳଉପରେ ଏକ ବିଦ୍ୟୁତ ଖୁଣ୍ଟ ନଇଁ ପଡିଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଯାହାଫଳରେ ଏହାରି ନିକଟରେ ରହିଥିବା ଚାଷ ଜମିକୁ ଯାଉଥିବା ଚାଷୀମାନଙ୍କ ପ୍ରତି କୌଣସି ମୁହୂର୍ତ୍ତରେ ବିପଦର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ପଡିରହିଥିବା ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟକୁ ମରାମତି କରିବାକୁ ପ୍ରଜାମାନେ ଦାବି କରିଛନ୍ତି।

ବେଗା ପଞ୍ଚାୟତରେ ମନ୍ତ୍ରୀଙ୍କ ଜନଶୁଣାଣି

ଗଁଦିଆ,୩୦।୭ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ବେଗା ପଞ୍ଚାୟତ ଅଧୀନ ପାଞ୍ଚକେନ୍ଦୁ ଗ୍ରାମ କୋଠାଘରଠାରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜନ ଅଭିଯୋଗ ଶୁଣାଣି ଶିବିରରେ ଅଞ୍ଚଳବାସୀଙ୍କ ଅଭିଯୋଗଗୁଡିକ ଶୁଣିବାସହ ତତ୍‌କ୍ଷଣାତ ସମାଧାନ କରିଥିଲେ। କିଛି ଅଭିଯୋଗକୁ ପରମୁହୂର୍ତ୍ତରେ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କୁ ନିଜ ଗ୍ରାମକୁ ଆସି ଲୋକଙ୍କ ସୁଖଦୁଃଖ ବୁଝିବା ସହ ସମସ୍ୟା ଗୁଡିକର ସମାଧାନ କରିବା କାର୍ଯ୍ୟକୁ ଦେଖି ଏବଂ ଢେଙ୍କାନାଳ ମାଟିର ପୁଅକୁ ମନ୍ତ୍ରୀ ଭାବେ ପାଖରେ ପାଇ ଅଞ୍ଚଳବାସୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା। ଶିବିରରେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ରତିକାନ୍ତ ସାହୁ, ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ କୋଦଣ୍ଡ ଧର ସାହୁ, ପୂର୍ବତନ ସରପଞ୍ଚ ପ୍ରଦୀପ ଦାସ, ପୂର୍ବତନ ସରପଞ୍ଚ ଲେଥେକା ବାବାଜୀ ସ୍ୱାଇଁ, ଜିଲ୍ଲା ବିଜେପି ଯୁବମୋର୍ଚ୍ଚାର ସଭାପତି ଏମ୍‌ଯେ ମହିମା, ନିହାଲପ୍ରସାଦ ମଣ୍ଡଳ ସଭାପତି ଆନନ୍ଦ ସାହୁ, ବିଜେପି ପାଞ୍ଚକେନ୍ଦୁ ବୁଥ୍ ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସହ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

କ୍ରସର ବନ୍ଦ ପ୍ରତିଶ୍ରୁତି ପାଳନ କରାଯିବା ନେଇ ପ୍ରତିବାଦ
ଯୋଗାଣ ମନ୍ତ୍ରୀଙ୍କ ଗାଡ଼ିକୁ ଅଟକାଇଲେ ଗ୍ରାମବାସୀ

ଗଁଦିଆ,୩୦।୭ (ସମିସ): ନିହଲପ୍ରସାଦ ପଞ୍ଚାୟତ ବେଲମାଳିଆ ଗାଁ ନିକଟରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଗାଡ଼ିକୁ ଅଟକାଇଲେ ଗ୍ରାମବାସୀ। ଅଭିଯୋଗ ଶୁଣାଣି କରି ଫେରୁଥିବା ବେଳେ ରାସ୍ତାରେ ପଥର ରଖି ମନ୍ତ୍ରୀଙ୍କ ଗାଡ଼ିକୁ ଅଟକାଇଥିଲେ ବେଲମାଳିଆ ଗ୍ରାମବାସୀ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନିହଲପ୍ରସାଦ ଥାନାଞ୍ଚଳରେ ଥିବା ଏକ କ୍ରସରକୁ ବନ୍ଦ କରିବାକୁ ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ ମନ୍ତ୍ରୀ। ନିର୍ବାଚନ ପରେ ଏହି ଦିଗରେ ମନ୍ତ୍ରୀ ପଦକ୍ଷେପ ନ ନେବାରୁ ଉତ୍ୟକ୍ତ ଲୋକେ ମନ୍ତ୍ରୀଙ୍କ ଗାଡ଼ିକୁ ପାଞ୍ଚ ମିନିଟ୍ ପାଇଁ ଅଟକାଇଥିଲେ। ପୁଲିସ ବୁଝାସୁଝା କରିବା ପରେ ମନ୍ତ୍ରୀଙ୍କ ଗାଡ଼ିକୁ ଛାଡ଼ିଥିଲେ ଲୋକେ।

ରେଭେନ୍ସା ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ହେଲେ ଦିଲ୍ଲୀପ ଦାସ

ଭୁବନ,୩୦।୭ (ସମିସ): ଭୁବନ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ତଥା ମହିଳା ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଦାସଙ୍କୁ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟର ପରିଚାଳନା ପରିଷଦ (ସିଣ୍ଡିକେଟ) ମେମ୍ବର ଭାବରେ ସରକାରଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି। ଭୁବନର ବହୁ ଅନୁଷ୍ଠାନ ଯଥା ବଳଦଯାତ୍ରା କମିଟି ସଭାପତି ରାଜ୍ୟ କାପୁଡ଼ିଆ ସଂଘର ସମ୍ପାଦକ, ଅଫିସର କ୍ଲବ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ ଘୋଷଣା ଶୁଣିବା ପରେ ବହୁ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସାମ୍ବାଦିକ ସଂଘ, ଭୁବନର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରଫେସର ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ମନୋନୀତ ହୋଇଥିବା ୨ ଜଣିଆ ସଦସ୍ୟଙ୍କ ମଧ୍ୟରୁ ପ୍ରଫେସର ଦାସ ଅନ୍ୟତମ। ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ପ୍ରତିଭା ସାହୁଙ୍କ ଚିଠିରୁ ଜଣାଯାଏ।

ଟାୱାର ନିର୍ମାଣକୁ ନେଇ ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ

ଢେଙ୍କାନାଳ,୩୦।୭ (ସମିସ): ସଦର ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତର ବୋରାପଦା ଗ୍ରାମରେ କିଛି ମୁଷ୍ଟିମେୟ ବ୍ୟକ୍ତି ଟାୱାର ସଂସ୍ଥାକୁ ଆଣି ୨ଟି ଟାୱାର ନିର୍ମାଣ କରୁଥିବାରୁ ଅଞ୍ଚଳବାସୀ ଏହାକୁ ବିରୋଧ କରି ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଘରକୁ ଲଗାଇ ଟାୱାର ନିର୍ମାଣ କରୁଥିବାରୁ ଲୋକମାନଙ୍କର ଚଳପ୍ରଚଳ ପାଇଁ ବହୁ ଅସୁବିଧା ସୃଷ୍ଟି ହେଉଛି। ବିଜୁଳି ମାରିବାରୁ ତାର ରେଡିୟମରେ ୩ ଜଣଙ୍କୁ ବିଦ୍ୟୁତ ଝଟକା ଲାଗିଲାଣି। ଆଇଟିଆଇର ହଷ୍ଟେଲକୁ ଲାଗି ଏବଂ ଗ୍ରାମର ସରକାରୀ ଜାଗା ପ୍ଲଟ ନଂ ୬୩ରେ ଉକ୍ତ ଟାୱାର ଦ୍ୱୟ ନିର୍ମାଣ ହୋଇଛି। ଯାହା ଗ୍ରାମର ପଶୁପକ୍ଷୀଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। ବିକଟାଳ ଶବ୍ଦ ଯୋଗୁଁ ଗ୍ରାମର ଛାତ୍ରଛାତ୍ରୀ ପାଠ ପଢିବା, ଚଳିବା ଓ ଶୋଇନପାରିବା ଇତ୍ୟାଦି ଅସୁବିଧା ସୃଷ୍ଟି ହେଉଛି। ପ୍ରାୟ ୧୦୦୦ରୁ ୧୫୦୦ ପରିବାର ବିଜୁଳି ମାରିଲେ ମୃତ୍ୟୁର ଭୟ ରହୁଛି। ଏହିସବୁ ଅସୁବିଧାକୁ ସମାଧାନ କରିବା ନିମନ୍ତେ ଉକ୍ତ ଟାୱାରକୁ ସେଠାରୁ ଉଠାଇଦିଆଯିବା ପାଇଁ ନୂତନ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ପତ୍ର ପ୍ରଦାନ ସମୟରେ ଗ୍ରାମର ସୁମିତ୍ରା ଦେହୁରୀ, ଭୀମସେନ ଗୋଛାୟତ, ପରମାନନ୍ଦ ନାଏକ, ପର୍ଶୁରାମ ନାଏକ, ଅଂଶୁମାନ ପଧାନ, ପ୍ରକାଶ କୁମାର ଦେହୁରୀ, ଶ୍ରୀନିବାସ ବାହେରା, ହୃଦାନନ୍ଦ ଲୁହା, ମମତା ନାଏକ, ସଂଗ୍ରାମ କେଶରୀ ସେଠୀ, ସାଗରିକା ନାଏକ ଓ ସୂର୍ଯ୍ୟକାନ୍ତ ମହାରଣା ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଓ ପୁରୁଷମାନେ ଯୋଗଦେଇଥିଲେ।

ଅମୃତକାଳ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ

ଢେଙ୍କାନାଳ,୩୦।୭ (ସମିସ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଅନୁକୂଲ୍ୟରେ ଇଷ୍ଟର୍ଣ୍ଣ ଜୋନାଲ କଲଚରାଲ ସେଣ୍ଟର, କଲିକତା ପକ୍ଷରୁ ଅମ୍ରିତ କାଳ ସାଂସ୍କୃତିକ ଉତ୍ସବ ୨ଦିନ ବ୍ୟାପୀ ଉଦ୍‌ଯାପିତ ହୋଇଯାଇଛି। ୨ୟ ସନ୍ଧ୍ୟାରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ଏବଂ ଅବସରପ୍ରାପ୍ତ ସଚିବ ରବୀନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଅବସରରେ ବିଶିଷ୍ଟ ନାଟ୍ୟକାର ଶତ୍ରୁଘ୍ନ ମାଟି ଏବଂ ବରିଷ୍ଠ ଶାସ୍ତ୍ରୀୟ କଣ୍ଠ ଶିଳ୍ପୀ ସ୍ନିଗ୍ଧା ନନ୍ଦ ତଥା ସରଗମ ନୃତ୍ୟ ଅନୁଷ୍ଠାନ, ନଟରାଜ ସଙ୍ଗୀତ ମହାବିଦ୍ୟାଳୟ, ମାଇକ୍ରୋ ମିଡିଆ ଆୱେରନେସ, ଇଣ୍ଡିଆନ ମ୍ୟୁଜିକ ଚାମ୍ବର, ଚେତନା କଳା ବିକାଶ କେନ୍ଦ୍ରର ଗୁରୁ ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ଅନୁକୂଲ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅମ୍ରିତକାଳ ସାଂସ୍କୃତିକ ଉତ୍ସବ ମାଧ୍ୟମରେ ବିକଶିତ ଭାରତର ଯେଉଁ ପରିକଳ୍ପନା କରାଯାଇଛି ତାହା ଭାରତ ତଥା ଓଡ଼ିଶାର ସଂସ୍କୃତି ସମ୍ପର୍ଣ୍ଣ ନୃତ୍ୟ, ସଂଗୀତକୁ ଗରିମାମୟ କରିପାରିଛି। ସ୍ଥାନୀୟ କଳାକାର ଗୋଷ୍ଠୀ ନିଜର ନୃତ୍ୟ କଳା ପ୍ରଦର୍ଶନ କରିବାସହିତ ଆର୍ଥିକସ୍ତରରେ ଲାଭବାନ ହୋଇପାରିଛନ୍ତି। ଢେଙ୍କାନାଳର କଳାକାର, କ୍ରୀଡ଼ାବିତ ସବୁକ୍ଷେତ୍ରରେ ପାରଦର୍ଶିତା ଦେଖାଇ ରାଜ୍ୟପାଇଁ ଗୌରବ ଆଣି ପାରିପାରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଏଥିପାଇଁ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ଦୁଇ ଦିନଧରି ଅନୁଷ୍ଠିତ ହେଉଥିବା ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଢେଙ୍କାନାଳର ସୁନାମଧନ୍ୟ ନୃତ୍ୟ ଅନୁଷ୍ଠାନମାନେ ଅଂଶଗ୍ରହଣ କରିଥିଲେ।